# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୯/୨୦୧୯ (୨୦ ପୃଷ୍ଠା) | Bhubaneswar, Tuesday, April 9/2019 | ★★★★★★

୪୫ଶ ଭାଗ ୧୩୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-







ପଶ୍ଚିମବଙ୍ଗର କୁଚ୍‌ବିହାରରେ ଟିଏମ୍‌ସିର ଦଳୀୟ ସଭାରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ନେତୃବୃନ୍ଦ।



ଅଗରତାଲାରେ ଲୋକ ସଭା ନିର୍ବାଚନ ପାଇଁ ମୁତୟନ ସୁରକ୍ଷା କର୍ମୀ ପୋଷ୍ଟାଲ ଭୋଟ ଦେବା ପୂର୍ବରୁ ସେମାନଙ୍କ ଭୋଟର ପରିଚୟପତ୍ର ଦେଖାଉଛନ୍ତି।




ଗୁଆହାଟିରେ ମତଦାନ ପାଇଁ ସଚେତନତାର ବାର୍ତ୍ତା ବାଣ୍ଟୁଥିବା ଏକ ଟ୍ରେନ୍ ନିକଟରେ ସେଲ୍‌ଫି ନେଉଛନ୍ତି ଅଭିନେତା କପିଲ ବୋରା ଓ ଗାୟିକା ତରାଳି ଶର୍ମା।

## ସଂକ୍ଷେପରେ

### ଉର୍ମିଳା, ପ୍ରିୟା ଦତ୍ତଙ୍କ ନାମାଙ୍କନପତ୍ର ଦାଖଲ



ମୁମ୍ବାଇ,୮।୪(ପି.ଟି.)-ମହାରାଷ୍ଟ୍ରରେ ଚତୁର୍ଥ ପର୍ଯ୍ୟାୟ ଲୋକ ସଭା ନିର୍ବାଚନ ଲାଗି ମୁମ୍ବାଇ କଂଗ୍ରେସ ସଭାପତି ମିଲିନ୍ଦ ଦେଓରା, ଦଳୀୟ ପ୍ରାର୍ଥୀ ଉର୍ମିଳା ମାତୋଣ୍ଡକର, ପ୍ରିୟା ଦତ୍ତ, ଶିବସେନା ପ୍ରାର୍ଥୀ ଅରବିନ୍ଦ ସାୱନ୍ତ ପ୍ରମୁଖ ସୋମବାର ନାମାଙ୍କନପତ୍ର ଦାଖଲ କରିଛନ୍ତି। ଉର୍ମିଳା ଏକ ମୋଟରସାଇକେଲରେ ଯାଇ ନାମାଙ୍କନପତ୍ର ଦାଖଲ କରିଥିଲେ। ଉତ୍ତର ମୁମ୍ବାଇରେ ସେ ଭାଜପାର ଗୋପାଳ ସେଟ୍ଟୀଙ୍କ ବିରୋଧରେ ପ୍ରାର୍ଥୀ ହୋଇଛନ୍ତି। ସେହିପରି ମୁମ୍ବାଇ ଉତ୍ତର-କେନ୍ଦ୍ରୀୟ ଆସନରେ ଭାଜପାର ପୁନମ ମହାଜନଙ୍କ ବିରୋଧରେ କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ପ୍ରିୟା ଦତ୍ତ ତାଙ୍କ ଭାଇ ତଥା ବଲିଉଡ୍ ଅଭିନେତା ସଞ୍ଜୟ ଦତ୍ତଙ୍କ ସହ ଯାଇ ନାମାଙ୍କନପତ୍ର ଦାଖଲ କରିଥିଲେ। ମୁମ୍ବାଇ କଂଗ୍ରେସର ପୂର୍ବତନ ସଭାପତି ତଥା ମୁମ୍ବାଇ ଉତ୍ତରପଶ୍ଚିମ ଆସନରୁ ପ୍ରାର୍ଥୀ ହୋଇଥିବା ସଞ୍ଜୟ ନିରୁପମ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ତାଙ୍କ ବିରୋଧରେ ଶିବସେନାରୁ ଲଢୁଛନ୍ତି ଗଜାନନ କୀର୍ତ୍ତିକାର। ମୁମ୍ବାଇର ଦକ୍ଷିଣ ଆସନରୁ ପ୍ରାର୍ଥୀ ହୋଇଥିବା କଂଗ୍ରେସ ପ୍ରାର୍ଥୀ ଦେଓରା ଓ ଶିବସେନାର ସାୱନ୍ତ ସୋମବାର ସେମାନଙ୍କର ପ୍ରାର୍ଥିପତ୍ର ଦାଖଲ କରିଛନ୍ତି।

### ସରକାରୀ ପଦବୀ ଲାଗି ଆବେଦନ ଦେୟମୁକ୍ତ ହେବ: ରାହୁଲ

ନୂଆଦିଲ୍ଲୀ,୮।୪(ପି.ଟି.)-ଆଗାମୀ ଲୋକ ସଭା ନିର୍ବାଚନରେ କଂଗ୍ରେସ କ୍ଷମତାକୁ ଫେରିଲେ ସରକାରୀ ନିଯୁକ୍ତି ଲାଗି ପରୀକ୍ଷାକୁ ଦେୟମୁକ୍ତ କରାଯିବ ବୋଲି ଦଳ ଅଧକ୍ଷ ରାହୁଲ ଗାନ୍ଧୀ ସୋମବାର କହିଛନ୍ତି। ଏଥିସହିତ ସ୍ୱାସ୍ଥ୍ୟସେବା ଅଧିକାର ଆଇନକୁ କାର୍ଯ୍ୟକାରୀ କରାଯିବ, ଯାହାଦ୍ୱାରା ଚିକିତ୍ସା ସେବା ପାଇବା ପ୍ରତ୍ୟେକ ନାଗରିକଙ୍କର ଅଧିକାର ହେବ ବୋଲି ରାହୁଲ ପ୍ରତିଶ୍ରୁତି ଦେଇଛନ୍ତି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବ୍ୟୟବରାଦ ଜିଡିପିର ୩ ପ୍ରତିଶତକୁ ବୃଦ୍ଧି କରାଯିବ ବୋଲି କଂଗ୍ରେସ ଅଧକ୍ଷ ଫେସ୍‌ବୁକ୍ ପୋଷ୍ଟରେ ଉଲ୍ଲେଖ କରିଛନ୍ତି।

■ ସଂକଳ୍ପପତ୍ର: ପ୍ରତିଶ୍ରୁତିରେ ପୋତିଦେଲା ଭାଜପା

# ବିରୋଧୀ କହିଲେ ପ୍ରତାରଣାପତ୍ର

ନୂଆଦିଲ୍ଲୀ,୮।୪(ପି.ଟି.)

ସାଧାରଣ ନିର୍ବାଚନ ପାଇଁ ଭାଜପା ପକ୍ଷରୁ ସୋମବାର ଉନ୍ମୋଚିତ ଇସ୍ତାହାରକୁ ସଂକଳ୍ପପତ୍ରର ନାମ ଦିଆଯାଇଛି। ଏଥିରେ କୃଷକ, ବ୍ୟବସାୟୀ ଓ ଛାତ୍ରୀଛାତ୍ରଙ୍କଠାରୁ ନେଇ ସବୁ ବର୍ଗର ମତଦାତାଙ୍କୁ ଆକର୍ଷିତ କରିବା ପାଇଁ ୭୫ଟି ବଡ଼ ପ୍ରତିଶ୍ରୁତି ଦେଇଛି ଭାଜପା। ବିରୋଧୀ ଦଳଗୁଡ଼ିକ ସଂକଳ୍ପପତ୍ରକୁ ପ୍ରତାରଣାପତ୍ରର ଆଖ୍ୟା ଦେଇ ଏହାକୁ ପ୍ରତ୍ୟାଖ୍ୟାନ କରିଛନ୍ତି।

ଏପ୍ରିଲ ୧୧ରେ ପ୍ରଥମ ପର୍ଯ୍ୟାୟରେ ୨୦ ରାଜ୍ୟର ୯୧ ଆସନରେ ନିର୍ବାଚନ ହେବ। ଏହାର ୩ ଦିନ ପୂର୍ବରୁ ଭାଜପା ପକ୍ଷରୁ ନିର୍ବାଚନୀ ଇସ୍ତାହାର ଜାରି କରାଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଲୋକେ ଆମକୁ ଉତ୍ତରଦାୟୀ କରନ୍ତୁ ବୋଲି ଆମେ ଚାହୁଁ। ଏଥିପାଇଁ ୨୦୨୨ ସୁଦ୍ଧା ୭୫ଟି ଲକ୍ଷ୍ୟ ପୂରଣ ପାଇଁ ଆମେ ଧାର୍ଯ୍ୟ କରିଛୁ। ୨୦୪୭ରେ ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତି ବେଳକୁ ଭାରତ ଯେପରି ଏକ ବିକଶିତ ରାଷ୍ଟ୍ରରେ ପରିଣତ ହେବ ସେଦିଗରେ ଏହି ସଂକଳ୍ପପତ୍ରରେ ଗୁରୁତ୍ୱ ଦିଆଯାଇଛି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ସୁଷମା ସ୍ୱରାଜ କହିଛନ୍ତି, ଅନ୍ୟ ଦଳଗୁଡ଼ିକ ଘୋଷଣାପତ୍ର ଜାରି କରୁଥିବାବେଳେ ଆମେ ସଂକଳ୍ପପତ୍ର ଉନ୍ମୋଚନ କରିଛୁ। କାରଣ ଏଥିରେ ଭାଜପାର ସଂକଳ୍ପ ରହିଛି। ଦଳ କ୍ଷମତାକୁ ଆସିଲେ ସମସ୍ତ ପ୍ରତିଶ୍ରୁତିକୁ ପାଳନ କରିବା ପାଇଁ ସଂକଳ୍ପବଦ୍ଧ।




କଂଗ୍ରେସ ନେତା ଅହମ୍ମଦ ପଟେଲ।

ଅନ୍ୟପକ୍ଷରେ ଭାଜପାର ଇସ୍ତାହାରକୁ କଂଗ୍ରେସ ସମାଲୋଚନା କରିବା ସହ ୨୦୧୪ରେ ଦିଆଯାଇଥିବା ପ୍ରତିଶ୍ରୁତି ଅପୂରଣ ରହିଥିବାରୁ ୧୨୫ଟି ପ୍ରଶ୍ନ କରିଛି। ବରିଷ୍ଠ କଂଗ୍ରେସ ନେତା ଅହମ୍ମଦ ପଟେଲ କହିଛନ୍ତି ଯେ ନିଯୁକ୍ତି, ଚାଷୀଙ୍କ ଆୟ ୫୦% ବୃଦ୍ଧି କରିବା, ଭ୍ରଷ୍ଟାଚାର ହଟାଇବା ଓ ବିଦେଶରୁ କଳାଧନ ଫେରାଇ ଆଣିବା ଆଦି କ୍ଷେତ୍ରରେ ମୋଦି ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଭାଜପାର ସଂକଳ୍ପପତ୍ର ପ୍ରକୃତରେ ଏକ ପ୍ରତାରଣାପତ୍ର। ସେମାନେ ଏହା ବଦଳରେ ଏକ କ୍ଷମାପତ୍ର ଜାରି କରିଥିଲେ ଉଚିତ ହୋଇଥାନ୍ତା। ଏବେ 'ଭାଜପାର ମିଛ ବନାମ କଂଗ୍ରେସର ନ୍ୟାୟ'କୁ ନେଇ ଭୋଟର ବିଚାର କରିବେ। ସେହିପରି ଶରଦ ପାୱାରଙ୍କ ନେତୃତ୍ୱାଧୀନ ଏନ୍‌ସିପି ଏହାକୁ ଏକ ରାଜନୈତିକ ଚାଲ ବୋଲି ଅଭିହିତ କରିଛି। ଭାଜପା ପ୍ରଥମେ ୨୦୧୪ ନିର୍ବାଚନ ବେଳର ପ୍ରତିଶ୍ରୁତିଗୁଡ଼ିକୁ ପାଳନ କରୁ ବୋଲି ଏନ୍‌ସିପି ମୁଖପାତ୍ର ନୱାବ୍ ମଲିକ କହିଛନ୍ତି।

➘ ୨୦୧୪ରେ ଭାଜପା ଦେଇଥିବା ସବୁ ପ୍ରତିଶ୍ରୁତି ପୂରଣ କରିବାରେ ବିଫଳ ହୋଇଛି। ଏବେ ନୂଆ ଘୋଷଣାପତ୍ର ଜାରି କରିବା ପାଇଁ ଭାଜପାର କୌଣସି ନୈତିକ ଅଧିକାର ନାହିଁ। ଭାଜପା ସରକାର ବିଗତ ୫ ବର୍ଷ ମଧ୍ୟରେ କ'ଣ ସବୁ କରିଛି ସେନେଇ ରିପୋର୍ଟ ଜାରି କରିଥିଲେ ଭଲ ହୋଇଥାନ୍ତା।



-ମାୟାବତୀ, ବିଏସ୍‌ପି ସୁପ୍ରିମୋ

➘ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ଉଚ୍ଛେଦ କରାଗଲେ ଜମ୍ମୁ-କଶ୍ମୀରର ଲୋକଙ୍କ ପାଇଁ ସ୍ୱାଧୀନତାର ବାଟ ଫିଟିଯିବ। ଭାଜପା ହୃଦୟ ଭାଙ୍ଗିବା ପରିବର୍ତ୍ତେ ଯୋଡ଼ିବା ଦରକାର।



-ଫାରୁକ୍ ଅବ୍‌ଦୁଲ୍ଲା, ନ୍ୟାଶନାଲ କନ୍‌ଫରେନ୍ସ ଅଧକ୍ଷ

➘ ଭାଜପା ଇସ୍ତାହାରରେ ରାମମନ୍ଦିର ସମ୍ପର୍କରେ ଉଲ୍ଲେଖ କରାଯିବାକୁ ନେଇ ବିସ୍ମିତ ହେବାର କିଛି ନାହିଁ। ବିଗତ ୩୦ ବର୍ଷ ଧରି ଏହି ଦଳ ଭୋଟ ବେଳେ ସାମ୍ପ୍ରଦାୟିକ ଧ୍ରୁବୀକରଣକୁ ତେଜିବାରେ ଲାଗିଛି। ରାମମନ୍ଦିର ନିର୍ମାଣ ଭାଜପାର ଜୁମ୍‌ଲା ସ୍ଲୋଗାନ, ଯାହାର ପୁନରାବୃତ୍ତି ଏଥର ମଧ କରାଯାଇଛି।



-ସୀତାରାମ ୟେଚୁରୀ, ସିପିଆଇଏମ୍ ସାଧାରଣ ସମ୍ପାଦକ

➘ ଦିଲ୍ଲୀକୁ ସମ୍ପୂର୍ଣ୍ଣ ରାଜ୍ୟର ମାନ୍ୟତା ପ୍ରଦାନ ସମ୍ପର୍କରେ ଭାଜପାର ନିର୍ବାଚନୀ ଇସ୍ତାହାରରେ ଉଲ୍ଲେଖ କରାଯାଇନାହିଁ। ଏହାର ଅର୍ଥ ହେଉଛି ମୋଦି ମିଛ କହିବା ପରେ ପୁଣି କେତୋଟି ଜୁମ୍‌ଲା ଜାରି କରିଛନ୍ତି।



-ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ

■ ଘୋଷଣା କଲେ ଦେବେଗୌଡ଼ା

# ଚନ୍ଦ୍ରାବାବୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ

ବିଜୟୱାଡ଼ା,୮।୪

ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ତଥା ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ଅଧକ୍ଷ ଏନ୍. ଚନ୍ଦ୍ରାବାବୁ ନାଇଡୁ ଆଞ୍ଚଳିକ ମେଣ୍ଟର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ। ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ତଥା ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍) ମୁଖ୍ୟ ଏଚ୍.ଡି. ଦେବେଗୌଡ଼ା ଆନ୍ଧ୍ରର କ୍ରିଷ୍ଣାନଗର ଜିଲାରେ ଏକ ସଭାରେ ସୋମବାର ଏହି ବିଷୟ ଘୋଷଣା କରିଛନ୍ତି।

କ୍ରିଷ୍ଣା ଜିଲାରେ ଏକାଧିକ ନିର୍ବାଚନୀ ସଭାକୁ ଦେବେଗୌଡ଼ା ଓ ଚନ୍ଦ୍ରାବାବୁ ମିଳିତ ଭାବେ ସମ୍ବୋଧିତ କରିଛନ୍ତି। ଏହି ଅବସରରେ ଦେବେଗୌଡ଼ା 'ଚନ୍ଦ୍ରାବାବୁ ଜିନ୍ଦାବାଦ' ଏବଂ 'ଟିଡିପି ଜିନ୍ଦାବାଦ' ସ୍ଲୋଗାନ ଦେଇ ଭାଷଣ ଆରମ୍ଭ କରିଥିଲେ। ସେ କହିଥିଲେ, ଟିଡିପି ଆନ୍ଧ୍ର ବିଧାନସଭାର ୧୫୦ ଆସନ ସହ ୨୦ ଲୋକ ସଭା ଆସନ ଦଖଲ କରିବ। ଚନ୍ଦ୍ରାବାବୁ ଆଞ୍ଚଳିକ ଦଳଗୁଡ଼ିକୁ ନେଇ ଗଠନ ହେବାକୁ ଥିବା ମିଳିତ ସାମ୍ମୁଖ୍ୟର ନେତୃତ୍ୱ ନେବେ। ଏହାସହ ଚନ୍ଦ୍ରାବାବୁ ପ୍ରଧାନମନ୍ତ୍ରୀ ଚେହେରା ହେବେ ବୋଲି ଦେବେଗୌଡ଼ା ଭବିଷ୍ୟବାଣୀ କରିଛନ୍ତି। ଏହାସହ ଆନ୍ଧ୍ରକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ ପାଇଁ ମନା କରିଦେଇଥିବା ଭାଜପାକୁ ପ୍ରତ୍ୟାଖ୍ୟାନ କରି ଟିଡିପି ପ୍ରାର୍ଥୀମାନଙ୍କୁ ଜିତାଇବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ତେବେ ସଙ୍ଘୀୟ ସାମ୍ମୁଖ୍ୟ ପାଇଁ ପୂର୍ବରୁ ସହଯୋଗ ଲୋଡ଼ିଥିବା ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ତଥା ତେଲେଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍) ଅଧକ୍ଷ କେ. ଚନ୍ଦ୍ରଶେଖର ରାଓଙ୍କ ସମ୍ପର୍କରେ ଦେବେଗୌଡ଼ା କିଛି କହିନାହାନ୍ତି।



ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁଙ୍କ ସହ ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍. ଡି. ଦେବେଗୌଡ଼ା।




# ଆଡଭାନୀ, ଜୋଷୀଙ୍କୁ ଭେଟିଲେ ଅମିତ ଶାହ

ନୂଆଦିଲ୍ଲୀ,୮।୪–ଭାଜପାର ଦୁଇ ବରିଷ୍ଠ ନେତା ଲାଲ୍‌କୃଷ୍ଣ ଆଡଭାନୀ ଏବଂ ମୁରଲୀ ମନୋହର ଜୋଷୀଙ୍କ ଟିକେଟ କଟିବା ପରେ ରାଷ୍ଟ୍ରୀୟ ଅଧକ୍ଷ ଅମିତ ଶାହ ସୋମବାର ସେମାନଙ୍କୁ ସାକ୍ଷାତ କରିଛନ୍ତି। ଦଳର ସଙ୍କଳ୍ପ ପତ୍ର ଉନ୍ମୋଚନ କରିବାର କିଛି ସମୟ ପରେ ଶାହ ଉଭୟ ନେତାଙ୍କ ଘରକୁ ଯାଇ କଥା ହୋଇଥିଲେ। ଆଡଭାନୀଙ୍କ ଗାନ୍ଧୀନଗର ଆସନରେ ଶାହ ପ୍ରାର୍ଥୀ ହୋଇଥିବାବେଳେ ଜୋଷୀଙ୍କ କାନପୁର ଆସନରୁ ଭାଜପା ସତ୍ୟଦେବ ପାଚୌରୀଙ୍କୁ ପ୍ରାର୍ଥୀ କରିଛି। ଦଳ ଯୋଷୀଙ୍କୁ ପ୍ରାର୍ଥୀ କରାଇବାକୁ ଚାହୁ ନ ଥିବା ସମ୍ପର୍କରେ ସେ ଗଣମାଧ୍ୟମକୁ ଜଣାଇଥିବାବେଳେ ଆଡଭାନୀ ଏପର୍ଯ୍ୟନ୍ତ ତୁଣ୍ଡ ଖୋଲିନାହାନ୍ତି। ତେବେ ଭାଜପାର ନୀତି ଆଦର୍ଶ ସହ ଏକମତ ନ ଥିବା ବ୍ୟକ୍ତିଙ୍କୁ ଦଳ ଦେଶବିରୋଧୀ ଭାବେ ଦେଖେନାହିଁ ବୋଲି ଆଡଭାନୀ ନିଜ ବ୍ଲଗ୍‌ରେ ଲେଖିଥିଲେ। ୨୦୧୪ ସାଧାରଣ ନିର୍ବାଚନ ପରଠାରୁ ଉଭୟ ନେତାଙ୍କୁ ଦଳରେ ଅଣଦେଖା କରାଯାଇଆସୁଛି।

# ଆର୍‌ଜେଡିର ପ୍ରତିବଦ୍ଧତାପତ୍ର

ପାଟନା,୮।୪(ପି.ଟି.)–ଆର୍‌ଜେଡି ପକ୍ଷରୁ ସୋମବାର ନିର୍ବାଚନୀ ଇସ୍ତାହାର 'ପ୍ରତିବଦ୍ଧତାପତ୍ର' ଜାରି କରାଯାଇଛି। ଉଚ୍ଚଶିକ୍ଷା, ନ୍ୟାୟପାଳିକା ଓ ଘରୋଇ କ୍ଷେତ୍ରରେ ଏସ୍‌ସି, ଏସ୍‌ଟି, ଇବିସି ଏବଂ ଓବିସିଙ୍କୁ ସଂରକ୍ଷଣ ଦେବା ପାଇଁ ଏଥିରେ ଘୋଷଣା କରାଯାଇଛି। କେନ୍ଦ୍ର ସରକାର ଆର୍ଥିକ ଅସ୍ୱଚ୍ଛଳ ବର୍ଗଙ୍କୁ ୧୦% ସଂରକ୍ଷଣ ଦେବା ପରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ୫୦ ପ୍ରତିଶତ ସଂରକ୍ଷଣ ସୀମା ଅତିକ୍ରମ କରିଛନ୍ତି। ତେଣୁ ଉପରୋକ୍ତ ବର୍ଗର ଲୋକଙ୍କୁ ସେମାନଙ୍କ ଜନସଂଖ୍ୟା ଆଧାରରେ ସଂରକ୍ଷଣ ଦିଆଯିବା ଉଚିତ ବୋଲି ଆର୍‌ଜେଡି ନେତା ତେଜସ୍ୱୀ ଯାଦବ କହିଛନ୍ତି।



## ଖବର ଚୁମ୍ବକରେ

➘ ଜାତୀୟତାବାଦୀ କଂଗ୍ରେସ ପାର୍ଟି ମୁଖ୍ୟ ଶରଦ ପାୱାର ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏକ ଜାତୀୟ ବିପର୍ଯ୍ୟୟ ବୋଲି ଅଭିହିତ କରିଛନ୍ତି।

➘ ତୃତୀୟ ସାମ୍ମୁଖ୍ୟ ପାଇଁ ଜଣେ ଉପଯୁକ୍ତ ନେତା ଆବଶ୍ୟକ ବୋଲି ମକ୍କଲ ନିଧି ମୈୟମର ନିର୍ବାଚନୀ ଇସ୍ତାହାର ଉନ୍ମୋଚନ ଅବସରେ କହିଛନ୍ତି ଦଳର ଅଧକ୍ଷ କମଲ ହାସନ।

➘ ନିର୍ବାଚନ ବେଳେ କଳାଧନ ରୋକିବା ପାଇଁ ଉଦ୍ଦିଷ୍ଟ ଏନ୍‌ଡିଏ ସରକାରଙ୍କ ଇଲେକ୍ଟୋରାଲ ବଣ୍ଡ ସ୍କିମ୍ ସ୍ୱଚ୍ଛତା କ୍ଷେତ୍ରରେ ବିଫଳ ହୋଇଛି ବୋଲି ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଭି.ଏସ୍. ସମ୍ପଥ ସମାଲୋଚନା କରିଛନ୍ତି।

➘ ୨୦୧୪ ସାଧାରଣ ନିର୍ବାଚନରେ ପରାଜୟରୁ ଶିକ୍ଷାଲାଭ କରିଛୁ। ତେଣୁ କଂଗ୍ରେସକୁ ଧ୍ୱଂସ ହେବାକୁ ଦେବୁନାହିଁ ବୋଲି ଦଳର ବରିଷ୍ଠ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପି. ଚିଦାମ୍ବରମ୍ କହିଛନ୍ତି।

➘ ଭାଜପା ତା'ର ନିର୍ବାଚନୀ ଇସ୍ତାହାରରେ ନାଗରିକତ୍ୱ ସଂଶୋଧନ ବିଲ୍ ଉପରେ ଗୁରୁତ୍ୱ ଦେଇଥିବାବେଳେ ସହଯୋଗୀ ଏନ୍‌ପିପି ଏହାକୁ ବିରୋଧ କରିଛି। ଏନ୍‌ପିପି ଅଧକ୍ଷ ତଥା ମେଘାଳୟ ମୁଖ୍ୟମନ୍ତ୍ରୀ କନରାଡ୍ ସାଙ୍ଗମା କହିଛନ୍ତି, ଭାଜପା ସହ ଆମେ ମେଣ୍ଟ କରିଛୁ। କିନ୍ତୁ ଆମେ ଭିନ୍ନ ବିଚାରଧାରାକୁ ନେଇ ଭିନ୍ନ ଭିନ୍ନ ଦଳ। ନାଗରିକତ୍ୱ ବିଲ୍‌କୁ ନେଇ କେବେ ହେଲେ ସାଲିସ କରିବୁ ନାହିଁ।

➘ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ୬ ତାରିଖରେ ଛତିଶଗଡ଼ର ବାଲୋଡ୍ ଜିଲାର ଏକ ସଭାରେ ସେନାର ସର୍ଜିକାଲ୍ ଷ୍ଟ୍ରାଇକ୍ ସମ୍ପର୍କରେ ୬ ଥର ଉଲ୍ଲେଖ କରିଥିଲେ। ଏହାକୁ ନେଇ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ ସୋମବାର ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ ଆଣିଛନ୍ତି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ସେ ମୋଦିଙ୍କ ଭାଷଣର ରେକର୍ଡିଂ ଥିବା ଏକ ଅଡିଓ ସିଡୀ ଦାଖଲ କରିଛନ୍ତି।



# ଭିଭିପିଏଟି ଯାଞ୍ଚ ୫ ବୁଥ୍‌କୁ ବଢ଼ାଇବା ଲାଗି ନିର୍ଦ୍ଦେଶ

ନୂଆଦିଲ୍ଲୀ,୮।୪(ପି.ଟି.)

ଆଗାମୀ ସାଧାରଣ ନିର୍ବାଚନରେ ପ୍ରତି ବିଧାନସଭା ନିର୍ବାଚନମଣ୍ଡଳୀରେ ଅନ୍ୟୂନ ୫ଟି ବୁଥ୍‌ର ଭୋଟର ଭେରିଫିଏବ୍ଲ ପେପର ଅଡିଟ ଟ୍ରେଲ୍ (ଭିଭିପିଏଟି) ସ୍ଲିପ୍ ଯାଞ୍ଚ କରିବାକୁ ସୁପ୍ରିମକୋର୍ଟ ସୋମବାର ନିର୍ବାଚନ କମିଶନ (ଇସି)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ନିର୍ବାଚନ ପ୍ରକ୍ରିୟାରେ ଅଧିକ ସାଧୁତା ଓ ବିଶ୍ୱସନୀୟତା ଆଣିପାରିବ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାକୁ ସମସ୍ତ ଉଦ୍ୟମ କରାଯିବ ବୋଲି ଇସି କହିଛନ୍ତି।




ବର୍ତ୍ତମାନର ବ୍ୟବସ୍ଥା ଅନୁଯାୟୀ ପ୍ରତି ବିଧାନସଭା ନିର୍ବାଚନମଣ୍ଡଳୀରେ ଗୋଟିଏ ବୁଥ୍‌ର ଭିଭିପିଏଟି ସ୍ଲିପ୍‌କୁ ଇଭିଏମ୍ ଫଳାଫଳ ସହ ଯାଞ୍ଚ କରାଯାଉଛି। ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍.ଚନ୍ଦ୍ରାବାବୁ ନାଇଡୁଙ୍କ ନେତୃତ୍ୱରେ ୨୧ ବିରୋଧୀ ଦଳର ନେତା ଅନ୍ୟୂନ ୫୦ ପ୍ରତିଶତ ଭିଭିପିଏଟି ଯାଞ୍ଚ ଲାଗି ନିର୍ଦ୍ଦେଶ ଦେବାକୁ ଆବେଦନ କରିଥିଲେ। ତେବେ ବର୍ତ୍ତମାନ ପରିସ୍ଥିତିରେ ତାହା ସମ୍ଭବ ନୁହେଁ ଏବଂ ଏଥିପାଇଁ ନିର୍ବାଚନ ଫଳାଫଳ ପ୍ରକାଶରେ ପାଖାପାଖି ୬ ଦିନ ବିଳମ୍ବ ହେବ ବୋଲି ଇସି ସୁପ୍ରିମକୋର୍ଟଙ୍କୁ ଜଣାଇଥିଲେ। ୬ ଦିନ ବିଳମ୍ବରେ କିଛି ଯାଏଆସେ ନାହିଁ ବୋଲି ୨୧ଟି ବିରୋଧୀ ଦଳର ନେତାମାନେ ସୁପ୍ରିମକୋର୍ଟଙ୍କୁ କହିଥିଲେ। ନିର୍ବାଚନୀ ପ୍ରକ୍ରିୟାରେ ସ୍ୱଚ୍ଛତାକୁ ସୁନିଶ୍ଚିତ କରିବା ଲାଗି ଏହା ଗୁରୁତର ବିଳମ୍ବ ନୁହେଁ ବୋଲି ସେମାନେ କହିଥିଲେ। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧକ୍ଷତାରେ ଜଷ୍ଟିସ ଦୀପକ ଗୁପ୍ତା ଏବଂ ସଞ୍ଜୀବ ଖାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ବିରୋଧୀ ଦଳଙ୍କ ଦାବିକୁ ଗ୍ରହଣ କରିନାହାନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୯/୨୦୧୯ Bhubaneswar, Tuesday, April 9/2019 | ପୃଷ୍ଠା-୧



### ୩୬ ବର୍ଷରେ ଆଲୁ ଅର୍ଜୁନ

ସାଉଥ୍ ଫିଲ୍ମ ଷ୍ଟାର୍ ଆଲୁ ଅର୍ଜୁନ ସୋମବାର ୩୬ ବର୍ଷରେ ପଦାର୍ପଣ କରିଛନ୍ତି।

୦୨

୧୬

### ଶ୍ରେଷ୍ଠ ମହିଳା କ୍ରିକେଟର ପ୍ରିୟଙ୍କା

ତାରକା ସ୍ପିନର ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ ଓ ଉଦୀୟମାନ ଦ୍ରୁତ ବୋଲର ରାଜେଶ ମହାନ୍ତି ଯଥାକ୍ରମେ ମହିଳା ଓ ପୁରୁଷ 'କ୍ରିକେଟର ଅଫ ଦି ଇୟର' ବିବେଚିତ ହୋଇଛନ୍ତି।



## ଡିଜିପି ଭାବେ ଦାୟିତ୍ୱ ନେଲେ ବି.କେ. ଶର୍ମା

### ନିର୍ବାଚନକୁ ଶାନ୍ତି ଶୃଙ୍ଖଳାର ସହ ପରିଚାଳନା କରାଯିବ



**କଟକ ଅଫିସ, ୮।୪**

ବରିଷ୍ଠ ଆଇପିଏସ୍ ଅଫିସର ବିଜୟ କୁମାର ଶର୍ମା ପୋଲିସ ଡିଜି ଭାବେ ସୋମବାର ରାତି ୮ଟାରେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା କାର୍ଯ୍ୟରେ ଯୋଗଦେବା ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱରେ ରହିବେ। ଏହି ସମୟରେ ସାଧାରଣ ନିର୍ବାଚନ ଥିବାରୁ ତାହାକୁ କିଭଳି ଶାନ୍ତିଶୃଙ୍ଖଳାର ସହିତ ପାଳନ କରାଯିବ, ସେଥିପ୍ରତି ଗୁରୁତ୍ୱ ଦିଆଯିବ ବୋଲି କାର୍ଯ୍ୟରେ ଯୋଗଦେବା ଅବସରରେ ଶର୍ମା ଗଣମାଧ୍ୟମକୁ କହିଛନ୍ତି। ସେ କହିଛନ୍ତି ଯେ, ଭାରତର ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ଅସଂଘୀୟ

■ ଭାଜପା ସଂକଳ୍ପପତ୍ରରେ ୭୫ ପ୍ରତିଶ୍ରୁତି: ସମୃଦ୍ଧି, ସୁରକ୍ଷାର ସନ୍ତୁଳନ

# ଜାତୀୟତାବାଦ, କୃଷି ଉପରେ ଗୁରୁତ୍ୱ

**ନୂଆଦିଲ୍ଲୀ,୮।୪(ପି.ଟି./ଆଇଏଏନ୍ଏସ୍)**

୨୦୧୯ ସାଧାରଣ ନିର୍ବାଚନ ପାଇଁ ସବୁ ରାଜନୈତିକ ଦଳ ପକ୍ଷରୁ ମତଦାତାଙ୍କୁ ଆକର୍ଷିତ କରିବା ପାଇଁ ଯଥାସାଧ୍ୟ ଉଦ୍ୟମ କରାଯାଉଛି। ପ୍ରଥମ ପର୍ଯ୍ୟାୟ ଭୋଟଗ୍ରହଣକୁ ୩ ଦିନ ବାକି ଥିବାବେଳେ ସୋମବାର ଭାରତୀୟ ଜନତା ପାର୍ଟି (ଭାଜପା) ଏହାର ବହୁପ୍ରତୀକ୍ଷିତ ଇସ୍ତାହାର ଜାରି କରିଛି। ଏଥିରେ ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ, ଜମ୍ମୁ-କଶ୍ମୀରରେ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ଓ ସମାନ ନାଗରିକ ସଂହିତା ଲାଗୁ କରିବା ଭଳି ଦଳର ୭୫ଟି ମୌଳିକ ବିଚାରଧାରା ସ୍ଥାନ ପାଇଛି। ସେହିପରି କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ଛୋଟ ବ୍ୟବସାୟୀଙ୍କୁ ମଧ୍ୟ ପ୍ରଲୋଭିତ କରିବା ପାଇଁ ଏଥିରେ ଉଦ୍ୟମ କରାଯାଇଛି। ଭାଜପା ଇସ୍ତାହାର କମିଟି ମୁଖ୍ୟ ତଥା ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂଙ୍କ ତତ୍ତ୍ୱାବଧାନରେ ପ୍ରସ୍ତୁତ ୪୫ ପୃଷ୍ଠା ସମ୍ବଳିତ ଏହି ଘୋଷଣାପତ୍ରର ନାମ ରଖାଯାଇଛି ସଂକଳ୍ପପତ୍ର। ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଲକ୍ଷ୍ୟ ନେଇ ଭାଜପା ଏହାର ଇସ୍ତାହାରରେ ଗୁରୁତ୍ୱ ଦେଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଅନ୍ୟପକ୍ଷରେ ଏହା ୨୦୧୪ ସାଧାରଣ ନିର୍ବାଚନ ବେଳେ ଜାରି କରାଯାଇଥିବା ଘୋଷଣାପତ୍ରର ନକଲ ଏବଂ ଏଥିରେ କିଛି ନୂତନତ୍ୱ ନାହିଁ ବୋଲି କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିଛନ୍ତି।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ।

**୪୫ ପୃଷ୍ଠାର ଇସ୍ତାହାର**

- ■ରାମମନ୍ଦିର ନିର୍ମାଣ ପାଇଁ ସବୁ ବିକଳ୍ପ ଉପରେ ବିଚାର
- ■ଅନୁଚ୍ଛେଦ ୩୭୦, ୩୫ କ'ର ଉଚ୍ଛେଦ କରାଯିବ
- ■ସମାନ ନାଗରିକ ସଂହିତା ଲାଗୁ କରାଯିବ
- ■ପର୍ଯ୍ୟାୟକ୍ରମେ ଲାଗୁ ହେବ ଏନ୍ଆର୍ସି
- ■୬୦ ବର୍ଷ ବୟସ୍କ ଚାଷୀଙ୍କୁ ପେନ୍ସନ
- ■୨୦୨୨ ସୁଦ୍ଧା କୃଷକଙ୍କ ଆୟ ଦ୍ୱିଗୁଣିତ ହେବ
- ■ଜିଏସ୍ଟିର ସରଳୀକରଣ, ବ୍ୟବସାୟୀଙ୍କ ପାଇଁ ନୂଆ ଯୋଜନା

ନୂଆଦିଲ୍ଲୀସ୍ଥିତ ଭାଜପା ମୁଖ୍ୟାଳୟରେ ଅଧ୍ୟକ୍ଷ ଅମିତ ଶାହ, କେନ୍ଦ୍ରମନ୍ତ୍ରୀ ଅରୁଣ ଜେଟ୍ଲୀ ଓ ସୁଷମା ସ୍ୱରାଜଙ୍କ ସମେତ ବରିଷ୍ଠ ନେତାମାନଙ୍କ ଉପସ୍ଥିତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦଳର ସଂକଳ୍ପପତ୍ରକୁ ଉନ୍ମୋଚନ କରିଛନ୍ତି। 'ସଂକଳ୍ପିତ ଭାରତ, ସଶକ୍ତ ଭାରତ' ଏହାର ଟ୍ୟାଗ୍ଲାଇନ୍ ରଖାଯାଇଛି। ରାମମନ୍ଦିର ପ୍ରସଙ୍ଗରେ ଭାଜପା ନିଜର ପୂର୍ବଆଭିମୁଖ୍ୟକୁ ସଂକଳ୍ପପତ୍ରରେ ଦୋହରାଇଛି। ସାମ୍ବିଧାନିକ ବିଧିବ୍ୟବସ୍ଥା ଅନୁସାରେ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ ଅଯୋଧ୍ୟାରେ ଯଥାଶୀଘ୍ର ସମ୍ଭବ ରାମମନ୍ଦିର ନିର୍ମାଣ ପାଇଁ ଦଳ ସବୁ ବିକଳ୍ପ ଉପରେ ବିଚାର କରିବ ବୋଲି ଏଥିରେ କୁହାଯାଇଛି। ଘୋଷଣାପତ୍ରରେ ଆହୁରି ଉଲ୍ଲେଖ କରାଯାଇଛି ଯେ, ବିଗତ ୫ ବର୍ଷରେ ଜମ୍ମୁ-କଶ୍ମୀରରେ ଶାନ୍ତି ସୁନିଶ୍ଚିତ କରିବା ଲାଗି ଦୃଢ଼ ନୀତି ଜରିଆରେ ନିର୍ଣ୍ଣାୟକ ପଦକ୍ଷେପ ନିଆଯାଇଛି। ଉପତ୍ୟକାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ କରୁଥିବା ଅନୁଚ୍ଛେଦ ୩୭୦ର ଉଚ୍ଛେଦ ସପକ୍ଷରେ ଜନସଂଘ (ଭାଜପାର ପୂର୍ବ ନାମ) ଗଠନ ହେବା ଦିନଠାରୁ ଦଳ ରହିଆସିଛି। ସମ୍ବିଧାନର ଅନୁଚ୍ଛେଦ ୩୫ କ ଅସ୍ଥାୟୀ ବାସିନ୍ଦା ଓ ମହିଳାଙ୍କ ବିରୋଧରେ ଭେଦଭାବ ସୃଷ୍ଟି କରୁଥିବାରୁ ଏହାକୁ ହଟାଇବା ପାଇଁ ଭାଜପା ପ୍ରତିଶ୍ରୁତିବଦ୍ଧ। କାରଣ ରାଜ୍ୟର ବିକାଶ ପଥରେ ଅନୁଚ୍ଛେଦ ୩୫ କ ଏକ ପ୍ରତିବନ୍ଧକ। ସେହିପରି କଶ୍ମୀରୀ ପଣ୍ଡିତଙ୍କ ସୁରକ୍ଷା ସୁନିଶ୍ଚିତ କରିବା ☞ପୃଷ୍ଠା-୨

■ ନୂଆପଡ଼ାରେ ମୁଖ୍ୟମନ୍ତ୍ରୀଙ୍କ ମେଗା ପ୍ରଚାର

# ଚାଷୀଙ୍କୁ ଭୁଡାଉଛନ୍ତି କେନ୍ଦ୍ରୀୟ ନେତା

**ନୂଆପଡା ଅଫିସ/ଖଡିଆଳ/ସିନାପାଲି, ୮।୪(ଡି.ଏନ.ଏ.)**

ପ୍ରଥମ ପର୍ଯ୍ୟାୟ ନିର୍ବାଚନକୁ ଆଉ ଦୁଇଦିନ ବାକିଥିବାବେଳେ ମୁଖ୍ୟମନ୍ତ୍ରୀ ସୋମବାର ନୂଆପଡା ଜିଲା ଗସ୍ତ କରି ମେଗା ପ୍ରଚାର କରିଛନ୍ତି। ଦିନିକିଆ ନୂଆପଡ଼ା ଜିଲା ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ ଭାଜପା ଓ କଂଗ୍ରେସର କେନ୍ଦ୍ରୀୟ ନେତୃବୃନ୍ଦଙ୍କ ଉପରେ ବର୍ଷିଥିଲେ। କଳାହାଣ୍ଡି ଜିଲା ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ତରବେଡ଼ାଠାରେ ଆୟୋଜିତ ଦଳୀୟ ସମାବେଶକୁ ଉଦ୍ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ନିର୍ବାଚନ ସମୟରେ କେନ୍ଦ୍ରୀୟ ନେତାମାନଙ୍କ କଳାହାଣ୍ଡି ନୂଆପଡ଼ା କଥା ମନେପଡ଼େ। ଭୋଟ ହାତେଇ ଲୋକଙ୍କୁ ଭୁଆଁ ବୁଲାଇବା ସେମାନଙ୍କ କାମ। ଏଠାକାର ଚାଷୀ ସବୁବେଳେ ଅବହେଳିତ ବୋଲି ନବୀନ କହିବା ସହ ବିରୋଧୀଙ୍କୁ କଡ଼ା ସମାଲୋଚନା କରିଥିଲେ। ଏହି ଅବସରରେ ନବୀନ ☞ପୃଷ୍ଠା-୨

**ଦଳୀୟ ଇସ୍ତାହାରପତ୍ର ଘୋଷଣା**

- ■ମହିଳା, ଝିଅମାନଙ୍କୁ ଗୁରୁତ୍ୱ
- ■ବିଏସ୍କେୱାଇରେ ମହିଳାଙ୍କ ପାଇଁ ଚିକିତ୍ସା ସୁବିଧା ୧୦ଲକ୍ଷକୁ ବୃଦ୍ଧି
- ■ସବୁ ଝିଅଙ୍କୁ ମାଗଣାରେ ଶିକ୍ଷାଦାନ
- ■ଏସ୍ଏସ୍ଜିକୁ ୫ଲକ୍ଷ ପର୍ଯ୍ୟନ୍ତ ବିନା ସୁଧରେ ଋଣ

**ଆଜିର ମନ୍ତବ୍ୟ**

ଡକାୟତ ଓ ମିଛୁଆ ଚୌକିଦାରଙ୍କୁ କ୍ଷମତା ଏବଂ ରାଜନୀତିରୁ ବାହାରକୁ ଫିଙ୍ଗିଦେବୁ।

-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

NECC NATIONAL EGG CO-ORDINATION COMMITTEE 08.04.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 88 | 142 | 152 |
| CTC | 89 | 144 | 154 |
| DKL | 88 | 142 | 152 |
| BDK | 91 | 146 | 156 |
| BLS | 93 | 149 | 159 |
| ANG | 89 | 144 | 154 |

*Conditions Apply
Eggs Retail Price- 40/-Dozen
Issued in the Interest of Consumers





ଜମ୍ମୁ-କଶ୍ମୀରର ନୌଶେରା ଅଞ୍ଚଳରେ ପାକିସ୍ତାନର ଏଫ୍-୧୬ ଲଢୁଆ ବିମାନକୁ ଗତ ଫେବୃୟାରୀ ୨୭ରେ ଖସାଇଥିବା ନେଇ ଭାରତୀୟ ବାୟୁସେନା (ଆଇଏଏଫ୍)ଅଧିକ ପ୍ରମାଣ ଦେଇଛି। ଗଣମାଧ୍ୟମକୁ ରାଡାର ଗ୍ରାଫିକ ପ୍ରଦର୍ଶନ କରି ପାକିସ୍ତାନ ବିମାନ ଖସାଇବାର ଏହା ସ୍ପଷ୍ଟ ପ୍ରମାଣ ବୋଲି ଆଇଏଏଫ କହିଛି। ସୂଚନାଯୋଗ୍ୟ ପାକିସ୍ତାନର କୌଣସି ଏଫ୍-୧୬ ନଷ୍ଟ ହୋଇ ନ ଥିବା ଆମେରିକା ଗଣନା କରି କହିଥିଲା।


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ନିଶିଶ୍
ପରିବାରବର୍ଗ



ଝୁନୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସାଉଥ୍ ସୁପରଷ୍ଟାର ଆଲୁଙ୍କ ଜନ୍ମଦିନ

ଚେନ୍ନାଇ



ସାଉଥ୍ ଫିଲ୍ମ ଷ୍ଟାର୍ ଆଲୁ ଅର୍ଜୁନ ସୋମବାର ୩୭ ବର୍ଷରେ ପଦାର୍ପଣ କରିଛନ୍ତି। ସେ ୧୯୮୩ ଏପ୍ରିଲ ୮ରେ ଚେନ୍ନାଇଠାରେ ଜନ୍ମଗ୍ରହଣ କରିଥିଲେ। ଛୋଟ ପିଲା ଥିବାବେଳେ ସେ ଫିଲ୍ମରେ ଅଭିନୟ କରିବା ଆରମ୍ଭ କରିଥିଲେ। ଦାମୀ କାର୍ ଚଳାଇବା ତାଙ୍କର ସୌକ୍। ଏବେ ତାଙ୍କ ପାଖରେ ବହୁ ନାମୀଦାମୀ କମ୍ପାନୀର କାର୍ ରହିଛି। ଏହାସହିତ ଆଲୁଙ୍କ ପାଖରେ କୋଟି କୋଟି ଟଙ୍କାର ବହୁମୂଲ୍ୟ ପ୍ରାସାଦ, ଅନେକ ସ୍ଥାବର ତଥା ଅସ୍ଥାବର ସମ୍ପତ୍ତି ରହିଛି। ସେ ରୋମାଣ୍ଟିକ୍ ଭୂମିକାରେ ଅଭିନୟ କରିବା ସହିତ ଆକ୍ସନ୍ ସିନ୍ କରିବାକୁ ବେଶ୍ ପସନ୍ଦ କରନ୍ତି। ସେ ସାଉଥ୍ ସୁପରଷ୍ଟାର ଚୀରଞ୍ଜିବୀଙ୍କ ଭଣଜା। ୨୦୧୧ରେ ସ୍ନେହା ରେଡ୍ଡୀଙ୍କୁ ବିବାହ କରିଥିଲେ।

# ୨୦୨୨ ସୁଦ୍ଧା ନୂଆ ଭାରତ ନିର୍ମାଣ:ଅରୁଣ

ଭୁବନେଶ୍ୱର, ୮।୪(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ସୋମବାର ସଂକଳ୍ପପତ୍ରକୁ ଲୋକାର୍ପଣ କରିଛନ୍ତି। ୫ବର୍ଷ ଶାସନରେ ମୋଦି ଯାହା ପ୍ରତିଶ୍ରୁତି ଦେଇଥିଲେ ତାହା ପୂରଣ କରି ଲୋକଙ୍କ ଭରସା ଜିତିଛନ୍ତି। ଦେଶର ମାନ ସମ୍ମାନ ବଢାଇଛନ୍ତି। ଆଗାମୀ ୫ବର୍ଷ ପାଇଁ ମୋଦି ପୁଣିଥରେ ପ୍ରଧାନମନ୍ତ୍ରୀ ହୋଇ ସାଧାରଣ ଲୋକଙ୍କ ଆକାଂକ୍ଷା ପୂରଣ କରିବେ ବୋଲି ଭାଜପା ରାଜ୍ୟ ପ୍ରଭାରୀ ଅରୁଣ ସିଂ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ୨୦୨୨ସୁଦ୍ଧା ନୂଆ ଭାରତ ନିର୍ମାଣ ହେବ। ସମସ୍ତଙ୍କୁ ଶୁଦ୍ଧ ପାନୀୟ ଜଳ, ପକ୍କା ଘର, ସ୍ୱାସ୍ଥ୍ୟ ସମ୍ପଦ ଦେବାର ସଂକଳ୍ପ ନିଆଯାଇଛି। ଜଳ ସଂରକ୍ଷଣ ସହ ସମସ୍ତଙ୍କୁ ପାଇପ ଯୋଗେ ପିଇବା ପାଣି ଯୋଗାଇବାର କାମ ମୋଦି ସରକାର କରିବେ। ୬୦ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ଚାଷୀ ଏବଂ ଛୋଟ ବେପାରୀମାନଙ୍କୁ ପେନ୍‌ସନ ଯୋଗାଇ ଦିଆଯିବ। ଆତଙ୍କବାଦୀଙ୍କ ବିରୁଦ୍ଧରେ ଜିରୋ ଟଲେରାନ୍ସ ନୀତିକୁ ମୋଦି ସରକାର ଆପଣାଇଛନ୍ତି। କେନ୍ଦ୍ର ଯୋଜନାକୁ ଦେଶ ସାରା ସମସ୍ତ ରାଜ୍ୟ ଲାଗୁ କରୁଥିବା ବେଳେ ଓଡିଶାର ବିଜେଡି ସରକାର ଏହାକୁ ଲାଗୁ କରୁନାହାନ୍ତି। ଏଣୁ ଚଳିତ ନିର୍ବାଚନରେ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଆସିବା ଦରକାର। ଶାହଙ୍କ ୧୨୦ ମିଶନ ରାଜ୍ୟରେ ସମ୍ପୂର୍ଣ୍ଣ ହେବ ବୋଲି ଅରୁଣ କହିଛନ୍ତି।

# ଚାଷୀଙ୍କୁ...



ତରବୋଡଠାରେ ଜନସଭାରେ ଭୋଟରଙ୍କୁ ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେଉଛନ୍ତି ।

ଦଳର ଇସ୍ତାହାରପତ୍ର ଘୋଷଣା କରିଥିଲେ। ଏଥିରେ ମା',ଝିଅମାନଙ୍କୁ ବିଶେଷଭାବେ ଦଳ ଗୁରୁତ୍ୱ ଦେଇଛି। ମିଶନ ଶକ୍ତି ଯୋଜନାରେ ମା'ମାନଙ୍କୁ ବର୍ଷକୁ ୫ହଜାର କୋଟି ଟଙ୍କାର ସରକାରୀ କାମ ଯୋଗାଇ ଦିଆଯିବା ସହ ସମସ୍ତ ମହିଳା ସ୍ୱୟଂ ସାହାୟିକା ଗୋଷ୍ଠୀକୁ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ, ସବୁ ସ୍ୱୟଂ ସହାୟିକା ଗୋଷ୍ଠୀର ମା' ମାନଙ୍କ ପାଇଁ ଦୁର୍ଘଟଣା ବୀମା, ଗରିବ ଝିଅଙ୍କ ବିବାହ ପାଇଁ ୨୫ହଜାର ଟଙ୍କା ସହାୟତା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେଓ୍ୱାଇ)ରେ ମହିଳାଙ୍କ ଚିକିତ୍ସା ସୁବିଧାକୁ ୭ଲକ୍ଷରୁ ୧୦ଲକ୍ଷ ଟଙ୍କାକୁ ବୃଦ୍ଧି, ସବୁ ଝିଅ ମାଗଣାରେ ପାଠ ପଢ଼ିବେ। ଏପରିକି ମଧ୍ୟାହ୍ନ ଭୋଜନ, ସାଧାରଣ ବଣ୍ଟନ ବ୍ୟବସ୍ଥା, ଧାନ ସଂଗ୍ରହଠାରୁ ଆରମ୍ଭ କରି ଆଶ୍ରମ ସ୍କୁଲ ପରିଚାଳନା, ପରିବହନ କ୍ଷେତ୍ର ପରିଚାଳନା, ଟିକସ ଆଦାୟ, ସ୍କୁଲ୍ ୟୁନିଫର୍ମ ଯୋଗାଣ ଆଦି ଯୋଗାଇ ଦେବାକୁ ନବୀନ ଇସ୍ତାହାରରେ ଘୋଷଣା କରିଛନ୍ତି। ନିଜ ଦଳର ଇସ୍ତାହାର ପ୍ରକାଶ କରିବା ସହ ନବୀନ ବିରୋଧୀଙ୍କୁ ଟାର୍ଗେଟ କରିବାକୁ ପଛାଇ ନାହାନ୍ତି। ଭବାନୀପାଟଣା ରେଳ ଓ୍ୱାଗନ କାରଖାନା କୁଆଡ଼େ ଗଲା ବୋଲି ପ୍ରଶ୍ନ କରିବା ସହ ୨ଗୁଣା ଏମଏସ୍‌ପି, ସବୁ କ୍ଷେତକୁ ପାଣି ଓ କେବିକେ ଯୋଜନା କାହିଁକି ବନ୍ଦ ହେଲା ବୋଲି ପ୍ରଶ୍ନ କରିଥିଲେ। ଏଥିସହିତ ସ୍ଥାନୀୟ ବିଧାୟକ ଏବଂ ଲୋକ ସଭା ପ୍ରାର୍ଥୀଙ୍କ ସକାଶେ ଭୋଟ ପାଇଁ ନବୀନ ନିବେଦନ କରିଥିଲେ। ତରବେଡା ଜନସମାବେଶକୁ ଉଦ୍‌ବୋଧନ ଦେବା ପରେ ନବୀନ ଖଡିଆଳ ବିଧାନ ସଭା ନିର୍ବାଚନମଣ୍ଡଳୀର ଖଡିଆଳରୁ ସିନାପାଲିକୁ ଦୀର୍ଘ ୪୦ କି.ମି.ର ମେଗା ରୋଡ ଶୋ' କରିଥିଲେ।

ତରବୋଡସ୍ଥିତ ହାଇସ୍କୁଲ ଖେଳ ପଡିଆରେ ହୋଇଥିବା କାର୍ଯ୍ୟକ୍ରମରେ କୋମନା ବ୍ଲକ ସଭାପତି ମନୋଜ କୁମାର ମିଶ୍ର ସଭାପତିତ୍ୱ କରିଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ସହ ସ୍ଥାନୀୟ ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ଢୋଲକିଆ, ଲୋକ ସଭା ପ୍ରାର୍ଥୀ ପୁଷ୍ପେନ୍ଦ୍ର ସିଂଦେଓ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ନବୀନ ଶଙ୍ଖ ଚିହ୍ନରେ ମୋହର ମାରି ହାତ ମୁଠାକୁ ଟାଣ କରନ୍ତୁ ବୋଲି ସେ ଭୋଟ ଭିକ୍ଷା କରିଥିଲେ । ପରେ ସିନାପାଲି ଠାରେ ରୋଡ ଶୋ' କରିଥିଲେ। ସାଙ୍ଗରେ ଦୁଇ ନେତା ବିଧାୟକ ପ୍ରାର୍ଥୀ ଲମ୍ବୋଦର ନିଆଲ ଏବଂ ଲୋକ ସଭା ପ୍ରାର୍ଥୀ ପୁଷ୍ପେନ୍ଦ୍ର ସିଂଦେଓ ସମସ୍ତଙ୍କୁ ହାତଯୋଡି ଭୋଟ ଭିକ୍ଷା କରି ଚାଲିଥିଲେ । ସବୁଗାଁରେ ଲୋକେ ମୁଖ୍ୟମନ୍ତ୍ରୀଙ୍କୁ ନିକଟରେ ପାଇ ଖୁସିରେ ବାଜା ବାଣ ବଜାଇ ବିଭୋର ହୋଇଥିବା ଦେଖାଯାଇଥିଲା । ସନ୍ଧ୍ୟା ୬ଟାରେ କଳାହାଣ୍ଡି ଅଭିମୁଖେ ଯାଇଥିଲେ ।

ପ୍ରଥମ ପୃଷ୍ଠାରୁ...

# ଜାତୀୟତାବାଦ...

ଏବଂ ପଶ୍ଚିମ ପାକିସ୍ତାନ ଓ ପାକ୍-ଅଧିକୃତ ଜମ୍ମୁ-କଶ୍ମୀର (ପିଓଜେକେ)ର ଶରଣାର୍ଥୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରି ସେମାନଙ୍କୁ ପୁନଃ ଥଇଥାନ ନିମନ୍ତେ ଦଳ ଏହି ସଂକଳ୍ପପତ୍ରରେ ପ୍ରତିଶ୍ରୁତି ଦେଇଛି। ଏହାସହ ସମ୍ବିଧାନର ଅନୁଚ୍ଛେଦ ୪୪ ଅନୁସାରେ ସମାନ ନାଗରିକ ସଂହିତା ପାଇଁ ଏକ ଚିଠା ପ୍ରସ୍ତୁତ କରାଯିବ। ଏହାଦ୍ୱାରା ମହିଳାଙ୍କ ଅଧିକାରଗୁଡ଼ିକ ସୁରକ୍ଷିତ ରହିବା ସହ ଲିଙ୍ଗଗତ ଅସମାନତା ମଧ୍ୟ ଦୂର ହେବ ବୋଲି ଏଥିରେ କୁହାଯାଇଛି। ଅନୁରୂପ ଭାବେ ବିବାଦୀୟ ନାଗରିକ ସଂଶୋଧନ ବିଧେୟକକୁ ମଧ୍ୟ ଭାଜପା ଗୁରୁତ୍ୱ ଦେଇଛି। ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକର ଲୋକଙ୍କୁ ଏହି ବିଲ୍ ସମ୍ପର୍କରେ ବୁଝାଇବା ପାଇଁ ସବୁ ପ୍ରକାର ଉଦ୍ୟମ କରାଯିବ ବୋଲି ଏଥିରେ ଉଲ୍ଲେଖ କରାଯାଇଛି। ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି)କୁ ପର୍ଯ୍ୟାୟକ୍ରମେ ଦେଶର ବିଭିନ୍ନ ଭାଗରେ ଲାଗୁ କରାଯିବ। ଆତଙ୍କବାଦର ମୂଳୋତ୍ପାଟନ ପାଇଁ ସୁରକ୍ଷା ବଳକୁ ପୂର୍ଣ୍ଣ ସ୍ୱାଧୀନତା ଦିଆଯିବ ଏବଂ ପ୍ରତିରକ୍ଷା ସାମଗ୍ରୀ କିଣା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ।

କ୍ଷମତାକୁ ଫେରିବା ପାଇଁ ଭାଜପା ସମୃଦ୍ଧି ଓ ସୁରକ୍ଷାକୁ ଗୁରୁତ୍ୱ ଦେଇଛି। ଏହାର ଅନ୍ୟ ନିର୍ବାଚନୀ ପ୍ରତିଶ୍ରୁତିଗୁଡ଼ିକ ମଧ୍ୟରେ ରହିଛି ୩ ବର୍ଷ ମଧ୍ୟରେ ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା, ୨୦୩୦ ସୁଦ୍ଧା ଭାରତକୁ ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତିରେ ପରିଣତ କରିବା, ସ୍ୱାଧୀନତା ପ୍ରାପ୍ତିର ୧୦୦ ବର୍ଷ ପୂର୍ତ୍ତି ଅର୍ଥାତ୍ ୨୦୪୭ ପର୍ଯ୍ୟନ୍ତ ଭାରତକୁ ବିକାଶଶୀଳ ରାଷ୍ଟ୍ରରୁ ବିକଶିତ କରିବା। ଦଳ କ୍ଷମତାକୁ ଫେରିଲେ ପିଏମ୍ କିଷାନ ସମ୍ମାନ ନିଧି ଯୋଜନାରେ ଚାଷୀଙ୍କୁ ବାର୍ଷିକ ୬,୦୦୦ ଟଙ୍କା ଆୟ ସମର୍ଥନ ଦିଆଯିବ। ସେହିପରି ୬୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ କୃଷକଙ୍କୁ ବିନା ସୁଧରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଦିଆଯିବ। ୨୦୨୨ ସୁଦ୍ଧା ଚାଷୀଙ୍କ ଆୟ ଦୁଇଗୁଣ କରାଯିବ। ୬୦ ଓ ତଦୂର୍ଦ୍ଧ୍ୱ ବୟସର ସମସ୍ତ ଚାଷୀଙ୍କୁ ପେନ୍‌ସନ ଦିଆଯିବ। କୃଷି ଓ ଗ୍ରାମୀଣ କ୍ଷେତ୍ରରେ ଅଭିବୃଦ୍ଧି ପାଇଁ ଆଗାମୀ ୫ ବର୍ଷରେ ୨୫ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରାଯିବ। ସାମଗ୍ରୀ ଓ ସେବା କର (ଜିଏସ୍‌ଟି)ର ସରଳୀକରଣ ପାଇଁ ସବୁ ପକ୍ଷଙ୍କ ସହ ଆଲୋଚନା କରାଯିବା ସହ ଛୋଟ ବ୍ୟବସାୟୀଙ୍କ ପାଇଁ ଏକାଧିକ ମଙ୍ଗଳକାରୀ ଯୋଜନା କାର୍ଯ୍ୟକାରୀ କରାଯିବ ବୋଲି ଏଥିରେ କୁହାଯାଇଛି। ଶିକ୍ଷା କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ଯେଉଁ ବ୍ଲକ୍‌ଗୁଡ଼ିକର ୫୦% ଜନସଂଖ୍ୟା ଏସ୍‌ଟି ଏବଂ ଅନ୍ୟୂନ ୨୦,୦୦୦ ଆଦିବାସୀ ଜନସଂଖ୍ୟା ବିଶିଷ୍ଟ ବ୍ଲକ୍‌ରେ ଏକଲବ୍ୟ ଆଦର୍ଶ ଆବାସିକ ସ୍କୁଲ ପ୍ରତିଷ୍ଠା କରାଯିବ। ଅଙ୍ଗନଓ୍ୱାଡ଼ି ଓ ପ୍ରି-ସ୍କୁଲ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ। ସଂକଳ୍ପପତ୍ରରେ ସ୍ୱଚ୍ଛ ଭାରତ ମିଶନ, ଉଜ୍ଜ୍ୱଳା ଯୋଜନା, ସୌଭାଗ୍ୟ ଯୋଜନା, ବିମୁଦ୍ରୀକରଣ, ସର୍ଜିକାଲ ଷ୍ଟ୍ରାଇକ୍ ଏବଂ ଏୟାର୍ ଷ୍ଟ୍ରାଇକ୍ ଭଳି ନିଷ୍ପତ୍ତି ସମ୍ପର୍କରେ ଉଲ୍ଲେଖ କରାଯାଇଛି।

# ଡିଜିପି ଭାବେ...

ନିର୍ବାଚନ କମିଶନ(ଇସିଆଇ)ଙ୍କ ଗାଇଡଲାଇନ୍ ଅନୁଯାୟୀ ଅବାଧ ଏବଂ ନିରପେକ୍ଷ ନିର୍ବାଚନ ଆୟୋଜିତ କରିବା ପୋଲିସର ପ୍ରାଥମିକତା ରହିବ। ଆସନ୍ତା ୧୧ ତାରିଖରେ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ମାଓବାଦୀ ଉପଦ୍ରୁତ ଅଞ୍ଚଳରେ ନିରାପଦ ଭାବେ ମତଦାନ କାର୍ଯ୍ୟ ପରିଚାଳନା କରିବା ପୋଲିସ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ରହିବ। ବିଭିନ୍ନ ସ୍ଥାନରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ରହିଛି, ସେଥିପ୍ରତି ମଧ୍ୟ ଦୃଷ୍ଟି ଦିଆଯିବ। ଏଥିସହିତ ଗୋଇନ୍ଦା ତଥ୍ୟ ଆଧାରରେ ଗାଡ଼ି ଚେକିଂ କରାଯାଇ ନିର୍ବାଚନ ପାଇଁ ବେଆଇନ ଟଙ୍କା ଚାଲାଣ ଉପରେ କଡ଼ା ନଜର ରଖାଯିବ। ବିଶେଷ କରି ଗ୍ରାମାଞ୍ଚଳ ଉପରେ ଅଧିକ ନଜର ରଖାଯିବ ବୋଲି ଶର୍ମା ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମାଙ୍କ ସ୍ତ୍ରୀ ତୁଷାରଙ୍କ ସ୍ୱାସ୍ଥ୍ୟ ଖରାପ ଥିଲା। ତେଣୁ ଶର୍ମା ଛୁଟିରେ ଥିଲେ। ରବିବାର ତୁଷାରଙ୍କ ପରଲୋକ ଘଟିଥିବାରୁ ଶର୍ମା କାର୍ଯ୍ୟରେ ଯୋଗଦେବା ପାଇଁ ବିଳମ୍ବ ଘଟିବ। ଏଣୁ ନିର୍ବାଚନକୁ ଦୃଷ୍ଟିରେ ରଖି ଡିଜି ପାହ୍ୟାର ୩ ବରିଷ୍ଠ ପୋଲିସ ଅଫିସରଙ୍କ ନାମ ରାଜ୍ୟ ସରକାରଙ୍କ ପକ୍ଷରୁ ଇସିଆଇଙ୍କୁ ପଠାଯାଇଥିଲା। ସୁପାରିଶ ହୋଇଥିବା ଅଫିସରଙ୍କ ମଧ୍ୟରୁ ଅଗ୍ନିଶମ ଡିଜି ବିଜୟ କୁମାର ଶର୍ମାଙ୍କୁ ଇସିଆଇ ପୋଲିସ ଡିଜି ଭାବେ ଅତିରିକ୍ତ ଦାୟିତ୍ୱ ଦେଇଛନ୍ତି।

# କଂଗ୍ରେସରୁ ୧୯ ନେତା ବହିଷ୍କୃତ

ଭୁବନେଶ୍ୱର,୮।୪(ବ୍ୟୁରୋ)

ନିଖିଳ ଭାରତ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ତଥା ପ୍ରଭାରୀ ଜିତେନ୍ଦ୍ର ସିଂ ଏବଂ ଟି.ଏସ୍. ସିଂଦେଓଙ୍କ ଅନୁମୋଦନକ୍ରମେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ଥିବା ୧୯ଜଣଙ୍କୁ ସୋମବାର ବହିଷ୍କାର କରିଛନ୍ତି। ଏନେଇ ଦଳର ସଙ୍ଗଠନ ଦାୟିତ୍ୱରେ ଥିବା ପ୍ରଦେଶ କଂଗ୍ରେସ ସାଧାରଣ ସମ୍ପାଦକ ବିଶ୍ୱଜିତ୍ ଦାସ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଜଣାଇଛନ୍ତି। ବହିଷ୍କୃତ ବ୍ୟକ୍ତିମାନେ ହେଉଛନ୍ତି, ସର୍ବଶ୍ରୀ ମକରନ୍ଦ ମୁଦୁଲି, ସାନ୍ଧୁ ଚରଣ ମାଝୀ, ଯୋଶେଫ୍ ଭତ୍ରା, ଗଜେନ୍ଦ୍ର ନାୟକ, ଅମ୍ବିକା ମାଝୀ, ନୀଳକଣ୍ଠ ଝୋଡ଼ିଆ, ରୁଆଇ ମାଝୀ, ତିରୁପତି ପାଣିଗ୍ରାହୀ, ଗଭାରା ତିରୁପତି ରାଓ, ଅଖିଳ କୁମାର ପାତ୍ର, କୃଷ୍ଣଚନ୍ଦ୍ର ଦୋରା, ସଶନାମ ବାଲାରାଜୁ, ମାଡ଼ପାଲା କ୍ରିଷ୍ଣା ରାଓ, ହିମାଂଶୁ ଲିମା, ଗଞ୍ଜୁ ଗମାଙ୍ଗୋ, କିଶୋର ଚନ୍ଦ୍ର ପ୍ରଧାନ, ଯୁଧିଷ୍ଠିର ବଡ଼ମୁଣ୍ଡି, ଏସ୍. ଗଜପତି ରାଓ ଓ କୃଷ୍ଣଚନ୍ଦ୍ର ବେହେରା।

### କିଛି ତଥ୍ୟ

୨୦୧୫-୧୬ରେ ୨.୧୧ ଲକ୍ଷ କୋଟି ଟଙ୍କାର ସେବା ଟିକସ ଆଦାୟ ହୋଇଥିବା ବେଳେ ଏହା ୨୦୧୬-୧୭ରେ ୨.୫୪ ଲକ୍ଷ କୋଟି ଟଙ୍କା ରହିଛି।

- ଅର୍ଥ ମନ୍ତ୍ରଣାଳୟ

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ଆଜିର ଚନ୍ଦ୍ରମଙ୍ଗଳ ଯୋଗ ପ୍ରଭାବରେ ଆପଣ ଯେମିତି ଯାହା ଚାହିଁବେ ତାହା ସୁବିଧାରେ ପ୍ରାପ୍ତ ହେବ। ହଠାତ୍ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି କାର୍ଯ୍ୟକାରୀ କରିବା ପାଇଁ ମନ ବଳାଇପାରନ୍ତି। ଆଜିର ଯାତ୍ରା ଓ ସାନ୍ଧ୍ୟ ଭ୍ରମଣରେ ଜଣେ ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭକରିବେ। ସଭାସମିତି, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ବିବାଦ ବୃଦ୍ଧି ଆଶଙ୍କା ରହିଛି।

**ବୃଷ**

ଉଚ୍ଚ ରାଶିରୁ ଚନ୍ଦ୍ରଙ୍କ ସପ୍ତମ ସ୍ଥାନ ପ୍ରତି ଦୃଷ୍ଟି କାରଣରୁ ନୂତନ କର୍ମାରମ୍ଭ, ଯାତ୍ରା, ପରିବହନ, ଆଇନ, ଅଦାଲତ ସମ୍ପର୍କିତ ସମସ୍ତ କ୍ଷେତ୍ର ଶୁଭପ୍ରଦ ରହିବ। ଆର୍ଥିକ ସ୍ଥିତି ପ୍ରାୟତଃ ଭଲ ରହିବା ସହ ଚେଷ୍ଟା କରୁଥିବା କାମରେ ସଫଳତା ପାଇପାରିବେ। କାର୍ଯ୍ୟବ୍ୟସ୍ତ ଯୋଗୁ ମିଶିବାକୁ ଆସିଥିବା ବନ୍ଧୁଙ୍କ ସହ ଆଲୋଚନା କରିବାର ଅବସର ପାଇବେ ନାହିଁ।

**ମିଥୁନ**

ଧନାଧିପ ଚନ୍ଦ୍ର କର୍ମାଧିପଙ୍କ ସହ ଲାଭଭାବସ୍ଥ ଯୋଗୁ କର୍ମକ୍ଷେତ୍ରରୁ ଅର୍ଥ ଓ ସମ୍ମାନ ଲାଭ କରିବେ। କିନ୍ତୁ ଶନି ଦୃଷ୍ଟ ବୁଧ କାରଣରୁ ପରିବାରରେ ସାଧାରଣ କଥାକୁ କେନ୍ଦ୍ରକରି ତର୍କବିତର୍କ ଲାଗିପାରେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ କ୍ଷେତ୍ରରେ କୌଣସି ପ୍ରକାରର ଅସୁବିଧା ନ ହେଲେ ମଧ୍ୟ ଅଯଥା ଆଶଙ୍କା କରି ମନ ଅସ୍ଥିର ରହିବ।

**କର୍କଟ**

ଏକାଦଶ ସ୍ଥାନରେ ଭୂମିପୁତ୍ର ସହ ଚନ୍ଦ୍ରଙ୍କ ସଂଯୋଗ ଆପଣଙ୍କ ଇଚ୍ଛା ଓ ଅଭିଳାଷ ପୂରଣ କରିବ। ବନ୍ଧୁଙ୍କ ପ୍ରେରଣାରେ ଜମିଜମା କିମ୍ବା ଯାନ୍ତ୍ରିକ ଉପକରଣ, ମୂଲ୍ୟବାନ୍ ଦ୍ରବ୍ୟ କ୍ରୟକରିବା ସକାଶେ ମନ ବଳାଇବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ମିଳିବ।

**ସିଂହ**

ଆଜି ଆପଣ ଯାହା କରନ୍ତୁ ନା କାହିଁକି ସହଜ ଓ ସୁବିଧାରେ କୌଣସି କାମ ହାସଲ ହୋଇପାରିବ ନାହିଁ। ଅବଶ୍ୟ ଅର୍ଥପ୍ରାପ୍ତି, ବନ୍ଧୁସମ୍ପର୍କ ସ୍ଥାପିତ ହେବା ସହ ଯାତ୍ରାରେ ସହଜରେ ଅଭିଳଷିତ ଫଳ ପାଇବେ। ପଡ଼ୋଶୀ ଈର୍ଷା ଓ ଅସୂୟା ମନୋଭାବ ପୋଷଣ କରିପାରନ୍ତି। ଆଲୋଚନା ବ୍ୟତିରେକ କୌଣସି କାମ ସ୍ଥିରୀକୃତ ନ ହେବା କାରଣରୁ ମାନସିକ ଅସ୍ଥିରତା ଲାଗି ରହିବ।

**କନ୍ୟା**

ରାଶ୍ୟାଧିପ ଭାଗ୍ୟାଧିପଙ୍କ ସହ ଦୁଃସ୍ଥାନସ୍ଥ ହେତୁ ଚେଷ୍ଟା କରୁଥିବା କାମରେ ସଫଳତା ମିଳିବା କଷ୍ଟକର ହୋଇପାରେ। ଅନ୍ୟମାନଙ୍କ ପାଇଁ ତ୍ୟାଗ ସ୍ୱୀକାର କଲେ ମଧ୍ୟ ସେମାନେ ତାହାକୁ ସହଜରେ ଗ୍ରହଣ କରିପାରିବେ ନାହିଁ। ଧନହାନି ସମ୍ଭାବନା ରହିଛି। ଗତକାଲିଠାରୁ ଚିନ୍ତା କରିଥିବା କାମଗୁଡ଼ିକ ଆଜି ପରିସ୍ଥିତି ବଶତଃ ବାସ୍ତବରେ ଓଲଟା ହୋଇପାରେ।

**ତୁଳା**

କୌଣସି ସମ୍ପର୍କୀୟା ମହିଳାଙ୍କ ସାହାଯ୍ୟ, ସହଯୋଗ ଲାଭକରି ସ୍ଥଗିତ କାମକୁ ସମ୍ପନ୍ନ କରିବେ। ତଥାପି ପ୍ରତିଟି କ୍ଷେତ୍ରରେ ଅବସ୍ଥା ଦେଖି ବ୍ୟବସ୍ଥା କରନ୍ତୁ, ନଚେତ୍ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିପାରନ୍ତି। କର୍ମକ୍ଷେତ୍ରରେ ଶତ୍ରୁ ଉପଦ୍ରବ କ୍ରମଶଃ ହ୍ରାସ ପାଇବାର ଅନୁଭବ କରିବେ। ପାରିବାରିକ ସମସ୍ୟା ମାନସିକ ସ୍ଥିତିକୁ କଳୁଷିତ କରିପାରେ।

**ବିଛା**

ଭାଗ୍ୟାଧିପତିଙ୍କ ଉଚ୍ଚରାଶିରେ ରାଶ୍ୟାଧିପ ମଙ୍ଗଳ କୌଣସି ନୂତନ କର୍ମାରମ୍ଭ ସକାଶେ ସିଦ୍ଧାନ୍ତ ନେଇପାରନ୍ତି। ଅନୁରାଧା ନକ୍ଷତ୍ରର ଅତୀତ ଘଟଣା ପ୍ରବାହ ମନରେ ବାରମ୍ବାର ଆଲୋଡ଼ନ ସୃଷ୍ଟି କରି ମାନସିକ ସ୍ଥିତିକୁ ଚିନ୍ତିତ କରାଇପାରେ। ଆପଣଙ୍କ ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବ, ଯାହାକି କାମକୁ ଆସିବ।

**ଧନୁ**

ଉଚ୍ଚାରୋହୀ ରବିଙ୍କ ଆଶୀର୍ବାଦରୁ ନୂତନ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ଗୃହନିର୍ମାଣ କ୍ଷେତ୍ରରେ ବିଭିନ୍ନ ପ୍ରକାର ଚାପର ସମ୍ମୁଖୀନ ହୋଇପାରନ୍ତି। ଅନ୍ତରଙ୍ଗ ବନ୍ଧୁଙ୍କ ସହ ଆଜିର ପ୍ରାତଃ ଭ୍ରମଣ ସୁଖ ବେଶ୍ ଉପଭୋଗ୍ୟ ହୋଇପାରେ। କଠିନ ଶ୍ରମ ଯୋଗୁ ସାମୟିକ ଭାବେ ଅପରାହ୍ନରେ ଅସୁସ୍ଥତା ଅନୁଭବ କରିପାରନ୍ତି।

**ମକର**

ସପ୍ତମାଧିପତି କୋଣଭାବରେ ନୂତନ ମିତ୍ରତା ସୃଷ୍ଟି କରି ଆଶାକୁ ଚରିତାର୍ଥ କରାଇପାରେ। କିନ୍ତୁ ଧନିଷ୍ଠାର କେତେକ କ୍ଷେତ୍ରରେ ହାତ ପାହାନ୍ତାକୁ ସୁଯୋଗ ଆସିଯିବ, କିନ୍ତୁ ନିଜ ଦୋଷରୁ ତାହା ହରାଇପାରନ୍ତି। ମନ ବୁଝିଲା ଭଳି କଥା କହି ପାଖପଡ଼ୋଶୀମାନେ ନିଜର କାର୍ଯ୍ୟ ହାସଲ କରିନେବେ। ଯାତ୍ରାରେ ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ଦ୍ୱିଗୁଣିତ କରିପାରେ।

**କୁମ୍ଭ**

ପାରିବାରିକ ସ୍ଥିରତା ସାଙ୍ଗକୁ ବନ୍ଧୁମାନଙ୍କ ସାହାଯ୍ୟ ଆପଣଙ୍କ କାମକୁ ଆଗକୁ ବଢ଼ାଇନେବ। ଖୋଜୁଥିବା ଜିନିଷ ଅତି ନିକଟରେ ପାଇବା ସହ ଏଥିପାଇଁ ସାମୟିକ ଅସ୍ଥିରତା ମଧ୍ୟରେ ଗତି କରିବେ। କର୍ମକ୍ଷେତ୍ରରେ ଅସଫଳ ହେବାକୁ ନେଇ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟ କ୍ଷେତ୍ରରେ ସମସ୍ୟା ଦୂରହୋଇଯିବ।

**ମୀନ**

ସନ୍ତାନଙ୍କ କାର୍ଯ୍ୟକଳାପକୁ କେନ୍ଦ୍ରକରି ପାଖପଡ଼ୋଶୀଙ୍କ ସହ କଳହ ଲାଗିପାରେ। କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବାକୁ ପଡ଼ିବ। ଆଗାମୀ ମାଙ୍ଗଳିକ ଉତ୍ସବ କିମ୍ବା ଆନୁଷ୍ଠାନିକ କାମରେ ଗୁରୁଦାୟିତ୍ୱ ବହନକରି ପ୍ରସ୍ତୁତି ପଥେ କର୍ମମୁଖର ରହିପାରନ୍ତି। ଶୁଣାକଥାକୁ ବିଶ୍ୱାସ ନ କରି ଏବଂ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟକଲେ ଉପକୃତ ହେବେ।

ଆଜି ଚୈତ୍ର ଶୁକ୍ଳ ଚତୁର୍ଥୀ ମଙ୍ଗଳବାର, ଶ୍ରୀମନ୍ଦିରରେ ବାଡ଼ି ନୃସିଂହ ବିଜେ,ଚୈତ୍ର ମଙ୍ଗଳବାର ଓଷା ତୃତୀୟପାଳି, ଏପ୍ରିଲ ୯ତାରିଖ, ରାଶିନକ୍ଷତ୍ର-ଦିବା ଘ୧୧।୦୩ମି. ଗତେ, ରୋହିଣୀ/ବୃଷ, ବିଛା ରାଶିର ଘାତଚନ୍ଦ୍ର, ମକର ରାଶିର ଘାତବାର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ସକାଳ ଘ୮।୪୧ମି. ଗତେ, ଘ୧୦।୧୩ମି. ମଧ୍ୟେ ଘ୧୧।୪୫ମି. ଗତେ, ଘ୧।୧୭ମି. ମଧ୍ୟେ ଅମୃତବେଳା। ଦିବା ଘ୧୦।୧୩ମି. ଗତେ ଘ୧୧।୪୫ମି. ମଧ୍ୟେ, ଘ୨।୫୭ମି. ଗତେ ଘ୪।୩୧ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୨।୫୪ମି. ଗତେ ଘ୪।୨୬ମି. ମଧ୍ୟେ ରାହୁକାଳ।


# classifieds

**real estate**

**SALE**

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ କିଛି ଦୂରତାରେ plot 1200କୁ 1,32,000/- , BEC College ଠାରେ 1200କୁ 3,00,000/- (out-right). 9776934361, 8144706560. D-66317

Bhubaneswar GITA College ଠାରେ 1200 sqft. 4,50,000/-ରେ demarcated plot ମିଳୁଅଛି। 9937823228. D-66306

**Gharabari plot measuring 340 decimal near Pipili checkgate is immediate for sale. 9937162220.** D- 66119

Bhubaneswar AIIMS front Govt. road କୁଲାଗି gharabari yellow zone plot ବିକ୍ରିହେବ: 8480745797. D-66308

ଭୁବନେଶ୍ୱର ପାହାଳରେ Bank finance ଥାଇ plot sqft.- 780/-ରେ ଘର କରନ୍ତୁ। 8280032048. D-66316

ଫୁଲନଖରାରେ ନିର୍ମିତ ବୃହତମ ମାର୍କେଟ **(Grand Bazar) NH-5ରୁ** ଅଳ୍ପ ଦୂରତାରେ ଘରବାରି ବାସୋପଯୋଗୀ **plot କିଣନ୍ତୁ। 9777342153.** D-66322

ନଖରା ତ୍ରିନାଥ ବଜାରଠାରେ SC ଘରବାରି ପ୍ଲଟ 1200 କୁ 3,80,000/- ପ୍ରତାପ ନଗରୀ ଧାକୁଲେଇପୀଠ ଠାରେ 1200କୁ 3,00,000/- (out-right). 9776934361, 8144706560. D-66318

Plot for sale Patrapada, Bhubaneswar near Inox Mall, gharabari yellowzone, price 849/-: 9437335686,, 7008487006. D-66421

30 ଫୁଟ ରାସ୍ତା ଥାଇ ଭୁବନେଶ୍ୱର ଯାଆଁଳାଠାରେ ହରିଜନ ଘରବାରି ପ୍ଲଟ ବିକ୍ରିହେବ। Contact: 9668243484, 9437504683. D-66063

ଭୁବନେଶ୍ୱର ପିତାପଲ୍ଲୀ NH5 ଠାରୁ 50' ଦୂରରେ 30' ରାସ୍ତା ଥାଇ ପ୍ଲଟ୍ ମିଳୁଅଛି। 8338932027. D- 66333

ସ୍ଥିତିବାନ ଘରବାରି ପ୍ଲଟ ରେତଙ୍ଗ ଷ୍ଟେସନ ପାଖରେ କିଣି ଘର କରନ୍ତୁ। 9938066403. D-66329

ଘାଟିକିଆରେ ମୋର commercial corner ପ୍ଲଟ୍ ବିକ୍ରୟ କରାଯିବ। କେବଳ କିଣିବା ଲୋକ ଯୋଗାଯୋଗ କରନ୍ତୁ: 9438166196, 9937273159. D- 12031

**to-let**

2BHK (Large) semi furnishing flat with basement covered parking at "Tata Ariana Project" at Kalinga Nagar, Bhubaneswar will be given on rent. 9438694488, 8249500319. D- 66120

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।

2BHK with modular kitchen, open garage with compound and dressing table in MBR Northern Heights, Kalarahanga, Bhubaneswar. 8455021180. D- 65632

**healthcare**

Fully refreshed/ relaxed body massage by expert therapist, Shastri Nagar. 7377984773. D-66060

Rejuvenate and Ayurvedic full body massage by smart therapist. 9114402304. D-66059

Experience fullbody massage with us by experts. Enquiry- 0674-2597822, 7377048581. D-66066

Physiotherapy full body massage by trained ladies/ gents therapist: 7008773793. D-66422

Herbal full body massage by smart/expert therapist. Contact: 8338067247. D-66067

Summer special mesmerizing offer expert therapeutic refreshing massage appointment. 9668374480. D-66069

Herbal full body massage with refreshment by well trained therapist. 7381239385, 0674-2540855. D-66065

Ayurvedic full body massage ladies/ gents smart experts therapist. 9114697517. D-65870

Newly opening ayurvedic body massage smart therapist Shree herbal. 7750020754. D-66068

Ayurvedic full body massage ladies/ gents experts therapist. 8338097451 . D-65871

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**astrology**

ଶ୍ରୀ ଗଣେଶ ଜ୍ୟୋତିଷ ତୁରନ୍ତ ସମାଧାନ 101% ଗୃହକ୍ଳେଶ, ଶତ୍ରୁପୀଡ଼ା, ବ୍ୟବସାୟ, ସ୍ୱାମୀ-ସ୍ତ୍ରୀ, ବିବାହ, କଳାଯାଦୁ, ପ୍ରେମ ସମସ୍ୟା, ବଶୀକରଣ, ସ୍ପେଶାଲିଷ୍ଟ, ପଣ୍ଡିତ ସାଗରଜୀ: 9928051901. D-11986

Now Matrimonial ads. only on Wednesday & Sunday Book 1 Get 1 FREE

**ଜନ୍ମଦିନ ଶୁଭେଚ୍ଛା**



(ଝୁନୁ)

**ଶ୍ରୀମତୀ ପ୍ରବୀଣା ପଟ୍ଟନାୟକ**

ଜଗନ୍ନାଥ ବିହାର, ବରମୁଣ୍ଡା, ଭୁବନେଶ୍ୱର

ଆଜି ଜନ୍ମଦିନରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆପଣଙ୍କ ଦୀର୍ଘ, ନିରାମୟ ଜୀବନ କାମନା କରୁଛୁ।

ପୁଅ, ବୋହୂ, ନାତୁଣୀନାତିମାନେ ଓ ପଟ୍ଟନାୟକ ପରିବାରବର୍ଗ।

ଧ-୧୨୦୪୫


"ମା' ମାନେ ହେଉଛନ୍ତି ବିକାଶର ପ୍ରକୃତ
ଡବଲ ଇଞ୍ଜିନ। ବିଜୁ ଜନତା ଦଳର
ଇସ୍ତାହାରରେ ଆମେ ମା' ମାନଙ୍କୁ,
ଝିଅ ମାନଙ୍କୁ ବିଶେଷ ଗୁରୁତ୍ୱ ଦେଇଛୁ।"
ବିଜୁ ଜନତା ଦଳ ସରକାର ଗଠନ ହେବା ପରେ ମିଶନ ଶକ୍ତିର ମା' ମାନଙ୍କୁ ମିଳିବ ବର୍ଷକୁ ୫ ହଜାର କୋଟି ଟଙ୍କା ପର୍ଯ୍ୟନ୍ତ ସରକାରୀ କାମ। ଆଉ ୫ ଶହ କୋଟି ଟଙ୍କାର ଲାଭ
ଗରିବ ଝିଅଙ୍କ ବାହାଘର ପାଇଁ ପଚିଶ ହଜାର ଟଙ୍କା ସହାୟତା।
ସବୁ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ବିନା ସୁଧରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ, ମା' ମାନଙ୍କ ପାଇଁ ଦୁର୍ଘଟଣା ବୀମା।
ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୭ ଲକ୍ଷ ପରିବର୍ତ୍ତେ ୧୦ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା
ସବୁ ଝିଅଙ୍କ ପାଠ ପଢା ମାଗଣା, କେଜିରୁ କଲେଜ, ମେଡିକାଲ, ଇଞ୍ଜିନିୟରିଙ୍ଗ୍ ପର୍ଯ୍ୟନ୍ତ
ବିଜୁ ଜନତା ଦଳ
ମହିଳା ସଶକ୍ତିକରଣରେ ବ୍ରତୀ
'ଶଙ୍ଖ' ଚିହ୍ନରେ ଦୁଇଥର ଭୋଟ୍ ଦିଅନ୍ତୁ
ଥରେ ଏମ୍.ପି. ପାଇଁ। ଥରେ ଏମ୍.ଏଲ୍.ଏ ପାଇଁ।

ବାହ୍ୟ ଘଟଣାଗୁଡ଼ିକୁ ଆଧାରକରି ତରବରିଆ ଭାବେ ଯେଉଁ ମତ ବ୍ୟକ୍ତ କରାଯାଏ-ସେ ସବୁକୁ ବିଶ୍ୱାସ ନ କରିବାକୁ ଶିକ୍ଷା କରିବା ଉଚିତ। ଯଥାର୍ଥ ଜ୍ଞାନଲାଭର ଏହା କଣ ପ୍ରଥମ ସର୍ତ୍ତ ନୁହେଁ ? ଘଟଣାଗୁଡ଼ିକୁ ଭିତରୁ ଦେଖିବାକୁ ଓ ଜାଣିବାକୁ ଶିକ୍ଷା କରିବା ଉଚିତ।
-ଶ୍ରୀମା

# ଅସଂଘୀୟ

ଦିଲ୍ଲୀ ଆୟକର ଅଧିକାରୀଙ୍କ ଏକ ଟିମ୍ ୭ ଏପ୍ରିଲ ୨୦୧୯ରେ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଳନାଥଙ୍କ ଘନିଷ୍ଠ ସହଯୋଗୀ ପ୍ରବୀଣ କକ୍କର ଏବଂ ଆର୍. କେ. ମିଗ୍ଲାନିଙ୍କ ଦିଲ୍ଲୀ, ମଧ୍ୟପ୍ରଦେଶ ଓ ଗୋଆରେ ଥିବା ବାସଗୃହ ଏବଂ କାର୍ଯ୍ୟାଳୟ ଉପରେ ଅଚାନକ ଚଢ଼ାଉ କରିବା ଘଟଣା ଏବେ ଦେଶବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି। ବିଶେଷକରି ନିର୍ବାଚନ ପ୍ରକ୍ରିୟା ଚାଲୁଥିବା ବେଳେ ଆୟକର (ଆଇଟି) ବିଭାଗର ଅଣଭାଜପା ଶାସିତ ରାଜ୍ୟ ଓ ନେତାମାନଙ୍କ ଉପରେ ଚଢ଼ାଉ ବିଭିନ୍ନ ମହଲରେ ଆଲୋଚନା ହେଉଛି। ଏଭଳି ଚଢ଼ାଉ କେବଳ ରାଜନୈତିକ ଦୃଷ୍ଟିକୋଣରୁ କରାଯାଉଛି ବୋଲି ଯେଉଁମାନେ କହୁଛନ୍ତି, ସେମାନେ ଏହା ମଧ୍ୟ ଦର୍ଶାଇଛନ୍ତି ଯେ, ଭାଜପାର କୌଣସି ନେତାଙ୍କ ଉପରେ ଆୟକର ବିଭାଗର ଦୃଷ୍ଟି ପଡ଼ୁ ନ ଥିବା ଅତ୍ୟନ୍ତ ସନ୍ଦେହଜନକ। ତେବେ କମଳନାଥଙ୍କ ସହଯୋଗୀଙ୍କ ଘର ଉପରେ ଚଢ଼ାଉ ବେଳେ ପଶ୍ଚିମବଙ୍ଗ ଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ଉଲ୍ଲେଖଯୋଗ୍ୟ , ଦୁଇ ମାସ ତଳେ ସିବିଆଇ ଅଧିକାରୀମାନେ ତତ୍କାଳୀନ କୋଲକାତା ପୋଲିସ କମିଶନର ରାଜୀବ କୁମାରଙ୍କୁ ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାରେ ଜେରା କରିବାକୁ ଯାଇଥିବା ବେଳେ ସେମାନଙ୍କୁ ପଶ୍ଚିମବଙ୍ଗ ପୋଲିସ ବାଧା ଦେଇଥିଲା। ରାଜନୈତିକ ଫାଇଦା ପାଇଁ ନରେନ୍ଦ୍ର ମୋଦି ସରକାର ସିବିଆଇକୁ ବ୍ୟବହାର କରୁଥିବା ଅଭିଯୋଗ ଆଣି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କେନ୍ଦ୍ର ବିରୋଧରେ ରଣହୁଙ୍କାର ଦେଇଥିଲେ। ତା'ପରେ ମମତା ଘଟଣାର ପ୍ରତିବାଦ କରି ଧାରଣାରେ ବସିଥିଲେ। ସେତେବେଳେ ଏହି ଘଟଣା ସମଗ୍ର ଦେଶରେ ଚହଳ ପକାଇଥିଲା। ସମାନ ଢଙ୍ଗରେ କମଳନାଥଙ୍କ ସହଯୋଗୀଙ୍କ ବାସଭବନରେ ଆୟକର ଅଧିକାରୀ ଚଢ଼ାଉ କରୁଥିବା ବେଳେ ବାହାରେ ମୁତୟନ ଥିବା ସିଆର୍‌ପିଏଫ୍ ଯବାନଙ୍କ ସହ ମଧ୍ୟପ୍ରଦେଶ ପୋଲିସର ଧସ୍ତାଧସ୍ତି ହୋଇଥିଲା। ସବୁଠାରୁ ଆଶ୍ଚର୍ଯ୍ୟର କଥା ଯେ, ୧୫୦ ସିଆର୍‌ପିଏଫ୍ ଯବାନଙ୍କୁ ଏପ୍ରିଲ ୬ରେ ଦିଲ୍ଲୀରୁ ମଧ୍ୟପ୍ରଦେଶକୁ ପଠାଯାଇଥିଲା। ନିର୍ବାଚନ ଓ କେତେକ ଆନୁଷଙ୍ଗିକ କାର୍ଯ୍ୟ ଲାଗି ଯବାନଙ୍କୁ ପଠାଯାଉଥିବା କଥା ମଧ୍ୟପ୍ରଦେଶ ଗୋଇନ୍ଦା ଅଧିକାରୀଙ୍କୁ ଜଣାଇ ଦିଆଯାଇଥିଲା। ମାତ୍ର ଆୟକର ଅଧିକାରୀମାନେ କମଳନାଥଙ୍କ ସହଯୋଗୀଙ୍କ ଘରେ ଚଢ଼ାଉ କରିବା ପରେ କେନ୍ଦ୍ରର ଉଦ୍ଦେଶ୍ୟ ଭିନ୍ନ ରହିଥିବା ଜଣାପଡ଼ିଛି।

ଭାରତୀୟ ସମ୍ବିଧାନ ଅନୁଯାୟୀ, କେନ୍ଦ୍ର ତା'ର ପୋଲିସ ବଳ କୌଣସି ରାଜ୍ୟକୁ ପଠାଇବା ପୂର୍ବରୁ ସମ୍ପୃକ୍ତ ରାଜ୍ୟର ଅନୁମତି ଲୋଡ଼ିବା ଆବଶ୍ୟକ। ଏହାକୁ 'ଜେନେରାଲ କନ୍‌ସେଣ୍ଟ' ବା 'ସାଧାରଣ ସମ୍ମତି' କୁହାଯାଇଥାଏ। ତେଣୁ ଯେଉଁ ଉଦ୍ଦେଶ୍ୟରେ ସାମରିକ, ଅର୍ଦ୍ଧସାମରିକ କିମ୍ବା ତଦନ୍ତକାରୀ ବାହିନୀ ଗୋଟିଏ ରାଜ୍ୟକୁ ପଠାଯାଏ, ସେମାନେ ସେହି କାର୍ଯ୍ୟ ବ୍ୟତୀତ ଅନ୍ୟ କାର୍ଯ୍ୟରେ ନିୟୋଜିତ ହୋଇପାରିବେ ନାହିଁ। ଏଠାରେ କମଳନାଥ ବା କଂଗ୍ରେସକୁ ସମର୍ଥନ ଜଣାଇବାର କୌଣସି ପ୍ରଶ୍ନ ଉଠୁନାହିଁ। ମଧ୍ୟପ୍ରଦେଶ ସରକାର କୌଣସି ରାଜନୈତିକ ଦଳର ପୈତୃକ ସମ୍ପତ୍ତି ନୁହେଁ। ସେଥିପାଇଁ ଅସତ୍ୟ କହି ଏବଂ ନିର୍ବାଚନକୁ ଆଳ କରି କେନ୍ଦ୍ରୀୟ ପୋଲିସ ବଳ ମଧ୍ୟପ୍ରଦେଶରେ ପ୍ରବେଶ କରିବା ଭାରତୀୟ ସମ୍ବିଧାନର ଘୋର ବିରୋଧାଚରଣ କରୁଛି।

ଏପ୍ରିଲ ୭ର ଚଢ଼ାଉ ନେଇ ଆୟକର ଅଧିକାରୀମାନେ କହିଛନ୍ତି ଯେ, ଅତ୍ୟଧିକ ନଗଦ ଅର୍ଥ ନେବା ଆଣିବା ହେଉଥିବା ଖବର ମିଳିବା ପରେ ଏପରି ପଦକ୍ଷେପ ନିଆଯାଇଛି। ଦୁର୍ନୀତିକୁ ରୋକିବା ସକାଶେ ଆୟକର ବିଭାଗର ତତ୍ପରତା ପ୍ରଶଂସନୀୟ। ଅବଶ୍ୟ ଏଭଳି ତତ୍ପରତା କେବଳ ବିରୋଧୀଙ୍କ ନିକଟରେ ସୀମିତ ନ ରଖି ଶାସକ, ତା'ର ସହଯୋଗୀ ଦଳ ଓ ନେତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଉଥିଲେ ଆୟକର ବିଭାଗର ଦୀର୍ଘମିଆଦୀ ବିଶ୍ୱସନୀୟତା ବୃଦ୍ଧି ପାଇପାରନ୍ତା। ତାହା କରାଯାଉ ନ ଥିବା ଅତ୍ୟନ୍ତ କ୍ଷୋଭର ବିଷୟ। ଏଥିରୁ ସ୍ପଷ୍ଟ ବୁଝାପଡୁଛି ଯେ, ଆଇଟି ବିଭାଗ ମଧ୍ୟ ଦଳର ବୋଲକରା ସାଜିଥିବା ଦୋଷାରୋପକୁ ଖୋରାକ ଯୋଗାଉଛି। ବିଡ଼ମ୍ବନାର ବିଷୟ ଯେ, ଏ ଦେଶରେ ଧୀରେ ଧୀରେ ସବୁ ସ୍ୱାଧୀନ ସଂସ୍ଥା ଦୁର୍ବଳ ହେବାରେ ଲାଗିଛନ୍ତି। ସିବିଆଇ, ଆର୍‌ବିଆଇ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି), ଆଇଟି, ଏପରିକି ନିର୍ବାଚନ କମିଶନ (ଇସି) ଏବଂ ସୁପ୍ରିମକୋର୍ଟଙ୍କ ଉପରେ ନିକଟ ଅତୀତରେ ବାରମ୍ବାର ଅଙ୍ଗୁଳି ନିର୍ଦ୍ଦେଶ ହୋଇସାରିଛି।

ଭାଜପା କହୁଛି ଯେ, ରାଜ୍ୟ ଓ କେନ୍ଦ୍ର ମଧ୍ୟରେ ସମ୍ପର୍କ ସୁଦୃଢ଼ କରିବା ଦିଗରେ କେନ୍ଦ୍ର ସରକାର ସର୍ବଦା ଚେଷ୍ଟା କରୁଛନ୍ତି। ଏହାର ଦୃଷ୍ଟାନ୍ତ ଭାବେ ନୀତି ଆୟୋଗ ଗଠନ ଓ ତା'ର କାର୍ଯ୍ୟଶୈଳୀକୁ ଗୁରୁତ୍ୱ ଦିଆଯାଉଥିବା କୁହାଯାଉଛି। ଯୋଜନା କମିଶନ ରାଜ୍ୟ ସରକାରଙ୍କ ଆଶା ଓ ଆକାଂକ୍ଷା ପୂରଣ କରିବାରେ ସକ୍ଷମ ନ ହେବାରୁ ତାହାକୁ ଉଚ୍ଛେଦ କରାଯାଇ ନୀତି ଆୟୋଗ ଗଠନ କରାଗଲା ବୋଲି ଦର୍ଶାଯାଇଛି। କିନ୍ତୁ ବାସ୍ତବ ଚିତ୍ର ଦେଖିଲେ କେନ୍ଦ୍ର-ରାଜ୍ୟ ସମ୍ପର୍କରେ ଗତ ୫ ବର୍ଷ ହେବ ଅସନ୍ତୁଳନ ଦେଖାଦେଇଛି। କେବଳ ଭାଜପା ଶାସିତ ରାଜ୍ୟଗୁଡ଼ିକରେ ସହଯୋଗ ବୃଦ୍ଧି ପାଉଛି। ଏହାର ପ୍ରମାଣ ଏବର ନିର୍ବାଚନ ସମୟରେ ଭାଜପା କହୁଥିବା ଡବଲ ଇଞ୍ଜିନ୍ କଥାରୁ ପ୍ରତୀୟମାନ। ଭାଜପାର ଶୀର୍ଷଠାରୁ ସ୍ଥାନୀୟ ନେତାଙ୍କ ପର୍ଯ୍ୟନ୍ତ ପ୍ରଚାର ସମୟରେ କହି ବୁଲୁଛନ୍ତି ଯେ, କେନ୍ଦ୍ର ଓ ରାଜ୍ୟରେ ଭାଜପା ଶାସନ କଲେ ତାହାର ସୁଫଳ ରାଜ୍ୟକୁ ମିଳିପାରିବ। ଏହାର ଅର୍ଥ ପରୋକ୍ଷରେ ବୁଝିବାକୁ ହେବ ଯେ, ଅନ୍ୟ ଯେଉଁ ରାଜ୍ୟରେ ବିରୋଧୀ ଶାସନ କରୁଛନ୍ତି, ସେମାନଙ୍କୁ ହଇରାଣ କରାଯିବ। ଏହି 'ଡବଲ ଇଞ୍ଜିନ୍' ଚିନ୍ତାଧାରାକୁ କଂଗ୍ରେସରେ ମଧ୍ୟ ପ୍ରୋତ୍ସାହନ ଦିଆଯାଉଥିଲା। ଇନ୍ଦିରା ଗାନ୍ଧୀଙ୍କ ସମୟରେ ଏହାକୁ 'ମେନ୍‌ଷ୍ଟ୍ରିମ୍' ବା ମୁଖ୍ୟସ୍ରୋତରେ ରାଜ୍ୟଗୁଡ଼ିକ ସାମିଲ ହୁଅନ୍ତୁ ବୋଲି ଆହ୍ୱାନ ଦିଆଯାଉଥିଲା। ସେତେବେଳେ ଅଣକଂଗ୍ରେସ ରାଜ୍ୟଗୁଡ଼ିକୁ ଜାଣିଶୁଣି ଦୁର୍ବଳ କରାଯାଉଥିଲା। ଏବେ ମନେହେଉଛି ଯେପରି ଅନେକ ଦଶନ୍ଧି ବିତିଯିବା ପରେ ଭାରତର ଗଣତନ୍ତ୍ର ଏବଂ ସଂଘୀୟ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ କେହି ଚେଷ୍ଟା କରୁନାହାନ୍ତି। କେବଳ ସେତିକି ନୁହେଁ, ଉଭୟ ଗଣତନ୍ତ୍ର ଓ ସଂଘୀୟ ବ୍ୟବସ୍ଥାକୁ ସକ୍ରିୟ ଭାବେ ଆଘାତ ପହଞ୍ଚାଇବାର ଉଦ୍ୟମ ଲାଗି ରହିଛି। ଏହି ଦୁଇଟି ଶବ୍ଦ ସାଧାରଣରେ ବୁଝିବା ସହଜ ନୁହେଁ। ସମ୍ଭବତଃ ସେଥିପାଇଁ ଭୋଟ ଦେବାକୁ ଯାଉଥିବା ମତଦାତା ଏହିସବୁ ଆଧୁନିକ ପାଶ୍ଚାତ୍ୟ ଚିନ୍ତାଧାରାର ଧାର ଧାରନ୍ତି ନାହିଁ ବୋଲି ଦୟନୀୟ ପରିସ୍ଥିତିରେ ଆସି ଆମ ଦେଶ ପହଞ୍ଚିଛି।

## ଚିରନ୍ତନୀ

ଡାକି ଉଠେ ଶମଶାନେ ପିଶାଚ ଶକୁନି କରି ରଡ଼ି
ମହାତମସାର କୋଳେ ମୋର ମହାଦୀପ ଉଠେ ଜଳି। (ମହାଦୀପ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | | | | | | | | | 2 | D | | 5 | | 8 |
| | | | | | 5 | 0 | C | | E | | 3 | 2 | | |
| | | | | 6 | | | | 1 | | 8 | 7 | | | 3 |
| | | | C | 9 | 8 | 2 | | | 5 | | 6 | 4 | | |
| 1 | A | | | 4 | | D | | | | | C | | | |
| | | | B | | | | | | | 2 | A | | | |
| | | | | | | 3 | 0 | | 9 | 1 | | | | 6 |
| 2 | | 6 | | | | | | A | | | E | | | |
| A | | 1 | 7 | C | | | | 4 | 6 | | | | | |
| | 7 | | A | 8 | 3 | | 9 | B | | | | | | |
| 6 | 2 | | | | | B | | | | C | | | | 9 |
| D | | 0 | 4 | | | E | 1 | | | | B | | | A |
| | B | | 2 | 1 | E | | 7 | | | 6 | | | | |
| 4 | | | | | | 5 | | D | | 7 | | | | |
| 3 | | C | 9 | A | | | | | | | 5 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | C | B | 1 | D | A | E | 8 | 9 | 2 | 7 | 6 | 5 | 3 | 4 |
| 6 | 4 | 3 | E | B | 7 | 1 | 0 | D | 5 | A | C | 2 | 8 | 9 |
| 8 | D | 7 | 2 | 6 | 9 | A | C | 5 | 3 | 1 | 4 | B | E | 0 |
| 5 | 2 | 1 | 8 | 0 | 4 | 7 | 6 | 3 | E | B | 9 | A | C | D |
| 9 | A | E | 5 | C | 3 | 4 | B | 2 | D | 0 | 8 | 6 | 7 | 1 |
| E | B | 6 | D | 3 | C | 0 | 7 | 1 | 9 | 5 | A | 8 | 4 | 2 |
| D | 8 | 2 | 4 | 7 | E | B | 5 | 6 | 0 | C | 3 | 1 | 9 | A |
| 7 | 9 | 0 | B | A | 5 | D | 4 | E | 8 | 2 | 1 | C | 6 | 3 |
| 4 | 3 | C | 0 | 1 | 2 | 9 | A | 8 | 7 | 6 | B | D | 5 | E |
| A | 1 | 5 | 9 | 8 | 6 | 2 | 3 | C | 4 | E | D | 7 | 0 | B |
| B | 0 | 8 | 6 | 2 | 1 | 3 | D | 7 | C | 9 | E | 4 | A | 5 |
| 3 | 6 | 4 | A | 9 | D | C | 1 | 0 | B | 8 | 5 | E | 2 | 7 |
| 1 | 5 | 9 | C | E | B | 8 | 2 | 4 | A | 3 | 7 | 0 | D | 6 |
| C | 7 | A | 3 | 4 | 0 | 5 | E | B | 6 | D | 2 | 9 | 1 | 8 |
| 2 | E | D | 7 | 5 | 8 | 6 | 9 | A | 1 | 4 | 0 | 3 | B | C |

ଗତକାଲିର ଉତ୍ତର

# ବିକ୍ରି ହେଉଛି ନାଗରିକତ୍ୱ



ସହଦେବ ସାହୁ

ପଞ୍ଜାବ ନ୍ୟାଶ୍‌ନାଲ ବ୍ୟାଙ୍କରୁ ବହୁକୋଟି ଟଙ୍କା ଜାଲିଆତିରେ ଅଭିଯୁକ୍ତ ହୀରା ବ୍ୟବସାୟୀ ନୀରବ ମୋଦି ଏବେ ଏପ୍ରିଲ ୨୬ ଯାଏ ଲଣ୍ଡନର ଏକ ଜେଲରେ ଭର୍ତ୍ତି ହେବାର କୋର୍ଟ ଆଦେଶ ପୂର୍ବରୁ ଆଣ୍ଟିଗୁଆରେ ନାଗରିକତ୍ୱ ହାସଲ କରିବା ଚେଷ୍ଟାରେ ବିଫଳ ହୋଇଥିବା ଖବର ସମସ୍ତେ ପଢ଼ିଥିବେ। ନୀରବ ମୋଦି ବିଲାତର ନାଗରିକତ୍ୱ କିଣିଥିବାରୁ ଭାରତର ଅନୁରୋଧ ସତ୍ତ୍ୱେ ଆଗରୁ ବିଲାତର କୋର୍ଟମାନେ ତାଙ୍କୁ ଛାଡ଼ିଦେଉଥିଲେ, କାରଣ ସେ ବିଲାତୀ ନାଗରିକତ୍ୱ ଗ୍ରହଣ କରିଥିଲେ। ଆଣ୍ଟିଗୁଆ, ଗ୍ରେନାଡା ଭଳି ଛୋଟ ଛୋଟ କାରିବିଆନ୍ ଦେଶ ନିଜର ସମୃଦ୍ଧି ବଢ଼ାଇବା ଲାଗି ପୁଞ୍ଜିନିବେଶ ଜରିଆରେ ନାଗରିକତ୍ୱ -ସିଟିଜେନ୍‌ଶିପ୍ ବାଇ ଇନ୍‌ଭେଷ୍ଟମେଣ୍ଟ (ସିବିଆଇ) ଯୋଜନା ଚାଲୁ କରିଛନ୍ତି। ବିଲାତରେ ଏ ଯୋଜନାର ନାମ ଗୋଲ୍‌ଡେନ୍ ଭିସା। ସାରା ପୃଥିବୀରେ ଏଭଳି ଯୋଜନା ଏକ ସାଧାରଣ କଥା ହୋଇଯାଇଛି। ଏ କାମରେ ବହୁତ ଆନ୍ତର୍ଜାତିକ କମ୍ପାନୀ ଦଲାଲି କାମ କରୁଛନ୍ତି।

ନିଜ ନାଗରିକକୁ କେହି ବିଦେଶର ଆଇନରେ ଦଣ୍ଡିତ ହେବାକୁ ଦିଏ ନାହିଁ, ଭାରତକୁ ପ୍ରତ୍ୟର୍ପଣ ତ ଦୂରର କଥା। ଏତକ ବୁଝିବା ପାଇଁ ଆମକୁ ନାଗରିକତ୍ୱର ଖରିଦବିକ୍ରି ସମ୍ପର୍କରେ ବୁଝିବାକୁ ପଡ଼ିବ। ବିଦେଶ ଯିବାକୁ ହେଲେ ନିଜ ନାଗରିକତ୍ୱର ପରିଚୟପତ୍ର ପାସ୍‌ପୋର୍ଟ ଦରକାର। ତାକୁ ଦେଖାଇ ଗନ୍ତବ୍ୟ ଦେଶରୁ ପ୍ରବେଶ ଅନୁମତି ପତ୍ର ଭିସା ନିଆଯାଏ। ଭିସାର ସର୍ତ୍ତ ଖିଲାପକଲେ ଭିସାଧାରୀକୁ ଜବରଦସ୍ତ ସ୍ୱଦେଶ ଫେରାଇଦିଆଯାଏ, ଭିସା ରଦ୍ଦ କରାଯାଏ। ମାତୃଭୂମିରେ ଅପରାଧ କରିଥିଲେ ପାସ୍‌ପୋର୍ଟ ରଦ୍ଦ କରାଯାଏ। ତେଣୁ ଭିସା ଆପେ ଆପେ ରଦ୍ଦ ହୋଇଥାଏ। କିନ୍ତୁ ବିଦେଶର ନାଗରିକତ୍ୱ ପାଇଗଲେ ଭିସା ପାସ୍‌ପୋର୍ଟ ହୋଇଯାଏ। ବିଦେଶରେ ଚଳିବା ପାଇଁ ବିଦେଶୀ ମୁଦ୍ରା ଦରକାର। ଆମ ଦେଶରେ ୨୦୦୦ ମସିହା ପୂର୍ବରୁ ବିଦେଶୀ ମୁଦ୍ରା କିଣିବା ଉପରେ ସରକାରୀ କଟକଣା ଥିଲା। ଆମ ଲୋକେ କ୍ୱଚିତ୍ ବିଦେଶ ଯାଉଥିଲେ। ଯିଏ ଯାଉଥିଲେ ସିଏ ଡଲାର ଭଳି ବିଦେଶୀ ମୁଦ୍ରା ଚୋରାରେ କିଣୁଥିଲେ। ଆଜିକାଲି ସେ ଅସୁବିଧା ନାହିଁ, ଆମେ ଟଙ୍କାରେ ଡଲାର, ପାଉଣ୍ଡ ଭଳି ବିଦେଶୀ ମୁଦ୍ରା ଓ ନୋଟ୍ କିଣିପାରୁଛୁ। ବିଦେଶରେ ବ୍ୟବସାୟ ପାଇଁ ବେଶି ପୁଞ୍ଜି ଦରକାର ହେଲେ ରିଜର୍ଭ ବ୍ୟାଙ୍କ ସମ୍ମତି ଦେଉଛି। ଜିଡିପି ବଢ଼ାଇବା ଲାଗି ନିଜ ଦେଶରେ ଘରୋଇ ପୁଞ୍ଜି ସୀମିତ। ନାଗରିକମାନଙ୍କ ଉପରେ ଟିକସ ବୋଝ ବଢ଼ାଇବା ମାନେ ଗଣତନ୍ତ୍ରରେ ଗାଦି ହରାଇବା। ତେଣୁ ବିକଳ୍ପ ହେଲା ବିଦେଶୀ ପୁଞ୍ଜି। ପ୍ରାୟ ପ୍ରତି ଦେଶରେ ସେ ଦେଶର ନାଗରିକ ସହ ସହବନ୍ଧନ ନ ହେଲେ ବ୍ୟବସାୟ କରିବା କଷ୍ଟକର। ଏପରି ଅସୁବିଧା ଦୂରକରିବା ଲାଗି ପ୍ରାୟ ସବୁ ଦେଶ ପୁଞ୍ଜିନିବେଶ କରୁଥିବା ବିଦେଶୀକୁ ନାଗରିକତ୍ୱ ଦେଉଛନ୍ତି। ଭାରତୀୟଟିଏ ବାହାର ଦେଶରେ ନାଗରିକ ହେଲେ ସେ ଦେଶର ଆଇନକାନୁନର ଅଧୀନ ହେବ, ଭାରତର ଆଇନ ତା' ପ୍ରତି ଲାଗୁହେବ ନାହିଁ। ଭାରତର ଅର୍ଜି ସତ୍ତ୍ୱେ ବିଲାତର କୋର୍ଟମାନେ ଆଗରୁ ନୀରବ ମୋଦିକୁ ଛାଡ଼ିଦେଉଥିବାର କାରଣ ସେ ବିଲାତର ନାଗରିକତ୍ୱ ହାସଲ କରିଥିଲେ, ସିବିଆଇ ଯୋଜନା ଭଳି ବିଲାତର ଗୋଲ୍‌ଡେନ ଭିସା ଯୋଜନା ଜରିଆରେ। ଅର୍ଥାତ୍ ନୀରବ ମୋଦିଙ୍କ ଭଳି ଚଞ୍ଚକମାନେ ନିଜ ଦେଶରୁ ହଡପ କରିଥିବା ଟଙ୍କାରେ ବିଦେଶର ନାଗରିକତ୍ୱ କିଣିପାରୁଛନ୍ତି। ନାଗରିକତ୍ୱର କ୍ରୟମୂଲ୍ୟ ରୂପେ ପୁଞ୍ଜିନିବେଶ ପରିମାଣ ଭିନ୍ନ ଭିନ୍ନ ଦେଶରେ ଭିନ୍ନ।

ବିଲାତରେ ୨୦୦୮ରେ ଆରମ୍ଭ ହୋଇଥିବା 'ଗୋଲ୍‌ଡେନ୍ ଭିସା' ଯୋଜନାରେ ଅଣବିଲାତୀମାନେ ଅତି କମ୍‌ରେ ୨୦ ଲକ୍ଷ ପାଉଣ୍ଡ, ପ୍ରାୟ ୧୮ କୋଟି ଟଙ୍କା, ୟୁକେ ଗଭର୍ନମେଣ୍ଟ ବଣ୍ଡ୍ କିଣିବା କିମ୍ବା ବିଲାତରେ କୌଣସି କମ୍ପାନୀ ବା ବ୍ୟବସାୟରେ ସେତିକି ବା ବେଶି ଖଟାଇବା ଦରକାର। ହୀରା-କୁବେର ନୀରବ ମୋଦି ବିଲାତରେ ହୀରା ବ୍ୟବସାୟ କରିବାରେ ୨୦ଲକ୍ଷରୁ ଅଧିକ ପାଉଣ୍ଡ ନିବେଶକରି 'ଗୋଲ୍‌ଡେନ ଭିସା' ହାସଲ କରିଥିବାରୁ ବିଲାତର ଆଇନ ଅନୁଯାୟୀ ସେ ବିଲାତ ନାଗରିକ ଭଳି ବସବାସ କରିବାର, କାମ କରିବାର, ପଢ଼ାପଢ଼ି କରିବାର, ଘରଦ୍ୱାର ଓ ଜମିବାଡି ହାସଲ କରିବାର ଅଧିକାର ପାଇଥିଲେ। ୨୦୦୮ରେ ନିୟମ ଥିଲା ନିବେଶକାରୀଙ୍କୁ ପ୍ରତିବର୍ଷ ୪୯ କୋଟି ୮୦ ଲକ୍ଷ ୟୁରୋ (୩,୮୯୭କୋଟି ଟଙ୍କା) ନିବେଶ କରିବାକୁ ପଡ଼ିବ। ଆଗେ ଦରଖାସ୍ତକାରୀମାନଙ୍କୁ ବିଲାତରେ ବ୍ୟାଙ୍କ ଆକାଉଣ୍ଟ ଖୋଲିବା ପୂର୍ବରୁ ଭିସା ଦିଆଯାଉଥିଲା। ତେଣୁ ବ୍ୟାଙ୍କଗୁଡ଼ିକ ଭାବୁଥିଲେ ଯେ ଭିସା ଦେବା ପୂର୍ବରୁ ବିଲାତର ହୋମ୍ ଅଫିସ୍ ସବୁ ଯାଞ୍ଚ କରିଥିବ, ନିବେଶିତ ଧନ ସଚ୍ଚୋଟ ହୋଇଥିବ। ଏବେ ବିଲାତ ସରକାରଙ୍କ ହୋମ୍ ଅଫିସ୍ ଭୁଲ୍ ବୁଝିଲାଣି ଏବଂ ୟୁରୋପିଆନ୍ ୟୁନିୟନ ଏହାର ବିରୋଧ କଲାଣି। ୩୦୦୦ରୁ ଅଧିକ କଳାକାରବାରୀ ଧନୀ ବିଲାତରେ ପଶି ସାରିଥିଲେ, ଭ୍ରଷ୍ଟାଚାରରେ ଲିପ୍ତ ବ୍ୟକ୍ତିମାନଙ୍କ ପାଇଁ ଗୋଲ୍‌ଡେନ୍ ଭିସା ଏକ ଅତ୍ୟାବଶ୍ୟକ, ଅତିଗ୍ରହଣୀୟ ସ୍କିମ୍ ଥିଲା। ୨୦୧୮ ଡିସେମ୍ବର ୬ରେ ହୋମ୍ ଅଫିସ୍ ସାମୟିକଭାବେ ଗୋଲ୍‌ଡେନ ଭିସା ବନ୍ଦ କରିଦେଲା। କିନ୍ତୁ ଗୋଲ୍‌ଡେନ ଭିସା ବିକୁଥିବା କମ୍ପାନୀଗୁଡ଼ିକ (ବିଲାତରେ ଭିସା ଦେବା ବେସରକାରୀ ହୋଇଛି)ର ପ୍ରବଳ ଚାପ ଯୋଗୁ ସରକାର ଡିସେମ୍ବର ୧୧ରେ ଗୋଲ୍‌ଡେନ ଭିସାର ପୁନଃପ୍ରଚଳନ କଲେ। ଏବେ ଭାରତ ସରକାରଙ୍କ ପ୍ରବଳ ଚାପ ଫଳରେ ନୀରବ ମୋଦିଙ୍କ ଗୋଲ୍‌ଡେନ୍ ଭିସା ରଦ୍ଦ କରାଯାଇଥିବାରୁ ତାଙ୍କୁ ଜେଲ ପଠାଇବା ସମ୍ଭବ ହୋଇଛି। ସମ୍ଭବତଃ କୋର୍ଟ ତାଙ୍କୁ ଭାରତକୁ ପ୍ରତ୍ୟର୍ପଣ କରିବ।

ମନେରଖିବା କଥା ଆଗରୁ ଗୋଲ୍‌ଡେନ ଭିସା ଦେବା ସମୟରେ ନିବେଶକାରୀ କେଉଁ ଉପାୟରେ ପୁଞ୍ଜି ଆଣୁଛି, ସେ ପୁଞ୍ଜି ଚୋରିଡକାୟତିର ଫଳ ବା ବେଆଇନ କି ନୁହେଁ ତାହା ତନଖି କରାଯାଉ ନ ଥିଲା। ଆମ ଦେଶରେ ୧୯୯୦ ଦଶକ ଆରମ୍ଭରେ ବିଦେଶୀ ପୁଞ୍ଜି ନିବେଶକାରୀଙ୍କ 'ଟଙ୍କାର ରଙ୍ଗ' କ'ଣ ତନଖି କରାଯାଉଥିଲା, ଏବେ କରାଯାଉନାହିଁ। ଆମ ଦେଶରେ ତ ସାଧୁସନ୍ଥ ଓ ଗଡ୍‌ମେନ୍ ଭକ୍ତମାନେ ଦେଉଥିବା ଦାନ କଳାଟଙ୍କା କି ନା- ତାହା ଦେଖାଯାଏ ନାହିଁ। ସେମାନେ ଭକ୍ତଙ୍କ ଟଙ୍କାରେ ଡାକ୍ତରଖାନା, ଜଳସେଚନ, ଜଳଯୋଗାଣ ଆଦି ନିର୍ମାଣ କାର୍ଯ୍ୟ କଲେ ଆମେ ନିର୍ମାଣରେ ଲାଗିଥିବା ପଇସାର ରଙ୍ଗ ଦେଖୁନାହୁଁ। କଳାପୁଞ୍ଜି ନିବେଶକଲେ ବି ଆମେ ନିବେଶକାରୀକୁ ସାଧୁସନ୍ଥ ଭଳି ପାଛୋଟି ଆଣୁଛୁ। ପାନାମା ପେପର୍ସ ଭଳି ତନ୍ନ ତନ୍ନ ଯାଞ୍ଚକାରୀ (ଇନ୍‌ଭେଷ୍ଟିଗେଟିଭ୍) ସାମ୍ବାଦିକତା ଯୋଗୁ ଦୁନିଆ ଜାଣିଲା ଯେ ସୁଧ ବା ଜମା ଉପରେ ଟିକସ ପଡୁ ନ ଥିବା ଦେଶ (ଟାକ୍ସ ହାଭେନ୍)ରେ ମାନ୍ୟଗଣ୍ୟ ଲୋକେ ବି ସେମାନଙ୍କ ପୁଞ୍ଜି ଲୁଚାଇ ରଖୁଛନ୍ତି, ଯାହା ମାତୃଭୂମିର କାମରେ ଆସୁନାହିଁ। ମାତୃଭୂମି କ୍ଷତି ସହୁଛି , ଅଥଚ ଟାକ୍ସ ହାଭେନ୍‌ଗୁଡ଼ିକ ମାଲାମାଲ ହେଉଛନ୍ତି।

ଗୋଲଡେନ୍ ଭିସା ବା ଦ୍ୱୈତ ନାଗରିକ ପାସ୍‌ପୋର୍ଟ ମନି ଲଣ୍ଡରିଂ (ଚୋରା ଟଙ୍କାପଇସା କାରବାର), ଆନ୍ତର୍ଜାତିକ ସ୍ତରରେ ସଂଗଠିତ ଅପରାଧ ଏବଂ ସନ୍ତ୍ରାସବାଦୀଙ୍କୁ ପାଣ୍ଠି ଯୋଗାଣ ଭଳି ଅପରାଧର ଆଧାର ହୋଇଛି ବୋଲି ବହୁ ଦେଶ ହୃଦୟଙ୍ଗମ କଲେଣି। ଏଭଳି ସ୍କିମ୍ ରଖିଥିବା ୨୦ଟି ୟୁରୋପିଆନ ଦେଶ ଭିତରେ ଅଛନ୍ତି ସାଇପ୍ରସ୍, ମାଲ୍‌ଟା ଓ ବୁଲଗେରିଆ ଯେଉଁମାନେ ଅଣୟୁରୋପୀୟ ଲୋକଙ୍କୁ ପାସ୍‌ପୋର୍ଟ ଦେଉଛନ୍ତି ଯଦି ସେମାନେ ୧୦ଲକ୍ଷ ୟୁରୋରୁ ୨୦ ଲକ୍ଷ ୟୁରୋ ଭିତରେ ପୁଞ୍ଜି ନିବେଶ କରନ୍ତି। ମାତ୍ର ୧୩ ହଜାର ପାଉଣ୍ଡ ନିବେଶ କଲେ କ୍ରୋଏସିଆ ସରକାର ଆବାସ (ରେସିଡେନ୍ସି) ସାର୍ଟିଫିକେଟ ଦେଉଛି। ଲକ୍‌ଜେମ୍ବର୍ଗ ଓ ସ୍ଲୋଭାକିଆ ୫୦ଲକ୍ଷ ୟୁରୋ ନିବେଶକାରୀକୁ ଆବାସ ସାର୍ଟିଫିକେଟ ବା ନାଗରିକତ୍ୱ ଦେଉଛି। ମାଲ୍‌ଟା ସରକାର ୨୦୧୪ରୁ ପାସ୍‌ପୋର୍ଟ ବିକିବା ଆରମ୍ଭ କରିଛି। ଜଣେ ବ୍ୟକ୍ତି ୮,୮୦,୦୦୦ ୟୁରୋ ନିବେଶ କଲେ ଏବଂ ତାହାର ଏକ ତୃତୀୟାଂଶ ମାଲ୍‌ଟାର ନ୍ୟାଶ୍‌ନାଲ ଡେଭଲପ୍‌ମେଣ୍ଟ ଆଣ୍ଡ୍ ସୋସିଆଲ ଫଣ୍ଡ୍‌ରେ ଏବଂ ବାକିତା ସରକାରୀ ବଣ୍ଡ୍‌ରେ ଜମା ରଖିଲେ ନିଜର ଘର ତିଆରି ବା ଅତିକମ୍‌ରେ ୫ ବର୍ଷ ପାଇଁ ଘରଭଡ଼ାରେ ସେ ମାଲ୍‌ଟାର ନାଗରିକତ୍ୱ ପାଇବ। ପରିବାରର ଦ୍ୱିତୀୟ ବ୍ୟକ୍ତି ମାଲ୍‌ଟାରେ ରହିବାକୁ ଚାହିଁଲେ ସେହି ପରିମାଣର ପୁଞ୍ଜିନିବେଶ ଦରକାର। ମାଲ୍‌ଟାରେ ଭଡାରେ ଘର ନେଇ ଅଧିକାଂଶ ବିଦେଶୀ ୟୁରୋପିଆନ ୟୁନିୟନର ଦେଶଗୁଡ଼ିକରେ ଅବାଧରେ ପଶିପାରନ୍ତି।

ଆଗେ ଏକଚ୍ଛତ୍ରବାଦୀମାନେ ଦେଶ ଛାଡ଼ି ପଳାୟନ କରୁଥିଲେ, ଦେଶରୁ ଲୁଟ୍ କରିଥିବା ଧନ ବିଦେଶ ନେଇଯାଉଥିଲେ। ଏବେ ନେତା ଓ ସରକାରୀ ଅଧିକାରୀମାନଙ୍କ ସଲାସୁତୁରାରେ ଅଥବା ଲୋକଙ୍କୁ ଭଣ୍ଡାଇ ଶେୟାର ଅଥବା ଚିଟ୍‌ଫଣ୍ଡ ଜରିଆରେ କୁବେର ହୋଇଥିବା ଲୋକେ 'ସିବିଆଇ' ସ୍କିମ୍‌ରେ ବିଦେଶରେ ନାଗରିକ ହୋଇ ଆଇନର ହାତରୁ ଦୂରରେ ରହିବା ସମ୍ଭବ ହେଲାଣି, ଯାହାର ଦୃଢ଼ ପ୍ରତିକାର ଜରୁରୀ।

ଇମେଲ୍: sahadevas@yahoo.com

# ଅଫେରା ପୁଅ

ପ୍ରତିମା ଜେନା (ବିଶ୍ୱାଳ)

ରାସ୍ତା ମଝିରେ ଯେଉଁ ରକ୍ତାକ୍ତ ଶବଟି ପଡିରହିଛି, ତା'ର ଚାରିଘଣ୍ଟା ପୂର୍ବରୁ ଆକ୍ସିଡେଣ୍ଟ ହୋଇଛି। ଆନୁମାନିକ ବୟସ ବାଇଶରୁ ଚବିଶ ଭିତରେ। ମିଡିଆବାଲା ଫଟୋ ଉଠେଇବାରେ ବ୍ୟସ୍ତ। ଅନ୍ୟମାନେ ତା' ପକେଟ୍ ଭିତରେ ଥିବା ମୋବାଇଲ ବାହାର କରି ପରିବାର ଲୋକଙ୍କୁ ଫୋନ କରୁଛନ୍ତି। ପରିବାର ଲୋକ ଆସିବା ବହୁତ ଡେରି ହୋଇପାରେ। ଯାହା ଲାଗୁଛି କେଉଁ ଏକ ନିପଟ ମଫସଲ ଗାଁ, ସେଠୁ ଏ ସହରକୁ ଆସିବାକୁ ଅତି କମ୍‌ରେ ତିନିଘଣ୍ଟା ଲାଗିପାରେ। କେତେଜଣ କୁହାକୁହି ହେଉଛନ୍ତି- ଯେଉଁ ଯୁବକଟି ଏଠି ମରି ପଡିଛି, ସେ ଆଗେ ଆସୁଥିବା ଟ୍ରକ୍ ସହ ତା' ବାଇକ୍‌କୁ ପିଟିଦେଲା। ଟ୍ରକ୍ ଡ୍ରାଇଭରର କିଛି ଦୋଷ ନାହିଁ। ଯୁବକଟି ବେଶି ମାତ୍ରାରେ ଡ୍ରିଙ୍କ୍ କରିଥିଲା, ହୋସ୍‌ରେ ନ ଥାଇ ଗାଡ଼ି ଚଳାଉଥିଲା। ଇଏ କେବଳ ଗୋଟିଏ ଦୁର୍ଘଟଣା ନୁହେଁ, ଏଭଳି ଦୁର୍ଘଟଣା ଘଟୁଛି ପ୍ରତିଦିନ। ଏଥିପାଇଁ ଦାୟୀ ନିଜର ବେପରୁଆ ଗାଡ଼ି ଚାଳନା ଓ ଅତ୍ୟଧିକ ମଦ୍ୟପାନ କରି ଗାଡ଼ି ଚଳାଇବା।

ଆମ ରାଜ୍ୟ ତଥା ଦେଶରେ ଷାଠିଏ ଭାଗ ଲୋକ ନିଶାସକ୍ତ। ଗାଁରୁ ସହର ଯାଏ ରାଜ୍ୟରୁ ଦେଶଯାଏ ସବୁଠି ମଦର ଖୋଲା ବେପାର। ମଦ ନ ପିଇଲେ ଆଜିକାଲି ଲୋକମାନେ କାମ କରିବାକୁ ରାଜି ହେଉନାହାନ୍ତି। ମଦ ନ ହେଲେ ସାଙ୍ଗସାଥୀମାନେ ବରଯାତ୍ରୀ ହୋଇ ଯିବାକୁ ମନା କରିଦେଉଛନ୍ତି। ବାହାଘରରେ ନାଚଗୀତ କିଛି ଜମିବନି ମଦ ବିନା। ଏମିତିକି ଦେଖାଯାଉଛି ଆଜିକାଲି ଗାଁ ଗହଳିରେ ମଦ ନ ପିଇଲେ ମଡ଼ାସାଙ୍ଗିଆ ଭାଇମାନେ ଶବ କାନ୍ଧେଇ ମଶାଣିକୁ ଯିବାକୁ ମନା କରୁଛନ୍ତି। ଏହା କ'ଣ ଆମେ ଉଚ୍ଚଶିକ୍ଷିତ ହେବାର ପ୍ରମାଣ ? ଆଜିକାଲି ଏଇ ମଦ ପାଇଁ ପ୍ରତି ପରିବାରରେ ଯେତେସବୁ ଅଶାନ୍ତି ଲାଗିରହିଛି। ନିଶା ପାଇଁ ସମ୍ପର୍କ ତିକ୍ତ। ବାପାମା'ମାନେ ଚିନ୍ତାଗ୍ରସ୍ତ। ସେମାନେ ଆଶା ରଖିଥାନ୍ତି ସେମାନଙ୍କ ପୁଅ ଭଲ ପାଠପଢ଼ି ଉଚ୍ଚଶିକ୍ଷିତ ହୋଇ ଭଲ ମଣିଷ ହେବ। ଦେଶଜାତିର ନାଁ ରଖିବ। ବାପାଙ୍କର ସ୍ୱପ୍ନ ସ୍ୱପ୍ନ ହୋଇ ରହିଯାଉଛି। ପୁଅଟି କଲେଜ ଗଲା ପରେ ଦିୱାନା ହୋଇ କୌଶଳ ଖଞ୍ଜେ ରାଧାମାନଙ୍କୁ ପାଇବାପାଇଁ। ପାଠପଢ଼ି ଚାକିରି କରି ପରିବାର ପୋଷିବ କ'ଣ, ବିଫଳ ପ୍ରେମର ପରିଣତିସ୍ୱରୂପ ବା କୁସଙ୍ଗରେ ପଡ଼ି ମଦ ପିଇ ବାପ-ଅର୍ଜିତ ଧନ ସାରେ। ବାପାଙ୍କ ରକ୍ତଚାପ ବଢ଼େ।

ଏ ଦେଶରେ ଜଣେ ଯୁବକ ଥିଲେ ବିବେକାନନ୍ଦ। ତାଙ୍କ ବିଷୟରେ ପଢ଼ି ତାଙ୍କ ଚରିତ୍ର, ତାଙ୍କ ଆଦର୍ଶରେ ନିଜକୁ ଗଢ଼ିପାରିଲେ କେତେ ସୁନ୍ଦର ହୁଅନ୍ତା ଆମ ଜୀବନର ବଞ୍ଚିବା ଶୈଳୀ। କେତେ ଶାନ୍ତି ଭରିଯାନ୍ତା ଆମ ପରିବାରରେ, ଗାଁଠାରୁ ସହର ଯାଏ କେତେ ସୁନାମ ରଟନ୍ତା! ନିଶାପାଇଁ ଯେତେସବୁ ଦୁର୍ଘଟଣା, ଅକାଳ ବିୟୋଗ, ନିଜ ନିଜ ଭିତରେ କେତେ ରକ୍ତପାତ। ଏ ସବୁ ବନ୍ଦ ହୋଇଯାନ୍ତା ଆମର ଟିକିଏ ମାନସିକ ପରିବର୍ତ୍ତନରେ। ଯେଉଁମାନେ ନିଶାରେ ସର୍ବଦା ବୁଡି ରହୁଛନ୍ତି, ସେମାନେ ଅସମୟରେ ନିଜ ଦେହକୁ ନାନାପ୍ରକାର ରୋଗ ଡାକି ଆଣୁଛନ୍ତି, ଯାହା ପରିଶେଷରେ ମୃତ୍ୟୁର କାରଣ ହେଉଛି।

ରାସ୍ତା ମଝିରେ ଏ ଯେଉଁ ଯୁବକର ଶବ ପଡିରହିଛି ତାଙ୍କ ପରିବାର ଲୋକେ ଆସି ସେ ଶବ ପାଖରେ କି ବିକଳରେ କାନ୍ଦୁଛନ୍ତି! ଯୁବକଟିର ମା' ମଥାପିଟି ଆକୁଳ ହୋଇ କାନ୍ଦୁଛନ୍ତି। ଧନରେ, ତୁ ମୋର ଏକମାତ୍ର ପୁଅ ଥିଲୁ। କେମିତି ତତେ ଭୁଲି ଆମେ ବଞ୍ଚି ରହିବୁ। ଇଏ କେବଳ ଗୋଟିଏ ମା'ର କ୍ରନ୍ଦନ ନୁହେଁ। ପ୍ରତିଦିନ ଅନେକ ମା' ସେମାନଙ୍କ ସନ୍ତାନକୁ ହରେଇ ବସନ୍ତି।

ଯେତେ ସବୁ ଅଘଟଣ ସମାଜରେ ଘଟୁଛି ନିଶାପାଇଁ। ନିଶାରେ ମାତାଲ ହୋଇ ଯୁବକମାନେ ଯେତେ ସବୁ ଦୁଷ୍କର୍ମରେ ଲିପ୍ତ ହେଉଛନ୍ତି। ଶେଷରେ ମୋର ସମସ୍ତ ଯୁବବନ୍ଧୁଙ୍କୁ ଅନୁରୋଧ, ସାନ ହୁଅନ୍ତୁ କି ବଡ଼, ନିଶାଠାରୁ ଦୂରରେ ରହି ନିଜର ମୂଲ୍ୟବାନ୍ ଜୀବନ ରକ୍ଷାକରିବା ସହିତ ନିଜର ଲକ୍ଷ୍ୟ ପଥରେ ଆଗେଇ ଚାଲନ୍ତୁ। ଏପରି ହେଲେ ପରିବାରରେ ଶାନ୍ତି ଆସିବା ସହିତ ଦେଶ ଓ ଜାତିର ମଙ୍ଗଳ ହେବ।

-ପୋଇଓ, ଆରୋଢ଼େଇ, ତିରଣ, ଜଗତ୍‌ସିଂହପୁର, ମୋ- ୯୭୭୬୨୯୦୦୮୪

## ଏଇ ଭାରତରେ

ସାଧାରଣ ନିର୍ବାଚନ ପାଇଁ ଏପ୍ରିଲ ୧୧ରୁ ଭୋଟଗ୍ରହଣ ଆରମ୍ଭ ହୋଇ ମେ ୧୯ରେ ସରିବାର କାର୍ଯ୍ୟକ୍ରମ ରହିଛି। ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ପାଇଁ ଭୋଟ ମହାପର୍ବରେ ସାମିଲ ହେବା ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ବିଭିନ୍ନ ଅଭିଯାନ ଜାରି ରହିଛି। ସାଧାରଣତଃ ଭୋଟଗ୍ରହଣ ଦିନ ସମ୍ପୃକ୍ତ ଅଞ୍ଚଳକୁ ଛୁଟି ଘୋଷଣା କରାଯାଇଥାଏ। ଏହାର ଫାଇଦା ନେଇ କିଛି ଲୋକ ଭୋଟ ଦେବାକୁ ନ ଯାଇ ଘରେ ବିଶ୍ରାମ ନେଇଥାଆନ୍ତି ବା ଅନ୍ୟ କାମରେ ବ୍ୟସ୍ତ ରହୁଥିବା ଦେଖାଯାଇଥାଏ। ତେଣୁ ନାଗରିକଙ୍କୁ ସଚେତନ କରିବା ଲାଗି ଉତ୍ତରପ୍ରଦେଶ ବାରାଣସୀର ତାରାପୁର ଓ ମୁଦାଦେବ ଗାଁର ମହିଳାମାନେ ଢୋଲ, କରତାଳର ତାଳେ ତାଳେ ଲୋକଗୀତ ଗାଇ ବୁଲୁଥିବା ଦେଖିବାକୁ ମିଳିଛି। 'ଗ୍ରୀନ୍ ଗ୍ରୁପ୍' ନାମରେ ପରିଚିତ ଏହି ଦଳର ପ୍ରତ୍ୟେକ ମହିଳା ସବୁଜ ଶାଢ଼ି ପିନ୍ଧି ଭୋଟ ଦେଲା ଲାଗି ଲୋକଙ୍କୁ ପ୍ରବର୍ତ୍ତାଉଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ବାଚନମଣ୍ଡଳୀ ବାରାଣସୀ, ଯେଉଁଠାରେ ବିଧିବଦ୍ଧ ଭାବେ ପ୍ରଚାର କାର୍ଯ୍ୟ ଆରମ୍ଭ ହୋଇନାହିଁ, ସେଠାରେ ଏହି ମହିଳାଙ୍କ ଉଦ୍ୟମକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୯ ଏପ୍ରିଲ ୧୯୯୪

- ଆଣବିକ ଶକ୍ତି ପ୍ରକଳ୍ପରେ ବ୍ୟବହାର ପାଇଁ ଭାରତ ଦକ୍ଷିଣ କୋରିଆକୁ ୧୦୦ ଟନ୍ ଭାରିଜଳ ଯୋଗାଇଦେବା ସଂକ୍ରାନ୍ତ ଏକ ରାଜିନାମା ସିଓଲଠାରେ ସ୍ୱାକ୍ଷରିତ।
- ଜାପାନ ପ୍ରଧାନମନ୍ତ୍ରୀ ମୋରିହିରୋ ହେସୋକାୱା ତାଙ୍କ ବିରୋଧରେ ବିରୋଧୀ ଦଳ ପକ୍ଷରୁ ଆଗତ ଆର୍ଥିକ ଦୁର୍ନୀତିଜନିତ ଅଭିଯୋଗକୁ ମିଥ୍ୟା ପ୍ରମାଣିତ କରିବାରେ ବିଫଳ ହୋଇ ପଦବୀରୁ ଇସ୍ତଫା ଦେଇଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ଭ୍ରୂଣହତ୍ୟା ରୋକାଯାଉ

ମହାଶୟ,

ଯୁଗ ବହୁତ ଆଗେଇଲାଣି। ଲୋକେ ଶିକ୍ଷିତ ହେଲେଣି। ଏହା ସତ୍ତ୍ୱେ ଦମ୍ପତିମାନେ ଭ୍ରୂଣହତ୍ୟା ବିଶେଷତଃ କନ୍ୟା ଭ୍ରୂଣହତ୍ୟା ଭଳି କଦର୍ଯ୍ୟ କାର୍ଯ୍ୟ କରିବା ଲଜ୍ଜାଜନକ ଘଟଣା। ଭ୍ରୂଣହତ୍ୟା ମହାପାପ। ତେଣୁ ଯେଉଁ ଦମ୍ପତି ବେଆଇନଭାବେ କନ୍ୟା ଭ୍ରୂଣହତ୍ୟା କରୁଛନ୍ତି ସେମାନଙ୍କ ସହ ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଦରକାର। ନଚେତ୍ ସମାଜରେ ପୁରୁଷ ଓ ନାରୀ ସଂଖ୍ୟାରେ ଅତିମାତ୍ରାରେ ବୈଷମ୍ୟ ଦେଖାଦେବ।

ଡା. ଅଜିତ କୁମାର ବେଉରା, ଶୈଳଶ୍ରୀବିହାର, ଭୁବନେଶ୍ୱର

### ଚିତ୍ର-ଚରିତ୍ରର ଦୁଇଟି ଦୁର୍ଲଭ ଦୃଷ୍ଟାନ୍ତ

ଧରିତ୍ରୀ(୧୭।୩)ର ସମ୍ପାଦକୀୟ ପୃଷ୍ଠାରେ ଚିତ୍ର-ଚରିତ୍ରର ସ୍ତମ୍ଭକାର ନିରଞ୍ଜନ ପାଢ଼ୀ ବାଢ଼ିଥିବା ଦୁଇଟି ଦୁର୍ଲଭ ଦୃଷ୍ଟାନ୍ତ ହୃଦୟସ୍ପର୍ଶୀ ହୋଇଛି। ଶିଶୁଭବନ ଛକରୁ ଅସହାୟ ବାପପୁଅଙ୍କୁ ଅଟୋରେ ଆଣି ଶରତ ନିଜର ଦୁର୍ବଳ ସମ୍ବଳ ମଧ୍ୟରେ ଆଶ୍ରୟ ଦେଇ ଗଣମାଧ୍ୟମରେ ଖବର ପ୍ରକାଶ କରାଇ ଚିକିତ୍ସାର ମାର୍ଗ ଉନ୍ମୋଚନ କରିଦେଲେ। ପୁନଶ୍ଚ ସର୍ବଦା ଲାଞ୍ଛଠାରୁ ଦୂରରେ ରହୁଥିବା ରାଜନ ଜଣେ ମେଧାବୀ ଗରିବ ଡାକ୍ତରୀ ଛାତ୍ର ପାଇଁ ମଦ ବେପାରୀଙ୍କ ଦ୍ୱାରା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଶିକ୍ଷା ଅନୁଦାନ ବ୍ୟବସ୍ଥା କରିବା ଘଟଣା ଅତ୍ୟନ୍ତ ବିରଳ। ଲେଖକଙ୍କୁ ଅଶେଷ ଧନ୍ୟବାଦ।

ରମାକାନ୍ତ ପୁରୋହିତ, ନିରାକାରପୁର, ଖୋର୍ଦ୍ଧା

### ବଡ଼ଦେଉଳରେ ମେଟାଲ ଡିଟେକ୍ଟର

ନିକଟରେ ପ୍ରକାଶ ପାଇଛି ଯେ 'କେବଳ ସିଂହଦ୍ୱାର'ରେ ମେଟାଲ ଡିଟେକ୍ଟର କାମ କରୁଛି ଏବଂ ଅନ୍ୟ ତିନୋଟି ଦ୍ୱାରରେ ନାହିଁ। ୨୦୦୨ ସେପ୍ଟେମ୍ବର ୨୪ରେ ଗୁଜରାଟର ଗାନ୍ଧୀନଗରସ୍ଥିତ ପ୍ରସିଦ୍ଧ ଅକ୍ଷରଧାମ ମନ୍ଦିରରେ ଆତଙ୍କବାଦୀମାନେ ଆକ୍ରମଣ କରିଥିଲେ। ଏଥିରେ ୩୨ ଜଣଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟୂନ ୮୦ ଜଣ ଆହତ ହୋଇଥିଲେ। ତେଣୁ ଏହି ଘଟଣା ପ୍ରମାଣିତ କରେ ଯେ, ଆତଙ୍କବାଦୀମାନେ କେତେ ହିଂସ୍ର ଓ ନାରକୀୟ କାଣ୍ଡ କରି ହିନ୍ଦୁ ଭକ୍ତଙ୍କର ପ୍ରାଣ ନେଇପାରନ୍ତି। ତେଣୁ ଶ୍ରୀମନ୍ଦିରର ସମସ୍ତ ଦ୍ୱାରରେ ମେଟାଲ ଡିଟେକ୍ଟର ଲଗାଯାଉ ଏବଂ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଉ।

କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର

### ବିଏମ୍‌ସିର ମନମୁଖି ଶାସନ

ଗୃହ ନିର୍ମାଣ ଅଥବା ମରାମତି ବେଳେ ନିର୍ମାଣ ସାମଗ୍ରୀ କିମ୍ବା ଅଦରକାରୀ ଭଗ୍ନାବଶେଷ ପାଚେରି ବାହାରେ ରାସ୍ତାକୁ ଅବରୋଧ ନ କରି ରହିଥିଲେ ମଧ୍ୟ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କର୍ମଚାରୀଙ୍କ ତାଗିଦ୍ ପରେ ପରେ ଘର ମାଲିକମାନେ ସେସବୁକୁ ନିଜ ଉଦ୍ୟମ ଓ ଖର୍ଚ୍ଚରେ ଯଥାଶୀଘ୍ର ଅପସାରଣ କରିଥାଆନ୍ତି। ଏହା ସତ୍ତ୍ୱେ ପିଛିଲା ତାରିଖ ପକାଇ ମାସେ ଦୁଇମାସ ପରେ ଅପସାରଣ ଖର୍ଚ୍ଚକୁ ମିଶାଇ ପାଞ୍ଚହଜାର ଟଙ୍କାର ଡିମାଣ୍ଡ ନୋଟିସ ବିଏମ୍‌ସି ଦ୍ୱାରା ଘର ମାଲିକମାନଙ୍କୁ ପଠାଇ ଦିଆଯାଉଛି। ଜରିମାନା ସହିତ ଅପସାରଣ ଖର୍ଚ୍ଚ ବେନିୟମ ଭାବରେ ମିଶାଯାଉଛି। ଆଶଙ୍କା ଯେ, ଏହି ଅପସାରଣ ଖର୍ଚ୍ଚ ପରିମାଣ ମିଥ୍ୟା ବିଲ୍ ମାଧ୍ୟମରେ ବାଟମାରଣା ହୋଇଯାଉଛି। ଏହାର ତଦନ୍ତ ହେବା ଆବଶ୍ୟକ।

ରଞ୍ଜନ ନାୟକ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



କେରଳର ୱାୟାନାଡ ନିର୍ବାଚନମଣ୍ଡଳୀରେ ଭୋଟ ବର୍ଜନ ଲାଗି ମାଓବାଦୀ ଆହ୍ୱାନ ଦେଇଛନ୍ତି। ଏହି ନିର୍ବାଚନମଣ୍ଡଳୀରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ପ୍ରାର୍ଥୀ ହୋଇଛନ୍ତି। ମୁଣ୍ଡାକ୍କାଇ ସହରର ବିଭିନ୍ନ ସ୍ଥାନରେ ମାଓବାଦୀ ପୋଷ୍ଟର ଓ ବ୍ୟାନର ଲଗାଇ ଭୋଟ ନ ଦେବା ପାଇଁ କୃଷକମାନଙ୍କୁ ପରାମର୍ଶ ଦେଇଥିବା ଜଣାପଡ଼ିଛି। ଫଳରେ ଉକ୍ତ ନିର୍ବାଚନମଣ୍ଡଳୀରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଛି।



## ସଂକ୍ଷେପରେ

### ରାହୁଲଙ୍କ ଓଡ଼ିଶା ଗସ୍ତ ବାତିଲ

ଭୁବନେଶ୍ୱର,୮।୪(ବ୍ୟୁରୋ): କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ମଙ୍ଗଳବାର ଦିନିକିଆ ଓଡ଼ିଶା ଗସ୍ତରେ ଆସିଥାଆନ୍ତେ। ମାତ୍ର ଦିନକ ପୂର୍ବରୁ ହିଁ ରାହୁଲଙ୍କ ଗସ୍ତ ବାତିଲ ହୋଇଯାଇଛି। କାଳବୈଶାଖୀ ବର୍ଷା ହେବାର ସମ୍ଭାବନା ଥିବାରୁ ରାହୁଲଙ୍କ ଗସ୍ତ ବାତିଲ ହୋଇଥିବା ଦଳ ପକ୍ଷରୁ ସୂଚନା ମିଳିଛି। ରାହୁଲ ଫୁଲବାଣୀ ଗସ୍ତରେ ଆସି ନିର୍ବାଚନୀ ପ୍ରଚାର କାର୍ଯ୍ୟକ୍ରମରେ ଯୋଗଦେଇ ଥାଆନ୍ତେ। ଏଥିପାଇଁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ ବ୍ୟାପକ ପ୍ରସ୍ତୁତି ମଧ ଶେଷ ହୋଇଥିଲା। ରାହୁଲଙ୍କ ଆସନ୍ତା କାର୍ଯ୍ୟକ୍ରମ ନେଇ ଦଳ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ।

### କାର୍‌ରୁ ୨୦ ଲକ୍ଷ ଟଙ୍କା ଜବତ

ଭଦ୍ରକ ଅଫିସ/ପଦ୍ମପୁର, ୮।୪ (ଡି.ଏନ୍.ଏ.): ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ପଦ୍ମପୁର ପଞ୍ଚାୟତର କପାଗଡ଼ିଆ ଛକଠାରେ ସୋମବାର ଧାମରାରୁ ଭଦ୍ରକ ଯାଉଥିବା ଏକ ଇଣ୍ଡିଗୋ କାର୍‌ରୁ ୨୦ ଲକ୍ଷ ଟଙ୍କା ବାସୁଦେବପୁର ଥାନା ପୋଲିସ ଜବତ କରିଛି। ଏହି ଗାଡ଼ିରେ ଉକ୍ତ ଟଙ୍କା ନିଆଯାଉଥିବା ବେଳେ ନିର୍ବାଚନ କମିଶନ ସ୍କ୍ୱାଡ ଓ ବାସୁଦେବପୁର ପୋଲିସ ଅଟକାଇଥିଲେ। ନିର୍ବାଚନ ସମୟରେ ଏତେଗୁଡ଼ାଏ ଟଙ୍କା ଯାଉଥିବାରୁ ସେମାନେ ସନ୍ଦେହ କରିଥିଲେ। ପୋଲିସ ଗାଡ଼ିକୁ ଜବତ କରି ଜିଲାପାଳଙ୍କ କାର୍ଯ୍ୟାଳୟକୁ ନେଇଥିଲା। ଏହି ଟଙ୍କା ଧାମରା ସେଣ୍ଟ୍ରାଲ ବ୍ୟାଙ୍କରୁ ଭଦ୍ରକ ମୁଖ୍ୟ ଶାଖାକୁ ଯାଉଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ବାସୁଦେବପୁର ଥାନାଧିକାରୀ ଉମାଶଙ୍କର ନାୟକ ଜିଲାର ରିଟର୍ନିଂ ଅଫିସରଙ୍କୁ ଜବତ ଟଙ୍କା ହସ୍ତାନ୍ତର କରିଛନ୍ତି। ଘଟଣାର ଅଧିକ ତଦନ୍ତ କରାଯାଉଥିବା ପୋଲିସ କହିଛି।

### ରମାଙ୍କ ସହ ବହୁ ନେତାଙ୍କୁ ମିଳିଲା ସାଙ୍ଗଠନିକ ଦାୟିତ୍ୱ

ଭୁବନେଶ୍ୱର,୮।୪(ବ୍ୟୁରୋ): ସାଧାରଣ ନିର୍ବାଚନ ପୂର୍ବରୁ ଭାଜପା ଟିକେଟରୁ ବଞ୍ଚିତ ହୋଇଥିବା କେତେଜଣ ନେତାଙ୍କୁ ଥଇଥାନ କରାଯାଇଛି। ଏହି ନେତାମାନଙ୍କ ମଧ୍ୟରୁ କେତେଜଣଙ୍କୁ ସାଙ୍ଗଠନିକ କାର୍ଯ୍ୟରେ ଲଗାଯାଇଛି। ରମାରଞ୍ଜନ ବଳିୟାରସିଂହଙ୍କୁ ଦଳର ରାଜ୍ୟ ଉପସଭାପତି, ସୁଦୀପ୍ତ ରାୟଙ୍କୁ ପୁରୀ ସଂସଦୀୟ କ୍ଷେତ୍ରର ନିର୍ବାଚନ ସଂଯୋଜକ, ଛୋଟେଲାଲ ମହନ୍ତଙ୍କୁ ମୟୂରଭଞ୍ଜ ସଂସଦୀୟ କ୍ଷେତ୍ରର ପ୍ରଚାର ସହ ସଂଯୋଜକ, ସୁରେନ୍ଦ୍ର ପଣ୍ଡାଙ୍କୁ ସମ୍ପାଦକ, ଗୋବିନ୍ଦ ଅଗ୍ରୱାଲଙ୍କୁ ପ୍ରବକ୍ତା ଓ ସମ୍ବଲପୁର ସଂସଦୀୟ କ୍ଷେତ୍ରର ପ୍ରଚାର ସହସଂଯୋଜକ, ବିନୋଦ ଦାସଙ୍କୁ କଟକ ସଂସଦୀୟ କ୍ଷେତ୍ରର ପ୍ରଚାର ସଂଯୋଜକ, ପ୍ରିୟବ୍ରତ ମାଝିଙ୍କୁ ଅନୁସୂଚିତ ଜନଜାତି ମୋର୍ଚ୍ଚାର ସାଧାରଣ ସମ୍ପାଦକ, ସୁଶାନ୍ତ ମଲ୍ଲିକଙ୍କୁ ଅନୁସୂଚିତ ଜାତି ମୋର୍ଚ୍ଚାର ରାଜ୍ୟ ସଭାପତି ଭାବେ ଦାୟିତ୍ୱ ମିଳିଛି। ଦଳର ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ଅନୁମୋଦନକ୍ରମେ ଏହି ଦାୟିତ୍ୱ ଦିଆଯାଇଛି ବୋଲି ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ଦଳର ମୁଖପାତ୍ର ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି। ସେହିପରି ରାଜ୍ୟ ଭାଜପା ଯୁବମୋର୍ଚ୍ଚାର ସଭାପତି ଟଙ୍କଧର ତ୍ରିପାଠୀଙ୍କ ଅନୁମୋଦନ କ୍ରମେ ସନ୍ତୋଷ ପ୍ରଧାନଙ୍କୁ ଯୁବମୋର୍ଚ୍ଚା ଉପସଭାପତି ଭାବେ ଦାୟିତ୍ୱ ମିଳିଛି।

### ଭାଜପାରେ ପୂର୍ବତନ ବିଧାୟକ ଶରତ ପାଇକରାୟଙ୍କ ପୁଅ ସୁରଜ

ଭୁବନେଶ୍ୱର, ୮।୪(ବ୍ୟୁରୋ): ଜଟଣୀର ପୂର୍ବତନ ବିଧାୟକ ସ୍ୱର୍ଗତ ଶରତ ପାଇକରାୟଙ୍କ ପୁଅ ସୁରଜ ପାଇକରାୟ ସୋମବାର ଭାଜପାରେ ସାମିଲ ହୋଇଛନ୍ତି। ଜଟଣୀ ନିର୍ବାଚନମଣ୍ଡଳୀ ଭାଜପା ବିଧାୟକ ପ୍ରାର୍ଥୀ ବିଶ୍ୱରଞ୍ଜନ ବଡଜେନାଙ୍କ ଉପରେ ଆସ୍ଥା ପ୍ରକଟ କରି ପୂର୍ବତନ ଜିଲା ପରିଷଦ ସଦସ୍ୟ ବିନ୍ଦୁଶ୍ରୀ ଖଣ୍ଡାୟତରାୟ ମଧ ଦଳରେ ସାମିଲ ହୋଇଛନ୍ତି । ସେହିପରି ବାଛରାର ତପନ କୁମାର ବାରିକ, ଚନ୍ଦ୍ରକାନ୍ତ ନାୟକ, ଆଦିତ୍ୟ କେଶବ ସେଠୀ ପ୍ରମୁଖ ଦଳରେ ଯୋଗ ଦେଇଛନ୍ତି । ଜଟଣୀର ଜାନକୀ ବଲ୍ଲଭ ମିଶ୍ର, ବିଜୁ ବାରିକ, ଆଶିଷ କୁମାର ଦାସ, ପ୍ରତାପ ବାରିକ, ପ୍ରଶାନ୍ତ ଦାସ, ପ୍ରକାଶ ଚନ୍ଦ୍ର ମିଶ୍ର ପ୍ରମୁଖ ଭାଜପାରେ ସାମିଲ ହେଇଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମସ୍ତ ନୂତନ ସଦସ୍ୟଙ୍କୁ ଉତ୍ତରୀୟ ଏବଂ ଟୋପି ପିନ୍ଧାଇ ବିଧିବଦ୍ଧ ଭାବେ ସେମାନଙ୍କୁ ଦଳରେ ସାମିଲ କରାଇଛନ୍ତି। ମୋଦିଙ୍କ ବିକାଶଧାରାରେ ଅନୁପ୍ରାଣିତ ହୋଇ ସମସ୍ତେ ଭାଜପାରେ ସାମିଲ ହୋଇଛନ୍ତି ବୋଲି ମିଶିଥିବା କର୍ମୀମାନେ କହିଛନ୍ତି ।




## ୧୩ ଯାଏ ଉପକୂଳ, ଦକ୍ଷିଣ ଓଡ଼ିଶାରେ ବର୍ଷା ସମ୍ଭାବନା

ଭୁବନେଶ୍ୱର,୮।୪(ବ୍ୟୁରୋ)

**ମେଘୁଆପାଗ**

ଓଡ଼ିଶା ଏବଂ ଝାଡ଼ଖଣ୍ଡ ଉପରେ ଏକ ଟ୍ରଫ ଲାଇନ ରହିଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉପକୂଳ ଏବଂ ଦକ୍ଷିଣ ଓଡ଼ିଶାର ଅଳ୍ପ କେତେକ ସ୍ଥାନରେ ଘଡ଼ଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟରେ ଉପକୂଳବର୍ତ୍ତୀ ଜିଲା ସମେତ କେନ୍ଦୁଝର, ମୟୂରଭଞ୍ଜ, କନ୍ଧମାଳ, ରାୟଗଡ଼ା, ବୌଦ୍ଧ, କଳାହାଣ୍ଡି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଝଡ଼ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ସେହିପରି ବୁଧବାର ଗଜପତି, ଗଞ୍ଜାମ, ରାୟଗଡ଼ା, କନ୍ଧମାଳ, କଳାହାଣ୍ଡି, କୋରାପୁଟ, ମାଲକାନଗିରିର ଅଳ୍ପ କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୧୨ ତାରିଖ ଯାଏ ଉପକୂଳ ଏବଂ ଦକ୍ଷିଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ସୋମବାର ଉପକୂଳବର୍ତ୍ତୀ ଜିଲାଗୁଡ଼ିକର କେତେକ ସ୍ଥାନରେ ଆକାଶ ମେଘୁଆ ରହିବା ସହ ସାମାନ୍ୟ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ପାଣିପାଗ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ବାଲେଶ୍ୱରରେ ୬.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଚାନ୍ଦବାଲି ୦.୨, ଭୁବନେଶ୍ୱର ୦.୮, ପୁରୀ ୦.୫ ଏବଂ ବାରିପଦାରେ ୧.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ମେଘୁଆ ପାଗ ଯୋଗୁ ରାଜ୍ୟରେ ତାତି ହ୍ରାସ ପାଇଛି। ଅଧିକାଂଶ ଅଞ୍ଚଳରେ ପାରଦ ୪୦ ଡିଗ୍ରୀ ତଳେ ରହିଛି। ଏପରି କି ଉପକୂଳରେ ୨୯ରୁ ୩୬ ଡିଗ୍ରୀ ସେଲସିୟସ ମଧ୍ୟରେ ରହିଛି। ସୋମବାର ଟିଟିଲାଗଡ଼ରେ ରାଜ୍ୟର ସର୍ବୋଚ୍ଚ ତାପମାତ୍ରା ୪୦.୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ବଲାଙ୍ଗୀର ୩୯.୨, ତାଳଚେର ୩୯.୮, ମାଲକାନଗିରି ୩୯.୫, ଏବଂ ସୋନପୁରରେ ସର୍ବୋଚ୍ଚ ତାପମାତ୍ରା ୩୯.୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

# ହେଭିୱେଟ ନେତାଙ୍କ ନାମାଙ୍କନପତ୍ର ଦାଖଲ

ଭୁବନେଶ୍ୱର,୮।୪(ବ୍ୟୁରୋ)

ସାଧାରଣ ନିର୍ବାଚନ ଲାଗି ରାଜ୍ୟର ପ୍ରମୁଖ ତିନୋଟି ରାଜନୈତିକ ଦଳ ବିଜେଡି, କଂଗ୍ରେସ ଓ ଭାଜପା ମଧ୍ୟରେ ଘମାଘୋଟ ପ୍ରତିଯୋଗିତା ଆରମ୍ଭ ହୋଇଛି। କିଏ କେଉଁ ପ୍ରକାର ମତଦାତାଙ୍କୁ ପ୍ରଲୋଭିତ କରି ପାରିବେ ସେ ନେଇ ମଧ ପ୍ରତିଯୋଗିତା ଚରମ ସୀମାରେ ପହଞ୍ଚିଛି। ମଙ୍ଗଳବାର ଚତୁର୍ଥ ପର୍ଯ୍ୟାୟର ନାମାଙ୍କନପତ୍ର ଦାଖଲ ଶେଷହେବ । ସେଥିପାଇଁ ପ୍ରାର୍ଥିପତ୍ର ଦାଖଲ ମଧ ଜୋର୍‌ସୋର ଚାଲିଛି। ନାମାଙ୍କନ ଦାଖଲର ଶେଷ ଦିବସ ମଙ୍ଗଳବାର ପଡୁଥିବାରୁ ବିରୋଧୀ ଓ ଶାସକ ଦଳର ବହୁ ହେଭିୱେଟ୍ ନେତା ସୋମବାର ନିଜର ରାଜନୈତିକ ଭାଗ୍ୟ ପରୀକ୍ଷା ପାଇଁ ରାଜ୍ୟର ବିଭିନ୍ନ ଜିଲାରେ ସେମାନଙ୍କର ନାମାଙ୍କନପତ୍ର ଦାଖଲ କରିଛନ୍ତି। ଅନେକ ମଙ୍ଗଳବାର ନାମାଙ୍କନ ଦାଖଲ ପାଇଁ ଶୁଭ ସମୟ ମନେ କରୁ ନ ଥିବାରୁ ସୋମବାର ବିଭିନ୍ନ ମନ୍ଦିରରେ ପୂଜାର୍ଚ୍ଚନା କରି ନାମାଙ୍କନପତ୍ର ଦାଖଲ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ପାଟକୁରା ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଜୟ ମହାପାତ୍ର ନିଜର ନାମାଙ୍କନପତ୍ର ଦାଖଲ କରିଥିବାବେଳେ ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ବିଜୁ ଜନତା ଦଳର ପ୍ରାର୍ଥୀ ବେଦ ପ୍ରକାଶ ଅଗ୍ରୱାଲ ସୋମବାର ପ୍ରାର୍ଥିପତ୍ର ଦାଲଖ କରିଛନ୍ତି। ସେହିପରି କେନ୍ଦ୍ରାପଡ଼ା ଲୋକ ସଭା ନିର୍ବାଚନ ମଣ୍ଡଳୀରୁ ଭାଜପା ଏମପି ପ୍ରାର୍ଥୀ ବୈଜୟନ୍ତ ପଣ୍ଡା, ରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀ ଅଂଶୁମାନ ମହାନ୍ତି, ବିଜେଡି ପ୍ରାର୍ଥୀ ଧ୍ରୁବ ଚରଣ ସାହୁ ପ୍ରାର୍ଥିପତ୍ର ଦାଲଖ କରିଛନ୍ତି। ଜଗତ୍‌ସିଂହପୁର ଲୋକ ସଭା ନିର୍ବାଚନ ମଣ୍ଡଳୀରୁ ଭାଜପା ପ୍ରାର୍ଥୀ ବିଭୁ ପ୍ରସାଦ ତରାଇ, ଜଗତ୍‌ସିଂହପୁରରୁ କଂଗ୍ରେସ ପ୍ରାର୍ଥୀ ଚିରଞ୍ଜୀବ ବିଶ୍ୱାଳ, ବାଲିକୁଦା-ଏରସମାରୁ ଭାଜପା ପ୍ରାର୍ଥୀ ଡ.ଦାମୋଦର ରାଉତ, ବିଜେଡି ପ୍ରାର୍ଥୀ ରଘୁ ନନ୍ଦନ ଦାଶ, ତିର୍ତ୍ତୋଲରୁ ବିଜେଡି ପ୍ରାର୍ଥୀ ବିଷ୍ଣୁ ଚରଣ ଦାସ, ଭାଜପା ପ୍ରାର୍ଥୀ ରମାକାନ୍ତ ଭୋଇ, ଭଣ୍ଡାରୀ ପୋଖରୀରୁ ନିରଞ୍ଜନ ପଟ୍ଟନାୟକ, ବସ୍ତାରୁ ଭାଜପା ପ୍ରାର୍ଥୀ ରଘୁନାଥ ମହାନ୍ତି, ବଡ଼ଚଣାରୁ ଅମର ଶତପଥୀ, ବିଞ୍ଝାରପୁରରୁ ପ୍ରମିଳା ମଲ୍ଲିକ, ପାରାଦୀପ ବିଧାନସଭା ଆସନରୁ କଂଗ୍ରେସ ପ୍ରାର୍ଥୀ ବାପି ସର୍କେଲ, ବିଜେଡି ପ୍ରାର୍ଥୀ ସମ୍ବିତ ରାଉତରାୟ, ବରୀରୁ ବିଜେଡି ପ୍ରାର୍ଥୀ ସୁନନ୍ଦା ଦାସଙ୍କ ସମେତ ବହୁ ହେଭିୱେଟ୍ ନେତାମାନେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ନାମାଙ୍କନପତ୍ର ଦାଖଲ ବେଳେ ଏହି ନେତାମାନେ ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି। ବିରାଟ ପଟୁଆରରେ ଆସି ନିର୍ବାଚନ ଅଧିକାରୀଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ମଙ୍ଗଳବାର ଚତୁର୍ଥ ତଥା ଚୂଡାନ୍ତ ପର୍ଯ୍ୟାୟ ପାଇଁ ନାମାଙ୍କନ ପତ୍ର ଦାଖଲ ଶେଷ ହେବ। ୧୦ ତାରିଖରେ ପ୍ରାର୍ଥିପତ୍ରଗୁଡ଼ିକୁ ଯାଞ୍ଚ କରାଯିବ ଓ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶିତ ହେବ। ୧୨ ତାରିଖ ପ୍ରାର୍ଥିପତ୍ର ପ୍ରତ୍ୟାହାର ପାଇଁ ଶେଷ ସମୟ ଧାର୍ଯ୍ୟ କରାଯାଇଛି। ମଙ୍ଗଳବାର ସମସ୍ତ ପର୍ଯ୍ୟାୟ ନାମାଙ୍କନ ଶେଷ ହେବା ପରେ ନିର୍ବାଚନ ପ୍ରଚାର ମଧ ଜୋର୍ ଧରିବ।



ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀ ପାଇଁ ନିରଞ୍ଜନ ପଟ୍ଟନାୟକ ନାମାଙ୍କନ ପତ୍ର ଦାଖଲ କରୁଛନ୍ତି।

## ଯୁକ୍ତ୨ ଖାତାଦେଖା ଆରମ୍ଭ

ଭୁବନେଶ୍ୱର,୮।୪(ବ୍ୟୁରୋ)

ପ୍ରଥମ ପର୍ଯ୍ୟାୟ ଯୁକ୍ତ୨ ଖାତା ମୂଲ୍ୟାଙ୍କନ ପ୍ରକ୍ରିୟା ସୋମବାରଠାରୁ ଆରମ୍ଭ ହୋଇଛି। ପୂର୍ବାହ୍ନ ୧୦ଟାରୁ ଖାତାଦେଖା ଆରମ୍ଭ ହୋଇ ସନ୍ଧ୍ୟା ୬ଟାରେ ଶେଷ ହୋଇଥିଲା। ଆସନ୍ତା ୨୨ତାରିଖ ପର୍ଯ୍ୟନ୍ତ ଏହି ଖାତାଦେଖା ଚାଲିବ। ତେବେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବିଭିନ୍ନ ଜୋନ୍‌ର ଅଧିକାରୀ ସମୟ ନିର୍ଦ୍ଧାରଣ କରିପାରିବେ। ରାଜ୍ୟରେ ପ୍ରାୟ ୧୬ହଜାର ଅଧ୍ୟାପିକା, ଅଧ୍ୟାପକ ଖାତାଦେଖାରେ ନିୟୋଜିତ ହୋଇଛନ୍ତି। କଳା ଓ ଧନ୍ଦାମୂଳକ ଶିକ୍ଷା ପାଇଁ ପ୍ରାୟ ୧୨ହଜାର ଅଧ୍ୟାପିକା, ଅଧ୍ୟାପକ ନିଯୁକ୍ତ ହୋଇଥିବା ବେଳେ ବିଜ୍ଞାନରେ ୩୫୦୦ ଏବଂ ବାଣିଜ୍ୟରେ ପ୍ରାୟ ୧୦୦୦ ଅଧ୍ୟାପିକା, ଅଧ୍ୟାପକ ନିଯୁକ୍ତ ହୋଇଛନ୍ତି। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ରାଜ୍ୟରେ ମୋଟ ୫୮ଟି ଅଫ୍‌ଲାଇନ୍ ଓ ୩୬ଟି ଅନ୍‌ଲାଇନ୍ ମୂଲ୍ୟାଙ୍କନ କେନ୍ଦ୍ର କରାଯାଇଛି। ସମସ୍ତ କେନ୍ଦ୍ରରେ ସିସି କ୍ୟାମେରା ଲଗାଯାଇଛି। ମୂଲ୍ୟାଙ୍କନ କେନ୍ଦ୍ରକୁ ମୋବାଇଲ୍ ଓ ବୈଦ୍ୟୁତିକ ସାମଗ୍ରୀ ପ୍ରବେଶ ଉପରେ କଟକଣା ଜାରି ହୋଇଛି। ମୂଲ୍ୟାଙ୍କନ କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟମାନେ ସ୍ଥିତିକୁ ଦୃଷ୍ଟିରେ ରଖି ପୋଲିସ ମୁତୟନ ଲାଗି ନିକଟସ୍ଥ ଥାନାର ସହାୟତା ନେଇପାରିବେ। ସୂଚନାଯୋଗ୍ୟ, ଚଳିତବର୍ଷ ମାର୍ଚ୍ଚ ୭ରୁ ପରୀକ୍ଷା ଆରମ୍ଭ ହୋଇ ୩୦ତାରିଖରେ ଶେଷ ହୋଇଥିଲା। ୧୦୯୩ ଜୁନିୟର କଲେଜର ୩,୬୯,୫୩୬ ଛାତ୍ରୀଛାତ୍ର ଯୁକ୍ତ୨ ପରୀକ୍ଷା ଦେଇଛନ୍ତି। ଆସନ୍ତା ୨୩ରୁ ମେ ୨ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ମୂଲ୍ୟାଙ୍କନ ପ୍ରକ୍ରିୟା ଚାଲିବ। ଶୀଘ୍ର ଖାତାଦେଖା ସରିଲେ ଜୁନ୍ ସୁଦ୍ଧା ସମସ୍ତ ବିଷୟର ଫଳାଫଳ ପ୍ରକାଶ କରିବାକୁ ପରିଷଦ ଲକ୍ଷ୍ୟ ରଖିଛି।

## ଭୋଟ ପାଇଁ ସରକାରୀ ଛୁଟି

ଭୁବନେଶ୍ୱର,୮।୪(ବ୍ୟୁରୋ)

ସାଧାରଣ ନିର୍ବାଚନ ନିମନ୍ତେ ରାଜ୍ୟ ସରକାର ଛୁଟି ଘୋଷଣା କରିଛନ୍ତି। ସ୍କୁଲ, କଲେଜ, ସରକାରୀ କାର୍ଯ୍ୟାଳୟ, କୋର୍ଟ କଚେରି, ବ୍ୟାଙ୍କ ଏବଂ ବ୍ୟାଙ୍କିଙ୍ଗ୍ ଇନ୍‌ଷ୍ଟିଚ୍ୟୁଶନ ଆଦି ମତଦାନ ଦିବସରେ ବନ୍ଦ ରହିବ। ଯେଉଁ ପର୍ଯ୍ୟାୟରେ ଯେଉଁଠି ମତଦାନ ହେବ, ସେହି ଅଞ୍ଚଳ ପାଇଁ ସେହି ଦିବସ ଛୁଟି ରହିବ। ଏପ୍ରିଲ ୧୧ ଅର୍ଥାତ୍ ପ୍ରଥମ ପର୍ଯ୍ୟାୟରେ ମତଦାନ ହେବାକୁ ଥିବା କଳାହାଣ୍ଡି, ନବରଙ୍ଗପୁର, ବ୍ରହ୍ମପୁର, କୋରାପୁଟ ଲୋକ ସଭା ଏବଂ ଏହା ଅଧୀନ ୨୮ଟି ବିଧାନସଭା ଅଞ୍ଚଳ ପାଇଁ ଛୁଟି ଘୋଷଣା କରାଯାଇଛି। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ଆସନ୍ତା ୧୮ ତାରିଖରେ ମତଦାନ ହେବାକୁ ଥିବା ବରଗଡ଼, ସୁନ୍ଦରଗଡ଼, ବଲାଙ୍ଗୀର, କନ୍ଧମାଳ, ଆସ୍କା ଲୋକ ସଭା ନିର୍ବାଚନ ମଣ୍ଡଳୀ ଓ ଏହା ଅଧୀନରେ ଥିବା ୩୫ଟି ବିଧାନସଭା କ୍ଷେତ୍ର, ତୃତୀୟ ପର୍ଯ୍ୟାୟ ଅର୍ଥାତ୍ ୨୩ ତାରିଖରେ ହେବାକୁ ଥିବା ସମ୍ବଲପୁର, କେନ୍ଦୁଝର, ଢେଙ୍କାନାଳ, କଟକ, ପୁରୀ ଏବଂ ଭୁବନେଶ୍ୱର ଲୋକ ସଭା ଆସନ ସହ ଏହା ଅନ୍ତର୍ଗତ ୪୨ଟି ବିଧାନସଭା କ୍ଷେତ୍ର ଏବଂ ଚତୁର୍ଥ ପର୍ଯ୍ୟାୟ ଅର୍ଥାତ୍ ଏପ୍ରିଲ ୨୯ ତାରିଖରେ ହେବାକୁ ଥିବା ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା ଏବଂ ଜଗତ୍‌ସିଂହପୁର ଲୋକସଭା ନିର୍ବାଚନ ମଣ୍ଡଳୀରେ ଥିବା ୪୨ଟି ବିଧାନସଭା କ୍ଷେତ୍ର ପାଇଁ ଏହି ଛୁଟି ଲାଗୁ କରାଯିବ। କର୍ମଚାରୀମାନେ ମତଦାନ କରିବା ପାଇଁ ଏହି ଛୁଟି ଘୋଷଣା କରାଯାଇଛି।

### ■ ବିଜେଡିର ପ୍ରାର୍ଥୀ ଘୋଷଣା ସରିଲା

## କେନ୍ଦ୍ରାପଡ଼ାରୁ ଲଢ଼ିବେ ଶଶିଭୂଷଣ, କିଶୋର ନିରାଶ

ଭୁବନେଶ୍ୱର,୮।୪(ବ୍ୟୁରୋ)



ବହୁ କଳ୍ପନା ଜଳ୍ପନାର ଅନ୍ତ ଘଟାଇ ପୂର୍ବତନ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରାଙ୍କୁ ବିଜେଡି କେନ୍ଦ୍ରାପଡ଼ା ବିଧାନସଭା ଆସନରୁ ପ୍ରାର୍ଥୀ କରିଛି। ଏଠାରୁ ବିଧାୟକ ଥିବା କିଶୋର ଚନ୍ଦ୍ର ତରାଇଙ୍କୁ ନିରାଶ ହେବାକୁ ପଡ଼ିଛି। କିଛିଦିନ ପୂର୍ବରୁ କିଶୋରଙ୍କର କେତେକ ସମର୍ଥକ ନବୀନ ନିବାସ ଆସି ତାଙ୍କୁ ପୁଣି ଥରେ ଟିକେଟ ଦେବାକୁ ଦାବି କରିଥିଲେ। ଏପରିକି ଏହି ଆସନରୁ ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକଙ୍କୁ ବିଜେଡି ଟିକେଟ ଦେବ ବୋଲି ଚର୍ଚ୍ଚା ହେଉଥିଲା। ସିପ୍ରା ନବୀନ ନିବାସ ଆସି ଲବି ଚଳାଇଥିଲେ। ତେବେ ଉଭୟଙ୍କ ଉପରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭରସା କରି ପାରି ନାହାନ୍ତି। ଆଶାୟୀଙ୍କୁ ନିରାଶ କରି ଶେଷରେ ଭୁବନେଶ୍ୱର ଲୋକ ସଭା ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ଜୟଦେବ ନିର୍ବାଚନ ମଣ୍ଡଳୀରୁ ଟିକେଟ ପାଇ ନ ଥିବା ଶଶିଭୂଷଣଙ୍କୁ କେନ୍ଦ୍ରାପଡ଼ାରେ ଥଇଥାନ କରିଛି। ଏଥିସହିତ ବିଜେଡି ସମସ୍ତ ୧୪୭ଟି ବିଧାନସଭା ଆସନରେ ପ୍ରାର୍ଥୀ ଦେବା କାର୍ଯ୍ୟ ଶେଷ କରିଛି।

## ଆଜି ପୁରୀ ଆସିବେ ଶାହ, ୧୬ରେ ଭୁବନେଶ୍ୱରକୁ ମୋଦି

ଭୁବନେଶ୍ୱର (ବ୍ୟୁରୋ)/ପୁରୀ ଅଫିସ, ୮।୪

ଶାସକ ବିଜେଡିକୁ ପରାସ୍ତ କରି ଶାସନ ଗାଦିରେ ବସିବା ପାଇଁ ଜୋର୍‌ଦାର ଉଦ୍ୟମ ଚଳାଇଛି ଭାଜପା। ଭାଜପା କେନ୍ଦ୍ରୀୟ ନେତାମାନେ ଏବେ ସବୁଦିନ ଓଡ଼ିଶା ଆସି ବିଜେଡି ବିରୋଧରେ ଗର୍ଜୁଛନ୍ତି। ଏହା ସହ ରାଜ୍ୟରେ ଏଥର ଭାଜପା ସରକାର କରିବାର ଦୃଢୋକ୍ତି ରଖୁଛନ୍ତି। ହେଲେ ଏସବୁ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ସବୁ ସପ୍ତାହରେ ଓଡ଼ିଶା ଆସିବା ବର୍ତ୍ତମାନ ବିଜେଡିକୁ ଅକଳରେ ପକାଇଲାଣି ବୋଲି ଚର୍ଚ୍ଚା ହେଉଛି। ଏହା ମଧ୍ୟରେ ମୋଦି ଓ ଶାହ ପ୍ରାୟ ୫ଥର ନିର୍ବାଚନ ପ୍ରଚାର ପାଇଁ ଆସି ସାରିଛନ୍ତି। ଏହି କ୍ରମରେ ମଙ୍ଗଳବାର ପୁନର୍ବାର ପୁରୀ ଆସି ନିର୍ବାଚନୀ ରାଲିରେ ଶାହ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଶାହ ଅପରାହ୍ନ ୫ଟାରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚି ସିଧାସଳଖ ପୁରୀ ଗସ୍ତ କରିବେ । ପୁରୀ ଜଗନ୍ନାଥ ମନ୍ଦିରଠାରୁ ବିରାଟ ରୋଡ ଶୋ କରି ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଗସ୍ତ କରିବେ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଆସନ୍ତା ୧୬ରେ ଭୁବନେଶ୍ୱର ଗସ୍ତରେ ମୋଦି ଆସିବେ ବୋଲି ମଧ ସୂଚନା ମିଳିଛି। ରାଜଧାନୀଠାରେ ଆୟୋଜିତ ଏକ ନିର୍ବାଚନୀ ସଭାରେ ଯୋଗଦେବା ସହିତ ଏକ ରୋଡ ଶୋ ମଧ ମୋଦି କରିବେ ବୋଲି ଏନେଇ ଦଳର ଜଣେ ବରିଷ୍ଠ ନେତା କହିଛନ୍ତି। କେବଳ ସେତିକି ନୁହେଁ, ଏହାପରେ ଚଳିତ ମାସ ୨୩ରେ ମୋଦି କେନ୍ଦ୍ରାପଡାଠାରେ ଆୟୋଜିତ ଏକ ନିର୍ବାଚନୀ ସଭାରେ ଯୋଗଦେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି।

# ଓଡ଼ିଶା ପାଇଁ ଲଢ଼ିବାକୁ ମୁଁ ସମ୍ପୂର୍ଣ୍ଣ ଫିଟ୍: ନବୀନ

ଭୁବନେଶ୍ୱର,୮।୪(ବ୍ୟୁରୋ)

ବ୍ୟାୟାମ ଭିଡିଓକୁ ନେଇ ନାନା ତର୍କବିତର୍କ ପରେ ଏ ସମ୍ପର୍କରେ ମୁହଁ ଖୋଲିଛନ୍ତି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସୋମବାର ଜାତୀୟ ଗଣମାଧ୍ୟମକୁ ଏକ ସାକ୍ଷାତ୍‌କାର ଦେଇ ସେ ପ୍ରତିଦିନ ସକାଳୁ ଏକ୍ସରସାଇଜ୍ କରୁଥିବା କହିଛନ୍ତି। କେବଳ ଏତିକି ନୁହେଁ, ଏହି ଅବସରରେ ଦଳର ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କ ଉପରେ ମଧ ନବୀନ ବର୍ଷିଛନ୍ତି।

ଜାତୀୟ ଗଣମାଧ୍ୟମର ଜଣେ ବରିଷ୍ଠ ଖବରଦାତାଙ୍କ ସହ ସାକ୍ଷାତ୍‌କାର ସମୟରେ ନିଜର ଦୈନନ୍ଦିନ ଅଭ୍ୟାସ ଓ ବ୍ୟାୟାମ ସମ୍ପର୍କରେ ନବୀନ ପଟ୍ଟନାୟକ କହିଛନ୍ତି। ପ୍ରତିଦିନ ସକାଳୁ ସେ ଜଗିଂ, ସାଇକ୍ଲିଂ, ୱେଟ୍ ଲିଫ୍ଟିଂ ଓ ଲେଗ୍ ଏକ୍ସରସାଇଜ୍ ଭଳି ବ୍ୟାୟାମ କରୁଥିବା କହିଛନ୍ତି। କେବଳ କ୍ୟାମେରା କିମ୍ବା ଭିଡିଓରେ ନୁହେଁ, ମୁଁ ପ୍ରତିଦିନ ସକାଳେ ଏକ୍ସରସାଇଜ୍ କରି ଗାଧୋଇବାକୁ ଯାଏ ଓ ତା'ପରେ କାମକୁ ବାହାରେ। ମୁଁ ଶାରୀରିକ ଓ ମାନସିକ ଭାବେ ସୁସ୍ଥ ନୁହେଁ ବୋଲି ଆମର ଜଣେ ପୂର୍ବତନ ଏମ୍‌ପି ଅପପ୍ରଚାର କରିଛନ୍ତି। ତାଙ୍କର ରାଜନୈତିକ ଉଚ୍ଚାକାଂକ୍ଷା ଓ ଅଭିଳାଷ ପୂରଣ କରିବାକୁ ସେ ଏଭଳି ମିଛକଥା କହିଛନ୍ତି। ତେବେ ସେହି ଏମ୍‌ପି ଜଣକ ବୈଜୟନ୍ତ ପଣ୍ଡା କି ନୁହେଁ ବୋଲି ପଚାରିବାରେ ନବୀନ ଖୋଲାଖୋଲି ଭାବେ ଏହାକୁ ସ୍ୱୀକାର କରିଛନ୍ତି। କେବଳ ଏତିକି ନୁହେଁ, ବୈଜୟନ୍ତ ଜଣେ ଉଚ୍ଚାକାଂକ୍ଷୀ ମଣିଷ ଓ ତାଙ୍କ ପଦବୀ ନେବାକୁ ପ୍ରଚେଷ୍ଟା କରୁଥିବା ନବୀନ କହିଛନ୍ତି। ଆଗାମୀ ନିର୍ବାଚନରେ ଓଡ଼ିଶାବାସୀଙ୍କ ପାଇଁ ସେ ଲଢ଼ିବାକୁ ପ୍ରସ୍ତୁତ ହେଉଥିବା କହିଛନ୍ତି।

ଅନ୍ୟପକ୍ଷରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର କଂଗ୍ରେସଠାରୁ ମଧ ଭୟଙ୍କର ବୋଲି ନବୀନ କହିବା ସହ ବିଗତ ଦୁଇଦଶନ୍ଧି ଭଳି ଏଥର ମଧ ଭାଜପାର ଭୟ ଓଡ଼ିଶାକୁ ନାହିଁ। ଭାଜପା ଗଣତନ୍ତ୍ର ପାଇଁ କାଳ। ଏଥର ନିର୍ବାଚନରେ କେନ୍ଦ୍ରରେ କୌଣସି ବି ଜାତୀୟ ଦଳ ସଂଖ୍ୟାଗରିଷ୍ଠତା ହାସଲ କରିପାରିବ ନାହିଁ। ଆଞ୍ଚଳିକ ଦଳଗୁଡ଼ିକ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ସେ କହିଛନ୍ତି। ପୁଣିଥରେ ନବୀନ ଉଭୟ ଭାଜପା ଓ କଂଗ୍ରେସଠାରୁ ସମଦୂରତ୍ୱ ରକ୍ଷା କରିବା କଥା କହିବା ସହ ବିଜେଡିର କେହି ଶତ୍ରୁ ନୁହନ୍ତି କି ମିତ୍ର ନୁହନ୍ତି। ଓଡ଼ିଶାର ଲୋକଙ୍କ ପାଇଁ ଲଢ଼ିବାକୁ ମୁଁ ଏବେ ସମ୍ପୂର୍ଣ୍ଣ ଭାବେ ଫିଟ୍ ଅଛି ଏବଂ ଓଡ଼ିଶାର ଭବିଷ୍ୟତ ନେତାଙ୍କୁ ଲୋକେ ନିଜେ ବାଛିବେ ବୋଲି ସେ କହିଛନ୍ତି। ଓଡ଼ିଶାରେ ବ୍ୟୁରୋକ୍ରାଟ ଶାସନ ଚଳାଇଥିବା ପ୍ରଶ୍ନର ଉତ୍ତର ଦେଇ ନବୀନ କହିଥିଲେ, ଏହା ବାଜେ କଥା। ମୁଁ ଓ ମୋ ମନ୍ତ୍ରୀମାନେ ନିଷ୍ପତ୍ତି ନେଇଥାଉ। ଅନ୍ୟପକ୍ଷରେ ମିଥ୍ୟାରୋପ ନ ଲଗାଇବାକୁ ମହାପ୍ରଭୁ ଜଗନ୍ନାଥ ତାଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ ବୋଲି ବୈଜୟନ୍ତ ଟୁଇଟ୍ ମାଧ୍ୟମରେ ଜଣାଇଛନ୍ତି।

### ମୋ ପଦ ନେବାକୁ ଚାହୁଁଥିଲେ ବୈଜୟନ୍ତ



ନବୀନ ପଟ୍ଟନାୟକ

RSPL EVOLUTION IS CONSTANT
WALK IN INTERVIEW
GHADI DETERGENT
A LEADING COMPANY IN FMCG REQUIRES
TERRITORY SALES INCHARGE
FUNCTIONAL AREA: SALES
FUNCTIONAL ROLE: Territory Sales Incharge.
ELIGIBILITY:
1. Graduate with Min 2 years of work experience in FMCG.
2. Only male candidates need to apply (age not to exceed 30 years as on 31-03-2019).
SALARY: CTC upto 2.50 LPA + TA & DA
DATE OF INTERVIEW: 12-04-2019 and 13-04-2019
JOB LOCATION : Odisha
VENUE OF INTERVIEW: Hotel Grand Residency, Palamandap, Badambadi, Nearby Durga Filling Station Cuttack, Odisha.
Interested candidates should send their resume / CV at apply.od@rsplgroup.com or contact us on +91 7311160982
Rajesh Kumar: 8709987942, B Umashankar: 7873096108, Dheerendra Kumar: 8001588088
RSPL LIMITED
Head Office:-119-121, Block P&T, Fazal Ganj, Kalpi Road, Kanpur, Uttar Pradesh 208012
Corporate Office:-124, Sector 44, Gurugram, Haryana 122003



"ରାମପୁରକୁ ଆଜମ ଖାନ୍‌ଙ୍କ ବେଆଇନ ଦଖଲରୁ ମୁକ୍ତ କରିବା ପାଇଁ ନିର୍ବାଚନ ଲଢୁଛି।
- ଜୟପ୍ରଦା, ଭାଜପା ଲୋକ ସଭା ପ୍ରାର୍ଥୀ



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମେଘ ଚଇତି ମଡ଼ା କଲା**
**ଗଉଡ଼ ଗାଈ ଦୁହିଁ ଦୁହିଁ ମଲା ।**

ଚୈତ୍ର ମାସରେ ବର୍ଷା ହେଲେ ବିଲ ପଡ଼ିଆରେ ବହୁତ ଘାସ ହୁଏ। ଗାଈକୁ ଘାସ ଅଭାବ ହୁଏ ନାହିଁ, ଫଳସ୍ୱରୂପ ଗାଈ ବହୁତ କ୍ଷୀର ଦିଏ। ଏପରିସ୍ଥଳେ ଗଉଡ଼କୁ ଅଧିକ ସମୟ ପର୍ଯ୍ୟନ୍ତ ଗାଈ ଦୁହିଁବାକୁ ପଡ଼ିଥାଏ ଓ ସେ ସବୁବେଳେ ଗାଈ କାମରେ ବ୍ୟସ୍ତ ରହୁଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମତେ ନ ଅଣ୍ଟେ ସାହି ଗୋବର**
**ପଡ଼ିଶା ଘରେ ମୁଁ ବାଣ୍ଟେ ମହୁର ।**

କିଛି ବ୍ୟକ୍ତି ଅଛନ୍ତି ନିଜେ ଯେତେ ନୁହେଁ କି ଯାହା ନୁହନ୍ତି ତା'ଠାରୁ କାହିଁ କେତେ ଅଧିକ ଦେଖେଇ ହୁଅନ୍ତି। ମିଛରେ ନିଜର ଆତ୍ମବଡ଼ିମା ଦେଖେଇ ହୋଇ ପ୍ରଶଂସା ସାଉଁଟିବାକୁ ଚେଷ୍ଟା ଚଳାଇଥାନ୍ତି। ନିଜକୁ ଅଣ୍ଟୁନି ବୋଲି ଚାରିଆଡୁ ଗୁହ ଗୋବର ନ ମାନି ଯାହା ପାଉଛି ସାଉଁଟି ଆଣୁଥିବା ଲୋକ ମିଛରେ ଭଲରେ ଚଳୁଛି ବୋଲି ଦେଖେଇ ହେବା ପାଇଁ ସାଇପଡ଼ିଶାରେ ନ'ଡୁଣ ଛ ଭଜା କରି ବାଣ୍ଟିବା ଭଳି କଥା କହିବା ହାସ୍ୟାସ୍ପଦ ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ଦିନକୁ ୧୦ ଲକ୍ଷ ଆକାଉଣ୍ଟ ହଟାଉଛି ଫେସ୍‌ବୁକ୍

ନୂଆଦିଲ୍ଲୀ,୮।୪

ଲୋକ ସଭା ନିର୍ବାଚନ ପୂର୍ବରୁ ଫେସ୍‌ବୁକ୍ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଆଇଏ) ଏବଂ ମେଶିନ୍ ଲର୍ନିଂ (ଏମ୍‌ଏଲ୍) ବ୍ୟବହାର କରି ପ୍ରତିଦିନ ପାଖାପାଖି ୧୦ ଲକ୍ଷ ଅନୁଚିତ ଆକାଉଣ୍ଟ ହଟାଉଥିବା ଜଣାପଡ଼ିଛି। ଅନୁଚିତ ଆକାଉଣ୍ଟ ତଥା ବିଷୟବସ୍ତୁ ଚିହ୍ନଟ କରିବା ଏବଂ ସେଗୁଡିକୁ ବହୁସଂଖ୍ୟାରେ ହଟାଇବାରେ ଆଇଏ ଏବଂ ଏମ୍‌ଏଲ୍ ଯଥେଷ୍ଟ ସହାୟକ ହେଉଛି ବୋଲି ଫେସ୍‌ବୁକ ଇଣ୍ଡିଆ ପରିଚାଳନା ନିର୍ଦ୍ଦେଶକ ତଥା ଉପାଧ୍ୟକ୍ଷ ଅଜିତ ମୋହନ ବ୍ଲଗ୍‌ରେ ଲେଖିଛନ୍ତି। ଯାହା ଫଳରେ ନିର୍ବାଚନ ସମୟରେ ଏଭଳି ବିଷୟବସ୍ତୁ ପ୍ରସାରଣକୁ ଯଥେଷ୍ଟ ହ୍ରାସ କରାଯାଇପାରିବ। ଏଥିପାଇଁ ଫେସ୍‌ବୁକର ଅଟୋମେଟିକ୍ ଟ୍ରାନ୍ସଲେଶନ ସିଷ୍ଟମରେ ଭାରତର ୧୬ଟି ଭାଷା ସମେତ ୨୪ଟି ନୂଆ ଭାଷାକୁ ସାମିଲ କରାଯାଇଛି। ନିର୍ବାଚନକୁ ସ୍ୱଚ୍ଛ ଓ ଅବାଧ କରିବା ପାଇଁ ଉଭୟ ଭାରତରେ ଏବଂ ଭାରତ ବାହାରୁ ଯେପରି ଏହା ଉପରେ ସୋସିଆଲ ମିଡିଆର କୌଣସି ପ୍ରଭାବ ନ ପଡେ ସେଥିପାଇଁ ଫେସ୍‌ବୁକ୍ ଏହାର ସହଯୋଗୀ ଇନ୍‌ଷ୍ଟାଗ୍ରାମ ଏବଂ ହ୍ୱାଟ୍ସଆପ୍ ସହ କାର୍ଯ୍ୟ କରୁଛି। ନିକଟରେ ଫେସ୍‌ବୁକ୍ କଂଗ୍ରେସ ସହ ସମ୍ପୃକ୍ତ ଆକାଉଣ୍ଟ ସମେତ ପାଖାପାଖି ୭୦୦ ପୃଷ୍ଠା ହଟାଇଥିଲା।

# ସେନାରେ ସାମିଲ ହେଲା ଧନୁଷ୍ କମାଣ

**ଜବଲପୁର,୮।୪(ପି.ଟି.)**-ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ୬ଟି ଧନୁଷ୍ କମାଣ ସୈନ୍ୟବାହିନୀରେ ସୋମବାର ସାମିଲ ହୋଇଛି। ଗନ୍ କ୍ୟାରେଜ୍ ଫ୍ୟାକ୍ଟ୍ରିରେ ଅନୁଷ୍ଠିତ ଏକ ଉତ୍ସବରେ ଗୋଳାବାରୁଦ କାରଖାନା ବୋର୍ଡ (ଓଏଫ୍‌ବି) ଏହି କମାଣ ସୈନ୍ୟବାହିନୀକୁ ହସ୍ତାନ୍ତର କରିଛି। ଏହି କମାଣ ୩୮ କିଲୋମିଟର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରିବ ବୋଲି ଓଏଫ୍‌ବି ଅଧ୍ୟକ୍ଷ ସୌରଭ କୁମାର କହିଛନ୍ତି। ମେକ୍ ଇନ୍ ଇଣ୍ଡିଆ ଇନିସିଏଟିଭ୍‌ରେ ଏହା ଏକ ବଡ଼ ସଫଳତା ବୋଲି ସେ ମତ ଦେଇଛନ୍ତି।

ଓଏଫ୍‌ବିକୁ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ୧୧୪ ଧନୁଷ୍ କମାଣ ନିର୍ମାଣ ଲାଗି ମଞ୍ଜୁରୀ ପ୍ରଦାନ କରାଯାଇଥିବାବେଳେ ପ୍ରଥମ ପର୍ଯ୍ୟାୟରେ ସେମାନେ ୬ଟି କମାଣ ଯୋଗାଇଛନ୍ତି। ସ୍ୱୟଂକ୍ରିୟ ପ୍ରଯୁକ୍ତିରେ ନିର୍ମିତ ଏହି କମାଣ ଘଣ୍ଟାପ୍ରତି ୪୨ ରାଉଣ୍ଡ ଫାୟାରିଂ କରିବା କ୍ଷମତା ରଖିଛି। ଗୋଟିଏ ଲକ୍ଷ୍ୟସ୍ଥଳକୁ ଏକସଙ୍ଗେ ୩ରୁ ୬ଟି କମାଣରୁ ଫାୟାରିଂ କରାଯାଇପାରିବ। ଏହାର ଓଜନ ୧୩ ଟନ୍‌ରୁ କମ୍ ହୋଇଥିବାରୁ ପାହାଡିଆ ଓ ଦୁର୍ଗମ ଅଞ୍ଚଳରେ ପରିବହନ ସହଜ ହେବ ଏବଂ ସବୁ ପ୍ରକାର ଜଳବାୟୁରେ ଏହାକୁ ବ୍ୟବହାର କରାଯାଇପାରିବ। ଓଏଫ୍‌ବି, ସେନା, ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆର୍‌ଡିଓ), କ୍ୱାଲିଟି ଆସ୍ୟୁରାନ୍ସ ମହାନିର୍ଦ୍ଦେଶାଳୟ, ଭାରତ ଇଲେକ୍ଟ୍ରୋନିକ୍ସ ଲିମିଟେଡ୍, ସେଲ୍ ଏବଂ ଘରୋଇ କମ୍ପାନୀର ମିଳିତ ଉଦ୍ୟମରେ ଧନୁଷ୍ ନିର୍ମାଣ କରାଯାଇଛି।



# ୧୬ରେ କର୍ତ୍ତାରପୁର କରିଡର ବୈଠକ

**ଇସ୍‌ଲାମାବାଦ,୮।୪(ପି.ଟି.)**-କର୍ତ୍ତାରପୁର କରିଡର ଉପରେ ଆସନ୍ତା ୧୬ରେ ଭାରତ-ପାକିସ୍ତାନ ବୈଷୟିକସ୍ତରୀୟ ଆଲୋଚନା ଅନୁଷ୍ଠିତ ହେବ। କର୍ତ୍ତାରପୁରର ଗୁରୁଦ୍ୱାରା ଦରବାର ସାହିବ ସହ ଗୁର୍‌ଦାସପୁର ଜିଲାରେ ଥିବା ଡେରା ବାବା ନାନକ ପୀଠକୁ ଉକ୍ତ କରିଡର ସଂଯୋଗ କରିବ। ଭାରତ ସକାରାତ୍ମକ ଆଭିମୁଖ୍ୟ ପ୍ରକାଶ କଲେ ୫୫୦ତମ ଉତ୍ସବରେ କରିଡର ବାସ୍ତବ ରୂପ ନେଇପାରିବ ବୋଲି ପାକିସ୍ତାନର ବହିର୍ବ୍ୟାପାର ମୁଖପାତ୍ର ଡ. ମହମ୍ମଦ ଫୈଜଲ ଟୁଇଟ୍ କରିଛନ୍ତି।

■ ରାହୁଲ, ସୁର୍ଜେୱାଲାଙ୍କ ବିରୋଧରେ ମାନହାନି ମାମଲା

# ମେ ୨୭ରେ ହାଜର ଲାଗି ସମନ

ଅହମ୍ମଦାବାଦ,୮।୪(ପି.ଟି.)

ମାନହାନି ମାମଲାରେ ଅହମ୍ମଦାବାଦର ଏକ ଅଦାଲତ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଏବଂ ଦଳର ଜାତୀୟ ମୁଖପାତ୍ର ରଣଦୀପ୍ ସୁର୍ଜେୱାଲାଙ୍କୁ ସମନ ଜାରି କରି ମେ ୨୭ରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅହମ୍ମଦାବାଦ ଜିଲା ସମବାୟ ବ୍ୟାଙ୍କ (ଏଡିସିବି) ଏବଂ ଏହାର ଅଧ୍ୟକ୍ଷ ଅଜୟ ପଟେଲଙ୍କ ପକ୍ଷରୁ ଏହି ମାନହାନି ମାମଲା ରୁଜୁ ହୋଇଥିଲା। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଏହି ବ୍ୟାଙ୍କର ଅନ୍ୟତମ ନିର୍ଦ୍ଦେଶକ ଅଛନ୍ତି। ୨୦୧୬ ନଭେମ୍ବର ୮ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୫୦୦ ଓ ୧୦୦୦ ଟଙ୍କିଆ ନୋଟକୁ ଅଚଳ ଘୋଷଣା କରିବାର ୫ ଦିନ ମଧ୍ୟରେ ଉକ୍ତ ବ୍ୟାଙ୍କରେ ୭୫୦ କୋଟି ଟଙ୍କାର ଅଚଳ ନୋଟ ବଦଳା ଯାଇଥିବା କଂଗ୍ରେସ ନେତା ଅଭିଯୋଗ କରିଥିଲେ। ଏହା ବିରୋଧରେ ବ୍ୟାଙ୍କ ଓ ଏହାର ଅଧ୍ୟକ୍ଷ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେମାନଙ୍କ ବିରୋଧରେ ପ୍ରମାଣ ମିଳିବା ପରେ ଅତିରିକ୍ତ ମୁଖ୍ୟ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ ଏସ.କେ. ଗାଧଭି ଉଭୟ ନେତାଙ୍କୁ ସମନ ଜାରି କରିଛନ୍ତି।



ରଣଦୀପ୍ ସୁର୍ଜେୱାଲା ଓ ରାହୁଲ ଗାନ୍ଧୀ।

# କମଲନାଥଙ୍କ ସମ୍ପର୍କୀୟଙ୍କ ଘରେ ଦ୍ୱିତୀୟ ଦିନ ଆୟକର ଚଢ଼ାଉ ଜାରି

ନୂଆଦିଲ୍ଲୀ/ଭୋପାଳ,୮।୪(ପି.ଟି.)

ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଲନାଥଙ୍କ ଘନିଷ୍ଠ ସହଯୋଗୀଙ୍କ ଘରେ ସୋମବାର ଦ୍ୱିତୀୟ ଦିନ ପାଇଁ ଆୟକର ଚଢ଼ାଉ ଜାରି ରହିଛି। ଏହି ଚଢ଼ାଉ ବେଳେ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଓ ନଗଦ ଟଙ୍କା ଜବତ ହୋଇଥିବା ଜଣାପଡିଛି। ହାୱାଲା ଡିଲର ପରାସ ମାଲ୍ ଲୋଧାଙ୍କୁ ଆୟକର ବିଭାଗ ପକ୍ଷରୁ ଜେରା କରାଯାଇଛି। ରବିବାର ଭୋର ସମୟରୁ କମଲନାଥଙ୍କ ଘନିଷ୍ଠ ସହଯୋଗୀ ତଥା ପୂର୍ବତନ ଅଫିସର ଅନ୍ ସ୍ପେଶାଲ ଡ୍ୟୁଟି (ଓଏସ୍‌ଡି) ପ୍ରବୀଣ କକ୍କର, ପୂର୍ବତନ ଉପଦେଷ୍ଟା ରାଜେନ୍ଦ୍ର ମିଗ୍‌ଲାନି, ଅଶ୍ୱିନୀ ଶର୍ମା ଏବଂ ତାଙ୍କ ଭିଣୋଇଙ୍କ କମ୍ପାନୀ ସହ ଜଡିତ ଅଧିକାରୀ ଏବଂ ଭଣଜା ରାତୁଲ ପୁରୀଙ୍କ କମ୍ପାନୀ ଉପରେ ଚଢ଼ାଉ ଆରମ୍ଭ ହୋଇଥିଲା। ଜବତ ଅର୍ଥ ନିର୍ବାଚନରେ ବ୍ୟବହାରର ଯଥେଷ୍ଟ ସମ୍ଭାବନା ଥିଲା ବୋଲି ଏକ ସୂତ୍ରରୁ କୁହାଯାଇଛି।



ଅଶ୍ୱିନୀ ଶର୍ମାଙ୍କ ଘରେ ଆଇଟି ଚଢ଼ାଉ।

# ଟ୍ରିବ୍ୟୁନାଲ ଗଲେ ଭାଇସ୍ ଆଡ୍‌ମିରାଲ ବିମଲ ବର୍ମା

**ନୂଆଦିଲ୍ଲୀ,୮।୪(ପି.ଟି.)**-ପରବର୍ତ୍ତୀ ନୌସେନା ମୁଖ୍ୟ ନିଯୁକ୍ତିରେ ବରିଷ୍ଠତାକୁ ଅଣଦେଖା କରାଯାଇଥିବାରୁ ଆଣ୍ଡାମାନ ନିକୋବର କମାଣ୍ଡର ମୁଖ୍ୟ କମାଣ୍ଡର ଭାଇସ୍ ଆଡ୍‌ମିରାଲ ବିମଲ ବର୍ମା ସଶସ୍ତ୍ର ବାହିନୀ ଟ୍ରିବ୍ୟୁନାଲରେ ଚ୍ୟାଲେଞ୍ଜ କରିଛନ୍ତି। ଟ୍ରିବ୍ୟୁନାଲ ମଙ୍ଗଳବାର ଉକ୍ତ ପିଟିଶନ୍‌ର ଶୁଣାଣି କରିପାରନ୍ତି। ବର୍ମା ସର୍ବବରିଷ୍ଠ ଅଫିସର ଥିବାବେଳେ ତାଙ୍କ ପରିବର୍ତ୍ତେ ଭାଇସ୍ ଆଡ୍‌ମିରାଲ କରମବୀର ସିଂଙ୍କୁ ସରକାର ପରବର୍ତ୍ତୀ ନୌସେନା ମୁଖ୍ୟ ନିଯୁକ୍ତି କରିଛନ୍ତି। ବର୍ତ୍ତମାନର ନୌସେନା ମୁଖ୍ୟ ଆଡ୍‌ମିରାଲ ସୁନିଲ ଲାନ୍‌ବା ମେ ୩୦ରେ ଅବସର ଗ୍ରହଣ କରିବାକୁ ଯାଉଛନ୍ତି।

**ନୂଆ ନୌସେନା ମୁଖ୍ୟ ନିଯୁକ୍ତିକୁ ଚ୍ୟାଲେଞ୍ଜ**

## ଇତିହାସର ଆଇନାରେ

### ଏପ୍ରିଲ ୯ର ପ୍ରମୁଖ ଘଟଣା

୧୯୪୮ ଏପ୍ରିଲ ୯ରେ ଅଭିନେତ୍ରୀ ଜୟା ବଚ୍ଚନଙ୍କର ଜନ୍ମ। ସେ ସମାଜବାଦୀ ପାର୍ଟିରୁ ରାଜ୍ୟସଭା ସଦସ୍ୟ ଅଛନ୍ତି। ସେ ୯ ଥର ଫିଲ୍ମଫେୟାର ପୁରସ୍କାର ସମେତ ଭାରତ ସରକାରଙ୍କଠାରୁ ପଦ୍ମଶ୍ରୀ ପୁରସ୍କାର ପାଇଛନ୍ତି।

୨୦୧୪ ଏପ୍ରିଲ ୯ରେ ଫ୍ରାଙ୍କଲିନ ରିଜିଅନାଲ ହାଇସ୍କୁଲର ଜଣେ ଛାତ୍ର ୨୦ ଜଣ ସହପାଠୀ ଓ ସୁରକ୍ଷା କର୍ମୀଙ୍କୁ ଛୁରିରେ ଆକ୍ରମଣ କରିଥିଲେ।


# ମନେ ପଡ଼ନ୍ତି

## ପ୍ରଥମ ଶ୍ରାଦ୍ଧବାର୍ଷିକୀ



ଲୁନା ମଲ୍ଲ (ବଗୁଲୀ)
ଆବିର୍ଭାବ : ତା.୦୨.୧୨.୧୯୮୪ରିଖ
ତିରୋଧାନ : ତା.୦୯.୦୪.୨୦୧୮ରିଖ

ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା। ତୋର ଅବର୍ତ୍ତମାନର ସତ୍ୟତାକୁ ଏ ପର୍ଯ୍ୟନ୍ତ ବୁଝିପାରୁନୁ। ତୋର ଭକ୍ତି, ସ୍ନେହ, ଶ୍ରଦ୍ଧା ଓ ତ୍ୟାଗ ଆମ୍ଭମାନଙ୍କର ପାଥେୟ ହୋଇ ରହିବ। ପୁଣି ଥରେ ଆମ ପରିବାରରେ ଜନ୍ମ ନେବାକୁ କୋହଭରା କଣ୍ଠରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ପ୍ରାର୍ଥନା କରୁଅଛୁ।

-: ଶୋକସନ୍ତପ୍ତ :-
ବୋଉ, ବାପା (ଶ୍ରୀ ଭୀଷ୍ମ ମଲ୍ଲ), ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୧୨୦୩୩

## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ସୋନାଲି ଦେଓ
(ଟୋନି)
ଆବିର୍ଭାବ: ୦୯।୦୩।୧୯୭୫
ତିରୋଧାନ: ୦୯।୦୪।୧୯୯୮

କାଲି ପରି ଲାଗୁଛି ଚାହୁଁ ଚାହୁଁ ୨୧ ବର୍ଷ ବିତିଗଲା। ତୁ ଆମକୁ ଏପରି ଅସମୟରେ ଛାଡ଼ି ଚାଲିଯିବୁ ବୋଲି ଆମେ ସ୍ୱପ୍ନରେ ଭାବି ନଥିଲୁ। ''ଜାତସ୍ୟ ହି ଧ୍ରୁବ ମୃତ୍ୟୁ'' ଯେ ଏତେ କଠିନ ସତ୍ୟ ଆମେ ତୋର ସେ ଅଭୁଲା ସ୍ମୃତିକୁ ପାଥେୟ କରି ବଞ୍ଚି ରହିଛୁ। ତୁ ଯେଉଁଠି ଥା ପଛେ ଆମର ଆଶୀର୍ବାଦ ସବୁବେଳେ ତୋ ଉପରେ ଅଛି। ତୋର ଅଭୁଲା ବାପା, ମା ଓ ପରିବାରବର୍ଗ। ବାପା- କୁଳମଣି ଦେଓ, ମା-ପ୍ରମିଳା ଦେଓ। ବି.ଜେ.୨୯, ବିଜେବି ନଗର, ଭୁବନେଶ୍ୱର।
ଧ-୬୫୮୭୨

## ଅଷ୍ଟମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଗୋପୀନାଥ ଦାଶ
କୁଞ୍ଜକାନ୍ତ, ଢେଙ୍କାନାଳ
ତିରୋଧାନ: ୦୭।୦୪।୨୦୧୧

ବାପା, ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ସ୍ୱାଭିମାନ ଆମର ଚିରସ୍ମରଣୀୟ, ଆଶୀର୍ବାଦ ଆମର ସଦା ପାଥେୟ। ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଆପଣଙ୍କର ପତ୍ନୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀ ଓ ଆତ୍ମୀୟସ୍ୱଜନ। ଧ-୬୨୦୯୨

## ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ନିରଞ୍ଜନ ନାୟକ
ଗ୍ରାମ: ଚାଉରପୁର, ଜିଲ୍ଲା: ସମ୍ବଲପୁର
ଆବିର୍ଭାବ: ୧୩।୦୮।୧୯୫୧
ତିରୋଧାନ: ୨୯।୦୩।୨୦୧୯

ଆପଣଙ୍କର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟ ପରାୟଣତା ଓ ଶୃଙ୍ଖଳିତ ଜୀବନଚର୍ଯ୍ୟା ଆମକୁ ଜୀବନ ଚଲାପଥରେ ବାଟ ଶିଖାଇଛି। ଆପଣଙ୍କର ପବିତ୍ର ଆତ୍ମା ଆମମାନଙ୍କ ଭିତରେ ଅଛି ଓ ସବୁଦିନ ରହିଥିବ ମଧ୍ୟ। ମା' ସମଲେଶ୍ୱରୀ, ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ। ଶୋକସନ୍ତପ୍ତ: ସ୍ତ୍ରୀ- ସାବିତ୍ରୀ ନାୟକ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ଭାଇ, ଭଉଣୀ, ଭଉଣୀ ଜ୍ୱାଇଁ, ବନ୍ଧୁ ପରିଜନ ସହ ନାୟକ ପରିବାରବର୍ଗ। ଧ-୧୨୦୪୨

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

# CLASSIFIED DISPLAY

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Dhanlaxmi Finance
(Registration- BG8855CH8814)
ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ପର୍ସନାଲ, ସବୁ ଋଣ ମାତ୍ର 24 ଘଣ୍ଟାରେ ପାଆନ୍ତୁ। 2% ସୁଧ, 40% ରିହାତି ସହିତ। ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି।
Helpline: 9499135756
Sadheisasan, Anakhia, Jagatsinghpur, Odisha. PIN-754102

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ
୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍‌ଚର, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free 9115871031
Add. : T-51, Gali No. 8, Gautampuri, Delhi

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

LOAN
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍‌ଚର୍
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395860668
8395864708
SCO- 106, Second Floor, Vishal Tower, Cannaught Place, Delhi.

ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର
CITY FINANCE GROUP LTD.
ଭାରତର ସର୍ବଶ୍ରେଷ୍ଠ ସୁପ୍ରସିଦ୍ଧ କମ୍ପାନୀ ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ ଋଣ, ବିପିଏଲ୍ କାର୍ଡ ଋଣ, ବ୍ୟବସାୟ ଋଣ, ଆଧାରକାର୍ଡ ମାତ୍ର 24 ଘଣ୍ଟାରେ ଘରେ ବସି କିମ୍ବା ଅନ୍‌ଲାଇନ୍‌ରେ ପାଆନ୍ତୁ କମ୍ ସମୟ ସହଜ କିସ୍ତିରେ ଉପଲବ୍ଧ। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number
9855585642
8053882482
B-283, JJ Camp Tigri, South Delhi, Delhi - 110062

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

VINAYAK FINANCE
VINAYAK ଋଣ ଲିମିଟେଡ୍ ସରକାରୀ ସ୍ୱୀକୃତିପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ ଆଧାରକାର୍ଡ, ସମ୍ପତି, ବ୍ୟକ୍ତିଗତ, ପଶୁପାଳନ କୃଷି, ଋଣ ମାତ୍ର ୩୬ ଘଣ୍ଟାରେ । ୨% ସୁଧ ୫୦% ଛାଡ଼। ଘରେ ବସି ପାଆନ୍ତୁ (ବିଦ୍ୟାର୍ଥୀ /ମହିଳା ମାନଙ୍କ ପାଇଁ ବିଶେଷ ରିହାତି)
ଖର୍ଚ୍ଚ ଲୋନ ପାସ ହେଲା ପରେ
LEWIS ROAD, PATNA, BIHAR
RAJ KUMAR
7577028197

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂପର୍କ କରନ୍ତୁ
Plot No - 114, 2nd Lane, PI Colony Bangalore, Karnataka 570001
9407808604
7310568553

GOLD CASH
AN ISO 9001:2015 CERTIFIED PUBLIC LIMITED COMPANY
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

ASTROLOGY
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠକରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

TARIFF

| | Size | Amount |
|---|---|---|
| For Single Day | 6×4 cm | 1500.00 |
| For Single Day | 12×4 cm | 2000.00 |
| For 7 Days | 6×4 cm | 6000.00 |
| For 7 Days | 12×4 cm | 12,000.00 |
| For 15 Days | 6×4 cm | 12,000.00 |
| For 15 Days | 12×4 cm | 25,000.00 |
| For 30 Days | 6×4 cm | 20,000.00 |
| For 30 Days | 12×4 cm | 40,000.00 |

*GST 5% Extra


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



କ୍ରିକେଟରରୁ ରାଜନେତା ହୋଇଥିବା କୀର୍ତ୍ତି ଆଜାଦଙ୍କୁ କଂଗ୍ରେସ ଝାଡ଼ଖଣ୍ଡର ଧାନବାଦ ଲୋକ ସଭା ଆସନରୁ ପ୍ରାର୍ଥୀ କରିଛି। ଖୁଣ୍ଟି ଆସନରୁ କାଳୀଚରଣ ମୁଣ୍ଡା ପ୍ରାର୍ଥୀ ହୋଇଛନ୍ତି। ବିହାରର ଦରଭଙ୍ଗା ଆସନରୁ ଏମ୍‌ପି ଥିବା ଆଜାଦ ଗତ ଫେବୃୟାରୀରେ କଂଗ୍ରେସରେ ଯୋଗ ଦେଇଥିଲେ। ଦଳୀୟ ଶୃଙ୍ଖଳା ଭଙ୍ଗ ପାଇଁ ୨୦୧୫ରେ ଭାଜପା ତାଙ୍କୁ ଦଳରୁ ନିଲମ୍ବନ କରିଥିଲା।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଭଉଣୀଭାଇଙ୍କ ମୃତ୍ୟୁ

**ବଡ଼ମ୍ବା,୮।୪(ଡି.ଏନ.ଏ.):** କଟକ ଜିଲା ବଡ଼ମ୍ବା ଥାନା ଅଧୀନ ମାଳତି ଗ୍ରାମରେ ସୋମବାର ଏକ ଦୁଃଖଦ ଘଟଣା ଘଟିଛି। ଗ୍ରାମର ୨ ଭାଇଙ୍କ ଝିଅପୁଅ ପୋଖରୀରେ ବୁଡ଼ିଯାଇ ମୃତ୍ୟୁବରଣ କରିଛନ୍ତି। ମୃତକଦ୍ୱୟ ହେଲେ ଗ୍ରାମର ବିଜୟ ପଲେଇଙ୍କ ଝିଅ ପ୍ରିୟଦର୍ଶିନୀ ପଲେଇ(୯) ଓ ତାଙ୍କ ବଡ଼ଭାଇ ଅଜୟ ପଲେଇଙ୍କ ଏକମାତ୍ର ପୁଅ ଆଶୁତୋଷ ପଲେଇ(୮)। ଉଭୟ ଭଉଣୀଭାଇ ଗାଁ ସ୍କୁଲରେ ପଢୁଥିଲେ। ପ୍ରିୟଦର୍ଶିନୀ ୪ର୍ଥ ଶ୍ରେଣୀରେ ପଢୁଥିବାବେଳେ ଆଶୁତୋଷ ୩ୟ ଶ୍ରେଣୀରେ ପଢୁଥିଲେ। ବିଦ୍ୟାଳୟରୁ ଫେରିବା ପରେ ସେମାନେ ଗାଁ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ସମୟରେ ସେଠାରେ ବୁଡ଼ି ଯାଇଥିଲେ। ଖବର ପ୍ରଚାରିତ ହେବାପରେ ବାଲିଝାରୀ ଅଗ୍ନିଶମ କର୍ମଚାରୀ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରିଥିଲେ। ପରେ ପରିବାର ଲୋକେ ସେମାନଙ୍କୁ ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଉକ୍ତ ଘଟଣାକୁ ନେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

# ଭୋଟ ବିଭାଜନ କରିବ ଦଳୀୟ ଅନ୍ତର୍ଦ୍ୱନ୍ଦ୍ୱ

ଲୋକନାଥ ମିଶ୍ର
ଖୋର୍ଦ୍ଧା ଅଫିସ,୮।୪

**ବେଗୁନିଆ ନିର୍ବାଚନମଣ୍ଡଳୀ**
- ବିଜେଡି, ଭାଜପା ପ୍ରାର୍ଥୀଙ୍କ ଚିନ୍ତା ବଢୁଛି
- ଫାଇଦା ନେବାକୁ ଗୋଟି ଚଳାଇଛି କଂଗ୍ରେସ

ଆସନ୍ତା ୨୩ ତାରିଖ ତୃତୀୟ ପର୍ଯ୍ୟାୟରେ ଖୋର୍ଦ୍ଧା ଜିଲାରେ ନିର୍ବାଚନ ଅନୁଷ୍ଠିତ ହେବ। ତେବେ ସବୁଠୁ ଚର୍ଚ୍ଚିତ ବେଗୁନିଆ ନିର୍ବାଚନମଣ୍ଡଳୀ ଉପରେ ଏବେ ସମସ୍ତଙ୍କର ନଜର ରହିଛି। ଏଠାରେ ତିନି ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପକ୍ଷରୁ ଜୋରଦାର ପ୍ରଚାର ଚାଲିଛି। ଭୋଟରଙ୍କୁ ହାତେଇବା ପାଇଁ ଦଳ ଓ ପ୍ରାର୍ଥୀମାନେ ନୂଆ ରଣକୌଶଳ ଆପଣାଉଛନ୍ତି। ଏପରି ସ୍ଥିତିରେ ଏବେ ଦଳୀୟ ଅନ୍ତର୍ଦ୍ୱନ୍ଦ୍ୱକୁ ନେଇ ପ୍ରାର୍ଥୀଙ୍କୁ ଚିନ୍ତା ଘାରିଛି। ଭୋଟ ବିଭାଜନ ଆଶଙ୍କା ଥିବାରୁ ଅସନ୍ତୁଷ୍ଟଙ୍କୁ ମନାଇବା ପାଇଁ ଉଦ୍ୟମ ଚାଲିଛି। କିନ୍ତୁ ସମୟ ଯେତିକି ଗଡୁଛି ପରିସ୍ଥିତି ସେତିକି ବିଗୁଡୁଥିବା ସୂଚନା ମିଳିଛି।

ବେଗୁନିଆ ନିର୍ବାଚନ ମଣ୍ଡଳୀରେ ଭାଜପା ଓ ବିଜେଡିରେ ଅନ୍ତର୍ଦ୍ୱନ୍ଦ୍ୱ ପଦାକୁ ଆସିଛି। ଭାଜପାରେ ଟିକେଟ ପାଇବା ପାଇଁ ଜତୀନ ମହାନ୍ତି ଓ ପ୍ରକାଶ ରଣବିଜୁଳି ଦାବିଦାର ଥିଲେ। ହେଲେ ରିଷଭ ନନ୍ଦ ବିଜେଡି ଛାଡ଼ି ଭାଜପାରେ ଯୋଗଦେବା ପରେ ତାଙ୍କୁ ଟିକେଟ ମିଳିଲା। ରିଷଭ ପ୍ରାର୍ଥୀ ହେବା ପରେ ଦଳରେ ବିବାଦ ବଢ଼ି ଚାଲିଲା। ଏହାକୁ ବିରୋଧ କରି ଦୀର୍ଘଦିନ ଧରି ଦଳ ପାଇଁ କାର୍ଯ୍ୟ କରି ଆସୁଥିବା ନେତାମାନେ ବିରୋଧ କରିବା ସହ ତୀବ୍ର ଅସନ୍ତୋଷ ପ୍ରକାଶ କଲେ। କେତେକ ସ୍ଥାନରେ ଦଳୀୟ ହୋର୍ଡିଂ ଭଙ୍ଗାରୁଜା ଓ ପୋଡାଜଳା ବି ହେଲା। କେତେଜଣ କର୍ମକର୍ତ୍ତା ଦଳରୁ ମଧ୍ୟ ଇସ୍ତଫା ଦେଲେ। ରୁଦ୍ର ନାରାୟଣ ବାହିନିପତି ସମର୍ଥକଙ୍କ ସହ ଭାଜପାରୁ ଇସ୍ତଫା ଦେଇ ଏବେ ସ୍ୱାଧୀନ ପ୍ରାର୍ଥୀ ହୋଇଛନ୍ତି। ରୁଦ୍ର କେତେଜଣ ଅସନ୍ତୁଷ୍ଟ ନେତା, କର୍ମୀ ଓ ସମର୍ଥକଙ୍କୁ ନିଜ ସପକ୍ଷକୁ ନେଇ ନିଜ ହାତମୁଠାକୁ ଟାଣ କରିବାରେ ଲାଗିଛନ୍ତି। ତେଣୁ ଭାଜପାର ଭୋଟ ଭାଗ ହେବାରେ ଲାଗିଛି। ଆଉ କେତେଜଣ ଅସନ୍ତୁଷ୍ଟ କର୍ମକର୍ତ୍ତା, କର୍ମୀ ଓ ସମର୍ଥକଙ୍କୁ ରିଷଭ ବୁଝାସୁଝା କରି ଦଳରେ ରଖିଛନ୍ତି। ହେଲେ ସେମାନେ ଠିକ୍ ସମୟରେ ସାଥ୍ ଦେବେ କି ରିଷଭଙ୍କ ହାତ ଛାଡ଼ିବେ ତାହା ମଧ୍ୟ କହି ହେଉନି।

ସେହିଭଳି ବିଜେଡିରେ ମଧ୍ୟ ଅସନ୍ତୁଷ୍ଟଙ୍କ ସଂଖ୍ୟା କମ୍ ନାହାନ୍ତି। ୨୦୧୪ ପ୍ରଶାନ୍ତ ଜଗଦେବ ବିଜେଡି ଟିକେଟରେ ବିଧାୟକ ହୋଇଥିଲେ। ଦଳୀୟ ସଂଗଠନ ମଧ୍ୟ ମଜବୁତ୍ କରିଚାଲିଥିଲେ। ୨୦୧୯ ନିର୍ବାଚନରେ ପୁଣି ଥରେ ପ୍ରାର୍ଥୀ ହେବା ପାଇଁ ଆଶାବାଦୀ ଥିଲେ। ହେଲେ ତାଙ୍କୁ ଦଳ ବେଗୁନିଆରୁ ଟିକେଟ୍ ନ ଦେଇ ଚିଲିକା ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀ କରିଛି। ତାଙ୍କ ବଦଳରେ ବେଗୁନିଆରେ ଦଳ ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର ସାହୁଙ୍କୁ ଟିକେଟ ଦେଇଛି। କିନ୍ତୁ ଏଠାରେ ପ୍ରଶାନ୍ତଙ୍କ ସମର୍ଥକ ଓ କେତେଜଣ ବିଜେଡି କର୍ମୀ ରାଜେନ୍ଦ୍ରଙ୍କୁ ସେପରି ସହଯୋଗ କରୁ ନ ଥିବା ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ରାଜେନ୍ଦ୍ରଙ୍କ ନାମାଙ୍କନ ପତ୍ର ଦାଖଲବେଳେ ପ୍ରଶାନ୍ତ ନ ଥିଲେ କି ପ୍ରଶାନ୍ତଙ୍କ ସମୟରେ ରାଜେନ୍ଦ୍ରଙ୍କ ଉପସ୍ଥିତି ଦେଖିବାକୁ ମିଳି ନ ଥିଲା। ସେହିଭଳି ବେଗୁନିଆର ସଭା ସମିତିରେ ଗୋଟିଏ ସ୍ଥାନରେ ଉଭୟଙ୍କୁ କେତେବେଳେ ଏକାଠି ବସିଥିବାର ଦେଖିବାକୁ ମିଳୁନି। ଏଭଳି ସ୍ଥିତି ଲାଗି ରହିଲେ ବିଜେଡି ଭୋଟ ମଧ୍ୟ ଭାଗ ହେବାର ସମ୍ଭାବନା ଅଧିକ ରହିଛି।

ଦୁଇ ଦଳର ଏହି ସ୍ଥିତି କଂଗ୍ରେସ ପ୍ରାର୍ଥୀ ପ୍ରଦୀପ କୁମାର ସାହୁଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ ବୋଲି କୁହାଯାଉଛି। ଦୁଇ ଦଳର ଅସନ୍ତୁଷ୍ଟମାନଙ୍କ ସହ ଭିତିରି ହାତ ମିଳାଇ ସମର୍ଥନ ଯୋଗାଡ଼ କରୁଥିବା ଜଣାପଡିଛି। ପୁଣି ପ୍ରଦୀପ ହେଉଛନ୍ତି ସ୍ଥାନୀୟ ଲୋକ। ୨୦୧୪ ନିର୍ବାଚନରେ ଆମ ଓଡିଶା ପାର୍ଟିରୁ ଲଢ଼ି ୨ୟ ସ୍ଥାନରେ ଥିଲେ। ଏବେ କଂଗ୍ରେସ ଟିକେଟ ପାଇ ସେ ମାଟିର ପୁଅ ପ୍ରସଙ୍ଗକୁ ଭୋଟରଙ୍କ ପାଖରେ ଉପସ୍ଥାପନ କରୁଛନ୍ତି। ବିଗତ ଦିନରେ କାହିଁକି ସ୍ଥାନୀୟ ଅଞ୍ଚଳର ବିକାଶ ହୋଇ ନାହିଁ ସେସମ୍ପର୍କରେ ଭୋଟରଙ୍କୁ ବୁଝାଇବା ସହ ମାଟିର ପୁଅକୁ ଭୋଟ ଦେବାକୁ ନିବେଦନ କରୁଛନ୍ତି। ସେହିଭଳି ଏଠାରେ ଫ୍ରି ଥଟ୍ ପାର୍ଟି ଅଫ୍ ଇଣ୍ଡିଆରୁ ବିଜୟ କୁମାର ସ୍ୱାଇଁ, ସ୍ୱାଧୀନ ଭାବେ ରୁଦ୍ର ନାରାୟଣ ବାହିନୀପତି, ଶଙ୍କର ବେହେରା ଓ ଶିବ ପ୍ରସାଦ ମିଶ୍ର ନିର୍ବାଚନ ମଇଦାନରେ ଅଛନ୍ତି। ତେଣୁ କିଏ ବିଜୟ ମୁକୁଟ ପିନ୍ଧିବ ତାହାକୁ ନେଇ ବେଗୁନିଆ ନିର୍ବାଚନମଣ୍ଡଳୀବାସୀଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିବାରେ ଲାଗିଛି।

# ଭୁବନେଶ୍ୱର ବିମାନବନ୍ଦରରେ ଲାଗୁ ହେଲା ନୂତନ ପାର୍କିଂ ପଲିସି

- ଘରୋଇ ଯାନ ପାଇଁ ଦେୟମୁକ୍ତ ବ୍ୟବସ୍ଥା



ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର।

ଭୁବନେଶ୍ୱର,୮।୪(ବ୍ୟୁରୋ)

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ସୋମବାର ନୂତନ ପାର୍କିଂ ପଲିସି ଲାଗୁ ହୋଇଛି। ଏଥିପାଇଁ ପାର୍କିଂ ନିୟମରେ ସମ୍ପୂର୍ଣ୍ଣ ପରିବର୍ତ୍ତନ କରାଯାଇ ଘରୋଇ ଗାଡ଼ିଗୁଡ଼ିକ ପାଇଁ ଦେୟମୁକ୍ତ ବ୍ୟବସ୍ଥା କରାଯାଇଛି। ବ୍ୟବସାୟିକ ଉଦ୍ଦେଶ୍ୟରେ ଯାଉଥିବା ଗାଡ଼ିଗୁଡ଼ିକ ପାଇଁ ଡ୍ରପିଂ ଫ୍ରି କରାଯାଇଥିବା ବେଳେ ପିକ୍ ଅପ୍ ପାଇଁ ୪୦ଟଙ୍କା ଦେବାର ବ୍ୟବସ୍ଥା ହୋଇଛି। ତେବେ ନିର୍ଦ୍ଦିଷ୍ଟ ପାର୍କିଂ ଏରିଆରେ ଗାଡ଼ିଗୁଡ଼ିକ ରହଣି ପାଇଁ ଭିନ୍ନ ଦେୟର ନିୟମ ରହିଛି। ଦୁଇଚକିଆ ଯାନ ନିମନ୍ତେ ୩୦ମିନିଟ୍‌କୁ ୧୦ଟଙ୍କା ରଖାଯାଇଥିବା ବେଳେ ୨ଘଣ୍ଟା ପାଇଁ ୧୫, ୨ରୁ ୭ଘଣ୍ଟା ହେଲେ ପ୍ରତି ଘଣ୍ଟା ପିଛା ୫ଟଙ୍କା ଏବଂ ୨୪ଘଣ୍ଟା ପାଇଁ ୪୫ଟଙ୍କା ରଖାଯାଇଛି। କାର୍ ନିମନ୍ତେ ୩୦ମିନିଟ୍‌କୁ ୨୦ଟଙ୍କା ରଖାଯାଇଥିବା ବେଳେ ୨ଘଣ୍ଟା ପାଇଁ ୫୫, ୨ରୁ ୭ଘଣ୍ଟା ହେଲେ ପ୍ରତି ଘଣ୍ଟା ପିଛା ୧୦ଟଙ୍କା ଏବଂ ୨୪ଘଣ୍ଟା ପାଇଁ ୧୬୫ଟଙ୍କା ରଖାଯାଇଛି। ଟେମ୍ପୋ, ମିନିବସ୍, ସଭ୍ କାର୍ ପାଇଁ ୩୦ମିନିଟ୍‌କୁ ୨୦ଟଙ୍କା ଦେୟ ଧାର୍ଯ୍ୟ କରାଯାଇଥିବା ବେଳେ ୨ଘଣ୍ଟା ପାଇଁ ୬୦, ୨ରୁ ୭ଘଣ୍ଟା ହେଲେ ପ୍ରତି ଘଣ୍ଟା ପିଛା ୧୦ଟଙ୍କା ଏବଂ ୨୪ଘଣ୍ଟା ପାଇଁ ୧୮୦ଟଙ୍କା ରହିଛି। ସେହିପରି କୋଚ୍, ବସ୍ ଓ ଟ୍ରକ୍ ପାଇଁ ୩୦ମିନିଟ୍‌କୁ ୩୦ଟଙ୍କା ରଖାଯାଇଛି। ୨ଘଣ୍ଟା ପାଇଁ ୭୦ଟଙ୍କା, ୨ରୁ ୭ଘଣ୍ଟା ହେଲେ ପ୍ରତି ଘଣ୍ଟା ପିଛା ୧୦ଟଙ୍କା ଏବଂ ୨୪ଘଣ୍ଟା ପାଇଁ ୨୧୦ଟଙ୍କା ଦେବାର ବ୍ୟବସ୍ଥା ହୋଇଛି। ତେବେ ସରକାରୀ ଯାନ ଓ ସରକାରଙ୍କ ଦ୍ୱାରା ନିୟୋଜିତ ଗାଡ଼ିଗୁଡ଼ିକ ପାଇଁ ଦେୟମୁକ୍ତ ବ୍ୟବସ୍ଥା ରହିଛି। ପ୍ରବେଶ ପଥ କିମ୍ବା ପାର୍କିଂ ଜାଗାକୁ ଛାଡ଼ି ଦେଲେ ଅନ୍ୟ କୌଣସି ଜାଗାରେ କିଛି ଯାନ ପାର୍କିଂ କରିପାରିବେ ନାହିଁ। ଯଦି କରିବେ, ତା'ହେଲେ ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆର ପଲିସି ଅନୁଯାୟୀ ଜରିମାନା ଆଦାୟ କରାଯିବ।

## ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ପ୍ରସଙ୍ଗ

# ଭାଜପା ଇସ୍ତାହାରକୁ ନେଇ ଅଭିଯୋଗ ଆଣିଲା ବିଜେଡି

ଭୁବନେଶ୍ୱର,୮।୪ (ବ୍ୟୁରୋ)

ରାଜ୍ୟ ଭାଜପାର ନିର୍ବାଚନୀ ଇସ୍ତାହାର ପତ୍ର ରବିବାର ଦଳର ରାଷ୍ଟ୍ରୀୟ ସଭାପତି ଅମିତ ଶାହ ପ୍ରକାଶ କରିଛନ୍ତି। ଏଥିରେ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ପ୍ରସଙ୍ଗ ନ ଥିବାରୁ ଭାଜପାକୁ କଡ଼ା ସମାଲୋଚନା କରିଛି ବିଜେଡି। ଭାଜପା ସାଢେ ୪ କୋଟି ଓଡିଆଙ୍କୁ ଠକିଥିବା ଅଭିଯୋଗ ଆଣିଛି। ସୋମବାର ଭାଜପାର ଏକ ପ୍ରତିନିଧି ଦଳ ଖାରବେଳନଗର ଥାନାରେ ଏନେଇ ଅଭିଯୋଗ କରିଛି। ଏହାକୁ ନେଇ ଉଭୟ ବିଜେଡି ଓ ଭାଜପା ନେତା ମୁହାଁମୁହିଁ ହେବା ସହ ପରସ୍ପର ବିରୋଧରେ ଗୋହି ଖୋଲାଖୋଲି ହୋଇଛନ୍ତି।

ବିଜେଡି ଅଭିଯୋଗ ଆଣିଛି ଯେ, ୨୦୧୪ ନିର୍ବାଚନୀ ଇସ୍ତାହାରରେ ଭାଜପା ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଦେବାକୁ ପ୍ରତିଶ୍ରୁତି ଦେଇଥିଲା। କେନ୍ଦ୍ରରେ ତାଙ୍କ ସରକାର ଆସିଥିଲେ ମଧ୍ୟ ୫ ବର୍ଷ ମଧ୍ୟରେ ତାହା ପୂରଣ କଲେ ନାହିଁ। ପ୍ରତିଶ୍ରୁତିରୁ ଓହରି ଯାଇ ରାଜ୍ୟବାସୀଙ୍କୁ ଭାଜପା ଠକିଛି। ଲୋକଙ୍କୁ ଠକେଇ ଓ ପ୍ରତାରଣା କରିଥିବା ଭାଜପା ନାମରେ ୪୨୦ ଦଫାରେ ମାମଲା ରୁଜୁ କରାଯିବାକୁ ଅଭିଯୋଗପତ୍ରରେ ଦାବି କରାଯାଇଥିବା ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି। ଅଭିଯୋଗ ସମୟରେ ସସ୍ମିତଙ୍କ ସହ ବିଜେଡି ମୁଖପାତ୍ର ଲେଲିନ ମହାନ୍ତି, ସୁଲତା ଦେଉ ପ୍ରମୁଖ ଥିଲେ।

ଅନ୍ୟପକ୍ଷରେ ବିଜେଡିର ଏହି ଅଭିଯୋଗକୁ ନେଇ ଭାଜପା ପକ୍ଷରୁ ତୀବ୍ର ସମାଲୋଚନା କରାଯାଇଛି। ଭାଜପା ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି, ଠକ ଯାଇ ପୋଲିସର ଦ୍ୱାରସ୍ଥ ହେବା ହାସ୍ୟାସ୍ପଦ। ଯୋଗ୍ୟତା ନ ଥିବାରୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପାଉନି ଓଡିଶା। ପୂର୍ବରୁ ମନ୍ତ୍ରୀ ଉଷା ଦେବୀ ନିଜେ ଏହା ମଧ୍ୟ କହିଛନ୍ତି। ନିଜ ଘୋଷଣା କେତେଦୂର ପୂରଣ କରୁଛି ବିଜେଡି। କେବଳ ଲୋକ ଦେଖାଣିଆ ନାଟକ କରୁଛି ଶାସକଦଳ। ସେମାନଙ୍କୁ ପରାଜୟର ଭୟ ଅଧିକ ଘାରିଛି ବୋଲି ସେ କହିଛନ୍ତି।



ଖାରବେଳ ନଗର ଥାନାରେ ବିଜେଡି ନେତୃବୃନ୍ଦ ଅଭିଯୋଗ କରୁଛନ୍ତି।

- ସାଢ଼େ ୪ କୋଟି ଲୋକଙ୍କୁ ଠକିଛି ଭାଜପା: ବିଜେଡି
- ଠକ ପୋଲିସର ଦ୍ୱାରସ୍ଥ ହେବା ହାସ୍ୟାସ୍ପଦ: ଭାଜପା

# ସଙ୍ଗୀତ ନିର୍ଦ୍ଦେଶକ ବାସୁଦେବ ରଥଙ୍କ ଶେଷକୃତ୍ୟ ସମ୍ପନ୍ନ

**କଟକ ଅଫିସ,୮।୪:** ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ବାସୁଦେବ ରଥଙ୍କ ଶେଷକୃତ୍ୟ କଟକ ଖାନ୍‌ନଗର ଶ୍ମଶାନରେ ସୋମବାର ଅପରାହ୍ନରେ ସମ୍ପନ୍ନ ହୋଇଛି। ସକାଳ ୭ଟାରେ ବାସୁଦେବଙ୍କ ମରଶରୀରକୁ କଟକ ସାହେବଜାଦା ବଜାରସ୍ଥିତ ବାସଭବନକୁ ନିଆଯାଇଥିଲା। ଅନେକ ବରିଷ୍ଠ ସଙ୍ଗୀତ ନିର୍ଦ୍ଦେଶକ, କଣ୍ଠଶିଳ୍ପୀ, ଅର୍କେଷ୍ଟ୍ରା ଗ୍ରୁପର କର୍ମକର୍ତ୍ତା, ଗଣମାଧ୍ୟମ ପ୍ରତିନିଧି ତାଙ୍କର ଶେଷଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସାନ୍ତ୍ୱନା ଜଣାଇଥିଲେ। ଅପରାହ୍ନରେ ବାସୁଦେବଙ୍କ ମରଶରୀରକୁ ଶୋଭାଯାତ୍ରାରେ ଖାନ୍‌ନଗର ଶ୍ମଶାନକୁ ନିଆଯାଇଥିଲା। ସେଠାରେ ତାଙ୍କ ସମ୍ପର୍କୀୟ ଭାଇ ଆଲେକ୍ସ ମହାପାତ୍ର ମୁଖାଗ୍ନି ଦେଇଥିଲେ। ସୂଚନାଥାଉ କି, ବାସୁଦେବ ବ୍ରେନ୍‌ଷ୍ଟ୍ରୋକ୍‌ରେ ଆକ୍ରାନ୍ତ ହୋଇ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିଲେ। ରବିବାର ରାତି ୯.୧୫ରେ ତାଙ୍କର ପରଲୋକ ଘଟିଥିଲା।

# ବୋଲେରୋରୁ ୨ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଜବତ

**ଭୁବନ, ୮।୪(ଡି.ଏନ.ଏ.):** ଢେଙ୍କାନାଳ ଜିଲା ଭୁବନ ୫୩ ନଂ. ଜାତୀୟ ରାଜପଥ ବାଜି ରାଉତ କଲେଜ ଛକ ନିକଟରୁ ଶନିବାର ସନ୍ଧ୍ୟାରେ ଫ୍ଲାଇଂ ସ୍କ୍ୱାଡ୍ ପାଟ୍ରୋଲିଂ ସମୟରେ ଯାଜପୁର ଜିଲା ଧର୍ମଶାଳା ଥାନା ରାଣୀନ୍ଦି ଗ୍ରାମର ମୁଲସିଙ୍ଗ ରାଠୋରଙ୍କ ଠାରୁ ୨ଲକ୍ଷ ୬ହଜାର ୭୦୦ ଟଙ୍କା ଜବତ କରିଛି। ପାଟ୍ରୋଲିଂବେଳେ ମୁଲସିଙ୍ଗ ଏକ ନାଲି ବୋଲେରୋ (ନଂ.ଓଡି ୨୨ଏଫ ୦୭୬୪)ରେ ତାଳଚେର ଯାଉଥିବାବେଳେ ଗାଡ଼ି ଯାଞ୍ଚ କରାଯାଇଥିଲା। ସେ ନେଉଥିବା ଟଙ୍କାର ପ୍ରମାଣ ଦେଇ ନ ପାରିବାରୁ ଜବତ ଟଙ୍କାକୁ ପୋଲିସ ଜିମା ଦେବାପରେ ଗାଡ଼ିକୁ ଛାଡି ଦିଆଯାଇଥିଲା। ଫ୍ଲାଇଂ ସ୍କ୍ୱାଡ ଦାୟିତ୍ୱରେ ଥିବା ଭୁବନ ଏନ୍‌ଏସି ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ବରାଳ ଓ ଥାନା ଏସ୍‌ଆଇ ପଙ୍କଜ ମାଝିଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଏନ୍‌ଆଇଆର୍‌ଏଫ୍ ର୍ୟାଙ୍କିଙ୍ଗ୍ ଘୋଷଣା

# ଶୀର୍ଷରେ ଆଇଆଇଟି ମାଡ୍ରାସ

ଭୁବନେଶ୍ୱର,୮।୪(ବ୍ୟୁରୋ)

- ଶ୍ରେଷ୍ଠ ୧୦୦ରେ ଓଡ଼ିଶାର ୪ ଶିକ୍ଷାନୁଷ୍ଠାନ, ସ୍ଥାନ ପାଇଲାନି ସରକାରୀ ଶିକ୍ଷାନୁଷ୍ଠାନ
- ୩୮ରେ ଏନ୍‌ଆଇଟି ରାଉରକେଲା

କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ସୋମବାର ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଶନାଲ ର୍ୟାଙ୍କିଙ୍ଗ୍ ଫ୍ରେମ୍‌ୱର୍କ(ଏନ୍‌ଆଇଆର୍‌ଏଫ୍)ର ଭାରତ ର୍ୟାଙ୍କିଙ୍ଗ୍ ୨୦୧୯ ଘୋଷଣା କରାଯାଇଛି। ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଭାରତର ଶିକ୍ଷାନୁଷ୍ଠାନଗୁଡ଼ିକର ଏନ୍‌ଆଇଆର୍‌ଏଫ୍ ର୍ୟାଙ୍କିଙ୍ଗ୍ ଘୋଷଣା କରିଛନ୍ତି। ଏନ୍‌ଆଇଆର୍‌ଏଫ୍ ୯ଟି ବର୍ଗ ସାମଗ୍ରିକ, ବିଶ୍ୱବିଦ୍ୟାଳୟ, ଇଞ୍ଜିନିୟରିଂ, ସାଧାରଣ କଲେଜ, ମ୍ୟାନେଜମେଣ୍ଟ, ଫାର୍ମାସୀ, ଲ', ଆର୍କିଟେକ୍ଟର ଓ ମେଡିକାଲ ର୍ୟାଙ୍କିଙ୍ଗ୍ ଉନ୍ମୋଚନ କରିଛି। ସାମଗ୍ରିକ ସଫଳତାକୁ ନେଇ ଆଇଆଇଟି ମାଡ୍ରାସ ୮୩.୮୮ ସ୍କୋର ରଖି ପ୍ରଥମ ସ୍ଥାନ ଅଧିକାର କରି ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଛି। ଏହି ବର୍ଗରେ ରାଉରକେଲାର ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି(ଏନ୍‌ଆଇଟି) ୫୦.୭୫ ସ୍କୋରରେ ୩୮ ର୍ୟାଙ୍କରେ ଥିବାବେଳେ ଶିକ୍ଷା ଓ ଅନୁସନ୍ଧାନ ୪୧(୫୦.୩୧), ଆଇଆଇଟି ଭୁବନେଶ୍ୱର ୪୬(୪୮.୭୩) ଓ କିଟ୍ ୫୦(୪୭.୯୭)ରେ ରହିଛି। ହେଲେ ଏହି ବର୍ଗରେ ଓଡ଼ିଶାର ଗୋଟିଏ ବି ସରକାରୀ ଶିକ୍ଷାନୁଷ୍ଠାନ ଶ୍ରେଷ୍ଠ ୧୦୦ ଭିତରେ ସ୍ଥାନ ପାଇନାହିଁ। ସେହିପରି ବିଶ୍ୱବିଦ୍ୟାଳୟ ବର୍ଗରେ ଓଡ଼ିଶାର କେବଳ ଦୁଇଟି ଶିକ୍ଷାନୁଷ୍ଠାନ ସ୍ଥାନ ପାଇଛି। ଶିକ୍ଷା ଓ ଅନୁସନ୍ଧାନ ୨୪ରେ ଥିବାବେଳେ କିଟ୍ ୩୧ ର୍ୟାଙ୍କରେ ରହିଛି। ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନ ବର୍ଗରେ ଏନ୍‌ଆଇଟି ରାଉରକେଲା ୧୬ରେ ଥିବାବେଳେ ଆଇଆଇଟି ଭୁବନେଶ୍ୱର ୧୭, ଶିକ୍ଷା ଓ ଅନୁସନ୍ଧାନ ୩୨, କିଟ୍ ୪୮, ସିଭି ରମଣ କଲେଜ ଅଫ୍ ଇଞ୍ଜିନିୟରିଂ ୯୪ ର୍ୟାଙ୍କରେ ରହିଛି। ତେବେ ଏହି ବର୍ଗରେ ଓଡ଼ିଶାର ଏକମାତ୍ର ସରକାରୀ ଶିକ୍ଷାନୁଷ୍ଠାନ ଭାବେ ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ୩୪.୦୮ ସ୍କୋର ରଖି ୧୨୬ ର୍ୟାଙ୍କରେ ରହିଛି। ସେହିପରି ମ୍ୟାନେଜମେଣ୍ଟ ଶିକ୍ଷାନୁଷ୍ଠାନ ବର୍ଗରେ କିଟ୍ ୩୦ରେ ଥିବାବେଳେ, ଜାଭିୟର ୟୁନିଭର୍ସିଟି ୪୪ ଓ ଇଣ୍ଟରନ୍ୟାଶନାଲ ମ୍ୟାନେଜମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍ ୬୬ ର୍ୟାଙ୍କରେ ରହିଛି। ଓଡ଼ିଶାରେ ଲ' ଶିକ୍ଷାନୁଷ୍ଠାନ ବର୍ଗରେ କିଟ୍ ୧୨ ର୍ୟାଙ୍କରେ ସ୍ଥାନ ପାଇଛି। ସେହିପରି ମେଡିକାଲ ଶିକ୍ଷାନୁଷ୍ଠାନ ବର୍ଗରେ ଶିକ୍ଷା ଓ ଅନୁସନ୍ଧାନ ୨୧ ଏବଂ କିଟ୍ ୩୦ ର୍ୟାଙ୍କରେ ରହିଛି। ସାଧାରଣ କଲେଜ, ଫାର୍ମାସୀ ଓ ଆର୍କିଟେକ୍ଟର ବର୍ଗରେ ଓଡ଼ିଶାର କୌଣସି ଶିକ୍ଷାନୁଷ୍ଠାନ ସ୍ଥାନ ପାଇନାହିଁ।

ଅନ୍ୟପଟେ ଏନ୍‌ଆଇଆର୍‌ଏଫ୍ ର୍ୟାଙ୍କ୍ ଏଥର ମଧ୍ୟ ଓଡ଼ିଶାକୁ ନିରାଶ କରିଛି। ରାଜ୍ୟର ୩ ସରକାରୀ ବିଶ୍ୱବିଦ୍ୟାଳୟ ର୍ୟାଙ୍କିଙ୍ଗ୍ ପାଇଁ ଆବେଦନ କରିଥିବା ବେଳେ ଗୋଟିଏ ମାତ୍ର ଶିକ୍ଷାନୁଷ୍ଠାନ ଏଥିରେ ସ୍ଥାନ ପାଇଛି।









ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୯ ଏପ୍ରିଲ୍, ୨୦୧୯



ସତ୍ୟ, ଶାନ୍ତି, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହି ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
- ଶ୍ରୀ ଅଭିରାମ ପରମହଂସ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ମା' ଭୁବନେଶ୍ୱରୀଙ୍କ ୫୦ତମ ନବଦିନାତ୍ମକ ପୂଜା, ମା'ଙ୍କ ପୀଠ, ଡି.ଏଲ୍. କଲୋନୀ, ବୀର ସୁରେନ୍ଦ୍ର ସାଏ ନଗର, ସକାଳ ୬ଟା ୩୦ରୁ ରାତି ୧୦ଟା ୩୦।
- ୟୁନିଟ-୩ସ୍ଥିତ ଡ.ଅଭିନ ଚନ୍ଦ୍ର ହୋମିଓପାଥି ମେଡିକାଲ କଲେଜର ଛାତ୍ର ସଂଘର ବାର୍ଷିକ ଉତ୍ସବ, କଲେଜ ଅଡିଟୋରିୟମ ହଲ, ପୂର୍ବାହ୍ନ ୧୦ଟା।
- ବିଭୂତି କାନୁନ୍‌ଗୋ ଚାରୁ ଓ କାରୁକଳା ମହାବିଦ୍ୟାଳୟର ବାର୍ଷିକ ଚିତ୍ରକଳା ପ୍ରଦର୍ଶନୀ, କ୍ୟାମ୍ପସ୍ ପରିସର, ତପୋବନ, ଖଣ୍ଡଗିରି, ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୫ଟା।
- ବଡ଼ଗଡ଼ ବ୍ରିଟ କଲୋନୀସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୪ତମ ବାର୍ଷିକ ଉତ୍ସବ, ବିଦ୍ୟାଳୟ ପରିସର, ଅପରାହ୍ନ ୫ଟା ୩୦।

**କଟକ**

- ଇଣ୍ଡିଆନ୍ କାଉନସିଲ ଫର କଲଚରାଲ ରିଲେସ୍‌ନ(ଆଇସିସିଆର୍) ଏବଂ ରେଭେନ୍‌ସା ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଆଇସିସିଆର୍‌ର ପ୍ରତିଷ୍ଠା ଦିବସ, ରେଭେନ୍‌ସା ବିଶ୍ୱବିଦ୍ୟାଳୟ କ୍ୟାମ୍ପସ, କନଭେନଶନ ସେଣ୍ଟର, ସନ୍ଧ୍ୟା ୬ଟା।

**ପୁରୀ**

- ଶ୍ରୀ ଶ୍ରୀ ସତ୍ୟ ନାରାୟଣ ସମିତିର 'ବାଦୀପାଲା', ଦୋଳବେଦୀ, ଲକ୍ଷ୍ମୀ ବଜାର, ସନ୍ଧ୍ୟା ୭ଟା।

**ଖୋର୍ଦ୍ଧା**

- ଶ୍ରୀରାମଚରିତ ମାନସ, ନବାହ୍ନ ପାରାୟଣ, ବିଶ୍ୱଶାନ୍ତି ମହାଯଜ୍ଞ ଓ ସାନ୍ଧ୍ୟ ପ୍ରବଚନ ଜ୍ଞାନ ଯଜ୍ଞରେ ଦଶରଥଙ୍କର ସ୍ୱର୍ଗାରୋହଣ ଓ ଭରତଙ୍କର ଚିତ୍ରକୂଟ ଗମନ ପ୍ରବଚନ, ଶ୍ରୀ ଶ୍ରୀ ମହାବୀର ଓ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣ ଗୁରୁଜଙ୍ଗ, ସନ୍ଧ୍ୟା ୮ଟା ।

**ବାଲିଅନ୍ତା**

- ସରସ୍ୱତୀ ଶିକ୍ଷା ମନ୍ଦିରର ୧୭ତମ ବାର୍ଷିକ ଉତ୍ସବ, ନହରକଣ୍ଟା, ଅପରାହ୍ନ ୫ଟା।

## ଶ୍ରୀମନ୍ଦିରରେ ଖସାପଡ଼ା ନୀତି ସମ୍ପନ୍ନ

ପୁରୀ ଅଫିସ, ୮।୪: ଶ୍ରୀମନ୍ଦିରରେ ସୋମବାର ମହାପ୍ରଭୁଙ୍କ ଖସାପଡ଼ା ନୀତି ସମ୍ପନ୍ନ ହୋଇଛି। ଏହି ନୀତି ଅପରାହ୍ନ ୪ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିଥିଲା। ଏଥିଯୋଗୁ ଭକ୍ତମାନେ ପ୍ରାୟ ୨ଘଣ୍ଟା ୫୦ମିନିଟ ଦାରୁବିଗ୍ରହଙ୍କୁ ଦର୍ଶନ କରିପାରି ନ ଥିଲେ। ନୀତି ସମ୍ପନ୍ନ ହୋଇ ସନ୍ଧ୍ୟା ୬ଟା ୫୦ରେ ମହାସ୍ନାନ ହେବା ପରେ ପୁଣି ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ଖସାପଡ଼ା ହେଉଛି ଏକ ଗୁପ୍ତ ନୀତି। ଏଥିପାଇଁ ପୂର୍ବଦିନରୁ ଦେଉଳକରଣ ଧଳା କନା ଧୋଇ ଶୁଖାଇ ଗାରଦରେ ଜମା ଦେଇଥାନ୍ତି। ଶୁଦ୍ଧସୁଆର ଖଳି, କଇଥ ଅଠା ଯୋଗାଇଥାନ୍ତି। ମଧ୍ୟାହ୍ନ ଧୂପ ପରେ ଜୟବିଜୟ ଦ୍ୱାର ବନ୍ଦ ହୁଏ। ବେହେରଣ ଦ୍ୱାର ଦେଇ ଦଇତାପତିମାନେ ଗର୍ଭଗୃହକୁ ଯାଇ ରତ୍ନ ସିଂହାସନ ଉପରେ ମହାପ୍ରଭୁଙ୍କ ଏହି ଗୁପ୍ତ ନୀତି ସମ୍ପନ୍ନ କରିଥାନ୍ତି। ଧଳାକନା, ଖଳି ଓ କଇଥ ଅଠାକୁ ବ୍ୟବହାର କରି ମହାପ୍ରଭୁଙ୍କ ଶ୍ରୀଅଙ୍ଗଙ୍କୁ ସଜାଇଥାନ୍ତି।

## ମେ' ୭ରେ ପୂର୍ବ ଓଡ଼ିଶା ଧନୁଯାତ୍ରା ମହୋତ୍ସବ

**ମହାପ୍ରଭୁଙ୍କ ନିକଟରୁ ଆସିବ ଆଜ୍ଞାମାଳ, ପଡ଼ିବ ଶୁଭଖୁଣ୍ଟି**



ଜଟଣୀ,୮।୪(ଡି.ଏନ୍.ଏ.): ପୂର୍ବ ଓଡ଼ିଶା ଧନୁଯାତ୍ରା ମହୋତ୍ସବ ମେ'୭ରୁ ଆରମ୍ଭ ହେବାକୁ ଯାଉଛି । ଜଟଣୀ ପାତ୍ରପଡ଼ାରେ ଅନୁଷ୍ଠିତ ହେଉଥିବା ଏହି ଧନୁଯାତ୍ରା ଚଳିତବର୍ଷ ୫ବର୍ଷରେ ପହଞ୍ଚିଛି। ଏହା ୭ଦିନ ଧରି ଅନୁଷ୍ଠିତ ହେବ । ଶ୍ରୀ ମଦନମୋହନ କଳା ସଂସଦ ପକ୍ଷରୁ ଏନେଇ ସୋମବାର ଏକ ଖବରଦାତା ସମ୍ମିଳନୀରେ ସଭାପତି ପଦ୍ମଚରଣ ପ୍ରଧାନ, ସମ୍ପାଦକ ଲଲାଟେନ୍ଦୁ ବେବର୍ତ୍ତା, କୋଷାଧକ୍ଷ ମନୋଜ ସାହୁ, ଅଭିମନ୍ୟୁ ପ୍ରଧାନ ଏହି ସୂଚନା ଦେଇଛନ୍ତି। ପୁରୀରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରୁ ଆଜ୍ଞାମାଳ ଆସି ଚଳିତମାସ ୧୪ତାରିଖ ପଣାସଂକ୍ରାନ୍ତିରେ ଧନୁଯାତ୍ରା ପଡ଼ିଆରେ ଶୁଭଖୁଣ୍ଟି ପଡ଼ି ପରବର୍ତ୍ତୀ ସମସ୍ତ ପ୍ରସ୍ତୁତି ଆରମ୍ଭ ହେବ ବୋଲି କହିଥିଲେ। ପୂର୍ବବର୍ଷ ପରି ଚଳିତବର୍ଷ ମଧ୍ୟ ଧନୁଯାତ୍ରାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଶ୍ରୀକୃଷ୍ଣଙ୍କ ରାସଲୀଳା ପରିବେଷଣ କରାଯିବ। ଧନୁଯାତ୍ରା ପଡ଼ିଆରେ ମିନା ବଜାର, ସର୍କସ, ଅପେରା, ଶହେରୁ ଅଧିକ ଷ୍ଟଲ ସ୍ଥାନ ପାଇବ। ଏହା ସହ ରାଜ୍ୟ ତଥା ରାଜ୍ୟ ବାହାରର ପ୍ରତିଷ୍ଠିତ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ପାରମ୍ପରିକ ନୃତ୍ୟଗୀତ ପରିବେଷଣ କରାଯିବ। ଦୈନିକ ଧନୁଯାତ୍ରା ମଞ୍ଚରେ ରାଜ୍ୟ ତଥା ସ୍ଥାନୀୟ ଅଞ୍ଚଳର ବିଭିନ୍ନ ବର୍ଗର ବିଶିଷ୍ଟ ବ୍ୟକ୍ତିମାନଙ୍କ ଉପସ୍ଥିତିରେ ଆଲୋଚନା ସ୍ଥାନ ପାଇବ। ପୂର୍ବ ବର୍ଷ ପରି ନିକଟବର୍ତ୍ତୀ କଣ୍ଟିଗ୍ରାମକୁ ଗୋପପୁର ଓ ପାତ୍ରପଡ଼ା ଧନୁଯାତ୍ରା ମହୋତ୍ସବସ୍ଥଳକୁ ମଥୁରା ନାମରେ ନାମକରଣ କରାଯାଇଛି।

# ଫଟୋ ଖବରଦାତାଙ୍କୁ ଟ୍ରାଫିକ୍ କନଷ୍ଟେବଲଙ୍କ ମାଡ଼

**ଥାନାରେ ଏତଲା, କାର୍ଯ୍ୟାନୁଷ୍ଠାନ ଦାବି**

ପୁରୀ ଅଫିସ, ୮।୪

ଶ୍ରୀକ୍ଷେତ୍ରରେ ଅପରାଧ ରୋକିବାରେ ପୋଲିସ ବ୍ୟର୍ଥ ହେଉଥିବାବେଳେ ସାଧାରଣ ଜନତାଙ୍କ ଉପରେ ହାକିମାତି କରୁଛି। ଏପରିକି ଖବରଦାତାଙ୍କ ଉପରେ ଦାଦାଗିରି ଦେଖାଉଛି। ସୋମବାର ଏଭଳି ଏକ ଘଟଣା ଦେଖିବାକୁ ମିଳିଛି।

ସନ୍ଧ୍ୟାରେ ସିଂହଦ୍ୱାର ନିକଟରେ 'ଧରିତ୍ରୀ'ର ଫଟୋ ଖବରଦାତା ଯଜ୍ଞେଶ୍ୱର ମହାନ୍ତିଙ୍କୁ ଜଣେ ଟ୍ରାଫିକ କନଷ୍ଟେବଳ ମରଣାନ୍ତକ ଆକ୍ରମଣ କରିଛନ୍ତି। ନିସ୍ଥୁକ ମାଡ଼ରେ ତାଙ୍କ ନାକ, ପାଟି, ଓଠ ଫାଟିଯାଇଛି। ଏ ନେଇ ଖବରଦାତା ମହାନ୍ତି ସିଂହଦ୍ୱାର ଥାନାରେ ଏତଲା ଦେବା ସହ ସମ୍ପୃକ୍ତ କନଷ୍ଟେବଲଙ୍କ ବିରୋଧରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଯଜ୍ଞେଶ୍ୱର ତାଙ୍କ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ଯେ, ସନ୍ଧ୍ୟାରେ ସେ ସିଂହଦ୍ୱାର ନିକଟକୁ ଫଟୋ ଉଠାଇବାକୁ ଯାଇଥିଲେ। ଏମାର ମଠ ଚକଡା ଆଗରେ ବାଇକକୁ ପାର୍କିଂ କରିବା ପରେ ଶ୍ରୀମନ୍ଦିର ଫଟୋ ଉଠାଉଥିଲେ। ଏହି ସମୟରେ ସେଠାରେ ଡ୍ୟୁଟିରେ ଥିବା ଟ୍ରାଫିକ କନଷ୍ଟେବଳ ବାମନ ଚରଣ ମାନସିଂ ପାର୍କିଂକୁ ନେଇ ତାଙ୍କ ସହ ପାଟିତୁଣ୍ଡ କରିଥିଲେ। ସେଠାରୁ ବାଇକ ତୁରନ୍ତ ହଟାଇବାକୁ ତାଗିଦ୍ କରିଥିଲେ। ସେ ଜଣେ ଫଟୋ ଖବରଦାତା ଏବଂ ଗୋଟିଏ ଫଟୋ ଉଠାଇ ୫ମିନିଟ୍ ମଧ୍ୟରେ ସେଠାରୁ ଚାଲିଯିବେ ବୋଲି କହିଥିଲେ। ତେବେ ଏଥିରେ କନଷ୍ଟେବଳ ମାନସିଂ ଉତ୍‌କ୍ଷିପ୍ତ ହୋଇ ତାଙ୍କୁ ଆକ୍ରମଣ କରିଥିଲେ। ତାଙ୍କୁ ପ୍ରଥମେ ଧକ୍କା ମାରିଥିଲେ। ଯଜ୍ଞେଶ୍ୱର ଏହାର ବିରୋଧ କରିବାରୁ ସେ ତାଙ୍କ ମୁହଁକୁ ମୁଥ ମାରିଥିଲେ। ଫଳରେ ସେ ଗୁରୁତର ଆହତ ହୋଇଛନ୍ତି।

# ବଢୁଛି ବଳାତ୍କାର, କମୁଛି ଦଣ୍ଡବିଧାନ ହାର

ଭୁବନେଶ୍ୱର,୮।୪(ବ୍ୟୁରୋ)





ବଳାତ୍କାରମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ ଅତିଥିମାନେ।

- ଦୋଷୀସାବ୍ୟସ୍ତ ହେଉଛନ୍ତି ମାତ୍ର ୬ ପ୍ରତିଶତ ଅଭିଯୁକ୍ତ
- ରାଜ୍ୟରେ ୬୩ ପ୍ରତିଶତ ପୀଡ଼ିତାଙ୍କ ବୟସ ୧୮ବର୍ଷରୁ କମ୍
- ଅଭିଯୁକ୍ତଙ୍କୁ ଜାଣନ୍ତି ନାହିଁ ୭୨ ପ୍ରତିଶତ ପୀଡ଼ିତା

ବଳାତ୍କାର ହାର ବର୍ଷକୁ ବର୍ଷ ବଢୁଥିବା ବେଳେ ଏ କ୍ଷେତ୍ରରେ ବିଚାର ପ୍ରକ୍ରିୟା ବିଳମ୍ବ ହେଉଛି। ଦଣ୍ଡବିଧାନ ହାର ବି କମୁଛି। ପୀଡ଼ିତା ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି। ନାବାଳିକାଙ୍କ ପ୍ରତି ବଳାତ୍କାର ଓ ଅସଦାଚରଣ ମାମଲା ବଢ଼ିବାରେ ଲାଗିଛି। ୨୦୧୮ ବର୍ଷର ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ ତଥ୍ୟ ଅନୁସାରେ, ପ୍ରତିଦିନ ଦେଶରେ ୧୦୬ ବଳାତ୍କାର ଘଟଣା ରେକର୍ଡ ହେଉଛି। ପ୍ରତି ୧୦ଜଣ ପୀଡ଼ିତାଙ୍କ ମଧ୍ୟରୁ ୪ଜଣ ହେଉଛନ୍ତି ନାବାଳିକା। ଜାତୀୟସ୍ତରରେ ବଳାତ୍କାର କ୍ଷେତ୍ରରେ ପ୍ରାୟ ୯୪ ପ୍ରତିଶତ ଦୋଷୀ ପୀଡ଼ିତାଙ୍କ ଜଣାଶୁଣା ବା ସମ୍ପର୍କୀୟ ହୋଇଥିବା ବେଳେ ଓଡ଼ିଶାର ଚିତ୍ର କିନ୍ତୁ ଭିନ୍ନ ରହିଛି। ଓଡ଼ିଶାରେ ଘଟୁଥିବା ମାମଲାରେ ୭୨ ପ୍ରତିଶତ ପୀଡ଼ିତା ଅଭିଯୁକ୍ତଙ୍କୁ ଜାଣନ୍ତି ନାହିଁ। ସବୁଠାରୁ ଦୁର୍ଭାଗ୍ୟଜନକ ବିଷୟ ହେଲା, ରାଜ୍ୟରେ ୬୩ ପ୍ରତିଶତ ପୀଡ଼ିତାଙ୍କ ବୟସ ୧୮ବର୍ଷରୁ କମ୍। ଓଡ଼ିଶାରେ ବଳାତ୍କାରମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ ଏଭଳି ତଥ୍ୟ ସାମ୍ନାକୁ ଆସିଛି।

କୈଳାସ ସତ୍ୟାର୍ଥୀ ଚିଲ୍‌ଡ୍ରେନ୍ସ ଫାଉଣ୍ଡେଶନ ଏବଂ ପିପୁଲ୍‌ସ କଲଚରାଲ ସେଣ୍ଟର(ପିକକ୍)ର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ କୈଳାସ ସତ୍ୟାର୍ଥୀ ଚିଲ୍‌ଡ୍ରେନ୍ସ ଫାଉଣ୍ଡେଶନ ନିର୍ଦ୍ଦେଶକ ରାକେଶ ସେଙ୍ଗର ଯୋଗଦେଇ କହିଥିଲେ, ବଳାତ୍କାର ମାମଲାର ବିଚାର ବର୍ଷ ବର୍ଷ ପଡ଼ିରହୁଛି। ଅଧିକାଂଶ କ୍ଷେତ୍ରରେ ପୀଡ଼ିତାଙ୍କୁ ନ୍ୟାୟ ମିଳୁନି। ଅଭିଯୁକ୍ତ ସହଜରେ ଖସିଯାଉଛନ୍ତି ଏବଂ ପୀଡ଼ିତା ସାମାଜିକ ବାସନ୍ଦ ହେବା ଭଳି ପରିସ୍ଥିତି ସୃଷ୍ଟି ହେଉଛି। ବଳାତ୍କାର ମାମଲାରେ ପଶ୍ଚିମବଙ୍ଗରେ ଦଣ୍ଡବିଧାନ ହାର ସବୁଠୁ କମ୍ ୩ ପ୍ରତିଶତ ଥିବାବେଳେ ଓଡ଼ିଶାରେ ଏହା ୬ ପ୍ରତିଶତ ରହିଛି। ଅର୍ଥାତ୍ ଓଡ଼ିଶାରେ ମାତ୍ର ୬ ପ୍ରତିଶତ ଅଭିଯୁକ୍ତ ଦୋଷୀସାବ୍ୟସ୍ତ ହେଉଛନ୍ତି। ରାଜ୍ୟରେ ବଳାତ୍କାର ହାର ବଢ଼ି ଚାଲିଥିବା ବେଳେ ଦଣ୍ଡବିଧାନ ହାର କମି କମି ଯାଉଛି। ରାଜନୈତିକ ଦଳଗୁଡ଼ିକ ସେମାନଙ୍କ ଇସ୍ତାହାରରେ ଏ ପ୍ରସଙ୍ଗ ପ୍ରତି ଗୁରୁତ୍ୱ ଦେବା ସହିତ ନିର୍ବାଚନ ବେଳେ ପ୍ରାର୍ଥୀମାନେ ପ୍ରଥମେ ମହିଳା ଓ ଶିଶୁଙ୍କୁ ସୁରକ୍ଷା ଦେବାକୁ ସତ୍ୟପାଠ ଦାଖଲ କରିବା ଆବଶ୍ୟକ ବୋଲି ସେ କହିଥିଲେ। ଜିଡିପିର ୧୦ ପ୍ରତିଶତ ମହିଳା ଓ ଶିଶୁ ସୁରକ୍ଷା କ୍ଷେତ୍ରରେ ଖର୍ଚ୍ଚ କରିବାକୁ ସେ ଦାବି କରିଥିଲେ। ପିକକ୍‌ର ସମ୍ପାଦକ ରଞ୍ଜନ ମହାନ୍ତି କହିଥିଲେ, ମହିଳା ଓ ଶିଶୁଙ୍କ ସୁରକ୍ଷା ବାବଦରେ ବଜେଟରେ ବରାଦ ଅର୍ଥ ଅଧିକାଂଶ ସମୟରେ ଖର୍ଚ୍ଚ ହେଉନାହିଁ। ଗ୍ରାମ ସ୍ତରରେ ଶିଶୁ ସୁରକ୍ଷା କମିଟି ଗଠନ ହୋଇପାରୁନାହିଁ। କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟର ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ ବଳାତ୍କାରଜନିତ ଅପରାଧଗୁଡ଼ିକର ତ୍ୱରିତ ବିଚାର ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଯୋଗଦେଇଥିଲେ। ସିପିଆଇ ନେତା ସୌରୀବନ୍ଧୁ କର, ଭାଜପା ମୁଖପାତ୍ର ଚିତ୍ରଲେଖା ମହାନ୍ତି, କଂଗ୍ରେସ ମୁଖପାତ୍ର ସୋନାଲି ସାହୁ, ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି, ସୁଲତା ଦେଓ ପ୍ରମୁଖ ବଳାତ୍କାରମୁକ୍ତ ସମାଜ ଗଠନ ପାଇଁ ସାମଗ୍ରିକ ଉଦ୍ୟମ ହେବା ଆବଶ୍ୟକ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିକକ୍‌ର ଅଧକ୍ଷା ଆଦରବଣି ବରାଳ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି, ନିର୍ଦ୍ଦେଶିକା ମୀନାକ୍ଷୀ ପଣ୍ଡା, ସ୍ୱାସ୍ଥ୍ୟ ବିଭାଗ ପୂର୍ବତନ ନିର୍ଦ୍ଦେଶିକା ଡ. ସେବା ମହାପାତ୍ର, ଦୂରଦର୍ଶନର ପୂର୍ବତନ ନିର୍ଦ୍ଦେଶକ ବୈକୁଣ୍ଠନାଥ ପାଣିଗ୍ରାହୀ, କ୍ରୀଡ଼ାବିତ୍ ଅନୁରାଧା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।



ନରେନ୍ଦ୍ର ମୋଦିଙ୍କୁ ପୁଣିଥରେ ପ୍ରଧାନମନ୍ତ୍ରୀ କରିବା ପାଇଁ ଭାଜପା ପକ୍ଷରୁ ଚାଲିଥିବା ସର୍ବଭାରତୀୟ ମାରାଥନ 'ରନ୍ ଫର୍ ନମୋ ଏଗେନ୍' ସୋମବାର ଭୁବନେଶ୍ୱରରେ ପହଞ୍ଚିଥିବାବେଳେ ଏଥିରେ ଭାଗ ନେଇଛନ୍ତି ଜଣାଶୁଣା ମାରାଥନ ରନର ସମୀର ସିଂ ଏବଂ ଅଭିନେତ୍ରୀ ସ୍ନେହା ସିଂ।

# ୧୪ ସିଆରସିସିଙ୍କୁ ପଦବୀ ମୋହ ଛାଡୁନି

**ଡିଇଓଙ୍କୁ ଢାଲ କରି ରହିଲେଣି ୫ରୁ ଊର୍ଦ୍ଧ୍ୱ ବର୍ଷ**

ଟାଙ୍ଗୀ(କଟକ),୮।୪(ଡି.ଏନ୍.ଏ.)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ବିଦ୍ୟାଳୟ କ୍ଲଷ୍ଟର ମାନଙ୍କରେ ୧୮ଜଣ ସିଆରସିସିଙ୍କ(ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ)ମଧ୍ୟରୁ ୧୪ଜଣ ସିଆରସିସି ୫ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କାର୍ଯ୍ୟ କରିଆସୁଛନ୍ତି। ଏତେ ସମୟ ଧରି ଜଣେ ସିଆରସିସି ଏହି ପଦବୀରେ କାମ ନ କରିପାରିବାର ନିୟମ ଥିବା ବେଳେ ଏନେଇ କେତେଜଣ ଶିକ୍ଷକ ୨୦୧୬ରେ ଆଇନର ଦ୍ୱାରସ୍ଥ ହୋଇଥିଲେ। ତେବେ ଅଦାଲତ ଜିଲା ଶିକ୍ଷା ଅଧିକାରୀଙ୍କ ଏହି କାର୍ଯ୍ୟଶୈଳୀକୁ ବେଆଇନ୍ ଘୋଷଣା କରିବା ସହିତ ସମ୍ପୃକ୍ତ ଶିକ୍ଷକମାନଙ୍କୁ ସିଆରସିସି ଦାୟିତ୍ୱରୁ ଅବ୍ୟାହତି ଦେଇ ପୁଣି ସ୍କୁଲମାନଙ୍କରେ ପାଠ ପଢ଼ାଇବାରେ ନିୟୋଜିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସିଆରସିସି ପଦବୀ ନିମନ୍ତେ ଆବଶ୍ୟକ ଭିଜନିଂ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଶିକ୍ଷକମାନଙ୍କୁ ଏହି ପଦବୀରେ ଅବସ୍ଥାପିତ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଜିଲା ଶିକ୍ଷା ଅଧିକାରୀ ଏହି ନିୟମ କାର୍ଯ୍ୟକାରୀ କରିବାକୁ ଟାଳଟୁଳ ନୀତି ଅବଲମ୍ବନ କରିବାରୁ ପୁନଶ୍ଚ ଭିଜନିଂ ପରୀକ୍ଷାରେ କୃତକାର୍ଯ୍ୟ ଶିକ୍ଷକମାନେ ବିଭାଗୀୟ ମନ୍ତ୍ରୀ ଓ ଶିକ୍ଷା ବିଭାଗ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସିଆରସିସିମାନେ ନିଜ କ୍ଲଷ୍ଟରର ପ୍ରଧାନଶିକ୍ଷକ କିମ୍ବା ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବା ନିମନ୍ତେ ସଚିବଙ୍କ ଚିଠି ମିଳିଥିଲେ ମଧ୍ୟ ଜିଲା ଶିକ୍ଷାଧିକାରୀଙ୍କ ଚିଠିରେ କେତେକ ବ୍ୟତିକ୍ରମ ଘଟିଥିବା ଦେଖିବାକୁ ମିଳିଥିଲା। କେତେଜଣ ସିଆରସିସିଙ୍କୁ ନିଜ କ୍ଲଷ୍ଟର ବଦଳରେ ଭିନ୍ନ ଏକ କ୍ଲଷ୍ଟର ଅଧୀନ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଦାୟିତ୍ୱ ପ୍ରଦାନ ନିମନ୍ତେ ଚିଠିରେ ଉଲ୍ଲେଖ ଥିବାରୁ ପରୋକ୍ଷ କ୍ଷମତା ଉପଭୋଗ ନିମନ୍ତେ ସେମାନଙ୍କୁ ସୁଯୋଗ ମିଳିଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ଭିଜନିଂ ଟେଷ୍ଟରେ ଯୋଗ୍ୟ ବିବେଚିତ କୌଣସି ଶିକ୍ଷକଙ୍କ ନାମ ନ ରହିବା ପଛରେ ଜିଲା ଶିକ୍ଷାଧିକାରୀଙ୍କ ଅଦାଲତ ଅବମାନନା ତଥା ବିଭାଗୀୟ ସଚିବଙ୍କ ନିର୍ଦ୍ଦେଶକୁ ବେଖାତିର କରିବାର ଦେଖାଯାଇଛି। ଭିଜନିଂ ଟେଷ୍ଟରେ ଯୋଗ୍ୟ ଶିକ୍ଷକ ସିଆରସିସି ପଦବୀ ନପାଇଲେ ପୁଣି ଅଦାଲତର ଦ୍ୱାରସ୍ଥ ହେବାକୁ ସ୍ଥିର ହୋଇଥିବା କେତେଜଣ ଶିକ୍ଷକ ନିଜ ନାମ ଗୋପନ ରଖି କହିଛନ୍ତି। ଅନ୍ୟପକ୍ଷରେ ଏ ସମ୍ପର୍କରେ କଟକ ଡିଇଓ ନିରଞ୍ଜନ ବେହେରା କୁହନ୍ତି, ଯେଉଁ ଶିକ୍ଷକମାନେ ଭିଜନିଂ ଟେଷ୍ଟରେ ଯୋଗ୍ୟ ବିବେଚିତ ହୋଇଛନ୍ତି, ସେମାନଙ୍କୁ ନିଶ୍ଚିତଭାବେ ସିଆରସିସି ପଦବୀ ନିମନ୍ତେ ସୁଯୋଗ ମିଳିବ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ବିଶ୍ୱଜିତ୍



ଆପୋସ



ପୂର୍ଣ୍ଣଚନ୍ଦ୍ର



ଶାନ୍ତନୁ



ବିନୋଦ



ଜୀବନ



ଦୁର୍ଗା



ସଂକେତ



ସୁବ୍ରତ



ଗୁଡୁ



ସତ୍ୟ କହିବା, ବିନୟ, ସୌନ୍ଦର୍ଯ୍ୟ, ବିଦ୍ୟା ଅଧ୍ୟୟନ, ବଳ, ଧନ, ବୀରତା, ଉପଯୁକ୍ତ ବଚନ ଓ କହିବାର ବୁଦ୍ଧି ହେଉଛି ସ୍ୱର୍ଗ ପ୍ରାପ୍ତି ମାର୍ଗର ଗୋଟିଏ ଗୋଟିଏ ସୋପାନ।
- ବିଦୁର



## ସଂକ୍ଷେପରେ

### କେନାଲରେ ବୁଡ଼ି ବୃଦ୍ଧା ମୃତ

**କଟକ ସଦର, ୮।୪(ଡି.ଏନ୍.ଏ.):** ସୋମବାର ତାଳଦଣ୍ଡା କେନାଲରେ ବୁଡି କିଶୋର ନଗର ଥାନା ଅଧୀନ ସୋମପୁର ଜାତୁଆସାହିର ହାରାମଣି ବେହେରା(୭୨)ଙ୍କ ମୃତ୍ୟୁ ଘଟିଛି। ସେ ଶୌଚ ହେବା ପାଇଁ ଯାଇଥିବାବେଳେ ଅସାବଧାନତା ବଶତଃ ଗୋଡ ଖସିଯିବାରୁ ପାଣିରେ ବୁଡ଼ି ଯାଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ କଟକ ବଡ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୫/୧୯) ରୁଜୁ ହୋଇଛି।

### ଦୋକାନୀଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣା, ୩ ଗିରଫ

**ପାତ୍ରପଡ଼ା,୮।୪(ଡି.ଏନ୍.ଏ.):** ଦୋକାନୀଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣାରେ ଖଣ୍ଡଗିରି ଥାନା ପୋଲିସ ସୋମବାର ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସରକନ୍ତରା ଗ୍ରାମର ଆକାଶ ଷଡଙ୍ଗୀ, ଅଗ୍ନି ଷଡଙ୍ଗୀ ଓ ଚିତ୍ତରଞ୍ଜନ ପରିଜା। ପୋଲିସ ସୂଚନା ଅନୁଯାୟୀ, ଗତ ୬ତାରିଖରେ ଅଭିଯୁକ୍ତମାନେ ଆଇଗିଣିଆ କୁବେରପୁରୀ ଅଞ୍ଚଳରେ ଦୋକାନ କରିଥିବା ଶହଦେବ ସେନାପତିଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ। ଶହଦେବଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ. ୧୯୭/୧୯)ରୁଜୁ କରି ତଦନ୍ତ ଚଳାଇଥିଲା।

### ଜମି ଠକେଇ ଅଭିଯୋଗରେ ଜଣେ ଗିରଫ

**କଟକ ରୋଡ,୮।୪(ଡି.ଏନ୍.ଏ.):** ଜମି ଠକେଇ ଅଭିଯୋଗରେ ବଡ଼ଗଡ଼ ପୋଲିସ ସୋମବାର ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ପୁରୀ ତାଳବଣିଆ ଥାନା ଅଞ୍ଚଳରେ ରହୁଥିବା ପରେଶ ପରମାଣିକ। ପୋଲିସ ସୂଚନା ଅନୁଯାୟୀ, ଚନ୍ଦକା ଥାନା ଅଧୀନ ଗୋଠପାଟଣା ଅଞ୍ଚଳର ବ୍ରହ୍ମାନନ୍ଦ ମଙ୍ଗରାଜ ୨୦୧୫ରେ ପରେଶଙ୍କୁ ୧୪ଲକ୍ଷ ଟଙ୍କାରେ ଏକ ଜମି ବିକ୍ରି କରିଥିଲେ। ପରବର୍ତ୍ତି ସମୟରେ ଉକ୍ତ ଜମି ବାବଦରେ ବିବାଦ ଥିବା ଜାଣିପାରି ପରେଶ କିଣିଥିବା ଜମିକୁ ପୁଣି ବ୍ରହ୍ମାନନ୍ଦଙ୍କୁ ଫେରାଇଦେବାକୁ ଚାହିଁଥିଲେ। ତେବେ ବର୍ତ୍ତମାନ ସମୟରେ ଜମିର ମୂଲ୍ୟ ୩୦ଲକ୍ଷ ଟଙ୍କା ବୋଲି ପରମାଣିକ କହିବା ପରେ ୨୬ଲକ୍ଷ ଟଙ୍କାରେ ଉକ୍ତ ଜମିକୁ ଫେରାଇବା ପାଇଁ ନିଷ୍ପତ୍ତି ହୋଇଥିଲା। ଦାବି ମୁତାବକ ଟଙ୍କା ଅଭିଯୁକ୍ତ ନେଇଥିଲେ ମଧ ଜମି ଫେରାଇ ନ ଥିଲେ ଏବଂ ନେଇଥିବା ଟଙ୍କା ମଧ ଫେରାଇ ନ ଥିଲେ ବୋଲି ତଦନ୍ତକାରୀ ଅଧିକାରୀ ବୈକୁଣ୍ଠ ନାଥ ବେହେରା କହିଛନ୍ତି। ଏନେଇ ବ୍ରହ୍ମାନନ୍ଦଙ୍କ ଅଭିଯୋଗକ୍ରମେ ଥାନାରେ ମାମଲା (ନଂ. ୯୫/୧୯) ରୁଜୁ ହୋଇଛି।

### ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ମୃତ

**ଖୋର୍ଦ୍ଧା ଅଫିସ,୮।୪:** କଲିକତା-ମାଡ୍ରାସ ୧୬ନଂ. ଜାତୀୟ ରାଜପଥର ପିତାପଲ୍ଲୀଛକ ଠାରେ ସୋମବାର ଅପରାହ୍ନରେ ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ମୋଟା ଗାଁର ଶରତ ପଟ୍ଟନାୟକ(୪୫)। ଖବରପାଇ ଆଦର୍ଶ ଥାନାର ଶିଳ୍ପାଞ୍ଚଳ ଫାଣ୍ଡି ପୋଲିସ ଦୁର୍ଘଟଣା ଗସ୍ତ ଗାଡିକୁ ଜବତ କରିଛି। ଅନ୍ୟପକ୍ଷେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ମାମଲା (ନଂ.୧୧୦/୧୯) ରୁଜୁ ହୋଇଛି।

ୟୁନିଟ୍-୧ ମାର୍କେଟରେ ଅସାମାଜିକଙ୍କ ଆତଙ୍କ

# ବ୍ୟବସାୟୀଙ୍କୁ ଖଣ୍ଡାରେ ଗୋଡାଇ ହାଣିଲେ

**ଭୁବନେଶ୍ୱର,୮।୪ (ବ୍ୟୁରୋ)**

■ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି
■ ଘଟଣା ପଛରେ ଜଣେ ମୁଷ୍ଟିମେୟ ବ୍ୟବସାୟୀ
■ ସୁରକ୍ଷା ବ୍ୟବସ୍ଥା ନେଇ ପ୍ରଶ୍ନ ଉଠାଇଲେ ଅନ୍ୟମାନେ



କ୍ୟାପିଟାଲ ଥାନା ଅନ୍ତର୍ଗତ ୟୁନିଟ-୧ ମାର୍କେଟରେ ଏବେ ଅସାମାଜିକଙ୍କ ଉତ୍ପାତ ବଢ଼ି ଚାଲିଛି। କିଛିଦିନ ତଳେ ଜଣେ ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏବେ ଆଉଜଣେ ବ୍ୟବସାୟୀ ତଥା ସମାଜସେବୀଙ୍କୁ ସ୍ପଷ୍ଟ ଦିବାଲୋକରେ ଜଣେ ଦୁର୍ବୃତ୍ତ ଖଣ୍ଡାରେ ଗୋଡ଼ାଇ ହାଣିଛନ୍ତି। ଏଥିରେ ତାଙ୍କ ମୁଣ୍ଡ, ବେକ ଓ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ସେ ହେଲେ ଅଶୋକନଗର ଅଞ୍ଚଳର ସନ୍ତୋଷ କୁମାର ସାହୁ। ତାଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ଓ ପରେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷରେ ଆକ୍ରମଣକାରୀ ଥାନାରେ ଆତ୍ମ ସମର୍ପଣ କରିଥିବା ଜଣାପଡିଛି। ଏହି ଘଟଣା ପରେ ବ୍ୟବସାୟୀମାନେ ଭୟଭୀତ ହୋଇପଡ଼ିଛନ୍ତି। ଜଣେ ମୁଷ୍ଟିମେୟ ବ୍ୟବସାୟୀ ମାର୍କେଟରେ ରାଜ୍ କରୁଥିବାବେଳେ ତାଙ୍କ ଇଙ୍ଗିତରେ ଅପରାଧୀମାନେ ଏପରି କାଣ୍ଡ ଘଟାଉଥିବା ସେମାନେ ଅଭିଯୋଗ କରିଛନ୍ତି।

ସନ୍ତୋଷ ହେଉଛନ୍ତି ୟୁନିଟ୍-୧ ହାଟର ଜଣେ ପ୍ରତିଷ୍ଠିତ ପରିବା ବ୍ୟବସାୟୀ। ଏଥିସହ ଜଣେ ସମାଜସେବୀ ନାମରେ ତାଙ୍କର ସୁନାମ ରହିଛି। ତେବେ ପୂର୍ବ ବିବାଦକୁ ନେଇ ତାଙ୍କୁ ଆକ୍ରମଣ ହୋଇଥିବା ଜଣାପଡିଛି। ସୂଚନାନୁସାରେ, ଅଭିଯୁକ୍ତ ଜଣକ ପୂର୍ବରୁ ସନ୍ତୋଷଙ୍କ ସହ ପରିବା ବ୍ୟବସାୟ କରୁଥିଲେ। ଦୁଇବର୍ଷ ପରେ ସନ୍ତୋଷଙ୍କଠାରୁ ଅଲଗା ହୋଇଯାଇଥିଲେ। ବକେୟା ଟଙ୍କାକୁ ନେଇ ଉଭୟଙ୍କ ମଧ୍ୟରେ ବିବାଦ ଉପୁଜିଥିଲା। ଏ ନେଇ ଦୁଇଦିନ ତଳେ ସନ୍ତୋଷ ବ୍ୟବସାୟୀ ସଂଘକୁ ଜଣାଇବା ପରେ ଏହାର ସମାଧାନ ପାଇଁ ବୈଠକ ବସିବାକୁ ସ୍ଥିର ହୋଇଥିଲା। ସୋମବାର ମଧ୍ୟାହ୍ନରେ ସନ୍ତୋଷ ପରିବା ଗୋଦମରୁ କାମ ସାରି ଘରକୁ ବାହାରିଥିଲେ। ଗୋଦାମ ନିକଟ ପଡିଆରେ ଛକି ରହିଥିବା ଅଭିଯୁକ୍ତ ଜଣକ ତାଙ୍କୁ ହଠାତ ଖଣ୍ଡାରେ ଆକ୍ରମଣ କରିଥିଲେ। ସନ୍ତୋଷ ଜୀବନ ବଞ୍ଚାଇବା ପାଇଁ ଚିତ୍କାର କରି ଦୌଡ଼ିଥିଲେ ମଧ ଅଭିଯୁକ୍ତ ଜଣକ ତାଙ୍କୁ ଗୋଡାଇ ଗୋଡାଇ ମୁଣ୍ଡ, ହାତ, ପିଠି ଏବଂ ବେକକୁ ବାରମ୍ବାର ଚୋଟ ମାରିଥିଲେ। ସେ ପଡ଼ିଯିବା ପରେ ଅଭିଯୁକ୍ତ ଜଣକ ପଳାଇଥିଲେ। ରକ୍ତଜୁଡୁବୁଡୁ ଅବସ୍ଥାରେ ସନ୍ତୋଷଙ୍କୁ ଗୋଦାମ କର୍ମଚାରୀମାନେ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଏ ନେଇ ସନ୍ତୋଷଙ୍କ ବଡ଼ ଭାଇ ଥାନାରେ ଅଭିଯୋଗ କରଛନ୍ତି। ସନ୍ତୋଷଙ୍କୁ ହତ୍ୟା ଉଦ୍ୟମ ସହ ତାଙ୍କଠାରୁ ୩ ଲକ୍ଷ ଟଙ୍କାର ଏକ ସୁନା ଚେନ ଲୁଟି ନେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ଘଟଣାର ତଦନ୍ତ ଚଳାଇଥିବାବେଳେ ଆତ୍ମ ସମର୍ପଣ କରିଥିବା ଅଭିଯୁକ୍ତଙ୍କୁ ପଚରାଉଚରା କରୁଛି।

ଘଟଣା ପାଇଁ ପୋଲିସକୁ ଦାୟୀ କରିଛନ୍ତି ବ୍ୟବସାୟୀମାନେ। ପୂର୍ବ ଘଟଣାରେ ପୋଲିସ ମାତ୍ର ଦୁଇ ଜଣଙ୍କୁ ଗିରଫ କରିଥିବାବେଳେ ଅନ୍ୟମାନେ ଏବେବି ଖୋଲାରେ ବୁଲୁଛନ୍ତି। ଏକ ନିର୍ଦ୍ଦିଷ୍ଟ ଗ୍ରାମର ଯୁବକମାନେ ଏଠାରେ ରାଜ୍ କରୁଥିବା ଓ ଦାଦାବଟି ପାଇଁ ଏପରି କାଣ୍ଡ ଘଟାଉଛନ୍ତି। ଫଳରେ ବ୍ୟବସାୟୀମାନେ ନିଜକୁ ନିରାପଦ ମଣୁନାହାନ୍ତି। ଏନେଇ କ୍ୟାପିଟାଲ ଥାନା ଅଧିକାରୀ ଗିରିଜା ଶଙ୍କର ଚକ୍ରବର୍ତ୍ତୀ କହିଛନ୍ତି, ସନ୍ତୋଷଙ୍କୁ ଆକ୍ରମଣ କରିଥିବା ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏଥିରେ ଅନ୍ୟ କାହାର ସମ୍ପୃକ୍ତ ରହିଛି ତାହାର ତଦନ୍ତ କରାଯାଉଛି। ଅନ୍ୟପକ୍ଷରେ ପୂର୍ବ ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବାକୁ ଉଦ୍ୟମ ଜାରି ରହିଥିବା ଓ ମାର୍କେଟରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ ବୋଲି ସେ କହିଛନ୍ତି।

ଗୁଳିମାଡ଼ରେ ୨ ଆହତ ଘଟଣା

# ୨୪ ଘଣ୍ଟା ପରେ ବି ପୋଲିସ ହାତ ଖାଲି

**ବେଗୁନିଆ, ୮।୪(ଡି.ଏନ୍.ଏ.)**

ଛାତି ଓ ପେଟରୁ ବାହାରିଲା ୨ ଗୁଳି



ଖୋର୍ଦ୍ଧା ଜିଲା ବେଗୁନିଆ ତହସିଲ ଡଙ୍ଗରପଡା ଗ୍ରାମ ସୀମାନ୍ତରେ ଥିବା କାଳଚୁଆ ପାହାଡକୁ ନେଇ ଦୀର୍ଘ ବର୍ଷ ହେବ ବିବାଦ ଲାଗି ରହୁଛି। ପଥର ମାଫିଆମାନେ ଅନେକ ସମୟରେ ପାହାଡ ନିଲାମ ନେଇ କଥା କଥାକେ ଗୁଳି ଫୁଟାଉଛନ୍ତି। ରବିବାର ଅପରାହ୍ନରେ ପଥର ମାଫିଆଙ୍କ ଗୁଳି ମାଡ଼ରେ ୨ ଯୁବକ ଆହତ ହୋଇଥିଲେ। ଏହା ସହ ୨ଟି ହିଟାଚି ଓ ଏକ ବୁଲେଟକୁ ପୋଡି ଦେଇଥିଲେ। ପୋଲିସ ଏ ସମ୍ପର୍କରେ ଏକ ମାମଲା (ନଂ.୫୮/୧୯) ରୁଜୁ କରି ତଦନ୍ତ ଜାରି ରଖିଥିବା ବେଳେ ଘଟଣାକୁ ୨୪ ଘଣ୍ଟା ବିତିଯାଇଥିଲେ ମଧ ଅଭିଯୁକ୍ତମାନଙ୍କୁ ଗିରଫ କରି ପାରି ନାହିଁ। ସୂଚନାଥାଉ କି, ରବିବାର ଅପରାହ୍ନ ପ୍ରାୟ ସାଢେ ୫ଟାରେ ୨ଜଣ ଯୁବକ ଏକ ପଲସରରେ ମୁହଁରେ କପଡା ବାନ୍ଧି ଦଲକ ଗ୍ରାମକୁ ଯାଇ ବାଦଲ ଜେନା(୨୯)ଙ୍କ ଉପରକୁ ୩ରାଉଣ୍ଡ ଗୁଳି ଚଳାଇବା ସହ ତାଙ୍କ ବୁଲେଟକୁ ପୋଡି ଦେଇଥିଲେ। ଗୋଟିଏ ଗୁଳି ତାଙ୍କ ପେଟରେ ଲାଗିଥିବା ବେଳେ ଆଉ ୨ଟି ଗୁଳି ଦୁଇ ହାତରେ ଲାଗିଥିଲା। ବାଦଲଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅସ୍ତ୍ରୋପଚାର ବେଳେ ବାଦଲଙ୍କ ଛାତି ଏବଂ ପେଟରୁ ୨ଟି ଗୁଳି ବାହାର କରାଯିବା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟୁଥିବା ପରିବାର ଲୋକେ କହିଛନ୍ତି। ସେହିପରି ଏହି ଘଟଣାରେ ଡଙ୍ଗରପଡା ଗ୍ରାମର ସୁକାନ୍ତ ସାମନ୍ତରାୟ ନାମକ ଜଣେ ନିରୀହ ଯୁବକଙ୍କ ଗୋଡକୁ ମାଫିଆମାନେ ଏକ ରାଉଣ୍ଡ ଗୁଳି ଚଳାଇଥିଲେ। ସୁକାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ମଧ ଭଲ ଥିବା ପରିବାର ଲୋକେ କହିଛନ୍ତି। ପରେ ପାହାଡ ତଳେ ଥିବା ୨ଟି ହିଟାଚିକୁ ମଧ ପୋଡି ଦେଇଥିଲେ। ଏ ସମ୍ପର୍କରେ ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁ କୁହନ୍ତି, ଘଟଣାର ତଦନ୍ତ ଜାରି ରହିଛି। ଘଟଣାରେ ସମ୍ପୃକ୍ତ ମାଫିଆମାନଙ୍କୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି।

# ବି.ଟେକ୍ ଛାତ୍ରଙ୍କ ହାଇଟେକ୍ ଲୁଟ୍

**ଭୁବନେଶ୍ୱର,୮।୪ (ବ୍ୟୁରୋ)**

■ ବସ୍‌ରେ କୋରିୟର ସଂସ୍ଥାର ପାର୍ସଲ ଲୁଟିଥିଲେ
■ ୩୦ ମୋବାଇଲ୍ ଫୋନ୍ ଜବତ, ଅଭିଯୁକ୍ତ ଗିରଫ



ଏକ କୋରିୟର ସଂସ୍ଥା ପକ୍ଷରୁ ବସ୍‌ରେ ପାର୍ସଲ ହେଉଥିବା ୩୦ ମୋବାଇଲ୍ ଫୋନ୍ ଲୁଟ୍ ଘଟଣାରେ ଏକ ରୋଚକ ତଥ୍ୟ ସାମ୍ନାକୁ ଆସିଛି। ଏହି ଲୁଟ୍ କରିଥିଲେ ଜଣେ ବିଟେକ୍ ଛାତ୍ର। ଚୋରି ମୋବାଇଲ୍ ଫୋନକୁ ବ୍ୟବହାର କରି ଶେଷରେ ଛାତ୍ର ଜଣକ ଧରାପଡିଛନ୍ତି। ଶହୀଦନଗର ଥାନା ପୋଲିସ ତାଙ୍କୁ ଗିରଫ କରିବା ସହ ତାଙ୍କଠାରୁ ସମସ୍ତ ଚୋରି ମୋବାଇଲ୍ ଫୋନ୍ ଜବତ କରିଛି। ଉକ୍ତ ମୋବାଇଲ୍ ଫୋନ୍‌ର ମୂଲ୍ୟ ୧୫ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ। ଗିରଫ ଅଭିଯୁକ୍ତ ହେଲେ ଭଦ୍ରକ ଜିଲା କୋରକଣା ଗ୍ରାମର ରାଜେଶ ପରିଡ଼ା (୨୩)। ପୋଲିସ ତାଙ୍କ ବିରୋଧରେ ଆଇପିସି ଦଫା ୩୭୯ରେ ମାମଲା (ନଂ.୧୩୭/୧୯) ରୁଜୁ କରି କୋର୍ଟ ଚାଲାଣ କରିଛି।

ପୋଲିସ ସୂଚନାନୁସାରେ, ଶହୀଦନଗରର ଉକ୍ତ କୋରିୟର ସଂସ୍ଥା ବସ୍‌ରେ ବିଭିନ୍ନ ସ୍ଥାନକୁ ପାର୍ସଲ ପଠାଇଥାଏ। ଜାନୁୟାରୀ ୧୨ରେ ଉକ୍ତ ସଂସ୍ଥା ଓଡି-୦୧ଜି-୮୪୬୫ ନମ୍ବର ବିଶିଷ୍ଟ ଏକ ବସ୍‌ରେ ବାଲେଶ୍ୱରକୁ ୩୦ ମୋବାଇଲ୍ ଫୋନ୍ ପଠାଇଥିଲା। ଅଭିଯୁକ୍ତ ରାଜେଶ ଭୁବନେଶ୍ୱରରେ ରହି ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ପଢୁଛନ୍ତି। ରାଜେଶ ସେଦିନ ସେହି ବସ୍‌ରେ ଘରକୁ ଯାଉଥିଲେ। ସଂସ୍ଥାର କର୍ମଚାରୀ ଆଶୁତୋଷ ଦାଶ ବାଣୀବିହାର ଛକରେ ମୋବାଇଲ୍ ପାର୍ସଲକୁ ବସ୍‌ରେ ରଖି ଡ୍ରାଇଭରଙ୍କୁ ଅବଗତ କରାଇଥିଲେ। ଏସବୁ କଥା ରାଜେଶ ଶୁଣିବା ପରେ ସେ କିଭଳି ଏହି ପାର୍ସଲକୁ ଲୁଟିନେବେ ସେନେଇ ଯୋଜନା କରିଥିଲେ। ବସ୍‌ଟି ଭଦ୍ରକରେ ପହଞ୍ଚିବା ପରେ ଅଭିଯୁକ୍ତ ରାଜେଶ କଣ୍ଡକ୍ଟର ଏବଂ ଡ୍ରାଇଭରଙ୍କ ଅନ୍ୟମନସ୍କତାର ସୁଯୋଗ ନେଇ ଉକ୍ତ ମୋବାଇଲ୍ ପାର୍ସଲକୁ ନେଇ ଚମ୍ପଟ ମାରିଥିଲେ। ସେପଟେ ପାର୍ସଲ ଠିକଣା ସ୍ଥଳରେ ନ ପହଞ୍ଚିବାରୁ ସଂସ୍ଥାର ସନ୍ଦେହ ହୋଇଥିଲା। ବସ୍ ଡ୍ରାଇଭର ମଧ ପାର୍ସଲ ସମ୍ପର୍କରେ କିଛି କହିପାରି ନ ଥିଲେ। ଶେଷରେ ଏନେଇ ସଂସ୍ଥାର କର୍ମଚାରୀ ଆଶୁତୋଷ ଜାନୁୟାରୀ ୧୮ରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମୋବାଇଲ୍‌ଗୁଡ଼ିକର ଆଇଏମ୍‌ଆଇ ନମ୍ବରକୁ ଟ୍ରାକିଂରେ ପକାଇଥିଲା। ଅଭିଯୁକ୍ତ ଜଣକ ଲୁଟ୍ ମୋବାଇଲ୍ ଫୋନ୍‌ରୁ ୩ଟିକୁ କାଢ଼ି ନିଜେ ବ୍ୟବହାର କରିଥିଲେ। ଟ୍ରାକିଂରେ ରହିଥିବାରୁ ପୋଲିସ ଲୋକେଶନ ଠାବ କରି ରବିବାର ଭଦ୍ରକରେ ଚଢାଉ କରି ତାଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ ରାଜେଶଙ୍କ ବାପା ଭଦ୍ରକର ଏକ କଲେଜରେ ପିଅନ ଭାବେ କାର୍ଯ୍ୟ କରୁଛନ୍ତି।

ଶହୀଦନଗର ଥାନା ଭଙ୍ଗାରୁଜା ମାମଲା

# ଜେଲରୁ ବାହାରିଲେ ପ୍ରକାଶ ତ୍ରିପାଠୀ, ସହଯୋଗୀ

**ଭୁବନେଶ୍ୱର,୮।୪(ବ୍ୟୁରୋ)**

ଶହୀଦନଗର ଥାନା ଭଙ୍ଗାରୁଜା ଘଟଣାର ମାଷ୍ଟରମାଇଣ୍ଡ କୁହାଯାଉଥିବା ପ୍ରକାଶ ତ୍ରିପାଠୀ ସୋମବାର ଅପରାହ୍ନ ୫ଟାରେ ଜେଲରୁ ବାହାରିଛନ୍ତି। ଗତ ୧୨ ଦିନ ତଳେ ତାଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟ ୩୦୭ ଓ ଅନ୍ୟ ଦଫାରେ ଜାମିନ ପ୍ରଦାନ କରିଥିଲେ। ହେଲେ ତାଙ୍କ ବିରୋଧରେ ଥିବା ସିଆରପିସି ୧୧୦ ଯୋଗୁ ସେ ଜେଲରୁ ବାହାରି ପାରି ନ ଥିଲେ। ଶେଷରେ ସୋମବାର ଭୁବନେଶ୍ୱର ଅତିରିକ୍ତ ଡିସିପି କୋର୍ଟରେ ପ୍ରକାଶ ତ୍ରିପାଠୀ, ଅମିତ ଜେନା ଓ ଅନ୍ୟ ଜଣଙ୍କର ୧୧୦ର ଶୁଣାଣିଥିଲା। କାଗଜପତ୍ର ଯାଞ୍ଚ ପରେ ପ୍ରକାଶ ଓ ସହଯୋଗୀ ଅମିତଙ୍କୁ କୋର୍ଟ ଜାମିନ ଦେଇଛନ୍ତି। ଅନ୍ୟଜଣଙ୍କ କାଗଜପତ୍ରରେ ତ୍ରୁଟି ଥିବାରୁ ତାଙ୍କୁ ଜାମିନ ମିଳିନାହିଁ।





कार्पोरेशन बैंक Corporation Bank
(ସାର୍ବଜନିକ କ୍ଷେତ୍ରର ଅଗ୍ରଣୀ ବ୍ୟାଙ୍କ)

କର୍ପୋରେଶନ ବ୍ୟାଙ୍କ
ଆଞ୍ଚଳିକ କାର୍ଯ୍ୟାଳୟ, ବ୍ଲକ୍ ନଂ.: ୪, ୱିଙ୍ଗ-୩, ୧ମ ମହଲା, ବିଏମ୍‌ସି ଭବାନୀ ଏନ୍‌କ୍ଲେଭ୍, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭

ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ଧାରା ୮(୬) ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ନୋଟିସ୍

ଏହି ନୋଟସ୍ ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ରଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦିଆଯାଉଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସ୍ଥାବର ସମ୍ପତ୍ତିଗୁଡିକ ସୁରକ୍ଷିତ ରଣଦାତାଙ୍କ ନିକଟରେ ବନ୍ଧକ ରହିଛି, ଯାହାକୁ କର୍ପୋରେଶନ ବ୍ୟାଙ୍କ (ସୁରକ୍ଷିତ ରଣଦାତା)ର କ୍ଷମତାପ୍ରାପ୍ତ ଅଧିକାରୀ "ଗଠନାତ୍ମକ / ଭୌତିକ ଦଖଲ" ନେଇ "ଯାହାବି ସେଠାରେ ଅଛି", ଯେଉଁଠାରେ ଯେପରି ଅଛି" ଏବଂ ଯାହା ଯେପରି ଅଛି" ଭିତ୍ତିରେ ବିକ୍ରୟ କରିବା ନିମନ୍ତେ ନିମ୍ନଲିଖିତ ତାରିଖ ସ୍ଥିର କରିଛନ୍ତି। ନିମ୍ନରେ ବର୍ଣ୍ଣିତ ରଣଗ୍ରହୀତା ଓ ଗ୍ୟାରେଣ୍ଟିଦାତାମାନେ କର୍ପୋରେଶନ ବ୍ୟାଙ୍କକୁ ଦେବାକୁ ଥିବା ବକେୟା ଦେୟ ନିମ୍ନରେ ପ୍ରଦାନ କରାଗଲା। ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ମଧ ନିମ୍ନରେ ପ୍ରଦାନ କରାଗଲା।

ଭୁବନେଶ୍ୱର ମୁଖ୍ୟ ଶାଖା, ଫ୍ଲାଟ୍ ନଂ.: ୧୨୧ ଏବଂ ୧୨୨, ଖାରବେଳ ନଗର, ଷ୍ଟେସନ ସ୍କୋୟାର, ଭୁବନେଶ୍ୱର

| ରଣଗ୍ରହୀତା, କୋ-ଆପ୍ଲିକାଣ୍ଟ ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା: | ବକେୟା ରାଶି |
|---|---|
| ରଣଗ୍ରହୀତା: ଶ୍ରୀ ରମଣୀ ରଞ୍ଜନ ରାଜ, ଏମ୍‌ଆଇଜି-୨୯, ମନୋରମା ଇଷ୍ଟେଟ୍, ରସୁଲଗଡ, ଭୁବନେଶ୍ୱର-୭୫୧୦୧୦, କୋ-ଆପ୍ଲିକାଣ୍ଟ/ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀମତୀ ସ୍ନିଗ୍ଧା ସରିତା ରାଜ, ଏମ୍‌ଆଇଜି-୨୯, ମନୋରମା ଇଷ୍ଟେଟ୍, ରସୁଲଗଡ, ଭୁବନେଶ୍ୱର-୭୫୧୦୧୦, ୨) ଶ୍ରୀ କାର୍ତ୍ତିକେଶ୍ୱର ରାଜ, ପିତା: ଜୟକୃଷ୍ଣ ରାଜ, ସା: ଅଁରା, ପୋ.: ଡଁଅର, ଭାୟା: ମଞ୍ଜୁରି ରୋଡ୍, ଜିଲ୍ଲା: କେନ୍ଦୁଝର | ୦୧.୦୭.୨୦୧୭ ସୁଦ୍ଧା ଟ.୫୮,୧୯,୫୬୮.୫୦ ସହିତ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ |

ସମ୍ପତ୍ତିର ବିବରଣୀ-୧: ଶ୍ରୀ ରମଣୀ ରଞ୍ଜନ ରାଜଙ୍କ ନାମରେ ଥିବା ଫ୍ଲାଟ୍‌ର ସମସ୍ତ ଅଂଶବିଶେଷ ଯାହାକି "ଦି ପ୍ରେଷ୍ଟିଜ୍" ମଲ୍ଟି ୟୁନିଟ୍ ଆପାର୍ଟମେଣ୍ଟର ବ୍ଲକ୍-ସି, ୪ର୍ଥ ମହଲାରେ ଅବସ୍ଥିତ ଯାହାର ଫ୍ଲାଟ୍ ନଂ.: ୪୦୧ ସହିତ ଗ୍ୟାରେଜ୍ ନଂ.: ସି-୪୦୧, ସୁପର ବିଲ୍ଟ ଅପ୍ ଏରିଆ: ୯୬୧ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ପୂର୍ବ: ଫ୍ଲାଟ୍ ନଂ.: ୪୦୨, ପଶ୍ଚିମ: ୪୦ ଫୁଟିଆ ଚଉଡା ରାସ୍ତା, ଉତ୍ତର: ଫ୍ଲାଟ୍ ନଂ.: ୪୦୪, ଦକ୍ଷିଣ: ବ୍ଲକ୍-ଇ, ମୌଜା: ବଳଭଦ୍ରପୁର, ଥାନା: ଏୟାରଫିଲ୍ଡ, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା
ଇ-ନିଲାମ ତାରିଖ ଏବଂ ସମୟ: ୨୫.୦୪.୨୦୧୯ ପୂର୍ବାହ୍ନ ୧୧.୪୫ ଘଟିକାରୁ ଅପରାହ୍ନ ୧.୧୫ ଘଟିକା ମଧ୍ୟରେ (ପ୍ରତ୍ୟେକ ପାଇଁ ଅସୀମ ବର୍ଦ୍ଧିତ ୧୦ ମିନିଟ ସମୟ ସହିତ)
ଦଖଲର ପ୍ରକାର: ଭୌତିକ / ସଂରକ୍ଷିତ ମୂଲ୍ୟ: ଟ.୨୧,୦୦,୦୦୦/- / ଅମାନତ ଜମା: ଟ.୨,୧୦,୦୦୦/- / ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ବିବରଣୀ ନିମନ୍ତେ ୱେବ୍‌ସାଇଟ୍: https://corpbank.com/sites/default/files/corpbank-page-files/tender/ramani_ranjan_raj_0.pdf ଲିଙ୍କ୍ ଦେଖନ୍ତୁ।

| ରଣଗ୍ରହୀତା, କୋ-ଆପ୍ଲିକାଣ୍ଟ ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା: | ବକେୟା ରାଶି |
|---|---|
| ରଣଗ୍ରହୀତା: ମେସର୍ସ ଷ୍ଟପ, ସ୍ୱତ୍ୱାଧିକାରୀ: ଶ୍ରୀ ନିହାର ରଞ୍ଜନ ପଟ୍ଟନାୟକ, ପ୍ଲଟ୍ ନଂ.: ବି-୬୩, ସହିଦ ନଗର, ଭୁବନେଶ୍ୱର-୭୫୧୦୦୭, କୋ-ଆପ୍ଲିକାଣ୍ଟ/ଗ୍ୟାରେଣ୍ଟିଦାତା: ଡଃ. ଅରୁଣ ସାମଲ, ପିତା: ଡଃ. ସର୍ବେଶ୍ୱର ସାମଲ, ପ୍ଲଟ୍ ନଂ.: ୧୦୬/୧୫୦୩, ଅଚାର୍ଯ୍ୟ ବିହାର, ଭୁବନେଶ୍ୱର-୭୫୧୦୨୨ | ୩୦.୦୮.୨୦୧୧ସୁଦ୍ଧା ଟ.୫୭,୬୭,୩୭୬.୦୦ ସହିତ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ |

ସମ୍ପତ୍ତିର ବିବରଣୀ-୨: ଶ୍ରୀ ନିହାର ରଞ୍ଜନ ପଟ୍ଟନାୟକଙ୍କ ନାମରେ ଥିବା ବାସୋପଯୋଗୀ ଜମିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୭୪୪/୧୩୯୦, ଖାତା ନଂ.: ୪୮୩/୨, କ୍ଷେତ୍ର: ୧.୫୦ଏକର (୬୫୩୪୦ ବର୍ଗଫୁଟ), ମୌଜା: ମହୁରା, ଥାନା: ଖଣ୍ଡଗିରି, ତହସିଲ: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା
ଇ-ନିଲାମ ତାରିଖ ଏବଂ ସମୟ: ୨୫.୦୪.୨୦୧୯ ପୂର୍ବାହ୍ନ ୧୧.୪୫ ଘଟିକାରୁ ଅପରାହ୍ନ ୧.୧୫ ଘଟିକା ମଧ୍ୟରେ (ପ୍ରତ୍ୟେକ ପାଇଁ ଅସୀମ ବର୍ଦ୍ଧିତ ୧୦ ମିନିଟ ସମୟ ସହିତ)
ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୪୦,୦୦,୦୦୦/- / ଅମାନତ ଜମା: ଟ.୪,୦୦,୦୦୦/- / ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ବିବରଣୀ ନିମନ୍ତେ ୱେବ୍‌ସାଇଟ୍: https://corpbank.com/sites/default/files/corpbank-page-files/tender/stop_0.pdf ଲିଙ୍କ୍ ଦେଖନ୍ତୁ।

ସ୍ଥାନ: ଭୁବନେଶ୍ୱର, ତାରିଖ: ୦୮.୦୪.୨୦୧୯ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କର୍ପୋରେଶନ ବ୍ୟାଙ୍କ

CLASSIFIED DISPLAY







MORE SPACE • SAME PRICE
CLASSIFIED DISPLAY
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
Bidyadhar- 7894447168 5% GST Applicable



# ଦଳବଦଳ ବୁହାଉଛି ଝାଳ

ନରସିଂହ ସାହୁ

ବ୍ରହ୍ମପୁର ଅଫିସ,୮।୪

ବ୍ରହ୍ମପୁର ଓ ଆସିକା ଲୋକ ସଭା କ୍ଷେତ୍ର ଅଧୀନ ବିଭିନ୍ନ ବିଧାନସଭା ଆସନରେ ନିର୍ବାଚନ ଲଢୁଛନ୍ତି ୯ ଦଳବଦଳ କରିଥିବା ପ୍ରାର୍ଥୀ। ସେମାନେ ପ୍ରଚାର ବେଳେ ଭୋଟରଙ୍କ ପ୍ରଶ୍ନବାଣର ଶିକାର ମଧ୍ୟ ହେଉଛନ୍ତି। ବ୍ରହ୍ମପୁର ଲୋକ ସଭା ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ଚନ୍ଦ୍ରଶେଖର ସାହୁ କଂଗ୍ରେସର ବରିଷ୍ଠ ନେତା ଥିଲେ। ୨୦୦୪ ନିର୍ବାଚନରେ ଏହି ଲୋକ ସଭା କ୍ଷେତ୍ରରୁ କଂଗ୍ରେସ ଟିକେଟରେ ଲଢ଼ି ନିର୍ବାଚିତ ହେବା ପରେ ପ୍ରଥମ ଉପା ସରକାରରେ ରାଷ୍ଟ୍ରମନ୍ତ୍ରୀ ପଦ ପାଇଥିଲେ। ପରବର୍ତ୍ତୀ ୨୦୦୯ ଓ ୨୦୧୪ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରି ଦୁଇଥର ବିଜେଡି ପ୍ରାର୍ଥୀ ସିଦ୍ଧାନ୍ତ ମହାପାତ୍ରଙ୍କଠାରୁ ପରାସ୍ତ ହୋଇଥିଲେ। ସାହୁ ଏଆଇସିସି ସଦସ୍ୟ ମଧ୍ୟ ହୋଇଥିଲେ। ୨୦୧୮ ଏପ୍ରିଲ ୪ରେ ସେ ବିଜେଡିରେ ଯୋଗଦେଲେ ଏବଂ ବିଜେଡିର ପ୍ରାର୍ଥୀ ହୋଇଛନ୍ତି। ସେ ଛାତ୍ର ଜୀବନରୁ କଂଗ୍ରେସରେ ରାଜନୀତି ଆରମ୍ଭ କରିଥିଲେ। ବିଭିନ୍ନ ସମୟରେ ବିଜେଡି ସରକାର ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କଡ଼ା ସମାଲୋଚନା କରୁଥିଲେ। ନିର୍ବାଚନୀ ପ୍ରଚାର ବେଳେ ଚନ୍ଦ୍ରଶେଖର ନବୀନଙ୍କ ସ୍ତୁତି ଗାନ କରୁଛନ୍ତି। ଏହା ସଚେତନ ଭୋଟରଙ୍କ ମଧ୍ୟରେ ରୋଚକ ହୋଇଛି।

ଅପରପକ୍ଷରେ ବ୍ରହ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେଡି ପ୍ରାର୍ଥୀ ହୋଇଛନ୍ତି ବିକ୍ରମ ପଣ୍ଡା। ସେ ୨୦୦୦ରୁ ୨୦୧୪ ମଧ୍ୟରେ ହୋଇଥିବା ୪ ନିର୍ବାଚନରେ କଂଗ୍ରେସରୁ ଲଢ଼ିଥିଲେ ଓ ଲଗାତର ପରାସ୍ତ ହୋଇଥିଲେ। ତାଙ୍କୁ ପରାସ୍ତ କରିଥିବା ବିଜେଡି ପ୍ରାର୍ଥୀ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କ ଏଥର ଟିକେଟ କଟିଛି। ତାଙ୍କ ବଦଳରେ ବିକ୍ରମଙ୍କୁ ବିଜେଡି ପ୍ରାର୍ଥୀ କରାଯାଇଛି। ପଣ୍ଡା ମଧ୍ୟ ସର୍ବଦା ବିଜେଡିକୁ ଟାର୍ଗେଟ କରି ବର୍ଷୁଥିଲେ। ଏବେ ସବୁ କଥାରେ ମୁଖ୍ୟମନ୍ତ୍ରୀଙ୍କୁ ମାନ୍ୟବର ପଦ ଲଗାଇ ସରକାରଙ୍କ ସଫଳତା ବଖାଣୁଛନ୍ତି। ଚନ୍ଦ୍ରଶେଖର ଓ ବିକ୍ରମ ବ୍ରହ୍ମପୁର ମହାନଗରର ବିଭିନ୍ନ ୱାର୍ଡରେ ନିର୍ବାଚନ ପ୍ରଚାର ଓ ଭୋଟ ଭିକ୍ଷା ବେଳେ ଦଳବଦଳ ସମ୍ପର୍କରେ ସଚେତନ ମହଲ ପ୍ରଶ୍ନ କରୁଛନ୍ତି। ତେଣୁ ଉଭୟ ପ୍ରାର୍ଥୀ ଅଡୁଆର ସମ୍ମୁଖୀନ ହେଉଛନ୍ତି।

ସେହିପରି ଆସିକା ବିଧାନସଭା ଆସନରୁ ବିଜେଡିରୁ ଲଢ଼ି ୩ ଥର ବିଧାୟକ ହୋଇଥିବା ଦେବରାଜ ମହାନ୍ତିଙ୍କ ଏଥର ଟିକେଟ କଟିବାରୁ ସେ ଭାଜପାରେ ସାମିଲ ହୋଇଛନ୍ତି। ଆସିକାରୁ ମହାନ୍ତି ଭାଜପା ପ୍ରାର୍ଥୀ ଭାବେ ମଇଦାନକୁ ଆସିଛନ୍ତି। ଗଞ୍ଜାମ ଜିଲା ଯୁବ ବିଜେଡି ସଭାପତି ରଞ୍ଜନ ପଲେଇ ଦଳ ଛାଡ଼ି ଭାଜପାରେ ଯୋଗଦେବାରୁ ତାଙ୍କୁ କବିସୂର୍ଯ୍ୟନଗରରେ ବିଧାୟକ ପ୍ରାର୍ଥୀ କରିଛି ଭାଜପା। ବେଲଗୁଣ୍ଠା ବ୍ଲକର ପୂର୍ବତନ ଅଧ୍ୟକ୍ଷ ନୀଳମଣି ବିଶୋୟୀ ୨୦୦୯ ନିର୍ବାଚନରେ ସୋରଡ଼ା ବିଧାନସଭା କ୍ଷେତ୍ରରେ କଂଗ୍ରେସରୁ ପ୍ରତିଦ୍ୱନ୍ଦ୍ୱିତା କରି ପରାସ୍ତ ହୋଇଥିଲେ। ସେ ଦଳ ଛାଡ଼ିଛନ୍ତି ଓ ଭାଜପା ତାଙ୍କୁ ପ୍ରାର୍ଥୀ କରିଛି। ପୋଲସରା ବିଧାନସଭା ଆସନରେ ୨୦୧୪ ନିର୍ବାଚନରେ କଂଗ୍ରେସରୁ ଲଢ଼ି ପରାସ୍ତ ହୋଇଥିବା ଗୋକୁଳାନନ୍ଦ ମଲିକ ବର୍ଷକ ତଳେ ଦଳରୁ ଇସ୍ତଫା ଦେଇ ଭାଜପାରେ ସାମିଲ ହୋଇଥିଲେ। ଚଳିତ ନିର୍ବାଚନରେ ତାଙ୍କୁ ଟିକେଟ ଦେଇଛି ଭାଜପା।

ସେହିପରି ଛତ୍ରପୁର ସଂରକ୍ଷିତ ଆସନରେ ଭାଜପା ପ୍ରାର୍ଥୀ ହୋଇଛନ୍ତି ପ୍ରଶାନ୍ତ କୁମାର କର। ସେ ବିଜେଡି ଛାଡ଼ି ଭାଜପାରେ ଯୋଗଦେବାରୁ ଟିକେଟ ପାଇଛନ୍ତି। ଚିକିଟି ନିର୍ବାଚନ ମଣ୍ଡଳୀରେ ୨୦୧୪ ନିର୍ବାଚନରେ କଂଗ୍ରେସରୁ ପ୍ରତିଦ୍ୱନ୍ଦ୍ୱିତା କରି ପରାସ୍ତ ହୋଇଥିବା ମନୋରଞ୍ଜନ ଦ୍ୟାନ ସାମନ୍ତରା ଦେଢ଼ ବର୍ଷ ତଳେ ଦଳରୁ ଇସ୍ତଫା ଦେଇ ଭାଜପାରେ ସାମିଲ ହୋଇଥିଲେ। ସେ ଏବେ ଭାଜପାରୁ ପ୍ରାର୍ଥୀ ହୋଇଛନ୍ତି। ଅନ୍ୟପକ୍ଷରେ ବ୍ରହ୍ମପୁର ଲୋକ ସଭା ଅଧୀନ ପାରଳାଖେମୁଣ୍ଡି ସେଗମେଣ୍ଟର ପୂର୍ବତନ ବିଜେଡି ବିଧାୟକ କେ. ନାରାୟଣ ରାଓଙ୍କୁ ଟିକେଟ ନ ମିଳିବାରୁ ଭାଜପାରେ ଯୋଗଦେବାରୁ ତାଙ୍କୁ ମଧ୍ୟ ଭାଜପାରୁ ପ୍ରାର୍ଥୀ କରାଯାଇଛି। ପୂର୍ବରୁ ବିରୋଧ କରୁଥିବା ଲୋକଙ୍କ ଏବେ ଗୁଣଗାନ କରିବା ଯୋଗୁ ଉପରୋକ୍ତ ପ୍ରାର୍ଥୀମାନେ ପ୍ରଚାର ବେଳେ ସମାଲୋଚନାର ଶିକାର ହେଉଛନ୍ତି। ସେମାନଙ୍କ ପାଇଁ ଦଳବଦଳ ଏବେ ଝାଳ ବୁହାଉଛି।


ଚନ୍ଦ୍ରଶେଖର ସାହୁ


ବିକ୍ରମ ପଣ୍ଡା


କେ. ନାରାୟଣ ରାଓ


ନୀଳମଣି ବିଶୋୟୀ


ଦେବରାଜ ମହାନ୍ତି


ମନୋରଞ୍ଜନ ଦ୍ୟାନ ସାମନ୍ତରା


ଗୋକୁଳାନନ୍ଦ ମଲିକ


ରଞ୍ଜନ ପଲେଇ


ପ୍ରଶାନ୍ତ କର

**ଗଞ୍ଜାମ ଜିଲା**

# ଅସନ୍ତୁଷ୍ଟଙ୍କ ଭୂମିକା ନିର୍ଣ୍ଣାୟକ ହେବ

ଦୁର୍ଯ୍ୟୋଧନ ପାତ୍ର

ମାଲକାନଗିରି, ୮।୪(ଡି.ଏନ୍.ଏ.)

ଆସନ୍ତା ୧୧ ତାରିଖରେ ମାଲକାନଗିରି ଜିଲାର ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀରେ ଭୋଟ ଗ୍ରହଣ ହେବ। ନବରଙ୍ଗପୁର ଲୋକସଭା କ୍ଷେତ୍ର ଅଧୀନ ଏହି ନିର୍ବାଚନମଣ୍ଡଳୀ ମାଓବାଦୀ ଉପଦ୍ରୁତ ଅଞ୍ଚଳ ହୋଇଥିବାରୁ ନିର୍ବାଚନ ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ କରିବା ପ୍ରଶାସନ ପାଇଁ ଚ୍ୟାଲେଞ୍ଜ ହୋଇଛି। ମାଓବାଦୀମାନଙ୍କ ଭୋଟ ବର୍ଜନ ପାଇଁ ଡାକରା ସାଙ୍ଗକୁ ଦଳୀୟ ଟିକେଟ୍‌ରୁ ବଞ୍ଚିତ ଅସନ୍ତୁଷ୍ଟମାନଙ୍କ ବିରୋଧ ସବୁ ପ୍ରମୁଖ ଦଳ ପାଇଁ ଚିନ୍ତାର କାରଣ ହୋଇଛି।

କଂଗ୍ରେସ ପ୍ରାର୍ଥୀ ଲକ୍ଷ୍ମୀପ୍ରିୟା ନାୟକଙ୍କୁ ଦଳୀୟ ନେତା ତଥା ମାଥିଲି ବ୍ଲକର ପୂର୍ବତନ ଅଧ୍ୟକ୍ଷ ସ୍ମୃତିରଞ୍ଜନ ବିରୋଧ କରୁଛନ୍ତି। କାରଣ ସେ କଂଗ୍ରେସ ନେତା ତଥା ଜିଲା ପରିଷଦ ସଭ୍ୟ ବାଲାରାଜୁ କପେଙ୍କୁ ଦଳୀୟ ଟିକେଟ୍ ଦିଆଯିବା ପାଇଁ ଦାବି କରିଥିଲେ। ବାଲାରାଜୁଙ୍କୁ ଦଳ ଟିକେଟ୍ ନ ଦେବାରୁ ସେ ସ୍ୱାଧୀନ ପ୍ରାର୍ଥୀ ହୋଇଛନ୍ତି। ଏଣୁ ମାଥିଲି ଅଞ୍ଚଳର ଅନେକ ଦଳୀୟ ଭୋଟ ବାଲାରାଜୁଙ୍କ ସପକ୍ଷରେ ଯାଇପାରେ ବୋଲି କୁହାଯାଉଛି। ଲକ୍ଷ୍ମୀପ୍ରିୟାଙ୍କ ପାଇଁ ସମତାକ୍ରାନ୍ତି ପ୍ରାର୍ଥୀ ଘେନୁ ମୁଦୁଲି ମଧ୍ୟ ଅଡୁଆ ବଢାଇପାରନ୍ତି। କାରଣ ମୁଦୁଲି କଂଗ୍ରେସରେ ଥିଲେ ଓ ଦଳୀୟ ଟିକେଟ ଚାହୁଁଥିଲେ। ତାହା ନ ହେବାରୁ ସେ ସମତା କ୍ରାନ୍ତି ଦଳରୁ ପ୍ରାର୍ଥୀ ହୋଇଛନ୍ତି। ମୁଦୁଲିଙ୍କର କୋରୁକୋଣ୍ଡା, ତାର୍ଲାକୋଟା, କାମବେଢ଼ା, ପାଟ୍ରେଲ ଅଞ୍ଚଳରେ ପ୍ରଭାବ ରହିଛି। ଏହି ଅଞ୍ଚଳରେ ମଧ୍ୟ କଂଗ୍ରେସ ଭୋଟ ବିଭାଜନ ହେବ ବୋଲି କୁହାଯାଉଛି। ସୂଚନାଥାଉ କି ଏହି ନିର୍ବାଚନମଣ୍ଡଳୀ ପୂର୍ବରୁ କଂଗ୍ରେସର ଗଡ଼ ରୂପେ ପରିଚିତ। ଏଠାରୁ ଗଙ୍ଗାଧର ମାଢି ୪ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିବା ବେଳେ ତାଙ୍କ ପୁତ୍ରବଧୂ ମମତା ମାଢି ୨ଥର କଂଗ୍ରେସରୁ ବିଧାୟିକା ହୋଇଛନ୍ତି। ଏହାର ପୁନରାବୃତ୍ତି କରିବା ଲାଗି କଂଗ୍ରେସ ଆଶାବାଦୀ ଅଛି। ହେଲେ ଦୁଇଜଣ ଦଳୀୟ ନେତା ବିଦ୍ରୋହୀ ଭାବେ ନିର୍ବାଚନ ଲଢୁଥିବାରୁ ଦଳ ଏଥର ନିର୍ବାଚନ ଜିତିବା କଷ୍ଟସାଧ୍ୟ ବୋଲି ଆଲୋଚନା ହେଉଛି। କଂଗ୍ରେସ ପ୍ରାର୍ଥୀ ଲକ୍ଷ୍ମୀପ୍ରିୟା କହିଛନ୍ତି, ପୂର୍ବରୁ ଥିବା ବିଧାୟକ କୌଣସି ଉନ୍ନୟନମୂଳକ କାର୍ଯ୍ୟ କରିନାହାନ୍ତି। ମୋର ଲୋକପ୍ରିୟତା ଥିବାବେଳେ ମୁଁ ମାଥିଲି ବ୍ଲକର ଅଧ୍ୟକ୍ଷ ଅଛି। ଆଦିବାସୀଙ୍କ ବିକାଶ ପାଇଁ ଦଳର ନେତା ପ୍ରଦୀପ ମାଝି ମାଲକାନଗିରିବାସୀଙ୍କ ସହ ସବୁ ସମୟରେ ଅଛନ୍ତି। ଏଣୁ କଂଗ୍ରେସ ନିଶ୍ଚିତ ଜିତିବ ବୋଲି ମୁଁ ଆଶାବାଦୀ। ଆଦିବାସୀଙ୍କ ବିକାଶ, ନାରୀ ସଶକ୍ତୀକରଣ, ଯୁବପିଢ଼ିଙ୍କୁ ନିଯୁକ୍ତି ଏବଂ ଲୋକଙ୍କ ମୌଳିକ ସମସ୍ୟାର ଦୂର କରିବା ଆଦିକୁ ପ୍ରସଙ୍ଗ କରି ପ୍ରଚାର ଚଳାଇଛି।

ଭାଜପା ପାଇଁ ମଧ୍ୟ ଅନ୍ତର୍ଦ୍ୱନ୍ଦ୍ୱ ସମସ୍ୟା ସୃଷ୍ଟି କରିଛି। କାରଣ ଦଳୀୟ ନେତା ତଥା ପୂର୍ବତନ ଉପବାଚସ୍ପତି ପ୍ରହ୍ଲାଦ ଦୋରା ଟିକେଟ ଆଶାୟୀ ଥିଲେ। କିନ୍ତୁ ଭାଜପା ପଦୁ ମାଝୀଙ୍କୁ ପ୍ରାର୍ଥୀ କରିବାରୁ ପ୍ରହ୍ଲାଦ ଦଳ ବିରୋଧରେ ଖବରଦାତା ସମ୍ମିଳନୀ କରି ଅସନ୍ତୋଷ ପ୍ରକାଶ କରିଥିଲେ। ଏହାଦ୍ୱାରା ଭାଜପା ଭୋଟ ମଧ୍ୟ ବିଭକ୍ତ ହେବା ସମ୍ଭାବନା ରହିଛି। ଭାଜପା ପ୍ରାର୍ଥୀ ପଦୁ କହିଛନ୍ତି, ଦୀର୍ଘ ୨୦ ବର୍ଷ ହେଲା ବିଜେଡି ସରକାର ଏହି ନିର୍ବାଚନମଣ୍ଡଳୀର ସମସ୍ୟା ଦୂର କରିପାରିନାହିଁ। ଏବେ ମଧ୍ୟ ବିଚ୍ଛିନ୍ନାଞ୍ଚଳର ଅନେକ ପଞ୍ଚାୟତରେ ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ ଓ କୃଷି କ୍ଷେତ୍ରରେ ଲୋକେ ସମସ୍ୟା ଭୋଗୁଛନ୍ତି। ତେଣୁ ଏହି ନିର୍ବାଚନମଣ୍ଡଳୀରେ ନିଶ୍ଚିତ ପରିବର୍ତ୍ତନ ହେବ। ଚିତ୍ରକୋଣ୍ଡାବାସୀ ଭାଜପାକୁ ଭୋଟ ଦେବେ, ମୁଁ ଜିତିବି।

ବିଜେଡିର ଦଳୀୟ କନ୍ଦଳ ବର୍ତ୍ତମାନ ନିୟନ୍ତ୍ରଣରେ ରହିଛି। ଏଠାରେ ସରକାରୀ ଚାକିରି(ରାଜସ୍ୱ ବିଭାଗର ବରିଷ୍ଠ କିରାଣି)ରୁ ଅବସର ନେଇଥିବା ପୂର୍ଣ୍ଣଚନ୍ଦ୍ର ବାକାଙ୍କୁ ବିଜେଡି ପ୍ରାର୍ଥୀ କରିଛି। ହେଲେ ବିଜେଡିର ବିଧାୟକ ଡମ୍ବରୁ ଶିଶାଙ୍କୁ ଟିକେଟ ନ ମିଳିବାରୁ ସେ ଅସନ୍ତୁଷ୍ଟ ଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସେ ପୂର୍ଣ୍ଣଚନ୍ଦ୍ରଙ୍କୁ ସମର୍ଥନ କରି ତାଙ୍କ ପାଇଁ ପ୍ରଚାର କରୁଛନ୍ତି। ଚିତ୍ରକୋଣ୍ଡା ବ୍ଲକର ୩ଟି ପଞ୍ଚାୟତର ବାସିନ୍ଦା ଗୁରୁପ୍ରିୟା ସେତୁ ଏବଂ ୩ଟି ଝୁଲା ସେତୁ ହେବା ପରେ ଉପକୃତ ହୋଇଛନ୍ତି। ତେଣୁ ସେହି ଅଞ୍ଚଳର ଭୋଟ ପାଇବାକୁ ବିଜେଡି ଆଶା ରଖିଛି। ବିଜେଡି ପ୍ରାର୍ଥୀ ପୂର୍ଣ୍ଣଚନ୍ଦ୍ର କହିଛନ୍ତି, ମୁଁ ଚାକିରିରେ ଥିବାବେଳେ ନିର୍ବାଚନମଣ୍ଡଳୀବାସୀଙ୍କ ସମସ୍ୟା ସମାଧାନ ପାଇଁ ଅନେକ ପଦକ୍ଷେପ ନେଇଥିଲି। ଗୁରୁପ୍ରିୟା ସେତୁ ସହ ଏଠାରେ ଅନ୍ୟାନ୍ୟ ଯୋଜନା ସଫଳତାର ସହ କାର୍ଯ୍ୟକାରୀ ହୋଇଛି। ଆଗାମୀ ୫ ବର୍ଷରେ ଆଭ୍ୟନ୍ତରୀଣ ଅଞ୍ଚଳର ରାସ୍ତାର ଉନ୍ନତି, ପାନୀୟଜଳ ବ୍ୟବସ୍ଥା ଓ ଚାଷର ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇ ଭୋଟରଙ୍କ ପାଖକୁ ଯାଉଛି। ଲୋକେ ବିଜେଡିକୁ ଭୋଟ ଦେବେ ବୋଲି ଆଶା ରଖିଛି।

ଉପରୋକ୍ତ ୩ ପ୍ରାର୍ଥୀ ଭିନ୍ନ ଭିନ୍ନ ପ୍ରସଙ୍ଗକୁ ନେଇ ନିର୍ବାଚନ ଲଢୁଥିବାବେଳେ ଭୋଟରମାନେ କେତେକ ପ୍ରସଙ୍ଗ ଉଠାଉଛନ୍ତି। ବିଶେଷ କରି ମାଲକାନଗିରି ଜିଲାରେ ଡାକ୍ତର ଅଭାବ ଯୋଗୁ ସ୍ୱାସ୍ଥ୍ୟସେବା କ୍ଷେତ୍ରର ଅବନତି, ଚାଷୀଙ୍କ ଧାନ ମଣ୍ଡିରେ ବିକ୍ରି ହୋଇ ନ ପାରିବା ପ୍ରସଙ୍ଗ ଏଥର ଭୋଟଦାନକୁ ପ୍ରଭାବିତ କରିବ ବୋଲି ଭୋଟର ରମେଶ ଚନ୍ଦ୍ର ମହାନ୍ତି କହିଛନ୍ତି। ସେହିପରି ଭୋଟର ବାବୁଲା ସାବତ କୁହନ୍ତି, ଚାଷ ଜମିକୁ ଜଳସେଚନର ଅଭାବ, ଚିଟ୍‌ଫଣ୍ଡ ଜମାକାରୀଙ୍କୁ ଅର୍ଥ ଫେରସ୍ତ ନ ମିଳିବା ଚଳିତ ନିର୍ବାଚନରେ ଭୋଟଦାନକୁ ପ୍ରଭାବିତ କରିବ।

ଉପରୋକ୍ତ ୫ଜଣ ପ୍ରାର୍ଥୀଙ୍କ ଛଡ଼ା ବହୁଜନ ସମାଜପାର୍ଟି ତରଫରୁ ପ୍ରାର୍ଥୀ ହୋଇଛନ୍ତି ସନାତନ କବାସୀ। ସେ ଦଳିତ ଓ ଆଦିବାସୀ ଭୋଟ ହାତେଇବା ପାଇଁ ପ୍ରଚାର ଚଳାଇଛନ୍ତି। ଆଦିବାସୀଙ୍କ ପାଇଁ ସଂରକ୍ଷିତ ଏହି ନିର୍ବାଚନମଣ୍ଡଳୀ ମାଥିଲି, ଚିତ୍ରକୋଣ୍ଡା, ଖଇରପୁଟ, କୋରକୁଣ୍ଡା ବ୍ଲକକୁ ନେଇ ଗଠିତ। ବିଗତ ୨ଟି ନିର୍ବାଚନକୁ ଦେଖିଲେ ଏଠାରେ ମୁଖ୍ୟତଃ କଂଗ୍ରେସ ଓ ବିଜେଡି ମଧ୍ୟରେ ହିଁ ମୁକାବିଲା ହୋଇଆସୁଛି। ୨୦୦୯ରେ କଂଗ୍ରେସ ପ୍ରାର୍ଥିନୀ ମମତା ମାଢ଼ି ବିଜେଡି ପ୍ରାର୍ଥୀ ଡମ୍ବରୁ ଶିଶାଙ୍କୁ ମାତ୍ର ୨୬୦ ଭୋଟରେ ପରାସ୍ତ କରିଥିଲେ। ମମତା ୨୨,୮୨୨ ଏବଂ ଡମ୍ବରୁ ୨୨,୫୬୨ ଭୋଟ ପାଇଥିଲେ। ତୃତୀୟ ସ୍ଥାନରେ ଥିବା ଭାଜପା ପ୍ରାର୍ଥୀ ଶୁକ୍ର ମୁଦୁଲି ୧୧,୮୭୪ ଭୋଟ ପାଇଥିଲେ। ଏହି ନିର୍ବାଚନରେ ପୂର୍ବତନ ଉପବାଚସ୍ପତି ପ୍ରହ୍ଲାଦ ଦୋରା ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢ଼ି ୬,୯୮୩ ଭୋଟ ପାଇଥିଲେ। ୨୦୧୪ରେ କଂଗ୍ରେସ ମମତାଙ୍କ ବଦଳରେ ସୁନାଧର କାକାରିଙ୍କୁ ପ୍ରାର୍ଥୀ କରିଥିଲାବେଳେ ବିଜେଡି କିନ୍ତୁ ଡମ୍ବରୁଙ୍କ ପ୍ରାର୍ଥୀ କରିଥିଲା। ଡମ୍ବରୁ ୪୮ ହଜାର ଭୋଟ ପାଇ ବିଜୟୀ ହୋଇଥିଲେ। ସୁନାଧର ୨୩,୨୭୦ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଭାଜପା ମଧ୍ୟ ପ୍ରାର୍ଥୀ ପରିବର୍ତ୍ତନ କରି ଶରତ ଚନ୍ଦ୍ର ବୁରୁଡ଼ାଙ୍କୁ ନିର୍ବାଚନକୁ ଓହ୍ଲାଇଥିଲା। ଶରତ ୧୭,୫୭୮ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ପ୍ରହ୍ଲାଦ କିନ୍ତୁ ଏହି ନିର୍ବାଚନ ଲଢ଼ି ନ ଥିଲେ।

## ଚିତ୍ରକୋଣ୍ଡା ବିଧାନସଭା ଆସନ


ବାଲାରାଜୁ କପେ


ପୂର୍ଣ୍ଣଚନ୍ଦ୍ର ବାକା


ଲକ୍ଷ୍ମୀପ୍ରିୟା ନାୟକ


ପଦୁ ମାଝୀ

# ୪ର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ବିଭିନ୍ନ ଦଳର ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ



କେନ୍ଦ୍ରାପଡ଼ା ଲୋକ ସଭା ଆସନରୁ ବୈଜୟନ୍ତ ପଣ୍ଡା ଓ ଧରଣୀଧର ନାୟକ


ଯାଜପୁର ଲୋକ ସଭା ଆସନରୁ ଶର୍ମିଷ୍ଠା ସେଠୀ


ଜଗତସିଂହପୁର ଲୋକ ସଭା ଆସନରୁ ବିଭୁ ତରାଇ


ବାଲିକୁଦା-ଏରସମାରୁ ଦାମୋଦର ରାଉତ



ପାଟକୁରାରୁ ବିଜୟ ମହାପାତ୍ର ଓ ବେଦପ୍ରକାଶ ଅଗ୍ରୱାଲା


ରାଜନଗରରୁ ଅଂଶୁମାନ ମହାନ୍ତି


ଆଳିରୁ ପ୍ରତାପ ଦେବ


ବଡ଼ଚଣାରୁ ଅମର ଶତପଥୀ




ବାଲେଶ୍ୱର ଲୋକ ସଭା ଆସନ ଲାଗି ବିଜେଡିରୁ ଏମ୍‌ପି ରବୀନ୍ଦ୍ର ଜେନା, ଭାଜପାରୁ ପ୍ରତାପ ଷଡଙ୍ଗୀ ଓ କଂଗ୍ରେସରୁ ନବଜ୍ୟୋତି ପଟ୍ଟନାୟକ ନାମାଙ୍କନପତ୍ର ଦାଖଲ କରୁଛନ୍ତି।


ତିର୍ତ୍ତୋଲରୁ ବିଷ୍ଣୁ ଦାସ


ଭଦ୍ରକ ବିଧାନସଭା ଆସନର ଭାଜପା ପ୍ରାର୍ଥୀ ଡ. ପ୍ରଦୀପ ନାୟକ


ଜଗତ୍‌ସିଂହପୁରରୁ ଚିରଞ୍ଜୀବ ବିଶ୍ୱାଳ


ବିଞ୍ଝାରପୁରରୁ ପ୍ରମିଳା ମଲିକ


ଯାଜପୁରରୁ ଗୌତମ ରାୟ

# ରାଜ୍ୟ ସରକାର ବଦଳିବ, ଜେଲ ଯିବେ ଅସାଧୁ ଅଧିକାରୀ

ହିଞ୍ଜିଳିକାଟୁ/ଚିକିଟି/ସୋରଡା, ୮।୪(ଡି.ଏନ୍.ଏ.)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ଦିନିକିଆ ଗଞ୍ଜାମ ଜିଲା ଗସ୍ତରେ ଆସି ହିଞ୍ଜିଳିକାଟୁ ଓ ସୋରଡାରେ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବା ସହ ଚିକିଟିରେ ରୋଡ୍ ଶୋ କରିଛନ୍ତି। ଏଠାରେ ସେ ଭାଜପା ପ୍ରାର୍ଥୀମାନଙ୍କୁ ଭୋଟ ଦେବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ।

କେନ୍ଦ୍ରମନ୍ତ୍ରୀ ପ୍ରଧାନ ପ୍ରଥମେ ପୂର୍ବାହ୍ନ ପ୍ରାୟ ସାଢେ ୧୧ଟାରେ ଚିକିଟିରେ ପହଞ୍ଚି ରୋଡ୍ ଶୋ କରିଥିଲେ। ଚିକିଟିଗଡସ୍ଥିତ ମିନି ଷ୍ଟାଡିୟମ୍‌ରୁ ଏହି ରୋଡ୍ ଶୋ ଆରମ୍ଭ ହୋଇଥିଲା। ଭାଜପାର ବ୍ରହ୍ମପୁର ଲୋକ ସଭା ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର ଓ ଚିକିଟି ବିଧାନସଭା ପ୍ରାର୍ଥୀ ମନୋରଞ୍ଜନ ଦ୍ୟାନସାମନ୍ତରାଙ୍କ ପାଇଁ କେନ୍ଦ୍ରମନ୍ତ୍ରୀ ଭୋଟଭିକ୍ଷା କରିଥିଲେ। ୧୯ ବର୍ଷରେ ଓଡିଶାରେ କୌଣସି ବିକାଶ ହୋଇନାହିଁ, ଏଠାରେ ସରକାର ପରିବର୍ତ୍ତନ କରିବାର ସମୟ ଆସିଛି। ତେଣୁ ଭାଜପା ପ୍ରାର୍ଥୀଙ୍କୁ ବହୁ ସଂଖ୍ୟାରେ ଭୋଟଦେଇ ଜିତାଇବାକୁ ଧର୍ମେନ୍ଦ୍ର ନିବେଦନ କରିଥିଲେ। ଏହି ରାଲି ବକ୍ସିବଜାର, ଚିକିଟିପେଣ୍ଠ ମେନ୍‌ରୋଡ ହୋଇ କରବାଲୁଆ ପର୍ଯ୍ୟନ୍ତ ଯାଇଥିଲା।

ସେଠାରୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ହିଞ୍ଜିଳିକାଟୁ ଅଭିମୁଖେ ଯାଇ ବିଜୟ ସଂକଳ୍ପ ସମାବେଶରେ ଯୋଗ ଦେଇଥିଲେ। ଏନ୍‌ଏସି ହାଇସ୍କୁଲ ସାମ୍ନା ପଡିଆରେ ଆୟୋଜିତ ସାଧାରଣ ସଭାରେ ଯୋଗଦେଇ ଚିଟ୍‌ଫଣ୍ଡ ଓ ବିଭିନ୍ନ କ୍ଷେତ୍ରରେ ଦୁର୍ନୀତି ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ମନ୍ତ୍ରୀ ପ୍ରଧାନ କେନ୍ଦ୍ର ସରକାରଙ୍କ ଦ୍ୱାରା ରାଜ୍ୟରେ ଲାଗୁ କରାଯାଇଥିବା ବିଭିନ୍ନ ଯୋଜନାର ଚିଠା ଉପସ୍ଥାପନ କରିଥିଲେ। ରାଜ୍ୟର ଅପାରଗ ଓ ଦୁର୍ନୀତିଗ୍ରସ୍ତ ସରକାର ବଦଳାଇବାକୁ ସବୁ ଅଞ୍ଚଳରେ ଜନମତ ରହିଛି। ସରକାର ପରିବର୍ତ୍ତନ ପରେ ଜନସାଧାରଣଙ୍କୁ ଭୟଭୀତ କରୁଥିବା ଅସାଧୁ ପୋଲିସ ଓ ଅଫିସରଙ୍କୁ ଜେଲ ପଠାଯିବ ବୋଲି ମନ୍ତ୍ରୀ କହିଥିଲେ। ସଭାରେ ଉପସ୍ଥିତ ଆସିକା ଏମ୍‌ପି ପ୍ରାର୍ଥିନୀ ଅନୀତା ଶୁଭଦର୍ଶିନୀ ଓ ହିଞ୍ଜିଳି ବିଧାନସଭା ପ୍ରାର୍ଥୀ ପୀତାମ୍ବର ଆଚାର୍ଯ୍ୟଙ୍କୁ ଭୋଟ ଦେବାକୁ ଉପସ୍ଥିତ ଜନ ସାଧାରଣଙ୍କୁ ନିବେଦନ କରିଥିଲେ।

ପରେ କେନ୍ଦ୍ରମନ୍ତ୍ରୀ ସୋରଡା ଅଭିମୁଖେ ଯାଇ ବଡଦାଣ୍ଡରେ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ଯୋଗ ଦେଇଥିଲେ। ଆମେ ରାତିରେ ଚୌକିଦାର, ଦିନରେ ମୂଲିଆ କାମ କରିବୁ। ଅଞ୍ଚଳର ବିକାଶ, ଭାରତର ଉନ୍ନତି ତଥା ପାକିସ୍ତାନକୁ କଡା ଜବାବ ଦେବାକୁ ଚେଷ୍ଟା ଜାରି ରହିବ। ତେଣୁ ଭାଜପା ବିଧାୟକ ପ୍ରାର୍ଥୀ ନୀଳମଣି ବିଶୋୟୀ, ଲୋକ ସଭା ପ୍ରାର୍ଥିନୀ ଅନୀତାଙ୍କୁ ଜିତାଇବାକୁ ଅନୁରୋଧ କରିଥିଲେ।



ହିଞ୍ଜିଳିକାଟୁ ବିଜୟ ସଂକଳ୍ପ ସମାବେଶରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।





# ପୁରୀ: ମଇଦାନରେ ଏବେ ୨୯ ପ୍ରାର୍ଥୀ

**ପୁରୀ ଅଫିସ, ୮।୪**

ପୁରୀ ଲୋକ ସଭା ଅଧୀନ ୭ଟି ନିର୍ବାଚନମଣ୍ଡଳୀ ମଧ୍ୟରୁ ୪ଟି (ପିପିଲି, ସତ୍ୟବାଦୀ, ବ୍ରହ୍ମଗିରି ଓ ପୁରୀ) ନିର୍ବାଚନମଣ୍ଡଳୀ ପାଇଁ ସୋମବାର ଥିଲା ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ଦିବସ। ପିପିଲିର ସ୍ୱାଧୀନ ପ୍ରାର୍ଥୀ ସମ୍ବିତ ପଟ୍ଟନାୟକ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିନେଇଛନ୍ତି। ଫଳରେ ନିର୍ବାଚନ ମଇଦାନରେ ଏବେ ୨୯ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିବା ସ୍ପଷ୍ଟ ହୋଇଛି। ପ୍ରାର୍ଥିପତ୍ର ପ୍ରତ୍ୟାହାର ପରେ ପୁରୀ ଲୋକ ସଭା ଆସନ ପାଇଁ ୮ଜଣ ପ୍ରାର୍ଥୀ ଲଢେଇ କରିବା ସ୍ପଷ୍ଟ ହୋଇଛି। ସେମାନେ ହେଲେ ଭାଜପାର ସମ୍ବିତ୍ ପାତ୍ର, ବିଜେଡିର ପିନାକୀ ମିଶ୍ର, କଂଗ୍ରେସର ସତ୍ୟପ୍ରକାଶ ନାୟକ, ବିଏସ୍‌ପିର ନୃସିଂହ ଚରଣ ଦାସ, ସିପିଆଇ (ଏମ୍‌ଏଲ) ଲିବରେଶନର ମନ୍ଦାକିନୀ ସେଠୀ, କଳିଙ୍ଗ ସେନାର ସବ୍ୟସାଚୀ ମହାପାତ୍ର, ସିପିଆଇ (ଏମ୍‌ଏଲ୍) ରେଡ୍‌ଷ୍ଟାରର ରଞ୍ଜନ କୁମାର ମିଶ୍ର ଏବଂ ଅଖିଳ ଭାରତ ହିନ୍ଦୁ ମହାସଭାର ଜୟ ପ୍ରକାଶ ସେଠୀ। ପିପିଲି ବିଧାନସଭା ନିର୍ବାଚନମଣ୍ଡଳୀର ସ୍ୱାଧୀନ ପ୍ରାର୍ଥୀ ସମ୍ବିତ ପଟ୍ଟନାୟକ ନାମାଙ୍କନପତ୍ର ପ୍ରତ୍ୟାହାର କରିନେବା ପରେ ଏବେ ୬ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିବେ। ସେମାନେ ହେଲେ ବିଜେଡିର ପ୍ରଦୀପ ମହାରଥୀ, କଂଗ୍ରେସର ଅଜିତ ମଙ୍ଗରାଜ, ଭାଜପାର ଆଶ୍ରିତ ପଟ୍ଟନାୟକ, ବିଏସ୍‌ପିର ଅହମ୍ମଦ ଖାଁ, ସିପିଆଇ (ଏମ୍‌ଏଲ) ଲିବରେଶନର ଅଶୋକ କୁମାର ପ୍ରଧାନ, ଏସ୍‌ୟୁସିଆଇ (କମ୍ୟୁନିଷ୍ଟ)ର ପଦ୍ମ ଚରଣ ଜେନା। ପୁରୀରୁ ୬ପ୍ରାର୍ଥୀ ହେଲେ ବିଜେଡିର ମହେଶ୍ୱର ମହାନ୍ତି, ଭାଜପାର ଜୟନ୍ତ ଷଡ଼ଙ୍ଗୀ, କଂଗ୍ରେସର ଅରୋପ୍ରସାଦ ମିଶ୍ର, ବିଏସ୍‌ପିର ସୁରେନ୍ଦ୍ର ଭୋଇ, ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକର ଜିତେନ୍ଦ୍ରୀୟ ବେହେରା ଏବଂ ସ୍ୱାଧୀନ ପ୍ରାର୍ଥୀ ଗୋପାଳକୃଷ୍ଣ ପଣ୍ଡା। ସତ୍ୟବାଦୀର ୫ ପ୍ରାର୍ଥୀ ହେଲେ କଂଗ୍ରେସର ପ୍ରସାଦ ହରିଚନ୍ଦନ, ବିଜେଡିର ଉମାକାନ୍ତ ସାମନ୍ତରାୟ, ଭାଜପାର ଓମ୍‌ପ୍ରକାଶ ମିଶ୍ର, ବିଏସ୍‌ପିର ପ୍ରଭାତ କୁମାର ଭୋଇ, ହିନ୍ଦୁସ୍ଥାନ ନିର୍ମାଣ ସମିତିର କୈଳାସ ଚନ୍ଦ୍ର ବରାଳ। ବ୍ରହ୍ମଗିରିରୁ ୪ ପ୍ରାର୍ଥୀ ଭାଜପାର ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ବିଜେଡିର ସଞ୍ଜୟ ଦାସବର୍ମା, କଂଗ୍ରେସର ଉମାକାନ୍ତ ବରାଳ ଏବଂ ବିଏସ୍‌ପିର ବିହାରୀବନ୍ଧୁ ପଲେଇ ଚଳିତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ସ୍ପଷ୍ଟ ହୋଇଛି।

### ଜଣେ ପ୍ରତ୍ୟାହାର କଲେ ନାମାଙ୍କନପତ୍ର

■ ବିଜେଡି, ଭାଜପାକୁ କଂଗ୍ରେସର ଟାର୍ଗେଟ

# ମହାପ୍ରଭୁଙ୍କୁ ଧୋକା ଦେଇଛନ୍ତି ମେଣ୍ଟ ସରକାର

**ପୁରୀ ଅଫିସ, ୮।୪**

ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ମଙ୍ଗଳବାର ପୁରୀ ଗସ୍ତରେ ଆସୁଛନ୍ତି। ଶାହଙ୍କ ଗସ୍ତ ଅବ୍ୟବହିତ ପୂର୍ବରୁ ତାଙ୍କୁ ଟାର୍ଗେଟ କରିଛି କଂଗ୍ରେସ। ସ୍ଥାନୀୟ କଂଗ୍ରେସ କାର୍ଯ୍ୟାଳୟରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପୁରୀ ଲୋକ ସଭା ପ୍ରାର୍ଥୀ ସତ୍ୟ ପ୍ରକାଶ ନାୟକ କହିଛନ୍ତି, ବିଜେଡି -ଭାଜପା ମେଣ୍ଟ ସରକାର ସମୟରେ ବେଆଇନ ଭାବେ ବେଦାନ୍ତକୁ ବିଶ୍ୱବିଦ୍ୟାଳୟ ପାଇଁ ମହାପ୍ରଭୁଙ୍କ ଅମୃତ ମଣୋହୀ ଜମି ଦିଆଯାଇଛି। ସେତେବେଳେ ବେଲଦଳ ନିକଟରେ ୧ହଜାର ଏକର ଜମିକୁ ମାତ୍ର ୮କୋଟି ଟଙ୍କାରେ ଦିଆଯାଇଥିଲା। ଏହି ଜମି ଅଧିଗ୍ରହଣକୁ ହାଇକୋର୍ଟ ବେଆଇନ ବୋଲି ଦର୍ଶାଇଥିଲେ। ମାମଲା ଏବେ ସୁପ୍ରିମ୍‌କୋର୍ଟରେ ବିଚାରାଧୀନ ରହିଛି। ବିଜେଡି -ଭାଜପା ମେଣ୍ଟ ସରକାର ମହାପ୍ରଭୁଙ୍କୁ ଧୋକା ଦେଇଛନ୍ତି। ଏଥିସହ ଓଡ଼ିଶାବାସୀଙ୍କ ପ୍ରତି ବିଶ୍ୱାସ ଘାତକତା କରିଛନ୍ତି। ସେହିପରି ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେବା ପରେ କେନ୍ଦ୍ର ସରକାରଙ୍କ ସଲିସିଟର ଜେନେରାଲ ବେଦାନ୍ତ ସପକ୍ଷରେ ମତ ରଖିଥିଲେ। ପୁରୀବାସୀଙ୍କ ବହୁଦିନର ଦାବି ସିଦ୍ଧ ମହାବୀର ରେଲୱେ ଓଭରବ୍ରିଜ୍ (ଆର୍‌ଓବି) ନିର୍ମାଣ ଏ ପର୍ଯ୍ୟନ୍ତ ହୋଇପାରିଲା ନାହିଁ। ଏହି ଓଭରବ୍ରିଜ୍ ନିର୍ମାଣ ପ୍ରସ୍ତାବ ଦୀର୍ଘଦିନ ହେବ କେନ୍ଦ୍ର ସରକାରଙ୍କ ନିକଟରେ ପଡ଼ିରହିଛି। ତେଣୁ ପ୍ରଚାର କରିବାକୁ ପୁରୀ ଆସୁଥିବା ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଏ ନେଇ ତାଙ୍କ ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ ବୋଲି କହିଛନ୍ତି ସତ୍ୟପ୍ରକାଶ।

ସେ ଆହୁରି କହିଛନ୍ତି ଯେ, ଏ ପର୍ଯ୍ୟନ୍ତ ପୁରୀ ମେଡିକାଲ କଲେଜ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଜିଲାର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ପଦବୀ ଖାଲିପଡ଼ିଛି। ଲୋକଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ମିଳୁନାହିଁ। କ୍ରୀଡ଼ା କ୍ଷେତ୍ରରେ ପୁରୀ ଜିଲା ଅଗ୍ରଣୀ ବୋଲି ସରକାର କହୁଛନ୍ତି। ମାତ୍ର ଏଠାରେ ଏକ ଷ୍ଟାଡିୟମ୍ ନିର୍ମାଣ ହୋଇପାରିଲା ନାହିଁ। ଶିକ୍ଷା ବ୍ୟବସ୍ଥା ପ୍ରତି ବି ରାଜ୍ୟ ସରକାର ଅବହେଳା କରୁଛନ୍ତି। ପୁରାତନ ଏସ୍‌ସିଏସ୍ କଲେଜକୁ ଏକକ ବିଶ୍ୱବିଦ୍ୟାଳୟ କରାଯାଇପାରିନାହିଁ। ଶ୍ରୀମନ୍ଦିର ସେବାୟତଙ୍କ ଉପରେ ଅଯଥା ହସ୍ତକ୍ଷେପ କରାଯାଉଛି। ଆବାହମାନ କାଳରୁ ବଂଶାନୁକ୍ରମିକ ସେବା ପରମ୍ପରା ରହିଆସିଥିବାବେଳେ ଏହାକୁ ଉଚ୍ଛେଦ ପାଇଁ ଷଡ଼ଯନ୍ତ୍ର ହେଉଛି। ଶ୍ରୀମନ୍ଦିରକୁ ନେଇ ଶ୍ରୀକ୍ଷେତ୍ରରେ ହିଂସାକାଣ୍ଡ ନିଶ୍ଚିତ ଏକ ଲଜ୍ଜାକର ଘଟଣା ବୋଲି ସତ୍ୟପ୍ରକାଶ କହିଥିଲେ। ଉକ୍ତ ଖବରଦାତା ସମ୍ମିଳନୀରେ ପୁରୀ ବିଧାନସଭା ପ୍ରାର୍ଥୀ ଅରୋପ୍ରସାଦ ମିଶ୍ର, ପିସିସି ମୁଖପାତ୍ର ବିନାୟକ ଦାସ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷେ, ଏ ନେଇ ଭାଜପା ଜିଲା ସଭାପତି ପ୍ରଭଞ୍ଜନ ମହାପାତ୍ର କହିଛନ୍ତି ଯେ, କେନ୍ଦ୍ର ସରକାର ନବକଳେବର ସମୟରେ ପୁରୀ ପାଇଁ ୫୦କୋଟି ଟଙ୍କା ଦେଇଥିଲେ। ଶ୍ରୀକ୍ଷେତ୍ର ଏକ ଧାର୍ମିକ ସହର ହୋଇଥିବାରୁ ଏହାର ବିକାଶ ପାଇଁ ବିଭିନ୍ନ ଯୋଜନାରେ ଅନୁଦାନ ଯୋଗାଇ ଦେଇଛନ୍ତି। କିନ୍ତୁ ଏହି ଅର୍ଥକୁ ରାଜ୍ୟ ସରକାର ଅପବ୍ୟୟ କରିଛନ୍ତି। ତେଣୁ ଶାହ ପୁରୀବାସୀଙ୍କୁ କ୍ଷମା ମାଗିବାର କୌଣସି ଯଥାର୍ଥତା ନାହିଁ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ।



ଭୁବନେଶ୍ୱର ଲୋକ ସଭା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ବାଲକାଟୀରେ ରୋଡ୍ ଶୋ' କରୁଛନ୍ତି।

# ଅପରାଜିତାଙ୍କ ରୋଡ୍ ଶୋ'

**ବାଲକାଟୀ,୮।୪(ଡି.ଏନ୍.ଏ.)**

ନିର୍ବାଚନ ଯେତିକି ପାଖେଇ ଆସୁଛି ଜୟଦେବ ନିର୍ବାଚନମଣ୍ଡଳୀରେ ରାଜନୈତିକ ସରଗରମ ସେତିକି ବଢ଼ିବାରେ ଲାଗିଛି। ଚଳିତ ନିର୍ବାଚନରେ ମଇଦାନରେ କଂଗ୍ରେସର କୌଣସି ପ୍ରାର୍ଥୀ ନ ଥିବାବେଳେ ଭାଜପାର ନରେନ୍ଦ୍ର ନାୟକ ପ୍ରାର୍ଥୀ ହୋଇଛନ୍ତି। ଅପରପକ୍ଷେ ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆମ ସଙ୍ଗଠନ ପକ୍ଷରୁ ନବକିଶୋର ମଲ୍ଲିକ ସ୍ୱାଧୀନ ପ୍ରାର୍ଥୀ ହୋଇଥିବାବେଳେ କଂଗ୍ରେସରୁ ଟିକେଟ ନ ପାଇ ପୂର୍ବତନ ବିଧାୟକ ରାଘବଚନ୍ଦ୍ର ସେଠୀ ସ୍ୱାଧୀନ ଭାବେ ପ୍ରାର୍ଥୀ ହୋଇଛନ୍ତି। ମାତ୍ର ବିଜେଡି ପ୍ରାର୍ଥୀ ଅରବିନ୍ଦ ଢ଼ାଲୀ ଅଦ୍ୟାବଧି ପ୍ରଚାର ମଇଦାନକୁ ଆସି ନଥିବାବେଳେ ସ୍ୱାଧୀନ ପ୍ରାର୍ଥୀ ନବକିଶୋର ସଙ୍ଗଠନର କର୍ମକର୍ତ୍ତାଙ୍କୁ ଧରି ପ୍ରଚାର କାର୍ଯ୍ୟ ଆରମ୍ଭ କରି ଦେଇଛନ୍ତି। ଅନ୍ୟପକ୍ଷେ ସ୍ୱାଧୀନ ପ୍ରାର୍ଥୀ ରାଘବ ଚନ୍ଦ୍ରଙ୍କ ପ୍ରଚାର ସେଭଳି ଆଖିଦୃଶିଆ ହୋଇ ନଥିବାବେଳେ, ଭାଜପାର ପ୍ରଚାର କିନ୍ତୁ ଜୋରସୋରରେ ଚାଲି ସବୁ ଦଳଠାରୁ ଆଗୁଆ ଥିବା ଦେଖିବାକୁ ମିଳିଛି। ଭାଜପାର ଲୋକ ସଭା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ଓ ଜୟଦେବର ଭାଜପା ବିଧାୟକ ପ୍ରାର୍ଥୀ ନରେନ୍ଦ୍ର ନାୟକଙ୍କ ସହ ମିଶି ଜୋରଦାର ପ୍ରଚାର ଚଳାଇଛନ୍ତି। ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତରେ ରୋଡ ଶୋ' ସହ ଗାଁ ଗାଁ ବୁଲି ପ୍ରଚାର କରି ଭାଜପା ସପକ୍ଷରେ ଜନମତ ଲୋଡ଼ିବାରେ ଲାଗିଛନ୍ତି। ପ୍ରାର୍ଥୀ ଅପରାଜିତା ଓ ପ୍ରାର୍ଥୀ ନରେନ୍ଦ୍ର ଏକ ଜିପରେ ବାଲିଅନ୍ତା ବ୍ଲକର ସତ୍ୟଭାମାପୁରଠାରୁ ଶତାଧିକ କର୍ମୀଙ୍କ ସହ ଶୋଭାଯାତ୍ରାରେ ବାହାରି ଏଣ୍ଡରାଶାଳ, ଟଙ୍କପାଣି, ଯଶୁଆପୁର, ହୀରାପୁର, ପ୍ରତାପ ଶାସନ ଓ ବାଲକାଟୀ ହୋଇ ସ୍ଥାନୀୟ ବୁଲ୍ଲାଦେଇ ମନ୍ଦିରଠାରେ ପହଞ୍ଚିଥିଲେ। ଶୋଭାଯାତ୍ରା ସମୟରେ ଅପରାଜିତାଙ୍କୁ ଦେଖିବା ପାଇଁ ମହିଳାମାନଙ୍କ ଭିଡ଼ ଜମିଥିବାବେଳେ ଅନ୍ୟ କେତେକ ସ୍ଥାନରେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିବାର ଦେଖାଯାଇଥିଲା।



ଭୁବନେଶ୍ୱର ରସୁଲଗଡ଼ ଅଞ୍ଚଳରେ କଂଗ୍ରେସ ପ୍ରାର୍ଥୀ ଇତିଶ୍ ପ୍ରଧାନ ପ୍ରଚାର କରୁଛନ୍ତି।



ଭୁବନେଶ୍ୱର ଚିନ୍ତାମଣିଶ୍ୱର ଅଞ୍ଚଳରେ ବିଜେଡି ପ୍ରାର୍ଥୀ ଅନନ୍ତ ନାରାୟଣ ଜେନା ପ୍ରଚାର କରୁଛନ୍ତି।

# ବିଜେଡି ଛାଡ଼ିଲେ ଶ୍ରୀରାମ ପାଣ୍ଡେ



ଭାଜପାରେ ଯୋଗ ଦେଇଥିବା ଶ୍ରୀରାମ ପାଣ୍ଡେ।

**କଟକ ଅଫିସ, ୮।୪**

ସିଏମ୍‌ସିର ପୂର୍ବତନ କର୍ପୋରେଟର ତଥା ବିଜେଡି ନେତା ଶ୍ରୀରାମ ପାଣ୍ଡେ ବିଜେଡି ଛାଡ଼ି ଭାଜପାରେ ଯୋଗଦେଇଛନ୍ତି। ସେ ବାରବାଟୀ-କଟକ ଓ ଚୌଦ୍ୱାର-କଟକ ଦୁଇଟି ଆସନରୁ ଗୋଟିଏ ଆସନ ପାଇଁ ବିଜେଡି ଟିକେଟ ଆଶାୟୀ ଥିଲେ। ମାତ୍ର ବିଜେଡି ତାଙ୍କୁ ଟିକେଟ ନ ଦେବାରୁ ସେ ଉଭୟ ଆସନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଥିଲେ। ତେବେ ରବିବାର ପାଣ୍ଡେ ଭାଜପାରେ ଯୋଗଦେବା ପରେ ଦୁଇଟି ଆସନରୁ ଦାଖଲ କରିଥିବା ନିଜର ନାମାଙ୍କନପତ୍ରକୁ ପ୍ରତ୍ୟାହାର କରିନେଇଛନ୍ତି। ଚଳିତ ନିର୍ବାଚନରେ ପାଣ୍ଡେ ଚୌଦ୍ୱାର-କଟକ ଆସନରେ ଭାଜପା ଟିକେଟରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ନୟନ କିଶୋର ମହାନ୍ତିଙ୍କ ପାଇଁ ପ୍ରଚାର କରିବେ ବୋଲି କହିଛନ୍ତି। ପାଣ୍ଡେ ପୂର୍ବରୁ ବିଜେଡିରେ ଥିଲେ ଏବଂ ବିଜେଡିରୁ ଇସ୍ତଫା ଦେଇ ୨୦୧୪ ନିର୍ବାଚନରେ ଆମ ଓଡ଼ିଶା ପାର୍ଟିରୁ ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀ ହୋଇଥିଲେ। ଏହାପରେ ସେ ପୁଣି ଥରେ ବିଜେଡିକୁ ଫେରିଥିଲେ। ଶ୍ରୀରାମଙ୍କ ଇସ୍ତଫା ଦଳ ଉପରେ ସାମାନ୍ୟ ପ୍ରଭାବ ପକାଇବ ନାହିଁ ବୋଲି ଜିଲା ବିଜେଡି ସମ୍ପାଦକ ପ୍ରଶାନ୍ତ ନାୟକ କହିଛନ୍ତି।

# ଏକାମ୍ରରେ ୩ ଦଳର ପ୍ରଚାର

**ପୁରୁଣା ଭୁବନେଶ୍ୱର,୮।୪(ଡି.ଏନ୍.ଏ.)**

ବିଭିନ୍ନ ଦଳର ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ ପରେ ଆରମ୍ଭ ହୋଇଯାଇଛି ନିର୍ବାଚନୀ ପ୍ରଚାର। ବିଶେଷକରି ଏକାମ୍ର ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ଅଶୋକଚନ୍ଦ୍ର ପଣ୍ଡାଙ୍କୁ ଟକ୍କର ଦେବା ଲକ୍ଷରେ ଭାଜପା ଏବଂ କଂଗ୍ରେସ ଦୁଇ ରାଜନୈତିକ ଦଳର ପ୍ରାର୍ଥୀମାନେ ନିର୍ବାଚନ ପ୍ରଚାରକୁ ଜୋରସୋର ଚଳାଇଥିବାବେଳେ ଏଥିରୁ ବିଜେଡି ମଧ୍ୟ ବାଦ୍ ପଡ଼ି ନାହିଁ। ରବିବାର ଅଶୋକଚନ୍ଦ୍ର ପଣ୍ଡା ଇଟିପୁର ପଞ୍ଚାୟତରେ ରୋଡ ଶୋ ଏବଂ ସନ୍ଧ୍ୟାରେ ଜାଗମରା ଜଗମୋହନ ନଗରରେ ବରିଷ୍ଠ ନାଗରିକ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସହ ମିଶି ଭୋଟ ପାଇଁ ସାକ୍ଷାତ ଆଲୋଚନା କରିଥିଲେ। ସେହିଭଳି ସୋମବାର ଭାଜପା ଭୁବନେଶ୍ୱର ଲୋକ ସଭା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ଏବଂ ଏକାମ୍ର ବିଧାୟକ ପ୍ରାର୍ଥୀ ବାବୁ ସିଂ ପରିବର୍ତ୍ତନ ସଙ୍କଳ୍ପ ପଦଯାତ୍ରାରେ ଡୁମୁଡୁମାର ରଘୁନାଥ ନଗର, ଶାସ୍ତ୍ରୀ ନଗର, ସତ୍ୟନଗର, ସୁକ ବିହାରରେ ପ୍ରମୁଖ ଅଞ୍ଚଳ ବୁଲି ଭୋଟରଙ୍କୁ ବୁଝାଇଥିଲେ। ଏକାମ୍ର କଂଗ୍ରେସ ବିଧାୟିକା ପ୍ରାର୍ଥୀ ରଶ୍ମି ମହାପାତ୍ର କପିଳେଶ୍ୱର ଗ୍ରାମର ଆରାଧ୍ୟ ଠାକୁର ଶ୍ରୀ କପିଳେଶ୍ୱର ଦେବଙ୍କ ପୀଠରୁ ଶୋଭାଯାତ୍ରାରେ ବାହାରି ବିଭିନ୍ନ ସାହି ବୁଲି ଭୋଟ ପାଇଁ ଅନୁରୋଧ କରିଥିଲେ।

# କଟକ: ୬ ପ୍ରାର୍ଥିପତ୍ର ପ୍ରତ୍ୟାହାର

**କଟକ ଅଫିସ, ୮।୪**

ସୋମବାର ଜିଲାରେ ତୃତୀୟ ପର୍ଯ୍ୟାୟ ମତଦାନ ନିମନ୍ତେ ପ୍ରାର୍ଥିପତ୍ର ଯାଞ୍ଚ କରାଯାଇଥିଲା। ଯାଞ୍ଚ ପରେ କାଏମ ରହିଥିବା ୬୯ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୬ ଜଣ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଛନ୍ତି। ସେମାନେ ହେଲେ ବଡ଼ମ୍ବା ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଆମ୍ବେଦକର ଜାତୀୟ କଂଗ୍ରେସ ଦଳ ପ୍ରାର୍ଥୀ ଖଗେଶ୍ୱର ମହାପାତ୍ର, ହିନ୍ଦୁସ୍ଥାନ ନବ ନିର୍ମାଣ ଦଳ ପ୍ରାର୍ଥୀ କାହ୍ନୁ ଚରଣ ବେହେରା, ବାଙ୍କୀ ବିଧାନସଭା ନିର୍ବାଚନମଣ୍ଡଳୀ ସ୍ୱାଧୀନ ପ୍ରାର୍ଥୀ ପଦ୍ମଜା ଦେବତା, ଆଠଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ସ୍ୱାଧୀନ ପ୍ରାର୍ଥୀ ନମିତା ବାରିକ, ବାରବାଟୀ-କଟକ ବିଧାନସଭା ନିର୍ବାଚନ ମଣ୍ଡଳୀ ସ୍ୱାଧୀନ ପ୍ରାର୍ଥୀ ଶ୍ରୀରାମ ପାଣ୍ଡେ ଓ ଚୌଦ୍ୱାର-କଟକ ବିଧାନସଭା ନିର୍ବାଚନମଣ୍ଡଳୀରୁ ସ୍ୱାଧୀନ ପ୍ରାର୍ଥୀ ଶ୍ରୀରାମ ପାଣ୍ଡେ ବୋଲି ଜଣାପଡ଼ିଛି।

# ଖୋର୍ଦ୍ଧା: ୫ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ପ୍ରତ୍ୟାହାର

**ଖୋର୍ଦ୍ଧା ଅଫିସ,୮।୪**

ଖୋର୍ଦ୍ଧା ଜିଲାରେ ପୁରୀ ଲୋକ ସଭା ପାଇଁ ଜଣେ ଓ ୮ ବିଧାନସଭା ପାଇଁ ୪ଜଣ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ପ୍ରତ୍ୟାହାର ହେବା ପରେ ନିର୍ବାଚନରେ ୮୬ପ୍ରାର୍ଥୀ ରହିଛନ୍ତି। ଭୁବନେଶ୍ୱର ଲୋକ ସଭା ନିର୍ବାଚନମଣ୍ଡଳୀରେ ଆମ୍ବେଦକର ପାର୍ଟି ଅଫ ଇଣ୍ଡିଆର ପ୍ରାର୍ଥୀ ସୁବ୍ରତ ମହାପାତ୍ର ନାମାଙ୍କନପତ୍ର ପ୍ରତ୍ୟାହାର କରିଛନ୍ତି। ଖୋର୍ଦ୍ଧା ନିର୍ବାଚନମଣ୍ଡଳୀରେ ଜୟ ପ୍ରକାଶ ଜନତା ଦଳର ରୀନା ରାଣୀ ନାୟକ ଓ ସ୍ୱାଧୀନ ପ୍ରାର୍ଥୀ ସ୍ୱର୍ଣ୍ଣଲତା ଖଣ୍ଡେୟତରାୟ ପ୍ରାର୍ଥୀପତ୍ର ପ୍ରତ୍ୟାହୃତ କରିଛନ୍ତି। ଭୁବନେଶ୍ୱର ମଧ୍ୟରେ ସ୍ୱାଧିନ ପ୍ରାର୍ଥୀ ସଞ୍ଜୁକ୍ତା ମହାନ୍ତି, ଭୁବନେଶ୍ୱର ଉତ୍ତରରେ ସ୍ୱାଧିନ ପ୍ରାଥୀ ପ୍ରିତିନନ୍ଦା ରାଉତରାୟ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଛନ୍ତି।

# କଟକ: ୧୧ ଜଣ ପ୍ରାର୍ଥିପତ୍ର ଦାଖଲ କଲେ

**କଟକ ଅଫିସ, ୮।୪**

ଚତୁର୍ଥ ପର୍ଯ୍ୟାୟ ମତଦାନ ପାଇଁ ସୋମବାର ୧୧ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେମାନଙ୍କ ମଧ୍ୟରେ ନିଆଳି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଜୁ ଜନତା ଦଳ ପ୍ରାର୍ଥୀ ଡା. ପ୍ରମୋଦ କୁମାର ମଲ୍ଲିକ, କଂଗ୍ରେସ ପ୍ରାର୍ଥୀ ମମତା ଭୋଇ, ଓଡ଼ିଶା ପ୍ରଗତି ଦଳ ପ୍ରାର୍ଥୀ ସନାତନ ମଲ୍ଲିକ, ଫ୍ରି ଥଟ୍ ଅଫ ଇଣ୍ଡିଆ ପ୍ରାର୍ଥୀ ଅନିଲ କୁମାର ବେହେରା, ମାହାଙ୍ଗା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ କଂଗ୍ରେସ ପ୍ରାର୍ଥୀ ଦେବେନ୍ଦ୍ର କୁମାର ସାହୁ, ବହୁଜନ ମୁକ୍ତି ପାର୍ଟି ପ୍ରାର୍ଥୀ ବ୍ୟୋମକେଶ ପରିଡ଼ା, ସ୍ୱାଧୀନ ପ୍ରାର୍ଥୀ ଦେବଦତ୍ତ ଶତପଥୀ, ଚିତ୍ତରଞ୍ଜନ ସାହୁ, ସାଲେପୁର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଭାଜପା ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ବେହେରା, ଆମ୍ବେଦକର ଜାତୀୟ କଂଗ୍ରେସ ପ୍ରାର୍ଥୀ ସେକ୍ କମିଲ ଉଦ୍ଦିନ ଅହମ୍ମଦ ଓ ସ୍ୱାଧୀନ ପ୍ରାର୍ଥୀ ବିଭୁ ପଦାରବିନ୍ଦ ନାୟକ ରହିଛନ୍ତି।





ନିଆଳି ନିର୍ବାଚନମଣ୍ଡଳୀ ବିଜେଡି ପ୍ରାର୍ଥୀ ପ୍ରମୋଦ ମଲ୍ଲିକ ଓ କଂଗ୍ରେସ ପ୍ରାର୍ଥୀ ମମତା ଭୋଇ ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି।





ସାଲେପୁର ନିର୍ବାଚନମଣ୍ଡଳୀ ଭାଜପା ପ୍ରାର୍ଥୀ ପ୍ରକାଶ ବେହେରା ଓ ମାହାଙ୍ଗା ନିର୍ବାଚନମଣ୍ଡଳୀ କଂଗ୍ରେସ ପ୍ରାର୍ଥୀ ଦେବେନ୍ଦ୍ର ସାହୁ ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି।

# ପୁରୀ: ନାମାଙ୍କନପତ୍ର ଦାଖଲ କଲେ ୫ ପ୍ରାର୍ଥୀ

**ପୁରୀ ଅଫିସ, ୮।୪**

ପୁରୀ ଜିଲାର କାକଟପୁର ଓ ନିମାପଡ଼ା ନିର୍ବାଚନମଣ୍ଡଳୀ ଲାଗି ଗତ ୨ତାରିଖରୁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଚାଲିଛି। ସୋମବାର ସପ୍ତମ ଦିବସରେ ୫ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏମାନଙ୍କ ମଧ୍ୟରେ କାକଟପୁରର ବିଜେଡି ପ୍ରାର୍ଥୀ ତୁଷାରକାନ୍ତି ବେହେରା ଏବଂ ବିଏସ୍‌ପିର ଛବି ମଲ୍ଲିକ, ନିମାପଡ଼ାର ବିଏସ୍‌ପି ପ୍ରାର୍ଥୀ ଶଙ୍କର ପ୍ରସାଦ ଭୋଇ, ଓଡ଼ିଶା ପ୍ରଗତି ଦଳର ଦେବାଶିଷ ମିଶ୍ର ଏବଂ ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକର ମିଟୁ ମହାପାତ୍ର ରହିଛନ୍ତି। କାକଟପୁରର ଚର୍ଚ୍ଚିତ ପ୍ରାର୍ଥୀ ତୁଷାରକାନ୍ତି ସମର୍ଥକଙ୍କ ସହ ଶୋଭାଯାତ୍ରାରେ ଆସି ଅପରାହ୍ନ ପ୍ରାୟ ୧ଟା ସୁଦ୍ଧା ରିଟର୍ନିଂ ଅଫିସର ତଥା ଆଡିଶନାଲ ସବ୍‌କଲେକ୍ଟର ନିହାରିକା ନାୟକଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ସେହିପରି ଅନ୍ୟ ପ୍ରାର୍ଥୀମାନେ ମଧ୍ୟ ନିଜ ସମର୍ଥକଙ୍କ ସହ ଆସି ନାମାଙ୍କନପତ୍ର ଦାଖଲ କରିଛନ୍ତି।

### ଏମ୍‌ଟେକ୍ ତୁଷାରକାନ୍ତି

ବିଜେଡି ପ୍ରାର୍ଥୀ ତୁଷାରକାନ୍ତି ବେହେରା ସତ୍ୟପାଠରେ ଦର୍ଶାଇଛନ୍ତି ଯେ, ତାଙ୍କ ଶିକ୍ଷାଗତ ଯୋଗ୍ୟତା ହେଉଛି ଏମ୍‌ଟେକ୍। ସେ ଆଇଆଇଟି ଖଡଗପୁରରୁ ୨୦୦୮ରେ ପାସ୍ କରିଛନ୍ତି। ତାଙ୍କର ଅସ୍ଥାବର ସମ୍ପତ୍ତି ମୂଲ୍ୟ ୧୬,୧୬,୯୨୭ ଟଙ୍କା ଏବଂ ସ୍ଥାବର ସମ୍ପତ୍ତି ମୂଲ୍ୟ ୮,୦୦,୦୦୦ ଟଙ୍କା। ତାଙ୍କ ନାମରେ କୌଣସି ଆପରାଧିକ ମାମଲା ନାହିଁ। ତେବେ ସେ ୩,୯୨୭ ଟଙ୍କା ବ୍ୟାଙ୍କ ଋଣ କରିଛନ୍ତି।





ନିମାପଡ଼ା ନିର୍ବାଚନମଣ୍ଡଳୀ ପାଇଁ ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକର ମିଟୁ ମହାପାତ୍ର ଓ କାକଟପୁର ବିଧାନସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ତୁଷାରକାନ୍ତି ବେହେରା ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୯ ଏପ୍ରିଲ, ୨୦୧୯



୧୯୮୪ ଶିଖ୍ ବିରୋଧୀ ଦଙ୍ଗା ମାମଲାରେ ଦୋଷୀସାବ୍ୟସ୍ତ ହୋଇ ଜେଲ୍‌ରେ ଥିବା ପୂର୍ବତନ କଂଗ୍ରେସ ନେତା ସଜ୍ଜନ କୁମାରଙ୍କ ଜାମିନ ଆବେଦନକୁ ସିବିଆଇ ବିରୋଧ କରିଛି। ସଜ୍ଜନ ଦଙ୍ଗାର କିଙ୍ଗପିନ୍ ବୋଲି ସିବିଆଇ ସୁପ୍ରିମକୋର୍ଟଙ୍କୁ କହିଛି। ଗତବର୍ଷ ଡିସେମ୍ବର ୧୭ରେ ଦିଲ୍ଲୀ ହାଇକୋର୍ଟ ତାଙ୍କୁ ଆଜୀବନ ଜେଲ୍‌ଦଣ୍ଡ ଦେଇଥିବାବେଳେ ଏହାକୁ ସେ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି।



## ସଂକ୍ଷେପରେ

### କାଳିଆ ଯୋଜନାର ମିଥ୍ୟା ବିଜ୍ଞାପନ ଉପରେ କାର୍ଯ୍ୟାନୁଷ୍ଠାନ ଦାବି କଲା ଭାଜପା

ଭୁବନେଶ୍ୱର,୮।୪(ବ୍ୟୁରୋ):ରାଜ୍ୟରେ ଚାଷୀମାନଙ୍କୁ କାଳିଆ ଯୋଜନା ନାଁରେ ପ୍ରଲୋଭିତ ଏବଂ ଆକୃଷ୍ଟ କରିବାକୁ ଶାସକ ବିଜେଡି ଅପଚେଷ୍ଟା କରୁଛି। ନିର୍ବାଚନ ଥିବାରୁ ବିଜେଡି ଭୋଟରମାନଙ୍କୁ କାଳିଆ ଯୋଜନା ନାଁରେ ଭୋଟ ମାଗୁଛି । ଏହାକୁ ଲାଗୁ କରିବା ପାଇଁ ରାଜ୍ୟ ସରକାର ସେହି ଅନୁସାରେ ବଜେଟ କରି ନାହାଁନ୍ତି । ଅନ୍ୟପକ୍ଷରେ କାଳିଆ ଟଙ୍କାକୁ ବିଜେଡି କର୍ମୀ ଓ ବିଜୁ ଯୁବ ବାହିନୀ କାର୍ଯ୍ୟକର୍ତ୍ତାମାନଙ୍କୁ ବଣ୍ଟାଯାଉଛି । ନିକଟରେ ବିଭିନ୍ନ ଖବର କାଗଜରେ କାଳିଆ ଯୋଜନାକୁ ନେଇ ଏକ ବିଜ୍ଞାପନ ପ୍ରକାଶ ପାଇଛି । ବିଜ୍ଞାପନରେ "ବିଜେଡି ସରକାର ଗଠନର ପ୍ରଥମ ଦିନରେ ହିଁ ବାକିଥିବା ୨୫ ଲକ୍ଷ ଚାଷୀଙ୍କୁ କାଳିଆ ଯୋଜନାର ଦୁଇଟି କିସ୍ତି ୧୦ ହଜାର ଟଙ୍କା ଏକା ଥରକେ ପାଇବେ" ବୋଲି ଲେଖାଯାଇଛି । ଏହି ଲିଖିତ ବିଜ୍ଞାପନ ତଳେ ମୁଖ୍ୟମନ୍ତ୍ରୀଙ୍କ ଦସ୍ତଖତ ରହିଛି । ଭାରତର ଦଣ୍ଡ ବିଧାନ ଆଇନ ଧାରା ୧୭୧(ଇ) ଓ ୧୭୧ (ର) ଦ୍ୱାରା ନବୀନ ବାବୁ ଦେଇଥିବା ପ୍ରତିଶ୍ରୁତି ସମ୍ପୂର୍ଣ୍ଣ ରୂପେ ବେଆଇନ । ଏହା ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରୁଥିବାରୁ ରାଜ୍ୟ ଉପ ସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାରଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି ।

# 'ଭାଜପା ଆସିଲେ ଦେଶ, ରାଜ୍ୟର ବିକାଶ ହେବ'

ଖଲ୍ଲିକୋଟ/କୋଟପାଡ,
୮।୪(ଡି.ଏନ.ଏ.)



ଖଲ୍ଲିକୋଟ ନିର୍ବାଚନମଣ୍ଡଳୀ ବିକ୍ରମପୁର ପଞ୍ଚାୟତରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ଉପସ୍ଥିତ ରେଳ ରାଷ୍ଟ୍ରମନ୍ତ୍ରୀ ମନୋଜ ସିହ୍ନା ଓ ଅନ୍ୟମାନେ।

କେନ୍ଦ୍ରରେ ମୋଦି ଓ ରାଜ୍ୟରେ ଭାଜପା ସରକାର ପ୍ରତିଷ୍ଠା ହେଲେ ଦେଶର ସୁରକ୍ଷା ସହ ରାଜ୍ୟର ବିକାଶ ହେବ। ଆଜିର ସ୍ଥିତିରେ ଡବଲ ଇଞ୍ଜିନ ସରକାରର ଆବଶ୍ୟକତା ରହିଛି ବୋଲି ସୋମବାର ଗଞ୍ଜାମ ଜିଲା ଖଲ୍ଲିକୋଟ ନିର୍ବାଚନମଣ୍ଡଳୀ ବିକ୍ରମପୁର ପଞ୍ଚାୟତରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେଇ ରେଳପଥ ରାଷ୍ଟ୍ରମନ୍ତ୍ରୀ ମନୋଜ ସିହ୍ନା ଏହା କହିଛନ୍ତି। ସେ କହିଛନ୍ତି, ଭାଜପା ସରକାର ଆସିଲେ ଦାଦନ ଖଟିବାକୁ ଲୋକେ ବାହାର ରାଜ୍ୟକୁ ଯିବେ ନାହିଁ । ନିଜ ଗ୍ରାମରେ ରୋଜଗାର ବ୍ୟବସ୍ଥା ହୋଇପାରିବ ଓ ଗରିବ ଲୋକଙ୍କ ବିକାଶ ସମ୍ଭବ ହେବ ବୋଲି ସେ କହିଛନ୍ତି। ସେହିପରି ଭାଜପା ମହିଳା ମୋର୍ଚ୍ଚା ନେତ୍ରୀ ତଥା ଅଭିନେତ୍ରୀ ଅନୁ ଚୌଧୁରୀ କହିଥିଲେ, ରାଜ୍ୟରେ ପରିବର୍ତ୍ତନ ଦରକାର। ତାହା ହେଲେ ଏଠାରୁ ଦୀର୍ଘଦିନର ଗୋଲାମଗିରି ହଟି ଗରିବଙ୍କ ବିକାଶ ହେବ। ତେଣୁ ଭାଜପା ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ ସେ ଅନୁରୋଧ କରିଥିଲେ। ଏହି ସଭାରେ ଖଲ୍ଲିକୋଟ ନିର୍ବାଚନ ମଣ୍ଡଳୀ ଭାଜପା ବିଧାୟିକା ପ୍ରାର୍ଥୀ ଭାରତୀ ବେହେରା, ଗୁଜୁରାଟରୁ ଆସିଥିବା ସାମାଜିକ କର୍ମୀ ସମ୍ପଦ ସାରସ୍ୱତଙ୍କ ସମେତ ସ୍ଥାନୀୟ ଭାଜପା ନେତା ଉପସ୍ଥିତ ଥିଲେ।

ସେହିପରି କୋରାପୁଟ ଜିଲା କୋଟପାଡ ବ୍ଲକ ଦଶହରା ପଡିଆରେ ସୋମବାର କେନ୍ଦ୍ରମନ୍ତ୍ରୀ ମନୋଜ ସିହ୍ନା ବିଜୟ ସଙ୍କଳ୍ପ ସଭାରେ ଯୋଗ ଦେଇ ବିଜେଡ଼ି ଓ କଂଗ୍ରେସକୁ ସମାଲୋଚନା କରିଥିଲେ । ବିଧାୟକ ପ୍ରାର୍ଥୀ ଖଗେଶ୍ୱର ପୂଜାରୀ ଓ ଏମ୍‌ପି ପ୍ରାର୍ଥୀ ବଳଭଦ୍ର ମାଝିଙ୍କୁ ଭୋଟ ଦେବା ପାଇଁ ସେ ଭୋଟରଙ୍କୁ ଅନୁରୋଧ କରିଥିଲେ ।

### ଛତିଶ ଧଳ ବିଜେଡି ସାଧାରଣ ସମ୍ପାଦକ ନିଯୁକ୍ତ

ଭୁବନେଶ୍ୱର,୮।୪(ବ୍ୟୁରୋ)

ବାରିପଦାର ପୂର୍ବତନ ବିଧାୟକ ଛତିଶ ଧଳଙ୍କୁ ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ତଥା ବାଲେଶ୍ୱର ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି କୃଷ୍ଣ ପଣ୍ଡାଙ୍କୁ ବିଜେଡି ସମ୍ପାଦକ, ପ୍ରୀତିରଞ୍ଜନ ସାହୁଙ୍କୁ ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି, ଅବିନାଶ ପ୍ରଧାନଙ୍କୁ ବିଜେଡି ରାଜ୍ୟ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଏହି ନିଯୁକ୍ତି ଦିଆଯାଇଥିବା ବିଜେଡି ରାଜ୍ୟ ସମ୍ପାଦକ ବିଜୟ ନାୟକ ଏକ ପ୍ରେସ ଇସ୍ତାହାରରେ ଜଣାଇଛନ୍ତି।

## ଚତୁର୍ଥ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ପାଇଁ ୨୦୭ ପ୍ରାର୍ଥୀପତ୍ର ଦାଖଲ

ଭୁବନେଶ୍ୱର,୮।୪(ବ୍ୟୁରୋ)

ରାଜ୍ୟରେ ୪ର୍ଥ ପର୍ଯ୍ୟାୟ ନିର୍ବାଚନ ସକାଶେ ସୋମବାର ବିଧାନସଭା ଆସନ ପାଇଁ ୧୨୯ ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିବାବେଳେ ଲୋକ ସଭା ଆସନ ପାଇଁ ୨୩ ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଚତୁର୍ଥ ପର୍ଯ୍ୟାୟରେ ଏ ପର୍ଯ୍ୟନ୍ତ ୪୨ଟି ବିଧାନସଭା ଆସନ ପାଇଁ ମୋଟ୍ ୨୦୭ ଜଣ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ୬ଟି ଲୋକ ସଭା ଆସନରେ ମୋଟ୍ ୩୨ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।

ଚଳିତ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବା ଏବଂ ସ୍ୱଚ୍ଛ ଓ ନିରପେକ୍ଷତା ଅବଲମ୍ବନ କରିବା ସକାଶେ ବିଭିନ୍ନ ସ୍ଥାନରେ ଯାଞ୍ଚ ଜାରି ରହିଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ବିଭିନ୍ନ ଜିଲାରେ ୮୫୧୩ ଜାମିନ ବିହୀନ ଗିରଫ ପରୱାନା କାର୍ଯ୍ୟକାରୀ କରାଯାଇଛି। ସିଆରପିସିର ଧାରା ୧୦୭/୧୧୬ ଅନୁଯାୟୀ ୪୫୭୪୧ ଜଣଙ୍କୁ ଅଟକ ରଖାଯାଇଛି। ଲାଇସେନ୍ସ ପ୍ରାପ୍ତ ୪୯୨୧ ଗୋଟି ବନ୍ଧୁକ ସମ୍ପୃକ୍ତ ଜିଲା ପ୍ରଶାସନ ଠାରେ ଦାଖଲ କରାଯାଇଛି। ଲାଇସେନ୍ସ ନ ଥିବା ୨୦୮ଟି ଅସ୍ତ୍ରଶସ୍ତ୍ର ଏବଂ ୧୩୬୭.୦୩୦ କିଲୋଗ୍ରାମ ବିସ୍ଫୋରକ ଦ୍ରବ୍ୟ ଜବତ ହୋଇଛି। ଏ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାରେ ଅବକାରୀ ବିଭାଗ ଓ ପୋଲିସର ମିଳିତ ଚଢ଼ାଉ ଫଳରେ ୧୦୯୯୮.୩୭୫ ଲିଟର ମଦ ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୩ କୋଟି ୨୮ ଲକ୍ଷ ୮୩ ହଜାର ୭୨୪ ଟଙ୍କା ହେବ। ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରି ସର୍ବସାଧାରଣ ସ୍ଥାନରେ ଲାଗିଥିବା ୩୦ ଲକ୍ଷ ୯୩ ହଜାର ୪୧୦ହୋର୍ଡିଂ, ପୋଷ୍ଟର ଆଦିକୁ ହଟାଇ ଦିଆଯାଇଛି। ରାଜ୍ୟସ୍ତରରେ ଖୋଲାଯାଇଥିବା ନିୟନ୍ତ୍ରଣ କକ୍ଷକୁ ଏବେ ସୁଦ୍ଧା ୬୫୦ଟି ଅଭିଯୋଗ ଆସିଛି। ସେଥିରୁ ୨୫୦ କେସ୍‌କୁ ବିଭିନ୍ନ ଜିଲାକୁ ସମାଧାନ ପାଇଁ ପ୍ରେରଣ କରାଯାଇଛି।

## ଭାଜପା ନିର୍ବାଚନୀ ଇସ୍ତାହାର ଅବାସ୍ତବ

### କାର୍ଯ୍ୟାନୁଷ୍ଠାନ ପାଇଁ ସିଇଓଙ୍କ ନିକଟରେ ଫେରାଦ ହେଲା ବିଜେଡି

ଭୁବନେଶ୍ୱର,୮।୪(ବ୍ୟୁରୋ)

ଭାଜପାର ନିର୍ବାଚନୀ ଇସ୍ତାହାରରେ ଦିଆଯାଇଥିବା ପ୍ରତିଶ୍ରୁତିଗୁଡ଼ିକ ଯୁକ୍ତିସଙ୍ଗତ ନୁହେଁ । ଏହା ଅବାସ୍ତବ। ଏହା ଆଦର୍ଶ ଆଚରଣ ବିଧି ଅନୁଯାୟୀ ପର୍ଯ୍ୟବସିତ ନୁହେଁ। ଏହି ଅଭିଯୋଗ ଧରି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ନିକଟରେ ସୋମବାର ଫେରାଦ ହୋଇଛି ବିଜୁ ଜନତା ଦଳ। ଭାଜପା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ଆଦର୍ଶ ଆଚରଣ ବିଧି କହୁଛି, ରାଜନୈତିକ ଦଳର ଇସ୍ତାହାରରେ ପ୍ରତିଶ୍ରୁତିର ବାସ୍ତବତା ରହିବ। ଅର୍ଥନୈତିକ ପ୍ରାସଙ୍ଗିକତା ରହିବ। ବାସ୍ତବତା ଉପରେ ପର୍ଯ୍ୟବସିତ ହୋଇ ଭୋଟରଙ୍କ ବିଶ୍ୱାସଭାଜନ ହେବ। ମାତ୍ର ଭାଜପା ଇସ୍ତାହାରରେ ଏସବୁ ନାହିଁ ବୋଲି ବିଜେଡି ଦର୍ଶାଇଛି। ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ପ୍ରସଙ୍ଗରେ ଭାଜପା ୨୦୧୪ର ପ୍ରତିଶ୍ରୁତି ପାଳନ କଲାନି। ଏଥର ଇସ୍ତାହାରରେ ଏହାକୁ ବାଦ ଦେଇ ପ୍ରତିଶ୍ରୁତି ପାଳନ କରିପାରିବ ନାହିଁ ବୋଲି ଜଣାଇ ଦେଇଛି।

ଏହାଦ୍ୱାରା ଭାଜପା ଭୋଟରଙ୍କ ବିଶ୍ୱାସ ଭାଙ୍ଗିଛି। ଏମ୍‌ଏସ୍‌ପି ଦୁଇଗୁଣା ବୃଦ୍ଧି ପାଇଁ ୨୦୧୪ ରେ ପ୍ରତିଶ୍ରୁତି ଦେଇଥିଲା। ତାହା ପାଳନ ନ କରି ୨୦୧୯ ଇସ୍ତାହାରରେ ପୁଣି ଏହାକୁ ସ୍ଥାନିତ କରିଛି। ଏହା ମଧ୍ୟ ଭାଟରଙ୍କ ପ୍ରତି ବିଶ୍ୱାସଘାତକତା। ଓଡ଼ିଶାର ବଜେଟ ଆକାର ୧.୨ ଲକ୍ଷ କୋଟି ଥିବାବେଳେ ଭାଜପା ତାର ଇସ୍ତାହାରରେ ଜଳସେଚନ ପାଇଁ ୧ ଲକ୍ଷ କୋଟି ବଜେଟ ପ୍ରତିଶ୍ରୁତି ଦେଇ ଅର୍ଥନୀତିକୁ ଆଖିଠାର ମାରିଛି। ୫ ବର୍ଷରେ ୧୫ ବନ୍ଦର ପ୍ରତିଷ୍ଠାର ପ୍ରତିଶ୍ରୁତି ଡାହା ମିଛ। କ୍ଷମତାରେ ଥାଇ ଭାଜପା ଗତ ୫ବର୍ଷରେ ୫ଟି ବନ୍ଦର ବି ପ୍ରତିଷ୍ଠା କରିପାରିନି। ବାର୍ଷିକ ୨ କୋଟି ଚାକିରି ଓ କର୍ମନିଯୁକ୍ତିର ପ୍ରତିଶ୍ରୁତି ଦିଆଯାଇଥିଲେ ମଧ୍ୟ ତାହା ହେଲା ନାହିଁ। ପୁଣି ଏଥର ଇସ୍ତାହାରରେ ରାଜ୍ୟର ସବୁ ପରିବାରକୁ କର୍ମନିଯୁକ୍ତିର ପ୍ରତିଶ୍ରୁତି ଡାହା ମିଛ ଛଡ଼ା କିଛି ନୁହେଁ। ସେହିଭଳି ସହରାଞ୍ଚଳ ବିକାଶ ପାଇଁ ୧ଲକ୍ଷ କୋଟି ଟଙ୍କାର ବଜେଟ ପ୍ରତିଶ୍ରୁତି ମଧ୍ୟ ମିଥ୍ୟା ଏବଂ ଅଯୁକ୍ତିକର ବୋଲି ବିଜେଡି ଦର୍ଶାଇଛି। ୨୦୧୯ ଭାଜପାର ଏହି ଇସ୍ତାହାର ଆଦର୍ଶ ଆଚରଣ ବିଧିର ସମ୍ପୂର୍ଣ୍ଣ ଉଲ୍ଲଂଘନ କରୁଥିବାରୁ କାର୍ଯ୍ୟାନୁଷ୍ଠାନ ପାଇଁ ବିଜେଡି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛି। ପ୍ରତିନିଧି ଦଳରେ ମୁଖପାତ୍ର ଲେଲିନ୍ ମହାନ୍ତି, ସସ୍ମିତ୍ ପାତ୍ର ଏବଂ ସୁଲତା ଦେଓ ସାମିଲ ଥିଲେ।

### ■ ଶ୍ରୀମନ୍ଦିର ପରିଚାଳନାରେ ସରକାରୀ ଅଧିକାରୀ

## ପ୍ରଶ୍ନ ଉଠାଇଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୮।୪(ପି.ଟି.)



ପୁରୀର ଜଗନ୍ନାଥ ମନ୍ଦିର ସମେତ ଦେଶର ବିଭିନ୍ନ ମନ୍ଦିର ଓ ଧର୍ମପୀଠର ପରିଚାଳନା ଦାୟିତ୍ୱରେ ସରକାରୀ ଅଧିକାରୀ ରହିଥିବାରୁ ଏହାକୁ ନେଇ ସୁପ୍ରିମକୋର୍ଟ ପ୍ରଶ୍ନ ଉଠାଇଛନ୍ତି। ପ୍ରତିଦିନ ଜଗନ୍ନାଥ ମନ୍ଦିର ଦର୍ଶନରେ ଆସୁଥିବା ଶହ ଶହ ଭକ୍ତ ନିରାଶ ହେଉଥିବା ଜଷ୍ଟିସ ଏସ୍.ଏ. ବୋବଡେ ଏବଂ ଏସ୍.ଏ. ନାଜିରଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ମନ୍ଦିର ସେବାୟତ ଭକ୍ତମାନଙ୍କୁ ହଇରାଣ ଓ ଶୋଷଣ କରୁଥିବା ନେଇ ସୁପ୍ରିମକୋର୍ଟରେ ପିଟିଶନ ଦାଏର ହୋଇଥିଲା।

ଏହି ମାମଲାରେ ଆମିକସ୍ କ୍ୟୁରି ଭାବେ ଅଦାଲତଙ୍କୁ ସହାୟତା କରୁଥିବା ବରିଷ୍ଠ ଆଇନଜୀବୀ ରଞ୍ଜିତ କୁମାର ଶ୍ରୀମନ୍ଦିର ପରିଦର୍ଶନ କରି ସବିଶେଷ ରିପୋର୍ଟ ଦାଖଲ କରିସାରିଛନ୍ତି। ବିଭିନ୍ନ କାରଣରୁ ଭକ୍ତମାନେ ହଇରାଣ ହରକତ ହେଉଥିବା ଉକ୍ତ ରିପୋର୍ଟରୁ ଖଣ୍ଡପୀଠ ଜାଣିବାକୁ ପାଇଛନ୍ତି। ପୁରୀ ଜିଲା ଜଜ୍‌ଙ୍କ ପକ୍ଷରୁ ଏହି ମାମଲାରେ ଦାଏର ରିପୋର୍ଟ ଉପରେ ଶ୍ରୀମନ୍ଦିର ପ୍ରଶାସନ କ'ଣ ପଦକ୍ଷେପ ଗ୍ରହଣ କରିଛନ୍ତି, ତାହା କୋର୍ଟଙ୍କୁ ଜଣାଇବା ଆବଶ୍ୟକ ବୋଲି ଆବେଦନକାରୀଙ୍କ ଓକିଲ ଖଣ୍ଡପୀଠଙ୍କୁ କହିଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମାସକୁ ଧାର୍ଯ୍ୟ ହୋଇଛି। ଶ୍ରୀମନ୍ଦିରରେ ଉପଯୁକ୍ତ ଗହଳି ପରିଚାଳନା ଏବଂ ଭକ୍ତମାନଙ୍କ ପାଇଁ ଧାଡ଼ି ବ୍ୟବସ୍ଥାର ଅଭାବ ବଡ଼ ସମସ୍ୟା ବୋଲି ପୂର୍ବରୁ ଆମିକସ୍ କ୍ୟୁରି କୋର୍ଟଙ୍କୁ ଜଣାଇଥିଲେ। ତେବେ ଶ୍ରୀମନ୍ଦିରର ସ୍ଥାପତ୍ୟ କଳା ଭିନ୍ନ ହୋଇଥିବାରୁ ଭକ୍ତଙ୍କ ପାଇଁ ଧାଡ଼ି ବ୍ୟବସ୍ଥା କରିବା ଏତେ ସହଜ ନୁହେଁ ବୋଲି ଓଡ଼ିଶା ପକ୍ଷରୁ ଲଢୁଥିବା ଓକିଲ କହିଥିଲେ। ଧର୍ମମତ ନିର୍ବିଶେଷରେ ସମସ୍ତଙ୍କୁ ମନ୍ଦିର ପ୍ରବେଶ ଅନୁମତି ଦେବାକୁ ଗତବର୍ଷ ଜୁଲାଇରେ ସୁପ୍ରିମକୋର୍ଟ ଜଗନ୍ନାଥ ମନ୍ଦିର ପରିଚାଳନା ସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଭକ୍ତମାନଙ୍କୁ କରାଯାଉଥିବା ଶୋଷଣ ଅଭିଯୋଗ, ବଂଶାନୁକ୍ରମିକ ସେବାୟତ ପ୍ରଥା ଉଚ୍ଛେଦ ନେଇ ପୁରୀ ଜିଲା ଜଜ୍ ଉଠାଇଥିବା ପ୍ରସଙ୍ଗ ଅନୁଧ୍ୟାନ କରିବା ଲାଗି ଏକ କମିଟି ଗଠନ କରିବାକୁ ଅଦାଲତ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। କୋର୍ଟରେ ହାଜର ହୋଇ ଆର୍ଟର୍ନି ଜେନେରାଲ କେ.କେ. ବେଣୁଗୋପାଳ କହିଥିଲେ, କେରଳର ସାବରିମାଳା ମନ୍ଦିର ଟ୍ରାଭାଙ୍କୋର ଦେବସ୍ୱମ୍ ବୋର୍ଡ (ଟିଡିବି) ଦ୍ୱାରା ପରିଚାଳିତ ହେଉଛି। ସରକାରଙ୍କ ଦ୍ୱାରା ନିଯୁକ୍ତ ବୋର୍ଡ ଦେଶର ବିଭିନ୍ନ ମନ୍ଦିର ପରିଚାଳନା କରୁଥିବା ସେ ଅଦାଲତଙ୍କୁ ଜଣାଇଥିଲେ। ଏକ ଧର୍ମନିରପେକ୍ଷ ରାଷ୍ଟ୍ରରେ ସରକାର କେତେଦିନ ମନ୍ଦିରକୁ ନିୟନ୍ତ୍ରଣରେ ରଖିବେ ବା ପରିଚାଳନା କରିବେ ବୋଲି ବେଣୁଗୋପାଳ ପ୍ରଶ୍ନ କରିଥିଲେ।

### ମୁଖ୍ୟମନ୍ତ୍ରୀ ନିଜେ ବିରାଡି ବୈଷ୍ଣବ

ଭୁବନେଶ୍ୱର,୮।୪(ବ୍ୟୁରୋ):

ବିଜେଡି ଏବେ ବିଭିନ୍ନ ବିଜ୍ଞାପନ ଜରିଆରେ ମିଥ୍ୟା ପ୍ରଚାରରେ ଲାଗିପଡ଼ିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜ୍ଞାପନ ଦେଇ ଓଡ଼ିଶାର ସାଢେ ଚାରିକୋଟି ଓଡ଼ିଶାବାସୀ ତାଙ୍କ ପରିବାର ବୋଲି କହୁଛନ୍ତି। ସେମାନଙ୍କ ପାଇଁ ଦିନ, ରାତି କାମ କରି ଚାଲିଛନ୍ତି ବୋଲି ମଧ୍ୟ କହୁଛନ୍ତି। ହେଲେ ଏତେ କାମ କରୁଛନ୍ତି ଯେ ନିଜ ପରିବାର ଲୋକଙ୍କ ଭାଷା କହିପାରୁନାହାନ୍ତି ବୋଲି ଭାଜପା ବରିଷ୍ଠ ନେତା ବିଶ୍ୱଭୂଷଣ ହରିଚନ୍ଦନ ଇଙ୍ଗିତ କରି କହିଛନ୍ତି। ଦୀର୍ଘ ୨୨ବର୍ଷ ହେଲା ଓଡିଶାରେ ରହିବାପରେ ଓଡିଆ ଶିଖିପାରିଲେ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଶ୍ୱଭୂଷଣ କହିଛନ୍ତି ଯେ, ଯିଏ ପ୍ରତାରଣା କରେ, ମିଛ କହି ଅନ୍ୟକୁ ଠକେ ଓ ଫାଇଦା ଉଠାଏ ଲୋକେ ତାଙ୍କୁ ବିରାଡି ବୈଷ୍ଣବ କୁହନ୍ତି। ପାଇକ ବିଦ୍ରୋହ ଆମ ଓଡିଆ ଜାତିର ଗର୍ବର ଗାଥା ବଖାଣେ, ତା'ର ସ୍ମାରକୀ ନିର୍ମାଣ ପାଇଁ କାହିଁକି ଜମି ଦେଲେନାହିଁ। ଜଗନ୍ନାଥଙ୍କ ରତ୍ନଭଣ୍ଡାର ଚାବି ହଜିବା ପରେ କେଉଁ ଉପରେ ମୁଖ୍ୟମନ୍ତ୍ରୀ ତାକୁ ଖୋଲୁନାହାନ୍ତି ଏହାର ଜବାବ ଦିଅନ୍ତୁ ବୋଲି ବିଶ୍ୱଭୂଷଣ କହିଛନ୍ତି।

### ■ ଭୋଟରଙ୍କୁ ଅର୍ଥ ଲୋଭ ଦେଖାଇବା ଘଟଣା

## ନବଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ଭୁବନେଶ୍ୱର,୮।୪(ବ୍ୟୁରୋ)

ଝାରସୁଗୁଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ ହୋଇଥିବା ନବ କିଶୋର ଦାସ ମରୁନି ନ ଥିଲେ ବି ଆମେ ମରୁଡ଼ି ଘୋଷଣା କରିଦେବୁ ଏବଂ ସେଥିପାଇଁ ଚାଷୀମାନଙ୍କୁ କ୍ଷତିପୂରଣ ଦେବୁ କହି ଭୋଟରଙ୍କୁ ପ୍ରଲୋଭନ ଦେଖାଉଛନ୍ତି। ଭୋଟରଙ୍କୁ ଅର୍ଥଲୋଭ ଦେଖାଇ ପ୍ରଲୋଭିତ କରୁଥିବାରୁ ନବଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଲାଗି ସୋମବାର ଭାଜପା ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କ ନିକଟରେ ଦାବି କରିଛି। ଏପ୍ରିଲ ୩ରେ ନବ ବାମରା ବ୍ଲକର ତରାଇ ଗାଁରେ ଏକ ସାଧାରଣ ସଭାରେ କହିଥିଲେ ଯେ ସମ୍ବଲପୁରରେ ନଳିନୀ ପ୍ରଧାନ ଏବଂ ବ୍ରଜରାଜ ନଗରରେ କିଶୋର ମହାନ୍ତିଙ୍କୁ ଜିତାଇଲେ ଏହି ପଞ୍ଚାୟତରେ ଥିବା ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀକୁ ଦୁଇଟି ଲେଖାଏଁ ପକ୍କାଘର ଯୋଗାଇ ଦିଆଯିବ। ଏହାର ପ୍ରତିବାଦରେ ରାଜ୍ୟ ଉପ ସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଯାଇଥିବା ଭାଜପାର ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାରଙ୍କୁ ଭେଟି ଦାବି ପ୍ରଦାନ କରିଛି। ନବ ଦାସ ନିର୍ବାଚନ ଆଚରଣ ବିଧିକୁ ଉଲ୍ଲଂଘନ କରି ଭୋଟରଙ୍କୁ ଅନୁଚିତ ପ୍ରଭାବ ପକାଇଥିବାରୁ ତାଙ୍କୁ ଭାରତୀୟ ଦଣ୍ଡବିଧାନ ଆଇନ ୧୯୬୦ର ଧାରା ୧୭୧(ବି), ୧୭୧(ଇ),୧୭୧(ସି) ଏବଂ ୧୭୧ (ଏଫ୍) ଅନୁସାରେ ଦଣ୍ଡିତ କରାଯିବା ଦରକାର। ଏହି ଭାଷଣର ଏକ ଭିଡିଓକୁ ପ୍ରମାଣ ଆକାରରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଦିଆଯାଇଛି। ପ୍ରତିନିଧି ଦଳରେ ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର, ନିର୍ବାଚନ ପ୍ରକୋଷ୍ଠର ଅବାହକ ଓ ସଂଯୋଜକ ଜୟନ୍ତ ଜେନା ଏବଂ ଆଇନଜୀବୀ ସୂର୍ଯ୍ୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଟିକେଟ ଫେରାଇଲେ କଂଗ୍ରେସର ସୀତାକାନ୍ତ, ସତ୍ୟବ୍ରତ

ଭୁବନେଶ୍ୱର,୮।୪(ବ୍ୟୁରୋ)

କଂଗ୍ରେସରେ ଟିକେଟ ବଣ୍ଟନ ନେଇ ବ୍ୟାପକ ଅନିୟମିତତା ହୋଇଥିବା ଦଳର ବହୁ ବରିଷ୍ଠ ନେତା ଅଭିଯୋଗ ଆଣିବାରେ ଲାଗିଛନ୍ତି। ଏପଟେ ଇଚ୍ଛା ନ ଥିବା ବହୁ ପ୍ରାର୍ଥୀଙ୍କ ନାଁ ଦଳ ପକ୍ଷରୁ ଶେଷ ମୁହୂର୍ତ୍ତରେ ଘୋଷଣା କରାଯିବା ମଧ୍ୟ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ବହୁ ନେତା ଏବେ ଟିକେଟ ପାଇବା ପରେ ଫେରାଇବାରେ ଲାଗିଛନ୍ତି। ପୂର୍ବରୁ ୪ଜଣ ନେତା ଟିକେଟ ଫେରାଇଥିଲେ। ସୋମବାର ଆଉ ଦୁଇ ନେତା ଟିକେଟ ଫେରାଇଛନ୍ତି। ଚତୁର୍ଥ ପର୍ଯ୍ୟାୟ ନାମାଙ୍କନ ଦାଖଲ ଶେଷ ହେବାକୁ ଆଉ ମାତ୍ର ଦିନେ ଥିବାବେଳେ ବଡଚଣାର ପ୍ରାର୍ଥୀ ହୋଇଥିବା ସୀତାକାନ୍ତ ମହାପାତ୍ର ଟିକେଟ ଫେରାଇଛନ୍ତି। ସେ ଏଥର ନିର୍ବାଚନ ଲଢିବା ପାଇଁ ରାଜି ହୋଇନାହାନ୍ତି। ବିଳମ୍ବରେ ଟିକେଟ ମିଳିଥିବାରୁ ସେ ନିର୍ବାଚନ ଲଢିବା ପାଇଁ ମନା କରିଦେଇଛନ୍ତି। ୭ରେ ଟିକେଟ ପାଇଥିଲେ, ୮ରେ ଫେରାଇଲି ଯାହାକୁ ପାଇବେ ଦେଇପାରିବେ ବୋଲି ସେ କହିଛନ୍ତି। ସୀତାକାନ୍ତଙ୍କ ପରେ ପରେ ନିମାପଡା ଆସନରୁ ପ୍ରାର୍ଥୀ ହୋଇଥିବା ସତ୍ୟବ୍ରତ ପାତ୍ର ମଧ୍ୟ ଟିକେଟ ଫେରାଇ ଦେଇଛନ୍ତି। ବିଳମ୍ବରେ ଟିକେଟ ଦେଇଥିବାରୁ ସେ ଅପମାନିତ ହୋଇଥିବା କହିଛନ୍ତି। କର୍ମୀମାନଙ୍କ ସହ ଆଲୋଚନା କରିବାପରେ ନିର୍ବାଚନ ନ ଲଢିବାକୁ ନିଷ୍ପତ୍ତି ନେଇଥିବା ସତ୍ୟବ୍ରତ କହିଛନ୍ତି। ଅପରପକ୍ଷରେ କଂଗ୍ରେସ ଟିକେଟରୁ ନିର୍ବାଚନ ଲଢିବାକୁ ଆଶାୟୀ ଥିବା ଦିଲ୍ଲୀପ ନାୟକଙ୍କୁ ପିସିସି ପକ୍ଷରୁ ନାମାଙ୍କନ ପାଇଁ ସବୁଜ ସଙ୍କେତ ଦିଆଯାଇଥିବା ଜଣାପଡିଛି। ଦିଲ୍ଲୀପ ଦୁଇ ସେଟ୍ ବିଶିଷ୍ଟ ନାମାଙ୍କନ ଦାଖଲ କରିବେ। ଏହାସହ ତାଙ୍କ କର୍ମୀ ମହଲରେ ମଧ୍ୟ ଉଲ୍ଲାସ ଖେଳିଯାଇଥିବା ଦେଖିବାକୁ ମିଳିଛି. ଥାଙ୍କ କର୍ମୀମାନେ ବାଣ ଫୁଟାଇ ଖୁସି ମନାଇଛନ୍ତି। ଅନ୍ୟପଟେ ଏହା ପୂର୍ବରୁ ବେଗୁନିଆରୁ ପ୍ରାର୍ଥୀ ହୋଇଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ପଟ୍ଟନାୟକଙ୍କ ପୁଅ ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ପିପିଲିରୁ ପ୍ରାର୍ଥୀ ହୋଇଥିବା ଯୁଧିଷ୍ଠିର ସାମନ୍ତରାୟ ନିର୍ବାଚନ ଲଢିବାକୁ ମନା କରିଦେଇଥିଲେ। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଟଙ୍କା ନେଇ ଟିକେଟ ବାଣ୍ଟୁଥିବା ଯୁଧିଷ୍ଠିର ଅଭିଯୋଗ କରିଥିଲେ। ସେହିପରି ତିର୍ତ୍ତୋଲରୁ ପ୍ରାର୍ଥୀ ହୋଇଥିବା ବିଭୁ ପ୍ରସାଦ ତରାଇ ଦଳ ଛାଡି ଶେଷ ସମୟରେ ଭାଜପାରେ ଯୋଗଦେଲେ। କବିସୂର୍ଯ୍ୟନଗରର ବିଧାୟକ ପ୍ରାର୍ଥୀ ହୋଇଥିବା ସୀତାରାମ ପାଣିଗ୍ରାହୀ ମଧ୍ୟ ଦଳ ଛାଡି ଭାଜପାରେ ସାମିଲ ହୋଇଛନ୍ତି।

### ■ ସମ୍ବଲପୁରର ଆଇଆଇଏମ ତୃତୀୟ ସମାବର୍ତ୍ତନ ଉତ୍ସବ

## ଦୀର୍ଘସ୍ଥାୟୀ ସଫଳତା ଉପରେ ଛାତ୍ରୀଛାତ୍ର ଦୃଷ୍ଟି ଦିଅନ୍ତୁ

ସମ୍ବଲପୁର, ୮।୪(ବ୍ୟୁରୋ)




ସମ୍ବଲପୁର ଆଇଆଇଏମର ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଅମୁଲ ନିର୍ଦ୍ଦେଶକ ଡ. ଆର ଏସ.ସୋଧି ଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରୁଛନ୍ତି ।

ଭାରତର ଅର୍ଥନୀତିର ଅଭିବୃଦ୍ଧି ଦ୍ରୁତ ଗତିରେ ବଢି ଚାଲିଛି । ଗ୍ରାମ୍ୟ ଓ ସହରାଞ୍ଚଳରେ ଥିବା ବ୍ୟବଧାନ ହ୍ରାସ ପାଇଛି। ସାମାଜିକ ସ୍ଥିତିରେ ବ୍ୟାପକ ପରିବର୍ତ୍ତନ ଆସିଛି। ତେଣୁ କ୍ଷଣିକ ସଫଳତା ପଛରେ ନ ଗୋଡାଇ ଛାତ୍ରୀଛାତ୍ରମାନେ ଦୀର୍ଘସ୍ଥାୟୀ ସଫଳତା ଉପରେ ଦୃଷ୍ଟି ରଖିବା ଉଚିତ। ବୁର୍ଲାସ୍ଥିତ ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଜ୍ୟୋତିବିହାର) କ୍ୟାମ୍ପସରେ ସମ୍ବଲପୁର ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟ (ଆଇଆଇଏମ)ର ତୃତୀୟ ସମାବର୍ତ୍ତନ ସମାରୋହରେ ସୋମବାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି ଅମୁଲର ପରିଚାଳନା ନିର୍ଦ୍ଦେଶକ ଡଃ ଆର. ଏସ. ସୋଧି। ଆଇଆଇଏମ ପରିଚାଳନା ବୋର୍ଡ଼ ଅଧକ୍ଷା ଅରୁନ୍ଧତି ଭଟ୍ଟାଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ବକ୍ତବ୍ୟ ରଖି ସୋଧି କହିଥିଲେ ଯେ, କଠିନ ପରିଶ୍ରମ କଲେ ଜୀବନରେ ସଫଳତା ମିଳିଥାଏ। ଏହି ଅବସରରେ ସେ ଅମୁଲର ପ୍ରତିଷ୍ଠାତା ଭର୍ଗିସ କୁରିଏନଙ୍କ ଜୀବନାଦର୍ଶ ଛାତ୍ରୀଛାତ୍ରମାନଙ୍କ ପାଇଁ ଏକ ଉଦାହରଣ ବୋଲି କହିଥିଲେ। ବିଦେଶରୁ ପାଠ ପଢ଼ି ଆସି ଆନନ୍ଦ ଗ୍ରାମରେ ଚାଷୀମାନଙ୍କ ସହ କାମ ଆରମ୍ଭ କରିଥିଲେ କୁରିଏନ। କମ୍ ପରିଶ୍ରମରେ ଚାଷୀମାନଙ୍କୁ ଅଧିକ ଲାଭ ହେଉଥିବା ଦୁଗ୍ଧ ଚାଷ ଉପରେ ଗୁରୁତ୍ୱ ଦେବାକୁ ସେ କହିଥିଲେ। କୁରିଏନ ଆରମ୍ଭ କରିଥିବା ଅମୁଲ କମ୍ପାନୀ ଆଜି ଗୁଣାତ୍ମକମାନ ଦୃଷ୍ଟିରୁ ୭୩ ବର୍ଷ ଧରି ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରଛି। ଦେଶରେ ଲକ୍ଷାଧିକ ଚାଷୀ ଡାଏରୀ ଫାର୍ମ କରି ସଫଳତା ହାସଲ କରିଛନ୍ତି। ଏହା ଛାତ୍ରୀଛାତ୍ରମାନଙ୍କ ପାଇଁ ମାର୍ଗ ଦର୍ଶନ ବୋଲି ସେ କହିଥିଲେ। ସେହିଭଳି ବୋର୍ଡ଼ ଅଧକ୍ଷା ଭଟ୍ଟାଚାର୍ଯ୍ୟ ୪ ବର୍ଷରେ ସଂସ୍ଥାନ ଉଲ୍ଲେଖନୀୟ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ଛାତ୍ରୀଛାତ୍ର ରାଷ୍ଟ୍ରୀୟ ଓ ବହୁରାଷ୍ଟ୍ରୀୟ କମ୍ପାନୀଗୁଡିକରେ ଦାୟିତ୍ୱ ନେଇ ଦକ୍ଷତା ପ୍ରତିପାଦନ କରି ସଫଳତା ହାସଲ କରିଛନ୍ତି ବୋଲି କହିଥିଲେ। ଅନ୍ୟପକ୍ଷେ ଆଇଆଇଏମ୍ର ସ୍ଥାୟୀ କ୍ୟାମ୍ପସ ନିର୍ମାଣ କାର୍ଯ୍ୟ ଖୁବ୍ ଶୀଘ୍ର ଆରମ୍ଭ ହେବ ବୋଲି ସେ ସୂଚନା ଦେଇଥିଲେ। ସିଜିପିଏର ପ୍ରଥମ ର୍ୟାଙ୍କ ହାସଲ କରିଥିବା ଛାତ୍ର ଏମ. ଭେଙ୍କଟେୟା ଭଡ଼ାକମ, ଦ୍ୱିତୀୟ ର୍ୟାଙ୍କ ପାଇଥିବା ଦେବୀ ପ୍ରସାଦ,ଏମବିଏ ଛାତ୍ରୀ ଆସ୍ଥା ଗୁପ୍ତାଙ୍କୁ ଏହି ଅବସରରେ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିଲା। ଏଥିସହ ୬୦ ଜଣ ଛାତୀଛାତ୍ରଙ୍କୁ ନିର୍ଦ୍ଦେଶକ ଡଃ.ମହାଦେଓ ପ୍ରସାଦ ଜୟସୱାଲ ଡିଗ୍ରୀ ପ୍ରଦାନ କରିଥିଲେ । ନିର୍ଦ୍ଦେଶକ ଜୟସୱାଲ ବାର୍ଷିକ ବିବରଣୀ ପାଠ କରିଥିଲେ । ପରିଚାଳନା ବୋର୍ଡ଼ ସଦସ୍ୟମାନଙ୍କ ସହିତ ପ୍ରଫେସର ଅତ୍ରି ସେନଗୁପ୍ତା ଉପସ୍ଥିତ ଥିଲେ। ।



ସତ୍ୟର ଗ୍ରହଣ ଓ ଅସତ୍ୟର ତ୍ୟାଗରେ ସର୍ବଦା ଉଦ୍ୟମଶୀଳ ହେବା ଉଚିତ।
-ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ବଟି ନ ଦେବାରୁ କଟୁରିରେ ଆକ୍ରମଣ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୮।୪(ବ୍ୟୁରୋ):** କ୍ୟାପିଟାଲ ଥାନା ଅଞ୍ଚଳରେ ଜଣେ ମହିଳାଙ୍କ ଘରେ ପଶି ଦାଦାବଟି ମାଗି ନିରାଶ ହେବାରୁ କଟୁରିରେ ଆକ୍ରମଣ କରିଥିବା ଅଭିଯୁକ୍ତଙ୍କୁ ପୋଲିସ ସୋମବାର ଗିରଫ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଫାଳିକିଆ ବସ୍ତିରେ ରହୁଥିବା କେ. ଶଙ୍କରୀ (୩୨)। ପୋଲିସ ସୂଚନା ମୁତାବକ, ଅଭିଯୁକ୍ତଙ୍କ ପଡୋଶୀରେ କେ. ଲକ୍ଷ୍ମୀ ରାଓ ନାମକ ମହିଳା ତାଙ୍କ ପରିବାର ସହ ରୁହନ୍ତି। ରବିବାର ଲକ୍ଷ୍ମୀ ତାଙ୍କ ପୁଅ ସହ ଘରେ ଖାଉଥିବା ବେଳେ ଅଭିଯୁକ୍ତ ପହଞ୍ଚି ଜବରଦସ୍ତ ଦାଦାବଟି ମାଗିଥିଲା। ସେ ଟଙ୍କା ଦେବାକୁ ମନା କରିବାରୁ ଅଭିଯୁକ୍ତ ତାଙ୍କୁ ଏକ କଟୁରିରେ ଚୋଟ ପକାଇ ଫେରାର ହୋଇଯାଇଥିଲା। ଏ ନେଇ ଲକ୍ଷ୍ମୀ ଥାନାରେ ଅଭିଯୋଗ କରିବାରୁ ପୋଲିସ ୧୨୫/୧୯ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ପୂର୍ବରୁ କେ. ଶଙ୍କରୀଙ୍କ ନାମରେ ୧୦ରୁ ଊର୍ଦ୍ଧ୍ୱ ମାମଲା ଉକ୍ତ ଥାନାରେ ରହଛି।

### ଚୋରା ବାଇକ୍ ଜବତ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୮।୪(ବ୍ୟୁରୋ):** କ୍ୟାପିଟାଲ ଥାନା ପୋଲିସ ସୋମବାର ଚୋରା ବାଇକ କାରବାରରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଗୋଟିଏ ବାଇକ୍ ଜବତ କରିଛି। ସେ ହେଲେ ବାଲକାଟୀ ଅଞ୍ଚଳର ହୃଷୀକେଶ ସ୍ୱାଇଁ। ସୂଚନା ମୁତାବକ, ଉକ୍ତ ଥାନା ପୋଲିସ ଭୋର ସମୟରେ ୟୁନିଟ-୧ ମାର୍କେଟ ନିକଟରେ ଚେକିଂ ଚଳାଇଥିଲା। ହୃଷୀକେଶ ଉକ୍ତ ଚେକିଂରେ ଥିବା ପୋଲିସକୁ ଗାଡି କାଗଜପତ୍ର ଦେଖାଇପାରି ନ ଥିଲେ। ପରବର୍ତ୍ତୀ ସମୟରେ ପୋଲିସ ତଦନ୍ତରୁ ବାଇକ୍‌ଟି ଚୋରା ବୋଲି ଜଣାପଡିଥିଲା। ଏ ନେଇ ପୋଲିସ ୧୨୬/୧୮ରେ ମାମଲା ରଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି ପଚରାଉଚରା ପରେ କୋର୍ଟଚାଲାଣ କରିଛି। ସେଠାରେ ତାଙ୍କର ଜାମିନ ଆବେଦନ ଖାରଜ ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ବିଜେଡିର ବୁଥ୍ କମିଟି ଗଠନ

**ବାଲିପାଟଣା,୮।୪(ଡି.ଏନ୍.ଏ.):** ଆଗାମୀ ନିର୍ବାଚନ ପାଇଁ ବାଲିପାଟଣା ବ୍ଲକ କୁରଞ୍ଜିପୁର ପଞ୍ଚାୟତରେ ସୋମବାର ପୂର୍ବତନ ସରପଞ୍ଚ ତୃପ୍ତି ପ୍ରସାଦ ଛୋଟରାୟଙ୍କ ସଭାପତିତ୍ୱରେ ବିଜେଡିର ବୁଥ୍ କମିଟି ଗଠନ କରାଯାଇଛି। ବସନ୍ତମାଳସ୍ଥିତ ଗ୍ରାମ ମଣ୍ଡପଠାରେ ଏକ ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତରେ ପ୍ରତି ଭୋଟରଙ୍କୁ ଭେଟି ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଅବଗତ କରାଯିବ। ନିର୍ବାଚନୀ ଇସ୍ତାହାର ଅନୁଯାୟୀ, ଭବିଷ୍ୟତରେ ଯୋଜନା କାର୍ଯ୍ୟକାରୀ ହେବା ପାଇଁ ଗୁରୁତ୍ୱ ଦିଆଯିବ ବୋଲି ଆଲୋଚନା ହୋଇଥିଲା। ଏହି କମିଟିରେ ୧୦ଜଣ ସଭ୍ୟ ରହି କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ସ୍ଥିର ହୋଇଛି। ବୈଠକରେ ପ୍ରସନ୍ନ କୁଣ୍ଡ, ଅଭିମନ୍ୟୁ ସ୍ୱାଇଁ, କ୍ଷେତ୍ରମୋହନ ଦିକ୍ଷୀତ, ରାଜକିଶୋର ପରିଡା, ସତ୍ୟାଭାମା ବେହେରାଙ୍କ ସମେତ ଶତାଧିକ ବିଜଡି କର୍ମୀ ଉପସ୍ଥିତ ଥିଲେ।

### ଇସ୍‌ଲାମ ପ୍ରିମିୟର ଲିଗ୍ ଉଦ୍‌ଯାପିତ

**ବାଲିଅନ୍ତା,୮।୪(ଡି.ଏନ୍.ଏ.):** ବାଲିଅନ୍ତା-ଅଣ୍ଡିଲୋ ଗ୍ରାମର ଇସଲାମ କ୍ରିକେଟ ଟିମ ପକ୍ଷରୁ ୧୩ଦିନ ଧରି ଚାଲିଥିବା ଇସଲାମ ପ୍ରିମିୟର ଲିଗ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। କୁଶଭଦ୍ରା ନଦୀର ଇଦ୍‌ଘା ପଡ଼ିଆରେ ଚାଲିଥିବା ଏହି ଟୁର୍ନାମେଣ୍ଟରେ ୪ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚରେ ରୟାଲ ଟାଇଗର ଚାମ୍ପିୟନ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ରୟାଲ ଟାଇଗର ନିର୍ଦ୍ଧାରିତ ୧୦ଓଭରରେ ୪ ଉଇକେଟ ହରାଇ ୧୨୬ରନ କରିଥିଲା। ଜବାବରେ ଫ୍ଲାଇଟର ଟିମ ୧୦ଓଭରରେ ୯ଉଇକେଟ ହରାଇ ୭୫ରନ କରିଥିଲା। ଖେଳ ଶେଷରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁସଲିମ ଗ୍ରାମ୍ୟ କମିଟିର ମୁରବୀ ଶେଖ କଲମ ଓ ଶେଖ କୁଦୁସ ଅତିଥି ରୂପେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏହି ଟୁର୍ନାମେଣ୍ଟକୁ ମହମ୍ମଦ ହୁସେନ, ମହମ୍ମଦ ରିହାନ, କୁସିଦ ଆହାମ, ମିର୍ଜା ସର୍ଗିଲ ପ୍ରମୁଖ ପରିଚାଳନା କରିଥିଲେ।

## ବେଗୁନିଆ ବ୍ଲକ: ବହୁ ନଳକୂପ, ପ୍ରକଳ୍ପ ଅଚଳ

# ଚୈତ୍ରରୁ ଜଳକଷ୍ଟରେ ଲୋକେ

**ବେଗୁନିଆ,୮।୪(ଡି.ଏନ.ଏ.)**



ଶୀତ ଅପସରି ଯିବା ପରେ ଏବେ ଚୈତ୍ର ମାସ ଅଧାରୁ ଗ୍ରୀଷ୍ମ ତାତି ପ୍ରଖର ହେଲାଣି। ବିଭାଗୀୟ ରିପୋର୍ଟ ଅନୁସାରେ ବହୁ ସ୍ଥାନରେ ତାପମାତ୍ରା ୩୮ ଡିଗ୍ରୀ ଅତିକ୍ରମ କରିଛି। ତେବେ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକରେ ଚଳିତ ଖରା ତାତି ଯୋଗୁ ସାଧାରଣ ଜୀବନ ଯାତ୍ରା ପ୍ରଭାବିତ ହୋଇଛି। ଏଥିଯୋଗୁ ଏବେ ପିଇବା ପାଣି ସମସ୍ୟା ଉତ୍କଟ ହେବାରେ ଲାଗିଛି। ବହୁ ଉପର ଜଳସ୍ତର ହ୍ରାସ ପାଇଥିବା ବେଳେ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ନଳକୂପ ଅଚଳ ହୋଇପଡିଛି। ଏଥିସହ ବହୁ ସ୍ଥାନରେ ପାଇପ ପାନୀୟ ଜଳ ପ୍ରକଳ୍ପ ଅଚଳ ଯୋଗୁ ଲୋକଙ୍କ ଶୋଷ ମେଣ୍ଟାଇ ପାରୁନାହିଁ। ତେବେ ବର୍ଷ ବର୍ଷ ଧରି ବ୍ଲକ ବାସିନ୍ଦା ପ୍ରକଳ୍ପ ପାଣିରୁ ବଞ୍ଚିତ ହୋଇ ଆସୁଥିବା ବେଳେ ଏବେର ତାତିକୁ ନେଇ ଭୟଭୀତ ହୋଇପଡିଲେଣି। ପାଣି ସମସ୍ୟାକୁ ନେଇ ଏବେ ବିଭିନ୍ନ ଗ୍ରାମରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ବ୍ଲକ ପ୍ରଶାସନ ଓ ବିଭାଗ ପକ୍ଷରୁ କୌଣସି ତତ୍ପରତା ନ ଦେଖାଇ ପ୍ରସଙ୍ଗକୁ ଏଡାଇ ଦେଉଛନ୍ତି। ତେବେ ଆଗାମୀଦିନରେ ସ୍ଥିତି ଆହୁରି ବିଗିଡିଯିବା ଆଶଙ୍କା ରହିଛି। ଅପରପକ୍ଷେ କେତେଗୋଟି ଗ୍ରାମରେ ନଳକୂପ ଅଚଳ ହୋଇପଡିଥିବା ଯୋଗୁ ସ୍ଥାନୀୟ ବୁଦ୍ଧିଜୀବୀ ବ୍ଲକ କାର୍ଯ୍ୟାଳୟରେ ଥିବା ବିଭାଗୀୟ ଯନ୍ତ୍ରୀ ଓ ବିଡିଓଙ୍କ ପାଖରେ ଅଭିଯୋଗ କରିଛନ୍ତି। ପଞ୍ଚାୟତ ପକ୍ଷରୁ ମରାମତି କରାଯିବ ବୋଲି ଅଭିଯୋଗକାରୀଙ୍କୁ ଶୁଣିବାକୁ ପଡୁଛି। ହେଲେ ପଞ୍ଚାୟତ ସରପଞ୍ଚଙ୍କ ପାଖରେ ଅଭିଯୋଗ କଲେ ଯନ୍ତ୍ରାଂଶ ଅଭାବ ବୋଲି କହି ମାସ ମାସ ଧରି ସମୟ ଗଡାଇ ନିଆଯାଉଛି।

ବ୍ଲକରେ ୧୬୨ଟି ରାଜସ୍ୱ ଗ୍ରାମରେ ୧୭୪୫ ନଳକୂପ, ୫୯ଟି ସାନିଟାରୀ କୂପ, ୭୭ଟି ପାନୀୟ ଜଳ ପ୍ରକଳ୍ପ ଓ ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ ଖୋଲା କୂପ ରହିଛି। ଅନ୍ୟପକ୍ଷରେ କେତେଗୋଟି ଗ୍ରାମରେ ଏବେ ମଧ୍ୟ ନୂତନ ପାନୀୟ ଜଳ ପ୍ରକଳ୍ପ ଚାଲୁ ରହିଛି। ଚଳିତବର୍ଷ ମଧ୍ୟ ଅଂଶୁଘାତ ମୁକାବିଲା ପାଇଁ ୧୨୦ଟି ନୂତନ ନଳକୂପ ଖନନ ପାଇଁ ବିଭାଗ ପକ୍ଷରୁ ଯୋଜନା କରାଯାଇଛି। ତେବେ ବିଭିନ୍ନ ଗ୍ରାମରେ ଥିବା ୧୩୦ରୁ ଊର୍ଦ୍ଧ୍ୱ ନଳକୂପ ମରାମତି ଅଭାବରୁ ଅଚଳ ହୋଇପଡିଛି ବୋଲି ଏକ ଅନୁସନ୍ଧାନରୁ ଜଣାପଡିଛି। ସେହିପରି ପ୍ରାୟ ୧୩ଟି ଉପର ପାନୀୟ ଜଳ ପ୍ରକଳ୍ପ ଅଚଳ ହୋଇ ପଡିଥିବା ଯୋଗୁ ଜଳକଷ୍ଟ ଭୋଗୁଛନ୍ତି ହଜାର ହଜାର ବସ୍ତିବାସିନ୍ଦା। ଏ ସଂକ୍ରାନ୍ତରେ ବ୍ଲକ ପାନୀୟ ଜଳଯୋଗାଣ ବିଭାଗୀୟ ଯନ୍ତ୍ରୀ ଜ୍ୟୋତି ରଞ୍ଜନ ସେନାପତି କୁହନ୍ତି, ଚଳିତ ଗ୍ରୀଷ୍ମ ପ୍ରଭାବର ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି କଡାକଡି କରାଯାଉଛି। ଯଦି କୌଣସି ଗ୍ରାମରେ ନଳକୂପ ଅଚଳ ରହିଛି ତାହା ହେଲେ ପଞ୍ଚାୟତ କାର୍ଯ୍ୟାଳୟରେ ଅଭିଯୋଗ କଲେ ଦିନେ କିମ୍ବା ଦୁଇଦିନ ମଧ୍ୟରେ ମରାମତି କରି ଦିଆଯିବ ବୋଲି କହି ଏଡାଇ ଦେଇଛନ୍ତି। ତେବେ କୋଲୁହାପାଟଣା, ବାଘମାରୀ, ଅତ୍ରୀ, ଶୁଆଁଳ, ଗୋବିନ୍ଦପୁର, ଡଙ୍ଗରପଡା ଉପରସାହି ଆଦି ଗ୍ରାମରେ ପ୍ରକଳ୍ପ ଅଚଳ ଯୋଗୁ ପାନୀୟ ଜଳ ସଙ୍କଟ ଦେଖାଦେଇଛି।

## କେୟାର ହସ୍ପିଟାଲ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର




**କଟକ,୮।୪**

ସ୍ଥାନୀୟ ଚନ୍ଦ୍ରଶେଖରପୁର ପ୍ରାଚୀ ଏନକ୍ଲେଭସ୍ଥିତ କେୟାର ହସ୍ପିଟାଲରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବରିଷ୍ଠ ନାଗରିକଙ୍କ ପାଇଁ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ନାୟୁ ବିଭାଗ ଡାକ୍ତର ମିତାଲି କର, ଅସ୍ଥିଶଲ୍ୟ ବିଭାଗର ବସନ୍ତ ବେହେରା, ଡ.ସଞ୍ଜୀବ ମଲ୍ଲିକ, ଡ.ରାଜେଶ ପାଢୀ, ଡ. ଅର୍ଚ୍ଚିତା ସାହୁ ଯୋଗଦେଇ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କାର୍ଯ୍ୟକ୍ରମରେ ବାଣିଜ୍ୟ ବିଭାଗୀୟ ମୁଖ୍ୟ ଲୋକନାଥ ଦାସ, ଲୋକ ସମ୍ପର୍କ ଅଧିକାରୀ ଅକ୍ଷୟ କୁମାର ଦାସ, ସୌମ୍ୟ ରଞ୍ଜନ ମହାନ୍ତି, ରାକେଶ କୁମାର ଦାସ, କୀର୍ତ୍ତି ସୁନ୍ଦର ହୋତା, ଶକ୍ତି ପ୍ରସାଦ ଦାସ, ପରଶୁଧର ସାମନ୍ତରାଏ, ଅନୁପମ କୁମାର ପ୍ରମୁଖ ଶିବିରକୁ ପରିଚାଳନା କରିଥିଲେ।

## ମହିଳାଙ୍କ ଲାଗି ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ



ସଚେତନତା କାର୍ଯ୍ୟକ୍ରମରେ ଅତିଥିମାନେ ଆଲୋଚନା କରୁଛନ୍ତି।

**ଭୁବନେଶ୍ୱର,୮।୪(ବ୍ୟୁରୋ)**

ଭୁବନେଶ୍ୱର ରୋଟାରୀ କ୍ଲବର ଏକାମ୍ର କ୍ଷେତ୍ର ଶାଖା ଏବଂ ମା' ବନଦୁର୍ଗା ୱିମେନ୍‌ସ କ୍ଲବ ପକ୍ଷରୁ ଚନ୍ଦ୍ରଶେଖରପୁରସ୍ଥିତ କୋ-ଅପରେଟିଭ୍ କଲୋନୀଠାରେ ଏକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶେଷଭାବେ ମହିଳାଙ୍କ ସ୍ୱାସ୍ଥ୍ୟ ଓ ଦୁଶ୍ଚିନ୍ତା ରୋଗ ଉପରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ଏହାର ବିଭିନ୍ନ ଦିଗ ଏବଂ ସାମାଜିକ ପ୍ରଭାବ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏକାମ୍ର କ୍ଷେତ୍ର ରୋଟାରୀ କ୍ଲବ ସଭାପତି ତଥା କିମ୍‌ସ ହସ୍ପିଟାଲର ମନସ୍ତତ୍ତ୍ୱ ରୋଗ ବିଶେଷଜ୍ଞ(ସାଇକାର୍ଟିଷ୍ଟ) ଡ. ପ୍ରଣବ ମହାପାତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ମହିଳାଙ୍କ ଦୁଶ୍ଚିନ୍ତାର କାରଣ, ଏହାର ପ୍ରତିକାର ଓ ଚିକିତ୍ସା ପ୍ରଣାଳୀ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଲେଡିଜ୍ କ୍ଲବ ସଭାପତି ରୋଟାରିଆନ୍ ପ୍ରଫେସର ଡ. ବାଣୀ ସେନ୍‌ଗୁପ୍ତା କାର୍ଯ୍ୟକ୍ରମ ଆୟୋଜନ କରିଥିବା ବେଳେ ପ୍ରାରମ୍ଭରେ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ।

## ପୋଲିସକୁ ଆକ୍ରମଣ ଘଟଣା, ମୁଖ୍ୟ ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୮।୪(ବ୍ୟୁରୋ)**

ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ବେଆଇନ ମଦ ଜବତ ବେଳେ ପୋଲିସକୁ ଆକ୍ରମଣ ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ବାଲିଅନ୍ତା ଥାନା ଅଧୀନ କାଜିପୁର ଅଞ୍ଚଳର ପ୍ରଶାନ୍ତ ମହାନ୍ତି। ସୂଚନା ମୁତାବକ, ଗତ ୨୩ ତାରିଖରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ଦେଶୀ ମଦଭାଟିରେ ଚଢାଉ ନେଇ ଯୋଜନା କରିଥିଲା। ଦୁଇଜଣ ପୋଲିସ ସାଦା ପୋଷାକରେ ଯାଇ ମଦଭାଟି ନିକଟରେ ତଥ୍ୟ ସଂଗ୍ରହ କରୁଥିବା ବେଳେ ତାଙ୍କୁ ସେଠାକାର ଯୁବକମାନେ ଆକ୍ରମଣ କରିଥିଲେ। ଏ ନେଇ ପୋଲିସ କନ୍‌ଷ୍ଟେବଲ ଡି.ବି. ଡାଙ୍ଗୁଆଙ୍କ ପକ୍ଷରୁ ଅଭିଯୋଗ ପରେ ୧୩୭/୧୮ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଇଥିଲା। ଏହି ଘଟଣାରେ ପୂର୍ବରୁ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଫେରାର ଥିଲେ। ସୋମବାର ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବା ସହ ପଚରାଉଚରା ପରେ କୋର୍ଟ ଚାଲାଣ କରିଛି। ସେଠାରେ ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଜେଲ ପଠାଇ ଦିଆଯାଇଛି।

## ଆମ୍ବ ତୋଳିବାକୁ କେନ୍ଦ୍ରକରି ଆକ୍ରମଣ

# ଗିରଫ ଦାବିରେ ଥାନା ଘେରାଉ

**ଦୁଇଟି ମାମଲା ରୁଜୁ କରି ପୋଲିସର ତଦନ୍ତ**

**ଭୁବନେଶ୍ୱର,୮।୪(ବ୍ୟୁରୋ)**

ଚନ୍ଦ୍ରଶେଖରପୁର ଥାନା ଶୈଳଶ୍ରୀ ବିହାରର ଏକ ସରକାରୀ ଜାଗାରେ ଥିବା ଗଛରୁ ଆମ୍ବ ତୋଳିବାକୁ କେନ୍ଦ୍ର କରି ଦୁଇଗୋଷ୍ଠୀ ମଧ୍ୟରେ ମରଣାନ୍ତକ ଆକ୍ରମଣ ହୋଇଥିବା ସୋମବାର ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଥାନାରେ ଦୁଇଟି ମାମଲା ରୁଜୁ କରି ତଦନ୍ତ ଚଳାଇଛି। କିନ୍ତୁ ଆକ୍ରମଣ କରିଥିବା ଅନ୍ୟ ଗୋଷ୍ଠୀର ବ୍ୟକ୍ତିଙ୍କୁ ଗିରଫ ଦାବିରେ ଗୋଟିଏ ଗୋଷ୍ଠୀ ଥାନା ଘେରାଉ କରିଛି।

ସୂଚନାଯୋଗ୍ୟ, ଶୈଳଶ୍ରୀ ବିହାର ଶ୍ରୀକୃଷ୍ଣନଗର ବସ୍ତିରେ ସତ୍ୟରଞ୍ଜନ ସେଠି ପରିବାର ସହ ରୁହନ୍ତି। ସକାଳ ୯ଟା ସମୟରେ ଜି.ଏ ପ୍ଲଟ ନଂ-୧୬୬ ନିକଟ ଏକ ସରକାରୀ ଜାଗାରେ ଥିବା ଆମ୍ବଗଛକୁ ଚଢି ସତ୍ୟ ଆମ୍ବ ଖାଉଥିଲେ। ଏହି ସମୟରେ ଉକ୍ତ ଘର ମାଲିକ ପ୍ରଣବାନନ୍ଦ ରଥ ଓ ତାଙ୍କ ସହଯୋଗୀ ଆସି ତାଙ୍କୁ ଗାଳିଗୁଲଜ କରିଥିଲେ। ପରେ ଏକ ଠେଙ୍ଗାରେ ସତ୍ୟଙ୍କୁ ଆକ୍ରମଣ କରିଥିଲେ। ସେହି ସମୟରେ ଅଞ୍ଚଳର କେତେକ ମହିଳା ଆସି ତାଙ୍କୁ ଅଟକାଇ ସତ୍ୟଙ୍କୁ ଉଦ୍ଧାର କରି ହସ୍ପିଟାଲ ନେଇଥିଲେ ବୋଲି ସତ୍ୟଙ୍କ ମା'ସୁଭଦ୍ରା ଥାନାରେ ଅଭିଯୋଗ କରିଛନ୍ତି। ସେହିଭଳି ପ୍ରଣବାନନ୍ଦଙ୍କ ଅଭିଯୋଗ ଅନୁଯାୟୀ, ସେ ଆମ୍ବ ତୋଳୁଥିବାରୁ ମନା କରିଥିଲେ। କିନ୍ତୁ ସତ୍ୟରଞ୍ଜନ ତାଙ୍କୁ ଗାଳିଗୁଲଜ କରିବା ସହ ମାଡ ମାରିଥିବା ଅଭିଯୋଗ କରିଥିଲେ। ଉଭୟଙ୍କ ଅଭିଯୋଗ ଆଧାରରେ ପୋଲିସ ନଂ-୧୫୭/୧୯ ଓ ୧୫୮/୧୯ ପୃଥକ ମାମଲା ରୁଜୁ କରି ତଦନ୍ତ କରୁଛି। କିନ୍ତୁ ପ୍ରଣବାନନ୍ଦଙ୍କୁ ଗିରଫ କରିବା ଦାବିରେ ସତ୍ୟଙ୍କ ପରିବାର ଥାନା ଘେରାଉ କରିଥିଲେ। ଏ ନେଇ ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକ କହିଛନ୍ତି, ସରକାରୀ ଜାଗାରେ ଥିବା ଏକ ଆମ୍ବ ଗଛରୁ ଆମ୍ବ ତୋଳିବାକୁ କେନ୍ଦ୍ର କରି ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଫଳରେ ଉଭୟ ଆହତ ମଧ୍ୟ ହୋଇଛନ୍ତି। ଏ ନେଇ ଥାନାରେ ଉଭୟ ପକ୍ଷ ଅଭିଯୋଗ କରିବା ପରେ ଦୁଇଟି ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି ବୋଲି ସେ କହିଛନ୍ତି।

## ଆଜିଠୁ ସମ୍ଭାବନାର ଓଡ଼ିଆ ମହୋତ୍ସବ

**ଭୁବନେଶ୍ୱର,୮।୪(ବ୍ୟୁରୋ)**

ଚଳିତବର୍ଷ 'ସମ୍ଭାବନା' ଅନୁଷ୍ଠାନର ଓଡ଼ିଆ ମହୋତ୍ସବ ଚତୁର୍ଦ୍ଦଶ ବର୍ଷରେ ପହଞ୍ଚିଛି। ଏହା ମଙ୍ଗଳବାରଠାରୁ ଆରମ୍ଭ ହୋଇ ଏପ୍ରିଲ ୧୪ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ଦୁଇଜଣ ବ୍ୟକ୍ତି ଓ ଏକ ଶିକ୍ଷାନୁଷ୍ଠାନକୁ 'ଓଡ଼ିଆ ମହୋତ୍ସବ ସମ୍ମାନ-୨୦୧୯'ରେ ସମ୍ମାନିତ କରାଯିବ। ଇଣ୍ଟରନେଟ୍‌ରେ ଓଡ଼ିଆ ଭାଷାର ପ୍ରଚଳନ ତଥା ଅନୁବାଦ ଲାଗି ଯୁବ ଭାଷାପ୍ରେମୀ ଦେବାଶିଷ ପାତ୍ର ଏବଂ ପଶ୍ଚିମ ଓଡ଼ିଶାରେ ଓଡ଼ିଆ ଭାଷାର ସମୃଦ୍ଧି ପାଇଁ ଉଦ୍ୟମରତ ପ୍ରଫେସର ଦ୍ୱାରିକା ନାଥ ନାୟକଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ଏହାସହ ଓଡ଼ିଆ ଭାଷାର ବହୁଳ ବ୍ୟବହାର ପାଇଁ ନୃତ୍ୟାନୁଷ୍ଠାନ 'ନୃତ୍ୟ ମନ୍ଦିର'କୁ ମଧ୍ୟ ସମ୍ମାନିତ କରାଯିବ। ଏ ନେଇ ସମ୍ଭାବନା ପକ୍ଷରୁ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ସାଧାରଣତଃ ଉତ୍ସବ ଓ ମହୋତ୍ସବରେ ନୃତ୍ୟ, ସଙ୍ଗୀତକୁ ପ୍ରାଧାନ୍ୟ ଦିଆଯାଉଥିବା ବେଳେ ଓଡ଼ିଆ ମହୋତ୍ସବରେ ଭିନ୍ନତା ପରିଲକ୍ଷିତ ହୋଇଥାଏ। ଏଥିରେ ଓଡ଼ିଆ ପ୍ରଥା, ପରମ୍ପରା, ଭାଷା, ସଂସ୍କୃତି ଆଦିକୁ ସ୍ଥାନିତ କରାଯାଏ। ମଙ୍ଗଳବାରଠାରୁ ପ୍ରତ୍ୟେକ ସନ୍ଧ୍ୟାରେ ଏକାମ୍ର ହାଟରେ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ସମ୍ଭାବନା ସମ୍ପାଦକ ଦେବପ୍ରସାଦ ପରିଜା କହିଛନ୍ତି।

## ନୂଆପଡ଼ାରେ ବାଦିପାଲା

**ବାଲିପାଟଣା,୮।୪(ଡି.ଏନ୍.ଏ.)**

ବାଲିପାଟଣା ବ୍ଲକ ଅନ୍ତର୍ଗତ ନୂଆପଡ଼ା ଗ୍ରାମରେ ବାଦି ପାଲା ଉଦ୍‌ଘାଟିତ ହୋଇଯାଇଛି। ରବୀନ୍ଦ୍ରନାଥ ବେହେରାଙ୍କ ପୌରହିତ୍ୟରେ ବିଶିଷ୍ଟ ସାହିତ୍ୟିକ ରଜତ କର ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ପାଲା ସାହିତ୍ୟ ଓ ନାମ ସଂକୀର୍ତ୍ତନ ପ୍ରତ୍ୟେକ ଗ୍ରାମରେ ପ୍ରଚାର ପ୍ରସାର ହେଲେ ଓଡ଼ିଆ ଜାତିର ଗରିମା ବଜାୟ ରହିବ ବୋଲି କହିଥିଲେ। ଅତିଥିଭାବେ ଡ. ଭବାନୀ ଶଙ୍କର ଦାଶ, ପାଲା ଗବେଷକ ସୁଦର୍ଶନ ମହାପାତ୍ର, ଗବେଷକ ଚନ୍ଦ୍ରଶେଖର ସ୍ୱାଇଁ, ପାଲା ଗାୟକ ବୈରାଗୀ ବେହେରା ଓ ଅଲେଖ ଦାଶ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ୧୦୩ବର୍ଷ ବୟସର ସୁରତ କୁମାର ଜେନାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

## ଡିଜିପି ଶର୍ମାଙ୍କ ସ୍ତ୍ରୀଙ୍କ ବିୟୋଗରେ ଆଇପିଏସ୍ ସଂଘର ଶୋକ



**ଭୁବନେଶ୍ୱର,୮।୪ (ବ୍ୟୁରୋ)**

ଡିଜିପି ଡା.ରାଜେନ୍ଦ୍ର ପ୍ରସାଦ ଶର୍ମାଙ୍କ ସ୍ତ୍ରୀ ତୁଷାର ଶର୍ମାଙ୍କ ରବିବାର ନୂଆଦିଲ୍ଲୀର ଏକ ଘରୋଇ ହସ୍ପିଟାଲରେ ଦେହାନ୍ତ ଘଟିଥିଲା। ସୋମବାର ଏହି ଘଟଣାରେ ଆଇପିଏସ୍ ସଂଘ ପରିବାର ଲୋକଙ୍କୁ ସମବେଦନା ଜଣାଇବା ସହ ଶୋକ ଜ୍ଞାପନ କରିଛି। ଅପରାହ୍ନରେ ଭୁବନେଶ୍ୱରସ୍ଥିତ ପୋଲିସ ଭବନଠାରେ ଅନୁଷ୍ଠିତ ଏକ ଶୋଭାରେ ବରିଷ୍ଠ ଆଇପିଏସ୍ ଅଧିକାରୀମାନେ ଶୋକସଭାରେ ଯୋଗଦେଇଥିଲେ। ରାଜ୍ୟ ସଡ଼କ ପରିବହନ ନିଗମର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ କେ.ବି ସିଂ ଅଧ୍ୟକ୍ଷତାରେ ଏହି ଶୋକସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସ୍ୱର୍ଗତା ଶର୍ମାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯିବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ସଭାରେ ଅଗ୍ନିଶମ ଡିଜି ତଥା ଡିଜିପି ଦାୟିତ୍ୱରେ ଥିବା ବି.କେ ଶର୍ମା, ଗୁଇନ୍ଦା ନିର୍ଦ୍ଦେଶକ ସୁନୀଲ ରାୟ, କ୍ରାଇମ୍‌ବ୍ରାଞ୍ଚ ଏଡିଜି ସନ୍ତୋଷ ଉପାଧ୍ୟାୟ, ଅତିରିକ୍ତ ଡିଜି ମନୋଜ ଛାବ୍ରା, ରେଲୱେ ଏଡିଜି ପ୍ରଣବିନ୍ଦୁ ଆଚାର୍ଯ୍ୟ, ବିନ୍ୟାନନ୍ଦ ଝା ସମେତ ଅନ୍ୟ ବରିଷ୍ଠ ଆଇପିଏସ୍‌ମାନେ ଯୋଗଦେଇ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ।

## ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ

**ଭୁବନେଶ୍ୱର, ୮।୪(ବ୍ୟୁରୋ)**

ଏସିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ ହେଲ୍‌ଥ(ଏଆଇପିଏଚ୍) ବିଶ୍ୱବିଦ୍ୟାଳୟ ପକ୍ଷରୁ ଶନିବାର ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। 'ସମସ୍ତଙ୍କ ପାଇଁ ସବୁ ସ୍ଥାନରେ ସମାନ ସ୍ୱାସ୍ଥ୍ୟ ସୁବିଧା ଯୋଗାଇଦେବା' ବିଷୟବସ୍ତୁକୁ ଆଧାର କରି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଭାରତ ସରକାରଙ୍କ ସଂସଦୀୟ ଉପଦେଷ୍ଟା ତଥା ସାର୍ବଜନିକ ନୀତି ଓ ଅନ୍ତରାଷ୍ଟ୍ରୀୟ ମୁଖ୍ୟ ଓପାଲି ଅପରାଜିତା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହିଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ଡ. ଜ୍ୟୋତିର୍ମୟ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ 'ସଂକ୍ରମଣାତ୍ମକ ରୋଗର ଆଶୁ ନିଦାନ ଓ ପ୍ରତିରୋଧ' କିପରି ସମସ୍ତଙ୍କ ପାଇଁ ସବୁ ସ୍ଥାନରେ ସାର୍ବଜନୀନ ହୋଇପାରିବ ତାହା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କାର୍ଯ୍ୟକ୍ରମର ସମ୍ପାଦିକା ଡ. ଜୟା ଦୁବେ ଧନ୍ୟବାଦ ଦେଇଥିଲେ।

## ବୀଣାପାଣି ଶିଶୁମନ୍ଦିର ବାର୍ଷିକୋତ୍ସବ



ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

**ଟାଙ୍ଗୀ(ଖୋର୍ଦ୍ଧା),୮।୪ (ଡି.ଏନ.ଏ.)**

ଚାନ୍ଦପୁର ଜେମାଦେଇପୁର ବୀଣାପାଣି ଶିଶୁମନ୍ଦିରର ୧୯ ତମ ବାର୍ଷିକୋତ୍ସବ ଅଶୋକ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଉପନିର୍ଦ୍ଦେଶକ ଡ. ଅଭୟ କୁମାର ମଲ୍ଲିକ, ନୟାଗଡ ଖାଉଟି ଫୋରମ୍ ଅଧ୍ୟକ୍ଷ ନାରାୟଣ ମହାପାତ୍ର, ରଣପୁର ବ୍ଲକ ଉପାଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକ, କନ୍ଧନୟାଗଡ ସରପଞ୍ଚ ଅରୁଣ କୁମାର ସୁବୁଦ୍ଧି, ରଣପୁର ବ୍ଲକ ସହ ଶିକ୍ଷାଧିକାରୀ ଓ ସିଆର୍‌ସିସି ପ୍ରଶାନ୍ତ କୁମାର ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ଅତିଥି ରୂପେ ଯୋଗ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ଶୈଳବାଳା ଦେଇ ମଞ୍ଚ ସଂଯୋଜନା କରିଥିଲେ। ଏହି ଅବସରରେ ବୀଣାପାଣି ସଙ୍ଗୀତାୟନ ଦ୍ୱାରା ସଙ୍ଗୀତ ସମାରୋହ ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର, ପ୍ରମାଣପତ୍ର ପ୍ରଦାନ କରିଥିଲେ। ଶେଷରେ ସଞ୍ଜୟ ଦାସଙ୍କ ଦ୍ୱାରା ରଚିତ ଓ ଭାସ୍କର ସ୍ୱାଇଁଙ୍କର ଦ୍ୱାରା ନିର୍ଦ୍ଦେଶିତ ନାଟକ 'ମଡର୍ନ ଭିକାରୀ' ମଞ୍ଚସ୍ଥ ହୋଇଥିଲା।

# ମଞ୍ଚରେ ନ ଥିଲେ, ଶୋଭାଯାତ୍ରାରେ ଥିଲେ

ନିର୍ବାଚନୀ ପରିକ୍ରମା

**ଖୋର୍ଦ୍ଧା ଅଫିସ,୮।୪**

ଖୋର୍ଦ୍ଧା ଜିଲାର ଜଟଣୀ ନିର୍ବାଚନମଣ୍ଡଳୀରେ ରାଜନୈତିକ ପାଣିପାଗ ବଦଳିବାରେ ଲାଗିଛି। କାଲି ଯିଏ ଶତ୍ରୁ ଆଜି ମିତ୍ର ବୋଲି ପରିଚିତ ହେଉଛି। ରବିବାର କେତେଜଣ ବିଜେଡିର କର୍ମକର୍ତ୍ତା, କର୍ମୀ, ସମର୍ଥକ କଂଗ୍ରେସରେ ମିଶିବା ପରେ ରାଜନୈତିକ ହଟଚମଟ ସୃଷ୍ଟି ହୋଇଛି। ଜଟଣୀର ପୂର୍ବତନ ପୌରାଧ୍ୟକ୍ଷ ସଂଗ୍ରାମ କେଶରୀ ରାଉତରାୟ ମିଶ୍ରଣ ପର୍ବର ମଞ୍ଚରେ ନ ଥିଲେ। କିନ୍ତୁ ମିଶ୍ରଣ ପର୍ବ ଅବସରରେ ହୋଇଥିବା ଶୋଭାଯାତ୍ରାରେ ସଂଗ୍ରାମ ଓ ତାଙ୍କର ସମର୍ଥକଙ୍କୁ ଦେଖିବାକୁ ମିଳିଥିଲା। ସଂଗ୍ରାମ କଂଗ୍ରେସ ପ୍ରାର୍ଥୀ ସୁର ରାଉତରାୟଙ୍କ ପୁତୁରା। ୨୦୦୯ ନିର୍ବାଚନରେ ପୁତୁରା ସଂଗ୍ରାମ ସ୍ୱାଧୀନ ପ୍ରାର୍ଥୀ ହୋଇ ଦାଦାଙ୍କ ସହ ଲଢ଼େଇ କରିଥିଲେ। ହେଲେ ୨୦୧୯ ନିର୍ବାଚନରେ ପଟ୍ଟ ପରିବର୍ତ୍ତନରେ ପୁତୁରା ଚୁପ ରହି ଦାଦାଙ୍କ ସପକ୍ଷରେ ପ୍ରଚାରକୁ ଓହ୍ଲାଇଛନ୍ତି।

### ଦାନା ବାନ୍ଧୁନି ପ୍ରସଙ୍ଗ

ଆଉ କେଇଟା ଦିନ ପରେ ନିର୍ବାଚନ। ଖୋର୍ଦ୍ଧା ଜିଲାର ଭୋଟରଙ୍କ ମନୋଭାବ ଆକଳନ କରିବା ସମ୍ଭବ ହେଉ ନାହିଁ। ଚଳିତ ନିର୍ବାଚନରେ ଭୋଟର କେଉଁ ଆଡକୁ ଢଳିବେ ତାହା ସମୟ କହିବ। ଶାସକ ଦଳକୁ ପୁଣି ଫେରାଇବେ ନା ସରକାର ପରିବର୍ତ୍ତନ କରିବେ ତାହା ବିଭିନ୍ନ ସଂସ୍ଥା ପକ୍ଷରୁ କରାଯାଉଥିବା ସର୍ଭେରେ ଅସ୍ପଷ୍ଟ ରହୁଛି । ଅନ୍ୟପକ୍ଷେ ରାଜନୈତିକ ପାଣିପାଗର ସ୍ଥିତି ସ୍ପଷ୍ଟ ନ ଥିବାରୁ ପ୍ରତିଦ୍ୱନ୍ଦ୍ୱିତା ବଢୁଛି । ନିର୍ବାଚନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଭାଜପା ଓ ରାଜ୍ୟ ସରକାର ବିଜେଡି ପରିସ୍ଥିତିକୁ ସର୍ବଦା ନିଜ ସପକ୍ଷରେ ରଖିବାର ଉଦ୍ୟମ କରୁଛନ୍ତି। ବିରୋଧୀଙ୍କ ପ୍ରତ୍ୟେକ ଫାଶକୁ ଅତି ଚତୁରତା ଓ ଦୃଢ଼ତାର ସହ କାଟି ନିଜ ପକ୍ଷ ମଜଭୁତ୍ କରିବାର ପ୍ରୟାସ ଜାରି ରଖିଛନ୍ତି। ପ୍ରାର୍ଥୀମାନେ ଦଳୀୟ ଢାଞ୍ଚାକୁ କାର୍ଯ୍ୟକାରୀ କରି ଭୋଟରଙ୍କୁ ନିଜ ସପକ୍ଷକୁ ନେବାକୁ ଉଦ୍ୟମ କରୁଛନ୍ତି।

### କଂଗ୍ରେସ ଭୋଟ କୁଆଡେ

ଜୟଦେବ ନିର୍ବାଚନମଣ୍ଡଳୀରେ କଂଗ୍ରେସର ପ୍ରାର୍ଥୀ ନାହାନ୍ତି। କଂଗ୍ରେସ ପ୍ରାର୍ଥୀ ସୁକାନ୍ତ ତିଆଡିଙ୍କ ପ୍ରାର୍ଥିପତ୍ର ନାକଚ ହେବା ପରେ ଏପରି ଅବ୍ୟବସ୍ଥା ସୃଷ୍ଟି ହୋଇଛି। ତେବେ ଟିକେଟ୍ ନ ପାଇ ସ୍ୱାଧୀନ ପ୍ରାର୍ଥୀଭାବେ ରାଘବ ଚନ୍ଦ୍ର ସେଠୀ ଅସନ୍ତୁଷ୍ଟ କଂଗ୍ରେସ ନେତା ଭାବେ ମଇଦାନରେ ଅଛନ୍ତି। ସୁକାନ୍ତଙ୍କ ପରେ ଦଳୀୟ ସମର୍ଥନ ସୁକାନ୍ତଙ୍କ ସପକ୍ଷରେ ମିଳିବା କଥା। ହେଲେ ଏନେଇ କେହି ପାଟି ଖୋଲୁ ନ ଥିବାବେଳେ କଂଗ୍ରେସ ଭୋଟ ଭାଜପା ଓ ବିଜେଡିକୁ ଯିବ ନା ନୋଟାରେ ପଡିବ।

### ଜନାର୍ଦ୍ଦନ, ଅରୂପଙ୍କ ଦେଖା ମିଳୁନି

ଭାଜପାର ଏମ୍‌ପି ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀରେ ଘରକୁ ଘର ବୁଲି ଭୋଟ ଭିକ୍ଷା କରିବାରେ ଲାଗିଛନ୍ତି। ହେଲେ କଂଗ୍ରେସ ସମର୍ଥନରେ ନିର୍ବାଚନକୁ ଓହ୍ଲାଇଥିବା ସିପିଆଇ(ଏମ) ପ୍ରାର୍ଥୀ ଜନାର୍ଦ୍ଦନ ପତି ଓ ବିଜେଡି ପ୍ରାର୍ଥୀ ଅରୂପ ପଟ୍ଟନାୟକଙ୍କୁ ମଇଦାନରେ ଦେଖିବାକୁ ମିଳୁନି। ଭାଜପା ପ୍ରାର୍ଥୀ ଷଡଙ୍ଗୀଙ୍କ ପ୍ରଚାର ଆଗୁଆ ଥିବା ବେଳେ ଜନାର୍ଦ୍ଦନ ଓ ଅରୂପଙ୍କ ଦେଖା ମିଳୁ ନ ଥିବା ଜଣାପଡିଛି।

## କେତେ ଜରୁରୀ
# ଆତ୍ମନିର୍ଭରଶୀଳତା

ନିଜକୁ ସ୍ୱାବଲମ୍ବୀ କରିବା କ୍ଷେତ୍ରରେ ମହିଳାମାନେ ଆଜି ପଛରେ ପଡ଼ିନାହାନ୍ତି। ନିଜର ଦକ୍ଷତା ବଳରେ ସେମାନେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପ୍ରଦର୍ଶନ କରିପାରୁଛନ୍ତି। ସାଧାରଣତଃ, ବହୁ ବର୍ଷ ପୂର୍ବେ ପାଠ ପଢ଼ିବା ପରେ ଝିଅଟିଏ ବାହା ହୋଇ ଘର ସଂସାର କରୁଥିଲା। ସେତେବେଳେ ସେ କେବଳ ନିଜକୁ ଘର କାମରେ ନିୟୋଜିତ ରଖୁଥିଲା। କିନ୍ତୁ ସମୟ ବଦଳିଛି। ପାଠ ପଢ଼ି ହେଉ ଅବା ନିଜର ବୁଦ୍ଧି ବଳରେ ଆଜିକାଲି ଅନେକ ମହିଳା ରୋଜଗାର କରିବା ସହ ପରିବାର ଚଳାଇ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଛନ୍ତି। ଏବେ ଝିଅଟିଏ ପାଠ ପଢ଼ିଲେ ଭବିଷ୍ୟତରେ ଚାକିରି କରିବାର ସ୍ୱପ୍ନ ଦେଖୁଛି, ଆଉ ତାହାର ଏଭଳି ଅଭିଳାଷକୁ ମା'ବାପାଙ୍କର ସମର୍ଥନ ମଧ୍ୟ ରହୁଛି। ବିବାହ ପରେ ଚାକିରି ଏବଂ ଘର ଚଳାଇବା ଭଳି ଦୁଇଟି ଗୁରୁତ୍ୱପୂର୍ଣ୍ଣ କାମକୁ ବେଶ୍ ସମାନ୍ତରାଳ ଭାବରେ ତୁଲାଉଛନ୍ତି ଅନେକ ମହିଳା। ତେବେ ଜଣେ ମହିଳା ଆତ୍ମନିର୍ଭରଶୀଳ ହେବା କେତେ ଜରୁରୀ? ଏହାର ଯଥାର୍ଥତାକୁ ଜଣେ ମହିଳା ନୁହେଁ ତାଙ୍କର ବାପା-ମା', ଶାଶୁ-ଶ୍ୱଶୁର ଏବଂ ଗୁରୁଜନମାନେ ମଧ୍ୟ ଠିକ୍ ଭାବେ ବୁଝିବା ଦରକାର। ତେବେ ଆତ୍ମନିର୍ଭରଶୀଳ ହେବା ଏକ ଛୋଟ କଥା ନୁହେଁ। ଏଥିପାଇଁ ଯୋଜନାବଦ୍ଧ ଭାବରେ ଆଗେଇବା ଦରକାର। ତେବେ ଏହି ସମୟରେ କେଉଁ ବିଷୟ ପ୍ରତି ଧ୍ୟାନ ଦେବା ଦରକାର ଜାଣନ୍ତୁ ସେ ସମ୍ପର୍କରେ...

**ଟେନ୍‌ସନରେ ନିଷ୍ପତ୍ତି ନିଅନ୍ତୁ ନାହିଁ**

କାମର ଚାପ ଯେତେ ବଢ଼ିବ ସେହି ଅନୁସାରେ ଆମେ ଟେନ୍‌ସନର ବଶବର୍ତ୍ତୀ ହେବା ସ୍ୱାଭାବିକ। ହେଲେ ଏହି ସମୟରେ ସଂଯମତାର ଆବଶ୍ୟକତା ରହିଛି। ଜଣେ କର୍ମଜୀବୀ ମହିଳାଙ୍କୁ କେବଳ ଚାକିରି ନୁହେଁ, ପରିବାର ପ୍ରତି ଦୃଷ୍ଟି ଦେବାକୁ ହୋଇଥାଏ। ତେଣୁ ଏହି ସମୟରେ ମାନସିକ ସନ୍ତୁଳନ ରହିବା ଜରୁରୀ। ପ୍ରାୟ କ୍ଷେତ୍ରରେ ଦେଖାଯାଏ, ଯଦି ପୁଅ-ବୋହୂ ଚାକିରି କରିଥାଆନ୍ତି ତେବେ କିଛି ଶାଶୁଘର ଲୋକ ଭାବନ୍ତି ଯେ, ଯଦି ପୁଅ ଚାକିରି କରିଛି ତେବେ ବୋହୂ ଚାକିରି କରିବାର ଆବଶ୍ୟକତା ନାହିଁ। ତେବେ ଏଭଳି ମାନସିକତା ବଦଳିବାର ସମୟ ଆସିଛି ବୋଲି କହିଲେ ଆଦୌ ଭୁଲ୍ ହେବ ନାହିଁ। ଏହାକୁ ନେଇ କେତେକ ବୋହୂ ଟେନ୍‌ସନରେ ରହିଥାଆନ୍ତି। ହେଲେ ଏହି ସମୟରେ ସେମାନେ ଥଣ୍ଡା ମିଜାଜ୍‌ରେ ନିଜର ଦାୟିତ୍ୱ ତୁଲାଇବା ବଡ଼ କଥା।

**ଭବିଷ୍ୟତକୁ ଭାବନ୍ତୁ**

ଏକ ମିନିଟ୍‌ରେ ଚାକିରି ଛାଡ଼ିବାର ନିଷ୍ପତ୍ତି ଭବିଷ୍ୟତ ପାଇଁ ସମସ୍ୟା ହୋଇପାରେ। ଚାକିରି ଛାଡ଼ିବା ଦ୍ୱାରା ଘରର ଆର୍ଥିକ ସ୍ଥିତିରେ ବି ପ୍ରଭାବ ପଡ଼ିପାରେ। ପିଲାର ପାଠପଢ଼ା ତଥା ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ଆପଣଙ୍କ ସ୍ୱାମୀଙ୍କ ଉପରେ ଚାପ ବି ପଡ଼ିପାରେ। ତେଣୁ ଏଭଳି ନିଷ୍ପତ୍ତି ନେବା ପୂର୍ବରୁ ଭଲ ଭାବେ ଚିନ୍ତା କରନ୍ତୁ।







ସାଧାରଣତଃ ବହୁ ବର୍ଷ ପୂର୍ବେ ପାଠ ପଢ଼ିବା ପରେ ଝିଅଟିଏ ବାହା ହୋଇ ଘର ସଂସାର କରୁଥିଲା। ସେତେବେଳେ ସେ କେବଳ ନିଜକୁ ଘରକାମରେ ନିୟୋଜିତ ରଖୁଥିଲା। କିନ୍ତୁ ସମୟ ବଦଳିଛି। ପାଠ ପଢ଼ି ହେଉ ଅବା ନିଜର ବୁଦ୍ଧି ବଳରେ, ଆଜିକାଲି ଅନେକ ମହିଳା ରୋଜଗାର କରିବା ସହ ପରିବାର ଚଳାଇ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଛନ୍ତି...

**ଅନ୍ୟ ବିକଳ୍ପ ବିଚାର କରନ୍ତୁ**

ଜଣେ ମହିଳା ଯଦି ଚାକିରି କରିଥାଏ ତେବେ ତାକୁ ବିଭିନ୍ନ ଅସୁବିଧାର ସାମ୍ନା କରିବାକୁ ପଡ଼ିଥାଏ। କିନ୍ତୁ ଚାକିରି ଛାଡ଼ିବାଟା ଆପଣଙ୍କ ସମସ୍ୟାର ସମାଧାନ ନୁହେଁ। ସମସ୍ୟା ଜୀବନରେ ଆସେ। କିନ୍ତୁ ଏହାର ବଶବର୍ତ୍ତୀ ହୋଇ ହଠାତ୍ ଚାକିରି ଛାଡ଼ିବା ନିଷ୍ପତ୍ତି ନେବା ପୂର୍ବରୁ ଭଲ ଭାବରେ ଚିନ୍ତା କରନ୍ତୁ। ଯଦି ଚାକିରି ଛାଡ଼ି ଘରେ ବସି କିଛି ରୋଜଗାର କରିବେ ବୋଲି ସ୍ଥିର କରିଛନ୍ତି ତେବେ ଆତ୍ମବିଶ୍ୱାସ ରଖନ୍ତୁ।

**ଆତ୍ମନିର୍ଭରଶୀଳତା ପ୍ରତି ଗର୍ବ କରନ୍ତୁ**

ଆତ୍ମନିର୍ଭରଶୀଳତା ପ୍ରତି ଗର୍ବ କରନ୍ତୁ। ଆପଣଙ୍କ ଚିନ୍ତାଧାରା ବଦଳାନ୍ତୁ। ଯଦି କାର୍ଯ୍ୟଭାର ପାଇଁ ଘରକାମ କରିବାରେ ଅସୁବିଧା ହେଉଛି ତେବେ ଆପଣ ଚାହିଁଲେ ଘରକାମରେ ସାହାଯ୍ୟ କରିବା ପାଇଁ ମେଡ୍ ରଖିପାରିବେ। କର୍ମଜୀବୀ ଭାବେ ଆପଣ ବି ଚାହିଁଲେ ଏହି ଖର୍ଚ୍ଚକୁ ବହନ କରିପାରିବେ।

**ସମ୍ମାନ ପାଇବାକୁ ହକ୍‌ଦାର ଆପଣ**

ଯଦି ଆପଣ ଜଣେ ଶିକ୍ଷୟିତ୍ରୀ ତେବେ ଛାତ୍ରୀଛାତ୍ର ଆପଣଙ୍କୁ ନିଶ୍ଚୟ ସମ୍ମାନ ଦେବେ। ସାମ୍ବାଦିକତାକୁ କ୍ୟାରିୟର କରିଥିଲେ ସମାଜ ଆପଣଙ୍କୁ ସମ୍ମାନ ଦେବ। ବଡ଼ବଡ଼ ପଦାଧିକାରୀ ବି ଆପଣଙ୍କୁ ସମ୍ମାନ ଦେବେ। ଯଦି ଆପଣ ଲେଖିକା କିମ୍ବା ଓକିଲ, କଳାକାର, ଡାକ୍ତର, ବ୍ୟାଙ୍କକର୍ମୀ ତେବେ ସମାଜ ନିଶ୍ଚୟ ଆପଣଙ୍କୁ ସମ୍ମାନ ଦେବ। ଆପଣଙ୍କୁ ଏକ ପରିଚୟ ବି ମିଳିବ।

**ସଂଘର୍ଷ ଜୀବନ ବିଷୟରେ ଭାବନ୍ତୁ**

ଯଦି ଆପଣ ଚାକିରି ଛାଡ଼ିବାର ନିଷ୍ପତ୍ତି ନେଉଛନ୍ତି ତେବେ ଥରେ ଆପଣଙ୍କ ସଂଘର୍ଷ କଥା ଭାବନ୍ତୁ। ଲକ୍ଷ୍ୟକୁ ସାକାର କରିବାକୁ କିପରି ଦିନରାତି ଆପଣ ଏକ କରିଦେଇଥିଲେ। ଆପଣ ରୋଜଗାର କରିଥିବା ଅର୍ଥ ଆଜି ପର୍ଯ୍ୟନ୍ତ କିପରି ଆପଣଙ୍କ କାମରେ ଆସିଛି ତାହା ମଧ୍ୟ ଥରେ ଭାବନ୍ତୁ।

### କ'ଣ କରନ୍ତି ଏମାନେ...

ମୁଁ ଚାକିରି ଏବଂ ଘରକାମ ଉଭୟକୁ ସମାନ ଭାବେ ଗୁରୁତ୍ୱ ଦେଇଥାଏ। ଶାଶୁଘର ଲୋକଙ୍କର ସହଯୋଗ ହିଁ ମୋତେ କର୍ମକ୍ଷେତ୍ରରେ ଠିକ୍ ଭାବେ କାମ କରିବାକୁ ଉତ୍ସାହିତ କରିଥାଏ। ମୋ ମତରେ ପ୍ରତିଟି ମହିଳା ରୋଜଗାରକ୍ଷମ ହେବା ଜରୁରୀ। ପିଲାର ପାଠପଢ଼ାଠାରୁ ଆରମ୍ଭ କରି ଘରର ବିଭିନ୍ନ ଖର୍ଚ୍ଚ ଦିନକୁ ଦିନ ବଢ଼ିବାରେ ଲାଗିଛି। ତେଣୁ ଏ କ୍ଷେତ୍ରରେ ଯଦି ସ୍ତ୍ରୀ ସ୍ୱାମୀକୁ ସହଯୋଗ କରେ ତେବେ କ୍ଷତି କ'ଣ?

– *ଶର୍ମିଷ୍ଠା ସାହୁ*
*କର୍ମଜୀବୀ, ରାଉରକେଲା*

ସେଭିଂସ୍ ମୋର ନିଶା। ମୁଁ ଘରେ ହିଁ ଏକ ବିଜ୍‌ନେସ ଆରମ୍ଭ କରିଛି। ଉଭୟ ଘରକାମ ଏବଂ ବିଜ୍‌ନେସ ମୋତେ ଦେଖିବାକୁ ପଡୁଛି। ପରିଶ୍ରମ ପଡ଼େ ସତ କିନ୍ତୁ ସମୟ କେମିତି କଟିଯାଏ ଜଣା ବି ପଡ଼େନି। ଶରୀର ବି ଆକ୍ଟିଭ୍ ରୁହେ। ସନ୍ଧ୍ୟା ସମୟରେ ପିଲାର ପାଠପଢ଼ା ଦେଖିଥାଏ। ପରିବାର ଲୋକଙ୍କ ସହଯୋଗ ବି ଯଥେଷ୍ଟ ରହିଛି।

– *ନମିତା ବିଶ୍ୱାଳ*
*ଗୃହିଣୀ, ଭୁବନେଶ୍ୱର*

---

### ଇଏ ବି ଜଣେ ନାରୀ
## ସାରସ୍ୱତ ସାଧିକା ଗଙ୍ଗୋତ୍ରୀ

**ପେସା ଶିକ୍ଷକତା, ନିଶା ସାହିତ୍ୟ ସାଧନା। ନିକଟରେ ରାଷ୍ଟ୍ରପତିଙ୍କଠାରୁ ଶ୍ରେଷ୍ଠ ଶିକ୍ଷୟିତ୍ରୀ ଭାବେ ପୁରସ୍କୃତ। ଏହି ମହିଳା ଭଞ୍ଜ ସାହିତ୍ୟ ଉପରେ ପିଏଚ୍‌ଡି ଲାଭ କରିଛନ୍ତି। ସେ ହେଲେ ଭୁବନେଶ୍ୱରସ୍ଥ ଏଗ୍ରିକଲଚର କଲୋନୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଡ. ଗଙ୍ଗୋତ୍ରୀ ଦେବୀ...**


ଡ. ଗଙ୍ଗୋତ୍ରୀ ଦେବୀ

ପିଲାଟିଦିନରୁ ତାଙ୍କର ଥିଲା ସାହିତ୍ୟ ପ୍ରତି ଅନୁରକ୍ତି। ସମୟକ୍ରମେ ସେ ଶିକ୍ଷକତାକୁ ପେସା ଭାବେ ଆଦରି ନେଇଥିଲେ। ହେଲେ ସାହିତ୍ୟ ମାୟାରୁ ନିଜକୁ ମୁକୁଳାଇପାରି ନ ଥିଲେ। କେବଳ ଜଣେ ଛାତ୍ରବତ୍ସଳା ଶିକ୍ଷୟିତ୍ରୀ ନୁହନ୍ତି, ଶିଶୁ କବିତା, ଗଳ୍ପ ବ୍ୟତୀତ ଆଧୁନିକ ସାହିତ୍ୟରେ ନିଜର ଦକ୍ଷତା ଦେଖାଇ ଗଙ୍ଗୋତ୍ରୀ ସାଉଁଟିଛନ୍ତି ଅନେକ ପ୍ରଶଂସା। ପୁରୀ ସହରର ଦୋଳମଣ୍ଡପ ସାହିରେ ଜନ୍ମିତା (ମା' ସରସ୍ୱତୀ ମହାପାତ୍ର, ବାପା ହରିହର ମହାପାତ୍ର) ଏହି ସାହିତ୍ୟିକା ନିଜର ସାରସ୍ୱତ ଜୀବନର ସଫଳତା ପଛରେ ସ୍ୱାମୀ ତଥା ରାଜ୍ୟ ସଚିବାଳୟର ହୋମ୍ ଡିପାର୍ଟମେଣ୍ଟରେ ପ୍ରାଇଭେଟ ସେକ୍ରେଟାରି ଭାବରେ କାର୍ଯ୍ୟରତ ନିରଞ୍ଜନ ଦାଶଙ୍କ ପ୍ରେରଣାକୁ ସର୍ବାଗ୍ରେ ସ୍ମରଣ କରନ୍ତି।

ସାହିତ୍ୟ ପ୍ରତି କାହିଁକି ଆକର୍ଷିତ ହେଲେ ପ୍ରଶ୍ନର ଉତ୍ତରରେ ସେ କୁହନ୍ତି, 'ପରିବାର ହିଁ ପିଲାମାନଙ୍କ ଆଦ୍ୟ ପାଠଶାଳା। ମୋର ଜେଜେମା' ଓ ନନାଙ୍କ ପ୍ରେରଣା ମୋ ଉପରେ ଗଭୀର ଭାବରେ ପଡ଼ିଥିଲା। କୁହାଯାଏ, ସାହିତ୍ୟ ମନୁଷ୍ୟର ଜୀବନ ସହିତ ଗତିଶୀଳ। ଯାହା ମୋର ସାମଗ୍ରିକ ଓ ସାମୂହିକ ହିତ ସାଧନରେ ଘନିଷ୍ଠ ହୋଇପାରିଛି। ଯେପରି ପୁଷ୍ପ ସହିତ ସୁଗନ୍ଧର, ଦେହ ସହ ପ୍ରାଣର ଓ ସାଗର ସହ ଢେଉର ସମ୍ପର୍କ, ସେହିପରି ସାହିତ୍ୟ ପ୍ରତି ମୋର ପ୍ରାଣ। ମୁଁ ବିଭିନ୍ନ ଗଳ୍ପ ଓ କବିତା ଲେଖିଛି। ନାରୀ ଜୀବନର ଗହନ ମନ ତଳର ଗୋପନ କଥା। ଲାଞ୍ଛିତ, ନିଷ୍ପେଷିତ ସେହି ଚରିତ୍ରମାନେ ଯେଉଁମାନଙ୍କର ହୃଦୟ ଅଛି। ଲୁହ ଅଛି। ଆଶା ଅଛି। ଆକାଂକ୍ଷା ବି ଅଛି। ସେମାନଙ୍କୁ ସମାଜ ଆଗରେ ପ୍ରକାଶ କରିବାର ପ୍ରୟାସଟିଏ ମାତ୍ର କରିଛି। ସେହିଭଳି ଅନେକ ରୋମାଣ୍ଟିକ୍ କବିତା ମାଧ୍ୟମରେ ମୋ କବିତ୍ୱର ପରିପ୍ରକାଶ ଘଟିଛି। ସର୍ବୋପରି ପ୍ରତ୍ୟେକ ବର୍ଗର ଲେଖାଭିତରେ ମୁଁ ସେ ସମ୍ବନ୍ଧୀୟ ବାର୍ତ୍ତା ଦେଇଥାଏ। ନିଜକୁ ସେହି ଚରିତ୍ର ଭିତରେ ହଜେଇ ଦେବା ହିଁ ଜଣେ ଲେଖକର ଅନ୍ତର୍ନିହିତ ବାର୍ତ୍ତା ହୋଇଥାଏ।' ତାଙ୍କ ରଚିତ ଗପ, କବିତାକୁ ମିଳିଛି ପାଠକୀୟ ସ୍ୱୀକୃତି। ଛାତ୍ରୀଛାତ୍ରଙ୍କୁ କ'ଣ ଉପଦେଶ ଦେବେ ପ୍ରଶ୍ନର ଉତ୍ତରରେ ସେ କହନ୍ତି, 'ଜଣେ ସମ୍ବେଦନଶୀଳ ଶିକ୍ଷୟିତ୍ରୀ ଭିତରେ ସ୍ନେହଶୀଳା ମା' ମନଟିଏ ଲୁଚି ରହିଥାଏ। ସେହି ଫୁଲ ପରି କଅଁଳ ହୃଦୟର ଶିଶୁମାନଙ୍କ ସହ ନିବିଷ୍ଟ ଭାବରେ ନିଜକୁ ମିଶାଇ ଦେଲେ ସେମାନଙ୍କ ମନର ଆବେଗ ଓ ଉତ୍ସୁକତାକୁ ପରଖି ସେମାନଙ୍କୁ ଏହି ବାର୍ତ୍ତା ଦିଏ ଯେ, ପିଲାମାନେ ଆଗାମୀ କାଲିର ଭବିଷ୍ୟତ ଦାୟାଦ। ଏଣୁ ପିଲାମାନେ ବଡ଼ ମଣିଷ ହେବା ସଙ୍ଗେ ସଙ୍ଗେ ଭଲ ମଣିଷଟିଏ ହେବାକୁ ପ୍ରୟାସ କରିବା ଏକାନ୍ତ ଜରୁରୀ। ପେସା ମୋର ଶିକ୍ଷକତା ହେଲେ ନିଶା ସାହିତ୍ୟ ସାଧନା। ନିକଟରେ 'ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟ ସୃଷ୍ଟିରେ ବର୍ଣ୍ଣନା ବିଳାସ' ସନ୍ଦର୍ଭ ପାଇଁ ଆମ ରାଜ୍ୟର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ନିକଟରୁ ଡକ୍ଟରେଟ୍ ଉପାଧି ଲାଭ କରିବା ମୁହୂର୍ତ୍ତକୁ ମୁଁ କଦାପି ଭୁଲି ପାରିବି ନାହିଁ।' ଅବସର ସମୟରେ ସେ ନିଜକୁ ଜୀବଜନ୍ତୁଙ୍କ ସେବାରେ ନିୟୋଜିତ ରଖନ୍ତି। 'ଭବିଷ୍ୟତ ତ ଆକାଶ କଇଁଆ। ସାହିତ୍ୟ ସାଧନା ତ ଚାଲିବ। ତଥାପି ଯେତେଦିନ ପର୍ଯ୍ୟନ୍ତ ସଂସାରରେ ଥିବି ପଶୁପକ୍ଷୀଙ୍କ ପାଇଁ କିଛି କରିବାର ଆଶା ରଖିଛି' ବୋଲି କହନ୍ତି ଏହି ସାରସ୍ୱତ ସାଧିକା।

---

### ସୌନ୍ଦର୍ଯ୍ୟ
## କେଶର ଯତ୍ନ



**ଋତୁ ବଦଳିବା ମାତ୍ରେ ତ୍ୱଚା ଏବଂ କେଶ ଉପରେ ତା'ର ପ୍ରଭାବ ପଡ଼ିଥାଏ। ଖାସ୍ କରି ଖରାଦିନେ କେଶର ଉପଯୁକ୍ତ ଯତ୍ନ ନେବାକୁ ପଡ଼ିଥାଏ। ଜାଣନ୍ତୁ ସେ ନେଇ କିଛି ଟିପ୍ସ...**

**କେଶକୁ ଘୋଡ଼ାଇ ରଖନ୍ତୁ:** ଖରାଦିନେ ଘରୁ ବାହାରକୁ ଯାଉଥିଲେ କେଶକୁ ସ୍କାର୍ଫ ବା ଷ୍ଟଲ୍ ଦ୍ୱାରା ଘୋଡ଼ାଇ ରଖନ୍ତୁ। ଏହାଦ୍ୱାରା ସୂର୍ଯ୍ୟକିରଣ ପଡ଼ି ନ ଥାଏ। କେଶରେ ଧୂଳି ବି ଜମି ନ ଥାଏ। ଯଦି ଆପଣ ହେଲ୍‌ମେଟ୍ ବ୍ୟବହାର କରୁଛନ୍ତି ତେବେ ପ୍ରଥମେ କଟନ୍ କପଡ଼ାରେ କେଶକୁ ଘୋଡ଼ାଇ ରଖନ୍ତୁ। କାରଣ ହେଲ୍‌ମେଟ୍‌ରେ ଥିବା ସିନ୍ଥେଟିକ୍ କେଶ ପାଇଁ କ୍ଷତିକାରକ।

**ଅଧିକ ଥର ଶାମ୍ପୋ କରନ୍ତୁ ନାହିଁ:** ଲଗାତର ଶାମ୍ପୋ କରିବା ଦ୍ୱାରା କେଶରେ ମହଜୁଦ ଥିବା ପ୍ରାକୃତିକ ତୈଳ ଶେଷ ହୋଇଥାଏ। ଯାହାଦ୍ୱାରା କେଶ ରୁକ୍ଷ ହୋଇଥାଏ। ତେଣୁ ସପ୍ତାହରେ ୨ରୁ ୩ ଥର ଶାମ୍ପୋ କରନ୍ତୁ। ଯଦି ସୁଇମିଂ ପୁଲ୍ କିମ୍ବା ସମୁଦ୍ରକୁ ଗାଧୋଇବାକୁ ଯାଇଛନ୍ତି ତେବେ ଘରକୁ ଫେରି ଆଉଥରେ କେଶକୁ ଶାମ୍ପୋ କରନ୍ତୁ।

**ରୁପି ପାଇଁ ଲେମ୍ବୁ:** ଖରାଦିନେ ଝାଳ ବାହାରି କେଶର ମୂଳରେ ଜମିଥାଏ। ଏହାଦ୍ୱାରା ରୁପି ବା ଇନ୍‌ଫେକ୍ସନ୍ ହେବାର ସମ୍ଭାବନା ରହିଛି। କେଶ ମୂଳରେ ଲେମ୍ବୁ ରସ ଲଗାଇ ଅଧଘଣ୍ଟା ପରେ ଧୋଇ ଦିଅନ୍ତୁ। ସପ୍ତାହରେ ୨ରୁ ଅଧିକ ଥର ଲେମ୍ବୁ ରସ ଲଗାନ୍ତୁ ନାହିଁ।

**ଡ୍ରାୟର ବ୍ୟବହାର କମ୍ କରନ୍ତୁ:** ଖରାଦିନେ ଡ୍ରାୟରର ବ୍ୟବହାର କମ୍ କରନ୍ତୁ। କାରଣ ଏଥିରୁ ବାହାରୁଥିବା ଗରମ ପବନ କେଶ ପାଇଁ କ୍ଷତିକାରକ। ହେୟାର ଷ୍ଟ୍ରେଟ୍‌ନର ଏବଂ ହେୟାର କର୍ଲ ମେଶିନ୍‌କୁ ଲୋ ଟେମ୍ପରେଚରରେ ବ୍ୟବହାର କରନ୍ତୁ। ଅଧିକ ଟେମ୍ପରେଚରରେ ବ୍ୟବହାର କଲେ କେଶ ଶୀଘ୍ର ଖରାପ ହୋଇଯାଏ। ମୋଟା ଦାନ୍ତ ଥିବା ପାନିଆ ବ୍ୟବହାର କରନ୍ତୁ।

**ମଶ୍ଚରାଇଜର:** ପାଣି, ଏଲୋଭେରା ରସ ଏବଂ ଏବାକାଡ଼ୋ ତେଲକୁ ମିଶାଇ କେଶରେ ଲଗାନ୍ତୁ।



---

## କୁକିଂ ଟିପ୍ସ



- ରାଜ୍‌ମା କିମ୍ବା ହରଡ଼ ଡାଲି ସିଝାଇବା ବେଳେ ଏଥିରେ ଲୁଣ ପକାନ୍ତୁ ନାହିଁ। ଏହା ଦ୍ୱାରା ଅଧିକ ସିଝିଯାଇଥାଏ। ସିଝିସାରିବା ପରେ ଲୁଣ ପକାନ୍ତୁ।
- ଅଟାରେ ଏକ ଛୋଟ ଚାମଚ ଚିନି ମିଶାଇ ଚକଟିବା ଦ୍ୱାରା ପୁରି ଭଲ ଫୁଲିଥାଏ।
- ଅଟାକୁ ଚକଟି ଫ୍ରିଜ୍‌ରେ ରଖୁଥିଲେ ଏହା ଉପରେ ସାମାନ୍ୟ ଘିଅ ଲଗାଇ ଘୋଡ଼ଣି ଦ୍ୱାରା ବନ୍ଦ କରି ରଖନ୍ତୁ। ଦେଖିବେ ଅଟା ତାଜା ରହିବ।
- ତନ୍ଦୁରି ଚପାତି ନରମ ବନାଇବାକୁ ହେଲେ ଅଟା ଚକଟିବା ବେଳେ ସେଥିରେ ଦହି ଏବଂ ହାଲ୍‌କା ଉଷୁମ ପାଣି ମିଶାନ୍ତୁ।
- ପନିରକୁ ନରମ କରିବାକୁ ହେଲେ ଗରମ ପାଣିରେ ଲୁଣ ପକାଇ ତାକୁ କିଛି ସମୟ ରଖନ୍ତୁ।
- ପିଆଜକୁ ଫ୍ରାଏ କରିବା ସମୟରେ ଏଥିରେ ସାମାନ୍ୟ ଚିନି ପକାଇଲେ ତାହା ଶୀଘ୍ର ବ୍ରାଉନ୍ କଲର ଦେଖାଯାଇଥାଏ।

---

## ମା' ଓ ଶିଶୁର ସୁରକ୍ଷା ପାଇଁ



ପ୍ରତ୍ୟେକ ଦିନ, ପ୍ରତି ମୁହୂର୍ତ୍ତରେ ଭାରତର କୌଣସି ନା କୌଣସି ସ୍ଥାନରେ ନିଶ୍ଚିତ ଭାବରେ ଗର୍ଭ ଜନିତ ତଥା ପ୍ରସବଜନିତ କାରଣରୁ ମହିଳାମାନେ ମୃତ୍ୟୁବରଣ କରିଥାନ୍ତି ଏବଂ ଗୋଟିଏ ମା'ର ମୃତ୍ୟୁ ଏକ ପରିବାରର କ୍ଷତି ନୁହେଁ, ଏହା ଏକ ସାମାଜିକ କ୍ଷତି, ସାରା ଦେଶର କ୍ଷତି। ପୃଥିବୀରେ ପ୍ରତିବର୍ଷ ପ୍ରାୟ ୬ ଲକ୍ଷ ମହିଳା ଗର୍ଭଜନିତ ଓ ପ୍ରସବଜନିତ ଜଟିଳତାରୁ ମୃତ୍ୟୁବରଣ କରିଥିବାବେଳେ ଏହାର ଶତକଡ଼ା ୨୦ଭାଗ ମାତୃମୃତ୍ୟୁ କେବଳ ଭାରତରେ ହିଁ ହୋଇଥାଏ। ଲିଙ୍ଗଗତ ବୈଷମ୍ୟତା ଏବଂ ଦାରିଦ୍ର୍ୟ ଏଥିପାଇଁ ଅନେକାଂଶରେ ଦାୟୀ। ମାତୃମୃତ୍ୟୁର ପ୍ରଧାନ କାରଣ ଗୁଡ଼ିକ ହେଉଛି - ପ୍ରସବ ପୂର୍ବବର୍ତ୍ତୀ ବା ପରବର୍ତ୍ତୀ ରକ୍ତସ୍ରାବ, ଅସୁରକ୍ଷିତ ଗର୍ଭପାତ, ସୂତିକାଜ୍ୱର, ବ୍ୟାହତ ପ୍ରସବ, ଗର୍ଭାବସ୍ଥାରେ ଉଚ୍ଚ ରକ୍ତଚାପ ଓ ଜଟିଳତା, ରକ୍ତହୀନତା, ମ୍ୟାଲେରିଆ, କାମଳ ରୋଗ, ହୃଦ୍‌ରୋଗ ଓ ଗର୍ଭାବସ୍ଥାରେ ମଧୁମେହ ରୋଗ ଇତ୍ୟାଦି। ୨୦ବର୍ଷରୁ କମ୍ ଓ ୪୦ ବର୍ଷରୁ ଉର୍ଦ୍ଧ୍ୱ ବୟସର ବହୁଗର୍ଭା ମହିଳା, କମ୍ ବ୍ୟବଧାନରେ ଗର୍ଭଧାରଣ ତଥା ବାରମ୍ବାର ଗର୍ଭପାତ ଆଦି ମାତୃମୃତ୍ୟୁ ହାରର ଅନ୍ୟତମ କାରଣ। ଏହାସହ ହସ୍‌ପିଟାଲରେ ଡେଲିଭରି ନ ହୋଇ ଗାଁ ଗହଳରେ ପ୍ରସବ ହେଉଥିବାରୁ ଉପଯୁକ୍ତ ତାଲିମ୍‌ପ୍ରାପ୍ତ ଚିକିତ୍ସକଙ୍କ ଅଭାବ ତଥା ଗର୍ଭବତୀଙ୍କୁ ହସ୍‌ପିଟାଲ ନେବା ପାଇଁ ଯାନବାହନର ଅଭାବ, ଏହାର ଅନ୍ୟତମ କାରଣ। ମାତୃମୃତ୍ୟୁ ହାର ଓ ଶିଶୁମୃତ୍ୟୁ ହାର କମାଇବା ପାଇଁ ଗର୍ଭଧାରଣ ପୂର୍ବରୁ, ଗର୍ଭାବସ୍ଥାରେ, ପ୍ରସବ ସମୟରେ ତଥା ପ୍ରସବ ପରେ ଉପଯୁକ୍ତ ପରୀକ୍ଷା, ଯତ୍ନ ଓ ଚିକିତ୍ସା କରିବା ଉଚିତ୍। ପ୍ରତିଗର୍ଭଧାରଣର ପଞ୍ଜୀକରଣ ଓ ଟିକା, ନିୟମିତ ଚେକ୍‌ଅପ୍ ଏବଂ ରକ୍ତ ପରୀକ୍ଷା, ୫ ମାସରେ ଅନ୍ତତଃ ଥରଟିଏ ଅଲ୍‌ଟ୍ରାସାଉଣ୍ଡ ତଥା ଜଟିଳତାର ତୁରନ୍ତ ଚିହ୍ନଟ ଓ ଚିକିତ୍ସା କରିବା ଉଚିତ। ସବୁ ଜଟିଳ ପ୍ରସବ ହସ୍‌ପିଟାଲରେ ବା ରେଫରାଲ ହସ୍‌ପିଟାଲରେ ହେବା ଉଚିତ୍। ଗାଁ ଗହଳିରେ 'ଏମର୍ଜେନ୍ସି ଅବ୍‌ଷ୍ଟେଟ୍ରିକ୍ କେୟାର୍ ୟୁନିକ୍'ରେ ତାଲିମପ୍ରାପ୍ତ ଡାକ୍ତର, ଧାଈ ଓ ସେବିକାମାନେ ନିଯୁକ୍ତି ପାଇବା ଉଚିତ। ବାରମ୍ବାର ଗର୍ଭଧାରଣ ଓ ଅସୁରକ୍ଷିତ ଗର୍ଭପାତ ଏଡ଼ାଇବା ଦରକାର, ଏଥିପାଇଁ ପରିବାର ନିୟୋଜନ ବ୍ୟବସ୍ଥା କରିବା ଉତ୍ତମ। ସେଥିପାଇଁ ଗାଁଗହଳିରେ ଆଶାକର୍ମୀ ତଥା ସେବିକାମାନେ ତାଲିମ ପାଇବା ଜରୁରୀ। ଗର୍ଭବତୀ ମା' ଓ ଶିଶୁର ସୁରକ୍ଷା ପାଇଁ ବିନା ମୂଲ୍ୟରେ ସମସ୍ତ ପ୍ରକାର ଔଷଧ ବଣ୍ଟନ, ଆବଶ୍ୟକ ପରୀକ୍ଷା, ମା' ପାଇଁ ଖାଦ୍ୟ ବ୍ୟବସ୍ଥା, ଚିକିତ୍ସା ସେବା, ଯାତାୟାତ ପାଇଁ ସୁବିଧା ତଥା ନିରାପଦ ପ୍ରସବ ଓ ପ୍ରସବ ପରବର୍ତ୍ତୀ ମା' ଓ ଶିଶୁର ସୁରକ୍ଷା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ସରକାର ଗ୍ରହଣ କରିବା ଉଚିତ। ଘରେ ପ୍ରସବ ନ କରି ହସ୍‌ପିଟାଲରେ ପ୍ରସବ ପାଇଁ ସଚେତନତା ସୃଷ୍ଟି ହେବା ଜରୁରୀ। ମାତୃମୃତ୍ୟୁ ପରିବାରର ତଥା ସମାଜର ଏକ ଅପୂରଣୀୟ କ୍ଷତି। ଏହାକୁ କମାଇବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ତରଫରୁ ନିଆଯାଉଥିବା ପଦକ୍ଷେପମାନ ଯେ ନିଶ୍ଚିତ ଭାବରେ ପ୍ରଶଂସନୀୟ, ଏଥିରେ ସନ୍ଦେହ ନାହିଁ।

– *ଡା. ସରୋଜିନୀ ଷଡ଼ଙ୍ଗୀ*
*ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞ*
*ଲିଙ୍କ୍ ରୋଡ, କଟକ*
*ମୋ -୯୪୩୭୦୫୫୦୦୭*

---

### ଖାଦ୍ୟରୁଚି
## ଚକୋଲେଟ୍ ବାନାନା ଆଇସକ୍ରିମ୍

**ଆବଶ୍ୟକ ସାମଗ୍ରୀ**

୨-୩ଟି କଦଳୀ, ୧ କପ୍ ଚକୋଲେଟ୍, କିଛି ଆଇସ୍‌କ୍ରିମ୍ ଷ୍ଟିକ୍ସ, ଗାର୍ନିସିଂ ପାଇଁ କିଛି ଖୁଆ ଏବଂ କୋରାଯାଇଥିବା ନଡ଼ିଆ।

**ପ୍ରସ୍ତୁତ ପ୍ରଣାଳୀ**

ଷ୍ଟିମରରେ ପାଣି ଗରମ କରନ୍ତୁ। ଏକ ପାତ୍ରରେ ଚକୋଲେଟ୍ ରଖନ୍ତୁ। ଏହାକୁ ଷ୍ଟିମରରେ ରଖନ୍ତୁ ଦେଖିବେ ଏହା ଧୀରେ ଧୀରେ ତରଳୁଛି। ଏବେ କଦଳୀକୁ ଦୁଇ ଫାଳ କରି କାଟନ୍ତୁ। ଏହି କଦଳୀକୁ ଏକ ପ୍ଲାଷ୍ଟିକ୍ ବ୍ୟାଗ୍‌ରେ ପୂରାଇ ଫ୍ରିଜରରେ ରଖନ୍ତୁ। ଏହାକୁ ପାଖାପାଖି ୩-୪ ଘଣ୍ଟା ପାଇଁ ଫ୍ରିଜ୍‌ରେ ରଖି ଦିଅନ୍ତୁ। କଦଳୀ ସାମାନ୍ୟ ଟାଣ ହୋଇଗଲା ପରେ କାଢ଼ନ୍ତୁ। ଏଥିରେ ଆଇସ୍‌କ୍ରିମ୍‌ର ଷ୍ଟିକ୍ସକୁ ଭଲଭାବେ ଲଗାନ୍ତୁ। ଏବେ କଦଳୀ ଲାଗିଥିବା ଷ୍ଟିକ୍‌ସକୁ ଉଠାଇ ତରଳା ହୋଇଥିବା ଚକୋଲେଟ୍‌ରେ ବୁଡ଼ାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଥିବା ଚକୋଲେଟ୍ ବାନାନା। ଷ୍ଟିକ୍‌ସକୁ ଫ୍ରିଜ୍‌ରେ ୩-୪ ଘଣ୍ଟା ପାଇଁ ଆଇସକ୍ରିମ୍ ରୂପେ ବସିବାକୁ ଛାଡ଼ି ଦିଅନ୍ତୁ। ଏହା ଟାଣ ହୋଇଗଲା ପରେ ତା' ଉପରେ ଖୁଆ ଏବଂ ନଡ଼ିଆକୋରା ଗାର୍ନିସ୍ କରି ସର୍ଭ କରନ୍ତୁ।



Dollar 69.67 (44) | Sensex 161.70 ↓ 38,700.53 | Nifty 61.45 ↓ 11,604.50 | Gold ₹425 ↑ 33,215.00 | Silver ₹170 ↑ 38,670.00

"ଡ୍ରାଇଭରଙ୍କ ଶସକ୍ତିକରଣ ଏବଂ ଉନ୍ନତିକୁ ଧ୍ୟାନରେ ରଖି ନୂଆ ସମର୍ଥ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି।
– ଗିରିଶ ୱାଘ, ସଭାପତି, ଟାଟା ମୋଟର୍ସ



"ବାସଗୃହ ଇଏମ୍ଆଇକୁ ସୁଲଭ କରିବା ଦିଗରେ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି।
– ଅରୁଣ ଜେଟଲୀ, କେନ୍ଦ୍ର ଅର୍ଥମନ୍ତ୍ରୀ



## ସଂକ୍ଷେପରେ

### ଆଇଟିଆର୍-ସେବା କର ରିଟର୍ନରେ ଅମେଳ
### ଯାଞ୍ଚ କରିବ ଆୟକର ବିଭାଗ

ନୂଆଦିଲ୍ଲୀ,୮-୪: ଆୟକର ରିଟର୍ନ ଏବଂ ସେବା କର ରିଟର୍ନରେ ଦେଖାଦେଇଥିବା ଅମେଳର ଯାଞ୍ଚ କରିବାକୁ ରାଜସ୍ୱ ବିଭାଗ ପକ୍ଷରୁ ଆୟକର ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ସେଣ୍ଟ୍ରାଲ ବୋର୍ଡ ଅଫ୍ ଇନ୍‌ଡାଇରେକ୍ଟ ଟ୍ୟାକ୍ସେସ ଆଣ୍ଡ କଷ୍ଟମ୍ସ ଅଧ୍ୟକ୍ଷ ପି.କେ.ଦାସ କହିଛନ୍ତି ଆୟକର ବିଭାଗକୁ ପତ୍ର ଲେଖି ୨୦୧୫-୧୬ ଏବଂ ୨୦୧୬-୧୭ ମଧ୍ୟରେ କାରବାରକୁ ଦୃଷ୍ଟିରେ ରଖି ଉକ୍ତ ଅମେଳର ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପତ୍ରରେ କୁହାଯାଇଛି ଯେ, ସେବା କାରବାର(ଆଇଟିଆର୍/ଟିଡିଏସ୍) ଡାଟା ଏବଂ ୨୦୧୫-୧୬ରେ ଦର୍ଶାଯାଇଥିବା ସର୍ଭିସ ଟ୍ୟାକ୍ସ ରିଟର୍ନ ମଧ୍ୟରେ ପ୍ରାୟ ୧୨ ଲକ୍ଷ କୋଟି ଟଙ୍କାର ପାର୍ଥକ୍ୟ ରହିଛି। ସେହିପରି ୨୦୧୬-୧୭ ଆର୍ଥିକ ବର୍ଷରେ ମଧ୍ୟ ଏଭଳି ଅମେଳ ରହିଥିବା ପରିଲକ୍ଷିତ ହୋଇଛି। ଏଭଳି ଫାଙ୍କ ଯୋଗୁ ଟିକସ ଫାଙ୍କି ହୋଇଥିବାର ମନେ କରାଯାଉଥିବାର ଡାଟାର ଯାଞ୍ଚ ନିହାତି ଜରୁରୀ ବୋଲି ପତ୍ରରେ ଉଲ୍ଲେଖ କରାଯାଇଛି। ସୂଚନାଥାଉ କି, ୨୦୧୬-୧୭ରେ ସେବା ଟିକସ ବାବଦରେ ୨.୫୪ ଲକ୍ଷ କୋଟି ଟଙ୍କା ଏବଂ ୨୦୧୫-୧୬ରେ ୨.୧୧ ଲକ୍ଷ କୋଟି ଟଙ୍କା ଆଦାୟ ହୋଇଥିଲା।

### ଅନିଲ ଅମ୍ବାନୀ ମାମଲା
### ସୁପ୍ରିମକୋର୍ଟଙ୍କ ୨ ଅଧିକାରୀ ଗିରଫ

ନୂଆଦିଲ୍ଲୀ,୮-୪: ଦିଲ୍ଲୀ ପୋଲିସ ସୁପ୍ରିମକୋର୍ଟର ୨ ଜଣ ପୂର୍ବତନ ଅଧିକାରୀଙ୍କୁ ଗିରଫ କରିଛି। ସେମାନେ ରିଲାଏନ୍ସ କମ୍ୟୁନିକେଶନ ମୁଖ୍ୟ ଅନିଲ ଅମ୍ବାନୀଙ୍କ ବିରୋଧରେ ଏରିକସନ ଦ୍ୱାରା ଆଗତ ଅଦାଲତ ଅବମାନନା ମାମଲାରେ ସର୍ବୋଚ୍ଚ ଅଦାଲତଙ୍କ ରାୟକୁ ବଦଳାଇ ଦେଇଥିବା ଅଭିଯୋଗ ହୋଇଥିଲା। ସୁପ୍ରିମକୋର୍ଟ ଦ୍ୱାରା ବହିଷ୍କୃତ ହୋଇ ଗିରଫ ହୋଇଥିବା ୨ ଅଧିକାରୀ ହେଲେ ତପନ ଚକ୍ରବର୍ତ୍ତୀ ଏବଂ ମାନବ ଶର୍ମା। ସେମାନଙ୍କୁ ଜେରା କରାଯିବା ପରେ ଅଦାଲତରେ ହାଜର କରାଯାଇଥିଲା ବୋଲି ଜଣେ ଅଧିକାରୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି। ତେବେ ଏ ନେଇ ଦିଲ୍ଲୀ ପୋଲିସ ପକ୍ଷରୁ କିଛି କୁହାଯାଇନାହିଁ। ତଦନ୍ତ ଚାଲୁଥିବାରୁ ଏନେଇ କିଛି କହିହେବ ନାହିଁ ବୋଲି ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି।

### କରେନ୍ସି ଚେଷ୍ଟ ସ୍ଥାପନ
### ଗାଇଡଲାଇନ ଜାରି କଲା ଆର୍‌ବିଆଇ

ମୁମ୍ବାଇ,୮-୪: ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ନୂଆ କରେନ୍ସି ଚେଷ୍ଟ ସ୍ଥାପନ ଲାଗି ସୋମବାର ନୂଆ ଗାଇଡଲାଇନ ଜାରି କରିଛି। ଏଥିରେ କୁହାଯାଇଛି ଯେ, ଷ୍ଟ୍ରଙ୍ଗ ରୁମ୍ ଅଥବା ଭଲ୍ଟ ଲାଗି ଅତିକମ୍‌ରେ ୧୫୦୦ ବର୍ଗଫୁଟ୍ କ୍ଷେତ୍ର ଜରୁରୀ। ତେବେ ପାହାଡ ତଥା ଦୁର୍ଗମ ଅଞ୍ଚଳ ପାଇଁ ଏହା ୬୦୦ ବର୍ଗଫୁଟ ରହିବ। ନୂଆ ଚେଷ୍ଟରେ ଦୈନିକ ୬ ଲକ୍ଷ ୬୦ ହଜାର ଓ ପାହାଡ ତଥା ଦୁର୍ଗମ ଅଞ୍ଚଳ ଲାଗି ୨.୧୦ ଲକ୍ଷ ନୋଟ୍ ପ୍ରକ୍ରିୟାକରଣ କରିବାର କ୍ଷମତା ରହିବା ଆବଶ୍ୟକ। ବ୍ୟାଙ୍କଗୁଡ଼ିକୁ ଆଧୁନିକୀକରଣ ସୁବିଧା ସହ ନୂଆ କରେନ୍ସି ଚେଷ୍ଟ ଖୋଲିବା ଲାଗି ଅନୁମତି ଦେବା ଜରୁରୀ ବୋଲି ଆର୍‌ବିଆଇ ଦ୍ୱାରା ଗଠିତ କମିଟି ସୁପାରିସ କରିଥିଲା। ଏଭଳି ଚେଷ୍ଟରେ ଅତିକମ୍‌ରେ ୧୦୦୦ କୋଟି ଟଙ୍କା ବଳକା ରଖିପାରିବା ସୁବିଧା ରହିବ। ଆର୍‌ବିଆଇର ୨୦୧୭-୧୮ ବାର୍ଷିକ ରିପୋର୍ଟ ଅନୁଯାୟୀ, ସାରା ଦେଶରେ ଆର୍‌ବିଆଇର ୧୯ ନୋଟ ଜାରି କାର୍ଯ୍ୟାଳୟ, ୩୯୭୫ କରେନ୍ସି ଚେଷ୍ଟ ଓ ୩୬୫୪ କ୍ଷୁଦ୍ର ମୁଦ୍ରା ଡିପୋ ରହିଛି।

### ତେଲ ବ୍ଲକ ଲାଗି ବିଡ୍ ଦାଖଲ ସମୟସୀମା ମେ ୧୫ ପର୍ଯ୍ୟନ୍ତ ବୃଦ୍ଧି

ନୂଆଦିଲ୍ଲୀ,୮-୪: କେନ୍ଦ୍ର ସରକାର ଖୋଲା ଲାଇସେନ୍ସ ନୀତି(ଓଏଏଲ୍‌ପି) ଅଧୀନରେ ଉପସ୍ଥାପିତ ତୈଳ ଏବଂ ଗ୍ୟାସ୍ ବ୍ଲକ୍ ଲାଗି ବିଡ୍ ପ୍ରକ୍ରିୟା ସମୟସୀମାକୁ ମେ' ୧୫ ଯାଏ ବୃଦ୍ଧି କରିଛନ୍ତି। ଓଏଏଲ୍‌ପିର ଦ୍ୱିତୀୟ ତଥା ତୃତୀୟ ପର୍ଯ୍ୟାୟ ବିଡ୍ ଲାଗି ଚଳିତ ମାସ ୧୦ ଯାଏ ସମୟସୀମା ଧାର୍ଯ୍ୟ କରାଯାଇଥିଲା। ତେବେ ଏହାକୁ ବଢ଼ାଇ ଦିଆଯାଇଛି। ଏଥିପୂର୍ବରୁ ଗତବର୍ଷ ଜାରି କରାଯାଇଥିବା ଓଏଏଲ୍‌ପିର ପ୍ରଥମ ପର୍ଯ୍ୟାୟରେ ଉପସ୍ଥାପିତ ୫୫ ବ୍ଲକ୍ ଲାଗି ୬୦ ହଜାର କୋଟି ଟଙ୍କାର ନିବେଶ ପ୍ରତିଶ୍ରୁତି ମିଳିଥିଲା।

# ଏବେ ମୁକେଶଙ୍କ ଲକ୍ଷ୍ୟ ରିୟଲ ଇଷ୍ଟେଟ



- ନଭି ମୁମ୍ବାଇରେ ତିଆରି ହେବ ମେଗାସିଟି
- ୫ଲକ୍ଷ ଲୋକ ବସବାସ କରିପାରିବେ
- ବହୁ କମ୍ପାନୀ ପ୍ରତିଷ୍ଠା ହୋଇପାରିବ
- ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ହାତରେ ରହିବ ପ୍ରଶାସନ କ୍ଷମତା
- ଧିରୁଭାଇ ଅମ୍ବାନୀ ଦେଖିଥିଲେ ସ୍ୱପ୍ନ

ମୁମ୍ବାଇ,୮-୪

ବିଶ୍ୱର ୧୩ତମ ସର୍ବବୃହତ ଧନଶାଳୀ ବ୍ୟକ୍ତି ମୁକେଶ ଅମ୍ବାନୀ ରିଲାଏନ୍ସ ଜିଓ ମାଧ୍ୟମରେ ଟେଲିକମ କ୍ଷେତ୍ରକୁ ସମ୍ପୂର୍ଣ୍ଣ ବଦଳାଇ ଦେବା ପରେ ଏବେ ରିୟଲ ଇଷ୍ଟେଟ କ୍ଷେତ୍ରରେ ସେଭଳି ଏକ ଧମାକା କରିବାକୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ(ଆର୍‌ଆଇଏଲ) ନଭି ମୁମ୍ବାଇରେ ଏକ ବିଶ୍ୱସ୍ତରୀୟ ମେଗାସିଟି ନିର୍ମାଣ କରିବାକୁ ଯାଉଛି। ଏଥିପାଇଁ ବ୍ଲୁପ୍ରିଣ୍ଟ ପ୍ରାୟ ତିଆରି ସରିଛି। ରିଲାଏନ୍ସ ଗ୍ରୁପ୍‌ର ଏହି ମେଗାସିଟି ଏପରି ବିଶାଳ ହେବ ଯେ, ଯାହାର ପ୍ରତ୍ୟେକ ଅଂଶ ଗୋଟିଏ ଲେଖାଏ ବୃହତ ପ୍ରକଳ୍ପ ସହ ତୁଳନା କରାଯାଇପାରେ। ଆସନ୍ତା ଏକ ଦଶନ୍ଧିରେ ଏହି ପ୍ରକଳ୍ପରେ ପ୍ରାୟ ୭୫ ବିଲିୟନ ଡଲାର ନିବେଶ ହେବ ବୋଲି ଆକଳନ କରାଯାଇଛି। ଏହି ପ୍ରକଳ୍ପକୁ ସ୍ୱତନ୍ତ୍ର ଯୋଜନା ପ୍ରାଧିକରଣରୁ ମଞ୍ଜୁରୀ ମିଳିସାରିଛି। ପ୍ରାପ୍ତ ସୂତ୍ରରୁ ଜଣାପଡିଛି ଯେ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଏହି ମେଗାସିଟି ନିର୍ମାଣ କରିବା ସହ ଏହାର ପ୍ରଶାସନ ମଧ୍ୟ ନିଜ ହାତରେ ରଖିବ। ଏହି ପ୍ରକଳ୍ପ ଲାଗି ତିଆରି କରାଯାଇଥିବା ସ୍ୱତନ୍ତ୍ର କମ୍ପାନୀ ନଭି ମୁମ୍ବାଇ ସ୍ପେଶାଲ ଇକୋନୋମିକ ଜୋନ୍(ଏନ୍ଏମ୍ଏସ୍ଇଜେଡ୍) ୪୩୦୦ ଏକର ଜମି ଇତିମଧ୍ୟରେ ଅଧିଗ୍ରହଣ କରିସାରିଛି। ଏହି ଜମି ଜବାହର ଲାଲ ନେହେରୁ ପୋର୍ଟ ଟ୍ରଷ୍ଟ ଏବଂ ନିର୍ମାଣାଧୀନ ବିମାନ ବନ୍ଦର ନିକଟରେ ରହିଛି। ଗତ ୭ରେ ଆର୍‌ଆଇଏଲ ଏକ ସହଯୋଗୀ କମ୍ପାନୀ ଜରିଆରେ ଏନ୍ଏମ୍ଏସ୍ଇଜେଡ୍ ସହିତ ଏକ ଚୁକ୍ତି ସ୍ୱାକ୍ଷର କରିଛି। ତଦନୁଯାୟୀ, ୨୧୮୦ କୋଟି ଟଙ୍କାର ପ୍ରାରମ୍ଭିକ ଅର୍ଥ ଯୋଗାଣ ମାଧ୍ୟମରେ ଜମି ପଟ୍ଟା ଓ ଏହାର ବିକାଶ ଲାଗି ଅଧିକାର ମିଳିଯାଇଛି। ଏହି ପ୍ରକଳ୍ପ ସହ ଜଡ଼ିତ ଜଣେ ବ୍ୟକ୍ତି କହିଛନ୍ତି ଯେ, ଏହା ସହର ଢାଞ୍ଚାଗତ କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ। ପ୍ରଥମଥର କୌଣସି ଘରୋଇ କମ୍ପାନୀ ଏଭଳି ଏକ ଯୋଜନାରେ ସାମିଲ ହେବାକୁ ଯାଉଛି। ସିଙ୍ଗାପୁର ଢାଞ୍ଚାରେ ଅମ୍ବାନୀଙ୍କ ମେଗାସିଟି ନିର୍ମାଣ କରାଯିବ। ଏଥିରେ ବିମାନ ବନ୍ଦର, ବନ୍ଦର ତଥା ସି-ଲିଙ୍କ କନେକ୍ଟିଭିଟି ରହିବ। ଏଥିରେ ୫ ଲକ୍ଷରୁ ଅଧିକ ଅଧିବାସୀ ରହିପାରିବେ। ଖାଲି ଏତିକି ନୁହେଁ ଏଥିରେ ହଜାର ହଜାର ସଂଖ୍ୟାରେ କମ୍ପାନୀ ସ୍ଥାପନ କରାଯାଇପାରିବ। ମୁକେଶ ଅମ୍ବାନୀ ଏହି ମହତ୍ତ୍ୱାକାଂକ୍ଷୀ ଯୋଜନାକୁ ବ୍ୟାପକ ସ୍ତରରେ ଲଞ୍ଚ କରିବାକୁ ଯାଉଛନ୍ତି, ଯାହାକି ପୂର୍ବରୁ କେବେ ହୋଇ ନ ଥିଲା। ମୋଟରେ କହିବାକୁ ଗଲେ ଅମ୍ବାନୀଙ୍କ ଏହି ପ୍ରକଳ୍ପ ଭାରତରେ ରିଏଲ ଇଷ୍ଟେଟ କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ଲେଖିବ। ବିଶ୍ଳେଷକଙ୍କ କହିବାନୁଯାୟୀ, ଏହି ମେଗାସିଟି ନିର୍ମାଣ ପରେ ମୁମ୍ବାଇର ଛବି ସମ୍ପୂର୍ଣ୍ଣ ବଦଳିଯିବ। ଲୋକମାନେ ନୂଆ ସହରମୁହା ହେବେ, କାରଣ ମୁମ୍ବାଇ ତୁଳନାରେ ଏଠାରେ ଘର ଦାମ ଅନେକ କମ ରହିବ। ଉଲ୍ଲେଖଥାଉ କି, ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ପ୍ରତିଷ୍ଠାତା ଧିରୁଭାଇ ଅମ୍ବାନୀ ମୁମ୍ବାଇରେ ଏକ ବିଶ୍ୱସ୍ତରୀୟ ସହର ନିର୍ମାଣ କରିବାର ଚିନ୍ତାଧାରା ଆଣିଥିଲେ। ଦକ୍ଷିଣ ମୁମ୍ବାଇକୁ ସଡ଼କ ମାର୍ଗରେ ନଭି ମୁମ୍ବାଇକୁ ଯୋଡିବାକୁ ସେ ଯୋଜନା କରିଥିଲେ। ସେ ଅଶୀ ଦଶକରେ ଏଭଳି ପ୍ରକଳ୍ପ ସମ୍ପର୍କରେ ବିଚାର କରିଥିଲେ। ଅମ୍ବାନୀଙ୍କ ଏହି ପ୍ରକଳ୍ପ ସାକାର ରୂପ ନେଲେ ମୁମ୍ବାଇରେ ବୃଦ୍ଧି ପାଉଥିବା ଭିଡ଼ ଅନେକାଂଶରେ କମିଯିବ। ଏନ୍ଏମ୍ଏସ୍ଇଜେଡ୍‌କୁ ମୁକେଶ ଅମ୍ବାନୀ, ଜୟ କର୍ପ ଇଣ୍ଡିଆ, ସ୍କିଲ୍ ଇନ୍‌ଫ୍ରାଷ୍ଟ୍ରକ୍‌ଚର ଲିମିଟେଡ ଏବଂ ସିଟି ଆଣ୍ଡ ଇଣ୍ଡଷ୍ଟ୍ରିଆଲ ଡେଭଲପମେଣ୍ଟ କର୍ପ(ସିଡ୍‌କୋ) ପ୍ରମୋଟ କରିବେ। ଏଥିରେ ସିଡ୍‌କୋର ୨୬% ଅଂଶଧନ ରହିବ ଏବଂ ଅବଶିଷ୍ଟ ଅଂଶଧନ ଆନନ୍ଦ ଜୈନଙ୍କ ଜୟ କର୍ପ ଏବଂ ନିଖିଲ ଗାନ୍ଧୀଙ୍କ ସ୍କିଲ ଇନଫ୍ରାଷ୍ଟ୍ରକ୍‌ଚର ପାଇବେ।

### ■ ମାଲ୍ୟାଙ୍କୁ ହାଇକୋର୍ଟ ଝଟ୍‌କା
## ପ୍ରତ୍ୟର୍ପଣ ରୋକିବା ମାମଲା ଖାରଜ

ଲଣ୍ଡନ,୮-୪



ବିଜୟ ମାଲ୍ୟା

ପଳାତକ ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କୁ ବ୍ରିଟେନ ହାଇକୋର୍ଟରୁ ଜୋର୍‌ଦାର ଝଟକା ଲାଗିଛି। ଭାରତକୁ ପ୍ରତ୍ୟର୍ପଣ ରୋକିବା ଲାଗି ମାଲ୍ୟାଙ୍କ ପକ୍ଷରୁ ଆଗତ ମାମଲାକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ତାଙ୍କୁ ଏପ୍ରିଲ ୧୨ ତାରିଖ ପୂର୍ବରୁ ପୁନର୍ବାର ଅପିଲ କରିବାକୁ ସୁଯୋଗ ମିଳିବ। ପଳାତକ ମଦ ବ୍ୟବସାୟୀ ହାଇକୋର୍ଟରେ ଦାଖଲ କରିଥିବା ଅପିଲରେ ତାଙ୍କୁ ଭାରତକୁ ପ୍ରତ୍ୟର୍ପଣ ନ କରାଯିବାକୁ ଅନୁରୋଧ କରିଥିଲେ। ପୂର୍ବରୁ ଲଣ୍ଡନର ୱେଷ୍ଟମିନିଷ୍ଟର କୋର୍ଟ ମାଲ୍ୟାଙ୍କୁ ପ୍ରତ୍ୟର୍ପଣ କରିବା ଲାଗି ନିର୍ଦ୍ଦେଶ ଦେବା ପରେ ବ୍ରିଟେନର ଆଇନାନୁଯାୟୀ ଗୃହ ସଚିବ ସାଜିଦ ଜାଭିଦ ଏହାକୁ ଅନୁମୋଦନ କରିଥିଲେ। ତେବେ ଏହାକୁ ମାଲ୍ୟା ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ବ୍ରିଟେନ ନ୍ୟାୟପାଳିକା ମୁଖପାତ୍ର କହିଛନ୍ତିଯେ, ବିଚାରପତି ୱିଲିୟମ ଡେଭିସ୍ ମାଲ୍ୟାଙ୍କ ଆବେଦନକୁ ଅସ୍ୱୀକାର କରିବା ସହ ତାଙ୍କୁ ମୌଖିକ ରୂପରେ ମାମଲାର ବିଚାର ଲାଗି ପୁନର୍ବାର ଅପିଲ କରିବାକୁ ସୁଯୋଗ ଦେଇଛନ୍ତି। ଏଥିପାଇଁ ତାଙ୍କୁ ଆଉ ୫ ଦିନ ସମୟ ମିଳିବ। ସେ ଯଦି ପୁନର୍ବାର ଆବେଦନ କରନ୍ତି, ତେବେ ହାଇକୋର୍ଟ ବିଚାରପତିଙ୍କ ନିକଟରେ ଏହାକୁ ତାଲିକାଭୁକ୍ତ କରାଯିବ ଏବଂ ଶୁଣାଣି ବେଳେ ଏହା ଉପରେ ନିଷ୍ପତ୍ତି ନିଆଯିବ। ଜଣିକିଆ ଖଣ୍ଡପୀଠ ସମ୍ମୁଖରେ ଆବେଦନର ଶୁଣାଣି ସମୟରେ ମାଲ୍ୟାଙ୍କ ପକ୍ଷରୁ ତାଙ୍କର ଓକିଲ ଓ ଭାରତ ପକ୍ଷରୁ କ୍ରାଉନ ପ୍ରୋସିକ୍ୟୁଶନ ସର୍ଭିସ ଉପସ୍ଥିତ ରହିବେ। ଏହାର ଅର୍ଥ ମାମଲାରେ ଅପିଲ ପ୍ରକ୍ରିୟା ଶେଷ ହୋଇ ନାହିଁ। ଉଲ୍ଲେଖଥାଉ କି, ମାମଲା ପରିଚାଳନା କରିବା ଲାଗି ବିଳାସବ୍ୟସନ ବାବଦରେ ହେଉଥିବା ଖର୍ଚ୍ଚକୁ କମାଇବା ଲାଗି ରାଜି ଥିବା ମାଲ୍ୟା ଅନ୍ୟ ଏକ ମାମଲାରେ ସ୍ଥାନୀୟ ଅଦାଲତରେ କହିଥିଲେ। ବନ୍ଦ ହୋଇଯାଇଥିବା କିଙ୍ଗଫିଶର ଏୟାରଲାଇନ୍ସ ପାଇଁ ସେ ବିଭିନ୍ନ ବ୍ୟାଙ୍କରୁ ପ୍ରାୟ ୯ହଜାର କୋଟି ଟଙ୍କାର ଋଣ ନେଇ ଲଣ୍ଡନ ପଳାଇଥିଲେ ବୋଲି ଅଭିଯୋଗ ହୋଇଛି।

## ଅଭିବୃଦ୍ଧି ୭.୫% ଛୁଇଁପାରେ:ବିଶ୍ୱ ବ୍ୟାଙ୍କ

ୱାଶିଂଟନ,୮-୪

୨୦୧୯-୨୦ ଆର୍ଥିକ ବର୍ଷରେ ଭାରତର ଜିଡିପି ଅଭିବୃଦ୍ଧି ୭.୫% ଛୁଇଁବା ନେଇ ଆଶା କରାଯାଉଛି। ଦେଶ ମଧ୍ୟରେ ଦୃଢ ନିବେଶ ଧାରା, ରପ୍ତାନିରେ ଉନ୍ନତି ଏବଂ ଚାହିଦା ବଢ଼ିବା ଯୋଗୁ ଏହା ଅର୍ଥନୀତି ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରୁଥିବା ବିଶ୍ୱ ବ୍ୟାଙ୍କ ସୋମବାର ସୂଚନା ଦେଇଛି। ୨୦୧୮-୧୯ ଆର୍ଥିକବର୍ଷ ଲାଗି ଭାରତର ପ୍ରକୃତ ଜିଡିପି ଅଭିବୃଦ୍ଧି ୭.୨% ରହିବ ବୋଲି ବିଶ୍ୱ ବ୍ୟାଙ୍କ ପକ୍ଷରୁ ଜାରି ହୋଇଥିବା ଦକ୍ଷିଣ ଏସିଆର ସଦ୍ୟତମ ରିପୋର୍ଟରେ ଏହା ଉଲ୍ଲେଖ କରିଛି। ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍ଏଫ୍) ଏବଂ ବିଶ୍ୱ ବ୍ୟାଙ୍କ ପକ୍ଷରୁ ସ୍ପ୍ରିଙ୍ଗ ବୈଠକ ହେବାକୁ ଥିବା ବେଳେ ଏହାର ଅବ୍ୟବହିତ ପୂର୍ବରୁ ଉକ୍ତ ରିପୋର୍ଟ ପ୍ରକାଶ ପାଇଛି।

ପ୍ରଥମ ୩ଟି ତ୍ରୈମାସର ଡାଟାରେ ଅଭିବୃଦ୍ଧିଧାରା ବ୍ୟାପକ ହେଉଥିବା କୁହାଯାଇଛି। ଶିଳ୍ପ ଅଭିବୃଦ୍ଧିରେ ଉନ୍ନତି ହେବା ସହ ଏହା ୭.୯% ରହିଛି। ଏହି ସମୟରେ ସେବା କ୍ଷେତ୍ର ଅଭିବୃଦ୍ଧି ଏହା ପଛକୁ ପକାଇ ଦେଇଛି। ସେହିଭଳି କୃଷି କ୍ଷେତ୍ର ଅଭିବୃଦ୍ଧି ୪% ରହିଛି। ଏହି ସମୟର ନିୟନ୍ତ୍ରିତ ମୁଦ୍ରାସ୍ଫୀତି ଏହି ଧାରାକୁ ପ୍ରୋତ୍ସାହିତ କରୁଥିବା ବିଶ୍ୱ ବ୍ୟାଙ୍କ କହିଛି। ସେହିଭଳି ଚଳନ୍ତି ଖାତା ନିୟଣ୍ଟ ଏବଂ ବିତ୍ତୀୟ ନିୟଣ୍ଟ ହ୍ରାସ ହେବା ନେଇ ଆଶା ପ୍ରକଟ କରିଛି। ରପ୍ତାନି ବୃଦ୍ଧି ଏବଂ ତୈଳ ଦର ହ୍ରାସ ଦେଶର ଚଳନ୍ତି ଖାତା ନିୟଣ୍ଟକୁ ମୋଟ ଜିଡିପିର ୧.୯କୁ ହ୍ରାସ କରିବ। ମାତ୍ର ୨୦୧୮-୧୯ରେ ଚଳନ୍ତି ଖାତା ନିୟଣ୍ଟ ବୃଦ୍ଧି ହୋଇଥିବା ଏହା ଦର୍ଶାଇଛି। ଗତ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ଭାରତ ବଜାର ବିଶ୍ୱ ବଜାରର ବିଭିନ୍ନ ପ୍ରତିକୂଳ ସ୍ଥିତିଯୋଗୁ ପ୍ରଭାବିତ ହୋଇଥିବା ବିଶ୍ୱ ବ୍ୟାଙ୍କ କହିଛି।

### ଉତ୍ପାଦନରେ ସେଲ୍‌ର ରେକର୍ଡ

ଭୁବନେଶ୍ୱର,୮-୪

ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ(ସେଲ) ମାର୍ଚ୍ଚ୩୧ ସୁଦ୍ଧା ଅଶୋଧିତ ଇସ୍ପାତ ଉତ୍ପାଦନରେ ରେକର୍ଡ ହାସଲ କରିଛି। ଏହି ବର୍ଗରେ କମ୍ପାନୀର ଉତ୍ପାଦନ ୮% ବୃଦ୍ଧି ଘଟି ୧୬.୩ ନିୟୁତ ଟନ୍ ଛୁଇଁଛି। କମ୍ପାନୀ ୨୦୧୭-୧୮ରେ ୧୫.୦୨ ନିୟୁତ ଟନ୍ ଇସ୍ପାତ ଉତ୍ପାଦନ କରିଥିଲା। ଏହା ସେଲ ଲାଗି ଏକ ସ୍ମରଣୀୟ ବର୍ଷ ବୋଲି ସେଲ୍‌ର ଅଧ୍ୟକ୍ଷ ଅନିଲ କୁମାର ଚୌଧୁରୀ କହିଛନ୍ତି।

## ଅଟୋ ଯନ୍ତ୍ରାଂଶରୁ ଜିଏସ୍‌ଟି ହ୍ରାସ ଦାବି

ନୂଆଦିଲ୍ଲୀ,୮-୪

ଅଟୋମୋବାଇଲ ଯନ୍ତ୍ରାଂଶ ଉପରେ ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି)କୁ ୨୮%ରୁ ୧୮%କୁ ହ୍ରାସ କରିବା ଲାଗି ଶିଳ୍ପ ଜଗତ ପକ୍ଷରୁ ଦାବି ହୋଇଛି। ଉଭୟ ଯାତ୍ରୀବାହୀ ଯାନ ଏବଂ ବାଣିଜ୍ୟିକ ଯାନର ଯନ୍ତ୍ରାଂଶ ଉପରେ ଜିଏସ୍‌ଟି କମାଇବା ଲାଗି ସରକାରଙ୍କ ନିକଟରେ ଶିଳ୍ପ ଦାବି ଜଣାଇଛି। ନିର୍ଗମନ ଏବଂ ନିରାପତ୍ତା ଆଇନ କାର୍ଯ୍ୟକାରୀ କରାଇବାକୁ ଯାଇ ସଂସ୍ଥାଗୁଡ଼ିକ ଉପରୋକ୍ତ ବର୍ଗଗୁଡ଼ିକ ଉପରେ ୧୦ରୁ ୧୫% ମୂଲ୍ୟ ବଢାଇବେ ବୋଲି ଅନୁମାନ କରାଯାଉଛି। ସରକାର ଟିକସ ହ୍ରାସ କଲେ ଏହା ଶିଳ୍ପଗୁଡ଼ିକ ଲାଭକାରୀ ସାବ୍ୟସ୍ତ ହେବ ବୋଲି ଶିଳ୍ପ ଜଗତ ପକ୍ଷରୁ ମତ ପ୍ରକାଶ ପାଇଛି। ମୂଲ୍ୟ ବଢିଲେ ପ୍ରଡକ୍ଟଗୁଡ଼ିକର ଚାହିଦା ପ୍ରଭାବିତ ହେବାର ଆଶଙ୍କା ରହିଛି। ବର୍ତ୍ତମାନ ଅଟୋମୋବାଇଲ ଶିଳ୍ପ ୨୮% ଜିଏସ୍‌ଟି ବାଦ ୧-୧୫% ପର୍ଯ୍ୟନ୍ତ ଅତିରିକ୍ତ ସେସ୍ ପ୍ରଦାନ କରୁଛି। ଯାନର ବର୍ଗ, ଓସାର ଏବଂ ଲମ୍ବ ଆଧାରରେ ଏହି ସେସ୍ ଲାଗୁ କରାଯାଉଛି। ୨୦୨୦ ଏପ୍ରିଲ ପହିଲାରୁ ବିଏସ୍ -୪ ମାନକ ଲାଗୁ ହେଉଥିବା ବେଳେ ଏହା ଦ୍ୱାରା କମ୍ପାନୀଗୁଡିକ ଅତିରିକ୍ତ ଖର୍ଚ୍ଚ କରିବେ। ଏହି ପ୍ରସଙ୍ଗକୁ ସରକାର ବିଚାର କରିବାର ଆବଶ୍ୟକତା ରହିଛି ବୋଲି ଭାରତୀୟ ଅଟୋମୋବାଇଲ ସଂଘର ସଭାପତି ରାଜନ ୱାଧେରା କହିଛନ୍ତି।

## ଆଇଟି କମ୍ପାନୀଙ୍କ ଆୟ ଉପରେ ଟ୍ରମ୍ପ ପ୍ରଭାବ

ନୂଆଦିଲ୍ଲୀ,୮-୪

ଦେଶର ୫ ପ୍ରମୁଖ ଆଇଟି କମ୍ପାନୀଙ୍କ ଆୟ ୨୦୧୮-୧୯ ଆର୍ଥିକ ବର୍ଷର ଚତୁର୍ଥ ତ୍ରୈମାସରେ ବୃଦ୍ଧି ଘଟି ପାରେ। ମାତ୍ର କମ୍ପାନୀଗୁଡ଼ିକର ମୋଟ ଲାଭ ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଭାବ ପଡିବ ବୋଲି ବଜାର ବିଶେଷଜ୍ଞ ମାନେ ଆକଳନ କରିଛନ୍ତି। ଟ୍ରମ୍ପ ଆଣିଥିବା 'ବାଏ ଆମେରିକାନ ହାୟର ଆମେରିକାନ' ନୀତି ଭାରତୀୟ ଆଇଟି ସଂସ୍ଥାଗୁଡ଼ିକର ଆୟକୁ ପ୍ରଭାବିତ କରିବ ବୋଲି ସୂଚନା ରହିଛି। ଆମେରିକା ଏବଂ ୟୁରୋପ ବଜାରରେ ଏହି କମ୍ପାନୀଗୁଡିକୁ ସେଠାକାର କର୍ମଚାରୀଙ୍କୁ ନିଯୁକ୍ତି କରିବାକୁ ପଡୁଛି। ଏହା ଦ୍ୱାରା କମ୍ପାନୀଗୁଡିକ ଅଧିକ ଖର୍ଚ୍ଚ କରୁଛନ୍ତି। ଯେଉଁ କ୍ଷେତ୍ରରେ କର୍ମଚାରୀମାନଙ୍କର ଅଭାବ ରହିଛି ସବକଣ୍ଟ୍ରାକ୍ଟରଙ୍କୁ ନିଯୁକ୍ତ କରିବାକୁ ପଡୁଛି। ଏହା ବାଦ ବିଦେଶୀ କ୍ଲାଏଣ୍ଟଙ୍କୁ ବାନ୍ଧି ରଖିବା ଲାଗି କମ୍ପାନୀଗୁଡିକ ଭାରତରେ ସେମାନଙ୍କ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ଲାଗି ଅଧିକ ଖର୍ଚ୍ଚ କରିବାକୁ ପଡୁଛି। ବିଦେଶରେ ଖର୍ଚ୍ଚ ବୃଦ୍ଧି ଯୋଗୁ କମ୍ପାନୀଗୁଡିକର ଲାଭ ପ୍ରଭାବିତ ହେଉଥିବା କୋଟାକ ଇନଷ୍ଟିଚ୍ୟୁଶନାଲ ସିକ୍ୟୁରିଟିଜର ଆନାଲିଷ୍ଟ କବଲଜିତ ସାଲୁଜା କହିଛନ୍ତି।

### ଆମୱେ ଇଣ୍ଡିଆର ବିଶ୍ୱ ସ୍ୱାସ୍ଥ୍ୟ ଦିବସ

ଭୁବନେଶ୍ୱର,୮-୪

ଆମୱେ ଇଣ୍ଡିଆ ପକ୍ଷରୁ ଦେଶର ୧୪ଟି ସ୍ଥାନରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇ ଯାଇଛି। ଏହି ଅବସରରେ ମାଗଣା ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଇଥିଲା। ଉପେକ୍ଷିତ ବର୍ଗର ପିଲାମାନଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଯୋଗାଣ ଲକ୍ଷ୍ୟରେ ଏଭଳି ଏକ ପଦକ୍ଷେପ କମ୍ପାନୀ ପକ୍ଷରୁ ଗ୍ରହଣ କରାଯାଇଛି। ଏହି ଅବସରରେ ପୋଷଣ ଜ୍ଞାନ, ବ୍ୟବସ୍ଥାରେ ଉନ୍ନତି,ପରିମଳ ବ୍ୟବସ୍ଥା, ନିତି ନିଦ୍ରା ଖାଦ୍ୟ ଅଭ୍ୟାସ ଉପରେ ଆଲୋଚନା କରାଯାଇଥିଲା। ଭୁବନେଶ୍ୱରର ପଲ୍ଲି ଉନ୍ନୟନ ସେବା ସମିତିଠାରେ ଏଭଳି ଏକ ଶିବିର ଆୟୋଜନ କରାଯାଇଛି। ଏଭଳି ଅଭିଯାନ ଜରିଆରେ ସୁସ୍ଥକର ଜୀବନ ଯାପନ ଉପରେ ଗୁରୁତ୍ୱ ଦେଉଛୁ ବୋଲି ଆମୱେ ଇଣ୍ଡିଆର ଉପସଭାପତି ଚନ୍ଦ୍ରା ଚକ୍ରବର୍ତ୍ତୀ ସୂଚନା ଦେଇଛନ୍ତି।

## ସାମ୍‌ସଙ୍ଗ ଆଣିଲା ଟ୍ରିପଲ ଇନଭର୍ଟର ଏସି

ଭୁବନେଶ୍ୱର,୮-୪

ସାମସଙ୍ଗ ପକ୍ଷରୁ ଟ୍ରିପଲ ଇନଭର୍ଟର ଏସି ବଜାରକୁ ଆସିଛି। ଏଥିରେ ଗ୍ରାହକ ଶକ୍ତି ସଞ୍ଚୟ ବୈଶିଷ୍ଟ୍ୟ ଲାଭ କରି ପାରିବେ। ଏହା ବାଦ ଦ୍ରୁତତର କୁଲିଂ ଏବଂ ସର୍ବାଧିକ ୪୫% ପର୍ଯ୍ୟନ୍ତ ଏହା ଠିକ୍ ଭାବେ କାର୍ଯ୍ୟ କରିବାକୁ ସକ୍ଷମ ହୋଇଥାଏ। ଆକର୍ଷଣୀୟ ୱାରେଣ୍ଟି ଯୋଜନା ଦ୍ୱାରା ଗ୍ରାହକମାନେ ସିଧାସଳଖ ଲାଭବାନ ହୋଇ ପାରିବେ ବୋଲି ସାମସଙ୍ଗ ପକ୍ଷରୁ ସୂଚନା ରହିଛି। ଏଥିରେ ଗ୍ରାହକଙ୍କୁ ୫ ବର୍ଷ ପାଇଁ ଅସୀମିତ ଗ୍ୟାସ ରିଚାର୍ଜ ସୁବିଧା ମାଗଣାରେ ଉପଲବ୍ଧ ହେବ ବୋଲି ଏହାର ବଜାର ପ୍ରବେଶ କରାଇ ଡେପୁଟି ଜେନେରାଲ ମ୍ୟାନେଜର ଅଙ୍କୁର କପୁର ସୂଚନା ଦେଇଛନ୍ତି।

## ପାକିସ୍ତାନଠାରୁ ଭାରତ ନିକଟରେ ୧୦ଗୁଣା ସୁନା

ନୂଆଦିଲ୍ଲୀ,୮-୪



ସୁନା ପ୍ରତି ଭାରତୀୟଙ୍କ ଦୁର୍ବଳତା ସର୍ବଜନବିଦିତ। ଏହି କାରଣରୁ ଦେଶର ଗଚ୍ଛିତ ସୁନାର ପରିମାଣ ଏବେ ୬୦୭ ଟନ ରହିଛି,ଯାହାକି ପଡୋଶୀ ପାକିସ୍ତାନଠାରୁ ପ୍ରାୟ ୧୦ଗୁଣା ଅଧିକ। ସୁନା ବ୍ୟବହାରରେ ଭାରତ ବିଶ୍ୱର ଏକ ନମ୍ବର ସ୍ଥାନରେ ରହିଥିବା ବେଳେ ଗଚ୍ଛିତ ସୁନା କ୍ଷେତ୍ରରେ ଏହା ବିଶ୍ୱରେ ଏକାଦଶ ସ୍ଥାନରେ ରହିଛି ବୋଲି ୱାର୍ଲ୍ଡ ଗୋଲ୍ଡ କାଉନସିଲ କହିଛି। ପାକିସ୍ତାନ ନିକଟରେ ମାତ୍ର ୬୪.୬ ଟନ ସୁନା ରହିଥିବା ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ନିକଟ ଅତୀତରେ ଭାରତର ଅନ୍ୟତମ ପଡୋଶୀ ଦେଶ ଚାଇନା ସୁନା ପ୍ରତି ଆଗ୍ରହ ଦେଖାଇବା ଆରମ୍ଭ କରିଛି। ପିପୁଲ୍ସ ବ୍ୟାଙ୍କ ଅଫ୍ ଚାଇନା ମାର୍ଚ୍ଚ ସୁଦ୍ଧା ଗଚ୍ଛିତ ସୁନାର ପରିମାଣ ୬୦.୬୨ ମିଲିୟନ ଆଉନ୍ସ ବୃଦ୍ଧି କରିଛି। ଉକ୍ତ ରିପୋର୍ଟ ଅନୁଯାୟୀ ଚାଇନା ନିକଟରେ ଏବେ ୧୮୬୪.୩୦ ଟନ ସୁନା ରହିଛି। ରୁଷ୍ ପରେ ଚାଇନା ସୁନା କିଣିବାରେ ଦ୍ୱିତୀୟ ସ୍ଥାନରେ ରହିଛି। ୨୦୧୮ ସୁଦ୍ଧା ରୁଷ ୨୭୪ ଟନ ସୁନା କିଣିଥିଲା। ରୁଷ ୨୧୧୯.୨୦ ଟନ ସୁନା ସହ ୬ଷ୍ଠ ସ୍ଥାନରେ ରହିଛି। ତେବେ ଗଚ୍ଛିତ ସୁନା ରଖିବାରେ ଆମେରିକା ଶୀର୍ଷରେ(୮୧୩୩.୫୦ ଟନ) ରହିଥିବା ବେଳେ ଜର୍ମାନୀ ଦ୍ୱିତୀୟ(୩୩୬୯.୭୦ ଟନ), ଇଟାଲୀ ତୃତୀୟ(୨୪୫୧.୮୦ ଟନ), ଫ୍ରାନ୍ସ ଚତୁର୍ଥ(୨୪୩୬ ଟନ) ସ୍ଥାନରେ ରହିଛି। ସେହିପରି ଆଇଏମ୍ଏଫ ନିକଟରେ ୨୮୧୪ ଟନ, ସ୍ୱିଜରଲାଣ୍ଡ ଓ ଜାପାନ ନିକଟରେ ୧୦୪୦ ଟନ ଓ ୭୬୫.୨୦ ଟନ, ନେଦରଲାଣ୍ଡ ୬୧୨.୫୦ ଟନ ସୁନା ସହ ଭାରତ ଆଗରେ ରହିଛି।

## ଏସ୍‌ବିଆଇ ପକ୍ଷରୁ ବାଣିଜ୍ୟିକ ଯାନ ପ୍ରଦାନ

ଭୁବନେଶ୍ୱର,୮-୪



ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟ ପକ୍ଷରୁ ଘଟଗାଁ ତାରିଣୀଙ୍କ ପୀଠକୁ ଦୁଇଟି ଟାଟା ଏସ୍ ଟିପର ପ୍ରଦାନ କରାଯାଇଛି। ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ପ୍ରବୀଣା କାଲା ମନ୍ଦିର ଟ୍ରଷ୍ଟର ସଭାପତି ରାଜେନ୍ଦ୍ର କୁମାର ପଟ୍ଟନାୟକ, ନିର୍ବାହୀ ଅଧିକାରୀ ଆନନ୍ଦ ଚନ୍ଦ୍ର ସିଂହଙ୍କୁ ଯାନର ଚାବି ହସ୍ତାନ୍ତର କରିଥିଲେ। ଏହି ଯାନଗୁଡ଼ିକୁ ନଡିଆ ସଂଗ୍ରହ କାର୍ଯ୍ୟରେ ବ୍ୟବହାର କରାଯିବ। ବ୍ୟାଙ୍କର ମହାପ୍ରବନ୍ଧକ ଦେବୀ ଶଙ୍କର ମିଶ୍ର ଏବଂ ଗୌତମ ଭଟ୍ଟାଚାର୍ଯ୍ୟ,ଉପ ମହାପ୍ରବନ୍ଧକ ଏସ୍‌ଟି ଲାମା, କିଶନ ଶର୍ମା, ପ୍ରଫୁଲ୍ଲ କୁମାର ନାୟକ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।


**APPOINTMENT OF OBSERVERS TO MALKANGIRI DISTRICT**

Election Commission of India has appointed the General Observer & Expenditure Observer to Malkangiri District for Simultaneous General Election - 2019. All the general public & voters are intimated to contact the Observers in the following Mobile number for any complaints of suggestion with regards to the Simultaneous General Election - 2019 to conduct it in a free & fair manner.

1-Sri Ravikant Jain, IAS, General Observer - **7325944545**

2-Sri Shatish Kumar MC, Expenditure Observer - **8456027926**

**Sd./- District Election Officer & Collector, Malkangiri**

ODISHA INDIA'S BEST KEPT SECRET

**Department of Tourism**
**Government of Odisha**

**Paryatan Bhawan, Lewis Road, Bhubaneswar-751014, Phone: (0674) 2432177 / Fax: (0674)- 243887, https://dot.odishatourism.gov.in.**

**No. 3795** | **Date: 08.04.2019**

**T.Cord-II-ppp-04/19**

**No.01-R:-**

**CORRIGENDUM NOTICE**

**TO RFP NO 3067 DATED 07.03.2019 FOR SELECTION OF AGENCY FOR OPERATION & MANAGEMENT OF WAYSIDE AMENITIES CENTRE (WAC) OWNED BY DEPT. OF TOURISM, GOVERNMENT OF ODISHA IN VARIOUS LOCATIONS THROUGH PUBLIC PRIVATE PARTNERSHIP (PPP)**

1. Revised Schedule of the bid:

| Sl. | Information | Existing Schedule | Revised Schedule |
|---|---|---|---|
| i | Last date & time of bid submission | 17.04.2019, 15.00 hrs. | 04.05.2019, 14.00 hrs. |
| ii | Date & time for opening of Technical Bid | 17.04.2019, 16.00 hrs. | 04.05.2019, 15.00 hrs. |

2. Other terms and conditions of the document remain unchanged.

**Sd./- Joint Secretary to Govt. Tourism Department**

**37001/11/0002/1920**



" ନିକଟରେ କେତୋଟି ଟୁର୍ଣ୍ଣାମେଣ୍ଟରେ ମୋର ପ୍ରାରମ୍ଭିକ ବିପର୍ଯ୍ୟୟ ଘଟିଛି, ହେଲେ ମଙ୍ଗଳବାରଠାରୁ ଆରମ୍ଭ ହେବାକୁଥିବା ସିଙ୍ଗାପୁର ଓପନ୍‌ରେ ମୁଁ ଫର୍ମ ଫେରି ପାଇବି ବୋଲି ଆଶା ।

–ପି. ଭି. ସିନ୍ଧୁ, ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି



" ରାଜସ୍ଥାନ ରୟାଲ୍ସ ବିପକ୍ଷରେ ଅଲରାଉଣ୍ଡ ପ୍ରଦର୍ଶନ ସହ ୮ଉଇକେଟ ବିଜୟରେ ମୁଁ ଖୁସି, ହେଲେ ଆମକୁ କେତୋଟି କ୍ଷେତ୍ରରେ ଉନ୍ନତି ଆଣିବାକୁ ପଡ଼ିବ ।

–ଦୀନେଶ କାର୍ତ୍ତିକ, କୋଲକାତା ଅଧିନାୟକ

## ସଂକ୍ଷେପରେ

### ସିଦ୍ଧାର୍ଥ ଦାମୀ ଖେଳାଳି



**ମୁମ୍ବାଇ, ୮।୪:** ପ୍ରୋ କବାଡ଼ି ଲିଗ୍ (ପିକେଏଲ୍)ର ଆଗାମୀ ସଂସ୍କରଣ ଲାଗି ସୋମବାର ଖେଳାଳି ନିଲାମୀ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଦ୍ଧାର୍ଥ ଦେଶାଇ ୨୦୧୯ ସଂସ୍କରଣର ସବୁଠାରୁ ଦାମୀ ଖେଳାଳି ହେବାର ସୌଭାଗ୍ୟ ଲାଭ କରିଛନ୍ତି। ୨୭ ବର୍ଷୀୟ ସିଦ୍ଧାର୍ଥଙ୍କୁ ତେଲଗୁ ଟାଇଟନ୍ସ ୧.୪୫ କୋଟିରେ ନିଲାମୀରେ କ୍ରୟ କରିଥିଲା। ଏଥିସହ ପ୍ରୋ କବାଡ଼ି ଲିଗ୍ ଇତିହାସରେ ସିଦ୍ଧାର୍ଥ ୨ୟ ଦାମୀ ଖେଳାଳି ହେବାର ରେକର୍ଡ ହାସଲ କରିଛନ୍ତି। ଏହି ତାଲିକାରେ ମୋନୁ ଗୋୟତ ସର୍ବାଗ୍ରେ ରହିଛନ୍ତି। ଗତ ସଂସ୍କରଣରେ ହରିୟାଣା ଷ୍ଟିଲର୍ସ ତାଙ୍କୁ ଏକ କୋଟି ୫୧ ଲକ୍ଷରେ କ୍ରୟ କରିଥିଲା। ନିଲାମୀରେ ସିଦ୍ଧାର୍ଥଙ୍କ ମୂଳ ମୂଲ୍ୟ ୩୦ ଲକ୍ଷ ରହିଥିବାବେଳେ ଟାଇଟନ୍ସ ସିଧାସଳଖ ଏକ କୋଟି ଟଙ୍କା ଡାକି ଥିଲା। ଏହାପରେ ତାମିଲ ଥଲାଇଭାସ ମଧ ସିଦ୍ଧାର୍ଥଙ୍କୁ ନେବା ପାଇଁ ଦୌଡ଼କୁ ଆସିଥିଲା। ତେବେ ଶେଷରେ ଟାଇଟନ୍ସ ସିଦ୍ଧାର୍ଥଙ୍କୁ ନେବାରେ ସଫଳ ହୋଇଥିଲା। ପିକେଏଲ୍‌ର ଗତ ସଂସ୍କରଣରେ ସିଦ୍ଧାର୍ଥଙ୍କ ପ୍ରଭାବୀ ପ୍ରଦର୍ଶନ ଯୋଗୁ ଟାଇଟନ୍ସ ତାଙ୍କୁ ଦଳରେ ନେବା ପାଇଁ ଆଗ୍ରହ ପ୍ରକାଶ କରିଥିଲା। ଗତ ସିଜନରେ ସିଦ୍ଧାର୍ଥ ମୋଟ୍ ୨୧୮ ରାଇଡ୍ ପଏଣ୍ଟ ସ୍କୋର କରିଥିଲେ। ମ୍ୟାଚ୍ ପିଛା ହାର ୧୦.୩୮ ରହିଥିଲା।

### ଜୁଲାଇ ୧୯ରୁ ପିକେଏଲ୍-୭

**ମୁମ୍ବାଇ,୮।୪(ପି.ଟି.):** ପ୍ରୋ କବାଡି ଲିଗ୍ (ପିକେଏଲ୍)ର ୭ମ ସଂସ୍କରଣ ଆସନ୍ତା ଜୁଲାଇ ୧୯ରୁ ଅକ୍ଟୋବର ୯ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଗତ ସିଜନରେ ଦର୍ଶକଙ୍କ ସଂଖ୍ୟା ହ୍ରାସ ପାଇଥିବାରୁ ପିକେଏଲ୍ କମିଶନର ଅନୁପମ ଗୋସ୍ୱାମୀ ଲିଗ୍ ଆୟୋଜନର ତାରିଖରେ ପରିବର୍ତ୍ତନ କରିଛନ୍ତି। ୨୦୧୭ ସିଜନ ଅକ୍ଟୋବରରୁ ଆରମ୍ଭ ହୋଇଥିଲା। ପାରମ୍ପରିକ ଭାବେ ଏହି ଲିଗ୍ ଜୁଲାଇରୁ ଆୟୋଜନ ହୁଏ। ଏହାର ପରବର୍ତ୍ତୀ ସଂସ୍କରଣ ୨୦୨୦ ଜୁଲାଇରେ ଖେଳାଯିବ ବୋଲି ଗୋସ୍ୱାମୀ କହିଛନ୍ତି। ଆଗାମୀ ସିଜନ ଲାଗି ଖେଳାଳିଙ୍କ ନିଲାମ ପ୍ରକ୍ରିୟାରେ ସୋମବାର ୧୩ ଦେଶର ୪୪୧ ଖେଳାଳି ଅଂଶଗ୍ରହଣ କରିଥିଲେ। ଏଥିମଧ୍ୟରେ ୩୮୮ ଭାରତୀୟ ଓ ୫୩ ବିଦେଶୀ ଖେଳାଳି ରହିଛନ୍ତି। ପ୍ରତ୍ୟେକ ଫ୍ରାଞ୍ଚାଇଜକୁ ଖେଳାଳିଙ୍କୁ କିଣିବା ପାଇଁ ୪.୪ କୋଟି ଟଙ୍କା ଖର୍ଚ୍ଚ କରିପାରିବେ।

# ରାଜେଶ, ପ୍ରିୟଙ୍କା 'କ୍ରିକେଟର ଅଫ୍ ଦି ଇୟର'

ଭୁବନେଶ୍ୱର, ୮।୪(କ୍ରୀଡ଼ା ପ୍ରତିନିଧି)

ଉଦୀୟମାନ ଦ୍ରୁତ ବୋଲର ରାଜେଶ ମହାନ୍ତି ଏବଂ ତାରକା ସ୍ପିନର ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ ଯଥାକ୍ରମେ ପୁରୁଷ ଓ ମହିଳା କ୍ରିକେଟର ଅଫ ଦି ଇୟର ବିବେଚିତ ହୋଇଛନ୍ତି। ଏ ଦୁହେଁ ଗତ ସିଜନରେ ଚମତ୍କାର କରି ଓଡ଼ିଶା କ୍ରୀଡ଼ା ଜଗତର ସବୁଠାରୁ ପୁରୁଣା ସହିଦ ସ୍ପୋର୍ଟିଂ-ମାରୁତି ଇଷ୍ଟେଟ ଇଣ୍ଡିଆ ବାର୍ଷିକ କ୍ରୀଡ଼ା ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ୨୦୧୮-୧୯ ସିଜନରେ ଓଡ଼ିଶା ସିନିୟର ଦଳରେ କ୍ୟାରିୟର ଆରମ୍ଭ କରିଥିବା ପେସ୍ ବୋଲର ରାଜେଶ ୩ଟି ଯାକ ଫର୍ମାଟରେ ଭଲ ପ୍ରଦର୍ଶନ କରିଥିଲେ। ସେ ରଣଜୀ ଟ୍ରଫିରେ ୪୦ଟି ଉଇକେଟ ନେଇଥିଲେ। ଏହା ମଧ୍ୟରେ ୩ଟି ଇନିଂସରେ ୫ ଉଇକେଟ ସଫଳତା ପାଇଥିବାବେଳେ ଗୋଟିଏ ମ୍ୟାଚରେ ୧୦ ଉଇକେଟ ଲାଭ କରିଥିଲେ। ଗତ ସିଜନରେ ସେ ୧୯ ବର୍ଷରୁ କମ୍ ଭାରତୀୟ ଦଳର ସଦସ୍ୟ ଭାବେ ଏସିଆ କପ୍ ଚାମ୍ପିୟନ ହୋଇଥିଲେ। ଏମଆରଏଫ ଫାଉଣ୍ଡେଶନ ପାଇଁ ମନୋନୀତ ହେବା ମଧ ରାଜେଶଙ୍କ କ୍ୟାରିୟରର ଅନ୍ୟତମ ଶ୍ରେଷ୍ଠ ସଫଳତା ଥିଲା। ରାମେଶ୍ୱର କ୍ରିକେଟ କ୍ଲବରେ ଦୀପକ ମଙ୍ଗରାଜଙ୍କଠାରୁ ପ୍ରଶିକ୍ଷଣପ୍ରାପ୍ତ ରାଜେଶଙ୍କୁ ୨୭ତମ କ୍ରିକେଟର ଅଫ୍ ଦି ଇୟର ପୁରସ୍କାର ପ୍ରଦାନ କରାଯିବ। ଏହି ପୁରସ୍କାର ପାଇଁ ଆଲୋଚନା ଅବସରରେ ରାଜେଶଙ୍କ ସହିତ ବସନ୍ତ ମହାନ୍ତି, ଶୁଭ୍ରାଂଶୁ ସେନାପତି ଏବଂ ପପୁ ରାୟଙ୍କ ନାମ ବିଚାରକୁ ନିଆଯାଇଥିଲା। ୨୦୦୦ ମେ ୨୦ରେ ଜନ୍ମିତ ରାଜେଶଙ୍କ ମା' ମନୋରମା ମହାନ୍ତି ଓ ପିତାଙ୍କ ନାମ କିଶୋର ମହାନ୍ତି।



ରାଜେଶ ମହାନ୍ତି



ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ

ସେହିପରି ପ୍ରିୟଙ୍କା ଗତ ସିଜନରେ ମୋଟ ୩୫ଟି ଉଇକେଟ ନେଇ ନିଜ ଦକ୍ଷତାର ପରିଚୟ ଦେଇଥିଲେ। ଏକଦିବସୀୟ କ୍ରିକେଟରେ ଓଡ଼ିଶା ପକ୍ଷରୁ ୯ ମ୍ୟାଚରୁ ୧୮ଟି ଏବଂ ଟି୨୦ରେ ୧୭ଟି ଉଇକେଟ ହାସଲ କରିଥିଲେ। ତାଙ୍କର ଏହି ସଫଳତା ବଳରେ ଓଡ଼ିଶା ଅନେକ ମ୍ୟାଚରେ ସଫଳତା ପାଇଥିଲା। ଜାଗୃତି କ୍ରିକେଟ ଏକାଡେମୀ(ସ୍ପୋର୍ଟ୍ସ ଆଣ୍ଡ ଗେମ୍ସ ଅଗ୍ରାନାଇଜେଶନ)ରେ କ୍ଷୀରୋଦ ବେହେରାଙ୍କଠାରୁ ପ୍ରଶିକ୍ଷଣପ୍ରାପ୍ତ ପ୍ରିୟଙ୍କା ୬ଷ୍ଠ ଖେଳାଳିଭାବେ ମହିଳା କ୍ରିକେଟର ଅଫ ଦି ଇୟର ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ୧୯୯୨ ମେ ୩ରେ ଜନ୍ମିତ ପ୍ରିୟଙ୍କା ମା'ଙ୍କ ନାମ ଗୌରୀ ସାହୁ ଓ ପିତାଙ୍କ ନାମ କିଶୋର ଚନ୍ଦ୍ର ସାହୁ। କ୍ରୀଡ଼ା ଖବରଦାତା ସନାତନ ପାଣି, ସୁଶାନ୍ତ ମହାନ୍ତି, ସୁରେଶ ସ୍ୱାଇଁ, ସସ୍ମିତ ମହାପାତ୍ର, ସମୀକ୍ଷା ପଟ୍ଟନାୟକ, ସଞ୍ଜୀବ ବିଶ୍ୱାଳ, ତପନ ସ୍ୱାଇଁ, ନିରଞ୍ଜନ ରେଡ୍ଡୀ, ଉମାକାନ୍ତ ମିଶ୍ର, ସମୀର ରାଉତ, ପୁରସ୍କାରର ପ୍ରାୟୋଜକ ମାରୁତି ଇଷ୍ଟେଟ୍‌ର ପରିଚାଳନା ନିର୍ଦ୍ଦେଶକ ଜିତେନ୍ଦ୍ର ପ୍ରସାଦ ସିଂ ଏବଂ ସହିଦ ସ୍ପୋର୍ଟିଂ କ୍ଲବର ସମ୍ପାଦକ ପଙ୍କଜ ପଟ୍ଟନାୟକଙ୍କୁ ନେଇ ଗଠିତ ଚୟନ କମିଟି ୨୦୧୮-୧୯ ବର୍ଷ ପାଇଁ ଏହି ଦୁଇ ଖେଳାଳିଙ୍କୁ ମନୋନୀତ କରିଥିଲା। ମନୋନୀତ ୨ କ୍ରିକେଟରଙ୍କୁ ପୁରସ୍କାର ଆକାରରେ ୩୧,୦୦୦ଟଙ୍କାର ଚେକ୍, ପ୍ରଶସ୍ତି ପତ୍ର ଏବଂ ବ୍ଲେଜର ପ୍ରଦାନ କରାଯିବ। ଆସନ୍ତା ମେ ୧୯ରେ ଭୁବନେଶ୍ୱରରେ ଏକ ବିଶେଷ ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯିବ ବୋଲି ସହିଦ ସ୍ପୋର୍ଟିଂ କ୍ଲବ ସମ୍ପାଦକ ପଙ୍କଜ ପଟ୍ଟନାୟକ ପ୍ରକାଶ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ ରାଜ୍ୟରେ କ୍ରିକେଟ ଖେଳାଳିଙ୍କୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ୧୦୯୨-୯୩ ସିଜନରୁ ପୁରୁଷ କ୍ରିକେଟର ଅଫ ଦି ଇୟର ପୁରସ୍କାର ପ୍ରଦାନ କରାଯାଇ ଆସୁଛି। ସେହିପରି ୨୦୧୩-୧୪ରୁ ମହିଳା କ୍ରିକେଟର ଅଫ ଦି ଇୟର ପୁରସ୍କାର ପ୍ରଦାନ କରାଯାଇ ଆସୁଛି।

## ଉଦାହରଣ ସୃଷ୍ଟିକଲେ ସିଏସ୍‌କେ ପ୍ରଶଂସକ



**ଚେନ୍ନାଇ, ୮।୪:** ପ୍ରଶଂସକମାନେ ଯେକୌଣସି ସ୍ପୋର୍ଟିଂ ଫ୍ରାଞ୍ଚାଇଜକୁ ଆଗକୁ ନେଇପାରନ୍ତି। ଏହାକୁ ପ୍ରମାଣ କରି ଦେଖାଇଛନ୍ତି ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ପ୍ରଶଂସକମାନେ। ସିଏସ୍‌କେ ବ୍ୟାଟ୍ସମ୍ୟାନ ସୁରେଶ ରାଇନା ଗାର୍ସିଆ ରାଇନା ଫାଉଣ୍ଡେଶନ (ଜିଆର୍‌ଏଫ୍) ସହ ମିଶି ଦେଶର ବିଭିନ୍ନ ଷ୍ଟାଡିୟମରେ ସଫେଇ କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହାପରେ ସିଏସ୍‌କେ ଦଳର ଅଫିସିଆଲ ଫ୍ୟାନ୍ କ୍ଲବ ହ୍ୱିସଲ ପୋଡୁ ଆର୍ମି ସଭିଙ୍କ ଲାଗି ଉଦାହରଣ ସୃଷ୍ଟି କରିଛନ୍ତି। କିଙ୍ଗ୍ସ ଏକାଦଶ ପଞ୍ଜାବ ବିପକ୍ଷ ମ୍ୟାଚ୍ ପରେ ହ୍ୱିସ୍‌ଲ ପୋଡୁ ଆର୍ମି ଚେପକ ଷ୍ଟାଡିୟମ ଷ୍ଟାଣ୍ଡ ସଫେଇ କରିଥିଲେ। ଏଥିରୁ ପ୍ରାୟ ୧୦ କେଜି ଆବର୍ଜନା ବାହାରିଛି। ଆମକୁ ପ୍ରାୟ ୨୦ ଜଣ ପ୍ରଶଂସକ ସହାୟତା କରିଥିଲେ। ଏ ସମ୍ପର୍କରେ ଚିନ୍ନା ଥଲା ରାଇନା ଟୁଇଟ୍ କରିଥିବାରୁ ଆମେ ଆନନ୍ଦିତ ବୋଲି କ୍ଲବର ପ୍ରତିଷ୍ଠାତା ଶ୍ରୀ ରାମ କହିଛନ୍ତି।

# ନିଶ୍ଚିତ ବିଜୟ ଲକ୍ଷ୍ୟରେ ଭାରତ

ମଣ୍ଡାଲୀ (ମ୍ୟାନମାର), ୮।୪(ପି.ଟି.)

୨୦୨୦ ଟୋକିଓ ଅଲିମ୍ପିକ ଯୋଗ୍ୟତା ପର୍ଯ୍ୟାୟର ଏକ ମ୍ୟାଚ୍‌ରେ ଭାରତୀୟ ମହିଳା ଫୁଟ୍‌ବଲ ଦଳ ମଙ୍ଗଳବାର ଘରୋଇ ମ୍ୟାନମାରକୁ ଭେଟିବାକୁ ଯାଉଛି। ଅଲିମ୍ପିକ ଯୋଗ୍ୟତା ପର୍ଯ୍ୟାୟର ପରବର୍ତ୍ତୀ ରାଉଣ୍ଡକୁ ପ୍ରବେଶ କରିବାକୁ ହେଲେ ଭାରତ ଏହି ମ୍ୟାଚ୍‌ରେ ନିଶ୍ଚିତ ବିଜୟ ଆବଶ୍ୟକ କରୁଛି। ଅପରପକ୍ଷରେ ମ୍ୟାଚ୍ ଯଦି ଡ୍ର'

**ଅଲିମ୍ପିକ ଯୋଗ୍ୟତା ପର୍ଯ୍ୟାୟ**

ହୁଏ ତେବେ ଘରୋଇ ମ୍ୟାନମାର ଗୋଲ ବ୍ୟବଧାନରେ ସହଜରେ ପରବର୍ତ୍ତୀ ପର୍ଯ୍ୟାୟରେ ପହଞ୍ଚିବ। ଉଭୟ ଭାରତ ଓ ମ୍ୟାନମାର ବର୍ତ୍ତମାନ ୨ଟି ଲେଖାଏ ମ୍ୟାଚ୍ ଖେଳି ୬ ପଏଣ୍ଟ ହାସଲ କରି ସମାନସ୍ଥିତିରେ ରହିଛନ୍ତି। ତେବେ ଗୋଲ ବ୍ୟବଧାନକୁ ନଜର ପକାଇଲେ ଭାରତ ପ୍ରତିପକ୍ଷ ଟିମ୍‌କୁ ୪ଟି ଗୋଲ ଦେଇଥିବାବେଳେ ମ୍ୟାନମାର (+୮) ଏହି ସଂଖ୍ୟା ଦୃଷ୍ଟିରୁ ବେଶ୍ ଆଗରେ ରହିଛି। ଭାରତ ପ୍ରଥମ ମ୍ୟାଚ୍‌ରେ ଇଣ୍ଡୋନେସିଆକୁ ୨-୦ ଗୋଲରେ ଏବଂ ଏହାପରେ ନେପାଳକୁ ୩-୧ ଗୋଲରେ ପରାସ୍ତ କରିଥିଲା। ଏହି ମ୍ୟାଚ୍ ପୂର୍ବରୁ ଭାରତକୁ ଶକ୍ତ ଧକ୍କା ଲାଗିଛି। ପ୍ରଥମ ପସନ୍ଦର ଗୋଲକିପର ଆଦିତି ଚୌହାନ ଆହତ କାରଣରୁ ମ୍ୟାନମ୍ୟାର ବିପକ୍ଷ ମ୍ୟାଚ୍ ଖେଳିପାରିବେ ନାହିଁ ବୋଲି ସ୍ପଷ୍ଟ ହୋଇଛି। ଭାରତୀୟ ଦଳ ଏହି ମ୍ୟାଚ୍‌ରେ ମ୍ୟାନମାରକୁ ହରାଇବ ବୋଲି କୋଚ୍ ମେମୋଲ ରକି କହିଛନ୍ତି। ' ଗତ ୩ ମାସ ଏହି ଭାରତୀୟ ଦଳ ୧୪ଟି ମ୍ୟାଚ୍ ଖେଳିସାରିଛନ୍ତି। ପ୍ରତ୍ୟେକ ଖେଳାଳି ନିଜ ନିଜର ଦକ୍ଷତା ଦେଖାଇ ସାରିଛନ୍ତି। ତେଣୁ ମ୍ୟାନମାର ବିପକ୍ଷରେ ବିଜୟ ହାସଲ କରି ଇତିହାସ ରଚିବୁ' ବୋଲି ରକି ମ୍ୟାଚ୍ ପୂର୍ବରୁ କହିଛନ୍ତି।



ଭାରତୀୟ ମହିଳା ଫୁଟବଲ୍ ଦଳ।

## ନ୍ୟୁଜିଲାଣ୍ଡଠାରୁ ହାରିଲା ଭାରତ

**ବ୍ୟାଙ୍କକ୍ (ଥାଇଲାଣ୍ଡ), ୮।୪ (ପି.ଟି.):** ଜୁନିୟର ଡେଭିସ୍ କପ୍‌ରେ ଭାରତୀୟ ବାଳକମାନେ ସେମାନଙ୍କ ଉଦ୍‌ଘାଟନୀ ମୁକାବିଲାରେ ଗୋଟିଏ ହେଲେ ସେଟ୍ ଜିତିପାରି ନାହାନ୍ତି। ସୋମବାର ନ୍ୟୁଜିଲାଣ୍ଡ ବିପକ୍ଷ ଗ୍ରୁପ୍ ଡି' ମ୍ୟାଚଗୁଡ଼ିକରେ ୦-୩ରେ ପରାଜିତ ହୋଇଯାଇଛି। ପ୍ରଥମ ସିଙ୍ଗଲ୍ସ ମ୍ୟାଚ ୧ ଘଣ୍ଟା ୧୩ ମିନିଟ୍‌ରେ ଶେଷ ହୋଇଥିଲା। ଏଥିରେ ଉଦୀୟମାନ ଅଜୟ ମଲିକ ୪-୬, ୩-୬ରେ ଜୟ ଫ୍ରେଣ୍ଡଙ୍କଠାରୁ ହାରିଯାଇଛନ୍ତି। ଭାରତ ଦିବେଶ ଗେହଲଟଙ୍କ ପ୍ରଦର୍ଶନ ଜରିଆରେ ପ୍ରତ୍ୟାବର୍ତ୍ତନ କରିବା ଲାଗି ଆଶା କରିଥିଲା। ମାତ୍ର ସେ କୋର୍ବାନ କ୍ରୋଥରଙ୍କଠାରୁ ୦-୬, ୩-୬ରେ ପରାସ୍ତ ହୋଇ ଯାଇଥିଲେ। ପରେ ମଲିକ ଓ ସୁଶାନ୍ତ ଦାବାସ ୬-୭ (୨), ୧-୬ରେ ସେମାନଙ୍କ ଗୁରୁତ୍ୱହୀନ ଡବଲ୍ସ ମ୍ୟାଚ ହାରିଯାଇଥିଲେ। ଭାରତ ମଙ୍ଗଳବାର ଇଣ୍ଡୋନେସିଆକୁ ଭେଟିବ।

## ଦ୍ରାବିଡ୍‌ଙ୍କୁ ବାର୍ସିଲୋନାର ସ୍ୱତନ୍ତ୍ର ଉପହାର





ବାର୍ସିଲୋନାର ଏଫ୍‌ସି ଅଧିକାରୀଙ୍କଠାରୁ ଜର୍ସି ଗ୍ରହଣ କରୁଛନ୍ତି ରାହୁଲ ଦ୍ରାବିଡ୍।

**କାମ୍ପ ନୋ,୮।୪:** ପୂର୍ବତନ ଭାରତୀୟ ଅଧିନାୟକ ରାହୁଲ ଦ୍ରାବିଡ୍‌ଙ୍କୁ ବିଶ୍ୱର ଅନ୍ୟତମ ଲୋକପ୍ରିୟ ଫୁଟ୍‌ବଲ କ୍ଲବ ବାର୍ସିଲୋନା ଏଫ୍‌ସି ସ୍ୱତନ୍ତ୍ର ଉପହାର ପ୍ରଦାନ କରିଛି। ତାଙ୍କୁ କ୍ଲବ ସଭାପତି ଜୋସେଫ ମାରିଆ ବାର୍ଟମେଉ ସ୍ୱତନ୍ତ୍ର ଜର୍ସି ପ୍ରଦାନ କରିଛନ୍ତି। ପାରମ୍ପରିକ ବାର୍ସିଲୋନା ଜର୍ସିର ପଛ ଭାଗରେ ରାହୁଲ ଦ୍ରାବିଡଙ୍କ ନାମ ଲେଖା ରହିଛି। ସ୍ଥାନୀୟ କାମ୍ପ ନୋଠାରେ ଅନୁଷ୍ଠିତ ଆଟଲେଟିକୋ ମାଡ୍ରିଡ୍ ଓ ବାର୍ସିଲୋନା ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌କୁ ଉପଭୋଗ କରିବା ପାଇଁ ତାଙ୍କୁ ଆମନ୍ତ୍ରଣ ଦିଆଯାଇଥିଲା। କାମ୍ପ ନୋଠାରେ ୫ ଥର ବାଲୋନ ଡି'ଅର ସମ୍ମାନ ପାଇଥିବା ମେସିଙ୍କ ଖେଳକୁ ଉପଭୋଗ କରିବା ମୋ ପାଇଁ ସମ୍ମାନର ବିଷୟ। ଏଠାରେ ଫୁଟ୍‌ବଲ ମ୍ୟାଚ୍ ଦେଖିବା ମୋର ଇଚ୍ଛା ଥିଲା। ମେସି ଓ ସୁଆରେଜଙ୍କ ଭଳି ଖେଳାଳିଙ୍କୁ ଅତି ନିକଟରେ ଦେଖି ଭଲ ଅନୁଭବ କରୁଛନ୍ତି ବୋଲି ଦ୍ରାବିଡ୍ କହିଛନ୍ତି। ଉକ୍ତ ମ୍ୟାଚ୍‌ରେ ଚାମ୍ପିୟନ ଖେଳାଳି ଲିଓନେଲ ମେସି ଓ ଲୁଇସ ସୁଆରେଜଙ୍କ ଗୋଲ ବଳରେ ବାର୍ସିଲୋନା ୨-୦ ଗୋଲରେ ବିଜୟୀ ହୋଇଥିଲା।

# ବିଶ୍ୱକପ୍ ପାଇଁ ଦଳ ମନୋନୟନ ୧୫ରେ

**ନୂଆଦିଲ୍ଲୀ, ୮।୪ (ପି.ଟି.):** ସୋମବାର ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପରିଚାଳନା ଦାୟିତ୍ୱରେ ଥିବା ପ୍ରଶାସକ କମିଟି (ସିଓଏ)ର ଏକ ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଏପ୍ରିଲ ୧୫ରେ ମୁମ୍ବାଇରେ ଆଇସିସି ବିଶ୍ୱକପ୍ ପାଇଁ ଦଳ ମନୋନୟନ କରାଯିବ। ଚେନ୍ନାଇରେ ଆଇପିଏଲ ଫାଇନାଲ ଆୟୋଜନ ପାଇଁ ଆବଶ୍ୟକ କ୍ଲିୟରାନ୍ସ ଏକ ସପ୍ତାହ ମଧ୍ୟରେ ହାସଲ କରିବାକୁ ତାମିଲନାଡୁ କ୍ରିକେଟ ଆସୋସିଏଶନ (ଟିଏନସିଏ)କୁ କୁହାଯାଇଛି। ପ୍ରଶାସକ କମିଟିର ଏହି ବୈଠକରେ ବିସିସିଆଇର ୩ଜଣ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏଥିରେ ଆଇପିଏଲ ଏବଂ କ୍ରିକେଟ ପରିଚାଳନା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା ହୋଇଥିଲା। ବିଶ୍ୱକପ୍ ମେ' ୩୦ରୁ ୟୁନାଇଟେଡ୍ କିଙ୍ଗଡମ୍ (ୟୁକେ)ରେ ହେବ। ଭାରତୀୟ ଦଳ ଘୋଷଣା ଲାଗି ଅନ୍ତିମ ତାରିଖ ଏପ୍ରିଲ ୨୩ ରଖାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ବିସିସିଆଇ ୮ ଦିନ ଆଗୁଆ ଦଳ ଘୋଷଣା ସ୍ଥିର କରିଥିଲା। ସୋମବାର ତାରିଖ ବିଧିବଦ୍ଧ ଘୋଷଣା କରାଯାଇଥିଲା। ଗୋଟିଏ ଅବା ଦୁଇଟି ସ୍ଥାନକୁ ଛାଡ଼ିଦେଲେ ବିଶ୍ୱକପ୍ ଦଳରେ କେଉଁମାନେ ସ୍ଥାନ ପାଇବେ ତାହା ଆପାତତଃ ସ୍ଥିର ହୋଇ ସାରିଛି।

ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ)ଦଳର ଘରୋଇ ଗ୍ରାଉଣ୍ଡର ୩ଟି ଷ୍ଟାଣ୍ଡ ଦର୍ଶକଙ୍କ ଲାଗି ଉପଲବ୍ଧ ନ ଥିବାରୁ ଚଳିତ ଆଇପିଏଲ୍‌ର ଫାଇନାଲ ମ୍ୟାଚ୍ ପାଇଁ ହାଇଦ୍ରାବାଦର ରାଜୀବ ଗାନ୍ଧୀ ଷ୍ଟାଡିୟମ୍‌କୁ ଷ୍ଟାଣ୍ଡବାଇ ଭେନ୍ୟୁ ଭାବେ ରଖାଯାଇଛି। ତାମିଲନାଡୁ କ୍ରିକେଟ ଆସୋସିଏଶନ (ଟିଏନ୍‌ସିଏ) ଚେପକ ଷ୍ଟାଡିୟମ୍‌ର 'ଆଇ', 'ଜେ', 'କେ' ଷ୍ଟାଣ୍ଡକୁ ପ୍ରସ୍ତୁତ କରିସାରିଛି। ହେଲେ ମ୍ୟୁନିସିପାଲ କର୍ପୋରେଶନଠାରୁ ଷ୍ଟାଣ୍ଡ ସମ୍ପୂର୍ଣ୍ଣ ଫିଟ୍ ପ୍ରମାଣପତ୍ର ଆଣିପାରି

**ସ୍ଥାନାନ୍ତର ହୋଇପାରେ ଆଇପିଏଲ ଫାଇନାଲ**

ନାହିଁ। ବିସିସିଆଇର ଜଣେ କର୍ମକର୍ତ୍ତାଙ୍କ ସୂଚନା ଅନୁସାରେ ସିଏସ୍‌କେର ହୋମ୍ ଗ୍ରାଉଣ୍ଡରେ ଖେଳିବା ଅଧିକାର ଛଡ଼ାଇ ନିଆଯାଉ ନାହିଁ, କିନ୍ତୁ ୩ ଷ୍ଟାଣ୍ଡ୍ ଖାଲି ପଡ଼ିବା ଆମ ପାଇଁ ଚିନ୍ତାର ବିଷୟ। କାରଣ ଏହି ତିନୋଟି ଷ୍ଟାଣ୍ଡରେ ୧୨,୦୦୦ ଦର୍ଶକଙ୍କ ବ୍ୟବସ୍ଥା ରହିଛି। ଟିଭିରେ ମ୍ୟାଚ ପ୍ରସାରଣ ବେଳେ ଏହି ତିନୋଟି ଷ୍ଟାଣ୍ଡ ଖାଲି ପଡ଼ିଥିବା ଦୃଶ୍ୟକୁ ଲୋକେ ପସନ୍ଦ କରିବେ ନାହିଁ। ଏ ସମ୍ପର୍କରେ ଟିଏନ୍‌ସିଏ ସହ ଆମେ ଆଲୋଚନା କରୁଛୁ। ହାଇଦ୍ରାବାଦ ଓ ବାଙ୍ଗାଲୋରକୁ ଦୁଇଟି ପ୍ଲେ-ଅଫ୍ ମ୍ୟାଚ୍, ଏଲିମିନେଟର ଓ ଫାଇନାଲ ପାଇଁ ଷ୍ଟାଣ୍ଡବାଇ ଭେନ୍ୟୁ ଭାବେ ଚୟନ କରାଯାଇଛି।

## ■ ସୁପର କପ୍ ଫୁଟବଲ, ଆଜି ପ୍ରଥମ ସେମିଫାଇନାଲ

# ଚେନ୍ନାଇ ସିଟି ବନାମ ଗୋଆ

ଭୁବନେଶ୍ୱର, ୮।୪(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସୁପର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ ପର୍ଯ୍ୟାୟ ମଙ୍ଗଳବାର ଆରମ୍ଭ ହେବ। ପ୍ରଥମ ସେମିଫାଇନାଲରେ ଆଇ-ଲିଗ୍ ଚାମ୍ପିୟନ ଚେନ୍ନାଇ ସିଟି ଓ ଇଣ୍ଡିଆନ ସୁପରଲିଗ୍ ରନର୍ସଅପ୍ ଏଫସି ଗୋଆ ମଧ୍ୟରେ ମୁକାବିଲା ହେବ। ବୁଧବାର ଦ୍ୱିତୀୟ ସେମିଫାଇନାଲରେ ପରସ୍ପରର ସମ୍ମୁଖୀନ ହେବେ ଚେନ୍ନାଇନ୍ ଏଫସି ଓ ଆଟଲେଟିକୋ ଡି କୋଲକାତା(ଏଟିକେ)। ଚେନ୍ନାଇ ସିଟି ପ୍ରି-କ୍ୱାର୍ଟର ଫାଇନାଲରେ ୪-୨ ଗୋଲରେ ପୁଣେ ସିଟିକୁ ହରାଇଥିବାବେଳେ କ୍ୱାର୍ଟର ଫାଇନାଲରେ ଆଇଏସଏଲ ଚାମ୍ପିୟନ ବେଙ୍ଗାଲୁରୁ ଏଫସିକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ସେହିପରି ଏଫସି ଗୋଆ ପ୍ରି-କ୍ୱାର୍ଟରରେ ଇଣ୍ଡିଆନ ଆରୋଜକୁ ୩-୦ ଗୋଲରେ ହରାଇବାପରେ ତୀବ୍ର ସଂଘର୍ଷପୂର୍ଣ୍ଣ କ୍ୱାର୍ଟର ଫାଇନାଲରେ ଜାମସେଦପୁର ଏଫସିକୁ ୪-୩ ଗୋଲରେ ହରାଇ ଏଠାରେ ପହଞ୍ଚିଛି। ତେଣୁ ଚେନ୍ନାଇ ସିଟି-ଏଫସି ଗୋଆ ମ୍ୟାଚ ବେଶ୍ ସଂଘର୍ଷପୂର୍ଣ୍ଣ ହେବା ଆଶା କରାଯାଉଛି। ମ୍ୟାଚଟି କଳିଙ୍ଗ ଷ୍ଟାଡିୟମରେ ରାତି ୮ଟା ୩୦ରେ ଆରମ୍ଭ ହେବ।

ପୂର୍ବ ମ୍ୟାଚଗୁଡ଼ିକ ଭଳି ଆଗାମୀ ମ୍ୟାଚରେ ମଧ ଚେନ୍ନାଇ ସିଟିର ପେଡ୍ରୋ ମାନ୍‌ଜି, ନେଷ୍ଟର ଏବଂ ସାଣ୍ଡ୍ରୋ ନଜରରେ ରହିବେ। ବେଙ୍ଗାଲୁରୁ ଏଫସି ବିପକ୍ଷ କ୍ୱାର୍ଟର ଫାଇନାଲରେ ଗୋଲକିପର ମୌରୋ ବୋର୍କିଓ ହିରୋ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ତେଣୁ ଆକବର ନଓ୍ୱାସଙ୍କ ପ୍ରଶିକ୍ଷଣପ୍ରାପ୍ତ ଚେନ୍ନାଇ ସିଟି ସବୁ ବିଭାଗରେ ଶକ୍ତିଶାଳୀ ପ୍ରତୀୟମାନ ହୋଇଛି। ଇଟାଲିଆନ ଗୋଲକିପର ବୋର୍କିଓ ବେଙ୍ଗାଲୁରୁ ବିପକ୍ଷରେ ଚମତ୍କାର ଗୋଲକିପିଂ କରି ଦଳକୁ ବିଜୟୀ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ପ୍ରତିପକ୍ଷ ଗୋଆ ଆକ୍ରମଣାତ୍ମକ ପ୍ରଦର୍ଶନ ପାଇଁ ବେଶ୍ ପରିଚିତ। ତେଣୁ ଏ କ୍ଷେତ୍ରରେ ଚେନ୍ନାଇ ପାଇଁ ମୌରୋଙ୍କ ଭୂମିକା ପୁଣି ଗୁରୁତ୍ୱପୂର୍ଣ୍ଣ ରହିବ। ଦକ୍ଷ ବିଦେଶୀ ଖେଳାଳିଙ୍କ ବ୍ୟତୀତ ଚେନ୍ନାଇ ଦଳରେ ଗୌରବ ବୋରା, ଏଡଓ୍ୱିନ ଭାନ୍ସପଲ, ତରିଫ ଅଖନ୍ଦ ଏବଂ ରିଗିନ ଏମ୍.ଙ୍କ ପରି ଦକ୍ଷ ଭାରତୀୟ ଖେଳାଳି ରହିଛନ୍ତି, ଯେଉଁମାନେକି ଗତ ସିଜନରେ ପ୍ରଭାବୀ ପ୍ରଦର୍ଶନ କରିବାରେ ସକ୍ଷମ ହୋଇଥିଲେ।

ଏଫସି ଗୋଆ ଆଗାମୀ ମ୍ୟାଚକୁ ତାରକା ଖେଳାଳି ଇଡୁ ବେଡିଆଙ୍କ ବିନା ଖେଳିବ। ଗତ ଜାମସେଦପୁର ଏଫସି ବିପକ୍ଷ ମ୍ୟାଚରେ ଡବଲ୍ କାର୍ଡ ପାଇଥିବାରୁ ଏହି ସ୍ପାନିଶ ଖେଳାଳି ପରବର୍ତ୍ତୀ ମ୍ୟାଚରେ ଖେଳି ପାରିବେ ନାହିଁ। କୋଚ୍ ସର୍ଗିଓ ଲୋବେରାଙ୍କ ରଣନୀତିରେ ବେଡିଆ ଗତ ସିଜନ ସାରା ଗୁରୁତ୍ୱପୂର୍ଣ୍ଣ ଅଂଶବିଶେଷ ପ୍ରତୀୟମାନ ହୋଇଛନ୍ତି। ସେ ଆଇଏସଏଲରେ ୭ଟି ଗୋଲ ଦେଇଥିବାବେଳେ ଚଳିତ ସୁପର କପ୍‌ରେ ୨ ଥର ପ୍ରତିପକ୍ଷ ନେଟ୍ ସ୍ପର୍ଶ କରିବାରେ ସକ୍ଷମ ହୋଇଛନ୍ତି। ତେଣୁ ତାଙ୍କ ଅନୁପସ୍ଥିତି ଦଳପାଇଁ ବଡ଼ କ୍ଷତି ସଦୃଶ। ତେବେ ଗୋଆ ଦଳରେ ପର୍ଯ୍ୟାପ୍ତ ବିକଳ୍ପ ଖେଳାଳି ମହଜୁଦ ଥିବାରୁ କୋଚ୍ ଲୋବେରା ତାଙ୍କ ସ୍ଥାନରେ ଅନ୍ୟ ଶ୍ରେଷ୍ଠ ଖେଳାଳିଙ୍କୁ ନେଇ ପଡ଼ିଆକୁ ଓହ୍ଲାଇବା ନିଶ୍ଚିତ ହୋଇଛି। ମରକ୍କୋର ଅହମଦ ଜାହୋଉ ଯଦି ଫିଟ୍ ସାବ୍ୟସ୍ତ ହୁଅନ୍ତି ତେବେ ତାଙ୍କୁ ଦଳରେ ସାମିଲ କରିବେ। ୩୦ ବର୍ଷୀୟ ଜାହୋଉ ୨୦୧୮-୧୯ ଆଇଏସଏଲ ସିଜନରେ ଅନ୍ୟତମ ଶ୍ରେଷ୍ଠ ମିଡ୍‌ଫିଲ୍ଡର ବିବେଚିତ ହୋଇଥିଲେ। ଜାମସେଦପୁର ଏଫସି ବିପକ୍ଷ କ୍ୱାର୍ଟର ଫାଇନାଲର ଦ୍ୱିତୀୟାର୍ଦ୍ଧରେ ଦଳର ରକ୍ଷଣଭାଗ ଚାପରେ ଖେଳିଥିଲା। ଏହା ଲୋବେରାଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଦ୍ୱିତୀୟାର୍ଦ୍ଧରେ ଦଳ ଆଶାନୁରୂପ ଖେଳି ନ ପାରିବାରୁ ୩ଟି ଗୋଲ ବରଣ କରିଥିଲା। ପ୍ରତିପକ୍ଷ ଦଳର ୩ ଅଗ୍ରଭାଗ ଖେଳାଳି ମାନ୍‌ଜି, ନେଷ୍ଟର ଓ ସାଣ୍ଡ୍ରୋ ଦୃଢ଼ ଥିବାରୁ ଫାଇନାଲରେ ପ୍ରବେଶ କରିବାକୁ ହେଲେ ଏଫସି ଗୋଆକୁ ରକ୍ଷଣଭାଗ ମଜଭୁତ କରିବାକୁ ହେବ। ଗୋଆ ଅଗ୍ରଭାଗର ୩ ଖେଳାଳି ଫେରାନ କୋରୋମିନାସ, ଜ୍ୟାକିଚାନ୍ଦ ସିଂ ଓ ବ୍ରେଣ୍ଡନ ଫର୍ଣାଣ୍ଡିଜ୍ ସିଜନ ସାରା ପ୍ରଭାବୀ ପ୍ରଦର୍ଶନ କରି ଆସିଛନ୍ତି। ଚେନ୍ନାଇ ସିଟି ରକ୍ଷଣଭାଗରେ ସାମାନ୍ୟ ତ୍ରୁଟି ପାଇଲେ ଏହି ତିନି ଖେଳାଳିଙ୍କୁ ରୋକିବା ଅସମ୍ଭବ ହୋଇପଡ଼ିବ। ତେଣୁ ଆଗାମୀ ମ୍ୟାଚ ବେଶ୍ ରୋମାଞ୍ଚକ ହେବା ଆଶା।





ଚେନ୍ନାଇ ସିଟି ଓ ଏଫ୍‌ସି ଗୋଆର କୋଚ୍ ଓ ଖେଳାଳି।

"ଚଳିତ ଆଇପିଏଲରେ ଆମେ ଖେଳିଥିବା ୫ ମ୍ୟାଚରୁ ୪ଟିରେ ପରାଜିତ ହୋଇଥିଲେ ମଧ୍ୟ ଆମେ ଆଶଙ୍କାରେ ନାହୁଁ, ପ୍ରତିଯୋଗିତା ଆରମ୍ଭ ହୋଇଛି ମାତ୍ର ।
–ଅଜିଙ୍କ୍ୟ ରାହାନେ, ରାଜସ୍ଥାନ ରୟାଲ୍ସ ଅଧିନାୟକ



"ମୋ ପ୍ରଥମ ଆଇପିଏଲରେ ଭାରତୀୟ କଣ୍ଡିଶନରେ ଦର୍ଶକଭରା ଷ୍ଟାଡିୟମ ସହିତ ବିଭିନ୍ନ ଅନ୍ତର୍ଜାତୀୟ ଖେଳାଳିଙ୍କ ବିପକ୍ଷରେ ଖେଳିବାର ଭିନ୍ନ ଅଭିଜ୍ଞତା ହାସଲ କରିଛି ।
–ସାମ୍ କୁରାନ, ଇଂଲଣ୍ଡ କ୍ରିକେଟ ଅଲରାଉଣ୍ଡର



## ଆଜିର ମ୍ୟାଚ

ଚେନ୍ନାଇ ସୁପର କିଙ୍ଗ୍ସ
ବନାମ
କୋଲକାତା ନାଇଟ୍ ରାଇଡର୍ସ



ପ୍ରସାରଣ
ସ୍ଥାନ : ଚେନ୍ନାଇ
ସମୟ : ରାତି ୮ଟା
ଷ୍ଟାର ସ୍ପୋର୍ଟ୍ସ

# ପଞ୍ଜାବର ଚତୁର୍ଥ ବିଜୟ

ମୋହାଲି, ୮।୪

ଲୋକେଶ ରାହୁଲ ଓ ମୟଙ୍କ ଅଗ୍ରୱାଲଙ୍କ ଅର୍ଦ୍ଧଶତକ ସହାୟତାରେ କିଙ୍ଗ୍ସ ଇଲେଭେନ ପଞ୍ଜାବ ସୋମବାର ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ଏକ ରୋମାଞ୍ଚକ ମ୍ୟାଚରେ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ୬ ଉଇକେଟରେ ପରାସ୍ତ କରିଛି। ହାଇଦ୍ରାବାଦ ପକ୍ଷରୁ ଧାର୍ଯ୍ୟ ୧୫୧ ରନ ବିଜୟ ଲକ୍ଷ୍ୟକୁ ପଞ୍ଜାବ ୧୯.୫ ଓଭରରେ ୪ ଉଇକେଟ ହରାଇ ହାସଲ କରିଥିଲା। ୬ ମ୍ୟାଚରୁ ଏହାଥିଲା ପଞ୍ଜାବର ୪ର୍ଥ ବିଜୟ।

ଅନ୍ତିମ ଓଭରରେ ବିଜୟ ପାଇଁ ପଞ୍ଜାବକୁ ୧୧ ରନ ଆବଶ୍ୟକ ହେଉଥିଲା। ପ୍ରଥମ ୩ ବଲ୍‌ରୁ ମାତ୍ର ୫ ରନ ସଂଗ୍ରହ ହୋଇଥିବାବେଳେ ୪ର୍ଥ ବଲ୍‌କୁ ଚୌକାରେ ପରିଣତ କରି ଉତ୍କଣ୍ଠାର ଅବସାନ ଘଟାଇଥିଲେ ରାହୁଲ। ସେ ୫୩ ବଲ୍‌ରୁ ୭ ଚୌକା ଓ ୧ ଛକା ସହାୟତାରେ ୭୧ ରନରେ ଅପରାଜିତ ରହିଥିଲେ। ବିସ୍ଫୋରକ ଓପନର କ୍ରିସ୍ ଗେଲ୍ ୧୪ ବଲ୍‌ରୁ ଗୋଟିଏ ଲେଖାଏ ଚୌକା ଓ ଛକା ସହାୟତାରେ ୧୬ ରନ କରି ଆଉଟ ହୋଇଥିଲେ ହେଁ ରାହୁଲ ଓ ମୟଙ୍କ ଦ୍ୱିତୀୟ ଉଇକେଟ ଭାଗୀଦାରିରେ ୧୧୪ ରନ ସଂଗ୍ରହ କରି ଦଳର ବିଜୟ ପଥ ପରିଷ୍କାର କରିଥିଲେ। ମାତ୍ର ମୟଙ୍କ ୪୩ ବଲ୍‌ରୁ ୫୫(୩ ଚୌକା, ୩ ଛକା) ରନ କରି ଆଉଟ ହେବାପରେ ପଞ୍ଜାବ ଇନିଂସ ହଡ଼ବଡ଼େଇ ଯାଇଥିଲା। ଡେଭିଡ ମିଲର ୧ ଓ ମନଦୀପ ସିଂ ୨ ରନ କରି ଆଉଟ ହେବାରୁ ପଞ୍ଜାବ ପାଇଁ ଆଶଙ୍କା ବଢ଼ିଥିଲା। ମାତ୍ର ସାମ୍ କୁରାନ ଓ ରାହୁଲ ଧୈର୍ଯ୍ୟ ନ ହରାଇ ଦଳକୁ ବିଜୟୀ କରାଇଥିଲେ। ହାଇଦ୍ରାବାଦ ପକ୍ଷରୁ ସନ୍ଦୀପ ଶର୍ମା ୨ଟି ଏବଂ ରଶିଦ ଖାଁ ଓ ସିଦ୍ଧାର୍ଥ କାଉଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଟସ୍ ଜିତି କିଙ୍ଗ୍ସ ଇଲେଭେନ ପଞ୍ଜାବ ଦଳର ଅଧିନାୟକ ରବିଚନ୍ଦ୍ରନ ଅଶ୍ୱିନ ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ମାତ୍ର ୭ ରନରେ ଜନି ବେୟାରଷ୍ଟୋଙ୍କ ଉଇକେଟ ହରାଇ ସନ୍‌ରାଇଜର୍ସ ପ୍ରାରମ୍ଭିକ ଝଟ୍‌କା ଖାଇଥିଲେ ହେଁ ଡେଭିଡ ୱାର୍ନର ଓ ବିଜୟ ଶଙ୍କର ସତର୍କତାର ସହିତ ବ୍ୟାଟିଂ କରି ସମ୍ମାନଜନକ ସ୍କୋର ପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲେ। ଦ୍ୱିତୀୟ ଉଇକେଟ ଯୋଡ଼ିରେ ୪୯ ରନ ଯୋଗ ହେବାପରେ ବିଜୟ ଶଙ୍କର ୨୬(୨୭ ବଲ, ୨ ଚୌକା) ରନ କରି ପ୍ୟାଭିଲିୟନ ଫେରିଥିଲେ। ଭଲ ଆରମ୍ଭ କରିଥିବା ମହମ୍ମଦ ନବି ୧୨ ରନ କରି ଦୁର୍ଭାଗ୍ୟଜନକ ଭାବେ ରନଆଉଟ ହୋଇ ଯାଇଥିବାବେଳେ ମନୀଷ ପାଣ୍ଡେ ୧୯(୧୫ ବଲ, ୨ ଚୌକା) ରନ କରିବାକୁ ସକ୍ଷମ ହୋଇଥିଲେ। ବିସ୍ଫୋରକ ବ୍ୟାଟିଂ ପାଇଁ ବିଶେଷ ପରିଚିତ ୱାର୍ନର କିନ୍ତୁ ଏଠାରେ ଖେଳିଥିଲେ ଭିନ୍ନ ଇନିଂସ। ପରିସ୍ଥିତିକୁ ଦୃଷ୍ଟିରେ ରଖି ସେ ୬୨ଟି ବଲ୍ ଖେଳି ୭୦ ରନରେ ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଏହି ଇନିଂସ ମଧ୍ୟରେ ସେ ୬ ଚୌକା ଓ ୧ ଛକା ମାରିଥିଲେ। ଇନିଂସର ଶେଷ ୩ଟି ବଲ୍ ଖେଳିବାକୁ ସୁଯୋଗ ପାଇଥିବା ଦୀପକ ହୁଡା ୨ଟି ଚୌକା ଓ ୧ ଛକା ସହାୟତାରେ ୧୪ ରନ କରିବାରୁ ସନ୍‌ରାଇଜର୍ସ ସ୍କୋର ୧୫୦ ସ୍ପର୍ଶ କରିଥିଲା। ପଞ୍ଜାବ ପକ୍ଷରୁ ମୁଜିବ ଉର ରହମନ, ମହମ୍ମଦ ସାମି ଓ ଅଶ୍ୱିନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ମୟଙ୍କ ଅଗ୍ରୱାଲଙ୍କ ସହ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଲୋକେଶ ରାହୁଲ।

## ଆଇପିଏଲ୍ ସ୍କୋର ବୋର୍ଡ

**ସନରାଇଜର୍ସ ହାଇଦ୍ରାବାଦ**
ୱାର୍ନର–ନଟ୍ ଆଉଟ୍–୭୦
ବେୟାରଷ୍ଟୋ–କ–ଅଶ୍ୱିନ–ବୋ–ମୁଜିବ–୧
ଶଙ୍କର–କ–ରାହୁଲ–ବୋ–ଅଶ୍ୱିନ–୨୬
ନବି–ରନଆଉଟ (ଅଶ୍ୱିନ)–୧୨
ମନୀଷ–କ–ନାୟାର (ବଦଳ ଖେଳାଳି)–ବୋ–ଶାମି–୧୯
ହୁଡା–ନଟ୍ ଆଉଟ୍–୧୪
ଅତିରିକ୍ତ–୮
ମୋଟ: (୨୦ ଓଭର, ୪ଉଇକେଟ) ୧୫୦।
ଉଇକେଟପତନ: ୧/୭, ୨/୫୬, ୩/୮୦, ୪/୧୩୫।
**ବୋଲିଂ (କିଙ୍ଗ୍ସ ଇଲେଭେନ ପଞ୍ଜାବ)**
ଅଙ୍କିତ ରାଜପୁତ ୪–୦–୨୧–୦
ମୁଜିବୁର୍ ରହମନ ୪–୦–୩୪–୧
ମହମ୍ମଦ ସାମି ୪–୦–୩୦–୧
ରବିଚନ୍ଦ୍ରନ ଅଶ୍ୱିନ ୪–୦–୩୦–୧
ସାମ୍ କୁରାନ ୪–୦–୩୦–୦।

**କିଙ୍ଗ୍ସ ଇଲେଭେନ ପଞ୍ଜାବ**
ରାହୁଲ– ନଟ୍ ଆଉଟ–୭୧
ଗେଲ୍–କ–ହୁଡା–ବୋ–ରଶିଦ୍–୧୬
ମୟଙ୍କ–କ–ଶଙ୍କର–ବୋ–ସନ୍ଦୀପ–୫୫
ମିଲର–କ–ହୁଡା–ବୋ–ସନ୍ଦୀପ–୧
ମନଦୀପ–କ–ହୁଡା–ବୋ–କାଉଲ–୨
କୁରାନ–ନଟ୍ ଆଉଟ୍–୫
ଅତିରିକ୍ତ–୧
ମୋଟ: (୧୯.୫ ଓଭର,୪ ଉଇକେଟ) ୧୫୧।
ଉଇକେଟପତନ:୧/୧୮, ୨/୧୩୨,୩/୧୩୫, ୪/୧୪୦।
**ବୋଲିଂ (ସନରାଇଜର୍ସ ହାଇଦ୍ରାବାଦ)**
ଭୁବନେଶ୍ୱର କୁମାର ୪–୦–୨୫–୦
ସନ୍ଦୀପ ଶର୍ମା ୪–୦–୨୧–୨
ରଶିଦ ଖାଁ ୪–୦–୨୦–୧
ମହମ୍ମଦ ନବି ୩.୫–୦–୪୨–୦
ସିଦ୍ଧାର୍ଥ କାଉଲ୪–୦–୪୨–୧।

## ପଏଣ୍ଟ ଟେବୁଲ

| ଟିମ୍ | ଖେଳିଛି | ଜିତିଛି | ହାରିଛି | ପଏଣ୍ଟ | ରନହାର |
|---|---|---|---|---|---|
| ନାଇଟ ରାଇଡର୍ସ | ୫ | ୪ | ୧ | ୮ | ୧.୦୫୮ |
| ସୁପର କିଙ୍ଗ୍ସ | ୫ | ୪ | ୧ | ୮ | ୦.୧୫୯ |
| କିଙ୍ଗ୍ସ ଇଲେଭେନ | ୬ | ୪ | ୨ | ୮ | –୦.୦୬୧ |
| ସନ୍‌ରାଇଜର୍ସ | ୬ | ୩ | ୬ | ୬ | ୦.୮୧୦ |
| ମୁମ୍ବାଇ ଇଣ୍ଡିଆନ୍ସ | ୫ | ୩ | ୨ | ୬ | ୦.୩୪୨ |
| ଦିଲ୍ଲୀ କ୍ୟାପିଟାଲ୍ସ | ୬ | ୩ | ୩ | ୬ | ୦.୧୩୧ |
| ରାଜସ୍ଥାନ ରୟାଲ୍ସ | ୫ | ୧ | ୪ | ୨ | –୦.୮୪୮ |
| ରୟାଲ ଚ୍ୟାଲେଞ୍ଜର୍ସ | ୬ | ୦ | ୬ | ୦ | –୧.୪୫୩ |

## ଅମ୍ବୁଡ୍‌ସମ୍ୟାନଙ୍କୁ ସଫେଇ ଦେଲେ ଗାଙ୍ଗୁଲି

**ନୂଆଦିଲ୍ଲୀ, ୮।୪ (ପି.ଟି.):** ବେଙ୍ଗଲ କ୍ରିକେଟ ଆସୋସିଏଶନ (ସିଏବି) ସଭାପତି ତଥା ଦିଲ୍ଲୀ କ୍ୟାପିଟାଲ୍ସ ଦଳର ପରାମର୍ଶଦାତା ସୌରଭ ଗାଙ୍ଗୁଲି ବିସିସିଆଇ ଅମ୍ବୁଡ୍‌ସମ୍ୟାନ ତଥା ଏଥିକ୍ସ ଅଫିସର ଡି.କେ. ଜୈନ କରିଥିବା ପ୍ରଶ୍ନର ଜବାବ ରଖିଛନ୍ତି। ଗାଙ୍ଗୁଲିଙ୍କ ଦୈତ୍ୟ ଭୂମିକା ଯୋଗୁ ସ୍ୱାର୍ଥଗତ ଦ୍ୱନ୍ଦ୍ୱ ପରିସ୍ଥିତି ସୃଷ୍ଟି ହୋଇଥିବା ତିନିଜଣ କ୍ରିକେଟପ୍ରେମୀ ପ୍ରଶ୍ନ ଉଠାଇଥିଲେ। ସିଏବି ସଭାପତି ଏପ୍ରିଲ ୬ରେ ଏକ ଚିଠି ମାଧମରେ ଜଷ୍ଟିସ ଜୈନଙ୍କ ନିକଟରେ ତାଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଦେଖାଚାହାଁ କରୁଥିବା କୌଣସି କମିଟିର ସେ ଅଂଶବିଶେଷ ନାହାନ୍ତି। ଏହାଛଡ଼ା ବର୍ତ୍ତମାନ ସେ ବିସିସିଆଇ ଆପେକ୍ସ କାଉନ୍‌ସିଲ ଅବା ଏହା କୌଣସି ପଦବୀ ଅବା କମିଟିର ସଦସ୍ୟ ନାହାନ୍ତି। ଆଇପିଏଲ ଫ୍ରାଞ୍ଚାଇଜ୍ କୋଲକାତା ନାଇଟ ରାଇଡର୍ସ ସହିତ ମଧ ତାଙ୍କର କୌଣସି ସମ୍ପୃକ୍ତି ନାହିଁ। ବେଙ୍ଗଲର ୩ଜଣ କ୍ରିକେଟପ୍ରେମୀ ରଣଜିତ୍ ସିଲ୍, ଅଭିଜିତ ମୁଖାର୍ଜୀ ଓ ଭାଷଓ୍ୱତି ଶାନ୍ତୁଆ ଜଷ୍ଟିସ ଜୈନଙ୍କ ନିକଟରେ ପୃଥକ୍ ପୃଥକ୍ ଭାବେ ଗାଙ୍ଗୁଲିଙ୍କ ବିରୋଧରେ ସ୍ୱାର୍ଥଗତ ଦ୍ୱନ୍ଦ୍ୱ ଅଭିଯୋଗ ଆଣିଛନ୍ତି। ଗାଙ୍ଗୁଲି ବର୍ତ୍ତମାନ ସିଏବି ସଭାପତି ରହିଥିବା ବେଳେ ଦିଲ୍ଲୀ କ୍ୟାପିଟାଲ୍ସର ପରାମର୍ଶଦାତା ଭାବେ ତାଙ୍କ ଭୂମିକା ନେଇ ପ୍ରଶ୍ନ ଉଠାଇଛନ୍ତି। ସେମାନଙ୍କ କହିବା କଥା କୋଲକାତାରେ ଏପ୍ରିଲ ୧୨ରେ କୋଲକାତା ନାଇଟ ରାଇଡର୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ମ୍ୟାଚ ଖେଳାଯିବା କାର୍ଯ୍ୟକ୍ରମ ରହିଛି। ଏଥର ଆଇପିଏଲରେ ନିରପେକ୍ଷ କ୍ୟୁରେଟର ବ୍ୟବହାର କରାଯାଉ ନାହିଁ। ଗାଙ୍ଗୁଲି ଯେହେତୁ ସିଏବିର ସଭାପତି ରହିଛନ୍ତି ତାଙ୍କର ସ୍ଥାନୀୟ କ୍ୟୁରେଟରଙ୍କ ଉପରେ ନିୟନ୍ତ୍ରଣ ରହିବ। ସେ ତାହାର ଫାଇଦା ନେବାକୁ ଚେଷ୍ଟା କରିପାରନ୍ତି।

## ଗ୍ରୀସ୍‌ଚୁକ୍‌ଙ୍କ ସହ ଡ୍ର ରଖିଲେ ଆନନ୍ଦ



**ଶମ୍‌କିର (ଆଜରବୈଜାନ), ୮।୪ (ପି.ଟି.):** ଏଠାରେ ଚାଲିଥିବା ଶମ୍‌କିର ଚେସ୍ ଟୁର୍ନାମେଣ୍ଟର ୭ମ ରାଉଣ୍ଡରେ ଭାରତର ବିଶ୍ୱନାଥନ ଆନନ୍ଦ ରୁଷିଆର ଆଲେକ୍‌ଜାଣ୍ଡର ଗ୍ରୀସ୍‌ଚୁକ୍‌ଙ୍କ ବିପକ୍ଷ ତାଙ୍କ ଗେମ୍‌କୁ ସହଜ ଡ୍ର ରଖିଛନ୍ତି। ଅନ୍ୟପକ୍ଷରେ ନରୱେର ମାଗ୍ନସ କାର୍ଲସେନ ତାଙ୍କ ଭଲ ପ୍ରଦର୍ଶନ ଜାରି ରଖିବା ସହ ଡଚ୍ ଖେଳାଳି ଆନିଶ ଗିରିଙ୍କୁ ହରାଇ ଦେଇଛନ୍ତି। ପୂର୍ବରାଉଣ୍ଡରେ ରୁଷିଆର ସର୍ଗେ କାର୍ଜାକିନ୍‌ଙ୍କଠାରୁ ପରାସ୍ତ ହେବାପରେ ଟୁର୍ନାମେଣ୍ଟରେ ଆନନ୍ଦଙ୍କ ସମ୍ଭାବନା ପ୍ରାୟ ହଟିଯାଇଛି। କାଟେଗୋରି ୨୨ଇଭେଣ୍ଟର ଆଉ ମାତ୍ର ଦୁଇ ରାଉଣ୍ଡ ଖେଳ ବାକି ରହିଥିବାବେଳେ କାର୍ଲସେନ ୫ ପଏଣ୍ଟ ସହ ଏକକ ଅଗ୍ରଣୀ ରହିଛନ୍ତି। ୧୦ଜଣ ଖେଳାଳିଙ୍କୁ ନେଇ ଚାଲିଥିବା ଏହି ଟୁର୍ନାମେଣ୍ଟର ଅନ୍ୟ ଗେମ୍ ଗୁଡ଼ିକ ଡ୍ର ଭାବେ ଶେଷ ହୋଇଛି। ଟେବୁଲରେ କାର୍ଜାକିନ୍ ୪.୫ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଗ୍ରୀସ୍‌ଚୁକ୍, ବୁଲ୍‌ଗେରିଆର ଭେସ୍‌ଲିନ୍ ଟୋପାଲୋଭ, ଆଜରବୈଜାନର ତିମୋର ରାଦଜାବୋଭ, ଚେକ୍ ରିପବ୍ଲିକର ଡେଭିଡ ନାଭାରା ଏବଂ ଚାଇନାର ଡିନ୍ ଲିରେନ୍‌ଙ୍କ ସହିତ ପ୍ରତ୍ୟେକ ୩.୫ପଏଣ୍ଟ ସହ ମିଳିତ ତୃତୀୟ ସ୍ଥାନରେ ରହିଛନ୍ତି। ସ୍ଥାନୀୟ ଖେଳାଳି ଶାଖ୍ରିୟାର ମାମେଦ୍ୟାରୋଭ ୨.୫ ପଏଣ୍ଟ ସହ ୯ମ ସ୍ଥାନରେ ରହିଥିବା ବେଳେ ଗିରି ଦୁଇ ପଏଣ୍ଟ ସହ ଏକାକୀ ଅନ୍ତିମ ସ୍ଥାନରେ ଅଛନ୍ତି।

## ନିୟମ ପରିବର୍ତ୍ତନ ଆବଶ୍ୟକ

**କୋଲକାତା, ୮।୪:** ଏଠାରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ଓ ରାଜସ୍ଥାନ ରୟାଲ୍ସ ମଧ୍ୟରେ ରବିବାର ଖେଳାଯାଇଥିବା ମ୍ୟାଚ୍‌ରେ ଏକ ବିସ୍ମୟକର ଘଟଣାକୁ ନେଇ ପୂର୍ବତନ ଇଂଲଣ୍ଡ ଅଧିନାୟକ ମାଇକେଲ ଭନ୍ ଆଇପିଏଲ୍ ନିୟମରେ ପରିବର୍ତ୍ତନ କରିବାକୁ ସୁପାରିସ କରିଛନ୍ତି। ୧୪୦ ରନ୍‌ର ଟାର୍ଗେଟ୍‌କୁ ଡିଫେଣ୍ଡ କରୁଥିବାବେଳେ ବୋଲର ଧବଲ କୁଲକର୍ନିଙ୍କ ଏକ ବଲ କେକେଆର୍ ଓପନର କ୍ରିସ୍ ଲିନ୍ ଲେଗ୍ ଷ୍ଟମ୍ପରେ ବାଜିଥିଲା। ଷ୍ଟମ୍ପର ଲାଇଟ୍ ଜଳିଉଠିଥିଲା ହେଲେ ବେଲ ତଳକୁ ଖସି ନ ଥିଲା। ଏ ନେଇ ବୋଲର କୁଲକର୍ନି ଓ ରାଜସ୍ଥାନ ଦଳର ଅଧିନାୟକ ଅଜିଙ୍କ୍ୟ ରାହାନେ ଆଶ୍ଚର୍ଯ୍ୟ ଚକିତ ହୋଇଯାଇଥିଲେ ଓ ପରେ ଫିଲ୍ଡ ଅମ୍ପାୟରଙ୍କ ସହ ଆଲୋଚନା କରିଥିଲେ। ଏ ସମ୍ପର୍କରେ ଭନ୍ ଟୁଇଟ୍ କରିଛନ୍ତି, ନିୟମ ପରିବର୍ତ୍ତନ ଦରକାର। ଏବେ କ୍ରିକେଟରେ ଝିଙ୍ଗର ବେଲ ବ୍ୟବହାର କରାଯାଉଛି।

## ପ୍ଲେ-ଅଫ୍ ବେଳେ ତ୍ରିକୋଣୀୟ ମହିଳା ଲିଗ୍

**ମୁମ୍ବାଇ, ୮।୪:** ମହିଳା ଆଇପିଏଲ୍ ଆୟୋଜନ ହେବା ନେଇ ଆଶା ବୃଦ୍ଧିପାଇଛି। ଗତବର୍ଷ ଏକ ମହିଳା ଟି୨୦ ମ୍ୟାଚ୍ ଆୟୋଜିତ ହୋଇଥିଲା। କିନ୍ତୁ ଚଳିତ ବର୍ଷ ଏକ ତ୍ରିକୋଣୀୟ ମହିଳା ଟୁର୍ନାମେଣ୍ଟ ଆୟୋଜନ କରାଯିବ। ଆଇପିଏଲ୍‌ର ପ୍ଲେ-ଅଫ୍ ତଥା ନକ୍ ଆଉଟ୍ ପର୍ଯ୍ୟାୟ ମ୍ୟାଚ୍ ବେଳେ ମହିଳା ଲିଗ୍‌ର ମୁକାବିଲା ଖେଳାଯିବ ବୋଲି ବିସିସିଆଇ ପକ୍ଷରୁ କୁହାଯାଇଛି। ଏଥିଲାଗି ଚେନ୍ନାଇ, ହାଇଦ୍ରାବାଦ ଓ ବିଶାଖାପାଟଣାକୁ ଭେନ୍ୟୁ ଭାବେ ଗୁରୁତ୍ୱ ଦିଆଯାଉଛି। ପ୍ରସାରଣ ବ୍ୟବସ୍ଥାକୁ ଧ୍ୟାନରେ ରଖି ପ୍ଲେ-ଅଫ୍ ମ୍ୟାଚ୍ ଯେଉଁ ଭେନ୍ୟୁରେ ଖେଳାଯିବ ସେଠାରେ ଆଗୁଆ ମହିଳା ଲିଗ୍ ମୁକାବିଲା ଅନୁଷ୍ଠିତ ହେବ। ଆଇପିଏଲ୍ ରାତି ୮ଟାରୁ ଆରମ୍ଭ ହେଉଥିବାରୁ ମହିଳା ଲିଗ୍ ୪ଟାରୁ ଆରମ୍ଭ ହେବ। ୩ ମଧ୍ୟରୁ ୨ ଦଳ ଚେନ୍ନାଇରେ ମେ ୧୨ରେ ଖେଳାଯିବାକୁ ଥିବା ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବେ।

## ରସେଲଙ୍କୁ ରୋକିବା ଲକ୍ଷ୍ୟରେ ଚେନ୍ନାଇ

ଚେନ୍ନାଇ, ୮।୪(ପି.ଟି.)

ଆଇପିଏଲ୍ ଦ୍ୱାଦଶ ସଂସ୍କରଣର ଏକ ମ୍ୟାଚ୍‌ରେ ମଙ୍ଗଳବାର ଦୁଇ ଶକ୍ତିଶାଳୀ ଦଳ ଚେନ୍ନାଇ ସୁପର୍ କିଙ୍ଗ୍ସ (ସିଏସ୍‌କେ) ଓ କୋଲକାତା ନାଇଟ୍ ରାଇଡର୍ସ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ସ୍ଥାନୀୟ ଏମ୍.ଏ. ଚିଦାମ୍ବରମ ଷ୍ଟାଡିୟମରେ ଏହି ହାଇଭୋଲଟେଜ ମ୍ୟାଚ୍ ଖେଳାଯିବ। ଉଭୟ ଦଳରେ କିଛି ବିଶ୍ୱସ୍ତରୀୟ ସ୍ପିନର ରହିଥିବାରୁ ମ୍ୟାଚ୍‌ରେ ବେଶ୍ ରୋମାଞ୍ଚ ଦେଖିବାକୁ ମିଳିବ ବୋଲି କ୍ରିକେଟପ୍ରେମୀ ଆଶା ରଖିଛନ୍ତି। ତେବେ ଚଳିତ ଆଇପିଏଲ୍‌ରେ ଦମ୍‌ଦାର ଫର୍ମରେ ଥିବା ୱେଷ୍ଟଇଣ୍ଡିଜ ବିସ୍ଫୋରକ ବ୍ୟାଟ୍ସମ୍ୟାନ ଆନ୍ଦ୍ରେ ରସେଲ ଉଭୟ ଦଳ ମଧ୍ୟରେ ଫରକ ଆସିବେ। ଗତ କେତୋଟି ମ୍ୟାଚ୍‌ରେ ଅବିଶ୍ୱସନୀୟ ବ୍ୟାଟିଂ କରିଥିବା ରସେଲଙ୍କୁ ରୋକିବା ଚେନ୍ନାଇ ପାଇଁ ଏହି ମ୍ୟାଚ୍‌ରେ ବେଶ୍ କଷ୍ଟସାଧ ହେବ।

ପ୍ରତିଯୋଗିତାରେ ବର୍ତ୍ତମାନ ସୁଦ୍ଧା ଉଭୟ ସୁପର୍ କିଙ୍ଗ୍ସ ଓ ନାଇଟ୍ ରାଇଡର୍ସ ଦଳ ୫ଟି ଲେଖାଏ ମ୍ୟାଚ୍ ଖେଳି ୪ ବିଜୟ ସହ ୮ ପଏଣ୍ଟ ହାସଲ କରିଛନ୍ତି। ତେବେ ରନ୍‌ରେଟ୍ ଦୃଷ୍ଟିରୁ ଦୀନେଶ କାର୍ତ୍ତିକଙ୍କ ନେତୃତ୍ୱାଧୀନ କୋଲକାତା ତାଲିକାର ପ୍ରଥମ ସ୍ଥାନ ହାସଲ କରିଛି। ମଙ୍ଗଳବାରର ମ୍ୟାଚ୍ ଜିତି ଉଭୟ ଦଳ ପଏଣ୍ଟ ଟେବୁଲରେ ଶୀର୍ଷ ସ୍ଥାନକୁ ମଜଭୁତ କରିବା ଲକ୍ଷ୍ୟରେ ରହିଛନ୍ତି। ଦୁଇ ଦଳ ମଧ୍ୟ ନିଜ ନିଜର ଅନ୍ତିମ ମ୍ୟାଚ୍‌ରେ ମଧ୍ୟ ସହଜ ବିଜୟ ଲାଭ କରିଛନ୍ତି। କୋଲକାତା ରବିବାର ରାଜସ୍ଥାନ ରୟାଲ୍ସକୁ ଏବଂ ଚେନ୍ନାଇ ଶନିବାର କିଙ୍ଗ୍ସ ଇଲେଭେନ ପଞ୍ଜାବକୁ ହରାଇଥିଲା। ହରଭଜନ ସିଂ, ଇମ୍ରାନ ତାହିର ଓ ରବୀନ୍ଦ୍ର ଜାଡେଜା ଚେନ୍ନାଇ ଦଳରେ ରହିଥିବାବେଳେ କୁଲଦୀପ ଯାଦବ, ସୁନୀଲ ନାରିନ ଓ ପିୟୁଷ ଚାଓ୍ୱଲାଙ୍କୁ ନେଇ କୋଲକାତାର ସ୍ପିନ ବିଭାଗ ବେଶ୍ ଶକ୍ତିଶାଳୀ। ତେଣୁ କେଉଁ ଦଳର ସ୍ପିନର ପ୍ରତିପକ୍ଷ ବ୍ୟାଟ୍ସମ୍ୟାନଙ୍କ ଉପରେ ଭାରି ହେଉଛନ୍ତି ତାହା ଏହି ମ୍ୟାଚ୍‌ରେ ଜଣାପଡ଼ିବ। ସେହିଭଳି ବ୍ୟାଟିଂ ବିଭାଗରେ କୋଲକାତାର ରସେଲଙ୍କ ଉପରେ ସମସ୍ତଙ୍କ ନଜର ରହିବ। ଅଭିଜ୍ଞ ହରଭଜନଙ୍କ ନେତୃତ୍ୱାଧୀନ ଚେନ୍ନାଇ ବୋଲିଂ ଲାଇନ୍‌ଅପ୍‌କୁ ସାମ୍ନା କରିବା ମଧ ରସେଲଙ୍କ ଲାଗି ସହଜ ହେବନାହିଁ। ଆହତ ଥିବା ଡ୍ୱେନ ବ୍ରାଭୋଙ୍କ ସ୍ଥାନରେ ଫାଫ୍ ଡୁ ପ୍ଲେସିସଙ୍କୁ ଚେନ୍ନାଇ ଏହି ମ୍ୟାଚ୍‌ରେ ଦଳରେ ସାମିଲ କରିବାର ସମ୍ଭାବନା ରହିଛି। ଚେନ୍ନାଇ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ମଧ ଗତ କିଛି ମ୍ୟାଚ୍‌ରେ ଶେଷ ଭାଗରେ ବଡ଼ ଶର୍ଟ ଖେଳିଥିବାରୁ ଏହି ମ୍ୟାଚ୍‌ରେ ମଧ ଦର୍ଶକ 'କ୍ୟାପଟେନ୍ କୁଲ୍'ଙ୍କ ଠାରୁ ସମାନ ଇନିଂସ ଆଶା ରଖିଛନ୍ତି।



ଆନ୍ଦ୍ରେ ରସେଲ (ମଝି)।

## ଗ୍ରାହମ ରିଡ୍ ଭାରତୀୟ ହକିର ନୂଆ ପ୍ରଶିକ୍ଷକ

ନୂଆଦିଲ୍ଲୀ, ୮।୪

ଅଷ୍ଟ୍ରେଲିଆ ଦଳର ପ୍ରାକ୍ତନ ମିଡ୍‌ଫିଲ୍ଡର ଗ୍ରାହମ ରିଡ୍‌ଙ୍କୁ ଭାରତୀୟ ପୁରୁଷ ହକି ଦଳର ମୁଖ୍ୟ କୋଚ୍ ଭାବେ ନିଯୁକ୍ତ କରାଯାଇଛି। ବେଙ୍ଗାଲୁରୁସ୍ଥିତ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ସେଣ୍ଟରଠାରେ ଚାଲିଥିବା ଜାତୀୟ ଶିବିରରେ ୫୪ ବର୍ଷୀୟ ରିଡ୍ ଖୁବ୍‌ଶୀଘ୍ର ଯୋଗ ଦେବେ ବୋଲି ହକି ଇଣ୍ଡିଆ (ଏଚ୍‌ଆଇ) ପକ୍ଷରୁ ମଙ୍ଗଳବାର ଏନେଇ ଘୋଷଣା କରାଯାଇଛି। ଜଣେ ଡିଫେଣ୍ଡର/ମିଡ୍‌ଫିଲ୍ଡର ଭାବେ ରେଡ୍ ଅଷ୍ଟ୍ରେଲିଆ ଜାତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରି ବେଶ୍ ପରିଚିତ ଲାଭ କରିଥିଲେ। ୧୯୯୨ ବାର୍ସିଲୋନା ଅଲିମ୍ପିକ୍ସରେ ରୌପ୍ୟ ବିଜୟୀ ହୋଇଥିବା ଅଷ୍ଟ୍ରେଲିଆ ଦଳର ସେ ସଦସ୍ୟ ମଧ ରହିଥିଲେ। ସେହିଭଳି ତାଙ୍କ ସମୟରେ ଅଷ୍ଟ୍ରେଲିଆ ଦଳ ଲଗାତର ଚାମ୍ପିୟନ୍ସ ଟ୍ରଫି ଜିତି ହ୍ୟାଟ୍ରିକ (୧୯୮୪, ୧୯୮୫, ୧୯୮୯ ଓ ୧୯୯୦) ଅର୍ଜନ କରିଥିଲା। ଜାତୀୟ ଦଳ ପକ୍ଷରୁ ୧୩୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିବା ରିଡ୍ ପ୍ରଥମଥର ପାଇଁ ୨୦୦୯ରେ ଅଷ୍ଟ୍ରେଲିଆ ଦଳର ସହକାରୀ କୋଚ୍ ନିଯୁକ୍ତ ହୋଇଥିଲେ। ଏହି ସମୟରେ ସେ ମୁଖ୍ୟ କୋଚ୍ ପଦ ହାସଲ କରିବା ସହ ଦଳକୁ ଲଗାତର ୫ମ ଚାମ୍ପିୟନ୍ସ ଟ୍ରଫି (୨୦୧୨ରେ) ଟାଇଟଲ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତାଙ୍କ ପ୍ରଶିକ୍ଷଣ ସମୟରେ ଅଷ୍ଟ୍ରେଲିଆ ୨୦୧୪ରେ ଏକ ନମ୍ବର ସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିବାରେ ସଫଳ ହୋଇଥିଲା। ସେହିଭଳି ଅଣ୍ଟୱର୍ପରେ ଅନୁଷ୍ଠିତ ୱାର୍ଲ୍ଡ ଲିଗ୍ ସେମିଫାଇନାଲ୍ସ ଓ ରାୟପୁରରେ ଖେଳାଯାଇଥିବା ୱାର୍ଲ୍ଡ ଲିଗ୍ ଫାଇନାଲ୍ସରେ ମଧ ଅଷ୍ଟ୍ରେଲିଆ ଟାଇଟଲ ଜିତିଥିଲା। ତେବେ ୨୦୧୭ରେ ରିଡ୍ ଅଷ୍ଟ୍ରେଲିଆ ଦଳ ଛାଡ଼ି ନେଦରଲାଣ୍ଡ୍ସ କ୍ଲବ ଆମଷ୍ଟରଡାମର ମୁଖ୍ୟ କୋଚ୍ ଦାୟିତ୍ୱ ତୁଲାଇଥିଲେ। ଏହି କ୍ଲବ ପକ୍ଷରୁ ସେ ୧୯୯୩ ଓ ୧୯୯୪ରେ ୨ବର୍ଷ ପାଇଁ ଖେଳିଥିଲେ। ଗତବର୍ଷ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ପୁରୁଷ ହକି ବିଶ୍ୱକପ୍ ରୌପ୍ୟ ବିଜୟୀ ନେଦରଲାଣ୍ଡ୍ସ ଦଳର ସେ ସହକାରୀ କୋଚ୍ ରହିଥିଲେ। 'ଗ୍ରାହମ ରିଡ୍ ଉଭୟ ଖେଳାଳି ଓ କୋଚ୍ ଭାବେ ବେଶ୍ ସଫଳ ସାବ୍ୟସ୍ତ ହୋଇଛନ୍ତି। ଅଷ୍ଟ୍ରେଲିଆ ଓ ନେଦରଲାଣ୍ଡ୍ସ ଟିମ୍ ସହ କାମ କରିସାରିଥିବାରୁ କୋଚିଂ କ୍ଷେତ୍ରରେ ତାଙ୍କର ବହୁତ ଭଲ ଅଭିଜ୍ଞତା ରହିଛି। ତେଣୁ ତାଙ୍କର ଏହି ଅଭିଜ୍ଞତାକୁ ପାଥେୟ କରି ଭାରତ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ସଫଳ ହେବା ଆଶା କରାଯାଉଛି' ବୋଲି ହକି ଇଣ୍ଡିଆ ସଭାପତି ମହମ୍ମଦ ମୁସ୍ତାକ ଅହମ୍ମଦ କହିଛନ୍ତି। ପ୍ରକାଶଯୋଗ୍ୟ, ଗତ ବିଶ୍ୱକପ୍‌ରେ ଭାରତର ନୈରାଶ୍ୟଜନକ ପ୍ରଦର୍ଶନ ପରେ ଦଳର ମୁଖ୍ୟକୋଚ୍ ହରେନ୍ଦ୍ର ସିଂଙ୍କୁ ବାହାର କରିଦିଆଯାଇଥିଲା। ସେବେଠାରୁ ଏହି ଗୁରୁତ୍ୱପୂର୍ଣ୍ଣ ପଦ ଖାଲି ରହିଆସିଥିଲା।



# ଭାରତ-ମାଲେସିଆ ମ୍ୟାଚ୍ ଡ୍ର

କୁଆଲାଲମ୍ପୁର(ମାଲେସିଆ), ୮।୪(କ୍ରୀଡ଼ା ପ୍ରତିନିଧି)

ନଭନୀତ କୌରଙ୍କ ଡବଲ ଏବଂ ନଭଜୋତ କୌର ଓ ଲାଲରେମସିଆମିଙ୍କ ଗୋଲ ବଳରେ ଭାରତୀୟ ମହିଳା ହକି ଦଳ ସୋମବାର ମାଲେସିଆ ବିପକ୍ଷ ମ୍ୟାଚକୁ ୪-୪ ଗୋଲରେ ଡ୍ର ରଖିବାକୁ ସକ୍ଷମ ହୋଇଛି। ଏକଦା ୨-୪ ଗୋଲରେ ପଛୁଆ ଥିବା ଭାରତ ନଭନୀତ ଓ ଲାଲରେମସିଆମିଙ୍କ ଗୋଲ ବଳରେ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା।

ପାଞ୍ଚ ମ୍ୟାଚ ବିଶିଷ୍ଟ ସିରିଜର ଏହି ୩ୟ ମ୍ୟାଚରେ ଭାରତ ଚମତ୍କାର ଆରମ୍ଭ କରିଥିଲା। ମାତ୍ର ପରେ ସର୍କଲ ଭିତରେ ବାରମ୍ବାର ତ୍ରୁଟି ଯୋଗୁ ପ୍ରତିପକ୍ଷ ଦଳକୁ ଅଗ୍ରଣୀ ନେବାକୁ ସୁଯୋଗ ଦେଇଥିଲା। ମ୍ୟାଚର ୧୩ତମ ମିନିଟରେ ନଭଜୋତ କୌର ପ୍ରଥମ ଗୋଲଟି ଦେଇଥିବାବେଳେ ୨୨ତମ ମିନିଟରେ ନଭନୀତଙ୍କ ଗୋଲ ବଳରେ ଭାରତ ୨-୦ରେ ଅଗ୍ରଣୀ ହାସଲ କରିଥିଲା। ୨୬ତମ ମିନିଟରେ ଗୁରଦୀପ କିରନଦୀପ ମାଲେସିଆ ପକ୍ଷରୁ ଗୋଟିଏ ଗୋଲ ପରିଶୋଧ କରିବାରୁ ଭାରତର ଅଗ୍ରଣୀ ବ୍ୟବଧାନ ୨-୧କୁ ହ୍ରାସ ପାଇଥିଲା। ପରେ ମାଲେସିଆକୁ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ନୁରାନି ରଶିଦ ମ୍ୟାଚକୁ ୨-୨ ସ୍ଥିତିକୁ ନେଇ ଆସିଥିଲେ। କେବଳ ସେତିକି ନୁହେଁ ୩୫ତମ ମିନିଟରେ ନୁରମାଇରା ଜୁଲକିଫ୍ଲି ଓ ୩୮ତମ ମିନିଟରେ ନୁରାନି ବ୍ୟକ୍ତିଗତ ଓ ଦଳ ପକ୍ଷରୁ ୪ର୍ଥ ଗୋଲଟି ଦେବାରୁ ମାଲେସିଆ ୪-୨ରେ ଅଗ୍ରଣୀ ହାସଲ କରି ଥିଲା। ୪୫ତମ ମିନିଟରେ ନଭନୀତ କୌର ଏବଂ ୫୪ତମ ମିନିଟରେ ଲାଲରେମସିଆମିଙ୍କ ଗୋଲ ବଳରେ ଭାରତ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିଥିଲା ଏବଂ ଡ୍ର ରଖିବାକୁ ସକ୍ଷମ ହୋଇଥିଲା। ମ୍ୟାଚ ଡ୍ର ହୋଇଥିଲେ ହେଁ ଭାରତୀୟ ଦଳର ପ୍ରଦର୍ଶନରେ ସନ୍ତୁଷ୍ଟ ନାହାନ୍ତି କୋଚ ଜୋର୍ଡ ମାରିଜନେ। ''ଏହା ଆମର ଶ୍ରେଷ୍ଠ ମ୍ୟାଚ ନ ଥିଲା। ଆମେ ଏହାକୁ ଭୁଲି ଆଗକୁ ବଢ଼ିବାକୁ ପଡ଼ିବ। ମ୍ୟାଚରେ ବଲ୍ ପୋଜିଶନ ଭଲ ହୋଇ ନ ଥିଲା ଏବଂ ଅତ୍ୟଧିକ ବୈଷୟିକ ତ୍ରୁଟି ଦେଖିବାକୁ ମିଳିଥିଲା। ଆଗାମୀ ମ୍ୟାଚରେ ଆମେ ତ୍ରୁଟିକୁ ସୁଧାରି ପଡ଼ିଆକୁ ଓହ୍ଲାଇବୁ'' ବୋଲି ମାରିଜନେ ପ୍ରକାଶ କରିଛନ୍ତି। ଚଳିତ ସିରିଜର ୪ର୍ଥ ମ୍ୟାଚ ୧୦ ତାରିଖରେ ଖେଳାଯିବ। ପ୍ରକାଶ ଯୋଗ୍ୟ ଯେ, ପ୍ରଥମ ୨ଟି ମ୍ୟାଚରେ ଭାରତ ଯଥାକ୍ରମେ ୩-୦ ଓ ୫-୦ ଗୋଲରେ ବିଜୟୀ ହୋଇଥିଲା।



ମାଲେସିଆ ବିପକ୍ଷରେ ଗୋଲ୍‌ସ୍କୋର କରିବା ପରେ ଭାରତର ନଭନୀତ୍ କୌର୍ (ଡାହାଣ)।

## ନଭନୀତ କୌର୍‌ଙ୍କ ଡବଲ ଗୋଲ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ୍ ୯/୨୦୧୯ Bhubaneswar, Tuesday, April 9/ 2019

## ସଂକ୍ଷେପରେ

### ଅଭିଯୁକ୍ତଙ୍କ ଗିରଫ ଦାବିରେ ଥାନା ଆଗରେ ଧାରଣା

ପାତ୍ରପଡ଼ା,୮।୪(ଡି.ଏନ୍.ଏ.): ଭଗବାନପୁର ଅଞ୍ଚଳରେ ଘଟିଥିବା ଏକ ଗଣ୍ଡଗୋଳ ଘଟଣାରେ ଅଭିଯୁକ୍ତଙ୍କ ଗିରଫ ଦାବିରେ ସୋମବାର ସ୍ଥାନୀୟ ଅଞ୍ଚଳର ଲୋକେ ଥାନା ଆଗରେ ଧାରଣା ଦେଇଥିଲେ। ପରେ ପୋଲିସ ଲୋକମାନଙ୍କୁ ବୁଝାଶୁଝା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ସୂଚନାଥାଉକି, ଭଗବାନପୁର ଅଞ୍ଚଳରେ ଚାଲିଥିବା କଣ୍ଟେଇ ମେଲଣ ଯାତ୍ରା ପରିବେଷଣ ସମୟରେ ରବିବାର କେତେଜଣ ଯୁବକଙ୍କ ଆକ୍ରମଣରେ ୨ଜଣ ଯୁବକ ଗୁରୁତର ହୋଇଥିଲେ। ସେଠାରେ ୨ପ୍ଲାଟୁନ ପୋର୍ସ ମୁତୟନ ହେବା ସହ ଖଣ୍ଡଗିରି ଓ ତମାଣ୍ଡୋ ଥାନାର କର୍ମଚାରୀ ଘଟଣାସ୍ଥଳରେ ନଜର ରଖିଥିବା ଜଣାପଡିଛି।

### ୩ ଦୋକାନରୁ ସାମଗ୍ରୀ ସହ ଲକ୍ଷାଧିକ ଟଙ୍କା ଚୋରି

ପାତ୍ରପଡ଼ା,୮।୪(ଡି.ଏନ୍.ଏ.): ଖଣ୍ଡଗିରି ଅଞ୍ଚଳର ୩ ଦୋକାନର ତାଲା କାଟି ଦୁର୍ବୃତ୍ତମାନେ ସାମଗ୍ରୀ ସହ ଲକ୍ଷାଧିକ ଟଙ୍କା ନେଇଯାଇଥିବା ସୋମବାର ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଖଣ୍ଡଗିରି ଥାନା ନିକଟ ଜାତୀୟ ରାଜପଥ କଡ଼ରେ ଥିବା ମୁଜାହିଦ ବକ୍ସଙ୍କ ଏକ ଟାୟାର ଦୋକାନର ତାଲା କାଟି କେହି ଦୁର୍ବୃତ୍ତ ରବିବାର ରାତିରେ ୨୨ଟି ଟାୟାର ନେଇଯିବା ସହ ୫୬ହଜାର ଟଙ୍କା ନେଇଯାଇଛନ୍ତି। ସେହିପରି ନିକଟରେ ଥିବା ୟାକୁବ ଖାନଙ୍କ ସାଇକେଲ ଷ୍ଟୋରରୁ ୧୮ହଜାର ଟଙ୍କା ନେଇଯାଇଛନ୍ତି। ସେଖ୍ ଖାଲିଦଙ୍କ ପ୍ଲାଏଉଡ ଦୋକାନରୁ ୩୯ହଜାର ଟଙ୍କା ନେଇଯାଇଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଦୁର୍ବୃତ୍ତମାନେ ଦୋକାନରେ ଲାଗିଥିବା ସିସିଟିଭି ଓ ହାର୍ଡଡିସ୍କକୁ ନେଇଯାଇଥିବା ଜଣାପଡିଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

### ହେପାଟାଇଟିସ୍ ବି ନିୟନ୍ତ୍ରଣ ଉପରେ ଗୁରୁତ୍ୱ

କଟକ,୮।୪: ହେପାଟାଇଟିସ୍ ବି ସଂକ୍ରମଣରେ ଚାଇନା ପରେ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି। ଦେଶର ପ୍ରାୟ ୫୦ ନିୟୁତ ଲୋକ ଦୀର୍ଘକାଳୀନ ଭାବେ ହେପାଟାଇଟିସ ବି'ରେ ଆକ୍ରାନ୍ତ ହୋଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜାରି ତଥ୍ୟରେ ଉଲ୍ଲେଖ ରହିଛି। ସଂକ୍ରାମକ ହେପାଟାଇଟିସ୍‌କୁ ଏବେ ଏକ ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା ଭାବେ ବିଚାର କରାଯାଉଛି। ହେପାଟାଇଟିସ ବି ଭୂତାଣୁ ଏହି ରୋଗରେ ପୀଡିତ ଥିବା ଲୋକଙ୍କ ସଂକ୍ରମିତ ରକ୍ତ କିମ୍ବା ଅନ୍ୟାନ୍ୟ ତରଳ ପଦାର୍ଥ ଦ୍ୱାରା ସଂକ୍ରମିତ ହୋଇଥାଏ ବୋଲି ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିଷ୍ଟ ହେପାଟୋଲୋଜିଷ୍ଟ ଏବଂ ଇଣ୍ଟରଭେନସନାଲ ଜିଆଇ ଏଣ୍ଡୋସ୍କୋପିଷ୍ଟ ବିଶେଷଜ୍ଞ ଡ.ସି.ଆର୍. ପଣ୍ଡା ଏଠାରେ ଏକ ଖବରଦାତା କାର୍ଯ୍ୟକ୍ରମରେ ସୂଚନା ଦେଇଛନ୍ତି। ଦୀର୍ଘସ୍ଥାୟୀ ଯକୃତ ରୋଗର ଉପଶମ ତଥା ନିୟନ୍ତ୍ରଣ ଲାଗି ଟିକା ଗ୍ରହଣ , ଉଚିତ ସମୟରେ ଆଣ୍ଟି ଭାଇରାଲ ନେବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଏହି ରୋଗକୁ ଆଗୁଆ ଚିହ୍ନଟ କରି ତୀବ୍ର ଏବଂ ଦୀର୍ଘସ୍ଥାୟୀ ମଧ୍ୟରେ ବିଭେଦ ଜାଣିବାକୁ ହେବ। ସେହି ଅନୁଯାୟୀ ରୋଗୀଙ୍କୁ ଆଣ୍ଟିଭାଇରାଲ ଔଷଧ ନେବାକୁ ହେବ ବୋଲି ଡା.ପଣ୍ଡା କହିଛନ୍ତି।

### ନାବାଳିକା ଉଦ୍ଧାର ଘଟଣା ବଳାତ୍କାର ଅଭିଯୋଗରେ ଜେଲ ଗଲେ ଅଭିଯୁକ୍ତ

କଟକ ଅଫିସ୍,୮।୪: ଲାଲ୍‌ବାଗ ଥାନା ଅଞ୍ଚଳରୁ ନିଖୋଜ ହୋଇଥିବା ଜଣେ ନାବାଳିକାଙ୍କୁ ପୋଲିସ ରବିବାର ଆଠଗଡ ଅଞ୍ଚଳରୁ ଉଦ୍ଧାର କରିଥିଲା। ତେବେ ନାବାଳିକୁ ଏଠାରୁ ନେଇ ଯାଇଥିବା ଅଭିଯୋଗରେ ପୋଲିସ ଉକ୍ତ ଥାନା ଅନ୍ତର୍ଗତ କାଫାଲା ବଜାରର ଅମଜାତ ଖାନଙ୍କୁ ରବିବାର ଅଟକ ରଖିଥିଲା। ପଚରାଉଚରା ପରେ ଅମଜାତ ନାବାଳିକାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିବା ମାନିବା ପରେ ପୋଲିସ ସୋମବାର ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେଠାରେ ତାଙ୍କର ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଚୌଦ୍ୱାର ଜେଲକୁ ପଠାଇ ଦିଆଯାଇଛି। ତେବେ ପୋଲିସ ତାଙ୍କ ବିରୋଧରେ ଆଇପିସି ଦଫା ୩୭୬, ପୋକ୍‌ସୋ ଆକ୍ଟ ୬ରେ ଏକ ମାମଲା(୬୨/୧୯) ରୁଜୁ କରିଛି। ସୂଚନାଯୋଗ୍ୟ, ଗତ ଶନିବାର ନାବାଳିକା ଜଣଙ୍କ ଘରୁ କେଉଁଆଡେ ପଳାଇଯାଇଥିବା ନେଇ ତାଙ୍କ ପରିବାର ଲୋକ ଥାନାରେ ଅଭିଯୋଗ କରିଥିଲେ। ତେବେ ପୋଲିସ ତଦନ୍ତ କରି ନାବାଳିକା ଜଣଙ୍କ ଆଠଗଡ ଅଞ୍ଚଳରେ ଥିବା ଜାଣିବାକୁ ପାଇଥିଲା। ରବିବାର ପୋଲିସର ଏକ ଟିମ୍ ସେଠାରେ ଚଢାଉ କରି ନାବାଳିକାଙ୍କୁ ଉଦ୍ଧାର କରିବା ସହ ଯୁବକଙ୍କୁ ଥାନାକୁ ଆଣିଥିଲା।

# ପୁଣି ବିଚାରାଧୀନ କଏଦୀ ଗୁରୁତର

**ପରିବାର ଲୋକଙ୍କୁ ଦେଖିବାକୁ ଛାଡୁନି ପୋଲିସ**

କଟକ ଅଫିସ୍,୮।୪

ଏସ୍‌ସିବିରେ ଚିକିତ୍ସିତ ହେଉଥିବା ପୁଣି ଜଣେ ବିଚାରାଧୀନ କଏଦୀଙ୍କ ସ୍ୱାସ୍ଥ୍ୟାବସ୍ଥା ସୋମବାର ଗୁରୁତର ହୋଇପଡିଛି। ସେ ହେଲେ ମଧୁପାଟଣା ଥାନା ଅନ୍ତର୍ଗତ ତିନିଘରିଆ ଅଞ୍ଚଳର ଶୁଭ୍ରଜିତ ସାସ୍ମଲ ଓରଫ ଟିଟୁଆ(୩୮)। ଗତ ୨ ତାରିଖରେ ମଧୁପାଟଣା ପୋଲିସ ତାଙ୍କୁ ବେଆଇନ ବନ୍ଧୁକ ରଖିବା ଅଭିଯୋଗରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ପୋଲିସ ଟିଟୁଆଙ୍କୁ ଅମାନୁଷିକ ଭାବେ ମାଡ ମାରିଥିବାରୁ ଅବସ୍ଥା ଗୁରୁତର ହୋଇପଡିଛି ବୋଲି ତାଙ୍କ ଭାଇ ରଣଜିତ୍ ସୋମବାର ଅଭିଯୋଗ କରିଛନ୍ତି। ଏସ୍‌ସିବିରେ ତାଙ୍କ ଭାଇଙ୍କୁ ଦେଖା କରିବା ପାଇଁ ଜେଲର ଅନୁମତି ଦେଇଥିଲେ ମଧ୍ୟ ପୋଲିସ ତାଙ୍କୁ ଦେଖା କରିବାକୁ ଛାଡୁନାହିଁ ବୋଲି ସେ କହିଛନ୍ତି। ପୋଲିସ ଲୁହାରଡରେ ମାଡ ମାରିଥିବା ଟିଟୁଆ ଗତ ୨ ତାରିଖରେ କୋର୍ଟରେ ରଣଜିତ୍‌ଙ୍କୁ କହିଥିବା ସେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ତିନିଘରିଆ ଅଞ୍ଚଳର ମାନସ କୁମାର ବସ୍ତିଆ ଓ ଟିଟୁଆଙ୍କୁ ପୋଲିସ ଗିରଫ କରି ଗତ ୨ ତାରିଖରେ କୋର୍ଟ ଚାଲାଣ କରିଥିଲା। ସେଠାରେ ତାଙ୍କର ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଚୌଦ୍ୱାର ଜେଲ ପଠାଇ ଦିଆଯାଇଥିଲା। ଜେଲ୍‌ରେ ଗୋଟିଏ ଦିନ ରହିବା ପରେ ଟିଟୁଆଙ୍କ ସ୍ୱାସ୍ଥ୍ୟବସ୍ଥା ଖରାପ ହେବାରୁ ଚିକିତ୍ସା ପାଇଁ ତାଙ୍କୁ ଏସ୍‌ସିବି ମେଡିକାଲ ପଠାଇ ଦିଆଯାଇଥିଲା। ସେଠାରେ ସେ ସର୍ଜରି ୱାର୍ଡର ୧୨ ନମ୍ବର ବେଡରେ ଚିକିତ୍ସାଧୀନ ଥିଲେ। ପରେ ତାଙ୍କୁ ନେଫ୍ରୋଲୋଜି ୱାର୍ଡକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଗତ ୬ ତାରିଖରେ ଟିଟୁଆଙ୍କ ସ୍ୱାସ୍ଥ୍ୟାବସ୍ଥା ଅତ୍ୟନ୍ତ ଖରାପ ହେବାରୁ ଚୌଦ୍ୱାର ଜେଲ ପକ୍ଷରୁ ମଧୁପାଟଣା ପୋଲିସକୁ ଏକ ଚିଠି କରାଯାଇଥିଲା। ଚିଠିରେ ଟିଟୁଆଙ୍କ ଶରୀର ଖରାପ ଥିବା ଦର୍ଶାଯାଇଥିବା ବେଳେ ଚିକିତ୍ସାରେ ସହାୟତା ପାଇଁ ଟିଟୁଆଙ୍କ ପରିବାର ଲୋକଙ୍କୁ ଅବଗତ କରିବାକୁ କୁହାଯାଇଥିଲା। ସେହିଦିନ ମଧୁପାଟଣା ପୋଲିସ ଉକ୍ତ ଚିଠିକୁ ତାଙ୍କ ପରିବାର ଲୋକଙ୍କୁ ଦେଇଥିଲା। ହେଲେ ସେବେଠାରୁ ଟିଟୁଆଙ୍କ ପରିବାର ଲୋକ ମେଡିକାଲ ଯାଉଥିଲେ ମଧ୍ୟ ପୋଲିସ ସେମାନଙ୍କୁ ଟିଟୁଆଙ୍କ ପାଖକୁ ଛାଡୁ ନ ଥିବା ରଣଜିତ୍ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଅଖିଳେଶ୍ୱର ସିଂଙ୍କୁ ପଚାରିବାରୁ ସେ କହିଥିଲେ, ଏଭଳି କିଛି ଅଭିଯୋଗ ମୋ ପାଖକୁ ଆସିନି। ଯଦି ଏଭଳି କିଛି ହୋଇଥିବ ତାହା ଉପରେ ତଦନ୍ତ କରାଯିବ।

ସୂଚନାଯୋଗ୍ୟ, ଶନିବାର ଏସ୍‌ସିବିରେ ଚିକିତ୍ସାଧୀନ ଅବସ୍ଥାରେ ପୁରୀଘାଟ ଥାନା ଅନ୍ତର୍ଗତ ତେଲେଙ୍ଗାବଜାର ଅଞ୍ଚଳର ଭରତ ମଣ୍ଡଳ ନାମକ ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ଘଟିଥିଲା। ଭରତଙ୍କୁ ପୋଲିସ ପିଟି ମାରିଦେଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ। ଏହି ଘଟଣାକୁ ନେଇ ଉତ୍ତେଜନା ଥମି ନ ଥିବା ବେଳେ ପୁଣି ଏକ ଘଟଣା ପୋଲିସର ଚିନ୍ତାକୁ ବଢାଇ ଦେଇଛି।



ଆସନ୍ତା ୧୩ ତାରିଖ ରାମନବମୀ ଉପଲକ୍ଷେ ଭୁବନେଶ୍ୱରସ୍ଥିତ ରାମ ମନ୍ଦିରକୁ ଆଲୋକମାଳାରେ ସଜାଯାଇଛି।

### ହାଇକୋର୍ଟରେ ମନବୋଧ ଚିକିତ୍ସା ମାମଲା

# ଦିଲ୍ଲୀ ଏମ୍‌ସ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ ତଲବ

କଟକ ଅଫିସ,୮।୪

ବଲାଙ୍ଗୀର ଜିଲା ଟିଟିଲାଗଡ଼ ବଳପଦର ଗାଁର ୩୧ ବର୍ଷୀୟ ଯୁବକ ମନବୋଧ ବାଗ୍‌ଙ୍କ ଚିକିତ୍ସା ମାମଲା ହାଇକୋର୍ଟରେ ପହଞ୍ଚିଛି। ସାମାଜିକ ସଙ୍ଗଠନ ମୈତ୍ରୀ ସଂସଦ ପକ୍ଷରୁ ମନବୋଧଙ୍କ ଚିକିତ୍ସାକୁ ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଥିଲା। ସୋମବାର ଉକ୍ତ ମାମଲାର ଶୁଣାଣି ହୋଇଥିଲା। ବିଚାରପତି ଜଷ୍ଟିସ ସଞ୍ଜୁ ପଣ୍ଡା ଓ ଜଷ୍ଟିସ ପ୍ରମଥ ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ମାମଲାର ଶୁଣାଣି କରି ଏ ସମ୍ପର୍କରେ ଦିଲ୍ଲୀ ଏମ୍‌ସ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ ତଲବ କରିଛନ୍ତି। ୨୪ ଘଣ୍ଟା ମଧ୍ୟରେ ଅର୍ଥାତ୍ ମଙ୍ଗଳବାର ସୁଦ୍ଧା ଏମ୍‌ସ କର୍ତ୍ତୃପକ୍ଷ ଏ ସମ୍ପର୍କରେ ରିପୋର୍ଟ ଦେବାକୁ ଖଣ୍ଡପୀଠ ଆଦେଶ ଦେଇଛନ୍ତି। ସୋମବାର କୋର୍ଟର ପ୍ରଥମାର୍ଦ୍ଧରେ ଖଣ୍ଡପୀଠ ଏ ସମ୍ପର୍କରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ରିପୋର୍ଟ ମାଗିଥିଲେ। ଦ୍ୱିତୀୟାର୍ଦ୍ଧକୁ ମାମଲାର ଶୁଣାଣି ପାଇଁ ସମୟ ନିର୍ଦ୍ଧାରଣ କରାଯାଇଥିଲା। ଦ୍ୱିତୀୟାର୍ଦ୍ଧରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆଡ଼ଭୋକେଟ ଜ୍ୟୋତି ପଟ୍ଟନାୟକ ଏ ସମ୍ପର୍କରେ କୋର୍ଟଙ୍କୁ ଅବଗତ କରିଥିଲେ ଯେ, ଏମ୍‌ସକୁ ମନବୋଧଙ୍କ ଚିକିତ୍ସା ସମ୍ପର୍କରେ ଏସ୍‌ସିବି କର୍ତ୍ତୃପକ୍ଷ ଦୁଇଟି ଚିଠି କରିଛନ୍ତି। ଏମ୍‌ସରୁ ଚିକିତ୍ସା ସମ୍ପର୍କିତ ଖର୍ଚ୍ଚ ତାଲିକା ଆସିବା ପରେ ରାଜ୍ୟ ସରକାର ଆବଶ୍ୟକ ଟଙ୍କା ମଞ୍ଜୁର କରିବା ସହିତ ରୋଗୀଙ୍କୁ ସେଠାକୁ ସ୍ଥାନାନ୍ତରିତ କରିବା ପାଇଁ ବ୍ୟବସ୍ଥା କରିବେ। ଏହାପରେ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଡଭୋକେଟ ଅରବିନ୍ଦ ମହାନ୍ତିଙ୍କଠାରୁ ଏ ସମ୍ପର୍କିତ ଉତ୍ତର ମାଗିଥିଲେ। ତେବେ ଏମ୍‌ସ ପକ୍ଷରୁ ଏ ନେଇ କୌଣସି ମତାମତ ଆସି ନ ଥିବା ଆଡଭୋକେଟ ମହାନ୍ତି ଖଣ୍ଡପୀଠଙ୍କୁ ଅବଗତ କରାଇଥିଲେ। ଫଳରେ ମଙ୍ଗଳବାର ସୁଦ୍ଧା ଏମ୍‌ସକୁ ମନବୋଧଙ୍କ ଚିକିତ୍ସା ସମ୍ପର୍କିତ ରିପୋର୍ଟ ଦେବା ପାଇଁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଥାଉ କି, ମନବୋଧ ମାରାତ୍ମକ ନ୍ୟୁରୋ ଫାଇବ୍ରୋ ରୋଗରେ ଆକ୍ରାନ୍ତ ଅଛନ୍ତି। ୨୦୧୮ ଅକ୍ଟୋବର ୯ ତାରିଖରେ ମନବୋଧ ଏସ୍‌ସିବିରେ ଭର୍ତ୍ତି ହୋଇଥିଲେ। ମାତ୍ର ଏହି ରୋଗ ପାଇଁ ଚିକିତ୍ସା ବ୍ୟବସ୍ଥା ଏଠାରେ ନାହିଁ ବୋଲି ପ୍ଲାଷ୍ଟିକ ସର୍ଜରି ବିଭାଗ ପକ୍ଷରୁ ତାଙ୍କୁ କୁହାଯାଇଥିଲା। ଫଳରେ ମନବୋଧଙ୍କୁ ଦିଲ୍ଲୀସ୍ଥିତ ଏମ୍‌ସକୁ ସ୍ଥାନାନ୍ତର ପାଇଁ ଏସ୍‌ସିବି ପକ୍ଷରୁ ଗଠିତ ମେଡିକାଲ ବୋର୍ଡ ନିଷ୍ପତ୍ତି ନେଇଥିଲା। ଇତିମଧ୍ୟରେ ୬ ମାସ ବିତିଗଲା ପରେ ମଧ୍ୟ ମନବୋଧ ଦିଲ୍ଲୀ ଯାଇପାରୁନାହାନ୍ତି। ଅନ୍ୟପକ୍ଷରେ ତାଙ୍କ ମୁହଁରେ ବଢିଥିବା ମାଂସ ପିଣ୍ଡୁଳା ଏବେ ଓହଳି ଛାତିକୁ ଛୁଇଁବା ସଙ୍ଗେ ଡାହାଣ ପଟ ଆଖି ବନ୍ଦ ହୋଇଗଲାଣି। ଏପରି କି ଏହି ମାଂସ ପିଣ୍ଡୁଳା ବଢୁଥିବା ଯୋଗୁ ମନବୋଧଙ୍କ ଖାଇବାରେ ଅସୁବିଧା ଉପୁଜୁଛି। ମୈତ୍ରୀ ସଂସଦ ପକ୍ଷରୁ ମନବୋଧଙ୍କ ଚିକିତ୍ସା ପାଇଁ ସରକାରଙ୍କ ପାଖରେ ବହୁ ଦାବି କରାଯାଇଥିଲା। ମାତ୍ର ଫଳପ୍ରଦ ନ ହେବାରୁ ବାଧହୋଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲୁ ବୋଲି ସଂସଦର ସଭାପତି ଆଡଭୋକେଟ ଅଜୟ ମହାନ୍ତି କହିଛନ୍ତି।

# କୋର୍ଟଙ୍କ ଆଦେଶ ମାନୁନାହାନ୍ତି ଭବିଷ୍ୟନିଧି ସଙ୍ଗଠନ

**ଇପିଏଫ ପେନସନର୍ସ ଆସୋସିଏଶନର ନିନ୍ଦା**

କଟକ ଅଫିସ, ୮।୪

ବେତନ ଆଧାରରେ ବର୍ଦ୍ଧିତ ପେନସନ ପ୍ରଦାନ କରିବାକୁ ସୁପ୍ରିମକୋର୍ଟ ୨୦୧୬ ଅକ୍ଟୋବର ୪ ତାରିଖରେ କେନ୍ଦ୍ର ସରକାରଙ୍କୁ ଆଦେଶ ଦେଇଥିଲେ। ମାତ୍ର ଉକ୍ତ ଆଦେଶ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନି। ଆଦେଶ କାର୍ଯ୍ୟକାରୀ ନ ହେବା ଯୋଗୁ ସମଗ୍ର ଦେଶରେ ୬୩ ଲକ୍ଷ ଇପିଏଫ୍ ପେନସନ ଭୋଗୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସରକାରଙ୍କ ଏଭଳି ନୀତିକୁ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏଶନ ନିନ୍ଦା କରିଛି। ଗତ ରବିବାର ସଂଘର ବୈଠକ ଖାନ୍‌ନଗର ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଅଦାଲତଙ୍କ ଆଦେଶକୁ କାର୍ଯ୍ୟକାରୀ କରା ନ ଯିବା ଉପରେ ଆଲୋଚନା ହୋଇଥିଲା।

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାନୁଯାୟୀ କେନ୍ଦ୍ରୀୟ ଭବିଷ୍ୟନିଧି ସଙ୍ଗଠନ ୨୦୧୭ ମାର୍ଚ୍ଚ ମାସରେ ସମସ୍ତ ରାଜ୍ୟ ଭବିଷ୍ୟନିଧି କାର୍ଯ୍ୟାଳୟକୁ ପେନସନଭୋଗୀମାନଙ୍କୁ ବର୍ଦ୍ଧିତ ପେନସନ ଦେବାକୁ ପତ୍ର ଲେଖିଥିଲେ। ମାତ୍ର ଓଡ଼ିଶା ସମେତ କେତେକ ରାଜ୍ୟରେ ଏହା କାର୍ଯ୍ୟକାରୀ ନ ହେବାରୁ ୨୦୧୮ ଜୁନ୍‌ରେ କେନ୍ଦ୍ରୀୟ ସଙ୍ଗଠନ ପୁନର୍ବାର ଏ ନେଇ ସମସ୍ତ ରାଜ୍ୟ କାର୍ଯ୍ୟାଳୟକୁ ପତ୍ର ଲେଖିଥିଲା। ଏହାସତ୍ତ୍ୱେ ଓଡ଼ିଶାରେ ଥିବା ଭବିଷ୍ୟନିଧି ସଙ୍ଗଠନ ଏଥିପ୍ରତି କର୍ଣ୍ଣପାତ କରି ନ ଥିଲା। ଇତିମଧ୍ୟରେ କେରଳ ହାଇକୋର୍ଟ କେତେକ ମାମଲାର ବିଚାର କରି ଇପିଏଫ ପେନସନଭୋଗୀଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ୬ ମାସ ମଧ୍ୟରେ ବର୍ଦ୍ଧିତ ପେନସନ ଦେବାକୁ ଆଦେଶ ଦେଇଥିଲେ। ଏହି ଆଦେଶକୁ କେନ୍ଦ୍ର ଭବିଷ୍ୟନିଧି ସଙ୍ଗଠନ ବିରୋଧ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାତ୍ର ସୁପ୍ରିମକୋର୍ଟ ଏହି ଆବେଦନକୁ ଖାରଜ କରି କେରଳ ଉଚ୍ଚ ନ୍ୟାୟାଳୟର ଆଦେଶକୁ କାଏମ ରଖିଛନ୍ତି। ଅନ୍ୟପକ୍ଷରେ ସର୍ବନିମ୍ନ ପେନ୍‌ସନ ବୃଦ୍ଧି ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ କମିଟି ସୁପାରିସ କରିଥିଲେ ମଧ୍ୟ ଏହାକୁ କାର୍ଯ୍ୟକାରୀ କରାଯାଉନାହିଁ। କମିଟିର ସୁପାରିସକୁ କାର୍ଯ୍ୟକାରୀ କରିବାରେ କେନ୍ଦ୍ର ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବା ବୈଠକରେ ଆଲୋଚନା ହୋଇଥିଲା। ଆସୋସିଏଶନର ସଭାପତି ରଞ୍ଜନ ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା, ଅଗାଧୁ ପ୍ରଧାନ, ଶରତ ପାଣି, ପ୍ରମୋଦ ପଣ୍ଡା, ଅଶୋକ ରାଉତରାୟ, ଜର୍ମାନ ରାୟ, ରବୀନ୍ଦ୍ର ବାରିକ୍, କୃଷ୍ଣଚନ୍ଦ୍ର ମହାନ୍ତି ଓ ଯୁବରାଜ ରଣା ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ମେ’ ୫ ତାରିଖରେ ସାଧାରଣ ପରିଷଦ ବୈଠକ ଡାକିବା ପାଇଁ ନିଷ୍ପତ୍ତି ହୋଇଛି। ଉକ୍ତ ବୈଠକରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ନିଷ୍ପତ୍ତି ନିଆଯିବ।



### ଶ୍ରୀ ଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା

# ରଥରେ ଲାଗିଲା ପ୍ରଥମ ଭୂଇଁ

ପୁରୁଣା ଭୁବନେଶ୍ୱର, ୮।୪(ଡି.ଏନ୍.ଏ.)

ଆଉ ୪ଦିନ ପରେ ଶ୍ରୀ ଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା। ରଥ ଖଳାରେ ନିର୍ମାଣଧୀନ ରୁକୁଣା ରଥର ବିଭିନ୍ନ ଅଂଶ ପର୍ଯ୍ୟାୟକ୍ରମେ କାମ ଚାଲିଛି। ୪ଚକ ଡ଼େରାଯିବାପରେ ଅନ୍ୟାନ୍ୟ କାର୍ଯ୍ୟ କରାଯାଇଥିଲା। ସୋମବାର ୧୨ଟାରେ ରଥରେ ପ୍ରଥମ ଭୂଇଁ ଲାଗିବା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ପରେ ଦ୍ୱିତୀୟ ଭୂଇଁ କାମ ଶେଷ ହୋଇ ରାତି ପ୍ରାୟ ୧୦ଟାରେ ରଥ ଉପରେ ଲାଗିଥିଲା। ସୂଚନା ଥାଉ କି ଚଳିତବର୍ଷ ରଥର ୪ଟି ମୁଖ୍ୟ ନାହାକା ଏବଂ ୧୬ଟି ନାହାକା ସମ୍ପୂର୍ଣ୍ଣ ନୂଆ କରି ଲାଗିଛି । ନାହାକାଗୁଡ଼ିକର ଲମ୍ବ ୧୬ଫୁଟ ଥିବାବେଳେ ଏହି ବର୍ଷ ପ୍ରତ୍ୟେକ ନାହାକାରେ ୫ ଇଞ୍ଚ ଲେଖାଏ ବୃଦ୍ଧି କରାଯାଇଅଛି। ସର୍ଦ୍ଦାରୀ ମହାରଣା, ବଛକୃଷ୍ଣ ମହାରଣା ବିଭିନ୍ନ ଦୃଷ୍ଟିକୋଣରୁ ଦେଖି ନୂଆ ନାହାକା ଲାଗିବାରୁ ୫ ଇଞ୍ଚ ଲେଖାଏ ଲମ୍ବ ବୃଦ୍ଧି କରିଛନ୍ତି। ଦୀର୍ଘ ୫୦ବର୍ଷ ପୂର୍ବରୁ ବଛକୃଷ୍ଣଙ୍କ କକା ଏହି ରଥ କାର୍ଯ୍ୟ ନିର୍ମାଣ ବେଳେ ସେ ସମୟରେ ୪ଇଞ୍ଚ ମଧ୍ୟ ବୃଦ୍ଧି କରିଥିଲେ ବୋଲି ସେ କହିଛନ୍ତି। ତେଣୁ ନୂଆ କାମ ହେତୁ ପ୍ରର୍ଯ୍ୟାୟକ୍ରମେ କିଛି କିଛି ସମୟରେ ବ୍ୟତିକ୍ରମ ଦେଖାଯାଉଛି ବୋଲି ବଛକୃଷ୍ଣ କହିଛନ୍ତି।

### କମିଶନରେଟ ପୋଲିସ ପକ୍ଷରୁ ପୁଣି ବସିଲା ବୈଠକ

ପୁରୁଣା ଭୁବନେଶ୍ୱର,୮।୪(ଡି.ଏନ୍.ଏ.)

କମିଶନରେଟ୍ ପୋଲିସ ପକ୍ଷରୁ ସୋମବାର ସନ୍ଧ୍ୟାରେ ଶ୍ରୀ ଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରାକୁ ସୁଚାରୁ ରୂପେ ସମ୍ପାଦନ କରିବାପାଇଁ ଏକ ପ୍ରସ୍ତୁତି ବୈଠକ ଶ୍ରୀଲିଙ୍ଗରାଜ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡିସିପି ଅନୁପ ସାହୁ ଅଧ୍ୟକ୍ଷତା କରିଥିଲେ। ରୁକୁଣା ରଥଯାତ୍ରା ପରଦିନ ପଣା ସଂକ୍ରାନ୍ତି ପଡୁଥିବାରୁ ଗୋଟିଏ ଦିନ ରଥଖଳରୁ ରଥ ବାହାରି ମାଉସୀମା ତଥା ରାମେଶ୍ୱର ମନ୍ଦିରଠାରେ ପହଞ୍ଚିବା ପାଇଁ ବୈଠକରେ ସେବାୟତମାନଙ୍କୁ ଅନୁରୋଧ କରାଯାଇଥିଲା। ଏହି କାର୍ଯ୍ୟକୁ ଠିକ ରୂପେ ସମ୍ପାଦନ କରିବା ପାଇଁ ସମସ୍ତେ ସହମତି ପ୍ରଦାନ କରିଥିଲେ। ଠାକୁରଙ୍କ ରଥଯାତ୍ରା ପାଇଁ ସ୍ଥିରୀକୃତ ହୋଇଥିବା ନୀତି ନିର୍ଘଣ୍ଟ ଅନୁଯାୟୀ ସମ୍ପାଦନ କରିବାକୁ ଗୁରୁତ୍ୱ ଆରୋପ କରାଯାଇଥିଲା। ଚଳିତବର୍ଷ ରଥପୂଜା ସମ୍ପନ୍ନ ହୋଇ ଅପରାହ୍ନ ୪ଟାରେ ରଥ ଟାଣିବା ପାଇଁ ଆଲୋଚନା ହୋଇଥିଲା। ସୂଚନା ଥାଉକି କମିଶନରେଟ କାର୍ଯ୍ୟାଳୟ ପରିସରରେ ରବିବାର ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିବାବେଳେ ପୁଣି ତା'ର ପୁନରାବୃତ୍ତି କରାଯିବାର ମୂଳ ଲକ୍ଷ ହେଉଛି ରଥକୁ ଗୋଟିଏ ଦିନରେ ମାଉସୀମା'ଠାରେ ପହଞ୍ଚାଇବା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଡିସିପି ଅସୀମ ମିଶ୍ର, ଥାନା ଅଧିକାରୀ ଶରତଚନ୍ଦ୍ର ପାତ୍ର, ଶ୍ରୀ ଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ ସାହୁ, ପୂଜାପଣ୍ଡା ନିଯୋଗ ସମ୍ପାଦକ ସଚିକାନ୍ତ ପୂଜାପଣ୍ଡା, ବ୍ରାହ୍ମଣ ନିଯୋଗ ସମ୍ପାଦକ ବିରଞ୍ଚି ନାରାୟଣ ପତି, ବଡୁ ନିଯୋଗ ସମ୍ପାଦକ କମଳାକାନ୍ତ ବଡୁ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ସତ୍ୟର ଗ୍ରହଣ ଓ ଅସତ୍ୟର ତ୍ୟାଗରେ ସର୍ବଦା ଉଦ୍ୟମଶୀଳ ହେବା ଉଚିତ।
-ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ସେସୁ ଅଫିସରେ ପଶି ଗାଳିଗୁଲଜ: ୨ ଭାଇ ଗିରଫ

**କଟକ ଅଫିସ,୮।୪:** ମର୍କତ ନଗର ଥାନା ଅନ୍ତର୍ଗତ ସିଡିଏ ସେକ୍ଟର-୬ ଅଞ୍ଚଳରେ ଥିବା ସେସୁ ଅଫିରେ ପଶି ଗାଳିଗୁଲଜ କରିବା ଅଭିଯୋଗରେ ପୋଲିସ ଦୁଇ ଭାଇଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବିଡାନାସୀ ଥାନା ଗୋପାଳସାହି ଅଞ୍ଚଳର ପ୍ରମୋଦ ବେହେରା ଓ ନରେନ୍ଦ୍ର ବେହେରା। ସୂଚନା ଅନୁଯାୟୀ, ଶନିବାର ସକାଳେ ଦୁଇଭାଇ ସେସୁ ଅଫିସ୍ ଯାଇଥିଲେ। ସେଠାରେ ତାଙ୍କ ଘରେ ବିଦ୍ୟୁତ୍ କାଟି ଦେଇଥିବା ନେଇ ଅଭିଯୋଗ କରିବା ସହ ଗାଳି ଗୁଲଜ କରିଥିଲେ। ଏ ନେଇ ସେସୁ ପକ୍ଷରୁ ନନ୍ଦନ ମହାନ୍ତି ଅଭିଯୋଗ କରିବା ପରେ ପୋଲିସ ମାମଲା(ନଂ.୬୦/୧୯) ରୁଜୁ କରିଥିଲା।

### ଜମି ଭାଗବଣ୍ଟାକୁ ନେଇ ମାରପିଟ:୨ ଆହତ

**ଚୌଦ୍ୱାର, ୮।୪(ଡି.ଏନ୍.ଏ.) :** ବାଣିପଦା ପଞ୍ଚାୟତର ଚାଙ୍ଗୁଡ଼ିଆ ଗ୍ରାମରେ ଜମି ଭାଗବଣ୍ଟାକୁ ନେଇ ଗୋଟିଏ ପରିବାରର ଦୁଇ ଭାଇ ସୁରେଶ ସାହୁ ଓ ଯୋଗୀ ସାହୁଙ୍କ ମଧ୍ୟରେ ରବିବାର ରାତିରେ ଗଣ୍ଡଗୋଳ ଓ ମାରପିଟ୍ ହୋଇଥିଲା। ଏଥିରେ ସୁରେଶ ଉତ୍‌କ୍ଷିପ୍ତ ହୋଇ ଏକ ଧାରୁଆ ଅସ୍ତ୍ରରେ ଯୋଗୀଙ୍କୁ ଆକ୍ରମଣ କରିଥିଲେ। ଫଳରେ ଯୋଗୀଙ୍କ ବାମହାତ ପାପୁଲି ପାଖରୁ ୭୦ଭାଗ କଟିଯାଇଛି। ଯୋଗୀଙ୍କ ପାଲଟା ଆକ୍ରମଣରେ ସୁରେଶ ମଧ୍ୟ ଆହତ ହୋଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯୋଗୀଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନା ପଠାଇଥିଲା। ଏଥିସହ ସୁରେଶଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଇ ଥାନାରେ ଅଟକ ରଖିଛନ୍ତି। ପୋଲିସ ଘଟଣାର ଅଧିକ ତଦନ୍ତ ଜାରୀ ରଖିଛି।

### ଗୋଷ୍ଠୀ ସଂଘର୍ଷ ଘଟଣା: ଆଉ ୨ ଗିରଫ

**ଚୌଦ୍ୱାର, ୮।୪(ଡି.ଏନ୍.ଏ.) :** ଚୌଦ୍ୱାର ଥାନା ଅନ୍ତର୍ଗତ ବାଣିପଦା ଯାତ୍ରା ପଡ଼ିଆରେ ଗତ ୫ ତାରିଖରେ ଘଟିଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ପୋଲିସ ଆଉ ଦୁଇ ଜଣଙ୍କୁ ରବିବାର ରାତିରେ ଗିରଫ କରିଛି। ସେମାନେ ହେଲେ ସେହି ଗ୍ରାମର ପ୍ରଦୀପ ସେଠୀ ଓ ଚଗଲା ପରିଡ଼ା। ପୂର୍ବରୁ ଏହି ଘଟଣାରେ ୨୫ଜଣଙ୍କୁ ପୋଲିସ ଗିରଫ କରିଥିଲା। ସୂଚନାଯୋଗ୍ୟ, ଗତ ହୋଲି ପର୍ବରେ ସାମାନ୍ୟ କଥାକୁ ନେଇ ବାଣୀପଦା ମଳିକସାହି ଓ ଷାଠିଏ ଘରିଆ ସାହିର ଯୁବକମାନଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଗତ ଶୁକ୍ରବାର ଭୋର ସମୟରେ ଗ୍ରାମରେ ଚାଲିଥିବା ଅପେରା ସ୍ଥାନରେ ଉକ୍ତ ଦୁଇଗୋଷ୍ଠୀ ମଧ୍ୟରେ ପୁନର୍ବାର ମାର୍‌ପିଟ ସହ ଢେଲାମାଡ ହୋଇଥିଲା। ଏଥିରେ ଉଭୟ ଗୋଷ୍ଠୀର ୧୦ ଜଣ ଓ ୩ ପୋଲିସ କର୍ମଚାରୀ ଆହତ ହୋଇଥିଲେ। ଏ ନେଇ ଥାନାରେ ଏକ ମାମଲା(ନଂ.୧୧୭/୧୯) ରୁଜୁ ହୋଇଥିଲା।

### ବାଙ୍କୀ ମଇଦାନରେ ୭ ପ୍ରାର୍ଥୀ

**ବାଙ୍କୀ,୮।୪(ସ୍ୱ.ପ୍ର):** ବାଙ୍କୀ ବିଧାନସଭା ନିବାଚନମଣ୍ଡଳୀରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ୮ଜଣ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ସେମାନଙ୍କ ମଧ୍ୟରୁ ସୋମବାର ସ୍ୱାଧୀନ ପ୍ରାର୍ଥୀ ପଦ୍ମଜା ଦେବତା ପ୍ରାର୍ଥିପତ୍ର ପ୍ରତ୍ୟାହାର କରି ନେଇଛନ୍ତି। ଏହାପରେ ୭ ପ୍ରାର୍ଥୀଙ୍କ ମଧ୍ୟରେ ଲଢ଼େଇ ଆରମ୍ଭ ହୋଇଛି। ସେମାନଙ୍କ ମଧ୍ୟରେ ଅରବିନ୍ଦ ବେହେରା ଏସୟୁସିଆଇ(କମ୍ୟୁନିଷ୍ଟ), ଦେବୀରଞ୍ଜନ ତ୍ରିପାଠୀ ବିଜେଡି, ଦେବାଶିଷ ପଟ୍ଟନାୟକ କଂଗ୍ରେସ, ସଂଗ୍ରାମ କେଶରୀ ସାମନ୍ତସିଂହାର ସ୍ୱାଧୀନ, ଶୁଭ୍ରାଂଶୁ ମୋହନପାତ୍ରୀ ଭାଜପା, ନଳିନୀ ରାୟ ସ୍ୱାଧୀନ ଓ ଯୋଗୀନାଥ ସାହୁ ରାଷ୍ଟ୍ରୀୟ ସ୍ୱାଧୀନ ମଞ୍ଚ ପ୍ରାର୍ଥୀ ରହିଛନ୍ତି।

### କଂଗ୍ରେସ ପକ୍ଷରୁ ବନ୍ଧୁମିଳନ

**କଟକ ଅଫିସ, ୮।୪:** କଟକ ମହାନଗର ନିଗମ ଅଧୀନ ୧ ଓ ୨ ନମ୍ବର ୱାର୍ଡ କଂଗ୍ରେସ ପକ୍ଷରୁ ସୋମବାର ସ୍ଥାନୀୟ ବିଡ଼ାନାସୀ ନୂଆସାହି ପଡ଼ିଆରେ ବନ୍ଧୁମିଳନ ଅନୁଷ୍ଠିତ ହୋଇଥିଲା। ଏଥିରେ କଟକ ନଗର କଂଗ୍ରେସ ଉପସଭାପତି ସନ୍ତୋଷ ଲେଙ୍କା ପୌରୋହିତ୍ୟ କରିଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଂଗ୍ରେସ ନେତା କିଶୋରକର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବାରବାଟୀ-କଟକ ବିଧାନସଭା ପ୍ରାର୍ଥୀ ଇଂ. ମହମ୍ମଦ ମୋକିମ ଓ କଟକ ଲୋକ ସଭା ପ୍ରାର୍ଥୀ ପଞ୍ଚାନନ କାନୁନ୍‌ଗୋ ଅତିଥିଭାବେ ଯୋଗଦେଇ ଅଞ୍ଚଳର ସମସ୍ୟା, କଟକର ବିକାଶ ଓ ପ୍ରଗତିକୁ ଆଗେଇ ନେବାକୁ ଆହ୍ୱାନ ଦେଇଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୁର୍ନୀତି ବିରୋଧରେ ଜନମତ ସୃଷ୍ଟି କରି କଂଗ୍ରେସ ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ କଂଗ୍ରେସ କର୍ମୀମାନେ ସଂକଳ୍ପ ନେଇଥିଲେ।

■ ବେଧଡ଼କ ଚାଲିଛି ମାଦକ ଦ୍ରବ୍ୟ କାରବାର

# ଅବକାରୀ ବିଭାଗର ଚିନ୍ତାନାହିଁ

**ନିଶ୍ଚିନ୍ତକୋଇଲି,୮।୪(ସ୍ୱ.ପ୍ର.)**

ଗାଁଠୁ ସହର ଚାରିଆଡ଼େ ନିର୍ବାଚନୀ ଉଷ୍ମତା। ଏହା ଭିତରେ ଅବକାରୀ ମାଫିଆ ବେଶ ସକ୍ରିୟ ହୋଇ ପଡିଛନ୍ତି। ଦିନ ଦ୍ୱିପ୍ରହରରେ ସରକାରୀ ଅବକାରୀ ଦୋକାନରୁ ମାଦକ ଦ୍ରବ୍ୟ କିଣି ଖୋଲାଖୋଲି ଗାଁ ଗହଳିରେ ଚଢା ଦରରେ ବିକ୍ରି କରୁଛନ୍ତି। ସରକାରୀ ଦୋକାନ ବନ୍ଦ ହେବା ପରେ ମାଫିଆ ଅଧିକ ସକ୍ରିୟ ହୋଇ ଉଠୁଛନ୍ତି। ଏପରି କି ଗାଁ ଗହଳିରେ ରାତି ତାମାମ ବେଆଇନ ଦେଶୀ ଓ ବିଦେଶୀ ମଦର କାରବାର ଚାଲିଛି। ଅବକାରୀ ଆଇନକୁ କଡାକଡି ପାଳନ କରିବା ପାଇଁ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ଅବକାରୀ ବିଭାଗ ଖୋଲିଛି। କିନ୍ତୁ ବେଆଇନ ମଦ କାରବାର ଉପରେ ଏଯାବତ୍ ବିଭାଗ ରୋକ ଲଗାଇବାରେ ସକ୍ଷମ ହୋଇନାହିଁ। ଫଳରେ ଏହାକୁ ନେଇ ନାନା କଥା ଶୁଣାଯାଉଛି। ବେଆଇନ ମାଦକ ଦ୍ରବ୍ୟ କାରାବାର ରୋକିବା ପାଇଁ ଅବକାରୀ ବିଭାଗର ଚିନ୍ତା ନ ଥିବା ଅଭିଯୋଗ ହୋଇଛି।

ସମୟ ସମୟେ ପୋଲିସ ମଦ ଜବତ କରି ମାମଲା ରୁଜୁ କରୁଛି। କିନ୍ତୁ ନିର୍ବାଚନ ସମୟରେ ପୋଲିସ ଆଇନ ଶୃଙ୍ଖଳା ରକ୍ଷା ଉପରେ ଗୁରୁତ୍ୱ ଦେଉଥିବାରୁ ଅବକାରୀ ମାଫିଆ ବେଧଡକ ମଦ କାରବାର କରୁଛନ୍ତି। କଟକ-ଚାନ୍ଦବାଲି ରାସ୍ତା କଡରେ ଥିବା ହୋଟେଲ ଗୁଡିକରେ ବେଧଡକ ମଦ କାରବାର ଚାଲିଛି। ଢାବା ମାଲିକମାନେ ଗ୍ରାହକଙ୍କଠାରୁ ମୋଟା ଅଙ୍କର ଅର୍ଥ ନେଇ ମାଦକ ଦ୍ରବ୍ୟ ଯୋଗାଉଛନ୍ତି। ଏପରି କି ସଞ୍ଜ ନଇଁଲେ ବିଭିନ୍ନ ହୋଟେଲ ଓ ଢାବା ଗୁଡିକ ବାରରେ ପରିଣତ ହେଉଥିବା ଦେଖିବାକୁ ମିଳୁଛି। ନିଶାସକ୍ତ ହୋଇ ଯୁବପିଢ଼ି ପଥଭ୍ରଷ୍ଟ ହେବା ସହ ଅପରାଧ ଘଟାଇବାକୁ ମଧ୍ୟ ପଛାଉ ନାହାନ୍ତି। ସରକାରୀ ମଦ ଦୋକାନ ଗୁଡିକରେ ବ୍ୟାପକ ବେଆଇନ ମଦ ବିକ୍ରି ହେଉଛି। ଜଣେ ବ୍ୟକ୍ତି ସରକାରୀ ଦୋକାନରୁ ଏକାଥରେ ୫୦ ଲିଟରରୁ ଊର୍ଦ୍ଧ୍ୱ ମଦ କିଣି ଗାଁ ଗହଳିକୁ ପଠାଉଥିବା ନଜିର ରହିଛି। ଅବକାରୀ ବିଭାଗ

■ ୩ ଥାନା ଅଞ୍ଚଳରେ ମାତିଛନ୍ତି ମାଫିଆ

■ ଗାଁରେ ମିଳୁଛି ବିପୁଳ ମଦ

ଯଦି ସରକାରୀ ଦୋକାନରେ ସେଲ ରେଜିଷ୍ଟ୍ରାର କିମ୍ବା ବିକ୍ରି ସମୟରେ ଅଚାନକ ଚଢାଉ କରନ୍ତା ତେବେ ବେଆଇନ ମଦ କାରବାର ଉପରେ ରୋକ ଲଗାଯାଇପାରନ୍ତା ବୋଲି ମତପ୍ରକାଶ ପାଇଛି। ସାଲେପୁର ଥାନା ଅଧୀନ ଜିଗ୍ନିପୁର, ଜୟରାମପୁର, ରାମକୃଷ୍ଣପୁର, ବରାଦ ଓ ନିଶ୍ଚିନ୍ତକୋଇଲି ଥାନା ଅଧୀନ ବଡ଼କ୍ଷୀର, କଟରପଡ଼ା, କେଣ୍ଡାଳ, ଅସୁରେଶ୍ୱର, କଟିକଟା ଏବଂ ନେମାଳ ଥାନା ଅଧୀନ ଝାଡେଶ୍ୱରପୁର ପଞ୍ଚାୟତ ମଙ୍ଗଳପୁର, ସାନ୍ତପୁର, ନରେନ୍ଦ୍ରପୁର, ନଗସପୁର, କଳମିଶ୍ରି, ପାଳଦା ପ୍ରମୁଖ ପଞ୍ଚାୟତରେ ବ୍ୟାପକ ଦେଶୀ ଓ ବିଦେଶୀ ମଦ କାରବାର ହେଉଛି। ଗାଁ ଗହଳିରେ ପର୍ଯ୍ୟାପ୍ତ ପରିମାଣରେ ମଦ ମିଳୁଥିବାରୁ ସ୍କୁଲ,କଲେଜ ପିଲା ବିଶେଷଭାବେ ପ୍ରଭାବିତ ହେଉଛନ୍ତି। ସମ୍ପ୍ରତି ନିର୍ବାଚନ ଚାଲିଥିବାରୁ ମାଦକ ଦ୍ରବ୍ୟର ଖୋଲାଖୋଲି ବିକ୍ରି ନିର୍ବାଚନୀ ହିଂସାକୁ ପ୍ରୋତ୍ସାହିତ କରୁଛି। ଯଦି ଅବକାରୀ ବିଭାଗ ବେଆଇନ କାରବାର ଉପରେ ରୋକ ନ ଲଗାଏ ତେବେ ଆଗାମୀ ଦିନରେ ଏହା ଭୟଙ୍କର ହେବା ଆଶଙ୍କା ରହିଛି। ଏ ସମ୍ପର୍କରେ ନିଶ୍ଚିନ୍ତକୋଇଲି ଅବକାରୀ ବିଭାଗକୁ ଯୋଗଯୋଗ କରାଯାଇଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ। କଟକ ଏକ୍ସାଇଜ ସୁପରିଟେଣ୍ଡେଣ୍ଟ ଅଶୋକ କୁମାର ଶତପଥୀ କହିଛନ୍ତି, ନିର୍ବାଚନ ପାଇଁ ୪ଟି ଟିମ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢାଉ କରାଯାଉଛି। ଅବକାରୀ ବିଭାଗ ପକ୍ଷରୁ ସରକାରୀ ସ୍ୱୀକୃତ ପ୍ରାପ୍ତ ଦୋକାନ ଗୁଡିକୁ ମଧ୍ୟ ତାଗିଦ କରାଯାଇଛି। ଯଦି କେଉଁଠି ବେଆଇନ ମାଦକ ଦ୍ରବ୍ୟ କାରବାରର ସୂଚନା ମିଳେ ତେବେ ତୁରନ୍ତ ପଦକ୍ଷେପ ନିଆଯିବ।



ବିଧାୟକ ପ୍ରାର୍ଥୀ ଦେବେନ୍ଦ୍ର ସାହୁ, କେନ୍ଦ୍ରାପଡ଼ା ଏମ୍‌ପି ପ୍ରାର୍ଥୀ ଧରଣୀଧର ନାୟକ ଶୋଭାଯାତ୍ରା କରୁଛନ୍ତି।

## ମାହାଙ୍ଗାରେ କଂଗ୍ରେସ ପ୍ରାର୍ଥୀଙ୍କ ଶୋଭାଯାତ୍ରା

**ଲଳିତଗିରି/ମାହାଙ୍ଗା,୮।୪(ସ୍ୱ.ପ୍ର.)**

ମାହାଙ୍ଗା କଂଗ୍ରେସ ବିଧାୟକ ପ୍ରାର୍ଥୀ ଦେବେନ୍ଦ୍ର କୁମାର ସାହୁ ସୋମବାର ପ୍ରାର୍ଥିପତ୍ର ଦାଖଲ କରିବା ପରେ ଏକ ବାଇକ ଶୋଭାଯାତ୍ରା କରିଛନ୍ତି। ସାହୁ ଏବଂ କେନ୍ଦ୍ରପଡ଼ା କଂଗ୍ରେସ ଲୋକସଭା ପ୍ରାର୍ଥୀ ଧରଣୀଧର ନାୟକ କଇଥାଠାରୁ ଶୋଭାଯାତ୍ରାରେ ବାହାରି ଜୟପୁର, କୋଠପଦା, କୁଆଁପାଳ, ଛତ୍ରତୋଟା, ମାହାଙ୍ଗା, ଏରକଣା, ଗୌଡ଼ଗୋପ, ଭଦ୍ରେଶ୍ୱର ଏବଂ ହରଗୌରୀ ବଜାର ଦେଇ ନିଶ୍ଚିନ୍ତକୋଇଲି ବ୍ଲକ ଅଭିମୁଖେ ଯାତ୍ରା କରିଥିଲେ। ଶ୍ରୀ ସାହୁ ଏବଂ ନାୟକଙ୍କୁ ବିଭିନ୍ନ ଛକରେ କର୍ମୀମାନେ ସ୍ୱାଗତ କରିଥିଲେ। ଆଇନଜୀବୀ ପ୍ରବୀଣ କାନୁନ୍‌ଗୋ, ପ୍ରଦୀପ୍ତ କିଶୋର ଭୂୟାଁ, ଭାସ୍କର ବେହେରା, ଉତ୍ସବ ପରିଡା, ସଚ୍ଚିନ୍ଦ୍ର ସାହୁ, ଦେବେନ୍ଦ୍ର ପରିଡା, ତ୍ରିଲୋଚନ ସାମଲ, ଇଂ ବିନୟ ସାହୁ, ଭାଗ୍ୟଧର ସାହୁ, ଦୁଃଶାସନ ନାୟକ ଓ ମକର ସେଠୀଙ୍କ ସମେତ ବହୁ କର୍ମୀ ଶୋଭଯାତ୍ରାରେ ସାମିଲ ହୋଇଥିଲେ।



ବାଙ୍କୀ: ମା'ଚର୍ଚ୍ଚିକାଙ୍କ ଘଟଯାତ୍ରା ପାଇଁ ପୂଜାର୍ଚ୍ଚନା କରାଯାଉଛି।



ନରସିଂହପୁର ଯୁବ ପରିଷଦ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର।

## ଶାଳୀସହ ଯାଉଥିବା ଭିଣୋଇଙ୍କୁ ଆକ୍ରମଣ

**ଆଠଗଡ଼,୮।୪(ସ୍ୱ.ପ୍ର.)**

ସୋମବାର ସନ୍ଧ୍ୟାରେ ବାଇକ୍‌ରେ ଶାଳୀଙ୍କ ସହ ଯାଉଥିବା ଭିଣୋଇଙ୍କୁ ଦୁର୍ବୃତ୍ତ ଭୁଜାଲିରେ ଆକ୍ରମଣ କରିଛନ୍ତି। ସେ ଗୁରୁତର ହୋଇଛନ୍ତି। ତାଙ୍କୁ ଆଠଗଡ଼ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୋଲିସ ଖବର ପାଇବା ପରେ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ, ଆଠଗଡ଼ ଥାନା ଜେନାପଦା ଗ୍ରାମର ରବୀନ୍ଦ୍ର ନାୟକଙ୍କ ପୁଅ ସୁଧୀର ନାୟକ ଖୁଣ୍ଟୁଣୀରୁ ବାଇକ୍ ଯୋଗେ ତାଙ୍କ ଶାଳୀଙ୍କୁ ନେଇ ଜେନାପଦାକୁ ଆସୁଥିଲେ। ଶାଳୀଙ୍କ ବିବାହ ସ୍ଥିର ହୋଇଯାଇଥିବାରୁ ସୁଧୀର ତାଙ୍କୁ ଘରକୁ ପିଠା ଖୋଇବାକୁ ଆଣୁଥିଲେ। ଏହି ସମୟରେ ଆଠଗଡ ଥାନା ଅନ୍ତର୍ଗତ ନୂଆବନ୍ଧ ଜେନାପଦା ରାସ୍ତାର ଶିବମନ୍ଦିର ପୂର୍ବରୁ ହଠାତ୍ ୨ ବାଇକ୍‌ରେ ୩ ଦୁର୍ବୃତ୍ତ ଆସି ସୁଧୀରଙ୍କ ବାଇକ୍‌କୁ ଅଟାକାଇଥିଲେ। ଫଳରେ ସୁଧୀର ବାଇକ୍‌ରୁ ଖସି ପଡିଥିଲେ। ଏହାପରେ ଦୁର୍ବୃତ୍ତ ସୁଧୀରଙ୍କ ଗାଡିର ଚାବି ନେବାକୁ ଉଦ୍ୟମ କରିବାରୁ ସୁଧୀରଙ୍କ ସହ ସେମାନଙ୍କର ଯୁକ୍ତି ତର୍କ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଜଣେ ଦୁର୍ବୃତ୍ତ ହଠାତ୍ ଭୁଜାଲିରେ ସୁଧୀରଙ୍କ ମୁଣ୍ଡ ଓ ହାତକୁ ଆକ୍ରମଣ କରିଥିଲେ। ପାଟି ତୁଣ୍ଡ ଶୁଣି ସ୍ଥାନୀୟ ଲୋକ ଆସିବାରୁ ଦୁର୍ବୃତ୍ତ ଚମ୍ପଟ ମାରିଥିଲେ। ପରେ ଲୋକେ ସୁଧୀରଙ୍କୁ ଉଦ୍ଧାର କରି ଆଠଗଡ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ସେ ଏବେ ଚିକିତ୍ସାଧୀନ ଅଛନ୍ତି। ଆକ୍ରମଣର କାରଣ ଜଣାପଡ଼ିନାହିଁ।

## ଆଠଗଡ଼, ବଡ଼ମ୍ବାରେ ୧୦ ଲେଖାଏ ପ୍ରାର୍ଥୀଙ୍କ ପ୍ରତିଯୋଗିତା

**ଆଠଗଡ଼,୮।୪(ସ୍ୱ.ପ୍ର)**

ଆଠଗଡ ନିର୍ବାଚନମଣ୍ଡଳୀ ପାଇଁ ୧୧ ଓ ବଡ଼ମ୍ବା ନିର୍ବାଚନମଣ୍ଡଳୀ ପାଇଁ ୧୨ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିଲେ। ସୋମବାର ଆଠଗଡର ନମିତା ବାରିକ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିନେଇଥିବାବେଳେ ବଡମ୍ବାର ଖଗେଶ୍ୱର ମହାପାତ୍ର ଓ କାହ୍ନୁଚରଣ ବେହେରା ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଛନ୍ତି। ଏହାପରେ ପରେ ଉଭୟ ନିର୍ବାଚନମଣ୍ଡଳୀରେ ୧୦ ଲେଖାଏ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଯୋଗିତା ଆରମ୍ଭ ହୋଇଛି। ଏଥିସହ ପ୍ରତିଯୋଗିତାରେ ଥିବା ପ୍ରାର୍ଥୀଙ୍କୁ ସଙ୍କେତ ପ୍ରଦାନ କରାଯାଇଛି। ବଡ଼ମ୍ବା ବିଜେଡି ପ୍ରାର୍ଥୀ ଦେବୀ ପ୍ରସାଦ ମିଶ୍ର ଶଙ୍ଖ, କଂଗ୍ରେସ ପ୍ରାର୍ଥୀ ବବି ମହାନ୍ତି ହାତ, ଭାଜପା ପ୍ରାର୍ଥୀ ବିଜୟ ଦଳବେହେରା ପଦ୍ମ, ବହୁଜନ ସମାଜବାଦୀ ପାର୍ଟି ପ୍ରାର୍ଥୀ ସୁବାସ ସାହୁ ହାତୀ, ସ୍ୱାଧୀନ ପ୍ରାର୍ଥୀ କିଶୋର ଜେନା ହେଲମେଟ, ନିତ୍ୟାନନ୍ଦ ଖଟୁଆ ଦିଆସିଲି, ପରେଶ ବେହେରା ବଂଶୀ, ପ୍ରିୟରଞ୍ଜନ ପ୍ରତାପ ସିଂହ ଟେଲିଭିଜନ, ମନୋଜ ନନ୍ଦ ଆଲମାରୀ ଓ ଯୁଗଳ କିଶୋର ରାଉତ ଚକି ଚିହ୍ନ ପାଇଛନ୍ତି। ଆଠଗଡ ନିର୍ବାଚନମଣ୍ଡଳୀ ପାଇଁ କଂଗ୍ରେସର ଉମାବଲ୍ଲଭ ରଥ ହାତ, ଭାଜପାର ବ୍ରଜେନ୍ଦ୍ର ରାୟ ପଦ୍ମ, ବିଜେଡିର ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଶଙ୍ଖ, ବହୁଜନ ସମାଜବାଦୀ ପାର୍ଟିର ସୁବାସ ସାହୁ ହାତୀ, କୃପା ପାର୍ଟିର ବିଶ୍ୱଜିତ ସାହୁ ଚପଲ, ଆମ୍ବେଡକର ଜାତୀୟ କଂଗ୍ରେସ ଦଳର ମହମ୍ମଦ ମୁସ୍ତାକ ହୁସେନ ଗ୍ରାମଫୋନ, ସ୍ୱାଧୀନପ୍ରାର୍ଥୀ ଅଭୟ ବାରିକ ଷ୍ଟୁଲ, ଅଭୟ ରାଉତ ଖଟିଆ, ରଶ୍ମିରଞ୍ଜନ ପରିଡା ଗ୍ୟାସ ସିଲିଣ୍ଡର ଓ ହୃଦାନନ୍ଦ ମହାପାତ୍ର ହକିଷ୍ଟିକ ସଙ୍କେତ ପାଇଛନ୍ତି।

## ଘର ଘର ବୁଲି ପ୍ରଚାର କଲେ ଭାଜପା ବିଧାୟକ ପ୍ରାର୍ଥୀ ସମୀର

**କଟକ ଅଫିସ, ୮।୪**

ଆସନ୍ତା ନିର୍ବାଚନ ପାଇଁ ଭାଜପା ବିଧାୟକ ପ୍ରାର୍ଥୀ ସମୀର ଦେ ସୋମବାର ଘର ଘର ବୁଲି ପ୍ରଚାର କରିଥିଲେ। ସେ ତାଙ୍କ ସମର୍ଥକଙ୍କ ସହ ପୂର୍ବାହ୍ନ ୯ଟାରେ ପଦଯାତ୍ରାରେ ବିଜୁ ପଟ୍ଟନାୟକ ଛକରୁ ବାହାରି ମଧୁସୂଦନ ନଗର, ରେଭିନ୍ୟୁ କଲୋନି, ପଞ୍ଚମୁଖୀ ଛକ, ଜଗନ୍ନାଥ ମନ୍ଦିର (ମଠ ସାହି), କ୍ଲବ ଛକ, ତଳସାହି, ଛୁଟା ନଗର, ବିଡାନାସୀ, ଦେଉଳ ସାହି ଦେଇ ସିଡିଏଠାରେ ପହଞ୍ଚିଥିଲେ। ଭାଜପା କ୍ଷମତାକୁ ଆସିଲେ ୬ ମାସ ଭିତରେ ସହରର ସବୁ ମୌଳିକ ସମସ୍ୟାର ତୁରନ୍ତ ସମାଧାନ କରିବା ସହିତ ରାସ୍ତାଘାଟ, ପରିମଳ ଓ ପାନୀୟଜଳ ବ୍ୟବସ୍ଥାର ଉନ୍ନତି, ବାର୍ଦ୍ଧକ୍ୟଭତ୍ତା, ବିଧବା ଭତ୍ତା, ରାସନ କାର୍ଡ, ସମସ୍ତ ବସ୍ତିବାସୀଙ୍କ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କାଘର ଏବଂ ଭୂମିହୀନଙ୍କୁ ଜମିପଟ୍ଟା ପ୍ରଦାନ ନିମନ୍ତେ ସେ ପ୍ରତିଶ୍ରୁତି ଦେଇଥିଲେ ।

## ବିଷୁବ ମିଳନ ପ୍ରସ୍ତୁତି ବୈଠକ



ବିଷୁବ ମିଳନ ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

**ବାଙ୍କୀ,୮।୪(ସ୍ୱ.ପ୍ର.)**

ବାଙ୍କୀ ବିଷୁବ ମିଳନ ପାଳନ ପାଇଁ ମାସିକ ସାହିତ୍ୟ ଆସର ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ପ୍ରେସ୍ କ୍ଲବ ବିଦ୍ୟାରନ୍ ଭବନ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ କିପରି ସୁଚାରୁ ରୂପେ ପାଳନ କରାଯିବ ସେ ନେଇ ଆଲୋଚନା କରାଯାଇଥିଲା। ଅନୁଷ୍ଠାନ ସଭାପତି ଇଂ.ସତ୍ୟବ୍ରତ ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ଜ୍ଞାନେନ୍ଦ୍ର ମୋହନ ମିଶ୍ର ବିଷୁବ ଉପଲକ୍ଷେ ହେବାକୁ ଥିବା କାର୍ଯ୍ୟକ୍ରମ ସମ୍ପର୍କରେ ସଦସ୍ୟଙ୍କୁ ଅବଗତ କରାଇଥିଲେ। ଅଧ୍ୟାପକ ଡ. ଚିତ୍ରସେନ ରାଉତଙ୍କୁ ବିଷୁବ ପୁରସ୍କାର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରିବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। କବି ଭଗବାନ ସାମଲ ଓ ଚିତ୍ରସେନ ରାଉତଙ୍କ ସଂଯୋଜନାରେ କବିତା ପାଠଉତ୍ସବ ଆୟୋଜନ କରାଯାଇଥିଲା। କବୟିତ୍ରୀ ଚନ୍ଦ୍ରକାନ୍ତି ସିଂହ, ସରୋଜିନୀ ସାହୁ, ବିଦ୍ୟୁତ୍‌ଲତା ଭୂୟାଁ, ମମତା ଜେନା, ମୋନାଲିସା ପ୍ରିୟଦର୍ଶିନୀ ନନ୍ଦ, କଲ୍ୟାଣୀ ପଟ୍ଟନାୟକ, ରବିନାରାୟଣ ମଙ୍ଗରାଜ, ଶରତ ଚନ୍ଦ୍ର ମହାପାତ୍ର ଓ ନୀଳମାଧବ ମିଶ୍ର ପ୍ରମୁଖ ସେମାନଙ୍କ କବିତା ପାଠ କରିଥିଲେ।





ବାଙ୍କୀ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଏସୟୁସିଆଇ (କମ୍ୟୁନିଷ୍ଟ)ପ୍ରାର୍ଥୀ ଅରବିନ୍ଦ ବେହେରା ଓ ସମର୍ଥକ ପ୍ରଚାର କରୁଛନ୍ତି।

## ଏସୟୁସିଆଇ(ସି) ପ୍ରାର୍ଥୀଙ୍କ ପଦଯାତ୍ରା

**ବାଙ୍କୀ,୮।୪(ସ୍ୱ.ପ୍ର.)**

ବାଙ୍କୀ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଏସୟୁସିଆଇ (କମ୍ୟୁନିଷ୍ଟ)ପ୍ରାର୍ଥୀ ଅରବିନ୍ଦ ବେହେରା ସୋମବାର ବାଙ୍କୀ ଟାଉନରେ ପଦଯାତ୍ରା ମାଧ୍ୟମରେ ପ୍ରଚାର କରି ତାଙ୍କ ଦଳର ଆଦର୍ଶ ଓ ନୀତି ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଛନ୍ତି। ବାଙ୍କୀବାସୀ ବିପୁଳ ସଂଖ୍ୟାରେ ଭୋଟ ଦେଇ ତାଙ୍କୁ ନିର୍ବାଚିତ କରାଇବା ପାଇଁ ସେ ଅନୁରୋଧ କରିଛନ୍ତି। ଏଥିରେ ଅଭିରାମ ବେହେରା, ସିଦ୍ଧାର୍ଥ ରଥ, ମାଳବିକା ସାମଲ, ବିରେନ ଟାଇଟାଲ୍, ନମିତା ବେହେରା, କଳ୍ପନା ବେହେରାଙ୍କ ସମେତ ବହୁ କର୍ମୀ ଯୋଗଦେଇ ଟାଉନପରିକ୍ରମା କରିବା ସହିତ ଅରବିନ୍ଦଙ୍କୁ ନିର୍ବାଚିତ କରିବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ଏହି ଅଞ୍ଚଳରେ ଦୀର୍ଘଦିନ ହେବ ବିକାଶ ହେଉ ନ ଥିବା କର୍ମୀମାନେ ଅଭିଯୋଗ କରିଛନ୍ତି।

## ନରସିଂହପୁରରେ ଭାଜପା ପ୍ରାର୍ଥୀଙ୍କ ପ୍ରଚାର

**ନରସିଂହପୁର,୮।୪(ଡି.ଏନ.ଏ.)**

ସାଧାରଣ ନିର୍ବାଚନ ପାଇଁ ଭାଜପା ପକ୍ଷରୁ ପ୍ରଚାର ଅଭିଯାନକୁ ଜୋରଦାର କରାଯାଇଛି। ସୋମବାର ଶତାଧିକ ବାଇକ୍ ଓ ଚାରି ଚକିଆଯାନରେ ସମର୍ଥକଙ୍କ ସହ ବଡ଼ମ୍ବା ବିଧାୟକ ପ୍ରାର୍ଥୀ ବିଜୟ ଦଳବେହେରା ଓ କଟକ ଲୋକସଭା ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ମିଶ୍ର ପ୍ରଚାର କରିଛନ୍ତି। ପ୍ରାର୍ଥୀମାନେ କମଳାଡିହ, ବସନ୍ତପୁରୁ, କୁତୁମୁ, ସାନଗାଁ, ଜିଲିଣ୍ଡା, ରେଗେଡା, ଶରଧାପୁର ନରସିଂହପୁର ନୂଖପଡା, ପଦ୍ମପୁର, ବାଗଧରିଆ, କରିଲୋ, ଚମ୍ପେଶ୍ୱର, ଋଷିପଡା, କାନପୁର, ମାନପୁର, ବାସେଲିହତା, କୁରାଞ୍ଚୀ ଓ ବାଲିଝରୀ ଅଞ୍ଚଳକୁ ଯାଇ ବହୁ ସଂଖ୍ୟାରେ ଭୋଟଦେଇ ଜୟଯୁକ୍ତ କରିବାକୁ ଜନସାଧାରଣଙ୍କୁ ନିବେଦନ କରାଯାଇଥିଲା।

ବିଦ୍ୟୁତ୍ ଆଘାତରେ ଠିକା ଶ୍ରମିକ ଗୁରୁତର, ୨ ବର୍ତ୍ତିଲେ

## ବିନା ସୁରକ୍ଷାରେ କାମ କରୁଥିଲେ

**ମାହାଙ୍ଗା,୮।୪(ସ୍ୱ.ପ୍ର.)**

ମାହାଙ୍ଗା ବିଦ୍ୟୁତ୍ ଉପଖଣ୍ଡ କୋଠପଦା ବିଦ୍ୟୁତ୍ ସେକ୍ସନ ଅଧୀନ ବନଗୁରିଆ ସାହାଡ଼ାସୁନ୍ଦରୀ ପଡ଼ା ଗ୍ରାମରେ ବିଦ୍ୟୁତ୍ ଆଘାତରେ ସୋମବାର ଜଣେ ଠିକା ଶ୍ରମିକ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ସ୍ଥାନୀୟ ମେଡିକାଲ ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ଦୁଇ ଜଣ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ବିଦ୍ୟୁତ୍ କର୍ମଚାରୀ ଓ ଠିକାଦାରଙ୍କ ବେପରୁଆ କାର୍ଯ୍ୟ ଏବଂ ବିନା ସୁରକ୍ଷାରେ ଶ୍ରମିକ କାମ କରୁଥିବାରୁ ଏଭଳି ଘଟିଥିବା ଅଭିଯୋଗ ହୋଇଛି।

ସୂଚନା ଅନୁସାରେ, ଏକ ଠିକା ସଂସ୍ଥାର ସୁପରଭାଇଜର ଓ ୩ଜଣ ଶ୍ରମିକ ବନଗୁରିଆ ସାହାଡାସୁନ୍ଦରୀ ପଡା ଗ୍ରାମରେ ଥିବା ଏକ ଟ୍ରାନ୍ସଫରମରରେ ରଙ୍ଗ ଦେବାକୁ ଯାଇଥିଲେ। ସେଠାରେ ରଙ୍ଗ ଦେବା ପୂର୍ବରୁ ଠିକା ସଂସ୍ଥାର ସୁପରଭାଇଜର ପର୍ଶୁରାମ ରାଉତ ସେସୁ ବିଭାଗ ଲାଇନମ୍ୟାନ ଧନେଶ୍ୱର ବେହେରାଙ୍କୁ ବନଗୁରିଆ ଗ୍ରାମର ୧୧ କେଭି ବିଦ୍ୟୁତ୍ ଲାଇନ ପାଇଁ ସଟଡାଉନ ମାଗିଥିଲେ। ବନଗୁରିଆ ଗ୍ରାମଟି ଜୟପୁର ଫିଡରରେ ଥିବାବେଳେ ତାହା ସୁପରଭାଇଜର ଜଣକ ଜାଣିପାରି ନ ଥିଲେ। ବନଗୁରିଆ ସାହାଡାସୁନ୍ଦରୀ ପଡା ଗ୍ରାମଟି ବାସୁଦେବପୁର ୧୧କେଭି ଫିଡର ସହ ସଂଯୋଗ ଥିଲା। ଫଳରେ ସୁପରଭାଇଜର ରାଉତ ବନଗୁରିଆ ସାହାଡ଼ାସୁନ୍ଦରୀପଡା ଗ୍ରାମରେ ରଙ୍ଗ ଦିଆହେବା କଥା ନ କହି ସେସୁ ଲାଇନମ୍ୟାନଙ୍କୁ କେବଳ ବନଗୁରିଆ ଗ୍ରାମ କଥା କହିଥିଲେ। ସୁପରଭାଇଜରଙ୍କ ଅଜ୍ଞତା ହେତୁ ଲାଇନ ମ୍ୟାନ ଜୟପୁର ଫିଡର ୧୧କେଭିକୁ ବିଦ୍ୟୁତ୍ ବିଚ୍ଛିନ୍ନ କରିଥିଲେ। ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଥିବା କଥା ଲାଇନମ୍ୟାନ ସୁପରଭାଇଜରଙ୍କୁ ଜଣାଇବା ପରେ କିଶନନଗର ରଟିଲୋ ଗ୍ରାମର ଶ୍ରମିକ ପ୍ରମୋଦ ସେଠୀ ଓ ଅନ୍ୟ ଦୁଇଜଣ ଶ୍ରମିକ ରଙ୍ଗ ଦେବା କାମ ଆରମ୍ଭ କରିଥିଲେ। ପ୍ରମୋଦ କାର୍ଯ୍ୟ ଆରମ୍ଭ କରିବା ମାତ୍ରେ ତାଙ୍କୁ ଆଘାତ ଲାଗିଥିଲା। ଏଥିରେ ପ୍ରମୋଦଙ୍କ ୬୦ରୁ ୭୦% ଦେହ ପୋଡି ଯାଇଥିବାଲା। ସେ ତଳକୁ ଖସି ପଡିଥିଲେ। ତାଙ୍କ ମୁଣ୍ଡ ଓ ମୁହଁରେ ଆଘାତ ଲାଗିବା ସହ ଘଟଣାସ୍ଥଳରେ ପ୍ରବଳ ରକ୍ତସ୍ରାବ ହୋଇଥିଲା। ତାଙ୍କୁ ପ୍ରଥମେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ଥିବାରୁ କଟକ ବଡ ମେଡିକାଲ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ଯେଉଁଠାରେ ଏହି ଘଟଣା ଘଟିଛି ଠିକା ସଂସ୍ଥା କାର୍ଯ୍ୟରତ ଶ୍ରମିକଙ୍କ ନିମନ୍ତେ କୌଣସି ନିରପତ୍ତା ବ୍ୟବସ୍ଥା କରି ନ ଥିବା ଜଣାପଡ଼ିଛି। ଏ ସମ୍ପର୍କରେ କୋଟପଦା ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ଶିଶିର ରାଉତ କହିଛନ୍ତି, ଠିକାଦାରଙ୍କ ସୁପର ଭାଇଜର ଯେଉଁ ଅଞ୍ଚଳର ବିଦ୍ୟୁତ୍ ବିଚ୍ଛିନ୍ନ କରିବାକୁ କହିଥିଲେ ସେହି ଅଞ୍ଚଳରେ ବିଚ୍ଛିନ୍ନ କରାଯାଇଥିଲା। ତେବେ ଭୁଲରେ ଶ୍ରମିକ ଅନ୍ୟ ଏକ ବିଦ୍ୟୁତ୍ ଥିବା ଟ୍ରାନ୍ସଫର୍ମରରେ ଚଢ଼ିବାରୁ ଏପରି ହୋଇଥିଲା।

## ଦୁଇ ୱାର୍ଡରେ ବିଜେଡିର ବୈଠକ

**କଟକ ଅଫିସ, ୮।୪**

ବିଜେଡି ପକ୍ଷରୁ ସୋମବାର ସହରର ବିଭିନ୍ନ ସ୍ଥାନରେ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ବାରବାଟୀ-କଟକ ବିଧାନସଭା ପ୍ରାର୍ଥୀ ଦେବାଶିଷ ସାମନ୍ତରାୟଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଦଳର ବହୁ ନେତା ଓ କର୍ମୀ ସାମିଲ ହୋଇଥିଲେ। ସନ୍ଧ୍ୟାରେ ୨୬ ଓ ୨୭ ନମ୍ବର ୱାର୍ଡରେ ବିଜେଡିର ୱାର୍ଡ ବୈଠକ ଅନୁଷ୍ଠିତ ହୋଇଥିଲା। ଆଗାମୀ ଦିନରେ ଦଳର ବାରବାଟୀ-କଟକ ବିଧାନସଭା ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀ ଓ କଟକ ଲୋକ ସଭା ପ୍ରାର୍ଥୀ କିଭଳି ବିପୁଳ ଭୋଟ ପାଇବେ ସେ ନେଇ କର୍ମୀମାନଙ୍କୁ ନେତାମାନେ ଉଦ୍‌ବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରାର୍ଥୀ ସାମନ୍ତରାୟ, ଏମ୍‌ପି ପ୍ରାର୍ଥୀ ଭର୍ତ୍ତୃହରି ମହତାବ, କଟକ ନଗର ବିଜେଡି ସଭାପତି ମଧୁସୂଦନ ସାହୁ, ଦଳର ଜିଲା ସମ୍ପାଦକ ପ୍ରଶାନ୍ତ ନାୟକ ଓ ମହମ୍ମଦ ସକିଲ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।



ସତ୍ୟ କହିବା, ବିନୟ, ସୌନ୍ଦର୍ଯ୍ୟ, ବିଦ୍ୟା ଅଧ୍ୟୟନ, ବଳ, ଧନ, ବୀରତା, ଉପଯୁକ୍ତ ବଚନ ଓ କହିବାର ବୁଦ୍ଧି ହେଉଛି ସ୍ୱର୍ଗ ପ୍ରାପ୍ତି ମାର୍ଗର ଗୋଟିଏ ଗୋଟିଏ ସୋପାନ।
- ବିଦୁର



## ସଂକ୍ଷେପରେ

### କେନାଲରେ ବୁଡ଼ି ବୃଦ୍ଧା ମୃତ

**କଟକ ସଦର, ୮।୪(ଡି.ଏନ୍.ଏ.):** ସୋମବାର ତାଳଦଣ୍ଡା କେନାଲରେ ବୁଡି କିଶୋର ନଗର ଥାନା ଅଧୀନ ସୋମପୁର ଜାତୁଆସାହିର ହାରାମଣି ବେହେରା(୭୨)ଙ୍କ ମୃତ୍ୟୁ ଘଟିଛି। ସେ ଶୌଚ ହେବା ପାଇଁ ଯାଇଥିବାବେଳେ ଅସାବଧାନତା ବଶତଃ ଗୋଡ ଖସିଯିବାରୁ ପାଣିରେ ବୁଡ଼ି ଯାଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ କଟକ ବଡ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୫/୧୯) ରୁଜୁ ହୋଇଛି।

### ଦୋକାନୀଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣା, ୩ ଗିରଫ

**ପାତ୍ରପଡ଼ା,୮।୪(ଡି.ଏନ୍.ଏ.):** ଦୋକାନୀଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣାରେ ଖଣ୍ଡଗିରି ଥାନା ପୋଲିସ ସୋମବାର ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସରକନ୍ତରା ଗ୍ରାମର ଆକାଶ ଷଡଙ୍ଗୀ, ଅଗ୍ନି ଷଡଙ୍ଗୀ ଓ ଚିତ୍ତରଞ୍ଜନ ପରିଜା। ପୋଲିସ ସୂଚନା ଅନୁଯାୟୀ, ଗତ ୬ତାରିଖରେ ଅଭିଯୁକ୍ତମାନେ ଆଇଗିଣିଆ କୁବେରପୁରୀ ଅଞ୍ଚଳରେ ଦୋକାନ କରିଥିବା ଶହଦେବ ସେନାପତିଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ। ଶହଦେବଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ. ୧୯୭/୧୯)ରୁଜୁ କରି ତଦନ୍ତ ଚଳାଇଥିଲା।

### ଜମି ଠକେଇ ଅଭିଯୋଗରେ ଜଣେ ଗିରଫ

**କଟକ ରୋଡ,୮।୪(ଡି.ଏନ୍.ଏ.):** ଜମି ଠକେଇ ଅଭିଯୋଗରେ ବଡ଼ଗଡ଼ ପୋଲିସ ସୋମବାର ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ପୁରୀ ତାଳବଣିଆ ଥାନା ଅଞ୍ଚଳରେ ରହୁଥିବା ପରେଶ ପରମାଣିକ। ପୋଲିସ ସୂଚନା ଅନୁଯାୟୀ, ଚନ୍ଦକା ଥାନା ଅଧୀନ ଗୋଠପାଟଣା ଅଞ୍ଚଳର ବ୍ରହ୍ମାନନ୍ଦ ମଙ୍ଗରାଜ ୨୦୧୫ରେ ପରେଶଙ୍କୁ ୧୪ଲକ୍ଷ ଟଙ୍କାରେ ଏକ ଜମି ବିକ୍ରି କରିଥିଲେ। ପରବର୍ତ୍ତି ସମୟରେ ଉକ୍ତ ଜମି ବାବଦରେ ବିବାଦ ଥିବା ଜାଣିପାରି ପରେଶ କିଣିଥିବା ଜମିକୁ ପୁଣି ବ୍ରହ୍ମାନନ୍ଦଙ୍କୁ ଫେରାଇଦେବାକୁ ଚାହିଁଥିଲେ। ତେବେ ବର୍ତ୍ତମାନ ସମୟରେ ଜମିର ମୂଲ୍ୟ ୩୦ଲକ୍ଷ ଟଙ୍କା ବୋଲି ପରମାଣିକ କହିବା ପରେ ୨୬ଲକ୍ଷ ଟଙ୍କାରେ ଉକ୍ତ ଜମିକୁ ଫେରାଇବା ପାଇଁ ନିଷ୍ପତ୍ତି ହୋଇଥିଲା। ଦାବି ମୁତାବକ ଟଙ୍କା ଅଭିଯୁକ୍ତ ନେଇଥିଲେ ମଧ ଜମି ଫେରାଇ ନ ଥିଲେ ଏବଂ ନେଇଥିବା ଟଙ୍କା ମଧ ଫେରାଇ ନ ଥିଲେ ବୋଲି ତଦନ୍ତକାରୀ ଅଧିକାରୀ ବୈକୁଣ୍ଠ ନାଥ ବେହେରା କହିଛନ୍ତି। ଏନେଇ ବ୍ରହ୍ମାନନ୍ଦଙ୍କ ଅଭିଯୋଗକ୍ରମେ ଥାନାରେ ମାମଲା (ନଂ. ୯୫/୧୯) ରୁଜୁ ହୋଇଛି।

### ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ମୃତ

**ଖୋର୍ଦ୍ଧା ଅଫିସ,୮।୪:** କଲିକତା-ମାନ୍ଦ୍ରାସ ୧୬ନଂ. ଜାତୀୟ ରାଜପଥର ପିତାପଲ୍ଲୀଛକ ଠାରେ ସୋମବାର ଅପରାହ୍ନରେ ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ମୋଟା ଗାଁର ଶରତ ପଟ୍ଟନାୟକ(୪୫)। ଖବରପାଇ ଆଦର୍ଶ ଥାନାର ଶିଳ୍ପାଞ୍ଚଳ ଫାଣ୍ଡି ପୋଲିସ ଦୁର୍ଘଟଣା ଗସ୍ତ ଗାଡିକୁ ଜବତ କରିଛି। ଅନ୍ୟପକ୍ଷେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ମାମଲା (ନଂ.୧୧୦/୧୯) ରୁଜୁ ହୋଇଛି।

ୟୁନିଟ୍-୧ ମାର୍କେଟରେ ଅସାମାଜିକଙ୍କ ଆତଙ୍କ

# ବ୍ୟବସାୟୀଙ୍କୁ ଖଣ୍ଡାରେ ଗୋଡାଇ ହାଣିଲେ

ଭୁବନେଶ୍ୱର,୮।୪ (ବ୍ୟୁରୋ)

- ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି
- ଘଟଣା ପଛରେ ଜଣେ ମୁଷ୍ଟିମେୟ ବ୍ୟବସାୟୀ
- ସୁରକ୍ଷା ବ୍ୟବସ୍ଥା ନେଇ ପ୍ରଶ୍ନ ଉଠାଇଲେ ଅନ୍ୟମାନେ



କ୍ୟାପିଟାଲ ଥାନା ଅନ୍ତର୍ଗତ ୟୁନିଟ-୧ ମାର୍କେଟରେ ଏବେ ଅସାମାଜିକଙ୍କ ଉତ୍ପାତ ବଢ଼ି ଚାଲିଛି। କିଛିଦିନ ତଳେ ଜଣେ ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏବେ ଆଉଜଣେ ବ୍ୟବସାୟୀ ତଥା ସମାଜସେବୀଙ୍କୁ ସ୍ପଷ୍ଟ ଦିବାଲୋକରେ ଜଣେ ଦୁର୍ବୃତ୍ତ ଖଣ୍ଡାରେ ଗୋଡ଼ାଇ ହାଣିଛନ୍ତି। ଏଥିରେ ତାଙ୍କ ମୁଣ୍ଡ, ବେକ ଓ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ସେ ହେଲେ ଅଶୋକନଗର ଅଞ୍ଚଳର ସନ୍ତୋଷ କୁମାର ସାହୁ। ତାଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ଓ ପରେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷରେ ଆକ୍ରମଣକାରୀ ଥାନାରେ ଆତ୍ମ ସମର୍ପଣ କରିଥିବା ଜଣାପଡିଛି। ଏହି ଘଟଣା ପରେ ବ୍ୟବସାୟୀମାନେ ଭୟଭୀତ ହୋଇପଡ଼ିଛନ୍ତି। ଜଣେ ମୁଷ୍ଟିମେୟ ବ୍ୟବସାୟୀ ମାର୍କେଟରେ ରାଜ୍ କରୁଥିବାବେଳେ ତାଙ୍କ ଇଙ୍ଗିତରେ ଅପରାଧୀମାନେ ଏପରି କାଣ୍ଡ ଘଟାଉଥିବା ସେମାନେ ଅଭିଯୋଗ କରିଛନ୍ତି।

ସନ୍ତୋଷ ହେଉଛନ୍ତି ୟୁନିଟ୍-୧ ହାଟର ଜଣେ ପ୍ରତିଷ୍ଠିତ ପରିବା ବ୍ୟବସାୟୀ। ଏଥିସହ ଜଣେ ସମାଜସେବୀ ନାମରେ ତାଙ୍କର ସୁନାମ ରହିଛି। ତେବେ ପୂର୍ବ ବିବାଦକୁ ନେଇ ତାଙ୍କୁ ଆକ୍ରମଣ ହୋଇଥିବା ଜଣାପଡିଛି। ସୂଚନାନୁସାରେ, ଅଭିଯୁକ୍ତ ଜଣକ ପୂର୍ବରୁ ସନ୍ତୋଷଙ୍କ ସହ ପରିବା ବ୍ୟବସାୟ କରୁଥିଲେ। ଦୁଇବର୍ଷ ପରେ ସନ୍ତୋଷଙ୍କଠାରୁ ଅଲଗା ହୋଇଯାଇଥିଲେ। ବକେୟା ଟଙ୍କାକୁ ନେଇ ଉଭୟଙ୍କ ମଧ୍ୟରେ ବିବାଦ ଉପୁଜିଥିଲା। ଏ ନେଇ ଦୁଇଦିନ ତଳେ ସନ୍ତୋଷ ବ୍ୟବସାୟୀ ସଂଘକୁ ଜଣାଇବା ପରେ ଏହାର ସମାଧାନ ପାଇଁ ବୈଠକ ବସିବାକୁ ସ୍ଥିର ହୋଇଥିଲା। ସୋମବାର ମଧ୍ୟାହ୍ନରେ ସନ୍ତୋଷ ପରିବା ଗୋଦମରୁ କାମ ସାରି ଘରକୁ ବାହାରିଥିଲେ। ଗୋଦାମ ନିକଟ ପଡିଆରେ ଛକି ରହିଥିବା ଅଭିଯୁକ୍ତ ଜଣକ ତାଙ୍କୁ ହଠାତ ଖଣ୍ଡାରେ ଆକ୍ରମଣ କରିଥିଲେ। ସନ୍ତାଷ ଜୀବନ ବଞ୍ଚାଇବା ପାଇଁ ଚିତ୍କାର କରି ଦୌଡ଼ିଥିଲେ ମଧ ଅଭିଯୁକ୍ତ ଜଣକ ତାଙ୍କୁ ଗୋଡାଇ ଗୋଡାଇ ମୁଣ୍ଡ, ହାତ, ପିଠି ଏବଂ ବେକକୁ ବାରମ୍ବାର ଚୋଟ ମାରିଥିଲେ। ସେ ପଡ଼ିଯିବା ପରେ ଅଭିଯୁକ୍ତ ଜଣକ ପଳାଇଥିଲେ। ରକ୍ତଜୁଡୁବୁଡୁ ଅବସ୍ଥାରେ ସନ୍ତୋଷଙ୍କୁ ଗୋଦାମ କର୍ମଚାରୀମାନେ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଏ ନେଇ ସନ୍ତୋଷଙ୍କ ବଡ଼ ଭାଇ ଥାନାରେ ଅଭିଯୋଗ କରଛନ୍ତି। ସନ୍ତୋଷଙ୍କୁ ହତ୍ୟା ଉଦ୍ୟମ ସହ ତାଙ୍କଠାରୁ ୩ ଲକ୍ଷ ଟଙ୍କାର ଏକ ସୁନା ଚେନ ଲୁଟି ନେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ଘଟଣାର ତଦନ୍ତ ଚଳାଇଥିବାବେଳେ ଆତ୍ମ ସମର୍ପଣ କରିଥିବା ଅଭିଯୁକ୍ତଙ୍କୁ ପଚରାଉଚରା କରୁଛି।

ଘଟଣା ପାଇଁ ପୋଲିସକୁ ଦାୟୀ କରିଛନ୍ତି ବ୍ୟବସାୟୀମାନେ। ପୂର୍ବ ଘଟଣାରେ ପୋଲିସ ମାତ୍ର ଦୁଇ ଜଣଙ୍କୁ ଗିରଫ କରିଥିବାବେଳେ ଅନ୍ୟମାନେ ଏବେବି ଖୋଲାରେ ବୁଲୁଛନ୍ତି। ଏକ ନିର୍ଦ୍ଦିଷ୍ଟ ଗ୍ରାମର ଯୁବକମାନେ ଏଠାରେ ରାଜ୍ କରୁଥିବା ଓ ଦାଦାବଟି ପାଇଁ ଏପରି କାଣ୍ଡ ଘଟାଉଛନ୍ତି। ଫଳରେ ବ୍ୟବସାୟୀମାନେ ନିଜକୁ ନିରାପଦ ମଣୁନାହାନ୍ତି। ଏନେଇ କ୍ୟାପିଟାଲ ଥାନା ଅଧିକାରୀ ଗିରିଜା ଶଙ୍କର ଚକ୍ରବର୍ତ୍ତୀ କହିଛନ୍ତି, ସନ୍ତୋଷଙ୍କୁ ଆକ୍ରମଣ କରିଥିବା ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏଥିରେ ଅନ୍ୟ କାହାର ସମ୍ପୃକ୍ତ ରହିଛି ତାହାର ତଦନ୍ତ କରାଯାଉଛି। ଅନ୍ୟପକ୍ଷରେ ପୂର୍ବ ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବାକୁ ଉଦ୍ୟମ ଜାରି ରହିଥିବା ଓ ମାର୍କେଟରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ ବୋଲି ସେ କହିଛନ୍ତି।

ଗୁଳିମାଡ଼ରେ ୨ ଆହତ ଘଟଣା

# ୨୪ ଘଣ୍ଟା ପରେ ବି ପୋଲିସ ହାତ ଖାଲି

ବେଗୁନିଆ, ୮।୪(ଡି.ଏନ୍.ଏ.)

ଛାତି ଓ ପେଟରୁ ବାହାରିଲା ୨ ଗୁଳି



ଖୋର୍ଦ୍ଧା ଜିଲା ବେଗୁନିଆ ତହସିଲ ଡଙ୍ଗରପଡା ଗ୍ରାମ ସୀମାନ୍ତରେ ଥିବା କାଳଚୁଆ ପାହାଡକୁ ନେଇ ଦୀର୍ଘ ବର୍ଷ ହେବ ବିବାଦ ଲାଗି ରହୁଛି। ପଥର ମାଫିଆମାନେ ଅନେକ ସମୟରେ ପାହାଡ ନିଲାମ ନେଇ କଥା କଥାକେ ଗୁଳି ଫୁଟାଉଛନ୍ତି। ରବିବାର ଅପରାହ୍ନରେ ପଥର ମାଫିଆଙ୍କ ଗୁଳି ମାଡ଼ରେ ୨ ଯୁବକ ଆହତ ହୋଇଥିଲେ। ଏହା ସହ ୨ଟି ହିଟାଚି ଓ ଏକ ବୁଲେଟକୁ ପୋଡି ଦେଇଥିଲେ। ପୋଲିସ ଏ ସମ୍ପର୍କରେ ଏକ ମାମଲା (ନଂ.୫୮/୧୯) ରୁଜୁ କରି ତଦନ୍ତ ଜାରି ରଖିଥିବା ବେଳେ ଘଟଣାକୁ ୨୪ ଘଣ୍ଟା ବିତିଯାଇଥିଲେ ମଧ ଅଭିଯୁକ୍ତମାନଙ୍କୁ ଗିରଫ କରି ପାରି ନାହିଁ। ସୂଚନାଥାଉ କି, ରବିବାର ଅପରାହ୍ନ ପ୍ରାୟ ସାଢେ ୫ଟାରେ ୨ଜଣ ଯୁବକ ଏକ ପଲସରରେ ମୁହଁରେ କପଡା ବାନ୍ଧି ଦଲକ ଗ୍ରାମକୁ ଯାଇ ବାଦଲ ଜେନା(୨୯)ଙ୍କ ଉପରକୁ ୩ରାଉଣ୍ଡ ଗୁଳି ଚଳାଇବା ସହ ତାଙ୍କ ବୁଲେଟକୁ ପୋଡି ଦେଇଥିଲେ। ଗୋଟିଏ ଗୁଳି ତାଙ୍କ ପେଟରେ ଲାଗିଥିବା ବେଳେ ଆଉ ୨ଟି ଗୁଳି ଦୁଇ ହାତରେ ଲାଗିଥିଲା। ବାଦଲଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅସ୍ତ୍ରୋପଚାର ବେଳେ ବାଦଲଙ୍କ ଛାତି ଏବଂ ପେଟରୁ ୨ଟି ଗୁଳି ବାହାର କରାଯିବା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟୁଥିବା ପରିବାର ଲୋକେ କହିଛନ୍ତି। ସେହିପରି ଏହି ଘଟଣାରେ ଡଙ୍ଗରପଡା ଗ୍ରାମର ସୁକାନ୍ତ ସାମନ୍ତରାୟ ନାମକ ଜଣେ ନିରୀହ ଯୁବକଙ୍କ ଗୋଡକୁ ମାଫିଆମାନେ ଏକ ରାଉଣ୍ଡ ଗୁଳି ଚଳାଇଥିଲେ। ସୁକାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ମଧ ଭଲ ଥିବା ପରିବାର ଲୋକେ କହିଛନ୍ତି। ପରେ ପାହାଡ ତଳେ ଥିବା ୨ଟି ହିଟାଚିକୁ ମଧ ପୋଡି ଦେଇଥିଲେ। ଏ ସମ୍ପର୍କରେ ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁ କୁହନ୍ତି, ଘଟଣାର ତଦନ୍ତ ଜାରି ରହିଛି। ଘଟଣାର ସମ୍ପୃକ୍ତ ମାଫିଆମାନଙ୍କୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି।

# ବି.ଟେକ୍ ଛାତ୍ରଙ୍କ ହାଇଟେକ୍ ଲୁଟ୍

ଭୁବନେଶ୍ୱର,୮।୪ (ବ୍ୟୁରୋ)

- ବସ୍‌ରେ କୋରିୟର ସଂସ୍ଥାର ପାର୍ସଲ ଲୁଟିଥିଲେ
- ୩୦ ମୋବାଇଲ୍ ଫୋନ୍ ଜବତ, ଅଭିଯୁକ୍ତ ଗିରଫ



ଏକ କୋରିୟର ସଂସ୍ଥା ପକ୍ଷରୁ ବସ୍‌ରେ ପାର୍ସଲ ହେଉଥିବା ୩୦ ମୋବାଇଲ୍ ଫୋନ୍ ଲୁଟ୍ ଘଟଣାରେ ଏକ ରୋଚକ ତଥ୍ୟ ସାମ୍ନାକୁ ଆସିଛି। ଏହି ଲୁଟ୍ କରିଥିଲେ ଜଣେ ବିଟେକ୍ ଛାତ୍ର। ଚୋରି ମୋବାଇଲ୍ ଫୋନକୁ ବ୍ୟବହାର କରି ଶେଷରେ ଛାତ୍ର ଜଣକ ଧରାପଡିଛନ୍ତି। ଶହୀଦନଗର ଥାନା ପୋଲିସ ତାଙ୍କୁ ଗିରଫ କରିବା ସହ ତାଙ୍କଠାରୁ ସମସ୍ତ ଚୋରି ମୋବାଇଲ୍ ଫୋନ୍ ଜବତ କରିଛି। ଉକ୍ତ ମୋବାଇଲ୍ ଫୋନ୍‌ର ମୂଲ୍ୟ ୧୫ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ। ଗିରଫ ଅଭିଯୁକ୍ତ ହେଲେ ଭଦ୍ରକ ଜିଲା କୋରକଣା ଗ୍ରାମର ରାଜେଶ ପରିଡ଼ା (୨୩)। ପୋଲିସ ତାଙ୍କ ବିରୋଧରେ ଆଇପିସି ଦଫା ୩୭୯ରେ ମାମଲା (ନଂ.୧୩୭/୧୯) ରୁଜୁ କରି କୋର୍ଟ ଚାଲାଣ କରିଛି।

ପୋଲିସ ସୂଚନାନୁସାରେ, ଶହୀଦନଗରର ଉକ୍ତ କୋରିୟର ସଂସ୍ଥା ବସ୍‌ରେ ବିଭିନ୍ନ ସ୍ଥାନକୁ ପାର୍ସଲ ପଠାଇଥାଏ। ଜାନୁୟାରୀ ୧୨ରେ ଉକ୍ତ ସଂସ୍ଥା ଓଡି-୦୧ଜି-୮୪୭୫ ନମ୍ବର ବିଶିଷ୍ଟ ଏକ ବସ୍‌ରେ ବାଲେଶ୍ୱରକୁ ୩୦ ମୋବାଇଲ୍ ଫୋନ୍ ପଠାଇଥିଲା। ଅଭିଯୁକ୍ତ ରାଜେଶ ଭୁବନେଶ୍ୱରରେ ରହି ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ପଢୁଛନ୍ତି। ରାଜେଶ ସେଦିନ ସେହି ବସ୍‌ରେ ଘରକୁ ଯାଉଥିଲେ। ସଂସ୍ଥାର କର୍ମଚାରୀ ଆଶୁତୋଷ ଦାଶ ବାଣୀବିହାର ଛକରେ ମୋବାଇଲ୍ ପାର୍ସଲକୁ ବସ୍‌ରେ ରଖି ଡ୍ରାଇଭରଙ୍କୁ ଅବଗତ କରାଇଥିଲେ। ଏସବୁ କଥା ରାଜେଶ ଶୁଣିବା ପରେ ସେ କିଭଳି ଏହି ପାର୍ସଲକୁ ଲୁଟିନେବେ ସେନେଇ ଯୋଜନା କରିଥିଲେ। ବସ୍‌ଟି ଭଦ୍ରକରେ ପହଞ୍ଚିବା ପରେ ଅଭିଯୁକ୍ତ ରାଜେଶ କଣ୍ଡକ୍ଟର ଏବଂ ଡ୍ରାଇଭରଙ୍କ ଅନ୍ୟମନସ୍କତାର ସୁଯୋଗ ନେଇ ଉକ୍ତ ମୋବାଇଲ୍ ପାର୍ସଲକୁ ନେଇ ଚମ୍ପଟ ମାରିଥିଲେ। ସେପଟେ ପାର୍ସଲ ଠିକଣା ସ୍ଥଳରେ ନ ପହଞ୍ଚିବାରୁ ସଂସ୍ଥାର ସନ୍ଦେହ ହୋଇଥିଲା। ବସ୍ ଡ୍ରାଇଭର ମଧ ପାର୍ସଲ ସମ୍ପର୍କରେ କିଛି କହିପାରି ନ ଥିଲେ। ଶେଷରେ ଏନେଇ ସଂସ୍ଥାର କର୍ମଚାରୀ ଆଶୁତୋଷ ଜାନୁୟାରୀ ୧୮ରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମୋବାଇଲଗୁଡ଼ିକର ଆଇଏମ୍‌ଆଇ ନମ୍ବରକୁ ଟ୍ରାକିଂରେ ପକାଇଥିଲା। ଅଭିଯୁକ୍ତ ଜଣକ ଲୁଟ୍ ମୋବାଇଲ୍ ଫୋନ୍‌ରୁ ୩ଟିକୁ କାଢ଼ି ନିଜେ ବ୍ୟବହାର କରିଥିଲେ। ଟ୍ରାକିଂରେ ରହିଥିବାରୁ ପୋଲିସ ଲୋକେଶନ ଠାବ କରି ରବିବାର ଭଦ୍ରକରେ ଚଢାଉ କରି ତାଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ ରାଜେଶଙ୍କ ବାପା ଭଦ୍ରକର ଏକ କଲେଜରେ ପିଅନ ଭାବେ କାର୍ଯ୍ୟ କରୁଛନ୍ତି।

ଶହୀଦନଗର ଥାନା ଭଙ୍ଗାରୁଜା ମାମଲା

# ଜେଲରୁ ବାହାରିଲେ ପ୍ରକାଶ ତ୍ରିପାଠୀ, ସହଯୋଗୀ

ଭୁବନେଶ୍ୱର,୮।୪(ବ୍ୟୁରୋ)

ଶହୀଦନଗର ଥାନା ଭଙ୍ଗାରୁଜା ଘଟଣାର ମାଷ୍ଟରମାଇଣ୍ଡ କୁହାଯାଉଥିବା ପ୍ରକାଶ ତ୍ରିପାଠୀ ସୋମବାର ଅପରାହ୍ନ ୫ଟାରେ ଜେଲରୁ ବାହାରିଛନ୍ତି। ଗତ ୧୨ ଦିନ ତଳେ ତାଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟ ୩୦୭ ଓ ଅନ୍ୟ ଦଫାରେ ଜାମିନ ପ୍ରଦାନ କରିଥିଲେ। ହେଲେ ତାଙ୍କ ବିରୋଧରେ ଥିବା ସିଆରପିସି ୧୧୦ ଯୋଗୁ ସେ ଜେଲରୁ ବାହାରି ପାରି ନ ଥିଲେ। ଶେଷରେ ସୋମବାର ଭୁବନେଶ୍ୱର ଅତିରିକ୍ତ ଡିସିପି କୋର୍ଟରେ ପ୍ରକାଶ ତ୍ରିପାଠୀ, ଅମିତ ଜେନା ଓ ଅନ୍ୟ ଜଣଙ୍କର ୧୧୦ର ଶୁଣାଣିଥିଲା। କାଗଜପତ୍ର ଯାଞ୍ଚ ପରେ ପ୍ରକାଶ ଓ ସହଯୋଗୀ ଅମିତଙ୍କୁ କୋର୍ଟ ଜାମିନ ଦେଇଛନ୍ତି। ଅନ୍ୟଜଣଙ୍କ କାଗଜପତ୍ରରେ ତ୍ରୁଟି ଥିବାରୁ ତାଙ୍କୁ ଜାମିନ ମିଳିନାହିଁ।

ଗ୍ରାମ୍ୟ ଜଙ୍ଗଲକୁ ନେଇ ଆକ୍ରମଣ ଘଟଣା

# ମୃତ୍ୟୁ ସଂଖ୍ୟା ୨କୁ ବୃଦ୍ଧି ପାଇଲା

ବ୍ରହ୍ମଗିରି, ୮।୪(ଡି.ଏନ୍.ଏ.)

ବ୍ରହ୍ମଗିରି ଥାନା ଅନ୍ତର୍ଗତ ସାହାଜାନପୁର ଗ୍ରାମରେ ଗତ ୧ ତାରିଖରେ ବର୍ବୋରଚିତ ଘଟଣା ଘଟିଥିଲା। ଜଙ୍ଗଲ ଜଗୁଆଳୀଙ୍କୁ ମରଣାନ୍ତକ ଆକ୍ରମଣ କରାଯିବା ସହ ଜଗୁଆଳୀଙ୍କ କ୍ୟାମ୍ପକୁ ପେଟ୍ରୋଲ ପକାଇ ପୋଡିଦେବାକୁ ଉଦ୍ୟମ କରାଯାଇଥିବାବେଳେ ଏସିଡ୍ ମାଡ଼ ମଧ ହୋଇଥିଲା। ଏଥିରେ ଜଣଙ୍କର ମୃତ୍ୟୁ ହୋଇଥିବା ସମୟରେ ସୋମବାର ଚିକିତ୍ସାଧୀନ ଅବସ୍ଥାରେ ଅନ୍ୟ ଜଣଙ୍କ ମୃତ୍ୟୁ ହୋଇଛି। ସେ ହେଲେ ସାହାଜାନପୁର ଗ୍ରାମର ବାବୁଲା ଚୌଧୁରୀ। ଅନ୍ୟ ୩ ଜଣ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ବ୍ରହ୍ମଗିରି ଥାନା ଅନ୍ତର୍ଗତ ସାହାଜାନପୁର ଗ୍ରାମ ନିକଟରେ ଥିବା ସାହାଜାନପୁର ଗ୍ରାମ୍ୟ ଜଙ୍ଗଲକୁ ନେଇ ସାହାଜାନପୁର ଓ ଚାପମାଣିକ ଗ୍ରାମ ମଧ୍ୟରେ ଦୀର୍ଘ ଦିନରୁ ବିବାଦ ଲାଗିରହିଥିଲା। ଏହି ଗ୍ରାମ୍ୟ ଜଙ୍ଗଲକୁ ସୁରକ୍ଷା ଦେବା ପାଇଁ ସାହାଜାନପୁର ଗ୍ରାମବାସୀଙ୍କ ତରଫରୁ ପାଳି କରି ଏହି ଜଙ୍ଗଲକୁ ଜଗା ରଖା କରାଯାଉଥିଲା। ଗତ ସୋମବାର ଉକ୍ତ ଜଙ୍ଗଲକୁ ସାହାଜାନପୁରର କେତେଜଣ ଲୋକ ଜଗିଥିବା ସମୟରେ ପୂର୍ବ ବିବାଦକୁ ନେଇ ଚାପମାଣିକ ଗ୍ରାମର କେତେକ ଲୋକ ସେମାନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଜଗୁଆଳିମାନେ ଶୋଇଥିବା କ୍ୟାମ୍ପରେ ପେଟ୍ରୋଲ ପକାଇ ନିଆଁ ଲଗାଇ ଦେଇଥିଲେ। ଉକ୍ତ କ୍ୟାମ୍ପରେ ଶୋଇଥିବା ଲୋକମାନେ ଜୀବନ ବିକଳରେ ବାହାରକୁ ବାହାରିବା ସମୟରେ ସେମାନଙ୍କୁ ଏସିଡ୍ ମାଡ କରିବା ସହିତ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଦୋଳଗୋବିନ୍ଦ ମହାନ୍ତି, ବାବୁଲା ଚୌଧୁରୀଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇଥିବା ସମୟରେ ରାଜେନ୍ଦ୍ର ପ୍ରଧାନ, ରଜନୀକାନ୍ତ ମହାନ୍ତି, ହରମୋହନ ଶ୍ରୀଚନ୍ଦନ ଗୁରୁତର ହୋଇଥିଲେ। ଦୋଳଗୋବିନ୍ଦ ଓ ବାବୁଲା ଭୁବନେଶ୍ୱରରେ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ସମୟରେ ଗତ ମଙ୍ଗଳବାର ଦୋଳଗୋବିନ୍ଦଙ୍କ ମୃତ୍ୟୁ ହୋଇଥିଲା।

## ଅଗ୍ନିକାଣ୍ଡ ଘଟି ୨ବଖରା ଭସ୍ମୀଭୂତ

ନିମାପଡ଼ା,୮।୪(ଡି.ଏନ୍.ଏ.)

ନିମାପଡ଼ା ଥାନା ଅନ୍ତର୍ଗତ ଶଗଡା ପଞ୍ଚାୟତର କନପୁର ଗ୍ରାମରେ ସୋମବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ସୁବାସ ଚନ୍ଦ୍ର ମହାନ୍ତିଙ୍କ ଦୁଇ ବଖରା ଘର ଓ ନଡ଼ା ଗଦା ପୋଡି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡରେ ଧାନ, ଚାଉଳ, ଆସବାବପତ୍ର ଆଦି ପ୍ରାୟ ୫୦ହଜାର ଟଙ୍କାର ସମ୍ପତ୍ତି ପୋଡି ଭସ୍ମୀଭୂତ ହୋଇଯାଇଛି। ଖବରପାଇ ନିମାପଡ଼ା ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସନ୍ଧ୍ୟାରେ ଦିଆଯାଇଥିବା ଦ୍ୱୀପରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅଗ୍ନିଶମ ଅଧିକାରୀ ବ୍ରହ୍ମାନନ୍ଦ ମଲ୍ଲିକ କହିଛନ୍ତି। ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ସ୍ଥାନୀୟ ପ୍ରଶାସନ ନିକଟରେ ଦାବି ହୋଇଛି।

## ଗଛରେ ପିଟିହେଲା କାର, ୨ଗୁରୁତର

ନିମାପଡ଼ା,୮।୪(ଡି.ଏନ୍.ଏ.)

ନିମାପଡ଼ା-କୋଣାର୍କ ରାସ୍ତାର ଦିଘାଳୋ ମନସା ଠାକୁରାଣୀଙ୍କ ପୀଠ ନିକଟରେ ରବିବାର ବିଳମ୍ବିତ ରାତିରେ ଏକ କାର ଭାରସାମ୍ୟ ହରାଇ ଗଛରେ ପିଟି ହୋଇଯାଇଥିଲା। ଫଳରେ ଏଥିରେ ଥିବା ଦୁଇ କାର ଆରୋହୀ ଗୁରୁତର ହୋଇଥିଲେ। ଉଭୟଙ୍କୁ ଚିକିତ୍ସା ପାଇଁ ପ୍ରଥମେ ନିମାପଡ଼ା ମେଡିକାଲ ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଗୁରୁତରମାନେ ହେଲେ ପୁରୀ ଦୋଳମଣ୍ଡପ ସାହିର ତୁଷାର ରାଉତ ଓ ତାଙ୍କ ସମ୍ପର୍କୀୟ ବଳଙ୍ଗା ଥାନା ଅନ୍ତର୍ଗତ ଭୁତୁପଦା ଗ୍ରାମର ରଞ୍ଜନ ବେହେରା। ଖବରପାଇ ନିମାପଡ଼ା ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାର(ଓଡି ୦୨ଆର ୩୦୩୦)କୁ ଜବତ କରି ତଦନ୍ତ ଚଳାଇଛି। କୋଣାର୍କ ରାମଚଣ୍ଡୀରୁ ଏକ ଭୋଜିରେ ଯୋଗଦେଇ ନିମାପଡ଼ା ଅଭିମୁଖେ ଆସୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଏନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡିଛି।


कार्पोरेशन बैंक Corporation Bank
(ସାର୍ବଜନିକ କ୍ଷେତ୍ରର ଅଗ୍ରଣୀ ବ୍ୟାଙ୍କ)

କର୍ପୋରେଶନ ବ୍ୟାଙ୍କ
ଆଞ୍ଚଳିକ କାର୍ଯ୍ୟାଳୟ, ବ୍ଲକ୍ ନଂ.: ୪, ୱିଙ୍ଗ-୩, ୧ମ ମହଲା, ବିଏମ୍‌ସି ଭବାନୀ ଏନ୍‌କ୍ଲେଭ୍, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭

**ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ଧାରା ୮(୬) ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ନୋଟିସ୍

ଏହି ନୋଟସ୍ ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦିଆଯାଉଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସ୍ଥାବର ସମ୍ପତ୍ତିଗୁଡିକ ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ ରହିଛି, ଯାହାକୁ କର୍ପୋରେଶନ ବ୍ୟାଙ୍କ (ସୁରକ୍ଷିତ ଋଣଦାତା)ର କ୍ଷମତାପ୍ରାପ୍ତ ଅଧିକାରୀ "ଗଠନାତ୍ମକ / ଭୌତିକ ଦଖଲ" ନେଇ "ଯାହାବି ସେଠାରେ ଅଛି", ଯେଉଁଠାରେ ଯେପରି ଅଛି" ଏବଂ ଯାହା ଯେପରି ଅଛି" ଭିତ୍ତିରେ ବିକ୍ରୟ କରିବା ନିମନ୍ତେ ନିମ୍ନଲିଖିତ ତାରିଖ ସ୍ଥିର କରିଛନ୍ତି। ନିମ୍ନରେ ବର୍ଣ୍ଣିତ ଋଣଗ୍ରହୀତା ଓ ଗ୍ୟାରେଣ୍ଟିଦାତାମାନେ କର୍ପୋରେଶନ ବ୍ୟାଙ୍କକୁ ଦେବାକୁ ଥିବା ବକେୟା ଦେୟ ନିମ୍ନରେ ପ୍ରଦାନ କରାଗଲା। ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ମଧ୍ୟ ନିମ୍ନରେ ପ୍ରଦାନ କରାଗଲା ।

**ଭୁବନେଶ୍ୱର ମୁଖ୍ୟ ଶାଖା, ପ୍ଲଟ୍ ନଂ.: ୧୨୧ ଏବଂ ୧୨୨, ଖାରବେଳ ନଗର, ଷ୍ଟେସନ ସ୍କୋୟାର, ଭୁବନେଶ୍ୱର**

| ଋଣଗ୍ରହୀତା, କୋ-ଆପ୍ଲିକାଣ୍ଟ ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା: | ବକେୟା ରାଶି |
|---|---|
| ଋଣଗ୍ରହୀତା: ଶ୍ରୀ ରମଣୀ ରଞ୍ଜନ ରାଜ, ଏମ୍‌ଆଇଜି-୨୯, ମନୋରମା ଇଷ୍ଟେଟ୍, ରସୁଲଗଡ, ଭୁବନେଶ୍ୱର-୭୫୧୦୧୦, କୋ-ଆପ୍ଲିକାଣ୍ଟ/ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀମତୀ ସ୍ନିଗ୍ଧା ସରିତା ରାଜ, ଏମ୍‌ଆଇଜି-୨୯, ମନୋରମା ଇଷ୍ଟେଟ୍, ରସୁଲଗଡ, ଭୁବନେଶ୍ୱର-୭୫୧୦୧୦, ୨) ଶ୍ରୀ କାର୍ତ୍ତିକେଶ୍ୱର ରାଜ, ପିତା: ଜୟକୃଷ୍ଣ ରାଜ, ସା: ଅଁରା, ପୋ.: ଡଁଅର, ଭାୟା: ମଞ୍ଜୁରି ରୋଡ୍, ଜିଲ୍ଲା: କେନ୍ଦୁଝର | ୦୧.୦୭.୨୦୧୭ ସୁଦ୍ଧା ଟ.୫୮,୧୯,୫୬୮.୫୦ ସହିତ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ |

**ସମ୍ପତ୍ତିର ବିବରଣୀ-୧:** ଶ୍ରୀ ରମଣୀ ରଞ୍ଜନ ରାଜଙ୍କ ନାମରେ ଥିବା ଫ୍ଲାଟ୍‌ର ସମସ୍ତ ଅଂଶବିଶେଷ ଯାହାକି "ଦି ପ୍ରେଷ୍ଟିଜ୍" ମଲ୍ଟି ୟୁନିଟ୍ ଆପାର୍ଟମେଣ୍ଟର ବ୍ଲକ୍-ସି, ୪ର୍ଥ ମହଲାରେ ଅବସ୍ଥିତ ଯାହାର ଫ୍ଲାଟ୍ ନଂ.: ୪୦୧ ସହିତ ଗ୍ୟାରେଜ୍ ନଂ.: ସି-୪୦୧, ସୁପର ବିଲ୍ଟ ଅପ୍ ଏରିଆ: ୯୬୧ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ପୂର୍ବ: ଫ୍ଲାଟ୍ ନଂ.: ୪୦୨, ପଶ୍ଚିମ: ୪୦ ଫୁଟିଆ ଚଉଡା ରାସ୍ତା, ଉତ୍ତର: ଫ୍ଲାଟ୍ ନଂ.: ୪୦୪, ଦକ୍ଷିଣ: ବ୍ଲକ୍-ଇ, ମୌଜା: ବଳଭଦ୍ରପୁର, ଥାନା: ଏୟାରଫିଲ୍ଡ, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା
ଇ-ନିଲାମ ତାରିଖ ଏବଂ ସମୟ: ୨୫.୦୪.୨୦୧୯ ପୂର୍ବାହ୍ନ ୧୧.୪୫ ଘଟିକାରୁ ଅପରାହ୍ନ ୧.୧୫ ଘଟିକା ମଧ୍ୟରେ (ପ୍ରତ୍ୟେକ ପାଇଁ ଅସୀମ ବର୍ଦ୍ଧିତ ୧୦ ମିନିଟ ସମୟ ସହିତ)
ଦଖଲର ପ୍ରକାର: ଭୌତିକ / ସଂରକ୍ଷିତ ମୂଲ୍ୟ: ଟ.୨୧,୦୦,୦୦୦/- / ଅମାନତ ଜମା: ଟ.୨,୧୦,୦୦୦/- / ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ବିବରଣୀ ନିମନ୍ତେ ୱେବ୍‌ସାଇଟ୍: https://corpbank.com/sites/default/files/corpbank-page-files/tender/ramani_ranjan_raj_0.pdf ଲିଙ୍କ୍ ଦେଖନ୍ତୁ।

| ଋଣଗ୍ରହୀତା, କୋ-ଆପ୍ଲିକାଣ୍ଟ ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା: | ବକେୟା ରାଶି |
|---|---|
| ଋଣଗ୍ରହୀତା: ମେସର୍ସ ଷ୍ଟପ, ସ୍ୱତ୍ୱାଧିକାରୀ: ଶ୍ରୀ ନିହାର ରଞ୍ଜନ ପଟ୍ଟନାୟକ, ପ୍ଲଟ୍ ନଂ.: ବି-୬୩, ସହିଦ ନଗର, ଭୁବନେଶ୍ୱର-୭୫୧୦୦୭, କୋ-ଆପ୍ଲିକାଣ୍ଟ/ଗ୍ୟାରେଣ୍ଟିଦାତା: ଡଃ. ଅରୁଣ ସାମଲ, ପିତା: ଡଃ. ସର୍ବେଶ୍ୱର ସାମଲ, ପ୍ଲଟ୍ ନଂ.: ୧୦୬/୧୫୦୩, ଅଚାର୍ଯ୍ୟ ବିହାର, ଭୁବନେଶ୍ୱର-୭୫୧୦୨୨ | ୩୦.୦୮.୨୦୧୧ସୁଦ୍ଧା ଟ.୫୭,୬୭,୩୭୬.୦୦ ସହିତ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ |

**ସମ୍ପତ୍ତିର ବିବରଣୀ-୨:** ଶ୍ରୀ ନିହାର ରଞ୍ଜନ ପଟ୍ଟନାୟକଙ୍କ ନାମରେ ଥିବା ବାସୋପଯୋଗୀ ଜମିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୭୪୪/୧୩୯୦, ଖାତା ନଂ.: ୪୮୩/୨, କ୍ଷେତ୍ର: ୧.୫୦ଏକର (୬୫୩୪୦ ବର୍ଗଫୁଟ), ମୌଜା: ମହୁରା, ଥାନା: ଖଣ୍ଡଗିରି, ତହସିଲ: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା
ଇ-ନିଲାମ ତାରିଖ ଏବଂ ସମୟ: ୨୫.୦୪.୨୦୧୯ ପୂର୍ବାହ୍ନ ୧୧.୪୫ ଘଟିକାରୁ ଅପରାହ୍ନ ୧.୧୫ ଘଟିକା ମଧ୍ୟରେ (ପ୍ରତ୍ୟେକ ପାଇଁ ଅସୀମ ବର୍ଦ୍ଧିତ ୧୦ ମିନିଟ ସମୟ ସହିତ)
ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୪୦,୦୦,୦୦୦/- / ଅମାନତ ଜମା: ଟ.୪,୦୦,୦୦୦/- / ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ବିବରଣୀ ନିମନ୍ତେ ୱେବ୍‌ସାଇଟ୍: https://corpbank.com/sites/default/files/corpbank-page-files/tender/stop_0.pdf ଲିଙ୍କ୍ ଦେଖନ୍ତୁ।

ସ୍ଥାନ: ଭୁବନେଶ୍ୱର, ତାରିଖ: ୦୮.୦୪.୨୦୧୯ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କର୍ପୋରେଶନ ବ୍ୟାଙ୍କ



CLASSIFIED DISPLAY

ORANE INTERNATIONAL SCHOOL OF BEAUTY & WELLNESS
ଆଡଭାନ୍ସ ଡିପ୍ଲୋମା
ହେୟାର • ବିୟୁଟି ମେକ୍‌ଅପ୍
and work anywhere in the world
80+ Schools | 13 States | 45,000+ Students
Call: 73288-24255, 73288-24260 73288-24257
Plot No 5, 3rd Floor, Santosh Plaza, Janapath Satya Nagar, Bhubaneshwar



ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋତାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ସ୍ୱାମୀ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
9810599425 9971793786



MORE SPACE • SAME PRICE
CLASSIFIED DISPLAY
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
Bidyadhar- 7894447168 5% GST Applicable



ଭାତୁଡ଼ି କିଲଏଡ଼ ମାଛଆଖିଆ
ବିନା ଅପରେସନରେ ଚିକିତ୍ସା ପାଇଁ ଯୋଗାଯୋଗ କରନ୍ତୁ।
ଯୋଗାଯୋଗ ସମୟ: ସକାଳ ୮.୩୦ଘ.ରୁ ମଧ୍ୟାହ୍ନ ୧.୩୦ମି. ଏବଂ ସନ୍ଧ୍ୟା ୫.୦୦ଘ.ରୁ ରାତି ୯.୦୦ଘ. ପର୍ଯ୍ୟନ୍ତ
ASHOK HEALTH CARE
Jagamara, Bhubaneswar
Mob.: 9861038392, 7077163500



ସତ୍ୟର ଗ୍ରହଣ ଓ ଅସତ୍ୟର ତ୍ୟାଗରେ ସର୍ବଦା ଉଦ୍ୟମଶୀଳ ହେବା ଉଚିତ।
-ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ନିର୍ବାଚନ ପାଇଁ କଡ଼ାକଡ଼ି ଯାଞ୍ଚ



ବ୍ରହ୍ମଗିରି, ୮।୪(ଡି.ଏନ୍.ଏ.): ସାଧାରଣ ନିର୍ବାଚନ ପାଇଁ ବ୍ରହ୍ମଗିରି ଅଞ୍ଚଳରେ ଏବେ କଡାକଡି ଯାଞ୍ଚ କରାଯାଉଛି। ଚଳିତ ନିର୍ବାଚନକୁ ସ୍ୱଚ୍ଛ କରିବା ସହିତ ଭୋଟରମାନଙ୍କୁ ଅର୍ଥ ପ୍ରଲୋଭନରୁ ଦୁରେଇ ରଖିବା ପାଇଁ ନିର୍ବାଚନ ଅଧିକାରୀଙ୍କ ତରଫରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏ ନେଇ ବ୍ରହ୍ମଗିରି ଅଞ୍ଚଳକୁ ଆସୁଥିବା ଯାନବାହନ ଗୁଡ଼ିକୁ ପ୍ରଶାସନ ତରଫରୁ ଯାଞ୍ଚ କରାଯାଉଛି। ରାସ୍ତାରେ ଯାତାୟାତ କରୁଥିବା ବିଭିନ୍ନ ଗାଡି ମଟୋରକୁ ପୋଲିସ ଅଧିକାରୀମାନେ ଯାଞ୍ଚ କରୁଥିବାର ଦେଖିବାକୁ ମିଳିଛି।

### ବସନ୍ତ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ କଲ୍ୟାଣପୁର ଚାମ୍ପିୟନ

କଣାସ, ୮।୪(ଡି.ଏନ୍.ଏ.): ଡେଲାଙ୍ଗ ବ୍ଲକ ବଡଆଙ୍ଖୁଲା ଗ୍ରାମର ବାବା ବାଣେଶ୍ୱର କ୍ରିକେଟ କ୍ଲବ ଆନୁକୁଲ୍ୟରେ ଆୟୋଜିତ ବସନ୍ତ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟରେ କଲ୍ୟାଣପୁର ଟିମ୍ ଚାମ୍ପିୟନ ହୋଇଛି। ମହାରାଜା ମହେଶ୍ୱର ଉଚ୍ଚ ବିଦ୍ୟାଳୟ କ୍ରୀଡା ପ୍ରାଙ୍ଗଣରେ ଅନୁଷ୍ଠିତ ଏହି ଫାଇନାଲ ମ୍ୟାଚରେ ବଡ ଆଙ୍ଖୁଲା ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ଓଭରରେ ୯ଉଇକେଟ୍ ହରାଇ ୧୪୫ ରନ ସଂଗ୍ରହ କରିଥିଲା। ଜବାବରେ କଲ୍ୟାଣପୁର ଟିମ୍ ୧୯ଓଭର ୪ଟି ବଲ୍ ଖେଳି ୫ଉଇକେଟ୍ ବିନିମୟରେ ୧୪୬ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। କଲ୍ୟାଣପୁର ଟିମ୍‌ର ଲିଟୁ ଭଞ୍ଜ ମ୍ୟାନଅଫଦିମ୍ୟାଚ୍, ବଡ ଆଙ୍ଖୁଲା ଟିମ୍‌ର ରାଜା ମ୍ୟାନଅଫଦିସିରିଜ୍ ବିବେଚିତ ହୋଇଥିଲେ। ଶରତ ପ୍ରଧାନ ଓ ସୌମ୍ୟରଞ୍ଜନ ପ୍ରଧାନ ମ୍ୟାଚ୍ ପରିଚଳନା କରଥିଲେ।

### ମା'କନକଦୁର୍ଗା ମନ୍ଦିର ପ୍ରତିଷ୍ଠା ଉତ୍ସବ

ପିପିଲି, ୮।୪(ଡି.ଏନ୍.ଏ.): ପିପିଲିରେ ଅବସ୍ଥିତ ଆରାଧ ଦେବୀ କନକ ଦୁର୍ଗା ମାତାଙ୍କର ନୂତନ ବିଗ୍ରହ ଓ ମନ୍ଦିର ପ୍ରବେଶ ତଥା ମନ୍ଦିର ପ୍ରତିଷ୍ଠା ଉତ୍ସବ ମଙ୍ଗଳବାରଠାରୁ ଆରମ୍ଭ ହେବ। ଏଥିପାଇଁ ସୋମବାର ମା'କନକ ଦୁର୍ଗା ପୂଜା କମିଟି ପକ୍ଷରୁ ମନ୍ଦିର ପ୍ରାଙ୍ଗଣରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ପ୍ରଥମ ଦିନ ଅଧିବାସ, ଅଙ୍କୁରରୋପଣ, କଳସ ଯାତ୍ରା, ପୂଜା, ଯଜ୍ଞବିଧି, ପ୍ରାଣ ପ୍ରତିଷ୍ଠା, ରତ୍ନମଣ୍ଡପ ନ୍ୟାସ, ମନ୍ଦିର ପ୍ରବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ୧୩ତାରିଖରେ ସମାପନ ହେବ। ଦୈନନ୍ଦିନ ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ରହିବ। ଏହି ମନ୍ଦିର ନିର୍ମାଣ ପାଇଁ ୧୦ବର୍ଷ ଧରି କାର୍ଯ୍ୟ ଚାଲିଆସୁଥିଲା। ବହୁ ସଂଖ୍ୟାରେ ଭକ୍ତମାନେ ଯୋଗଦେବା ଲାଗି କମିଟି ପକ୍ଷରୁ ନିବେଦନ କରାଯାଇଛି। ଖବରଦାତା ସମ୍ମିଳନୀରେ କମିଟିର ମୁଖ୍ୟ ବିକ୍ରମ କେଶରୀ ସିଂ, ରାଜେଶ କୁମାର ଅଗ୍ରୱାଲ, ବିଶ୍ୱନାଥ ସାହୁ, ରବିନ୍ଦ୍ର ପୃଷ୍ଟି, ରବିନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

■ ରାଜସ୍ୱ ବିଭାଗ ନୀରବ

# କୋଣାର୍କରୁ ବାଲି ଲୁଟୁଛନ୍ତି ମାଫିଆ

କୋଣାର୍କ, ୮।୪(ଡି.ଏନ୍.ଏ.)



କୋଣାର୍କରୁ ଚୋରା ବାଲି ଚାଲାଣ ଯୋଗୁ ସୃଷ୍ଟି ହୋଇଥିବା ଖାଲ।

କୋଣାର୍କରେ ପ୍ରତ୍ୟହ ଟ୍ରାକ୍ଟର ଯୋଗେ ହେଲିପ୍ୟାଡ୍ ସଂଲଗ୍ନ ଅଞ୍ଚଳ, ଚନ୍ଦ୍ରଭାଗା ନିକଟସ୍ଥ ଜଙ୍ଗଲ, କୋଣାର୍କ-ପୁରୀ ବେଳାମାର୍ଗ, ଭଗବତୀ ମନ୍ଦିର ନିକଟସ୍ଥ ଜଙ୍ଗଲ ମଧ୍ୟରେ ଥିବା ସମତଳ ଅଞ୍ଚଳରୁ ବାଲି ଚୋରା ଚାଲାଣ ହେଉଥିବା ଅଭିଯୋଗ ଆସିଛି। ବର୍ଷେ ବର୍ଷ ଧରି ହେଲିପ୍ୟାଡ, ଚନ୍ଦ୍ରଭାଗା ଓ ଭଗବତୀ ମନ୍ଦିର ପଛପଟେ ଥିବା ସରକାରୀ ଜଙ୍ଗଲ ଜମିରୁ ବାଲି ଖୋଳାଯାଇ ବୁହା ଚାଲିଛି। ଅବାଧରେ ବାଲି ବୁହା ହେଉଥିବା ଯୋଗୁ ଏ ଅଞ୍ଚଳ ଏବେ କୃତ୍ରିମ ହ୍ରଦରେ ପରିଣତ ହୋଇ ଗଲାଣି। ସରକାରଙ୍କ ମାଲିକାନାରେ ଥିବା ଏହି ସବୁ ଅଞ୍ଚଳରୁ ବାଲି ଉଠାଣ ଫଳରେ ଲକ୍ଷାଧିକ ଟଙ୍କାର ରାଜସ୍ୱ ହାନି ହେଉଛି।

ରାଜସ୍ୱ ବିଭାଗର ବିନା ଅନୁମତିରେ ଶହ ଶହ ଟ୍ରିପ୍ ବାଲି ଉଠାଣ ନିତିଦିନିଆଁ ଘଟଣାରେ ପରିଣତ ହୋଇଛି। ଯେଉଁମାନେ ରୟାଲଟି କାଟୁଛନ୍ତି ସେମାନେ ନିର୍ଦ୍ଧାରିତ ଟ୍ରିପ୍‌ଠାରୁ ଅଧିକ ଟ୍ରିପ୍ ବାଲି ଉଠାଇ ନେଉଛନ୍ତି। ରାଜସ୍ୱ ବିଭାଗର କେତେକ ଅସାଧୁ କର୍ମଚାରୀ ଓ ଦଲାଲଙ୍କ ପକେଟକୁ ମୋଟା ଅଙ୍କର ଫାଇଦା ଯାଉଛି। କୋଣାର୍କ ଓ ଏହାର ଆଖପାଖ ଅଞ୍ଚଳରେ ହେଉଥିବା ସମସ୍ତ ସରକାରୀ ଓ ବେସରକାରୀ ନିର୍ମାଣ କାର୍ଯ୍ୟରେ ଏହି ଲୁଣି ବାଲି ବ୍ୟବହାର ହେଉଛି। ଫଳରେ ଏହି ନିର୍ମାଣ ଗୁଡ଼ିକର ସ୍ଥାୟୀତ୍ୱ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଚୋରା ବାଲି ଚାଲାଣ ସମ୍ପର୍କରେ ବାରମ୍ବାର ଅଭିଯୋଗ କରାଗଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଏହି ଚୋରା ବାଲି ଚାଲାଣକୁ ବନ୍ଦକରିବା ସହିତ ଏହାର ତଦନ୍ତ କରାଯାଇ ମାଫିଆମାନଙ୍କ ସହିତ ହାତ ମିଳାଇ ରାଜକୋଷ ଲୁଟ୍ କରୁଥିବା ଅସାଧୁ ରାଜସ୍ୱ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି କୋଣାର୍କକୁ ବାଲି ମାଫିଆଙ୍କ କବଳରୁ ଉଦ୍ଧାର କରିବା ପାଇଁ ସାଧାରଣରେ ଦାବି ହେଉଛି। କୋଣାର୍କରୁ ଖୁଲମଖୁଲା ବାଲି ଚୋରା ଚାଲାଣ ଯୋଗୁ ପରିବେଶ ଅସନ୍ତୁଳିତ ହେବା ନେଇ ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଗୋପ ତହସିଲଦାର ପୃଥ୍ୱୀରାଜ ମଣ୍ଡଳଙ୍କୁ ପଚାରିବାରେ ବାଲି ଚୋରାଚାଲାଣ ବନ୍ଦ କରିବାକୁ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କୁ ତାଗିଦ କରିଛି। ରାତିରେ ବାଲି ଚୋରା ଚାଲାଣ ରୋକିବା ପାଇଁ ସ୍ୱତନ୍ତ୍ର ସ୍କ୍ୱାର୍ଡ଼ ଗଠନ କରି ଏହା ଉପରେ ନଜର ରଖି ଚଢ଼ାଉ କରାଯିବ ବୋଲି କହିଥିଲେ।

■ ତପସ୍ୱିନୀ ଏକ୍ସପ୍ରେସ୍ ଅଗ୍ନିକାଣ୍ଡ ଘଟଣା

# ଆଜି ପୁରସ୍କୃତ ହେବେ ଅଗ୍ନିଶମ କର୍ମଚାରୀ

ପୁରୀ ଅଫିସ, ୮।୪:

ତପସ୍ୱିନୀ ଏକ୍ସପ୍ରେସ୍‌ରେ ଅଗ୍ନିକାଣ୍ଡ ପରେ ତ୍ୱରିତ ଭାବେ ନିଆଁ ଲିଭାଇବାରେ ବିଶେଷ ଭୂମିକା ରଖିଥିବା ଅଗ୍ନିଶମ ବାହିନୀ, ଜିଆର୍‌ପି ଏବଂ ଆର୍‌ପିଏଫ୍ କର୍ମଚାରୀଙ୍କୁ ପୂର୍ବତଟ ରେଳପଥ ପକ୍ଷରୁ ପୁରସ୍କୃତ କରାଯିବ। ମଙ୍ଗଳବାର ପୂର୍ବାହ୍ନରେ ପୁରୀ ରେଳଷ୍ଟେଶନ ପରିସରରେ ଏ ନେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ ହେବ। ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ଅଗ୍ନିଶମ ବାହିନୀ କର୍ମଚାରୀଙ୍କୁ ୫୦ହଜାର, ଆର୍‌ପିଏଫ୍ ଏବଂ ଜିଆର୍‌ପି କର୍ମଚାରୀଙ୍କୁ ୧୦ହଜାର ଟଙ୍କା ଲେଖାଏ ପୁରସ୍କୃତ କରାଯିବ। ଖୋର୍ଦ୍ଧା ଡିଆର୍‌ଏମ୍ ଏହି ପୁରସ୍କାର ପ୍ରଦାନ କରିବେ ବୋଲି ରେଳ ବିଭାଗ ପକ୍ଷରୁ ସୋମବାର ସୂଚନା ଦିଆଯାଇଛି।

# ଜାଗୃତି ମହୋତ୍ସବ ଉଦ୍‌ଯାପିତ

ପିପିଲି, ୮।୪(ଡି.ଏନ୍.ଏ.)

ପିପିଲି ସଙ୍କଟମୋଚନ ହନୁମାନ ମନ୍ଦିର ନିକଟରେ ଜାଗୃତି ଯୁବ ସଂଗଠନ ପକ୍ଷରୁ ଜାଗୃତି ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ମହେନ୍ଦ୍ରା ଆଣ୍ଡ ମହେନ୍ଦ୍ରାର ଅଧିକାରୀ ସଞ୍ଜୀବ କୁମାର, ଦୀପକ ଗୁପ୍ତା, ବିଷ୍ଣୁପ୍ରସା ଦାଶ, କଣ୍ଠଶିଳ୍ପୀ ଅଞ୍ଜଳି ମିଶ୍ର ଓ ଇପ୍‌ସିତା ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ବହୁ ପୁରୁଣା କାଳରୁ ଚଳି ଆସିଥିବା କଳା, ସଂସ୍କୃତିକୁ ବଞ୍ଚାଇ ରଖିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ମନୋଜ ପ୍ରଧାନ, ପିପିପି କଲେଜ ଅଧ୍ୟାପକ ଡ.ସଚ୍ଚିକାନ୍ତ ନାୟକ, ବିଭୁନା ସମନ୍ତରାୟ, ଅଶୋକ କୁମାର ସାହୁ, ସୁରେନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ସଭାପତି ପ୍ରଭାତ କୁମାର ମହାପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ଗନ୍ଧର୍ବ ପରିଡ଼ା, ରବିନ୍ଦ୍ର ପ୍ରଧାନ, ଧ୍ରୁବ ବେହେରା ସଫଳ ଚାଷୀ ଭାବେ ସମ୍ମାନିତ ହୋଇଥିଲେ। ପରେ ପିପିଲି ଅଞ୍ଚଳର ବିଭିନ୍ନ ଖବରଦାତାଙ୍କୁ ସମ୍ମାନିତ କରାଯାଇଥିଲା।



ଉଦ୍‌ଯାପନୀ ସନ୍ଧ୍ୟାରେ କଳାକାରମାନେ ମାଲଖମ୍ବ ପ୍ରଦର୍ଶନ କରୁଛନ୍ତି।

■ ଗୋପ ଲୋକ ଉତ୍ସବ ପଞ୍ଚମ ସନ୍ଧ୍ୟା

# ବାଲ୍ୟ ବିବାହ, ନିରନ୍ତର ଶିକ୍ଷାର ପ୍ରଚାର ଉପରେ ଗୁରୁତ୍ୱ

ଗୋପ, ୮।୪(ଡି.ଏନ୍.ଏ.)



ଅତିଥିମାନେ 'ରେଡିଓ ନମସ୍କାର'ର ରୋଜାଲିନି ପ୍ରଧାନଙ୍କୁ ସମ୍ବର୍ଦ୍ଧ କରୁଛନ୍ତି।

ଗ୍ରାମାଞ୍ଚଳରେ ବାଲ୍ୟ ବିବାହ ଓ ନିରନ୍ତର ଶିକ୍ଷାର ପ୍ରଚାର ପ୍ରସାର ଉପରେ ଦୀର୍ଘ ୩ ମାସ ଧରି ରେଡିଓ ନମସ୍କାର ପକ୍ଷରୁ ପ୍ରୟାସ ଜାରି ରହିଥିଲା। ଏହି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟକୁ ଏକ ସେବା ଭାବରେ ନେଇଥିବାରୁ ଗୋପ ଲୋକ ଉତ୍ସବର ପଞ୍ଚମ ସନ୍ଧ୍ୟାରେ ଗୋପ ମହିଳା ସଂଗଠନ ତରଫରୁ ସଂଗଠନର କାର୍ଯ୍ୟନିର୍ବାହୀ ଅଧିକାରୀ ରୋଜାଲିନ୍ ପ୍ରଧାନଙ୍କୁ ମହିଳା ମହାସଂଘର ସଭାନେତ୍ରୀ ମିନାକ୍ଷୀ ପୃଷ୍ଟି ସମ୍ବର୍ଦ୍ଧିତ କରିଥିଲେ। ବିଜ୍ଞାନକୁ ଆଜିର ସମାଜ ଅଧିକ ଗୁରୁତ୍ୱ ଦେଉଥିବାବେଳେ ବାଲ୍ୟ ବିବାହ ଓ ନିରନ୍ତର ଶିକ୍ଷା ପ୍ରତି ଗ୍ରାମାଞ୍ଚଳରେ ସେତେଟା ପ୍ରଭାବ ପକାଇପାରି ନାହିଁ। ଏବେ ମଧ୍ୟ ଗ୍ରାମାଞ୍ଚଳ ଲୋକମାନେ ସରକାରୀ ନିୟମକୁ ସେତେଟା ଗୁରୁତ୍ୱ ଦେଉ ନ ଥିବାବେଳେ ବାପା ମା'ମାନେ କମ୍ ବୟସରେ ପିଲାମାନଙ୍କୁ ବିବାହ କରିଥିଲେ। ଏହି କାର୍ଯ୍ୟକୁ ଅଧିକ ଗୁରୁତ୍ୱ ଦେଇ ରେଡିଓ ନମସ୍କାର ପକ୍ଷରୁ ବିଭିନ୍ନ ଗ୍ରାମରେ ସାଧାରଣ ଲୋକମାନଙ୍କୁ ସଚେତନତା କରିବା ସହିତ ଏହାକୁ କିପରି ରୋକାଯାଇ ପାରିବ ସେ ସମ୍ପର୍କରେ ବୁଝାଯାଉଛି। ଗ୍ରାମାଞ୍ଚଳର ସାଧାରଣ ଲୋକମାନଙ୍କୁ ଏହି ସଚେତନତା କ୍ଷେତ୍ରରେ ଗୋପ ଅଞ୍ଚଳର ପ୍ରଧାନ ଅଧିକ ଗୁରତ୍ୱ ଦେଉଥିବାରୁ ମହିଳା ସଂଗଠନ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ପୃଷ୍ଟି ପ୍ରକାଶ କରିଛନ୍ତି।

# ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର

ସାକ୍ଷୀଗୋପାଳ, ୮।୪(ଡି.ଏନ୍.ଏ.)

ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟରେ ସୋମବାର ଠାରୁ ବାଳିକା ଅତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଭବମ ପ୍ରଧାନ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। କ୍ରୀଡାଶିକ୍ଷକ ଲକ୍ଷ୍ମୀ ପ୍ରସାଦ ମିଶ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରି ବିଭିନ୍ନ ବ୍ୟାୟାମ ଓ ଆତ୍ମରକ୍ଷା କୌଶଳ ଅଭ୍ୟାସରେ ସୁସ୍ଥ ଶରୀର ଗଠନ ଓ ସାହସିକତା ପ୍ରତି ସଚେତନ ହୋଇପାରିବେ ବୋଲି କହିଥିଲେ। ପ୍ରଶିକ୍ଷିକା ଭାବରେ ଲକ୍ଷ୍ମୀପ୍ରିୟା ନାଥ ଓ ପୁଷ୍ପାଞ୍ଜଳୀ ଜେନା ବାଳିକାମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ୧୩ଟି ବିଦ୍ୟାଳୟର ୭୨ ଜଣ ବାଳିକା ଏହି ଶିବିରରେ ଅଂଶ ଗ୍ରହଣ କରିଛନ୍ତି। କ୍ରୀଡ଼ା ଶିକ୍ଷକ ସୁଚିତ୍ର ଖଟେଇ ଶିବିର ପରିଚାଳନା କରିଥିଲେ।



# ସ୍ୱେଚ୍ଛାସେବୀ ଅନୁଷ୍ଠାନର 'ରିଙ୍ଗ ଦ ବେଲ୍' କାର୍ଯ୍ୟକ୍ରମ

ପିପିଲି, ୮।୪(ଡି.ଏନ୍.ଏ.)

ପୁରୀ ଜିଲା ପିପିଲି ବ୍ଲକ ନିକଟସ୍ଥ ମଠସାହି ନୋଡାଲ ୟୁପି ସ୍କୁଲ, ଡେଲାଙ୍ଗ ବ୍ଲକ ନିକଟସ୍ଥ ଉତ୍କଳ ଗୌରବ ବିଦ୍ୟା ନିକେତନ ସିଂହବ୍ରହ୍ମପୁରଠାରେ ସୋମବାର 'ରିଙ୍ଗ ଦ ବେଲ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାସେବୀ ସଂସ୍ଥା ବିକାଶ ଏବଂ ଚାଏ ସଂଗଠନ ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବାଦ୍ୟଯନ୍ତ୍ର ମାଧ୍ୟମରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟରେ ପ୍ରବେଶ ନିମନ୍ତେ ସ୍ୱାଗତ ଜଣାଇବା। ସେମାନେ ଯେ କୌଣସି ଗୁଣରେ ସାଧାରଣ ପିଲାଙ୍କଠୁ କମ୍ ନୁହନ୍ତି ସେ ସମ୍ପର୍କରେ ସଚେତନ କରାଇବା। ମଠସାହି ସ୍କୁଲରେ ୧୨୦ଜଣ ଏବଂ ଉତ୍କଳ ଗୌରବ ବିଦ୍ୟା ନିକେତନରେ ୨୫୦ଜଣ ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସିଂହବ୍ରହ୍ମପୁର ସରପଞ୍ଚ ଭାଗିରଥି ପ୍ରଧାନ, ୱାର୍ଡ ସଭ୍ୟ ସର୍ବେଶ୍ୱର ପ୍ରଧାନ, ସୁବାସ ଚନ୍ଦ୍ର ପ୍ରଧାନ, ବିକାଶ ସଂସ୍ଥାର ମୁଖ୍ୟ ସଂଯୋଜିକା ସୁଷମା ଆରୋରା, ନରେନ୍ଦ୍ର ପ୍ରଧାନ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

# 'ସମାଜ ଗଠନରେ ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ'

ପୁରୀ ଅଫିସ, ୮।୪:

ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ପରିଷଦ ଆନୁକୂଲ୍ୟରେ ସ୍ଥାନୀୟ ଚନ୍ଦ୍ରଶେଖର ପାଠାଗାରରେ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓଡ଼ିଆ ସାହିତ୍ୟ ଏକାଡେମୀ ସଭାପତି ଡ. ହରିହର ମିଶ୍ର ଯୋଗଦେଇ ସାହିତ୍ୟ ବିକାଶରେ ଶ୍ରୀକ୍ଷେତ୍ରସ୍ଥ ସାହିତ୍ୟାନୁଷ୍ଠାନଗୁଡିକର ଉଲ୍ଲେଖନୀୟ ଅବଦାନ ରହିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫେସର ଅଦ୍ୱୈତ ଚରଣ ଧଳ ଯୋଗଦେଇଥିଲେ। ଏଥିରେ ଅନୁଷ୍ଠାନର ସଭାପତି ପ୍ରତିମା ମିଶ୍ର ପୌରୋହିତ୍ୟ କରିଥିଲେ। ସମ୍ପାଦକ ତଥା ଶିଶୁ ସାହିତ୍ୟିକ ସତ୍ୟ ନାରାୟଣ ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇ ଗଠନମୂଳକ ସମାଜ କ୍ଷେତ୍ରରେ ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏହି ଅବସରରେ ଆୟୋଜିତ କବିତା ପାଠୋତ୍ସବକୁ ଶ୍ୟାମ ପ୍ରକାଶ ସେନାପତି ଓ ମହେନ୍ଦ୍ର କୁମାର ଦାଶ ସଂଯୋଜନା କରିଥିଲେ। କବି ଉମାକାନ୍ତ ମହାପାତ୍ର, ଆର୍ତ୍ତତ୍ରାଣ ମାନସିଂ, ହେମାଙ୍ଗିନୀ ମହାନ୍ତି, ଅର୍ଜ୍ଜୁନ ପରମଗୁରୁ, ମଞ୍ଜୁଶ୍ରୀ ମିଶ୍ର, ଚାରିବାଳା ଦାଶ, ସୁବାସ ଚନ୍ଦ୍ର ମିଶ୍ର, ବିଚିତ୍ରା ଦାଶ, ହରପ୍ରିୟା ସାହୁ, ମନ୍ଦାକିନୀ ପଟ୍ଟନାୟକ, କାମଦେବ ମହାରଣା, ନାରାୟଣ ନନ୍ଦ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଅନୁଷ୍ଠାନର ସଦସ୍ୟା ସଦସ୍ୟଙ୍କ ସମେତ ବହୁ ସାହିତ୍ୟିକ, କବି ଓ ଲେଖକ ଉପସ୍ଥିତ ଥିଲେ।

■ ଭଲିବଲ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ

# ଭୁବନେଶ୍ୱର ସ୍ପୋର୍ଟସ ହଷ୍ଟେଲ ଚାମ୍ପିୟନ

ଗୋପ, ୮।୪(ଡି.ଏନ୍.ଏ.)



ଟ୍ରଫି ସହ ଚାମ୍ପିୟନ ଭୁବନେଶ୍ୱର ସ୍ପୋର୍ଟସ ହଷ୍ଟେଲ ଦଳ।

ଦୁଇ ଦିନ ଧରି ନାଗପୁର ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ଆୟୋଜିତ ସର୍ବଭାରତୀୟ ଭଲିବଲ୍ ଟୁର୍ନାମେଣ୍ଟ ରବିବାର ନାଗପୁର ହାଟ ପଡ଼ିଆ ଠାରେ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ୍‌ରେ ଭୁବନେଶ୍ୱର ସ୍ପୋର୍ଟସ ହଷ୍ଟେଲ ଚଣ୍ଡିଖୋଲର ଇସ୍‌ଲାମିଆ କ୍ଲବ୍‌କୁ ୨-୦ ସେଟ୍‌ରେ ପରାସ୍ତ କରି ଚାମ୍ପିୟନ ହୋଇଛି। ଏହି ସର୍ବଭାରତୀୟ ଟୁର୍ନାମେଣ୍ଟକୁ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଉଦ୍‌ଘାଟନ କରିଥିବାବେଳେ କ୍ରୀଡ଼ାକୁ ଆଜିର ଯୁବ ସମାଜ ଅଧିକ ଗୁରୁତ୍ୱ ଦେବାକୁ କହିଥିଲେ। ଏଥିରେ ରାଜ୍ୟ ଓ ରାଜ୍ୟ ବାହାରୁ ୧୨ଗୋଟି ଭଲିବଲ୍ କ୍ଲବ ଯୋଗ ଦେଇଥିଲେ। ଚାମ୍ପିୟନ ଭୁବନେଶ୍ୱର ସ୍ପୋର୍ଟସ ହଷ୍ଟେଲ ଦଳକୁ ଟ୍ରଫି ସହ ନଗଦ ୫ହଜାର ଟଙ୍କା ପ୍ରଦାନ କରାଯାଇଥିବାବେଳେ ରନର୍ସଅପ୍ ଦଳକୁ ଟ୍ରଫି ସହ ୩ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଉଦ୍‌ଯାପନ କାର୍ଯ୍ୟକ୍ରମରେ ଗୋପ ବ୍ଲକ ମହିଳା ମହାସଂଘ ସଭାନେତ୍ରୀ ଯୋଗ ଦେଇ ଗ୍ରାମାଞ୍ଚଳରେ ଭଲି ଖେଳ ପ୍ରତି ଅଧିକ ଗୁରୁତ୍ୱ ଦେବାର ଆବଶ୍ୟକତା ଥିବାବେଳେ ଏହି ଖେଳ ଦ୍ୱାରା ଶରୀର ସୁସ୍ଥ ରହିବ ବୋଲି କହିଥିଲେ। ଏହି ସର୍ବଭାରତୀୟ ଟୁର୍ନାମେଣ୍ଟକୁ ନାଗପୁର ସ୍ପୋର୍ଟସ କ୍ଲବ୍‌ର ସମ୍ପାଦକ ସୁକାନ୍ତ କିଶୋର ମିଶ୍ର, ସଭାପତି ଶ୍ରୀକାନ୍ତ ନାୟକ ପରିଚାଳନା କରିଥିଲେ।

# ହରିଜନ ସାହି ପାଇଁ ସ୍ୱପ୍ନ ପାଲଟିଛି ମୌଳିକ ସୁବିଧା

କୃଷ୍ଣପ୍ରସାଦ,୮।୪(ଡି.ଏନ.ଏ.)



ତାଳ ଛପର ଘରେ ରହୁଥିବା ହରିଜନ ସାହିବାସିନ୍ଦା।

■ ନିର୍ବାଚନ ସମୟରେ ମିଳେ ପ୍ରତିଶ୍ରୁତି
■ ମିଳିନି ରାଶନ କାର୍ଡ, କାଳିଆ ଯୋଜନା ଟଙ୍କା

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଶିଆଳ ଗ୍ରାମ ପଞ୍ଚାୟତସ୍ଥ ହରିଜନ ସାହି ଲୋକଙ୍କ ପାଇଁ ସ୍ୱପ୍ନ ପାଲଟିଛି ମୌଳିକ ସୁବିଧା। ଗ୍ରାମବାସୀଙ୍କ ପାଇଁ ସମସ୍ତ ସରକାରୀ ସହାୟତା ଓ ସୁବିଧା ଅପହଞ୍ଚ ହୋଇପଡ଼ିଛି। ଲୋକେ କହନ୍ତି ଶତାଧିକ ବର୍ଷ ହେବ ଗଢି ଉଠିଛି ଶିଆଳ ହରିଜନ ସାହି। ମାତ୍ର ୧୦ଟି ପରିବାର ଏଠାରେ ବସବାସ କରୁଥିଲେ ମଧ୍ୟ ରାସ୍ତା, ବାସଗୃହ, ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ ସେବାରୁ ସେମାନେ ବଞ୍ଚିତ ହୋଇଛନ୍ତି। ପାନୀୟ ଜଳ ଅଭାବରୁ ଗାଈ, ମଇଁଷି ପାଇଁ ବ୍ୟବହୃତ ପୋଖରୀର ଦୂଷିତ ଜଳକୁ ପିଇବା ପାଣି ଭାବେ ବ୍ୟବହାର କରି ବିଭିନ୍ନ ରୋଗରେ ପଡ଼ନ୍ତି ଗ୍ରାମବାସୀ। ତେବେ ନିର୍ବାଚନ ଆସିଲେ ହରିଜନ ସାହି ଲୋକଙ୍କ ପାଇଁ କିଛି ସ୍ୱପ୍ନ ଉଙ୍କିମାରେ। ନେତାମାନେ ଏଠାରେ ବିଭିନ୍ନ ଜନହିତକାରୀ ଯୋଜନା ଆରମ୍ଭ କରିବାର ପ୍ରତିଶ୍ରୁତି ଦିଅନ୍ତି। ନିର୍ବାଚନ ସରିଗଲେ ସେହି ନେତାଙ୍କର ଆଉ ଦର୍ଶନ ମିଳେନାହିଁ। ତେଣୁ ସ୍ୱପ୍ନ ପୁଣି ମିଳେଇଯାଏ। ଚଳିତ ବର୍ଷ ନିର୍ବାଚନ ପୂର୍ବରୁ ଗାଁ ଦାଣ୍ଡରେ ସରକାର ଏକ ପାଣି ଟ୍ୟାପ୍‌ର ବ୍ୟବସ୍ଥା କରି ଦେଇଛନ୍ତି। କିନ୍ତୁ ଏଥିରେ ସର୍ବଦା ପାଣି ଆସୁ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ପାଣି ନ ଆସିଲେ ପୋଖରୀର ସେହି ଦୂଷିତ ଜଳକୁ ଗ୍ରାମବାସୀ ପାନୀୟ ଜଳ ଭାବେ ବ୍ୟବହାର କରନ୍ତି।

ଏ ପରିପ୍ରେକ୍ଷୀରେ ବୃଦ୍ଧା କୁନ୍ଦନ ନାୟକ କହନ୍ତି, ଆମର ଭଲ ଘର ଖଣ୍ଡିଏ ନାହିଁ, ତାଳପତ୍ରରେ ଛପର କରି ରହୁଛୁ। ପବନ ହେଲେ ଚାଳ ଉଡିଯାଉଛି। ତେଣୁ ଉପରେ ଚିରା ପଲିଥିନକୁ ଘୋଡାଇ ରଖିଛୁ। ମେଘ ହେଲେ ଆମେ ଘରଦ୍ୱାର ଛାଡି ନିକଟସ୍ଥ ଶିଆଳ ଗ୍ରାମସ୍ଥିତ ବାତ୍ୟା ଆଶ୍ରୟସ୍ଥଳକୁ ଚାଲିଯାଉ। ପୁଷ୍ପ ନାୟକ କହନ୍ତି, ଆମେ ଅତି ଗରିବ। ସବୁବେଳେ ଭଲ ଭାବେ ଖାଇବାକୁ ପାଉନାହୁଁ। ସରକାର କୁଆଡେ କାଳିଆ ଯୋଜନା କରିଛନ୍ତି। କିନ୍ତୁ ଏଥିରେ ଆବେଦନ ପରେ ବି ଗାଁର କୌଣସି ଲୋକଙ୍କ ନାଁ ନାହିଁ। ଆମକୁ ଭୋଟ ଦିଅ, ଆମେ କାଳିଆ ଟଙ୍କା ଭୋଟ ପରେ କରିଦେବୁ ବୋଲି ନେତାମାନେ କହୁଥିବା କେତେଜଣ ଗ୍ରାମବାସୀ କହିଛନ୍ତି। ସରକାର ଗରିବ ଲୋକଙ୍କ ପାଇଁ ଖାଦ୍ୟ ସୁରକ୍ଷା ଯୋଜନା କରିଛନ୍ତି। ତେବେ ଏହି ଯୋଜନାରେ ଗ୍ରାମର ପିଣ୍ଟୁ ନାୟକ, ସାଗର ନାୟକ, ଅମୀର ନାୟକଙ୍କ ପରିବାରକୁ ରାଶନ କାର୍ଡ ମିଳି ନ ଥିବା ସେମାନେ କହିଛନ୍ତି। ଆମେ ଆଉ କେତେ ନିର୍ବାଚନ ପ୍ରତିଶ୍ରୁତି ଶୁଣିବୁ। ଚଳିତ ବର୍ଷ ଆମେ ଭୋଟ ଦେବୁ କି ନା ନାହିଁ ତାହା ଠିକ୍ କରିନୁ ବୋଲି କହିଛନ୍ତି ଗ୍ରାମବାସୀ।